# ଧରିତ୍ରୀ
DHARITRI

ସମ୍ବଲପୁର, ଶନିବାର, ନଭେମ୍ବର ୧୬/୨୦୧୯ (୧୬ ପୃଷ୍ଠା+ ପିଲାଙ୍କ ଧରିତ୍ରୀ) Sambalpur, Saturday, November 16 / 2019 ★★

୧୫ଶ ଭାଗ ୩୨୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-




## ଅଗ୍ରୱାଲଙ୍କ ଦ୍ୱିତୀୟ ଦ୍ୱିଶତକ

ଇନ୍ଦୋରରେ ଚାଲିଥିବା ବାଂଲାଦେଶ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ କ୍ୟାରିୟରର ଦ୍ୱିତୀୟ ଦ୍ୱିଶତକ ହାସଲ କରିଛନ୍ତି ଭାରତର ମୟଙ୍କ ଅଗ୍ରୱାଲ।

୧୫

୦୨

## ‘ପୃଥ୍ୱୀରାଜ୍’ରୁ ଡେବ୍ୟୁ କରିବେ ବିଶ୍ୱ ସୁନ୍ଦରୀ

ମିସ୍ ୱାର୍ଲ୍ଡ ମାନୁଷୀ ଛିଲ୍ଲର ବଲିଉଡ଼ରେ ଡେବ୍ୟୁ କରିବେ। ଅପକମିଂ ଫିଲ୍ମ ‘ପୃଥ୍ୱୀରାଜ୍’ରେ ସେ ସୁପରଷ୍ଟାର୍ ଅକ୍ଷୟଙ୍କ ଅପୋଜିଟ୍‌ରେ ନଜରକୁ ଆସିବେ।



ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

### ଆଜିର ସମ୍ବାଦୀୟ

ଗ୍ରୀନ୍ ବାବୁ

### ଆଜିର ମନ୍ତବ୍ୟ

“ ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍‌ଏସି)କୁ ସମ୍ମାନ ଦେବାରେ ଭାରତ ଓ ଚାଇନା ପରିପକ୍ୱତା ଦେଖାଇଛନ୍ତି।

-ରାଜନାଥ ସିଂ, ପ୍ରତିରକ୍ଷାମନ୍ତ୍ରୀ

### କିଛି ତଥ୍ୟ

୨୦୧୮-୧୯ ଆର୍ଥିକ ବର୍ଷରେ ଦେଶର ଭେଜିଟେବୁଲ ଅଏଲ୍ ଆମଦାନି ୩.୫% ବୃଦ୍ଧି ଘଟି ୧୫୫.୫ ଲକ୍ଷ ଟନ୍ ରହିଛି।

– ସଲଭେଣ୍ଟ ଏକ୍ସଟ୍ରାକ୍ଟର ଆସୋସିଏସନ


Vencobb CHICKEN

15.11.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 82 | 135 | 145 |
| CTC | 82 | 135 | 145 |
| DKL | 82 | 135 | 145 |
| BDK | 81 | 133 | 143 |
| BLS | 81 | 133 | 143 |
| ANG | 82 | 135 | 145 |
| BHM | 81 | 133 | 143 |

*Conditions Apply

Issued in the Interest of Consumers


## ■ ପ୍ରଚାରପତ୍ରରେ ମହାତ୍ମା ଗାନ୍ଧୀଙ୍କ ଆକସ୍ମିକ ମୃତ୍ୟୁ ଘଟଣା

# ସରକାରଙ୍କୁ ଘେରିଲା କଂଗ୍ରେସ



■ ବିଧାନସଭାରେ ଉଦ୍‌ବେଗ

■ ଗୃହରେ ବିବୃତି ଦେବାକୁ ଗଣଶିକ୍ଷା ମନ୍ତ୍ରୀଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୫।୧୧(ବ୍ୟୁରୋ)

ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ସମଗ୍ର ଦେଶରେ ପାଳିତ ହେଉଛି। ରାଜ୍ୟ ସରକାରଙ୍କ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ‘ଆମ ବାପୁଜୀ:ଏକ ଝଲକ’ ଶୀର୍ଷକ ଲିଫ୍‌ଲେଟ୍(ପ୍ରଚାରପତ୍ର)ରେ ମହାତ୍ମା ଗାନ୍ଧୀଙ୍କ ମୃତ୍ୟୁକୁ ଏକ ଆକସ୍ମିକ ଦୁର୍ଘଟଣା ବୋଲି ଦର୍ଶାଯାଇଛି। ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ବିଭିନ୍ନ ସଂଗଠନ ପକ୍ଷରୁ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରାଯାଇଛି। ଶୁକ୍ରବାର ବିଧାନସଭା ଶୂନ୍ୟକାଳରେ ମଧ୍ୟ ଏହି ପ୍ରସଙ୍ଗକୁ ନେଇ କଂଗ୍ରେସ ରାଜ୍ୟ ସରକାରଙ୍କୁ ଜୋରଦାର ସମାଲୋଚନା କରିଛି । ଏପରି କି କଂଗ୍ରେସ ଦଳର ସଦସ୍ୟମାନେ ଏଥିପାଇଁ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ କ୍ଷମା ମାଗନ୍ତୁ ବୋଲି ଦାବି କରିଛନ୍ତି। ଯଦି ଜାଣତରେ ସେଭଳି କିଛି ହୋଇଥାଏ, ତେବେ ମୁଖ୍ୟମନ୍ତ୍ରୀ ଇସ୍ତଫା ଦିଅନ୍ତୁ ବୋଲି କଂଗ୍ରେସ କହିଛି। ଗୃହର ଉଦ୍‌ବେଗକୁ ଦେଖି ବାଚସ୍ପତି ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କୁ ଶନିବାର ଗୃହରେ ଏ ନେଇ ବିବୃତି ଦେବାକୁ ରୁଲିଂ ଦେଇଛନ୍ତି।

ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି ଯେ, ମହାତ୍ମା ଗାନ୍ଧୀଙ୍କ ମୃତ୍ୟୁକୁ ରାଜ୍ୟ ସରକାର ଏକ ଦୁର୍ଘଟଣା ବୋଲି ଚିତ୍ରଣ କରିଛନ୍ତି। ଯେଉଁ ଗୋଷ୍ଠୀ ନାଥୁରାମ ଗଡ୍‌ସେଙ୍କୁ ପୂଜା କରୁଛନ୍ତି ସେହି ଗୋଷ୍ଠୀ ସହ ରାଜ୍ୟ ସରକାର ହାତ ମିଳାଇଛନ୍ତି। ଜାତୀୟସ୍ତରରେ ଏକ ଚକ୍ରାନ୍ତ ହୋଇଛି। ପ୍ରଧାନମନ୍ତ୍ରୀଙ୍କ ଗୋଟିଏ ଫୋନ୍ କଲ୍‌ରେ ଯେଉଁ ଦଳ ରାଜ୍ୟ ସଭା ସିଟ୍ ଛାଡ଼ି ଦେଉଛି, ସେହି ଦଳ ଏବେ ମହାତ୍ମା ଗାନ୍ଧୀଙ୍କ ମୃତ୍ୟୁକୁ ଆକସ୍ମିକ ଦୁର୍ଘଟଣା ବୋଲି ଚିତ୍ରଣ କଲାଣି। ଏହା ଅତ୍ୟନ୍ତ ସାଂଘାତିକ ବିଷୟ। ରାଜ୍ୟ କିମ୍ବା ଦେଶବାସୀ ଏହାକୁ କେବେ କ୍ଷମା ଦେବେନାହିଁ। ରାଜ୍ୟ ସରକାର ଯେତେବେଳେ ପଡ଼ା ଗ୍ରାମକୁ ରାଜସ୍ୱ ଗ୍ରାମ କରିବେ କିମ୍ବା ଯେଉଁ ରାଜସ୍ୱ ଗ୍ରାମ ରହିଛି ମହାତ୍ମାଗାନ୍ଧୀଙ୍କର ହତ୍ୟାକାରୀ ନାଥୁରାମ ଗଡ୍‌ସେଙ୍କର ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ସ୍ୱତନ୍ତ୍ର ବ୍ୟବସ୍ଥା କରିବେ କି। ୧୫୦ତମ ଜୟନ୍ତୀରେ ମହାତ୍ମା ଗାନ୍ଧୀଙ୍କୁ ଏହା କ’ଣ ଏକ ଉପହାର ବୋଲି ନରସିଂହ ପ୍ରଶ୍ନ କରିଛନ୍ତି। ଏହାକୁ କଂଗ୍ରେସ ଦୃଢ଼ ନିନ୍ଦା କରୁଛି। ଗୃହରେ ଏଥିପାଇଁ ଏକ ନିନ୍ଦା ପ୍ରସ୍ତାବ ଅଣାଯାଉ। ଏଥିପାଇଁ ମୁଖ୍ୟମନ୍ତ୍ରୀ ସ୍ପଷ୍ଟୀକରଣ ଦେବା ସହ ରାଜ୍ୟବାସୀଙ୍କୁ କ୍ଷମା ମାଗନ୍ତୁ ବୋଲି ସେ ଦାବି କରିଛନ୍ତି।

କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜା ମଧ୍ୟ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରକାଶିତ ଲିଫ୍‌ଲେଟ୍‌ରେ ମହାତ୍ମା ଗାନ୍ଧୀଙ୍କ ମୃତ୍ୟୁକୁ ଦୁର୍ଘଟଣା ବୋଲି ପ୍ରକାଶ କରିବା ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ନାଥୁରାମ ଗଡ୍‌ସେଙ୍କ ଫଟୋ ପୂଜା ହେଉଛି। ସତ୍ୟ ଏବଂ ଅହିଂସା କଥା କହି ଅସତ୍ୟ କରାଯାଉଛି। ଏ ନେଇ ରାଜ୍ୟବାସୀଙ୍କୁ ମୁଖ୍ୟମନ୍ତ୍ରୀ କ୍ଷମା ମାଗନ୍ତୁ ବୋଲି ସେ ଦାବି କରିଥିଲେ। କଂଗ୍ରେସ ସଦସ୍ୟ ତାରାପ୍ରସାଦ ବାହିନୀପତି ମହାତ୍ମା ଗାନ୍ଧୀଙ୍କ ମୃତ୍ୟୁକୁ ସରକାରଙ୍କ ଦ୍ୱାରା ଛପାଯାଇଥିବା ଲିଫ୍‌ଲେଟ୍‌ରେ ଆକସ୍ମିକ ମୃତ୍ୟୁ ଲେଖାହେବା ଘଟଣାକୁ ନେଇ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ଏଭଳି ଗୁରୁତର ତ୍ରୁଟି କିପରି ହେଲା ସେ ନେଇ କୈଫିୟତ ତଲବ କରିଥିଲେ। ମୁଖ୍ୟମନ୍ତ୍ରୀ ଗୃହରେ ବିବୃତି ଦିଅନ୍ତୁ ବୋଲି ସେ ଦାବି କରିଥିଲେ। ବିଜେଡି ସଭ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକ ମଧ୍ୟ ମହାତ୍ମା ଗାନ୍ଧୀଙ୍କ ମୃତ୍ୟୁକୁ ଆକସ୍ମିକ ଦୁର୍ଘଟଣାର ରୂପ ଦିଆଯିବାକୁ ନିନ୍ଦା କରିଛନ୍ତି। ସେ କହିଛନ୍ତି ଯେ, ଏଭଳି ଏକ ଗମ୍ଭୀର ବିଷୟକୁ ହାଲୁକା କରି ଦିଆଯାଉଛି। ଇତିହାସକୁ ବଦଳାଇବା ପାଇଁ ଜାତୀୟସ୍ତରରେ ଏକ ଷଡ଼ଯନ୍ତ୍ର ହେଉଛି। ସ୍ୱିତାରାଣୀଙ୍କ ମୃତ୍ୟୁକୁ ଯେତିକି ଗୁରୁତ୍ୱ ଦିଆଯାଉଛି ମହାତ୍ମା ଗାନ୍ଧୀଙ୍କ ମୃତ୍ୟୁକୁ ସେତିକି ଗୁରୁତ୍ୱ ଦିଆଯାଉନାହିଁ। ଏହି ଘଟଣାକୁ ରାଜନୀତିକରଣ ନ କରି ସମସ୍ତେ ନିନ୍ଦା କରିବା ଉଚିତ ବୋଲି ସେ କହିଛନ୍ତି।

ବିଜେଡି ସଭ୍ୟ ଶଶିଭୂଷଣ ବେହେରା, ଅମର ଶତପଥୀ କହିଛନ୍ତି ଯେ, ଗୃହରେ ନିନ୍ଦା ପ୍ରସ୍ତାବ ଆଣିବା ପୂର୍ବରୁ ସ୍କୁଲ ଓ ଗଣଶିକ୍ଷା ବିଭାଗକୁ ଏ ନେଇ ସ୍ପଷ୍ଟୀକରଣ ମଗାଯାଉ। ମୁଦ୍ରଣଜନିତ ତ୍ରୁଟି ଯୋଗୁ ଏଭଳି ହୋଇଛି କିମ୍ବା କେଉଁ କାରଣରୁ ଏପରି ଲେଖାଯାଇଛି ତାହା ସ୍ପଷ୍ଟ ହେବା ଦରକାର। ମହାତ୍ମା ଗାନ୍ଧୀଙ୍କ ମୃତ୍ୟୁ କିଭଳି ହୋଇଛି ତାହା କାହାରିକୁ ଅଛପା ନାହିଁ। ଏଣୁ ଏହାକୁ ପ୍ରଥମେ ସ୍ପଷ୍ଟ କରାଯାଉ ବୋଲି ସେମାନେ ଦାବି କରିଥିଲେ।


ପୃଷ୍ଠା ୩

କ୍ୟାବିନେଟ୍ ନିଷ୍ପତ୍ତି : ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣକୁ ଅଗ୍ରାଧିକାର

ପ୍ରଣବ ପ୍ରକାଶ ବିଜେଡି ସଙ୍ଗଠନ ସାଧାରଣ ସମ୍ପାଦକ ନିଯୁକ୍ତ


# ସର୍ବନିମ୍ନ ସ୍ତରକୁ ଖସିଲା ଉପଭୋକ୍ତା ଖର୍ଚ୍ଚ



■ ୪ ଦଶନ୍ଧି ମଧ୍ୟରେ ପ୍ରଥମ

■ ରିପୋର୍ଟକୁ ସରକାରଙ୍କ ଅସ୍ୱୀକାର

■ ପୁଣି ଥରେ ହେବ ନୂଆ ସର୍ଭେ

ନୂଆଦିଲ୍ଲୀ,୧୫-୧୧

ଦେଶ ମଧ୍ୟରେ କଞ୍ଜ୍ୟୁମର ସ୍ପେଣ୍ଡିଂ (ଉପଭୋକ୍ତା ଖର୍ଚ୍ଚ) ସର୍ବନିମ୍ନ ସ୍ତରକୁ ଖସିଛି। ଗତ ୧୯୭୩ ପରଠାରୁ ବା ୪ ଦଶନ୍ଧି ମଧ୍ୟରେ ପ୍ରଥମ ଥର ଲାଗି ଏଭଳି ହୋଇଥିବା ଜଣାପଡ଼ିଛି। ଜିଡିପି ଅଙ୍କ ଖସୁଥିବା ବେଳେ ଏଭଳି ସ୍ଥିତିରେ ଉପଭୋକ୍ତା ଖର୍ଚ୍ଚ କମାଇବା ଏକ ବଡ ଝଟକା ବୋଲି ବଜାର ବିଶେଷଜ୍ଞମାନେ କହିଛନ୍ତି। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍‌ଏସ୍‌ଓ) ପକ୍ଷରୁ ଏହି ନୂଆ ତଥ୍ୟ ସାମ୍ନାକୁ ଆସିଛି। ଏହି ତଥ୍ୟକୁ ବିଚାର କଲେ ଗତ କିଛିବର୍ଷ ହେବ ଦେଶରେ ଦାରିଦ୍ର୍ୟ ବଢୁଥିବା ପ୍ରତୀୟମାନ ହେଉଛି। ଏନ୍‌ଏସ୍‌ଓ ପକ୍ଷରୁ ନିକଟରେ ହୋଇଥିବା ଖାଉଟି ଖର୍ଚ୍ଚ ସର୍ଭେ ‘ କି ଇଣ୍ଡିକେଟର୍ସ, ହାଉସହୋଲ୍ଡ କଞ୍ଜ୍ୟୁମର ଏକ୍ସପେଣ୍ଡିଚର ଇନ୍ ଇଣ୍ଡିଆ’ ସର୍ଭେ ମୁତାବକ, ୨୦୧୭-୧୮ ଆର୍ଥିକ ବର୍ଷରେ ବ୍ୟକ୍ତି ପିଛା ମାସିକ ହାରାହାରି ଖର୍ଚ୍ଚ ୩.୭% ହ୍ରାସ ଘଟି ୧୪୪୬ ଟଙ୍କା ରହିଛି। ଏହା ଆର୍ଥିକ ବର୍ଷ ୨୦୧୧-୧୨ରେ ୧୫୦୧ ଟଙ୍କା ରହିଥିଲା। ପ୍ରଥମେ ଏହି ରିପୋର୍ଟକୁ ଏକ ଜାତୀୟ ମୁଦ୍ରିତ ଗଣମାଧ୍ୟମ ପ୍ରକାଶ କରିବା ପରେ ଶୁକ୍ରବାର ସନ୍ଧ୍ୟାରେ ସରକାରଙ୍କ ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ଏହି ସର୍ଭେରେ ଡାଟାର ଗୁଣବତ୍ତା ଠିକ୍ ନ ଥିବାରୁ ସରକାର ଏହାକୁ ରଦ୍ଦ କରିଦେଇଛନ୍ତି। ପୁଣି ଥରେ ଏନେଇ ଏକ ସର୍ଭେ କରାଇବାକୁ ସରକାର କହିଛନ୍ତି।

ସର୍ଭେରେ ପ୍ରକାଶ ପାଇଥିଲା ଯେ, ୨୦୧୧-୧୨ରେ ବ୍ୟକ୍ତି ପିଛା ମାସିକ ଖର୍ଚ୍ଚ ୧୩% ବଢି ଥିଲା। ଏହି ଅଭିବୃଦ୍ଧି ଏହାର ପୂର୍ବ ଦୁଇ ବର୍ଷରେ ହାସଲ ହୋଇଥିଲା। ୨୦୦୯-୧୦ କୁ ମୂଳ ବର୍ଷ ଭାବେ ଧରି ମୁଦ୍ରାସ୍ଫୀତିକୁ ମଧ୍ୟ ବିଚାରକରାଯାଇଛି। ବର୍ତ୍ତମାନର ସର୍ଭେ ୨୦୧୭ ଜୁଲାଇଠାରୁ ଜୁନ ୨୦୧୮ ମଧ୍ୟରେ କରାଯାଇଛି। ଗତ ୬ ବର୍ଷ ମଧ୍ୟରେ ଗ୍ରାମାଞ୍ଚଳରେ ବ୍ୟକ୍ତିଗତ ଖର୍ଚ୍ଚ ୮.୮% ହାରରେ କମିଛି। ସେହିଭଳି ସହରାଞ୍ଚଳରେ ଏହି ଖର୍ଚ୍ଚ ୨% ହାରରେ କମିଥିବା ରିପୋର୍ଟରେ ଉଲ୍ଲେଖ ରହିଛି।

ସର୍ଭେରୁ ଜଣାପଡ଼ିଛି ଯେ, ଦୁଗ୍ଧ ଏବଂ ଦୁଗ୍ଧରୁ ପ୍ରସ୍ତୁତ ହେଉଥିବା ଉତ୍ପାଦ ବାଦ ଲୋକମାନେ ପ୍ରାୟ ସବୁ ସାମଗ୍ରୀ କିଣିବା କାଟ କରିଛନ୍ତି। ଦେଶ ମଧ୍ୟରେ ଲୋକମାନେ ତେଲ, ଲୁଣ, ଚିନି, ମସଲା ଭଳି ଅତି ଜରୁରୀ ସାମଗ୍ରୀ କିଣିବାକୁ ମଧ୍ୟ କୁଣ୍ଠାବୋଧ କରୁଛନ୍ତି। ଏକ୍ଷେତ୍ରରେ ଲୋକମାନେ ବୃହତ୍ତ ମାତ୍ରାରେ ଖର୍ଚ୍ଚ କମାଇଛନ୍ତି ଯାହା ଆଶ୍ଚର୍ଯ୍ୟଜନକ। ସେହିଭଳି ଅଣଖାଦ୍ୟ ସାମଗ୍ରୀ କଥାକୁ ବିଚାର କଲେ ଜଣାଯିବ ଯେ , ଏହାର ଏକ ମିଶ୍ରିତ ଫଳାଫଳ ଆସିଛି। ଗ୍ରାମୀଣ ଭାରତରେ ଅଣ ଖାଦ୍ୟ ସାମଗ୍ରୀ ବାବଦ ଖର୍ଚ୍ଚ ୭.୬% କମିଛି। ଅପରପକ୍ଷରେ ଏହା ସହରାଞ୍ଚଳରେ ୩.୮% ବଢ଼ିଛି। ୨୦୧୭-୧୮ରେ ଦେଶର ଗ୍ରାମାଞ୍ଚଳରେ ଭୋଜନ ଲାଗି ମାସିକ ହାରାହାରି ଖର୍ଚ୍ଚ ୫୮୦ ଟଙ୍କା ରହିଛି। ଏହା ୨୦୧୧-୧୨ରେ ୬୪୩ ଟଙ୍କା ରହିଥିଲା। ଏଥିରେ ୧୦% ହ୍ରାସ ଘଟିଛି।






## ଡିସେମ୍ବର ୨୭ରେ ବଲାଙ୍ଗୀର ଆସିବେ ଉପରାଷ୍ଟ୍ରପତି



■ ରାଜେନ୍ଦ୍ର କଲେଜ ପ୍ଲାଟିନମ୍ ଜୁବୁଲି ଉତ୍ସବରେ ଯୋଗଦେବେ

■ ବରକାନୀ ଏଲ୍‌ପିଜି ବଟଲିଂ ପ୍ଲାଣ୍ଟ ଉଦ୍‌ଘାଟନ କରିବେ

■ ଟୁଇଟ୍ କରି ସୂଚନା ଦେଲେ ବଲାଙ୍ଗୀର ଏମ୍‌ପି

ବଲାଙ୍ଗୀର ଅଫିସ, ୧୫।୧୧

ପଶ୍ଚିମ ଓଡ଼ିଶାର ସର୍ବପୁରାତନ ମହାବିଦ୍ୟାଳୟ ଭାବେ ପରିଚିତ ବଲାଙ୍ଗୀର ରାଜେନ୍ଦ୍ର କଲେଜର ପ୍ଲାଟିନମ୍ ଜୁବୁଲି ଆସନ୍ତା ଡିସେମ୍ବର ୨୭ ତାରିଖରୁ ଆରମ୍ଭ ହେବ। ଏହି ଉତ୍ସବରେ ଉପରାଷ୍ଟ୍ରପତି ଏମ୍. ଭେଙ୍କୟା ନାଇଡୁ ମୁଖ୍ୟଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏନେଇ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ଶୁକ୍ରବାର ଟୁଇଟ୍ କରି ସୂଚନା ଦେଇଛନ୍ତି। ଆସନ୍ତା ଡିସେମ୍ବର ୨୭ ତାରିଖ ପୂର୍ବାହ୍ନ ୧୦ଟା ୪୫ ମିନିଟ୍‌ରେ ବଲାଙ୍ଗୀର ରାଜେନ୍ଦ୍ର କଲେଜ ପ୍ଲାଟିନମ୍ ଜୁବୁଲି ଉତ୍ସବରେ ମୁଖ୍ୟଅତିଥି ଭାବେ ଉପରାଷ୍ଟ୍ରପତି ନାଇଡୁ ଯୋଗଦେବେ ବୋଲି ଏମ୍‌ପି ସିଂଦେଓ ସୂଚନା ଦେଇଛନ୍ତି । ଏହି ଅବସରରେ ସେହିଦିନ ପୂର୍ବାହ୍ନ ୧୧ଟା ୪୫ ମିନିଟ୍‌ରେ ବଲାଙ୍ଗୀର ସହର ନିକଟ ବରକାନୀସ୍ଥିତ ଏଲ୍‌ପିଜି ବଟଲିଂ ପ୍ଲାଣ୍ଟକୁ ଉପରାଷ୍ଟ୍ରପତି ନାଇଡୁ ଉଦ୍‌ଘାଟନ କରିବେ। ଉକ୍ତ ଉଦ୍‌ଘାଟନୀ ଉତ୍ସବରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଉପସ୍ଥିତ ରହିବେ ବୋଲି ଏମ୍‌ପି ସିଂଦେଓ ଜଣାଇଛନ୍ତି।

## ମହିଳାଙ୍କୁ ତଣ୍ଟି ଚିପି ହତ୍ୟା

■ ବନ୍ଦ ଘରୁ ମିଳିଲା ମୃତଦେହ

■ ଶିଶୁପୁତ୍ରକୁ ନେଇ ସ୍ୱାମୀ ଫେରାର

ସମ୍ବଲପୁର, ୧୫।୧୧(ବ୍ୟୁରୋ)

ସମ୍ବଲପୁର ଟାଉନ ଥାନା ଅଧୀନ ମୁଦିପଡ଼ା ଗୁଷ୍ଟୁରିଯୋଡ଼ା ବଷ୍ଟିରେ ଜଣେ ମହିଳାଙ୍କୁ ତଣ୍ଟିଚିପି ହତ୍ୟା କରାଯାଇଛି । ଏକ ବନ୍ଦ ଘର ଭିତରୁ ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ପୋଲିସ ତନାଘନା ଚଳାଇଛି। ସଂପୃକ୍ତ ମହିଳାଙ୍କ ବୟସ ୨୫ ବର୍ଷ ହେବ ବୋଲି ପୋଲିସ କହିଛି। ଶୁକ୍ରବାର ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ତାଲା ଭଙ୍ଗାଯାଇ ଘର ଭିତରକୁ ପୋଲିସ ଓ ସାଇଣ୍ଟିଫିକ ଟିମ୍ ସନ୍ଧାନୀ କୁକୁର ସହ ପ୍ରବେଶ କରିଥିଲା। ପ୍ରାୟ ୪ ଘଣ୍ଟା ଧରି ତଦନ୍ତ କରାଯାଇଥିଲା । ମୃତ ମହିଳାଙ୍କ ମୁହଁର ପଛପଟେ ସାମାନ୍ୟ କ୍ଷତ ଚିହ୍ନ ରହିଛି । ବେକରେ କପଡ଼ା ବାନ୍ଧି ତାଙ୍କୁ ଶ୍ୱାସରୁଦ୍ଧ କରି ହତ୍ୟା କରାଯାଇଥିବା ପୋଲିସ

☞ପୃଷ୍ଠା-୪





“ମୋ ବିରୋଧରେ ଅଣାଯାଇଥିବା ଯୌନଶୋଷଣ ଅଭିଯୋଗ ମିଛ ଓ ଭିତ୍ତିହୀନ, ମୋର ଦୁଇ ଝିଅ ଥିବାବେଳେ ମୁଁ ଏପରି କିପରି କରିପାରିବି।
-ଅନୁ ମଲିକ୍, ମ୍ୟୁଜିକ୍ କମ୍ପୋଜର

# ପ୍ରଦୂଷଣ ରୋକିବ ଆଉଟ୍‌ଡୋର୍ ଏୟାର୍ ପ୍ୟୁରିଫାୟର୍

**ହାଇଦ୍ରାବାଦ:** ବାୟୁ ପ୍ରଦୂଷଣ ଏବେ ଦେଶରେ ଗମ୍ଭୀର ପରିସ୍ଥିତି ସୃଷ୍ଟି କରିଛି। ଲୋକେ ଶୁଦ୍ଧ ବାୟୁ ଗ୍ରହଣ କରିବା କଷ୍ଟକର ହୋଇପଡ଼ିଛି। ତେଣୁ ଏହାର ମୁକାବିଲା କରିବା ପାଇଁ ବ୍ୟାପକ ବୃକ୍ଷରୋପଣ ସହ ଅନ୍ୟ ଉପାୟ ମଧ୍ୟ ଚିନ୍ତା କରାଯାଉଛି। ପ୍ରଦୂଷଣକୁ କମ୍ କରିବା ପାଇଁ ହାଇଦ୍ରାବାଦ ସହରରେ ଆଉଟ୍‌ଡୋର୍ ଏୟାର୍ ପ୍ୟୁରିଫାୟର୍ ସ୍ଥାପନ ପାଇଁ ଗ୍ରେଟର୍ ହାଇଦ୍ରାବାଦ ମ୍ୟୁନିସିପାଲ୍ କର୍ପୋରେଶନ୍ ନିଷ୍ପତ୍ତି ନେଇଛି। ଏହାଦ୍ୱାରା ପ୍ରଦୂଷଣର ମାତ୍ରାକୁ ନିୟନ୍ତ୍ରଣ କରାଯାଇପାରିବ। ପ୍ରଥମ ପର୍ଯ୍ୟାୟରେ ସହରରେ ୧୦୦ଟି ୟୁନିଟ୍ ସ୍ଥାପନ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି। ପ୍ରଥମେ ସହରର କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଏହି ୟୁନିଟ୍ ସ୍ଥାପନ କରାଯିବ। ଏହା ସଫଳ ହେଲେ ପରବର୍ତ୍ତୀ ସମୟରେ ମେଟ୍ରୋ ଷ୍ଟେଶନ୍, ଟୋଲ୍ ବୁଥ୍, ରେଳ ଷ୍ଟେଶନ, ଏୟାର୍‌ପୋର୍ଟ, ପେଟ୍ରୋଲ୍ ପମ୍ପ ଆଦିରେ ସ୍ଥାପନ କରାଯିବ ବୋଲି ନିଗମ ପକ୍ଷରୁ ସୂଚନା ମିଳିଛି। ଏହି ଆଉଟ୍‌ଡୋର୍ ପ୍ୟୁରିଫାୟର୍ ମହାରାଷ୍ଟ୍ର ଏବଂ ଦିଲ୍ଲୀରେ ସ୍ଥାପନ କରାଯାଇଥିବାବେଳେ ଏବେ ହାଇଦ୍ରାବାଦରେ ସ୍ଥାପନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି।




# ବରଗଛ ଦେଲା କୁକୁରର ମାଲିକାନା


**ଫତେହାବାଦ:** ଗୋଟିଏ ନାୟିକାକୁ ଦୁଇଜଣ ନାୟକ। ତ୍ରିକୋଣୀୟ ପ୍ରେମ କାହାଣୀକୁ ନେଇ ଏପରି ଅନେକ ଚଳଚ୍ଚିତ୍ର ନିର୍ମାଣ କରାଯାଇଛି। ନାୟିକା ପାଇଁ କିପରି ଦୁହେଁ ଲଢ଼େଇ କରୁଛନ୍ତି ତାହା ବି ଆମେ ଢ଼ଣା ଅଧିକେ ଦେଖିଛେ। ସେଥିରୁ ଅଧିକାଂଶ ସିନେମା ସୁପରହିଟ୍ ମଧ୍ୟ ହୋଇଛି। ହେଲେ ଗୋଟିଏ କୁକୁର ଉପରେ ମାଲିକାନା ସାବ୍ୟସ୍ତ କରିବା ପାଇଁ ଦୁଇଜଣ ବ୍ୟକ୍ତି ମୁହାଁମୁହିଁ ହେବା ଭଳି ରୋଚକ ଘଟଣା ଘଟିଛି ହରିୟାଣାର ଫତେହାବାଦ ଅଞ୍ଚଳରେ। ଏପରି କି, ପ୍ରକୃତ ମାଲିକ କିଏ ତାହା ସାବ୍ୟସ୍ତ କରିବାକୁ କଥାଯାଇଛି ବରଗଛ ଛୁଇଁ ଶପଥ ପାଠ କରିବା ଯାଏ। ସିଟି ପୋଲିସ ଷ୍ଟେଶନ ହାଉସ୍ ଅଫିସର (ଏସ୍‌ଏଚ୍‌ଓ) ୟାଦବିନ୍ଦର ସିଂ କୁହନ୍ତି, ରଟ୍‌ୱେଲର ପ୍ରଜାତିର କୁକୁରକୁ ନେଇ ଉପୁଜିଥିଲା ଏପରି ବିବାଦୀୟ ପରିସ୍ଥିତି। ଅନିଲ କୁମାର ନାମକ ଜଣେ ବ୍ୟକ୍ତି ଉକ୍ତ କୁକୁର ଉପରେ ପ୍ରଥମେ ମାଲିକାନା ସାବ୍ୟସ୍ତ କରିଥିଲେ। ସେ ନିଜର ଅଭିଯୋଗରେ ଦର୍ଶାଇଥିଲେ ଯେ, ଏହି କୁକୁରଟି ତାଙ୍କର। ୬ଦିନ ପୂର୍ବରୁ ଗଳିରେ ବୁଲୁଥିବାବେଳେ ପ୍ରବୀଣ ନାମକ ଜଣେ ବ୍ୟକ୍ତି କୁକୁରଟିକୁ ନେଇଯାଇଥିଲେ। ଅନ୍ୟପଟେ କୁକୁରଟିକୁ ପାଳିଥିବା ନେଇ ପ୍ରବୀଣ ମଧ୍ୟ ଅନୁରୂପ ଭାବେ ଯୁକ୍ତି ବାଢ଼ିଥିଲେ। ୮ ଦିନ ପୂର୍ବରୁ ତାଙ୍କ କୁକୁରକୁ କେହି ଚୋରି କରି ନେଇଯାଇଥିବା ସେ ଅଭିଯୋଗରେ ଉଲ୍ଲେଖ କରିଥିଲେ। କୁକୁରଟିର ଦୁଇଜଣ ଦାବିଦାର ବାହାରିବା ପରେ ପୋଲିସର ମୁଣ୍ଡବ୍ୟଥା ବଢ଼ିଥିଲା। ପ୍ରକୃତ ମାଲିକ କିଏ ଜାଣିବା ପାଇଁ କୁକୁରର ପରୀକ୍ଷା କରାଗଲା। ଦୁଇଜଣ ଦାବିଦାରଙ୍କୁ ବସାଇ କୁକୁରକୁ ଛଡ଼ାଗଲା। ହେଲେ କୁକୁରଟି ଦୁଇଜଣଙ୍କ ପାଖକୁ ଚାଲିଯାଇଥିଲା। ଥାନାରେ ୨ଘଣ୍ଟାର ଆଲୋଚନା ପର୍ଯ୍ୟାଲୋଚନା ସତ୍ତ୍ୱେ କୌଣସି ନିଷ୍ପତ୍ତି ହୋଇପାରିଲାନାହିଁ। ଶେଷରେ ପଞ୍ଚାୟତକୁ କଥା ଗଲା। ଅନିଲ ପଞ୍ଚାୟତ ସଦସ୍ୟଙ୍କ ନିକଟରେ ଦାବି ରଖିଲେ ଯେ, ଯଦି କୁକୁରର ପ୍ରକୃତ ମାଲିକ ବୋଲି ପ୍ରବୀଣ ଦାବି କରୁଛନ୍ତି, ତେବେ ସେ ବରଗଛକୁ ଛୁଇଁ ଶପଥ କରନ୍ତୁ। ଏହାପରେ ହିଁ କୁକୁରକୁ ତାଙ୍କୁ ହସ୍ତାନ୍ତର କରାଯିବ। ଦାବି ମୁତାବକ ପ୍ରବୀଣ ଶପଥ କରିବା ପରେ ସେ କୁକୁରର ପ୍ରକୃତ ମାଲିକ ବୋଲି ବିଶ୍ୱାସ ହୋଇଥିଲା ଏବଂ କୁକୁରଟିକୁ ତାଙ୍କୁ ପ୍ରଦାନ କରାଯାଇଥିଲା। ତେବେ ବରଗଛ ପାଇଁ କୁକୁରଟି ନିଜର ମାଲିକଙ୍କ ନିକଟରେ ପହଞ୍ଚି ପାରିଛି ବୋଲି ଅଞ୍ଚଳବାସୀଙ୍କ ମଧ୍ୟରେ ଆଲୋଚନା ହେଉଛି।



# ୧୯୬ ଦେଶରେ ମାରାଥନ୍ ଦୌଡ଼ି ବିଶ୍ୱ ରେକର୍ଡ

## କ୍ୟାନ୍ସର ପୀଡ଼ିତଙ୍କ ସହାୟତା ପାଇଁ ଛାଡ଼ିଥିଲେ ବ୍ୟାଙ୍କ ଚାକିରି

**ଲଣ୍ଡନ:** ସତରେ ଦୃଢ଼ ଇଚ୍ଛାଶକ୍ତି ମଣିଷକୁ ସଫଳତାର ଶୀର୍ଷରେ ପହଞ୍ଚାଇଥାଏ। କିଛି କରିବାର ଆକାଂକ୍ଷା ଅସମ୍ଭବକୁ ସମ୍ଭବ କରିଥାଏ। ଇଂଲଣ୍ଡର ନିକ୍ ବଟର ଏଭଳି କିଛି ଅସମ୍ଭବକୁ ସମ୍ଭବ କରିବା ସହ ସାରା ବିଶ୍ୱରେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି। ମାତ୍ର ୯୬ ସପ୍ତାହରେ ୧୯୬ ଦେଶରେ ମାରାଥନ୍ ଦୌଡ଼ି ବିଶ୍ୱ ରେକର୍ଡ କରିଛନ୍ତି ନିକ୍। ଭାରତ ସମେତ ୧୯୬ ଦେଶରେ ମାରାଥନ୍ ଦୌଡ଼ି ଯୋଗାଡ଼ କରିଥିବା ୨କୋଟି ୩୦ ଲକ୍ଷ ଟଙ୍କା କ୍ୟାନ୍ସର ପୀଡ଼ିତଙ୍କୁ ଦାନ କରିବେ ବୋଲି ନିକ୍ କହିଛନ୍ତି। ଏ ସମ୍ପର୍କରେ ନିକ୍ କୁହନ୍ତି, ୨୦୧୬ରେ କ୍ୟାନ୍ସର ରୋଗୀଙ୍କ ପାଇଁ ଫଣ୍ଡ ଯୋଗାଡ଼ କରୁଥିବା ବେଳେ କ୍ୟାନ୍ସର ପୀଡ଼ିତ କେବିନ୍ ୱେବରଙ୍କ ସହ ତାଙ୍କ ଦେଖା ହୋଇଥିଲା। ସେତେବେଳେ କେବିନ୍ ଲାଷ୍ଟ ଷ୍ଟେଜ୍ କ୍ୟାନ୍ସରରେ ଆକ୍ରାନ୍ତ ହୋଇଥିଲେ। କେବିନ୍ ଓ ତାଙ୍କ ଭଳି ଅନେକଙ୍କୁ ସାହାଯ୍ୟ କରିବାକୁ ସ୍ଥିର କରି ନିକ୍ ବ୍ୟାଙ୍କ ଚାକିରି ଛାଡ଼ିଥିଲେ। ସେ ୨୦୧୮ ଜାନୁୟାରୀରେ କାନାଡ଼ାଠାରେ ଅନୁଷ୍ଠିତ ମାରାଥନ୍‌ରୁ ଯାତ୍ରା ଆରମ୍ଭ କରିଥିଲେ। ହାରାହାରି ସେ ପ୍ରତି ସପ୍ତାହରେ ୩ ନୂଆ ଦେଶରେ ୩ ମାରାଥନ୍‌ରେ ସାମିଲ ହୋଇଥିଲେ। ଗତ ୬୭୫ ଦିନରେ ନିକ୍ ୫୧ ଲକ୍ଷ ଷ୍ଟେପ୍ ଦୌଡ଼ି ୧୫ ଲକ୍ଷ କ୍ୟାଲୋରୀ ନଷ୍ଟ କରିଛନ୍ତି। ୧୯୬ ଦେଶକୁ ଯିବା ସମୟରେ ତାଙ୍କୁ ୧୦ଟି ପାସ୍‌ପୋର୍ଟ ଓ ୧୨୦ ଭିଜା ନେବାକୁ ପଡ଼ିଥିଲା। ଏହି ସମୟରେ ସେ ୨୦୧ ଫ୍ଲାଇଟ୍, ୪୫ ଟ୍ରେନ୍, ୧୫ ବସ୍ ଓ ୨୮୦ ଟ୍ୟାକ୍ସିରେ ଯାତ୍ରା କରିଥିଲେ। ନିକ୍ ୧୬ରୁ ୧୮ ଜୁଲାଇ ୨୦୧୯ରେ ଭାରତରେ ଥିଲେ।



# ‘ପୃଥ୍ୱୀରାଜ୍’ରୁ ଡେବ୍ୟୁ କରିବେ ମାନୁଷୀ

**ମୁମ୍ବାଇ:** ଖୁବ୍‌ଶୀଘ୍ର ମିସ୍ ୱାର୍ଲଡ୍ ୨୦୧୭ ମାନୁଷୀ ଛିଲ୍ଲରଙ୍କୁ ବଡ଼ ପରଦାରେ ଦେଖିବାକୁ ମିଳିବ। ମାନୁଷୀ ବଲିଉଡ୍‌ରେ ନିଜର ପ୍ରଥମ ଡେବ୍ୟୁ କରିବାକୁ ଯାଉଛନ୍ତି। ଚନ୍ଦ୍ରପ୍ରକାଶ ଦ୍ୱିବେଦୀଙ୍କ ନିର୍ଦ୍ଦେଶିତ ଅପ୍‌କମିଂ ଫିଲ୍ମ ‘ପୃଥ୍ୱୀରାଜ୍’ରେ ସୁପରଷ୍ଟାର୍ ଅକ୍ଷୟଙ୍କ ଅପୋଜିଟ୍‌ରେ ନଜରକୁ ଆସିବେ ବିଶ୍ୱ ସୁନ୍ଦରୀ ମାନୁଷୀ ଛିଲ୍ଲର। ତେବେ ପାରମ୍ପରିକ ରୀତିନୀତି ଅନୁଯାୟୀ ଯଜ୍ଞ ଓ ପୂଜା ସହ ଫିଲ୍ମର ଶୁଟିଂ ଆରମ୍ଭ ହୋଇଯାଇଛି। ଏନେଇ ଖୋଦ୍ ଅକ୍ଷୟ ନିଜ ଟୁଇଟର ହ୍ୟାଣ୍ଡେଲ୍‌ରେ ପୂଜା ଓ ଯଜ୍ଞର ଭିଡିଓ ଶେୟାର କରି ସୂଚନା ଦେଇଛନ୍ତି।ଅକ୍ଷୟ ଫିଲ୍ମ ‘ପୃଥ୍ୱୀରାଜ୍’ର ଟିମ୍ ସହ ପୂଜା କରୁଥିବା ଏକ ଭିଡିଓ ଶେୟାର କରି ଲେଖିଛନ୍ତି, ଏହା ଫିଲ୍ମର ଶୁଭାରମ୍ଭ। ୨୦୨୦ ଦୀପାବଳି ଅବସରରେ ଫିଲ୍ମଟି ମୁକ୍ତିଲାଭ କରିବ ବୋଲି ସେ କ୍ୟାପଶନ୍‌ରେ ଲେଖି ଜଣାଇଛନ୍ତି। ଫିଲ୍ମଟି ୟଶରାଜ୍ ପ୍ରଡକ୍ସନ୍ ବ୍ୟାନରରେ ନିର୍ମିତ ହେଉଛି। ଫିଲ୍ମରେ ଅକ୍ଷୟଙ୍କ ସହ ମାନୁଷୀ ଓ ରାଣୀ ମୁଖାର୍ଜୀଙ୍କୁ ମଧ୍ୟ ଦେଖିବାକୁ ମିଳିବ। ଫିଲ୍ମ ‘ପୃଥ୍ୱୀରାଜ୍’ ଜରିଆରେ ମାନୁଷୀ ବଲିଉଡ୍ ଏଣ୍ଟ୍ରି କରିବେ। ସମ୍ରାଟ୍ ପୃଥ୍ୱୀରାଜ୍ ଚୌହାନ୍‌ଙ୍କ ଜୀବନୀ ଉପରେ ଫିଲ୍ମଟି ଆଧାରିତ। ଏଥିରେ ପୃଥ୍ୱୀରାଜ୍ ଚୌହାନ୍‌ଙ୍କ ଚରିତ୍ରରେ ଅକ୍ଷୟ ଏବଂ ତାଙ୍କ ପ୍ରେମିକା ରାଜକୁମାରୀ ସଂଯୋଗୀତାଙ୍କ ଭୂମିକାରେ ମାନୁଷୀ ନଜରକୁ ଆସିବେ। ଇତିହାସର କଥାବସ୍ତୁ ଅନୁଯାୟୀ ସଂଯୋଗୀତା ଅବର୍ଣ୍ଣନୀୟ ସୌନ୍ଦର୍ଯ୍ୟ, ଆକର୍ଷଣୀୟ ବ୍ୟକ୍ତିତ୍ୱ ଓ ଗରିମା ଏବଂ ଗଭୀର ଆତ୍ମବିଶ୍ୱାସର ଅଧିକାରିଣୀ ଥିଲେ। ଏଭଳି ଚରିତ୍ରକୁ ପରଦାରେ ଉତ୍ତୋଳନ କରିବାକୁ ସେହିଭଳି ଜଣେ ଭାରତୀୟ ସୁନ୍ଦରୀ ଓ ପ୍ରତିଭାବାନ୍ ବ୍ୟକ୍ତିତ୍ୱକୁ ଖୋଜୁଥିଲେ ଫିଲ୍ମ ନିର୍ଦ୍ଦେଶକ ଦ୍ୱିବେଦୀ। ତେବେ ଏକାଧିକ ଥର ମାନୁଷୀଙ୍କ ଅଡିଶନ୍ ନେବାପରେ ଫିଲ୍ମ ପାଇଁ ତାଙ୍କୁ ଫାଇନାଲ୍ କରାଯାଇଥିଲା ଏବଂ ପ୍ରତି ଅଡିଶନ୍‌ରେ ସେ ବାରମ୍ବାର ନିଜକୁ ଯୋଗ୍ୟ ପ୍ରମାଣିତ କରିଦେଖାଇଥିଲେ। ସଂଯୋଗୀତାଙ୍କ ଚରିତ୍ର ଅନୁସାରେ ମାନୁଷୀ ଏକଦମ୍ ଫିଟ୍ ବୋଲି ନିର୍ଦ୍ଦେଶକ ଦ୍ୱିବେଦୀ କହିଛନ୍ତି। ଅନ୍ୟପଟେ ବଲିଉଡ୍‌ର ଏକ ନାମୀଦାମୀ ବ୍ୟାନର୍‌ରେ ଏକ ବିଗ୍ ବଜେଟ୍ ଫିଲ୍ମ, ସୁପରଷ୍ଟାର୍ ଅକ୍ଷୟ କୁମାର ଏବଂ ଲୋକପ୍ରିୟ ବ୍ୟକ୍ତିତ୍ୱଙ୍କ ସହ ନିଜ ଡେବ୍ୟୁ କରିବାର ସୁଯୋଗ ପାଇଥିବାରୁ ମାନୁଷୀ ଖୁସିବ୍ୟକ୍ତ କରିଛନ୍ତି। ରାଜକୁମାରୀ ସଂଯୋଗୀତା ଚରିତ୍ରରେ ଅଭିନୟ କରିବା ଏକ ଗୁରୁଦାୟିତ୍ୱ। ସେ ଜଣେ ପ୍ରଭାବଶାଳୀ ବ୍ୟକ୍ତିତ୍ୱର ଅଧିକାରିଣୀ। ରାଜକୁମାରୀ ନିଜ ଜୀବନକାଳରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିଲେ। ତାଙ୍କ ଚରିତ୍ର ଭାରତୀୟ ଇତିହାସର ଏକ ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁ। ମୁଁ ଯଥାସମ୍ଭବ ରାଜକୁମାରୀ ସଂଯୋଗୀତାଙ୍କ ଚରିତ୍ରକୁ ପରଦାରେ ନିଖୁଣଭାବେ ଫୁଟାଇବାକୁ ଚେଷ୍ଟା କରିବି ବୋଲି ମାନୁଷୀ କହିଛନ୍ତି।



# ୩ ସିଝା ଅଣ୍ଡାର ଦାମ୍ ୧୬୭୨ ଟଙ୍କା

**ନୂଆଦିଲ୍ଲୀ:** ବଜାରରେ ୩ ସିଝା ଅଣ୍ଡାର ଦାମ୍ ସାଧାରଣତଃ ୨୫ରୁ ୩୫ ଟଙ୍କା ଥିବାବେଳେ ସ୍ଥାନ କାଳ ପାତ୍ର ଅନୁଯାୟୀ ଏହାକୁ ଚଢ଼ାଦରରେ ବିକ୍ରି କରାଯାଉଛି। ଖାଲି ଅଣ୍ଡା କାହିଁକି, ବିଭିନ୍ନ ଜିନିଷର ଦର ଏଭଳି ଅସ୍ୱାଭାବିକ ଭାବେ ବୃଦ୍ଧି କରାଯାଉଛି। ଫଳରେ ଗ୍ରାହକଙ୍କ ଅସନ୍ତୋଷ ବଢୁଛି। ପକେଟ୍‌କୁ ସୁହାଇବା ଭଳି ସମସ୍ତେ ବିଭିନ୍ନ ଜିନିଷ କିଣିବାକୁ ପସନ୍ଦ କରିଥାନ୍ତି। ଗତ ଜୁଲାଇରେ ବଲିଉଡ୍ ଅଭିନେତା ରାହୁଲ୍ ବୋଷ ୨ଟି କଦଳୀ କିଣି ୪୪୨ ଟଙ୍କା ଗଣିଥିଲେ। ଏକ ବଡ଼ ହୋଟେଲରୁ ଏହା କ୍ରୟକରିବା ପରେ ଚଢ଼ାଦରକୁ ନେଇ ସେ ଟୁଇଟ୍ ମଧ୍ୟ କରିଥିଲେ। ଏବେ ମ୍ୟୁଜିକ୍ କମ୍ପୋଜର ଶେଖର ରବ୍‌ଜିଆନି ଏମିତି ଏକ ସମସ୍ୟାରେ ଫସିଛନ୍ତି। ସେ ଏକ ବଡ଼ ହୋଟେଲରୁ ୩ଟି ସିଝାଅଣ୍ଡା କିଣି ୧୬୭୨ ଟଙ୍କା ଗଣିଛନ୍ତି। ଚଢ଼ାଦରକୁ ନେଇ ସେ ଅସନ୍ତୋଷ ପ୍ରକାଶ କରି ରସିଦ ସହ ଟୁଇଟ୍ ମଧ୍ୟ କରିବାକୁ ପଛାଇନାହାନ୍ତି। ଗତ ୧୪ରେ ଶେୟାର କରାଯାଇଥିବା ତାଙ୍କ ପୋଷ୍ଟକୁ ନେଇ ମିଶ୍ର ପ୍ରତିକ୍ରିୟା ପ୍ରଦାନ କରାଯାଇଛି। ଏହାକୁ ୫୫୦୦ ଲାଇକ୍ ମିଳିଥିବାବେଳେ ୧ ହଜାର ରିଟୁଇଟ୍ କରାଯାଇଛି। କେହି ରାସ୍ତାକଡ଼ରେ ମିଳୁଥିବା ସିଝାଅଣ୍ଡାଠାରୁ ଏହା ଯଥେଷ୍ଟ ଅଧିକ ବୋଲି କହିଥିବାବେଳେ ଆଉ କେହି ପଞ୍ଚତାରକା ହୋଟେଲ ଦରଠାରୁ ଏହା କମ୍ ଥିବା କମିକ୍ ଟୁଇଟ୍ କରିଛନ୍ତି।



# ଜ୍ୟାକଲିନ୍‌ଙ୍କ ସହ ମନଖୋଲି ନାଚିଲେ ସଲ୍‌ମାନ

**ମୁମ୍ବାଇ:** ବଲିଉଡ୍ ଭାଇଜାନ୍ ସଲ୍‌ମାନ ଖାଁ ଏବେ ତାଙ୍କ ଡ୍ୟାନ୍ସ ପାଇଁ ଅଛନ୍ତି ଚର୍ଚ୍ଚାରେ। ଏବେ ସେ ତାଙ୍କ ଅପ୍ କମିଙ୍ଗ ଫିଲ୍ମ ‘ଦବଙ୍ଗ ୩’ର ପ୍ରମୋଶନରେ ବ୍ୟସ୍ତ ଅଛନ୍ତି। ଚଳିତବର୍ଷ ଖ୍ରୀଷ୍ଟମାସରେ ଏହା ରିଲିଜ୍ ହେବାକୁ ଥିବାବେଳେ ଦର୍ଶକମାନେ ଉତ୍ସୁକତାର ସହ ଅପେକ୍ଷାରେ କରିଛନ୍ତି। ନିକଟରେ ସଲ୍‌ମାନଙ୍କର ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଯେଉଁଥିରେ ସେ ନାୟିକା ଜ୍ୟାକ୍‌ଲିନ୍‌ଙ୍କ ସହ ଖୁବ୍ ନାଚିଛନ୍ତି। କୁହାଯାଉଛି ଏହା ଦବଙ୍ଗ ଫିଲ୍ମ ପ୍ରମୋଶନ ସମୟର। ଏଥିରେ ଭାଇଜାନ୍ ‘ମୁନ୍ନି ବଦନାମ୍ ହୁଇ’ ଗୀତରେ ଠୁମ୍‌କା ଲଗାଉଥିବା ଦେଖାଯାଇଛି। କେବଳ ଜ୍ୟାକ୍‌ଲିନ ନୁହେଁ ଅନ୍ୟ କଳାକାରଙ୍କୁ ମଧ୍ୟ ଏଥିରେ ଦେଖିବାକୁ ମିଳିଛି। କୁହାଯାଉଛି ଏହା ଦବଙ୍ଗ ଟୁର୍ ସମୟର ଭିଡିଓ। ଆଉ ଭାଇଜାନ୍ ବିଦେଶରେ ଦବଙ୍ଗ ଟିମ୍ ସହ ପର୍‌ଫର୍ମ କରିବାକୁ ଯାଇଛନ୍ତି। ସୂଚନା ମୁତାବକ ‘ମୁନ୍ନି ବଦନାମ ହୁଇ’ ଦବଙ୍ଗ ସିରିଜ୍‌ର ପ୍ରଥମ ଆଇଟମ୍ ସଙ୍ଗ।



# ସହିଷ୍ଣୁତାରେ ବିଶ୍ୱଶାନ୍ତି ସମ୍ଭବ

**ଜାତିସଂଘ:** ଆନ୍ତର୍ଜାତିକ ସହିଷ୍ଣୁତା ଦିବସ ପ୍ରତିବର୍ଷ ୧୬ ନଭେମ୍ବରରେ ପାଳନ କରାଯାଉଛି। ବିଶ୍ୱରେ ଅସହିଷ୍ଣୁତାର କାୟାବିସ୍ତାର କରିବାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇବା ପରେ ଜାତିସଂଘ ସାଧାରଣ ପରିଷଦ ୧୯୯୬ରେ ବିଶ୍ୱରେ ଅସହିଷ୍ଣୁତାର ବିପଦ ସମ୍ପର୍କରେ ସାର୍ବଜନୀନ ସ୍ତରରେ ସଚେତନତା ସୃଷ୍ଟି କରିବା ପାଇଁ ‘ଆନ୍ତର୍ଜାତିକ ସହିଷ୍ଣୁତା ଦିବସ ଘୋଷଣା’ କରିଥିଲା। ଏହି ବର୍ଷ ୟୁନେସ୍କୋ ମହାତ୍ମା ଗାନ୍ଧୀଙ୍କ ୧୨୫ତମ ଜୟନ୍ତୀ ଅବସରରେ ସହିଷ୍ଣୁତା ସହ ଅହିଂସାର ମହତ୍ତ୍ୱକୁ ପ୍ରତିପାଦନ କରିବା ଲାଗି‘ମଦନଜିତ ସିଂ ପୁରସ୍କାର’ସ୍ଥାପନ କରିଥିଲା। ଏହି ପୁରସ୍କାର ବିଜ୍ଞାନ, କଳା,ସଂସ୍କୃତି ଓ ସଂଚାର କ୍ଷେତ୍ରରେ ସହିଷ୍ଣୁତା ଓ ଅହିଂସାକୁ ପ୍ରାଧାନ୍ୟ ଦେବା ଉଦ୍ଦେଶ୍ୟରେ କରାଯାଉଥିବା କାର୍ଯ୍ୟ ପାଇଁ ପ୍ରଦାନ କରାଯାଉଛି। ପ୍ରତି ଦୁଇବର୍ଷରେ ଏହା ପ୍ରଦାନ କରାଯାଉଛି। କାନାଡାର ବିଶିଷ୍ଟ ଚଳଚ୍ଚିତ୍ର ନିର୍ମାତା ତଥା ସୋସିଆଲ ଏଣ୍ଟରପ୍ରିନ୍ୟୁୟର ମାନନ୍ ବାର୍ଜ୍ୟୁ ଓ କେନିଆରେ ମହିଳାଙ୍କ ଉପରେ ହେଉଥିବା ହିଂସାକୁ ସମାପ୍ତ କରିବା ପାଇଁ କାର୍ଯ୍ୟ କରୁଥିବା ‘କୋ-ଏକ୍ଜିଷ୍ଟ ଇନ୍‌ସିଏଟିଭ୍’ନାମକ ସଂସ୍ଥାକୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। କେନିଆରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ସହାବସ୍ଥାନ ବଜାୟ ରଖିବା ତଥା ବିଶ୍ୱରେ ଶାନ୍ତି ଓ ସମନ୍ୱୟ ପ୍ରତିଷ୍ଠା କରିବା ପାଇଁ ସହନଶୀଳ ହେବାର ଆବଶ୍ୟକତା ଉପରେ ଲୋକମାନଙ୍କୁ ସଚେତନ କରିବା ଉକ୍ତ ଦିବସର ମୁଖ୍ୟ ଉଦ୍ଦେଶ୍ୟ। ବୈଶ୍ୱିକ ସହିଷ୍ଣୁତାର ମହତ୍ତ୍ୱ ଓ ଅସହିଷ୍ଣୁତାର କୁପ୍ରଭାବ ଉପରେ ଲୋକମାନଙ୍କୁ ମଧ୍ୟ ଅବଗତ କରାଯାଏ। ଏହି ଅବସରରେ ବିଶ୍ୱରେ ଅନ୍ୟାୟ, ପକ୍ଷପାତପୂର୍ଣ୍ଣ ଭେଦଭାବ ଓ ଅତ୍ୟାଚାର ଏବଂ ଏହାର ସମାଜ ଉପରେ ଥିବା କୁପ୍ରଭାବ ସମ୍ପର୍କରେ ଆଲୋଚନା ପର୍ଯ୍ୟାଲୋଚନା ମଧ୍ୟ କରାଯାଇଥାଏ। ପୃଥିବୀରେ ସାମ୍ପ୍ରତିକ ପରିସ୍ଥିତିରେ ସାମ୍ପ୍ରଦାୟିକ , ଜାତିଗତ ଅସହିଷ୍ଣୁତା ଏକ ସମସ୍ୟା ରୂପେ ଉଭା ହୋଇଛି। ସିରିଆ, ନାଇଜେରିଆ, ଇରାକରେ ଏହାକୁ ଭିତ୍ତିକରି ଗୋଷ୍ଠୀଗତ ହିଂସା ବ୍ୟାପୁଛି। ଏହାକୁ କିପରି ହ୍ରାସ କରାଯାଇପାରିବ ସେଥିପାଇଁ ଲୋକମାନଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବା ପାଇଁ ଏକ ଉପଯୋଗୀ ପରିବେଶ ସୃଷ୍ଟି କରିବାରେ ଏହି ଦିବସର ଭୂମିକା ରହିଛି। ଏଥିପାଇଁ ୨୦୧୮ରେ ଦୁବାଇ(ୟୁଏଇ)ରେ ପ୍ରଥମ ବିଶ୍ୱ ସହିଷ୍ଣୁତା ସମ୍ମିଳନୀ(ଡବ୍ଲୁଟିଏସ୍) ଅୟୋଜନ କରାଯାଇଥିଲା। ସହିଷ୍ଣୁତା, ଶାନ୍ତି, ସମାନତା ଉପରେ ଏହି ସମ୍ମିଳନୀରେ ଆଲୋଚନାର ମୁଖ୍ୟ ପ୍ରସଙ୍ଗ ରହିଥିଲା। ହିଂସା ପରିହାର କରି ସହିଷ୍ଣୁତା ମାଧ୍ୟମରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନକୁ ଗୁରୁତ୍ୱ ଦେବା ଏହି ସମ୍ମିଳନୀର ଲକ୍ଷ୍ୟ। ଚଳିତ ବର୍ଷ ମଧ୍ୟ ଏହି ସମ୍ମିଳନୀ ଦୁବାଇରେ ଅନୁଷ୍ଠିତ ହୋଇଛି। ଏଥିରେ ବିଶ୍ୱର ପ୍ରାୟ ୧୦୦ଟି ଦେଶରୁ ୩୦୦୦ରୁ ଊର୍ଦ୍ଧ୍ୱ ପଦାଧିକାରୀ ଯୋଗ ଦେଇଛନ୍ତି। ଏହି ସମ୍ମିଳନୀରେ ୨୦୧୯ ପାଇଁ ‘ବହୁ ସଂସ୍କୃତିବାଦରେ ସହିଷ୍ଣୁତା: ଏକ ସହିଷ୍ଣୁ ଦୁନିଆରେ ସାମାଜିକ, ଆର୍ଥିକ ଓ ମାନବୀୟ ଲାଭ ପ୍ରାପ୍ତ କରିବା’ ସ୍ଲୋଗାନ୍ ରଖାଯାଇଛି।


ଆନ୍ତର୍ଜାତିକ ସହିଷ୍ଣୁତା ଦିବସ

# ମଙ୍ଗଳରେ ଅମ୍ଳଜାନ

**ୱାଶିଂଟନ:** ଲାଲ୍ ଗ୍ରହ ମଙ୍ଗଳରେ ଅମ୍ଳଜାନ ଅଛି। ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା (ନାସା) ଏପରି ଦାବି କରିଛି। ମଙ୍ଗଳରେ ଜୀବନ ଖୋଜୁଥିବା ନାସାର ରୋଭର କ୍ୟୁରିଓସିଟି ସେଠାକାର ବାୟୁମଣ୍ଡଳରେ ଅମ୍ଳଜାନ ଥିବା ନେଇ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଦେଇଛି। ଏପରି ସୂଚନା ବୈଜ୍ଞାନିକମାନଙ୍କ ମଙ୍ଗଳରେ ଜନବସତି ସ୍ଥାପନ ସମ୍ପର୍କିତ ଗବେଷଣାକୁ ଆଉ ଗୋଟିଏ ପାଦ ଆଗକୁ ନେଇଛି। ମଙ୍ଗଳରେ ଜୀବନ ସମ୍ଭବ କି ? ଏପରି ପ୍ରଶ୍ନକୁ ନେଇ ଏବେ ସାରା ବିଶ୍ୱବାସୀଙ୍କ ମଧ୍ୟରେ ଲାଗି ରହିଛି ଉତ୍କଣ୍ଠା। ଏପରି ସ୍ଥିତିରେ ନାସା ପକ୍ଷରୁ ୨୦୧୧ ନଭେମ୍ବର ୨୬ରୁ ଆରମ୍ଭ ହୋଇଥିବା ମଙ୍ଗଳ ମିଶନ ଏକ ବଡ଼ ସଫଳତା। ବର୍ଷର ପ୍ରାରମ୍ଭରେ ନାସା ପକ୍ଷରୁ କୁହାଯାଇଥିଲା, ମଙ୍ଗଳର ବାତାବରଣର ଉପରସ୍ତରରେ ମିଥେନ ରହିଛି। ଜୀବନର ସଞ୍ଚାର ପାଇଁ ମିଥେନକୁ ଏକ ପ୍ରମୁଖ ଉପାଦାନ ଭାବେ ଗଣନା କରାଯାଏ। ଏବେ ମଙ୍ଗଳ ପୃଷ୍ଠରେ ଅମ୍ଳଜାନ ମିଳିବା ସୂକ୍ଷ୍ମ ଜୀବଙ୍କ ଉପସ୍ଥିତିକୁ ଅଣଦେଖା କରାଯାଇ ନ ପାରେ। ଏ ସମ୍ପର୍କରେ କ୍ୟୁରିଓସିଟି ଏବେ ଅଧିକ ଗବେଷଣା ଆରମ୍ଭ କରିଛି। ସୂଚନାଯୋଗ୍ୟ, କ୍ୟୁରିଓସିଟିର କେମେଷ୍ଟ୍ରୀ ଲାବ୍ ଗେଲ କ୍ରେଟରରେ ଥିବା ଗ୍ୟାସ୍‌କୁ ପରୀକ୍ଷା କରିଥିଲା। ସେଠାରେ ୯୫% କାର୍ବନ ଡାଇଅକ୍ସାଇଡ, ୨.୬% ନାଇଟ୍ରୋଜେନ, ୧.୯ % ଅର୍ଗନ, ୦.୧୬% ଅକ୍ସିଜେନ, ୦.୦୬% କାର୍ବନ ମନୋକ୍ସାଇଡ ଥିବା ଜଣାପଡ଼ିଛି। ଏହି ଗ୍ୟାସ୍‌ର ଅନୁପାତ ସମୟକ୍ରମେ ବଦଳୁଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସେଠାରେ ଥିବା ଅମ୍ଳଜାନ ସବୁଠାରୁ ଅଧିକ ପରିମାଣରେ ବଦଳୁଛି। ବସନ୍ତ ଏବଂ ଗ୍ରୀଷ୍ମ ସମୟରେ ଏହା ୩୦% ଯାଏ ବୃଦ୍ଧି ପାଉଛି। ଶୀତ ସମୟରେ ଏହା ପୁଣି ହ୍ରାସ ପାଉଛି। ଏପରି ପରିବର୍ତ୍ତନ ପାଇଁ କେତେକ ଭୂବୈଜ୍ଞାନିକ ପ୍ରକ୍ରିୟା ଦାୟୀ ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି। ଏହା ଉପରୁ ଶୀଘ୍ର ପରଦା ହଟିବ ଏବଂ ଏଥିଲାଗି ପ୍ରୟାସ ଜାରି ରହିଥିବା ନାସା ପକ୍ଷରୁ ସୂଚନା ଦିଆଯାଇଛି।



## ଆଜି କ'ଣ କେଉଁଠି

**ସମ୍ବଲପୁର**

■ଉତ୍ତରାଞ୍ଚଳ ରାଜସ୍ୱ ଡିଭିଜନ ଚକବନ୍ଦି ଅଫିସ ନୂତନ କୋଠା ଉଦ୍‌ଘାଟନ ଉତ୍ସବ, ଜେଲ ଛକ, ପୂର୍ବାହ୍ନ ୧୦ଟା ।

■ଚାଷୀ ସଂଗଠନର ୨୪ ଘଣ୍ଟିଆ ରିଲେ ଅନଶନ, ଜିଲାପାଳଙ୍କ ଅଫିସ ନିକଟସ୍ଥ ରାସ୍ତା, ପୂର୍ବାହ୍ନ ସାଢ଼େ ୧୦ଟା ।

■ଜିଲା ପ୍ରଶାସନ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ, ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୧ଟା ।

■ଜାତୀୟ ପ୍ରେସ୍ ଦିବସ କାର୍ଯ୍ୟକ୍ରମ, ସମ୍ବଲପୁର ପ୍ରେସ୍ ଭବନ, ପୂର୍ବାହ୍ନ ସାଢ଼େ ୧୧ଟା ।

■'କଖଗ' ପକ୍ଷରୁ ନାଟ୍ୟୋତ୍ସବ-୨୦୧୯, ଝାଉଁଆପଡା ଆରଣ୍ୟକ ମଞ୍ଚ, ସନ୍ଧ୍ୟା ସାଢ଼େ ୬ଟା ।

■ବିଶାଳ ରକ୍ତଦାନ ଶିବିର, ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ ପରିସର, ପୂର୍ବାହ୍ନ ୯ଟା ।

■ଗଣମାଧ୍ୟମ ଭୂମିକା ଶୀର୍ଷକ ଜାତୀୟ ଆଲୋଚନାଚକ୍ର, ଲଜପତରାୟ ଆଇନ କଲେଜ ସଭାକକ୍ଷ, ପୂର୍ବାହ୍ନ ୧୦ଟା ।

**ଭବାନୀପାଟଣା**

■ସଙ୍ଗମ ଅନୁଷ୍ଠାନ ପକ୍ଷରୁ ଷଷ୍ଠ ରାଜ୍ୟସ୍ତରୀୟ ଶିଶୁ ନାଟକ ଓ ନୃତ୍ୟ ମହୋତ୍ସବ ଉଦ୍‌ଘାଟିତ, ଲେଖକ କଳା ପରିଷଦ ଭବାନୀପାଟଣା, ସନ୍ଧ୍ୟା ୫.୩୦ ମି. ।

**ଦେବଗଡ଼**

■ମା କନକ ଦୁର୍ଗା ରାଜ୍ୟସ୍ତରୀୟ ଫୁଟବଲ ମ୍ୟାଚ୍ ଉଦ୍‌ଘାଟିତ, ଇନ୍ଦିରା ଗାନ୍ଧୀ ଷ୍ଟାଡ଼ିୟମ, ସକାଳ ୯ଟା ।

■ ଜାତୀୟ ପ୍ରେସ ଦିବସ ପାଳନ, ବସନ୍ତ ନିବାସ, ସକାଳ ୧୦ଟା ।

**ବୌଦ୍ଧ**

■ସରସ୍ୱତୀ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡା ଉତ୍ସବ, କଟେରୀ ଖେଳ ପଡିଆ, ସକାଳ ୮ଟା ।

**ନୂଆପଡ଼ା**

■ଜାତୀୟ ପ୍ରେସ୍ ଦିବସ ପାଳନ, ମୃତ୍ତିକା ସଂରକ୍ଷଣ ସଭାଗୃହ, ପୂର୍ବାହ୍ନ-୧୧ଟା ।

**ଅମରପାଲି**

■ବୀରମହାରାଜପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉଦ୍‌ଯାପନୀ ଉତ୍ସବ, ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ ବୀରମହାରାଜପୁର, ଅପରାହ୍ନ-୩ଟା ।


# ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣକୁ ଅଗ୍ରାଧିକାର

**ଭୁବନେଶ୍ୱର,୧୫।୧୧(ବ୍ୟୁରୋ)**

### କ୍ୟାବିନେଟ୍ ନିଷ୍ପତ୍ତି

ରାଜ୍ୟର ଗ୍ରାମାଞ୍ଚଳରେ ଶୁଦ୍ଧ ପାନୀୟ ଜଳ ଯୋଗାଣକୁ ସରକାର ପ୍ରାଥମିକତା ଦେଇଛନ୍ତି। ଏଥିପାଇଁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ୧୩ଟି ଜଳ ଯୋଗାଣ ପ୍ରକଳ୍ପ ସମ୍ପର୍କିତ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍‌ର ଅନୁମୋଦନ ମିଳିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଲୋକସେବା ଭବନରେ ବସିଥିବା ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଗ୍ରାମୀଣ ଜଳ ଯୋଗାଣ ସମେତ ଏକାଧିକ ବିଭାଗର ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ମଧ୍ୟ ଅନୁମୋଦନ କରାଯାଇଛି। ବିଧାନସଭା ଶୀତ ଅଧିବେଶନ ଜାରି ରହିଥିବାରୁ ଆନୁଷ୍ଠାନିକ ଭାବେ କ୍ୟାବିନେଟ୍ ନିଷ୍ପତ୍ତି ଗଣମାଧ୍ୟମକୁ ଜଣାଯାଇନାହିଁ। ଏହପରି ଭାବେ ୧୮ରୁ ୨୦ଟି ପ୍ରସ୍ତାବକୁ ଅନୁମୋଦନ ମିଳିଥିବା ଜଣାପଡ଼ିଛି।

ସୂଚନାନୁଯାୟୀ ସୋନପୁର ଓ ନୟାଗଡ଼ ଜିଲାରେ ଗୋଟିଏ ଲେଖାଏ, ସୁନ୍ଦରଗଡ଼ରେ ୩, ରାୟଗଡ଼ା ଏବଂ ଯାଜପୁର ଜିଲାରେ ୨ଟି ଏବଂ କେନ୍ଦୁଝରରେ ୪ଟି ପାନୀୟ ଜଳ ପ୍ରକଳ୍ପକୁ ଅନୁମୋଦନ କରାଯାଇଛି। ସେହିପରି ଓଡ଼ିଶା ଶିଳ୍ପାୟନ ଭିତ୍ତିଭୂମି ଉନ୍ନୟନ ନିଗମ ଆଇନ-୧୯୮୦, ଓଡ଼ିଶା ସାମଗ୍ରୀ ଏବଂ ସେବା କର(ଜିଏସ୍‌ଟି) ଆଇନ-୨୦୧୭ ଏବଂ ଓଡ଼ିଶା ଅତ୍ୟାବଶ୍ୟକ ସେବା ଆଇନ-୧୯୮୮ରେ ଅଣାଯାଇଥିବା ସଂଶୋଧନକୁ କ୍ୟାବିନେଟ୍ ସ୍ୱୀକୃତି ମିଳିଛି। ଝାରସୁଗୁଡା ଏଲ୍.ଏନ୍. କଲେଜ ରାଜ୍ୟ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗକୁ ଦେବାକୁ ଥିବା ବକେୟାକୁ ଛାଡ କରାଯାଇଛି। ସେହିପରି ବିନାମୂଲ୍ୟରେ ସରକାରଙ୍କ ପକ୍ଷରୁ ୪.୫୬ ଏକର ଜମି ସହ ହଷ୍ଟେଲ ବିଲ୍ଡିଂ ମଧ୍ୟ ଏଲ୍.ଏନ୍. କଲେଜକୁ ପ୍ରଦାନ କରାଯାଇଛି। ଭୁବନେଶ୍ୱରସ୍ଥିତ ସି.ଭି. ରମଣ କଲେଜ ଅଫ୍ ଇଞ୍ଜିନିୟରିଂକୁ ସି.ଭି.ରମଣ ଗ୍ଲୋବାଲ ୟୁନିଭର୍‌ସିଟି କରାଯିବା ସମ୍ପର୍କିତ ପ୍ରସ୍ତାବକୁ ମଧ୍ୟ ଅନୁମୋଦନ କରାଯାଇଛି। ସେଲ୍ଫ-ଫାଇନାନ୍ସ୍‌ଡ୍ କ୍ରିପାଲୁ ୟୁନିଭର୍‌ସିଟି ପରିଚାଳନା ସମ୍ପର୍କିତ ନିୟମାବଳୀକୁ ମଧ୍ୟ କ୍ୟାବିନେଟ୍ ଅନୁମୋଦନ ମିଳିଛି। ରାଜ୍ୟରେ ଅକ୍ୟୁପେଶନାଲ ଥେରାପି ଓ ଫିଜିଓଥେରାପି ପାଇଁ ପରିଷଦ ଗଠନ କରାଯିବ ବୋଲି ଜଣାପଡ଼ିଛି। ରାଜ୍ୟ ସରକାରଙ୍କ ବିଜୁ କୃଷକ କଲ୍ୟାଣ ଯୋଜନା ଏବଂ କାଳିଆ ଯୋଜନା ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ମଧ୍ୟ ଗୃହୀତ ହୋଇଛି। ସେହିପରି ଓଡ଼ିଶା ମୃତ୍ତିକା ସଂରକ୍ଷଣ ସେବା(ନିଯୁକ୍ତି ଏବଂ ସେବା ସର୍ତ୍ତାବଳୀ) ନିୟମ-୨୦୧୯କୁ ମଧ୍ୟ କ୍ୟାବିନେଟ୍ ଅନୁମୋଦନ ମିଳିଛି। ଏହିପରି ଭାବେ ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ଆଇନ ବିଭାଗର ୭ଟି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଅର୍ଥ, ଗୃହ ଏବଂ ଶିଳ୍ପର ଗୋଟିଏ ଲେଖାଏ ପ୍ରସ୍ତାବ ଏବଂ ଆଇଟିର ୨ଟି ଏବଂ କୃଷି ବିଭାଗର ୩ଟି ପ୍ରସ୍ତାବ ଗୃହୀତ ହୋଇଛି। ଅନ୍ୟ କେତେକ ପ୍ରସ୍ତାବ ସମ୍ପର୍କରେ ସ୍ପଷ୍ଟ ସୂଚନା ମିଳିନାହିଁ।




# ପ୍ରଣବ ପ୍ରକାଶ ବିଜେଡି ସଂଗଠନ ସାଧାରଣ ସମ୍ପାଦକ ନିଯୁକ୍ତ


ପ୍ରଣବ ପ୍ରକାଶ ଦାସ


ସଞ୍ଜୟ ଦାସବର୍ମା


ପ୍ରତାପ କେଶରୀ ଦେବ

**ଭୁବନେଶ୍ୱର,୧୫।୧୧(ବ୍ୟୁରୋ)**

■ ସଞ୍ଜୟଙ୍କୁ ମୁଖ୍ୟାଳୟ ଦାୟିତ୍ୱ
■ ଦଳୀୟ ରିଟର୍ଣ୍ଣିଂ ଅଫିସର ହେଲେ ପ୍ରତାପ ଦେବ

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଦଳର ୩ ନେତାଙ୍କୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପ୍ରଦାନ କରିଛନ୍ତି। ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କୁ ଦଳର ସାଧାରଣ ସମ୍ପାଦକ(ସଙ୍ଗଠନ) ଦାୟିତ୍ୱ ଦିଆଯାଇଛି। ସେହିପରି ସଞ୍ଜୟ ଦାସବର୍ମାଙ୍କୁ ସାଧାରଣ ସମ୍ପାଦକ(ଦଳୀୟ ମୁଖ୍ୟାଳୟ) ଦାୟିତ୍ୱ ପ୍ରଦାନ କରାଯାଇଛି। ବିଜେଡିର ସଭ୍ୟ ସଂଗ୍ରହ ଅଭିଯାନ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଦଳର ସାଙ୍ଗଠନିକ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଏହାର ସୁପରିଚାଳନା ପାଇଁ ଆଳି ବିଧାୟକ ପ୍ରତାପ କେଶରୀ ଦେବଙ୍କୁ ରିଟର୍ଣ୍ଣିଂ ଅଫିସର ଭାବେ ନିଯୁକ୍ତି ଦିଆଯାଇଛି। ୨୦୧୭ ପଞ୍ଚାୟତ ନିର୍ବାଚନରେ ବିଜେଡି ଆଶାନୁରୂପ ପ୍ରଦର୍ଶନ କରି ନ ଥିଲା। ଏହା ପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରାଯିବା ସହ ଯୁବବର୍ଗଙ୍କୁ ସାଙ୍ଗଠନିକ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଏହା ଦଳକୁ ବିଜେପୁର ଉପନିର୍ବାଚନ ଏବଂ ଗତ ସାଧାରଣ ନିର୍ବାଚନରେ ଆଶାତୀତ ସଫଳତା ଦେଇଥିଲା। ତେଣୁ ଆଗକୁ ପୌର ନିର୍ବାଚନ ଥିବାରୁ ଦଳୀୟ ସଙ୍ଗଠନକୁ ଅଧିକ ସୁଦୃଢ କରିବା ପାଇଁ ଏପରି ନିଷ୍ପତ୍ତି ନିଆଯାଇଥିବା କୁହାଯାଉଛି।

# ମା'କୁ ପିଟି ହତ୍ୟା, ପୁଅ ଫେରାର
## ୩୦ଘଣ୍ଟା ପରେ ଖବର ପାଇଲା ପୋଲିସ

**ବଣାଇ/ ଲହୁଣୀପଡ଼ା, ୧୫।୧୧ (ସ୍ୱ.ପ୍ର./ଡ଼ି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ବଣାଇ ଉପଖଣ୍ଡ କେ.ବଲାଙ୍ଗ ଥାନା ଅନ୍ତର୍ଗତ କୁଦାମୂଷା ଗ୍ରାମରେ ଏକ ହତ୍ୟାକାଣ୍ଡ ଘଟିଛି। ପୁଅ ଠେଙ୍ଗା ମାଡରେ ମା'ଙ୍କ ମୃତ୍ୟୁ ହୋଇଛି। ହତ୍ୟାର କାରଣ ଜଣାପଡ଼ିନାହିଁ।

କୁଦାମୂଷା ଗ୍ରାମରେ ସୁରୁମୁଣି ମୁଣ୍ଡା(୫୫), ପୁଅ ରାଉତ (୨୭) ସପରିବାର ରହି ଆସୁଥିଲେ। ଗତ ୧୩ ତାରିଖ ରାତି ୧୦ଟାରେ ସୁରୁମଣି ନିଜ ଝିଅ ସହିତ ଘର ଭିତରେ ଶୀତଦାଉରୁ ରକ୍ଷା ପାଇବା ପାଇଁ ନିଆଁ ଜଳାଇ ବସିଥିଲେ। ଏହି ସମୟରେ ରାଉତ ହଠାତ ସେଠାରେ ପହଞ୍ଚି ମା'ଙ୍କୁ ଏକ ଠେଙ୍ଗାରେ ନିସ୍ତୁକ ପିଟିଥିଲେ। ଏଥିରେ ସୁରୁମଣିଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଏହି ହତ୍ୟାକାଣ୍ଡର ୩୦ ଘଣ୍ଟା ପରେ ଅର୍ଥାତ୍ ଶୁକ୍ରବାର କେ.ବଲାଙ୍ଗ ଥାନାରେ ପରିବାର ଲୋକେ ରିପୋର୍ଟ କରିଥିଲେ। କେ.ବଲାଙ୍ଗ ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଲହୁଣୀପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ହତ୍ୟାକାରୀ ରାଉତ ଘଟଣା ପରେ ଫେରାର୍ ହୋଇଯାଇଥିଲେ। ପୋଲିସ ତାଙ୍କୁ ଗିରଫ କରିବା ପାଇଁ ତନାଘନା ଜାରି ରଖିଛି।

# ଆଇଏଏସ୍ ଅଫିସର ସ୍ତରରେ ଅଦଳବଦଳ

**ଭୁବନେଶ୍ୱର,୧୫।୧୧(ବ୍ୟୁରୋ)**

ଓଡ଼ିଶା ପ୍ରଶାସନରେ କାର୍ଯ୍ୟରତ ଆଇଏଏସ୍ ଅଫିସର ସ୍ତରରେ ଶୁକ୍ରବାର ଛୋଟ ଧରଣର ଅଦଳବଦଳ ହୋଇଛି। ୧୯୯୦ ବ୍ୟାଚ୍‌ର ନୀତେନ୍ ଚନ୍ଦ୍ରଙ୍କୁ ଓଡ଼ିଶା ସବ-ଅର୍ଡିନେଟ୍ ଷ୍ଟାଫ୍ ସିଲେକ୍ସନ କମିଶନ ଅଧ୍ୟକ୍ଷ ଭାବେ ନିଯୁକ୍ତି ମିଳିଛି। ନୀତେନ ବର୍ତ୍ତମାନ ଜିଏ ଆଣ୍ଡ ପିଜି ବିଭାଗର ଓଏସ୍‌ଡି ଭାବେ କାର୍ଯ୍ୟ କରୁଥିଲେ। ସବ୍-ଅର୍ଡିନେଟ୍ ଷ୍ଟାଫ ସିଲେକ୍ସନ କମିଶନ ଅଧ୍ୟକ୍ଷ ପଦ ପ୍ରମୁଖ ଶାସନ ସଚିବ ପାହ୍ୟା ସମତୁଲ୍ୟ ବୋଲି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ସେହିପରି ୨୦୧୪ ବ୍ୟାଚ୍‌ର ଚଞ୍ଚଳ ରଣାଙ୍କୁ ମୟୂରଭଞ୍ଜ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି। ସ୍ୱାଧା ଦେବ ସିଂଙ୍କୁ ରାଉରକେଲାର ଅତିରିକ୍ତ ଜିଲାପାଳ(ଏଡିଏମ୍) ଭାବେ ଦାୟିତ୍ୱ ଦିଆଯାଇଛି। ୨୦୧୬ ବ୍ୟାଚ୍‌ର ଦିବ୍ୟଜ୍ୟୋତି ପରିଡାଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅନୁଶାସନ ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ଏହା ବ୍ୟତୀତ ଦିବ୍ୟଜ୍ୟୋତିଙ୍କୁ ଜାତୀୟ ସ୍ୱାସ୍ଥ୍ୟ ମିଶନ(ଏନ୍‌ଏଚ୍‌ଏମ୍)ର ଓଏସ୍‌ଡି ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ୨୦୧୭ ବ୍ୟାଚ୍‌ର ସୋମେଶ କୁମାର ଉପାଧ୍ୟାୟଙ୍କୁ ଓମ୍‌ଫେଡ୍‌ର ମୁଖ୍ୟ ଜେନେରାଲ ମ୍ୟାନେଜର(ସିଜିଏମ୍) ସହ ହକି ପ୍ରଚାର ପ୍ରସାର ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ(ସିଇଓ)ଭାବେ ଦାୟିତ୍ୱ ଦିଆଯାଇଛି। ପି. ଅନ୍‌ଭେସ୍ ରେଡ୍ଡୀଙ୍କୁ ପୂର୍ବ ଦାୟିତ୍ୱ ସହ ଓଡ଼ିଶା ଖଣିଜ ଉତ୍ତୋଳନ ନିଗମ ଲିଃର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।

# ୪ ବର୍ଷର ଶିଶୁ କନ୍ୟାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

**ଠାକୁରମୁଣ୍ଡା ,୧୫।୧୧(ଡି.ଏନ୍.ଏ.):** ଶିଶୁ ଦିବସରେ ଜଣେ ୪ ବର୍ଷର ଶିଶୁ କନ୍ୟାଙ୍କୁ ବଳାତ୍କାର। ଏଭଳି ଏକ ଲଜ୍ଜାଜନକ ଘଟଣା ଘଟିଛି ମୟୂରଭଞ୍ଜ ଜିଲା କରଞ୍ଜିଆ ଥାନା ଅଞ୍ଚଳରେ। ଏନେଇ ପୋଲିସ ଏକ ମାମଲା (ନଂ.୧୭୩/୧୯) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି । ପୋଲିସ ସୂଚନା ଅନୁଯାୟୀ, ପୀଡିତାଙ୍କ ମା' ଧାନ କାଟିବା ପାଇଁ ବିଲକୁ ଯାଇଥିଲେ। ଘରେ ଶିଶୁକନ୍ୟା ଏକୁଟିଆ ଥିଲେ। ଏହାର ସୁଯୋଗ ନେଇ ଅପରାହ୍ନ ପ୍ରାୟ ୨.୩୦ମି. ସମୟରେ ସେହି ଗ୍ରାମର ପୁରେନ୍ଦ୍ର ମହାନ୍ତ(୪୫) ଶିଶୁ କନ୍ୟାଙ୍କୁ ବଳାତ୍କାର କରିଥିଲେ। ପୀଡିତା କାନ୍ଦିବାରୁ ଅଭିଯୁକ୍ତ ତାଙ୍କୁ ଚକୋଲେଟ ଓ ଆଚାର ଖାଇବାକୁ ଦେଇଥିଲେ। ଧାନ କାଟି ମା' ଘରକୁ ଫେରିବା ପରେ ଶିଶୁକନ୍ୟାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ନ ଥିବା ଦେଖି ଚିକିତ୍ସା ପାଇଁ କରଞ୍ଜିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଜିଲା ବାହାରେ ଚାକିରି କରୁଥିବା ପୀଡ଼ିତାଙ୍କ ବାପା ଖବରପାଇ ଘରକୁ ଆସିବା ପରେ ପୀଡ଼ିତାଙ୍କ ମା' ଗୁରୁବାର ରାତିରେ ଏ ନେଇ କରଞ୍ଜିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ଦାଦନ ସମସ୍ୟାକୁ ରୋକିବ ଲୋକକଳା

**ଭୁବନେଶ୍ୱର, ୧୫।୧୧(ବ୍ୟୁରୋ)**

### ଗାଁ ଗାଁ ବୁଲି ସଚେତନ କରିବେ କଳାକାର

ରାଜ୍ୟରେ ଦିନକୁ ଦିନ ଦାଦନ ସମସ୍ୟା ବଢ଼ିଚାଲିଥିବା ବେଳେ ଏହାକୁ ରୋକିବାକୁ ଲୋକକଳାର ସାହାଯ୍ୟ ନିଆଯିବ। ଲୋକକଳା ପରିବେଷଣ ମାଧ୍ୟମରେ ଲୋକଙ୍କୁ ଦାଦନ ସମସ୍ୟାର ଭୟାବହତା ଏବଂ ନକରାତ୍ମକ ଦିଗ ସମ୍ପର୍କରେ ସଚେତନ କରାଯିବ। ପ୍ରାଥମିକ ପର୍ଯ୍ୟାୟରେ ବଲାଙ୍ଗୀର, ବରଗଡ଼, ନୂଆପଡ଼ା ଓ କଳାହାଣ୍ଡି ଭଳି ୪ଟି ଜିଲାରେ ଏହି କାର୍ଯ୍ୟକ୍ରମ କରାଯିବ। ଜିଲାର ପ୍ରତ୍ୟେକ ଗ୍ରାମରେ ସ୍ଥାନୀୟ ଲୋକକଳା କଳାକାରମାନଙ୍କ ଦ୍ୱାରା ନୃତ୍ୟ, ଗୀତ ଓ ନାଟକ ମାଧ୍ୟମରେ ଦାଦନ ରୋକିବା ଲାଗି ବିଭିନ୍ନ ପ୍ରକାରର ସଚେତନତା କାର୍ଯ୍ୟକ୍ରମ କରାଯିବ। ଏଥିରେ ସମ୍ପୃକ୍ତ ଜିଲାମାନଙ୍କର ବ୍ଲକ୍ କଳା ସଂସ୍କୃତି ସଂଘ(ବିକେଏସ୍‌ଏସ୍) ଏବଂ ଜିଲ୍ଲା କଳା ସଂସ୍କୃତି ସଂଘ(ଜେଡ୍‌କେଏସ୍‌ଏସ୍) ସାମିଲ ହେବେ। ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବାକୁ ଥିବା ଏହି ଯୋଜନାର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିବାକୁ ଶୁକ୍ରବାର ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଏକ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ପଞ୍ଚାୟତିରାଜ, ପାନୀୟଜଳ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ୟୁନିସେଫ୍ ସହାୟତାରେ ଆୟୋଜିତ ଏହି ରାଜ୍ୟସ୍ତରୀୟ ଅଭିମୁଖ୍ୟକରଣ ଓ ତିନିଦିନିଆ ତାଲିମ୍ କର୍ମଶାଳାକୁ ପଞ୍ଚାୟତିରାଜ ଓ ପାନୀୟଜଳ ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ରାଜେଶ ପ୍ରଭାକର ପାଟିଲ ଉଦ୍‌ଘାଟନ କରିଥିଲେ। ଦାଦନ ରୋକିବାକୁ କିଭଳି ଲୋକକଳାକୁ ବ୍ୟବହାର କରାଯିବ ଏବଂ କଳାକାରଙ୍କୁ ନିୟୋଜିତ କରାଯିବ ସେନେଇ ଏଠାରେ ଆଲୋଚନା ହୋଇଥିଲା।

ବିକେଏସ୍‌ଏସ୍ ଏବଂ ଜେଡ୍‌କେଏସ୍‌ଏସ୍‌ର ଉପସଭାପତି, ବିଶିଷ୍ଟ ଓ ବରିଷ୍ଠ ଗୁରୁ, ବଛା ବଛା କଳାକାରମାନଙ୍କୁ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଜନାର ରୂପରେଖ ଓ ତା'ର ସଫଳ ରୂପାୟନ ଲାଗି ସମସ୍ତ ପ୍ରକାରର ତାଲିକା ପ୍ରସ୍ତୁତ କରାଯିବ। କେଉଁ କେଉଁ ସ୍ଥାନରେ, କେଉଁ ଦିନ କ'ଣ କ'ଣ କାର୍ଯ୍ୟକ୍ରମ ହେବ ଏବଂ କେଉଁ ଦଳ ଏହାକୁ ପରିବେଷଣ କରିବେ ତାହାର ସମ୍ପୂର୍ଣ୍ଣ ତାଲିକା କରାଯିବ। ଏହାପରେ ସ୍କ୍ରିପ୍ଟ ଲେଖାଯାଇ ଉକ୍ତ ଦଳମାନଙ୍କୁ ଦିଆଯିବ। ସ୍କ୍ରିପ୍ଟ ଲେଖିବା ସମୟରେ ଶ୍ରମିକମାନଙ୍କ ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ଏବଂ ନିୟମାବଳୀ ସମ୍ପର୍କରେ ଧ୍ୟାନ ଦେବାକୁ କୁହାଯାଇଛି। ସ୍କ୍ରିପ୍ଟ ସହ ଅଭ୍ୟାସ କରିବା ପରେ କଳାକାରମାନେ ଗାଁ ଗାଁ ବୁଲି ଜନସାଧାରଣଙ୍କୁ ସଚେତନ କରିବେ। ଉଦ୍‌ଘାଟନୀ ଉତ୍ସବରେ ପଞ୍ଚାୟତିରାଜ ବିଭାଗ ଅତିରିକ୍ତ ଶାସନ ସଚିବ ମାନସ ରଞ୍ଜନ ଦେବତା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ବିଜୟ କୁମାର ନାୟକ, ଯୁଗ୍ମ ନିର୍ଦ୍ଦେଶକ ସଂଘମିତ୍ରା ଶତପଥୀ, ବିଭାଗୀୟ ରାଜ୍ୟ ପ୍ରକଳ୍ପ ସଂଯୋଜକ ବାସୁଦେବ ମାଳବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ଆରମ୍ଭ ହେଲା '୧୦୪ ହେଲ୍‌ଥ ହେଲ୍ପଲାଇନ୍'


୧୦୪ ହେଲ୍‌ଥ ହେଲ୍ପଲାଇନ୍‌ର ଶୁଭାରମ୍ଭ ପରେ କର୍ମଚାରୀମାନେ କାମରେ ଲାଗିଛନ୍ତି।

■ ଫୋନ୍‌ରେ ମିଳିବ ଡାକ୍ତରଙ୍କ ପରାମର୍ଶ
■ ସରକାରୀ ସ୍ୱାସ୍ଥ୍ୟସେବା, ଡାକ୍ତରଖାନାର ସମସ୍ତ ତଥ୍ୟ
■ ୨୪ ଘଣ୍ଟିଆ ମିଳିବ ସ୍ୱାସ୍ଥ୍ୟ ସମ୍ପର୍କିତ ସୂଚନା

**ଭୁବନେଶ୍ୱର, ୧୫।୧୧(ବ୍ୟୁରୋ)**

ସ୍ୱାସ୍ଥ୍ୟ ସମ୍ପର୍କିତ ସୂଚନା ଏବଂ ପରାମର୍ଶ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ '୧୦୪ ହେଲ୍‌ଥ ହେଲ୍ପଲାଇନ' ସେବା ଶୁଭାରମ୍ଭ କରାଯାଇଛି। ରାଜ୍ୟରେ ପ୍ରଥମଥର ପାଇଁ ଆରମ୍ଭ ହୋଇଥିବା ଏହି ସେବା ମାଧ୍ୟମରେ ହିତାଧିକାରୀମାନେ ଦେୟମୁକ୍ତ ୧୦୪ ନମ୍ବରକୁ ଫୋନ୍ କରି ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଭିନ୍ନ ସୂଚନା ଓ ତଥ୍ୟ ପାଇପାରିବେ। ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଏହି ସେବା ପାଇବାକୁ ଦିନରାତି ଯେକୌଣସି ସମୟରେ ଲୋକେ ଯୋଗାଯୋଗ କରିପାରିବେ। ପ୍ରଜନନ ସ୍ୱାସ୍ଥ୍ୟ, ମାତୃସ୍ୱାସ୍ଥ୍ୟ, ଶିଶୁ ସ୍ୱାସ୍ଥ୍ୟ, କିଶୋରୀ ସ୍ୱାସ୍ଥ୍ୟ ତଥା ଅନ୍ୟ ସମସ୍ତ ରୋଗ ଓ ତାହାର ନିରାକରଣ ସମ୍ବନ୍ଧୀୟ ତଥ୍ୟ ଏହା ମାଧ୍ୟମରେ ପାଇହେବ।

ପ୍ରତ୍ୟେକ ଦିନ ପୂର୍ବାହ୍ନ ୯ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଏମ୍‌ବିବିଏସ୍ ଡାକ୍ତରଙ୍କ ଦ୍ୱାରା ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପରାମର୍ଶ ଏହି ସେବା ମାଧ୍ୟମରେ ଲୋକେ ପାଇପାରିବେ। ଏହାବ୍ୟତୀତ ୨୪ଘଣ୍ଟା ପାଇଁ ଉପଲବ୍ଧ ହେଉଥିବା ସେବା ମଧ୍ୟରେ ନିକଟତମ ଯେକୌଣସି ସରକାରୀ ଡାକ୍ତରଖାନା, ରକ୍ତଭଣ୍ଡାର, ଔଷଧାଳୟ, ସ୍ୱତନ୍ତ୍ର ନିଦାନ ବ୍ୟବସ୍ଥା ଏବଂ ସହାୟ ଡାଏଲିସିସ୍ ବ୍ୟବସ୍ଥା ସମ୍ବଳିତ ତଥ୍ୟ ମଧ୍ୟ ମିଳିପାରିବ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସମ୍ବନ୍ଧରେ ସୂଚନା ଏବଂ ଏହା ଅନ୍ତର୍ଭୁକ୍ତ ସମସ୍ତ ପଞ୍ଜୀକୃତ ଡାକ୍ତରଖାନା ଓ ସେଠାରେ ମିଳୁଥିବା ସେବା ସମ୍ବନ୍ଧୀୟ ସମସ୍ତ ସୂଚନା ଜନସାଧାରଣ ଏଠାରୁ ପାଇପାରିବେ। ମାନସିକ ସ୍ୱାସ୍ଥ୍ୟ, କିଶୋରୀ ସ୍ୱାସ୍ଥ୍ୟ, ଆତ୍ମହତ୍ୟା ନିବାରଣ, ପରିବାର ନିୟୋଜନ, ଏଚ୍‌ଆଇଭି ଏଡ୍‌ସ, ଖାଦ୍ୟ ଏବଂ ପୋଷଣ, ଆଶୁ ଚିକିତ୍ସା, ଶିଶୁ ଓ ମାତୃ ସ୍ୱାସ୍ଥ୍ୟସେବା ଜନିତ ତଥ୍ୟ ମଧ୍ୟ ମିଳିବ। ଗୁରୁତର ଅବସ୍ଥାରେ ଥିବା ଗର୍ଭବତୀ ମା'ଙ୍କ ପାଇଁ ସ୍ୱତନ୍ତ୍ର ଫୋନ୍-କଲ୍ ବ୍ୟବସ୍ଥା ରହିବ। ଏହି ହେଲ୍ପଲାଇନ୍ ନମ୍ବରରେ ଯୋଗାଯୋଗ କରି ଲୋକମାନେ ସିଧାସଳଖ ଡାକ୍ତରଙ୍କ ପରାମର୍ଶ ପାଇପାରିବେ ଏବଂ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ତ ସୂଚନା ପାଇପାରିବେ ବୋଲି ୧୦୪ ସ୍ୱାସ୍ଥ୍ୟସେବା ପରିଚାଳନା କରୁଥିବା ଜିକିତ୍ସା ହେଲ୍‌ଥକେୟାର ଲିମିଟେଡ ଓଡ଼ିଶା ମୁଖ୍ୟ ସବ୍ୟସାଚୀ ବିଶ୍ୱାଳ କହିଛନ୍ତି। ଗରିବ ତଥା ଉପାନ୍ତ ଓ ଅପହଞ୍ଚ ଅଞ୍ଚଳବାସୀଙ୍କୁ ଉଚିତ ସ୍ୱାସ୍ଥ୍ୟସେବା ସଂପର୍କରେ ଅବଗତ କରାଇବା ପାଇଁ ଏହା ସାହାଯ୍ୟ କରିବ ବୋଲି ସେ କହିଛନ୍ତି।

# ସ୍ତ୍ରୀଙ୍କୁ ଛୁରିଭୁସି ହତ୍ୟା: ସ୍ୱାମୀ ଗିରଫ

**ବଣାଇ,୧୫।୧୧(ସ୍ୱ.ପ୍ର.)**

ସୁନ୍ଦରଗଡ଼ ଜିଲା ବଣାଇ ଥାନା ଅନ୍ତର୍ଗତ ଧାତିକିପୋଷ ଗ୍ରାମରେ ଶୁକ୍ରବାର ସକାଳେ ପାରିବାରିକ କଳହକୁ କେନ୍ଦ୍ରକରି ହତ୍ୟାକାଣ୍ଡ ଘଟିଛି। ସ୍ତ୍ରୀଙ୍କୁ ଛୁରିଭୁସି ସ୍ୱାମୀ ହତ୍ୟା କରିଛନ୍ତି। ପୋଲିସ ଅଭିଯୁକ୍ତ ସ୍ୱାମୀ ଗୋବିନ୍ଦ କିଷାନ(୬୩)ଙ୍କୁ ଗିରଫ କରିଛି। ଶନିବାର ତାଙ୍କୁ କୋର୍ଟ ଚାଲାଣ କରାଯିବ।

ଧାତିକିପୋଷ ଗ୍ରାମରେ ଗୋବିନ୍ଦ କିଷାନ ତାଙ୍କ ସ୍ତ୍ରୀ ରାଇବାରୀ(୬୦) ରହୁଥିଲେ । ଅଧିକାଂଶ ସମୟରେ ଉଭୟଙ୍କ ମଧ୍ୟରେ ଝଗଡା ଲାଗୁଥିଲା। ଶୁକ୍ରବାର ସକାଳେ ଏହି ପାରିବାରିକ କଳି ଉଗ୍ରରୂପ ଧାରଣ କରିଥିଲା। ଗୋବିନ୍ଦ ହଠାତ୍ ଉତ୍ତେଜିତ ହୋଇ ଘରୁ ଏକ ଧାରୁଆ ଛୁରି ଆଣି ରାଇବାରୀଙ୍କ ଛାତିରେ ଭୁସି ଦେଇଥିଲେ। ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଥିଲା। ପରିବାର ଲୋକେ ଏ ନେଇ ବଣାଇ ଥାନାରେ ଅଭିଯୋଗ କରିଛନ୍ତି । ଥାନା ଅଧିକାରୀ ରବୀନ୍ଦ୍ର ପାତ୍ର ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ବଣାଇ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ଗୋବିନ୍ଦ ଫେରାର ହୋଇଯାଉଥିବାବେଳେ ବଣାଇ ପୋଲିସ ତାଙ୍କୁ ଗିରଫ କରିଛି। ସେ ବ୍ୟବହାର କରିଥିବା ଛୁରି ଜବତ କରାଯାଇଛି।



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:.................................
ଜନ୍ମ ତାରିଖ: .............................


ଆୟାନ୍
ପରିବାରବର୍ଗ


ଓମ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ସିୱେଜ କମ୍ପାନୀ ଜିଏମ୍ ମହେନ୍ଦ୍ର ସ୍ୱାଇଁ ହତ୍ୟା ମାମଲା | କୁଜଙ୍ଗ କୋର୍ଟରୁ ଜାମିନ ପାଇଲେ ମହିମା

ଜଗତ୍‌ସିଂହପୁର ଅଫିସ,୧୫।୧୧: ବହୁଚର୍ଚ୍ଚିତ ସିୱେଜ କମ୍ପାନୀ ଜିଏମ୍ ମହେନ୍ଦ୍ର ସ୍ୱାଇଁ ହତ୍ୟା ମାମଲାରେ ପୋଲିସ ଓଡ଼ିଶା ଷ୍ଟିଭେଡର୍ସ ଲିମିଟେଡ୍ (ଓଏସ୍‌ଏଲ୍)ର ପରିଚାଳନା ନିର୍ଦ୍ଦେଶକ ମହିମାନନ୍ଦ ଓରଫ ମହିମା ମିଶ୍ରଙ୍କୁ ଗିରଫ କରିଥିଲା। ଗିରଫର ପାଖାପାଖି ୩ ବର୍ଷ ପରେ ଅର୍ଥାତ୍ ଗତ ୧୪ ତାରିଖରେ ତାଙ୍କୁ ହାଇକୋର୍ଟରୁ ଜାମିନ ମିଳିଛି। ହାଇକୋର୍ଟ ବିଚାରପତି ଦେବବ୍ରତ ଦାଶଙ୍କ ନିର୍ଦ୍ଦେଶ ମୁତାବକ କୁଜଙ୍ଗ ଅତିରିକ୍ତ ଜିଲା ଓ ଦୌରାଜଜ୍ (ଏଡିଜେ) ପ୍ରଣବ ରାଉତରାୟ ତାଙ୍କୁ ଶୁକ୍ରବାର ସର୍ତ୍ତ ମୁତାବକ ଅର୍ଥାତ୍ ବଣ୍ଡ ଓ ଜାମିନଦାର ବଳରେ ଜାମିନ ଦେଇଛନ୍ତି। ମହିମାଙ୍କୁ ୨ ଲକ୍ଷ ଟଙ୍କାର ବଣ୍ଡ ଓ ୨ ଜଣ ଜାମିନଦାର (ପ୍ରତ୍ୟେକ ୨ ଲକ୍ଷ ଟଙ୍କାର ବଣ୍ଡ) ବଦଳରେ ଜାମିନ ମିଳିଛି। ହାଇକୋର୍ଟ ସର୍ତ୍ତ ମୁତାବକ ସେ କୌଣସି ପ୍ରକାର ଆପରାଧିକ କାର୍ଯ୍ୟରେ ସମ୍ପୃକ୍ତ ରହିପାରିବେ ନାହିଁ। କୌଣସି ସାକ୍ଷୀଙ୍କ ସହ ଯୋଗାଯୋଗ ପାଇଁ ଚେଷ୍ଟା କରିବେ ନାହିଁ କି ସେମାନଙ୍କୁ ଧମକଚମକ ଦେବେ ନାହିଁ। ବିଶେଷକରି କାହାରିକୁ ପ୍ରଭାବିତ କରିବା ପାଇଁ ଚେଷ୍ଟା କରିବେ ନାହିଁ। ପୂର୍ବରୁ ପାସପୋର୍ଟ ସରେଣ୍ଡର କରି ନ ଥିଲେ ତଳ କୋର୍ଟରେ ଏହା ଦାଖଲ କରିବେ। ପ୍ରତି ଦିନ ଥାନାରେ ହାଜର ହେବେ। ଏସବୁ ସର୍ତ୍ତ ଖିଲାପ କଲେ ଜାମିନ ରଦ୍ଦ କରି ଦିଆଯିବ। ସର୍ତ୍ତ ମୁତାବକ ଏଡିଜେ ତାଙ୍କୁ ଜାମିନ ଦେଇଛନ୍ତି। ପ୍ରକାଶଯୋଗ୍ୟ, ୨୦୧୬ ଅକ୍ଟୋବର ୨୬ ତାରିଖରେ ସ୍ୱାଇଁଙ୍କୁ ପାରାଦୀପରେ ନିଷ୍ଠୁର ଭାବରେ ହତ୍ୟା କରାଯାଇଥିଲା। ସ୍ୱାଇଁଙ୍କ ଭାଇ ରାଜକିଶୋରଙ୍କ ଅଭିଯୋଗକ୍ରମେ ପାରାଦୀପ ପୋଲିସ ମାମଲା ରୁଜୁ କରିଥିଲା।

## ପ୍ରଥମ ପୃଷ୍ଠାରୁ...

### ମହିଳାଙ୍କୁ...

ପ୍ରାଥମିକ ତଦନ୍ତ ପରେ କହିଛି । ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ସତ୍ୟାସତ ସମାନାକୁ ଆସିବ ବୋଲି ପୋଲିସ କହିଛି। ପ୍ରାୟ ୩/୪ ଦିନ ହେବ ତାଙ୍କୁ ହତ୍ୟା କରାଯାଇଥିବା ସାଇଣ୍ଟିଫିକ୍ ଟିମ ଓ ପୋଲିସ ସନ୍ଦେହ କରୁଛି । ମହିଳାଙ୍କ ସ୍ୱାମୀ ୪ ବର୍ଷର ଶିଶୁପୁତ୍ରକୁ ନେଇ ଫେରାର ହୋଇ ଯାଇଛନ୍ତି। ତେଣୁ ହତ୍ୟାକାଣ୍ଡରେ ସ୍ୱାମୀଙ୍କ ସଂପୃକ୍ତି ରହିଥିବା ଦର୍ଶାଇ ପୋଲିସ ତଦନ୍ତ ଚଳାଇଛି । ଏ ନେଇ ଥାନାରେ ଏକ ମାମଲା(ନଂ.୪୭୯/୧୯) ରୁଜୁ ହୋଇଛି ।

ଅନ୍ୟପଟେ ଘର ଭଡା ଦେଇଥିବା ବାହାଲପଡାର ବୃଦ୍ଧା ପଦ୍ମା ନାୟକ ଉକ୍ତ ଦମ୍ପତିଙ୍କୁ ଜାଣି ନ ଥିବା କହିଛନ୍ତି । ସେମାନେ ଗରିବ ପରିବାରର। ରହିବା ପାଇଁ ଘର ଖଣ୍ଡେ ନାହିଁ। ତେଣୁ ଛୋଟ ପିଲାକୁ ନେଇ ଗଛ ତଳେ ଶୋଇବାକୁ ପଡୁଛି ବୋଲି କହିବାରୁ ତାଙ୍କୁ ୧୨ ଶହ ଟଙ୍କା ଭଡାରେ ଘରଟି ଦେଇଥିଲେ ବୋଲି ପଦ୍ମା କହିଛନ୍ତି । ସ୍ଥାନୀୟ ଲୋକଙ୍କ କହିବାନୁସାରେ ପ୍ରାୟ ୨୦ ଦିନ ହେବ ଏହି ଦମ୍ପତି ସେଠାରେ ଭଡାରେ ରହୁଥିଲେ। ଅଧିକାଂଶ ସମୟରେ ଉଭୟଙ୍କ ମଧରେ କଳି ଲାଗୁ ଥିଲା। ହେଲେ ୩ ଦିନ ହେଲା ଘର ବାହାରେ ତାଲା ପଡିଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି । ଗୁରୁବାର ସନ୍ଧ୍ୟାରେ ଉକ୍ତ ଘରୁ ଦୁର୍ଗନ୍ଧ ବାହାରିଥିଲା । ସ୍ଥାନୀୟ ଲୋକେ ଏ ନେଇ ପୋଲିସକୁ ଖବର ଦେଇଥିଲେ । ଟାଉନ ଥାନା ଅଧିକାରୀ ରମେଶ ଚନ୍ଦ୍ର ଦୋରା ପୋଲିସ ଟିମ୍ ସହ ପହଞ୍ଚି ଥିଲେ । ହେଲେ ବାହାରୁ ତାଲା ପଡିଥିବା ଓ ମାଜିଷ୍ଟ୍ରେଟ ଅନୁପସ୍ଥିତ ଥିବାରୁ ଘର ଖୋଲା ଯାଇ ପାରି ନ ଥିଲା।


ପୋଲିସ ବନ୍ଦ ଥିବା ଘରକୁ ଯାଞ୍ଚ କରୁଛି ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଅର୍ଥଲାଭ ସାଙ୍ଗକୁ କର୍ମକ୍ଷେତ୍ରରେ ଉଚ୍ଚ ପଦାଧିକାରୀ ସହଯୋଗ କରିବାର ପ୍ରତିଶ୍ରୁତି ଦେବେ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ଶିଥିଳତା ପରିଲକ୍ଷିତ ହେଲେ ମଧ୍ୟ ଲାଭ କିଛି ଊଣା ହେବନି। ପରିବାରରେ ଅଶାନ୍ତି ଦୂରହେବା ପାଇଁ ବନ୍ଧୁଙ୍କ ସାହାଯ୍ୟ ନେଇପାରନ୍ତି। ସୁଖ ସମ୍ମାନ ପାଇଲେ ସୁଦ୍ଧା ଏକାକୀତ୍ୱ ଅନୁଭବ କରି ଦୁଃଖିତ ହେବେ।

**ବୃଷ** ଆର୍ଥିକ ଦୁଃସ୍ଥିତି ଦୁଶ୍ଚିନ୍ତାର କାରଣ ହେବ, ଅବଶ୍ୟ କେତେକ କ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇ ପ୍ରଶଂସିତ ହେବେ। ଶିଳ୍ପ,ବାଣିଜ୍ୟ ଓ ଏଜେନ୍ସିପରୁ ଖୁସି ରହିବେ। ଅଫିସରେ ଟେନ୍‌ସନ କମିଯିବ, ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ। ପିଲାମାନଙ୍କ କାର୍ଯ୍ୟକଳାପ ନାପସନ୍ଦ କରିପାରନ୍ତି।

**ମିଥୁନ** ଦୁର୍ଭାବନା ବଢ଼ି ଚାଲିବା କାରଣରୁ ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରିପାରିବେନାହିଁ। ଆକସ୍ମିକ ଭାବରେ ମୂଲ୍ୟବାନ୍ ଦ୍ରବ୍ୟ ପାଇପାରନ୍ତି। ସାମାନ୍ୟ ସ୍ୱାସ୍ଥ୍ୟହାନି ଜନିତ ସମସ୍ୟା ଲାଗିରହିବ। ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟନେବାକୁ ବାଧହେବେ। ଇଚ୍ଛା ଅନୁଯାୟୀ ସ୍ୱାଧୀନ ଭାବରେ କାର୍ଯ୍ୟ କରିବାରେ ସୁଯୋଗ ପାଇବେ।

**କର୍କଟ** ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ବନ୍ଧୁମାନଙ୍କ ସହାନୁଭୂତି ଲାଭ କରିବା ସହ ସ୍ୱାସ୍ଥ୍ୟରେ ବିଶେଷ ଉନ୍ନତି ଘଟିବ। ଦେବଦର୍ଶନ ସାଙ୍ଗକୁ ଦୂରଯାତ୍ରାର ସୁଯୋଗ ପାଇପାରନ୍ତି। ସାଧାରଣ କଥାରେ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି। ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବା ସହ ଲୋକସମ୍ପର୍କ ବୃଦ୍ଧି ପାଇବ।

**ସିଂହ** ସାଧାରଣ କଥାକୁ କେନ୍ଦ୍ରକରି ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ। ପଡ଼ୋଶୀଙ୍କ ସହ ଆଲୋଚନା ବେଳେ କିଛି ସମସ୍ୟା ଦେଖାଦେବ। ଅନିଦ୍ରା ଜନିତ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବେ। ବନ୍ଧୁଙ୍କ ସହ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ।

**କନ୍ୟା** ଦେହ ଭଲ ରହିଲେ ମଧ୍ୟ ସାମୟିକ ରୋଗରେ କଷ୍ଟ ପାଇବେ। କଥା ଦେଇଥିବା ବନ୍ଧୁ ପରକ୍ଷଣରେ ଓଲଟା କଥା କହିପାରନ୍ତି। ଅଫିସରେ ସହକର୍ମୀମାନେ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେବେ। ଅର୍ଥ ସମସ୍ୟା ଯୋଗୁ ମନ ଭଲ ରହିବ ନାହିଁ। ଆତ୍ମୀୟସ୍ୱଜନଙ୍କ ପାଇଁ ଚିନ୍ତା ବଢ଼ିପାରେ। ଆଇନ ଅଦାଲତରୁ ସୁଫଳ ପାଇବେ।

**ତୁଳା** ଆଜି ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହେବେ। କଳା, ସାହିତ୍ୟ ଓ ଚଳଚ୍ଚିତ୍ର କ୍ଷେତ୍ରରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ଆର୍ଥିକ ଅନଟନ, ପାରିବାରିକ ଅସନ୍ତୋଷ,କାର୍ଯ୍ୟହାନି, ବାକି ରହିଥିବା ଟଙ୍କା ପରିଶୋଧ ସକାଶେ ମନ ଅସ୍ଥିର ରହିବ। ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିଯାଇପାରେ।

**ବିଛା** ସବୁ କଥାରେ ଭାବିଚିନ୍ତି କାମ କରିବା ଭଲ ହେବ, ଅନ୍ୟଥା କେତେବେଳେ କେଉଁ ପ୍ରକାର ସମସ୍ୟା ଆସିଯାଇପାରେ। ଅସାମାଜିକ ବ୍ୟକ୍ତିଙ୍କ ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ଧାରସୂତ୍ରରେ ଅର୍ଥ ଆଣିବେ। ବ୍ୟବସାୟ, ପରିବହନ, ଆଇନ ଅଦାଲତ ଓ ପ୍ରଶାସନିକ ସ୍ତରରେ ସନ୍ତୋଷଜନକ ଫଳପାଇବେ।

**ଧନୁ** କୌଣସି କଥା ନ ବୁଝି ପ୍ରତ୍ୟେକ କଥାରେ ହଁ ଭରିବା ସମସ୍ୟାର କାରଣ ହୋଇପାରେ। କର୍ମକ୍ଷେତ୍ରରେ ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧହେବେ। ଆକସ୍ମିକ ଭାବେ ଘରକୁ ବନ୍ଧୁ କେହି ଆସିପାରନ୍ତି। ବନ୍ଧୁଙ୍କ ସହ ଆଲୋଚନା ସମୟରେ ଯୁକ୍ତି ଲାଗିପାରେ। ବ୍ୟବସାୟିକ ପରିସ୍ଥିତି ପ୍ରାୟତଃ ଏକ ପ୍ରକାର ରହିବ।

**ମକର** ଘରେ ହେଉ କିମ୍ବା ବାହାରେ ଆଜି ସାଧାରଣ କଥାରେ କଳହର ସମ୍ଭାବନା ରହିଛି। ଯେକୌଣସି ପ୍ରକାରେ ହେଉ ନା କାହିଁକି ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ପରିବହନ, ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ ମାନ୍ଦା ହେବ ନାହିଁ। ପିଲାଙ୍କ ବିଶୃଙ୍ଖଳିତ ଆଚରଣ କିମ୍ବା ସ୍ତ୍ରୀଙ୍କ ଚିଡ଼ା ସ୍ୱଭାବ ପାଇଁ କ୍ଷୁବ୍ଧ ହୋଇପାରନ୍ତି।

**କୁମ୍ଭ** କିଛି ଚିନ୍ତା କରନ୍ତୁ ନାହିଁ, ନିକଟ ଭବିଷ୍ୟତରେ ଆପଣଙ୍କ ଆଶା ଓ ଅଭିଳାଷ ଅବଶ୍ୟ ପୂରଣ ହୋଇଯିବ। ମନର ବଳ ଖୁବ୍ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହି କର୍ମକ୍ଷେତ୍ରରେ ଅଶାନ୍ତି ସୃଷ୍ଟି କରିପାରନ୍ତି। ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ଅର୍ଥ ସମସ୍ୟା ପ୍ରଗତିର ପଥରୋଧ କରିବା ଭଳି ପରିସ୍ଥିତି ସୃଷ୍ଟି କରିବ।

**ମୀନ** କୌଣସି ଅସୁବିଧା ନ ଥିଲେ ମଧ୍ୟ କେତେକ ଅପୂରଣୀୟ ଆଶା ମନକୁ ବ୍ୟତିବ୍ୟସ୍ତ କରିପାରେ। ଆନୁଷ୍ଠାନିକ କାମରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଦାମ୍ପତ୍ୟ ଜୀବନରେ ବୁଝାମଣା ଠିକ୍ ରହିବ। ନିର୍ମାଣାଧୀନ କାମ ଶେଷ ପର୍ଯ୍ୟାୟକୁ ନେବାରେ ସମର୍ଥ ହେବେ। ଆର୍ଥିକ ଅନଟନ ଥିଲେ ମଧ୍ୟ ଧାରକରଜ କରି କାମ ଚଳାଇନେବାକୁ ବାଧ ହେବେ।

ଆଜି ମାର୍ଗଶିରର କୃଷ୍ଣ ଚତୁର୍ଥୀ ଶନିବାର, ମାସାନ୍ତ, ନଭେମ୍ବର ୧୬ ତାରିଖ, ଜାତୀୟ ପ୍ରେସ୍ ଦିବସ, ରାଶି ନକ୍ଷତ୍ର-ଆରଦ୍ରା/ମିଥୁନ, କନ୍ୟାରାଶିର ଘାତଚନ୍ଦ୍ର, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ୭।୨୭ମି. ଗତେ ଘ୯।୪୦ମି. ମଧ୍ୟେ ଅମୃତବେଳା ଓ ଦିବା ଘ୧।୦୩ମି. ଗତେ ଘ୨।୨୭ମି. ମଧ୍ୟେ ମାହେନ୍ଦ୍ରବେଳା। ଘ୮।୩୦ଗତେ ଘ୧୦।୦୮ମି. ମଧ୍ୟେ ରାହୁକାଳ।

# classifieds Everyday 0674-2580101, 2549302

## automobile

### SALE

Toyota Fortuner, WagonR-2015 (Dec), Lancer, Elentra for sale. 7381091234, 9861194627. D-68418

### HIRE

JCB Machine Excavators 38T, 21T, 10T, 8T, Excavator & Loader- 2DX, 3DX, JCB Compactor, JCB Load all available for hire/sale. Contact immediately: 9556240228, 9937292015. Email- enquiry@kttorissa.com D-15185

## real estate

### SALE

**Gharabari boundary plot Infocity-2 near 200ft. road side. Direct owner- 8144391451.** D-68403

ଭୁବନେଶ୍ୱର ହଂସପାଳ ଅଟଳା ପାଖରେ ଘରବାରି ପ୍ଲଟ 300/- ଏବଂ 600/-ରେ ମିଳୁଛି- 7853930213. D-68605

**Gharabari yellowzone East facing possession plot under BDA and BMC 500mtrs from NH-5 Bigbazar Hanspal- 9040059669.** D-68604

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ 1200sqft. 2,16,000/-, ଅରଗୁଳ IIT ରେଲୱେଷ୍ଟେସନ ପାଖରେ 1200କୁ 2,00,000/- plot (outright/ installment) 8144706560, 9348817649. D-68416

**Bhubaneswar Kesura SBI, କଲୋନୀକୁ ଲାଗି ଘରବାରି ପାଚେରୀସହ ଏବଂ Airport ଠାରୁ 5k.m. ସୁନ୍ଦରପଦାରେ plot ବିକ୍ରିହେବ। 9040008777.** D-68428

ଭୁବନେଶ୍ୱର New Railwaystation 30ft Road ଥାଇ sqft. 480/-, Ragistration, Conversion, Mutation free. 6371406921, 9439690111. D-68505

Ready to move 2BHK/ 4BHK flat near Hotel Mayfair, Jaydev Vihar, Price Rs.5800/- per sqft. & triplex and duplex at Rangabazar near BJEM English Medium School-II. Price start Rs.47 lakhs. Contact: 9040046767, 9040007267. D-68166

**NH-16 ପିତାପଲ୍ଲୀ ଛକରେ ସ୍ଥିତିବାନ ପ୍ଲଟ୍ ପୋଜେସନ୍ ଥାଇ 399/ରେ ମିଳୁଛି। 7873894075.** D-68415

**ଭୁବନେଶ୍ୱର ବାଲିଅନ୍ତାରେ Ready to move Duplex, Tamandoରେ yellowzone plot କିଣନ୍ତୁ। 9348767829.** D-68427

**30' revenue ରାସ୍ତାଥାଇ 3200sqft. ଘରବାରି, BDA yellowzone boundary plot AIIMS Hospital ପାଖରେ ବିକ୍ରିହେବ। 6370292040.** D-68424

B.J.E.M-2, ରଙ୍ଗବଜାର ପାଖରେ 4ଟି duplex ବିକ୍ରିହେବ। Contact: 9778928492. D-68307

ସତ୍ୟନଗରରେ 19000 sqft., yellowzone, ଘରବାରି plot ବିକ୍ରିହେବ। Contact: 9937910363. D-68308

**Do you want a land in Bhubaneswar, Sundarpada near Xavier University at Lowprice? Litigation free land, first possession then registration. 8847851850.** D-68413

**ଭୁବନେଶ୍ୱର ନୁଆଗାଁରେ Yellowzone ଘରବାରି ପ୍ଲଟ୍ 1200sqft. @2300/- ବିକ୍ରିହେବ- 9861082584.** D-68417

**Gharabari 5ft boundarywall complete plot sale Chhatabar bypass roadside 3k.m. from 2nd infosys 6000sqft. 36,00,000/- (3side simplex) 9861281504.** D-68423

ସ୍ଥିତିବାନ ବାସପୋଯୋଗୀ ଜମି 60ft ପିଚୁରାସ୍ତାକୁ ଲାଗି ବିକ୍ରିହେବ। 9937816565, 9937568585. D-68171

3BHK duplex for sale at Gothapatana, Bhubaneswar, 2.5km from SUM Hospital 9861444497, 8917665342. D-68510

**Flats for sale at DHPL Crystal Raghunathpur. Contact: 9937059891, 8908292617.** D-15139

"Plot near Gita College 2400sqft. new 100' to Infosys Road". Contact: 8072428923. D-15089

**Gated community plot sale in Uttara Sqft.650/-, 2/3BHK flat available Hanspal, GGP Colony, Patia, Khandagiri. 8763886496, 8763887357.** D-68422

To sell Running Bakery at Pahala (Bhubaneswar) with good turnover. Contact: 9178778888. D-63220

**2/3BHK ready to move premium duplex and flats at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-15140

(Schedule Caste) 19 ଗୁଣ୍ଠ ଜମି ଭିଙ୍ଗାରପୁର ହଂସପାଳଠାରେ ବିକ୍ରିହେବ। 9937816565, 9937568585. D-68170

**Plot sale near AIIMS Hospital, Bhubaneswar yellow zone 30' Road- 8280037688.** D-68425

**100ft. Revenue ପିଚୁରାସ୍ତାକୁ ଲାଗି ଘରବାରି, ବାଉଣ୍ଡାରୀ Commercial/ Residential ପ୍ଲଟ୍ 14,40,000/- ଧଉଳି ଶାନ୍ତିସ୍ତୁପ ପାଖରେ ମିଳୁଛି। 9437033320.** D-68426

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। possession, registration immediately. Contact: 9178660666. D-68177

**33000 sqft. IDCO corner plot sale at Mancheswar, Bhubaneswar. Only directly buyer contact Deepak- 9937329999.** D-68027

4/5BHK duplex with gated community at Balianta (land-1400 & construction-2200 @ 60,00,000.00/ 2600 @ 70,00,000.00) Mplanets: 9938219397/ 9861022055. D-15248

BDA yellowzone plot for sale @ Patrapada location 9776341255/ 7064229141. D-15249

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

**Gharabari plot at Balianta, Bhingarpur and Bagalpur. Immediate possession & registration. Contact: 9437147826.** D-15246

Gharabari plot sale Sundarpada near Kuha sqft. 850/-, 950/-. 9861964818, 9337766961. D-15206

**3BHK Duplex in Trinatha Bazar 32lakhs. Plot for sale at Atala sqft.300-650. 1BHK Simplex in Bhingarpur 10lakhs corehouse. 7978202587.** D-15231

Versa hermitage- 1BHK, studio flats available for sales at the holy land of Puri (Hurry, few flats left) 9861930740, 9437030740. D-68180

**Quite pristine beauty take 1BHK, 2BHK deposit 2lac with all amenities the gateway to Puri. 8594915594.** D-15250

## construction

**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech – 9040008777.** D-15252

## to-let

Ground floor 1BHK for family at Chintamaniswar area, Bhubaneswar. 9439124087. D-67508

2BHK accommodation available at Sibanagar, Tankapani Road, Bhubaneswar. Small family preferred. Contact: 8249305801. D-67104

1500sqft. Office space available at Goutam Nagar, Bhubaneswar. 9337117523. D-67507

One BHK bachelor accomodation for rent Satabdi Nagar, Bhubaneswar. Contact: 9438658196. D-68178

3store building for rent cum sale 1/2/3BHK available for family, bachelor Dhauli, Bhubaneswar. 9337730923. D-15091

## healthcare

Rejuvenate and ayurvedic full body massage by smart therapist. 9114402304. D-68145

Ayurvedic full body massage ladies/ gents smart experts therapist: 8480939300. D-66994

Ayurvedic full body massage ladies & gents smart therapist, 9040900385. D-68701

Full body herbal massage with refreshment expert therapist. 7381239385, 06742540855. D-68172

Experience full body massage with us (expert). Call: 7377048581, 06742597822. D-68173

Herbal full body massage by smart / expert therapist. Contact: 8338067247. D-68174

Summer special mesmerizing offer expert therapeutic refreshing massage appointment. 9668374480. D-68175

Ayurvedic full body massage ladies & gents smart therapist, 9668814589. D-68702

Kajal Ayurvedic massage club fully relaxed by smart lady, home service available- 9937627219. D-67000

Newly open full body massage by ladies, gents therapist. 8018656899 D-60850

Ayurvedic full body massage by ladies, gents therapist. 7008773793 D-60851

Escort service Bhubaneswar, SPA new open Ayurvedic full body massage, refresh by export Ladies/ Gents therapist home service also available, Contact: 8018467469. D-63061

Refresh your mind and soul with best therapy at Orchid Salon/Spa. 9937287222. D-68703

## AFFIDAVIT

I, Abhisek Khaitan residing at Magurgadia, PO- Keonjhargarh, Dist- Keonjhar, Odisha 758001 have some documents where my name is wrongly mentioned as Abhishek Khaitan but my correct and actual name is Abhisek Khaitan for all purposes. D-15251

### ଚତୁର୍ଥ ଜନ୍ମବାର୍ଷିକୀ ଶୁଭେଚ୍ଛା



**ଆୟାନ ପ୍ରଧାନ**
ଗ୍ରାମ: ଲୁଡୁରପଙ୍କ, ଜିଲ୍ଲା: ସୋନପୁର
ମହାପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ ଓ ତୋର ଚଲାପଥ କୁସୁମିତ କରନ୍ତୁ।
**ଶୁଭେଚ୍ଛା ସହ**
ପିତା: ସୁଶୀଲ ପ୍ରଧାନ, ମାତା: ଅର୍ଚ୍ଚିତା ପ୍ରଧାନ, ରାଖି, ବନ୍ଧନ, ସୋନାଲି, ଶକ୍ତି, ବଡ଼ବାପା, ବଡ଼ମାଁ, ଅଜା, ଆଈ, ମାମୁ, ମାଈଁ।
ଧ-୧୫୨୫୪

### 8th Birthday Wish



**Chandra Sekhar Behera (OMM)**
**Bainchua, Gandhi Chhak**
ମହାପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ ଓ ତୋର ଚଲାପଥ କୁସୁମିତ କରନ୍ତୁ।
**ଶୁଭେଚ୍ଛା ସହ**
ବାବା, ମାମା, ଜେଜେମା', ଅଜା, ଆଈ, ମାମୁ, ଦାଦୁ, କାକି, ସୋମ୍, ସିଲୁ ମାମୁ, ଅପା, ପିଉସା, ରଶ୍ମିଆଣ୍ଟି, ଅଙ୍କଲ, ଇଲାଆଣ୍ଟି, ଅଙ୍କଲ, ଶ୍ରୀ ଅନି ମାଡାମ୍, ବନ୍ଧୁ ଓ ପରିବାରବର୍ଗ।
ଧ-୧୫୨୫୩

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: **www.dharitri.com**

## ସଂକ୍ଷେପରେ

### ଆଶୀର୍ବାଦଙ୍କ ଜାମିନ ଆବେଦନ ଶୁଣାଣି ହାଇକୋର୍ଟରେ ଅତିରିକ୍ତ ସତ୍ୟପାଠ ଦାଖଲ

**କଟକ ଅଫିସ, ୧୫ା୧୧:** ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)ର ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରାଙ୍କ ଜାମିନ ଆବେଦନର ଶୁଣାଣି ଶୁକ୍ରବାର ହାଇକୋର୍ଟରେ ହୋଇଥିଲା। ଏହି ଶୁଣାଣିରେ ଆଶୀର୍ବାଦଙ୍କ ଓକିଲ ପ୍ରଭୁପ୍ରସନ୍ନ ବେହେରାଙ୍କ ତରଫରୁ ଅତିରିକ୍ତ ସତ୍ୟାପାଠ ଦାଖଲ କରାଯାଇଛି। ଏହି ସତ୍ୟପାଠରେ ଦର୍ଶାଯାଇଛି, ୨୦୧୪ରୁ ୨୦୧୮ ପର୍ଯ୍ୟନ୍ତ ସିବିଆଇ ଓସିଏ ଏବଂ ଆଶୀର୍ବାଦଙ୍କୁ ୧୪ଥର ନୋଟିସ ଜାରି କରିଛି। ପ୍ରତ୍ୟେକ ଥର ଆଶୀର୍ବାଦ ସିବିଆଇ କାର୍ଯ୍ୟାଳୟରେ ହାଜର ହୋଇଛନ୍ତି। ତଦନ୍ତରେ ସିବିଆଇକୁ ସମ୍ପୂର୍ଣ୍ଣ ସହଯୋଗ କରାଯିବା ସହ ଯାହା କାଗଜପତ୍ର ଲୋଡ଼ା ଯାଇଛି ତାହା ପ୍ରଦାନ କରାଯାଇଛି। ଏହା ସତ୍ତ୍ୱେ ସିବିଆଇ ତାଙ୍କୁ ଗିରଫ କରିଛି। ତେବେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୦ ତାରିଖକୁ ଘୁଞ୍ଚିଛି। ଉକ୍ତ ଦିନ ଏହି ମାମଲାର ଚୂଡ଼ାନ୍ତ ଶୁଣାଣି ହେବାର ଆଶା ରହିଛି ବୋଲି ପ୍ରଭୁପ୍ରସନ୍ନ କହିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ଓଡ଼ିଶା ରଣଜୀ କ୍ରିକେଟ ଦଳର ପ୍ରାୟୋଜକ ହେବା ପାଇଁ ଅର୍ଥତତ୍ତ୍ୱ ଚିଟ୍‌ଫଣ୍ଡ ସଂସ୍ଥା ଓଡ଼ିଶା କ୍ରିକେଟ ଆସୋସିଏଶନକୁ ୭୫ କୋଟି ଟଙ୍କା ଦେଇଥିଲା। ସେହିପରି ୨୦୧୧ରେ ଅନୁଷ୍ଠିତ ଓଡ଼ିଶା ପ୍ରିମିୟର ଲିଗ୍(ଓପିଏଲ୍)ର ପ୍ରାୟୋଜକ ଥିଲା ଅର୍ଥତତ୍ତ୍ୱ। ଏହି ଚିଟ୍‌ଫଣ୍ଡ ସଂସ୍ଥା ଓଡ଼ିଶା ସମେତ ବିଭିନ୍ନ ରାଜ୍ୟର ବହୁ ଜମାକାରୀଙ୍କ କୋଟିକୋଟି ଟଙ୍କା ହଡପ୍ କରିଥିବା ଅଭିଯୋଗ ହୋଇଥିଲା। ଏହି ମାମଲାର ତଦନ୍ତ ସିବିଆଇ କରୁଥିବାବେଳେ ଅର୍ଥତତ୍ତ୍ୱ ସହ ତତ୍କାଳୀନ ଓସିଏ ସମ୍ପାଦକ ଆଶୀର୍ବାଦଙ୍କ ଲିଙ୍କ୍ ଥିବା ସୂଚନା ମିଳିଥିଲା। ପରେ ଓପିଏଲ୍‌ରେ ଉକ୍ତ ଚିଟ୍‌ଫଣ୍ଡ ସଂସ୍ଥାର ଅର୍ଥ ଲଗାଣକୁ ନେଇ ଗତ ସେପ୍ଟେମ୍ବରରେ ସିବିଆଇ ଆଶୀର୍ବାଦଙ୍କୁ ଗିରଫ କରିଛି। ଆଶୀର୍ବାଦ ସିବିଆଇ ବିଚାରବିଭାଗୀୟ ହାଜତରେ ରହିଥିବାବେଳେ ସେ ଅସୁସ୍ଥ ହୋଇ ପ୍ରଥମେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ଓ ପରେ କଟକ ଏସ୍‌ସିବି ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି। ଆଶୀର୍ବାଦଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ମାନସ ମହାପାତ୍ର ଓ ପ୍ରଭୁ ପ୍ରସନ୍ନ ବେହେରା ଏବଂ ଭାରତ ସରକାରଙ୍କ ପକ୍ଷରୁ ଆସିଷ୍ଟାଣ୍ଟ ସଲିସିଟର ଅନୁପ ବୋଷ ମାମଲା ପରିଚାଳନା କରୁଛନ୍ତି।

### ନଦୀରେ ବୁଡ଼ି ବୃଦ୍ଧଙ୍କ ପ୍ରାଣଗଲା

ରୂପ୍‌ସା,୧୫ା୧୧(ଡି.ଏନ.ଏ.)-ବାଲେଶ୍ୱର ସଦର ବ୍ଲକ ଶ୍ରୀରାମପୁର ପଞ୍ଚାୟତ ଅନ୍ତର୍ଗତ ବିଂଝ ଗ୍ରାମର ଜଣେ ବୃଦ୍ଧ ଶୁକ୍ରବାର ନଦୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ମୃତକ ହେଲେ ଡମ୍ବରୁଧର ନାୟକ (୭୦)। ସେ ବରଡ଼ିହା ଗାଁ ନିକଟ ନଦୀକୁ ମାଛ ଧରିବାକୁ ଯାଇ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ହେଁ ଡାକ୍ତର ମୃତ ବୋଲି ଘୋଷଣା କରିଥିଲେ। ଏନେଇ ବସ୍ତା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୩୯/୧୯) ରୁଜୁ ହୋଇ ମୃତଦେହ ବ୍ୟବଚ୍ଛେଦ କରାଯାଇଛି।

■ ଏଫ୍‌ସିଆର୍‌ଏ ଉଲ୍ଲଂଘନ ଅଭିଯୋଗ

# ଆମ୍ନେଷ୍ଟି ଅଫିସରେ ସିବିଆଇ ଚଢ଼ାଉ

ବେଙ୍ଗାଲୁରୁ,୧୫ା୧୧(ପି.ଟି.)

ମାନବାଧିକାର ସଙ୍ଗଠନ ଆମ୍ନେଷ୍ଟି ଇଣ୍ଡିଆର ବେଙ୍ଗାଲୁରୁ ଓ ଦିଲ୍ଲୀ ଅଫିସରେ ଶୁକ୍ରବାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ପକ୍ଷରୁ ଚଢ଼ାଉ କରାଯାଇଛି। ବିଦେଶୀ ପାଣ୍ଠି ସଂଗ୍ରହ କ୍ଷେତ୍ରରେ କେତେକ ନିୟମର ଉଲ୍ଲଂଘନ କରିଥିବା ଅଭିଯୋଗ ଆସିବା ପରେ ଏହି ସଂସ୍ଥା ଉପରେ ତଦନ୍ତକାରୀ ସଂସ୍ଥାର ନଜର ରହିଥିଲା ବୋଲି ଜଣେ ସିବିଆଇ ଅଧିକାରୀ କହିଛନ୍ତି।

ପ୍ରାୟ ଅଧ ଡଜନ ସିବିଆଇ ଅଧିକାରୀ ପୂର୍ବାହ୍ନ ୮ଟା ୩୦ରେ ବେଙ୍ଗାଲୁରୁ ଅଫିସ୍‌ରେ ପହଞ୍ଚି ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଚଢ଼ାଉ ଜାରି ରଖିଥିଲେ ବୋଲି ଆମନେଷ୍ଟି ଇଣ୍ଟରନ୍ୟାଶନାଲ ଇଣ୍ଡିଆର ଜଣେ ଏକ୍‌ଜିକ୍ୟୁଟିଭ୍ ନିଜ ନାମ ଗୋପନ ସର୍ତ୍ତରେ କହିଛନ୍ତି। ସେହିପରି ଏହି ମାନବାଧିକାର ଜଗୁଆଳି ସଂସ୍ଥା ପକ୍ଷରୁ ଏକ ବିବୃତିରେ କୁହାଯାଇଛି ଯେ, ବିଗତ ବର୍ଷେରୁ ଊର୍ଦ୍ଧ୍ୱ ସମୟ ଧରି ଭାରତରେ ଯେତେବେଳେ ବି ମାନବାଧିକାର ଉଲ୍ଲଂଘନ ହୋଇଥିବା ସମ୍ପର୍କରେ ଆମ୍ନେଷ୍ଟି ଇଣ୍ଡିଆ କହିଛି, ସେତେବେଳେ ଏହାକୁ ହଇରାଣ କରାଯାଇଛି। ଭାରତୀୟ ଓ ଅନ୍ତର୍ଜାତୀୟ ଆଇନର ପୂର୍ଣ୍ଣ ଅନୁପାଳନ ପାଇଁ ଆମେ ସବୁବେଳେ ପ୍ରସ୍ତୁତ। ଭାରତରେ ଆମ କାର୍ଯ୍ୟ ହେଉଛି ସାର୍ବଜନୀନ ମାନବ ଅଧିକାର ପାଇଁ ଲଢ଼େଇ କରିବା। ସମାନ ମୂଲ୍ୟବୋଧ ଭାରତୀୟ ସମ୍ବିଧାନରେ ମଧ୍ୟ ରହିଛି, ଯାହା କି ଏକ ସମୃଦ୍ଧ ପରମ୍ପରା, ବହୁଳବାଦ, ସହିଷ୍ଣୁତାକୁ ଅନୁସରଣ କରେ ବୋଲି ଏଥିରେ ଉଲ୍ଲେଖ କରାଯାଇଛି।

**‘ମାନବାଧିକାର ଉଲ୍ଲଂଘନ କଥା ଉଠାଇଲେ ଟାର୍ଗେଟ କରାଯାଉଛି’**

ପ୍ରକାଶ ଯେ, ୨୦୧୦ରେ ଏହି ବେସରକାରୀ ସଙ୍ଗଠନ (ଏନ୍‌ଜିଓ)ର ବିଦେଶୀ ଅବଦାନ ନିୟନ୍ତ୍ରଣ ଆଇନ(ଏଫ୍‌ସିଆର୍‌ଏ) ଲାଇସେନ୍ସକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ପ୍ରତ୍ୟାହାର କରାଯାଇଥିଲା। ପରେ ଆମ୍ନେଷ୍ଟି ଇଣ୍ଟରନ୍ୟାଶନାଲ ଇଣ୍ଡିଆ ଏହି ଆଇନକୁ ଅଣଦେଖା କରି ୩୬ କୋଟି ଟଙ୍କା ବିଦେଶୀ ପାଣ୍ଠି ସଂଗ୍ରହ କରିଥିଲା। ଏନେଇ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ ନିୟମ ସମ୍ପର୍କିତ ଏକ ମାମଲା ରୁଜୁ କରାଯାଇଥିଲା। ତାକୁ ନେଇ ପ୍ରାୟ ବର୍ଷେ ତଳେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ବେଙ୍ଗାଲୁରୁସ୍ଥିତ ଆମ୍ନେଷ୍ଟି ଇଣ୍ଡିଆ ଇଣ୍ଟରନ୍ୟାଶନାଲ ଅଫିସ୍ ଉପରେ ଚଢ଼ାଉ କରାଯାଇଥିଲା। ଏକ ବିଦେଶୀ ବିନିମୟ ଉଲ୍ଲଂଘନ ମାମଲା ରୁଜୁ କରାଯାଇଥିଲା। ଏହାର କିଛି ସପ୍ତାହ ପରେ ଇଡି ପକ୍ଷରୁ ଅନ୍ୟ ଏକ ଅନ୍ତର୍ଜାତୀୟ ଏନ୍‌ଜିଓ ଗ୍ରୀନ୍‌ପିସ ଅଫିସ ଉପରେ ମଧ୍ୟ ଚଢ଼ାଉ କରାଯାଇଥିଲା। ଏପରି କାର୍ଯ୍ୟାନୁଷ୍ଠାନ ଗ୍ରୀନ୍‌ପିସ ଓ ଆମ୍ନେଷ୍ଟିକୁ ବନ୍ଦ କରିଦେବା ପାଇଁ ଉଦ୍ଦିଷ୍ଟ। ମୁକ୍ତ ଓ ଖୋଲା ସ୍ୱରକୁ ଚପାଇଦେବା ଉଦ୍ଦେଶ୍ୟରେ ଏପରି କରାଯାଉଛି ବୋଲି ଗତବର୍ଷ ଆମ୍ନେଷ୍ଟି ଇଣ୍ଡିଆର ଆକାର ପଟେଲ କ୍ଷୋଭ ପ୍ରକାଶ କରିଥିଲେ।

### ଗାନ୍ଧୀଙ୍କ ମୃତ୍ୟୁ ସଂକ୍ରାନ୍ତରେ ଭୁଲ୍ ତଥ୍ୟ ଘଟଣା

## ପ୍ରଚାରପତ୍ରକୁ ପ୍ରତ୍ୟାହାର କରାଯିବ: ଗଣଶିକ୍ଷା ମନ୍ତ୍ରୀ

**ଭୁବନେଶ୍ୱର, ୧୫ା୧୧(ବ୍ୟୁରୋ):** ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ମୃତ୍ୟୁ ସଂକ୍ରାନ୍ତରେ ବିଭ୍ରାନ୍ତିକର ତଥ୍ୟ ପ୍ରକାଶନକୁ ନେଇ ବିଭିନ୍ନ ମହଲରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ରାଜ୍ୟ ସରକାର ନିଜର ଦୋଷ ସ୍ୱୀକାର କରିଛନ୍ତି। ସ୍କୁଲଗୁଡ଼ିକୁ ପଠାଯାଇଥିବା ପ୍ରଚାରପତ୍ର ‘ଆମ ବାପୁଜୀ: ଏକ ଝଲକ’କୁ ତୁରନ୍ତ ପ୍ରତ୍ୟାହାର କରି ଅଣାଯିବ। ଏହି ଦୁଇପୃଷ୍ଠାର ବିବାଦୀୟ ତଥ୍ୟ ସମ୍ବଳିତ ପ୍ରଚାରପତ୍ର କିଭଳି ପ୍ରକାଶ ପାଇଲା, ତା’ର ତଦନ୍ତ କରାଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ଏକ ଜାତୀୟ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମନ୍ତ୍ରୀ ଦାଶ କହିଛନ୍ତି ଯେ, ଯିଏ ବି ଏଭଳି କରିଛନ୍ତି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆକସ୍ମିକ ଘଟଣା ପରିବର୍ତ୍ତେ ଗାନ୍ଧିଜୀଙ୍କୁ ହତ୍ୟା କରାଯାଇଥିଲା ସ୍ପଷ୍ଟ ଭାବେ ଲେଖାଯିବା ଉଚିତ୍ ଥିଲା। ଗାନ୍ଧିଜୀଙ୍କୁ କିଭଳି ହତ୍ୟା କରାଯାଇଥିବା ସେନେଇ ବିସ୍ତୃତ ଭାବେ ମଧ୍ୟ ତଥ୍ୟ ଉଲ୍ଲେଖ କରିଥିଲେ ଭଲ ହୋଇଥାନ୍ତା। ତେବେ ଏହି ପ୍ରଚାରପତ୍ରକୁ ସରକାର ଖୁବ୍‌ଶୀଘ୍ର ପ୍ରତ୍ୟାହାର କରିଆଣିବେ ବୋଲି ସେ କହିଛନ୍ତି। ଅନ୍ୟପଟେ ଶୁକ୍ରବାର ବିଧାନସଭାରେ ଏହି ପ୍ରସଙ୍ଗ ନେଇ ଉଭୟ କଂଗ୍ରେସ ଓ ବିଜେଡି ବିଧାୟକମାନେ ଉଦ୍‌ବେଗ ପ୍ରକାଶ କରିବା ପରେ ବିଭାଗୀୟ ମନ୍ତ୍ରୀଙ୍କୁ ଶନିବାର ସୁଦ୍ଧା ଗୃହରେ ବିବୃତି ରଖିବାକୁ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ‘ଆମ ବାପୁଜୀ : ଏକ ଝଲକ’ ପ୍ରଚାରପତ୍ର ରାଜ୍ୟର ସମସ୍ତ ସ୍କୁଲକୁ ପଠାଯାଇଥିଲା। ସେଥିରେ ୧୯୪୮ ଜାନୁୟାରୀ ୩୦ରେ ଗାନ୍ଧିଜୀଙ୍କ ହତ୍ୟାକୁ ଏକ ଆକସ୍ମିକ ଘଟଣା ବୋଲି ଉଲ୍ଲେଖ କରାଯାଇଥିବାରୁ ତାକୁ ନେଇ ଗାନ୍ଧିବାଦୀ ସମର୍ଥକମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ।

## ଲାଞ୍ଚ: ଆରଆଇ ଗିରଫ

**କଟକ ଅଫିସ୍, ୧୫ା୧୧:** ଜଣେ ବ୍ୟକ୍ତିଙ୍କ ୪ଟି ପ୍ଲଟ୍‌ର ଆର୍‌ଓଆର୍(ରେକର୍ଡ଼ ଅଫ୍ ରାଇଟ୍) ପାଇଁ ତଦନ୍ତ ରିପୋର୍ଟ ଦାଖଲ କରିବା ବାବଦରେ ୧୦ହଜାର ଟଙ୍କା ଲାଞ୍ଚ ନେଇ କଟକ ସଦର ଅନ୍ତର୍ଗତ ଖଣ୍ଡେଇତା ରାଜସ୍ୱ ନିରୀକ୍ଷକ(ଆର୍‌ଆଇ) ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ସୂଚନା ଅନୁଯାୟୀ ମୁଗଭଙ୍ଗା ଗ୍ରାମର ସୁଧୀର ଦଳାଇ ନିଜ ୪ଟି ପ୍ଲଟ୍‌ର ଆର୍‌ଓଆର୍ ପାଇଁ ଆବେଦନ କରିଥିବାବେଳେ ସଦର ତହସିଲ ପକ୍ଷରୁ ଏହାର ତଦନ୍ତ ପାଇଁ ଖଣ୍ଡେଇତା ଆର୍‌ଆଇ ଜ୍ଞାନରଞ୍ଜନ ମଲ୍ଲିକଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ତଦନ୍ତ ରିପୋର୍ଟ ଦେବା ପାଇଁ ଜ୍ଞାନରଞ୍ଜନ ୧୦ହଜାର ଟଙ୍କା ଲାଞ୍ଚ ଦେବା ପାଇଁ ସୁଧୀରଙ୍କୁ କହିଥିଲେ। ଏ ନେଇ ସୁଧୀର କଟକ ଭିଜିଲାନ୍ସ ଡିଭିଜନରେ ଅଭିଯୋଗ କରିଥିଲେ। ପୂର୍ବ ପ୍ରସ୍ତୁତି ଅନୁଯାୟୀ ଶୁକ୍ରବାର ସୁଧୀର ଲାଞ୍ଚ ବାବଦରେ କେମିକାଲ ମିଶା ଟଙ୍କା ଜ୍ଞାନରଞ୍ଜନଙ୍କୁ ଦେଇଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଭିଜିଲାନ୍ସ ଅଧିକାରୀମାନେ ଜ୍ଞାନରଞ୍ଜନଙ୍କୁ ଧରିବାରେ ସଫଳ ହୋଇଥିଲେ। ଜ୍ଞାନରଞ୍ଜନଙ୍କ କାର୍ଯ୍ୟାଳୟରୁ କେମିକାଲ ମିଶା ଟଙ୍କା ଉଦ୍ଧାର କରାଯିବା ପରେ ତାଙ୍କୁ ଗିରଫ କରାଯାଇଥିଲା। ଏହାପରେ ଭିଜିଲାନ୍ସ ପକ୍ଷରୁ ଜଗତସିଂହପୁର ଗଳାଦାରୀସ୍ଥିତ ଜ୍ଞାନରଞ୍ଜନଙ୍କ ଘର ଉପରେ ଚଢ଼ାଉ କରାଯାଇଥିବା ସୂଚନା ମିଳିଛି।



## ଜିଲା ଚିଠି
### ସମ୍ବଲପୁର

## ବୀମା ଟଙ୍କା

୨୦୧୮ରେ ସମ୍ବଲପୁର ଜିଲାରେ ଖରିଫ ଧାନ ଫସଲ ଅନିୟମିତ ବର୍ଷା ଓ ରୋଗପୋକ ଯୋଗୁ ଉଜୁଡି ଯାଇଥିଲା। ଏ ସଂକ୍ରାନ୍ତରେ ଅଭିଯୋଗ ହେବା ପରେ ରାଜସ୍ୱ ଓ ପରିସଂଖ୍ୟାନ ବିଭାଗ ସହ ବୀମା କମ୍ପାନୀ ଅଧିକାରୀମାନେ ମିଳିତ ଭାବେ କ୍ଷୟକ୍ଷତି ଆକଳନ କରିଥିଲେ। ଚାଷୀମାନଙ୍କୁ ଶସ୍ୟବୀମା ବାବଦରେ କେତେ ଟଙ୍କା ଦିଆଯିବ ସେ ସଂକ୍ରାନ୍ତରେ ଘୋଷଣା ମଧ୍ୟ କରାଯାଇଥିଲା। କେବଳ କୁଚିଣ୍ଡା,ଜମନକିରା,ବାମରା ବ୍ଲକରେ ମୋଟ ୧୨ ହଜାର ଚାଷୀ ପ୍ରଭାବିତ ହୋଇଥିଲେ। ସେମାନଙ୍କୁ ୧୬୦ କୋଟି ଟଙ୍କା ଦେବାକୁ ଘୋଷଣା କରାଯାଇଥିଲା। ସେହିପରି ସମ୍ବଲପୁର ଓ ରେଢାଖୋଲ ସବ୍‌ଡିଭିଜନରେ ପ୍ରାୟ ୩୦ କୋଟି ଟଙ୍କା କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଦିଆଯିବ ବୋଲି ଆକଳନ କରାଯାଇଥିଲା। ହେଲେ ବୀମା କମ୍ପାନୀ ହାତଗଣତି କେତେଜଣ ଚାଷୀଙ୍କୁ ଟଙ୍କା ଦେଇ ଚୁପ୍ ହୋଇବସିଛି। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଉଗ୍ରରୂପ ନେଇଛି। ପ୍ରଧାନମନ୍ତ୍ରୀ ଫସଲ ବୀମା ଟଙ୍କା ପାଇଁ ଚାଷୀଙ୍କ ୨୪ ଘଣ୍ଟିଆ ରିଲେ ଅନଶନ ୨୭ ଦିନରେ ପହଞ୍ଚିଛି। ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ଓ ଜିଲା କୃଷକ ସଙ୍ଗଠନ ଆହ୍ୱାନ କ୍ରମେ ମୋଟ ୪୬ ସଙ୍ଗଠନ ଓ ଶତାଧିକ ମହିଳା ଓ ପୁରୁଷ ଚାଷୀ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଏହାକୁ ରାଜ୍ୟର ପ୍ରମୁଖ ରାଜନୈତିକ ଦଳ ବି ସମର୍ଥନ ଜଣାଇଛନ୍ତି। ବୀମା କମ୍ପାନୀ ଉପରେ ସରକାରଙ୍କ ଲଗାମ ନାହିଁ। ଚାଷୀଙ୍କ ଟଙ୍କାରେ ବୀମା କମ୍ପାନୀଗୁଡିକ ଲାଭବାନ ହେଉଛନ୍ତି। ଫସଲ ବୀମା ଘୋଷଣା ପରେ ଚାଷୀଙ୍କୁ ଟଙ୍କା ଦିଆଯାଉ ନାହିଁ ବୋଲି ରାଜନୈତିକ ଦଳର କେତେଜଣ ନେତା କହିଛନ୍ତି। ଚାଷୀଙ୍କ ଏହି ସମସ୍ୟାକୁ ସଂସଦ ଓ ବିଧାନସଭାରେ ଉଠାଇବାକୁ ସ୍ଥାନୀୟ ଜନପ୍ରତିନିଧିମାନେ କହିଛନ୍ତି। ହେଲେ ସଂପୃକ୍ତ ଜନପ୍ରତିନିଧିମାନଙ୍କ ସମର୍ଥନ ଓ ପ୍ରତିଶ୍ରୁତି କେତେ ଫଳପ୍ରଦ ହେବ ସେ ନେଇ ଚାଷୀମାନେ ଚାହିଁ ରହିଛନ୍ତି। ଏପରିକି ଚାଷୀମାନେ ନେତାଙ୍କ ପ୍ରତିଶ୍ରୁତି ଉପରେ ଯେତେ ଆଶା କରୁଛନ୍ତି ସେତିକି ନିରାଶ ହେଉଛନ୍ତି। କାରଣ ନେତାମାନେ ଦଳୀୟ ନୀତି ଆଦର୍ଶରେ ବନ୍ଧା ପଡିଛନ୍ତି। ନିଜ ବ୍ୟକ୍ତିଗତ ମତ ଦଳ ଗ୍ରହଣ କରିବ କି ନାହିଁ କେତେଜଣ ଚାଷୀନେତା ଆଶଙ୍କାବ୍ୟକ୍ତ କରିଛନ୍ତି। ଉଭୟ ସରକାରଙ୍କ ଆନ୍ତରିକତା ଅଭାବ ଯୋଗୁ ଗତ ୯ ମାସ ଧରି ବୀମା ଟଙ୍କା ପ୍ରଦାନ ଫାଇଲ ପଡି ରହିଛି। ଚାଷୀ ଆନ୍ଦୋଳନ ଚାଲିଛି। ତଥାପି ବିଭାଗୀୟ ଅଧିକାରୀମାନେ କୌଣସି ପଦକ୍ଷେପ ଗ୍ରହଣ ନ କରିବା ସନ୍ଦେହ ସୃଷ୍ଟି କରିଛି। ତ୍ରୁଟିପୂର୍ଣ୍ଣ ବୀମାନୀତିକୁ ସଂଶୋଧନ କରାଯିବା ପାଇଁ ଚାଷୀନେତାମାନେ ଦାବି କରିଛନ୍ତି। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ଓ ଚୁକ୍ତି ପାଳନ ବୀମା କମ୍ପାନୀ କରୁନାହିଁ ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସରକାରଙ୍କ ଆଭିମୁଖ୍ୟ ଉପରେ ସମସ୍ତଙ୍କ ନଜର ରହିଛି।

– ଶୁଭାଶିଷ ପାଢୀ

# ଜନଜାତି ଯୁବପିଢ଼ି ହେବେ ରୋଲ୍‌-ମଡେଲ୍

ଭୁବନେଶ୍ୱର, ୧୫ା୧୧ (ବ୍ୟୁରୋ)

ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଦକ୍ଷତା ବିକାଶ ମାଧ୍ୟମରେ ପ୍ରତ୍ୟେକ ଜିଲାରେ ୩୦ଜଣ ଜନଜାତି ରୋଲ୍‌-ମଡେଲ୍ ସୃଷ୍ଟି କରିବାକୁ ଆହ୍ୱାନ ଦେଇଛନ୍ତି ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ(ଓଏସ୍‌ଡିଏ) ଅଧ୍ୟକ୍ଷ ସୁବ୍ରତ ବାଗ୍‌ଚୀ। ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ତରଫରୁ ଓଏସ୍‌ଡିଏ ସହଯୋଗରେ ଶୁକ୍ରବାର ସ୍ଥାନୀୟ ଏକ ହୋଟେଲ୍‌ରେ ଅନୁସୂଚିତ ଜାତି ବର୍ଗର ଦକ୍ଷତା ବିକାଶ ନିମନ୍ତେ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। ଏହି ଅବସରରେ ସମଗ୍ର ରାଜ୍ୟରେ ୧ହଜାର ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ରୋଲ୍‌-ମଡେଲ୍ ତିଆରି କରିବାକୁ ବାଗ୍‌ଚୀ କହିଛନ୍ତି। ଏଥିଲାଗି ଆସନ୍ତା ବର୍ଷେ ପାଇଁ ଏକ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

ବିଭାଗୀୟ ପ୍ରମୁଖ ଶାସନ ସଚିବ ରଞ୍ଜନା ଚୋପ୍ରା ଜନଜାତିଙ୍କ ମଧ୍ୟରେ ଦକ୍ଷତା ବୃଦ୍ଧି ପାଇଁ ବିଭାଗ ପକ୍ଷରୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସଂପର୍କରେ ଆଲୋକପାତ କରିଥିଲେ। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବର୍ଗର ଯୁବଗୋଷ୍ଠୀଙ୍କ ନିମନ୍ତେ ନିଯୁକ୍ତି ଓ ଔଦ୍ୟୋଗିକତା କ୍ଷେତ୍ରରେ ବ୍ୟାପକ ସୁଯୋଗ ରହିଛି। ଦକ୍ଷତା ବିକାଶ ଓ ସଶକ୍ତୀକରଣ, ଭୌଗୋଳିକ ଗତିଶୀଳତା, ବଜାର ସୃଷ୍ଟି ଓ ଜୀବନ ଧାରଣର ମାନବୃଦ୍ଧି ଦ୍ୱାରା ସେମାନେ ସାମାଜିକ ଓ ଅର୍ଥନୈତିକଭାବେ ବିକଶିତ ହୋଇପାରିବେ। ନିଜେ ଜଣେ ଜଣେ ରୋଲ୍‌-ମଡେଲ୍ ହୋଇ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିପାରିବେ ବୋଲି ସେ କହିଥିଲେ। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ସହିତ ସମନ୍ୱୟ ରକ୍ଷା କରାଯାଇ ଆଦିମ ଜନଜାତି ଗୋଷ୍ଠୀର ଉନ୍ନୟନ ଓ ଦକ୍ଷତା ବିକାଶ ନିମନ୍ତେ ଆଗାମୀ ଦିନରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଶାସନ ସଚିବ ସଞ୍ଜୟ କୁମାର ସିଂ ସୂଚନା ଦେଇଥିଲେ। ଭିତ୍ତିଭୂମି ବିକାଶ ଓ ହଷ୍ଟେଲ୍ ସୁବିଧା ମାଧ୍ୟମରେ ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ଛାତ୍ରୀଛାତ୍ରଙ୍କୁ ଗ୍ରାମପଞ୍ଚାୟତ ଓ ବ୍ଲକ୍ ଭଳି ତୃଣମୂଳସ୍ତରରେ ଥିବା ଆଇଟିଆଇ ଏବଂ ଦକ୍ଷତା ବିକାଶ କେନ୍ଦ୍ରକୁ ତାଲିମ ପାଇଁ ଆକୃଷ୍ଟ କରିବାକୁ ସିଂ ଜିଲାସ୍ତରୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ବିଭାଗୀୟ ନିର୍ଦ୍ଦେଶକ ସଚିନ୍ ରାମଚନ୍ଦ୍ର ଯାଦବ ଆଇଟିଡିଏ ଓ ଓଏସ୍‌ଏଫ୍‌ଡିସି ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଦକ୍ଷତା ବିକାଶ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ସିଏସ୍‌ଟିଆର୍‌ଟିଆଇ ନିର୍ଦ୍ଦେଶକ ଡ. ଅଖିଳ ବିହାରୀ ଓତା, ନିଯୋଜନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶିକା ରଶ୍ମିତା ପଣ୍ଡା ଓ ଡିଟିଇଟି ନିର୍ଦ୍ଦେଶକ ରେଘୁ ଜି ଉପସ୍ଥିତ ଥିଲେ।

**ଦକ୍ଷତା ବିକାଶ ଚିନ୍ତା**

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ଶିଳ୍ପାରାଣୀ ବେହେରା




ଆଦିତ୍ୟ ପାତ୍ର

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର


ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି




ସ୍ୱର୍ଗତା ରଞ୍ଜୁଲତା ସ୍ୱାଇଁ
ମଙ୍ଗୁଲି, ୨୨ ମୌଜା, ଜଗତ୍‌ସିଂହପୁର
ଆବିର୍ଭାବ: ୧୫ା୦୩ା୧୯୬୫
ତିରୋଧାନ: ୦୬ା୧୧ା୨୦୧୯
ତୁମର ଅନୁପସ୍ଥିତି ପ୍ରତିଟି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମ ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଆମ ପାଇଁ ଚିର ପାଥେୟ ହେଉ। ତୁମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ
ହତଭାଗ୍ୟ ସ୍ୱାମୀ: ଦୀପ୍ତିମାନ ମହାନ୍ତି, ଝିଅ: ଇପ୍ସିତା ମହାନ୍ତି, ଦିଅର: ଆଲୋକ ମହାନ୍ତି ଏବଂ ଶୋକସନ୍ତପ୍ତ ପରିବାର ଓ ଆତ୍ମୀୟସ୍ୱଜନ
ଧ-୬୮୫୧୧


### ୟୁନେସ୍କୋ ସମ୍ମିଳନୀରେ ଇସ୍‌ଲାମାବାଦକୁ ସମାଲୋଚନା

## ଆତଙ୍କବାଦ ସହ ସମ୍ପର୍କ ପାକ୍‌କୁ ବିଫଳ ରାଷ୍ଟ୍ରରେ ପରିଣତ କରିଛି

ପ୍ୟାରିସ୍, ୧୫ା୧୧ (ପି.ଟି.)

ଅନ୍ତର୍ଜାତୀୟ ବ୍ୟାପାରକୁ ନେଇ ପାକିସ୍ତାନର ଅପରିପକ୍ୱ ପ୍ରଚାରକୁ ୟୁନେସ୍କୋ ସମ୍ମିଳନୀରେ ଭାରତ କଡ଼ା ସମାଲୋଚନା କରିଛି। ଏହାର ବିକ୍ଷିପ୍ତ ବ୍ୟବହାର ଏବଂ ଆତଙ୍କବାଦ ସହ ଘନିଷ୍ଠ ସମ୍ପର୍କ ଯୋଗୁ ଏହା ପ୍ରାୟତଃ ବିଫଳ ରାଷ୍ଟ୍ର ସ୍ତରକୁ ଖସିଆସିଥିବା ଭାରତ କହିଛି। ଭାରତ ବିରୋଧରେ ବିଷ ବୁଣିବା ଓ ଏହାକୁ ରାଜନୈତିକ ରୂପ ଦେବା ଲାଗି ପାକିସ୍ତାନ ୟୁନେସ୍କୋର ଅପବ୍ୟବହାର କରୁଥିବାରୁ ଏହାକୁ ଆମେ ନିନ୍ଦା କରୁଛୁ ବୋଲି ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ ନେଉଥିବା ଅନନ୍ୟା ଅଗ୍ରୱାଲ କହିଛନ୍ତି। ଭାରତକୁ ବଦନାମ କରାଇବା ପାଇଁ ପାକିସ୍ତାନ ମନଗଢ଼ା ମିଥ୍ୟା ପ୍ରଚାର ଚଳାଇଛି, ଯାହା ଛଳନା ଓ କପଟତାରେ ପୂର୍ଣ୍ଣ। ଇସ୍‌ଲାମାବାଦର ଏଭଳି ପିଲାଳିଆମୀକୁ ଆମେ ନିନ୍ଦା କରୁଛୁ ବୋଲି ଭାରତର ଉତ୍ତର ରଖିବା ଅଧିକାର ବଳରେ ଅନନ୍ୟା କହିଥିଲେ।



ୟୁନେସ୍କୋରେ ଭାରତର ପ୍ରତିନିଧି ଅନନ୍ୟା ଅଗ୍ରୱାଲ।

ଭାରତର ସର୍ବୋଚ୍ଚ ଅଦାଲତଙ୍କ ରାୟକୁ ନେଇ ପାକିସ୍ତାନ ଅବାଞ୍ଛିତ ମନ୍ତବ୍ୟ ଦେଉଛି। ଆଇନରେ ସବୁ ଧର୍ମକୁ ସମାନ ମର୍ଯ୍ୟାଦା ପ୍ରଦାନ କରାଯାଇଛି। ତଦନୁଯାୟୀ ଅଦାଲତ ରାୟ ପ୍ରଦାନ କରିଛନ୍ତି। ଅଯୋଧ୍ୟା ରାୟକୁ ନେଇ ଇସ୍‌ଲାମାବାଦର ପ୍ରତିକ୍ରିୟା ନିନ୍ଦନୀୟ ବୋଲି ଭାରତର ପ୍ରତିନିଧି କହିଛନ୍ତି। ସୂଚନାଯୋଗ୍ୟ, ଧର୍ମୀୟ ସ୍ୱାଧୀନତାକୁ ନେଇ ୟୁନେସ୍କୋ ମୂଲ୍ୟବୋଧ ଆଧାରରେ ବାବ୍ରୀ ମସ୍‌ଜିଦ ରାୟ ଆସି ନ ଥିବା ପାକିସ୍ତାନର ଶିକ୍ଷାମନ୍ତ୍ରୀ ଶଫକତ୍ ମହମ୍ମଦ କହିଥିଲେ।


VANIK-IAS
Exclusive Coaching for UPSC/OPSC/WBCS
OCS-VIVA-2019
Starts from 18th Nov' 2019 (Time : 4pm-6pm)
Cash Prize for Toppers
1 RANK ₹ 1 Lakh, 2 RANK ₹ 50,000, 3 RANK ₹ 30,000
(As per rank for others)

| S.NO. | PROGRAMME - 100hrs | SESSION |
|---|---|---|
| 1 | Interview Preparedness & Individual DAF Analysis | 2 Sessions |
| 2 | Interaction with VANIK Rankers (2015,16,17) | 4 Sessions |
| 3 | Job Profile – Discussion by Experienced BDO, Tahasildar, DSP, Finance Officer etc. | 4 Sessions |
| 4 | Current Affairs | 4 Sessions |
| 5 | Interview FAQ Discussion | 4 Sessions |
| 6 | Introducing Odisha (Geog, Hist & Cul, Eco, Admn.) | 5 Sessions |
| 7 | Handbook on Interview Preparation | |
| 8 | Current Affairs updated handouts till VIVA | |
| 9 | District Information Handouts | |
| 10 | Mock Interview<br>1. Face & Watch<br>2. Board Interview | <br>2 Sessions<br>3 Sessions |
| 11 | Video Recording & Analysis | |
| 12 | Interview Board under<br>1. Ex. Chairman & Member of OPSC<br>2. Senior Administrators<br>3. Psychologist<br>4. Subject Specialist<br>5. HR Expert<br>6. CA Expert | |

OCS CRASH COURSE
FOR (PRELIM) 2019
Starts from 18th Nov' 2019
Time : 2-4pm & 4.15pm-6.15pm
Web: www.vanikias.com, E-mail: vaniksias@gmail.com
PH: 8093083555, 8984111101

କୌଣସି କୌଣସି ଯୁଗରେ ଆମର ଏହି ପୃଥିବୀର ଜୀବନ ଅଲୌକିକ ଭାବେ ଅନେକ ସୋପାନ ପାରି ହୋଇ ଅଳ୍ପସମୟରେ ବହୁ ଊର୍ଦ୍ଧ୍ୱକୁ ଉଠିଯାଏ । କିନ୍ତୁ ଅନ୍ୟ ସବୁ ସମୟରେ ସେତିକି ପଥ ଯିବାକୁ ତାକୁ ହଜାର ହଜାର ବର୍ଷ ଲାଗିଯାଏ । -ଶ୍ରୀମା

# ଗ୍ରୀନ୍ ବାବୁ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଅଧିକରୁ ଅଧିକ ଲୋକେ ଟି.ଏନ୍. ଶେଷାନ୍‌ଙ୍କୁ ଜଣେ ବିଶାଳ ବ୍ୟକ୍ତିତ୍ୱ ଭାବେ ମନେରଖିଛନ୍ତି । ସେ ନିର୍ବାଚନ କମିଶନକୁ ଏକ ଶକ୍ତିଶାଳୀ ସଂସ୍ଥାରେ ପରିଣତ କରିଥିଲେ, ଯାହା ରାଜନେତାଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିଥିଲା ଏବଂ ସାଧାରଣ ଲୋକମାନେ ବି ତାଙ୍କୁ ଏଥିପାଇଁ ପ୍ରଶଂସା କରିଥିଲେ । ଏପରିକି ତାଙ୍କ ପ୍ରତିବଦ୍ଧତାପୂର୍ଣ୍ଣ ଉତ୍ସୁକତା ବେଳେବେଳେ ବ୍ୟୁରୋକ୍ରାସିର କ୍ଷମତା ଓ ସରକାରଙ୍କ ମଧ୍ୟରେ ଥିବା ସୀମାରେଖାକୁ ଅସ୍ପଷ୍ଟ କରିଦେଉଥିଲା । ୧୯୯୦ରୁ ୧୯୯୬ ଛଅବର୍ଷ ସେ ଭାରତର ମୁଖ୍ୟ ନିର୍ବାଚନ କମିଶନର (ସିଇସି) ରହିଥିଲେ । ଏହି ଛଅବର୍ଷର କାର୍ଯ୍ୟକାଳ ତାଙ୍କୁ ଭାରତର ଲୋକତନ୍ତ୍ରର ରକ୍ଷକ ଭାବେ ଜନମାନସରେ ପ୍ରତିପାଦିତ କରିଥିଲା । ଶେଷରେ ସେ ଜଣେ ଏଭଳି ବ୍ୟକ୍ତି ଥିଲେ ଯିଏ କି ନେତାମାନଙ୍କୁ କୋଣଠେସା କରି ରଖିଥିଲେ । ଅତିମାତ୍ରାରେ ଦୁର୍ନୀତିଗ୍ରସ୍ତ ଭାରତୀୟ ନିର୍ବାଚନ ପଦ୍ଧତିରେ ଯଥାଶକ୍ତି ସଂସ୍କାର ଆଣିବା ଲାଗି ସେ କାର୍ଯ୍ୟ କରିଥିଲେ । ଆଂଶିକ ଭାବେ ତାଙ୍କ ବିଶାଳ ବ୍ୟକ୍ତିତ୍ୱର ସଚ୍ଚୋଟତାର ଶକ୍ତି ଦ୍ୱାରା ଏବଂ ଯେଉଁମାନେ ବ୍ୟବସ୍ଥା ସହ ଖେଳିବାକୁ ବା ବ୍ୟବସାୟ କରିବାକୁ ଚେଷ୍ଟାକରୁଥିଲେ ସେମାନଙ୍କ ଉପରେ ନିୟମାବଳୀ ଲାଗୁକରି ଆଂଶିକଭାବେ ଏହା କରିପାରିଥିଲେ । ଏଥିପାଇଁ ନିର୍ବାଚନ କିମଶନର କାର୍ଯ୍ୟକାଳର ଅତୀତ ଦିନକୁ ସ୍ମରଣ କରି ତାଙ୍କ ମୃତ୍ୟୁ ପରେ ଅଜସ୍ର ଶ୍ରଦ୍ଧାଞ୍ଜଳି ଅଜାଡି ହୋଇ ପଡିବାରେ କିଛି ଆଶ୍ଚର୍ଯ୍ୟ ହେବାର ନାହିଁ । ସେହିପରି ଜଣେ ଆଇଏଏସ୍ ଅଫିସର ଭାବେ ସେ ରାଜୀବ ଗାନ୍ଧୀଙ୍କ ସରକାର ସମୟରେ କ୍ୟାବିନେଟ ସଚିବ ହୋଇପାରିଥିଲେ । ଲୋକମାନେ ବି ତାଙ୍କର ସେ ସମୟର ଭଲ ରେକର୍ଡକୁ ମନେପକାଇଛନ୍ତି । ନିର୍ବାଚନ କମିଶନର ହେବା ପୂର୍ବରୁ ଶେଷାନ୍ କେନ୍ଦ୍ରରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହି ଦାୟିତ୍ୱ ନିର୍ବାହ କରିଛନ୍ତି । ଜଙ୍ଗଲ ଓ ପରିବେଶ ସଚିବ, ସୁରକ୍ଷା ସଚିବ, ପ୍ରତିରକ୍ଷା ସଚିବ ଓ କ୍ୟାବିନେଟ ସଚିବ ହେବା ଥିଲା ତାଙ୍କ କାର୍ଯ୍ୟଦକ୍ଷତାର ମୋହର । କିନ୍ତୁ ରାଜୀବ ଗାନ୍ଧୀ ୧୯୮୯ରେ କ୍ଷମତା ହରାଇବା ପରେ ଶେଷାନ୍‌ଙ୍କୁ କ୍ୟାବିନେଟ ସଚିବ ପଦରୁ ହଟାଇ ନେଇ ଯୋଜନା କମିଶନର ସଦସ୍ୟ ଭାବେ ଅଡ୍‌ଜଷ୍ଟ କରାଗଲା ।

ଶେଷାନ୍ ପରିବେଶ ମନ୍ତ୍ରଣାଳୟ ଅଧୀନରେ ସଚିବ ଭାବେ ୧୯୮୫ରୁ ୧୯୮୮ ଯାଏ କାର୍ଯ୍ୟ କରିଛନ୍ତି । ଏହି କାର୍ଯ୍ୟକାଳ ଏଠାରେ ସ୍ୱତନ୍ତ୍ର ଭାବେ ଉପସ୍ଥାପନ କରିବା ଦରକାର କରେ । ସାମ୍ପ୍ରତିକ ସମୟରେ ପରିବେଶ ସମ୍ବନ୍ଧରେ ସର୍ବସାଧାରଣରେ ଚିନ୍ତା ପ୍ରକଟ କରାଯାଉଛି ଏବଂ ରାଜ୍ୟଗୁଡିକ ଏଥିପାଇଁ ନିୟମ ପ୍ରଣୟନ କରୁଥିବାବେଳେ ନବେ ଦଶକରେ ସରକାରରେ କେହି ଏହା ପ୍ରତି ସେପରି ଗୁରୁତ୍ୱ ଦେଇ ନ ଥିଲେ । ସମ୍ଭବତଃ ଶେଷାନ୍ ସେବର ବାବୁମାନଙ୍କ ମଧ୍ୟରେ ଥିଲେ ପ୍ରଥମ ବାବୁ ଯିଏକି ପରିବେଶକୁ ସୁଧାରିବା ଲାଗି ଜୋର ଦେଇଥିଲେ । ସେ ସମୟରେ ଆର୍ଥିକ ସୁଧାର ପ୍ରକ୍ରିୟା ଆରମ୍ଭ କରାଯାଇଥିଲା ଓ ତା' ଉପରେ ବାବୁମାନେ ଅଧିକ ଆଗ୍ରହ ପ୍ରକାଶ କରୁଥିବାବେଳେ ଶେଷାନ୍ ପରିବେଶ କଥା ଚିନ୍ତା କରିଥିଲେ । ବାସ୍ତବରେ ସେ ଥିଲେ 'ଗ୍ରୀନ୍ ବାବୁ' ଯିଏ 'ଏକ୍ୟୁଆଇ', କ୍ଲାଇମେଟ ଚେଞ୍ଜ୍, ଏବଂ ୱାଟର ହାର୍ଭେଷ୍ଟିଂ ଭଳି ଶବ୍ଦ ଲୋକଲୋଚନକୁ ଆସିବାର ବହୁ ପୂର୍ବରୁ ପରିବେଶ ସମସ୍ୟାକୁ ଭଲଭାବେ ବୁଝିଥିଲେ । ଏବେ ଦିଲ୍ଲୀ ଏବଂ ଅନ୍ୟ ପ୍ରମୁଖ ମହାନଗରଗୁଡିକ ବାୟୁ ପ୍ରଦୂଷଣରେ ଅଣନିଃଶ୍ୱାସୀ ହୋଇପଡୁଥିବାବେଳେ ଆମେ ସ୍ମରଣ କରିବା ଦରକାର ଯେ ଶେଷାନ୍ ଥିଲେ ପ୍ରଥମ ବ୍ୟକ୍ତି ଯେ କି ଟୁ-ଷ୍ଟ୍ରୋକ୍ ଇଞ୍ଜିନର ନିର୍ଗମନ ହ୍ରାସ କରିବା ପାଇଁ ଦୃଢ ଯୁକ୍ତି ଉପସ୍ଥାପନ କରିଥିଲେ । ଏହା ଜାଣି କେତେକେ ଆଶ୍ଚର୍ଯ୍ୟ ହେବେ ଯେ, ଶେଷାନ୍ ମଧ୍ୟ ସମ୍ପୂର୍ଣ୍ଣ ଭାବରେ ଦେଶରେ ବଡ଼ ଡ୍ୟାମ ପ୍ରୋଜେକ୍ଟକୁ ବିରୋଧ କରୁଥିବା ଲୋକମାନଙ୍କ ସପକ୍ଷରେ ଥିଲେ । ଯଦିଓ ସେ ସରକାରଙ୍କ ଦୃଷ୍ଟିକୁ ଏହାକୁ ଆଣିପାରି ନ ଥିଲେ, ତଥାପି ଟେହରି ଡ୍ୟାମ୍ ଏବଂ ନର୍ମଦା ଉପରେ ସର୍ଦ୍ଦାର ସରୋବର ଡ୍ୟାମ୍‌କୁ ବିରୋଧ କରିବା ଉଲ୍ଲେଖନୀୟ ।

ଶେଷାନ୍ ଜଣେ ଦୃଢ଼ବିଶ୍ୱାସୀ ବାବୁ ଥିଲେ ବୋଲି ଏହି ଦୃଷ୍ଟାନ୍ତଗୁଡ଼ିକରୁ ପ୍ରତୀୟମାନ ହୁଏ, ଯାହା ତାଙ୍କୁ ବାବୁ କରିଡର୍‌ରେ ଜଣେ ନିଆରା ବ୍ୟକ୍ତି ଭାବେ ଗଢ଼ିତୋଳିଛି । ଅବଶ୍ୟ ଏଥିପାଇଁ ତାଙ୍କୁ ସତ୍ତାବାଦୀ ଭାବେ ଚିତ୍ରଣ କରିଦିଆଗଲା ଏବଂ ଏଥିରୁ ମୁକୁଳିବା ବି ତାଙ୍କ ପାଇଁ କଷ୍ଟକର ହୋଇଗଲା । ଏଥିପାଇଁ ସେ ଶୀଘ୍ର କ୍ରୋଧ ପ୍ରକାଶ କରିଥିଲେ ଓ ଏହି ଗୁଣ ତାଙ୍କ ପାଇଁ ବହୁ ଶତ୍ରୁ ସୃଷ୍ଟି କରିଥିଲା । କିନ୍ତୁ ତାଙ୍କ ସାଥୀମାନଙ୍କ ମଧ୍ୟରୁ ଅନେକେ ଅଛନ୍ତି ଯେଉଁମାନେ ତାଙ୍କ କୋମଳ ଓ ସ୍ୱଚ୍ଛ ସ୍ୱଭାବର ଗ୍ୟାରେଣ୍ଟି ବି ଦିଅନ୍ତି । ତଥାପି ଏହି ସତ୍ତାବାଦୀ ଷ୍ଟାଇଲ୍ ଓ ଭୁଲ୍ ଠିକ୍ ନିଷ୍ପତ୍ତି ଉପରେ ଦୃଢ ବିଶ୍ୱାସ ହିଁ ସେତେବେଳର ବ୍ୟୁରୋକ୍ରାସି ବ୍ୟାକ୍‌ୱାଟର ଭାବେ ଜଣାଶୁଣା କେନ୍ଦ୍ର ନିର୍ବାଚନ କମିଶନକୁ ବାସ୍ତବରେ ଏକ ସ୍ୱାଧୀନ ଓ ଶକ୍ତିଶାଳୀ ସଂସ୍ଥାରେ ପରିଣତ କରିବାରେ ତାଙ୍କୁ ସକ୍ଷମ କରିପାରିଥିଲା । ପରେ ଏହି ଧାରାରେ ପ୍ରତ୍ୟେକ ନିର୍ବାଚନ କମିଶନର ସେବେଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ତାହାକୁ ବଜାୟ ରଖିବା ପାଇଁ ଖୁବ୍ କସରତ କରୁଛନ୍ତି । ବ୍ୟୁରୋକ୍ରାସିରେ ଶାଣିତ ସ୍ୱର ଉତ୍ତୋଳନ କରିବା ବା ହୁଙ୍କାର ଦେବାରେ ଶେଷାନ୍ ଥିଲେ ଅଦ୍ୱିତୀୟ ବାବୁ ।

Email: dilipcherian@gmail.com

# ମାଟିହାଣ୍ଡିମାନଙ୍କ କି ମଣିଷ



ଡ. ଦେବାନନ୍ଦ ବେଉରା

ବେଶ୍ କିଛିଦିନ ହେବ ଆମ ଘରେ ସମ୍ପୂର୍ଣ୍ଣ ନ ହେଲେ ବି ଆଂଶିକ ଭାବେ ରୋଷେଇ ମାଟିହାଣ୍ଡିରେ ସମ୍ପାଦିତ ହୋଇଆସୁଛି । ତେବେ ରବିବାରର ରନ୍ଧାରନ୍ଧିଟା ପୂରା ମାଟିହାଣ୍ଡିରେ । ଏହାର କାରଣ ମାଟି ତିଆରି ଜିନିଷ 'ହ୍ୟାଣ୍ଡେଲ ଉଇଥ୍ କେୟାର'ର ପରିସରଭୁକ୍ତ । ବ୍ୟବହାରରେ ସମୟ ଓ ଏକାଗ୍ରତା ଦରକାର ନିଶ୍ଚୟ, ଯାହା ରବିବାର ଦିନ ମିଳେ । ମାଟି ସେହିପରି ଏକ କୋମଳ, ରମଣୀୟ ପୁଣି କଠିନାକାରରେ ଭଙ୍ଗୁର ପଦାର୍ଥ, ଯାହା ପରଶମୟ ପ୍ରଯତ୍ନରେ ପର୍ଯ୍ୟାପ୍ତ ପ୍ରତିଦାନ ଦେଇଥାଏ । ଆଜି ବୋଧହୁଏ ଆମେ ସେହି ମାଟିକୁ, ମାଟିନିର୍ମିତ ବସ୍ତୁକୁ ଜୀବନଶୈଳୀରେ ପୁନଃସ୍ଥାପନ କରିବାର ଅୟମାରମ୍ଭ କରିଦେଇଛୁ । ହାଣ୍ଡିଶାଳରେ ମାଟିହାଣ୍ଡିର ବ୍ୟାବହାରିକ ପ୍ରବେଶ ନିଶ୍ଚିତରୂପେ ପ୍ରଭାବୀ ରହିବ, ଏ ଯେଉଁ ଆତ୍ମବିଶ୍ୱାସ ଟିକେ ଟିକେ ମୋ ମନରେ ଜନ୍ମିଥିଲା ତାହା ଆଜି ଜୋର ଧରିବାରେ ଲାଗିଛି । ଏମିତି ସେମିତି ନୁହେଁ, ମୋ ଚତୁଃପାର୍ଶ୍ୱସ୍ଥ ଲୋକଙ୍କର ମତାମତ ଆଧାରରେ ତଥା ବ୍ୟକ୍ତିଗତ ଉପଲବ୍ଧିରୁ ଏହା କହୁଛି । ଆପଣମାନେ ବି ହାଟ, ବଜାର, ପ୍ରଦର୍ଶନୀରେ ମାଟିନିର୍ମିତ ସରଞ୍ଜାମର ଚାହିଦା ଦେଖିଥିବେ, ଅନୁଭବ କରିଥିବେ । ଅନେକେ ବ୍ୟବହାର କରିବା ଆରମ୍ଭ କରିଦେଲେଣି, କିଛି ଲୋକ ଏହାକୁ ପସନ୍ଦ କରୁଛନ୍ତି ଆଉ ଅବଶିଷ୍ଟ ଧୀରେ ଧୀରେ ପ୍ରଭାବିତ ହେଉଛନ୍ତି । ଲୋକଙ୍କୁ ଏପରି ପ୍ରଭାବିତ କରିବାରେ ସାମାନ୍ୟ ଟିକେ ହେଉ ପଛେ, ମୋ ପରି ଅନେକ ବ୍ୟବହାରକାରୀ, କୌଳିକ ବୃତ୍ତିଧାରୀ ଏବଂ ବ୍ୟବସାୟୀଙ୍କ ହାତ ନିଶ୍ଚୟ ଅଛି । ଯେଉଁ କଥାକୁ ନେଇ ପ୍ରବନ୍ଧ ଆରମ୍ଭ କରିଥିଲି ତା'ର ମୁଖ୍ୟ ତାତ୍ପର୍ଯ୍ୟ ହେଉଛି- ମୁଁ କ'ଣ କଲି, ମୋ ଘରେ କ'ଣ ହେଲା ତା' ବଡ଼ କଥା ନୁହେଁ, ମୁଁ ପାଞ୍ଚ-ପଚିଶ ସାଙ୍ଗସାଥୀ, ସହକର୍ମୀଙ୍କୁ ମାଟିହାଣ୍ଡି ରୋଷେଇର ସୁଆଦ ବିଷୟରେ ଯାହା ଗପୁଛି ତା'ର ପ୍ରଭାବ ଦେଖୁଛି । ଅନେକେ ଆଜି ମାଟିହାଣ୍ଡି ଓ ଅନ୍ୟାନ୍ୟ ମାଟି ସାମଗ୍ରୀକୁ ଆଦରିନେଲେଣି । ଆପଣ ଭାବିପାରନ୍ତି ଏଥିରେ କୋଉ ବଡ଼ କଥା ଅଛି । ଅଛି ନିଶ୍ଚୟ, ପରିବାରର ସ୍ୱାସ୍ଥ୍ୟ ତ ହାଣ୍ଡିଶାଳରୁ ।

ଇତିହାସ କୁହେ ମଣିଷ ସମାଜର ବଡ଼ ବଡ଼ ପରିବର୍ତ୍ତନ ଛୋଟ ଛୋଟ ପ୍ରସଙ୍ଗରୁ ଜନ୍ମ ନେଇଥାଏ । ଯଦିଓ ମାଟିପାତ୍ରର ବ୍ୟାବହାରିକ ପ୍ରସଙ୍ଗ ନୂଆ ନୁହେଁ, ତେବେ ଆଧୁନିକତାର ଚଟାପଟ୍ ଜୀବନରୁ କେବେଠୁ ଏହାକୁ ଆମେ ଦୂରେଇଦେଇଛୁ । ଫଳରେ ସ୍ୱାଦ ସହିତ ସ୍ୱାସ୍ଥ୍ୟକର ମାଟିହାଣ୍ଡିରନ୍ଧା ଖାଦ୍ୟକୁ ପାସୋରି ପକେଇଛୁ । ଆଜି ସିନା ସହରୀ ସଭ୍ୟତା ଗ୍ରାମୀଣ ପରିପାଟୀକୁ କବଳିତ କରିପକାଇଛି, ନ ହେଲେ ଦୈନନ୍ଦିନ ଜୀବନରେ ମାଟିହାଣ୍ଡି, ମାଠିଆ, ସୁରେଇ, ପଲମ, ଠେକି, କୁଣ୍ଡ ଓ ଘୁମର ବ୍ୟବହାର ସେମିତି ବଳବତ୍ତର ଥାଆନ୍ତା । ସାମାନ୍ୟ କିଛି ପିତ୍ତଳ, ରସ (ଆଲୁମିନିୟମ୍), କଂସା ବାସନକୁ ଛାଡିଦେଲେ ଆଉ ସବୁର ସତ୍ତା ମାଟି ଥିଲା । ସଭ୍ୟତାର ପ୍ରାରମ୍ଭରୁ ପ୍ରଚଳିତ ମାଟିହାଣ୍ଡି ପ୍ରଥା ଲୁଚିହଜି ଯାଇଥିଲେ ମଧ୍ୟ ଅନେକଙ୍କ ସ୍ମୃତିରେ ଏବେ ବି ତାହା ଉଜ୍ଜୀବିତ ରହିଛି । ଆଜି କ'ଣ ମନେପଡ଼େ ନାହିଁ ସେ ଦିନର ଷଢ଼େଇ ଡଙ୍କି ଘୋରା ମାଟିହାଣ୍ଡି ମୁଗଡାଲିର ବାସ୍ନା, ମାଟିହାଣ୍ଡି ସିଝା ମହ ମହ ମଣ୍ଡା, ଗଇଁଠା ଆଉ ପଲମପକା ଚକୁଳିପିଠାର ସ୍ୱାଦ । ମାଠିଆର ମୁନ୍ଦେ ଶୀତଳ ଜଳରେ ତୃଷା ମେଣ୍ଟେଇବାର ତୃପ୍ତି ସବୁ ଚାପି ହୋଇଯାଇଛି ଚଞ୍ଚଳ ଚଳଣିର ଚକାଚକ୍ ଚେହେରାରେ । ସହଜଲବ୍ଧ, ସଅଳ କାର୍ଯ୍ୟ ସମ୍ପାଦନ କରୁଥିବା ବୈଷୟିକ ଗୁଣବତ୍ତାସମ୍ପନ୍ନ ଧାତବ ଓ ପ୍ଲାଷ୍ଟିକ ରୋଷେଇ ସରଞ୍ଜାମରେ ସଜ୍ଜିତ ଆମର ତଥାକଥିତ କିଚେନ୍ । ବ୍ୟବହାର ଓ ରକ୍ଷଣାବେକ୍ଷଣର ଝିନ୍‌ଝଟ ନାହିଁ । ରକମ ରକମ ଖାଦ୍ୟ ପ୍ରସ୍ତୁତି ବ୍ୟତୀତ ଖାଦ୍ୟର ପୁଷ୍ଟିକାରିତା, ପୋଷଣତତ୍ତ୍ୱ ବିଷୟ ଯଦି କହିବା ତେବେ ତାହା ମାଟିହାଣ୍ଡି ସହ ସରି ହେବନି । ସେଥିପାଇଁ ଧୀରେ ଧୀରେ ଆମେ ମାଟିହାଣ୍ଡିର ଉପାଦେୟତାକୁ ହୃଦୟଙ୍ଗମ କରିବାକୁ ଲାଗିଲୁଣି । ପୁଣି ଛାଡି ଆସିଥିବା ପରମ୍ପରାରେ ଯୋଡ଼ି ହେବାର ଜିଗର ଜଡ଼େଇଲୁଣି । ବଜାର-ହାଟରେ ମାଟି ସାମଗ୍ରୀର ଦୋକାନ, ମୂର୍ତ୍ତି ପ୍ରଦର୍ଶନୀରେ ଗ୍ରାହକଙ୍କ ଭିଡ଼ ଏହା ଜଣାଉଛି । ଛୋଟବଡ଼ ସହରରେ ମାଟିହାଣ୍ଡି ପ୍ରସ୍ତୁତ ଖାଦ୍ୟ ପରିବେଷଣ କରୁଥିବା ହୋଟେଲ, ମାଟି କପ୍‌ରେ ଚା ଦେଉଥିବା ଦୋକାନ ତଥା ତନ୍ଦୁରି ଚା'ର ଚାହିଦା ମାଟିହାଣ୍ଡି ପ୍ରତି ଜନସାଧାରଣଙ୍କ ଦୁର୍ବଳତାକୁ ପ୍ରକାଶ କରୁଛି । ତା' ସହିତ ଟେରାକୋଟା ଜିନିଷ ପ୍ରତି ଆକର୍ଷଣ ମଧ୍ୟ ବଢୁଛି ।

ମାଟିହାଣ୍ଡିକୁ ଆବୋରିନେବାର ମହତ୍ତ୍ୱ କ'ଣ ? କାଦୁଅରୁ ପ୍ରସ୍ତୁତ ହୋଇଥାଏ ଏସବୁ ଜିନିଷ । ଶିଳାର ସୂକ୍ଷ୍ମ କଣିକା ଓ ଅନ୍ୟାନ୍ୟ ଜୈବିକ ପଦାର୍ଥରୁ ପ୍ରାକୃତିକ ଉପାୟରେ ମାଟି ଓ କାଦୁଅ ସୃଷ୍ଟି ହୋଇଥାଏ । ନରମ କାଦୁଅରୁ ପ୍ରସ୍ତୁତ ସରଞ୍ଜାମକୁ ଶୁଖାଇ ପୋଡ଼ାଯାଏ । ଏଥିରେ ଥିବା ଲୌହଅଂଶ ପାଇଁ ତାହା ନାଲି ଦେଖାଯାଏ । ମାଟିରେ ଲୌହଅଂଶ କମ୍ ଥିଲେ କିମ୍ବା ପୋଡ଼ିବାରେ କୁଟାକାଠି ବ୍ୟବହାର ହୋଇଥିଲେ ରଙ୍ଗ କଳା ଆସେ । ମାଟିହାଣ୍ଡି ଖାଦ୍ୟରୁ ପାଣି ଟାଣିବା ସହିତ ତା'ରି ରସରେ ରାନ୍ଧି ହୁଏ । ସଚ୍ଛିଦ୍ରତା ଓ ପ୍ରାକୃତିକ ରୋଧନ ପାଇଁ ହାଣ୍ଡି ଭିତରେ ବାମ୍ପ ଘୂରିବୁଲିବା ସହ ରନ୍ଧାଯାଇଥିବା ପଦାର୍ଥରେ ଆର୍ଦ୍ରତା ଭରିକି ରଖେ । ସେଥିପାଇଁ ଅଧିକ ତେଲ ବ୍ୟବହାର କରିବାକୁ ପଡ଼େନାହିଁ । ମାଟିହାଣ୍ଡି ପ୍ରସ୍ତୁତ ଖାଦ୍ୟ ଅନ୍ୟ ଧାତୁପାତ୍ର ଅପେକ୍ଷା କମ୍ ତେଲ, ଚର୍ବିଯୁକ୍ତ ତଥା ନିମ୍ନ କ୍ୟାଲୋରୀଯୁକ୍ତ ହୋଇଥାଏ । ଧାତୁ କିମ୍ବା ଏନାମେଲ ପ୍ରଲେପିତ ପାତ୍ର ଭଳି ଏଥିରେ କ୍ଷତିକାରକ ଧାତୁକଣିକା ଖାଦ୍ୟ ସହିତ ମିଶେ ନାହିଁ । ମାଟି ବା କାଦୁଅ ସାଧାରଣ ଭାବେ କ୍ଷାରୀୟ ହୋଇଥାଏ, ଯାହା ଖାଦ୍ୟରେ ଥିବା ଅମ୍ଳକୁ କମାଇବାରେ ସକ୍ଷମ ହେବା ସହ ହଜମ କ୍ରିୟାକୁ ସହଜ କରେ । ମାଟିହାଣ୍ଡି ଖାଦ୍ୟ ବହୁତ ସମୟ ପର୍ଯ୍ୟନ୍ତ ବିନା ଶୀତଳୀକରଣରେ ଏବଂ ବାରମ୍ବାର ଗରମ କରିବା ପ୍ରକ୍ରିୟାରୁ ନିବୃତ୍ତ ରହି ତା'ର ପୌଷ୍ଟିକ ଓ ସ୍ୱାଦିଷ୍ଟ ଗୁଣ ବଜାୟ ରଖିପାରେ । ଏଥିରୁ ମାଟିହାଣ୍ଡିର ବ୍ୟବହାର ଯେ କେତେ ସ୍ୱାସ୍ଥ୍ୟପ୍ରଦ ତାହା ଅନୁମେୟ ।

୨୯ ଏପ୍ରିଲ ୨୦୧୧ରେ ଧରିତ୍ରୀରେ ମୋର 'ହଜିଯାଉଥିବା ମାଟିର ମହକ' ଲେଖାଟି ପ୍ରକାଶିତ ହୋଇଥିଲା । କଂକ୍ରିଟରେ ଲୁଚିଯାଉଥିବା, ବର୍ଜ୍ୟବସ୍ତୁରେ ସଂକ୍ରମିତ ହେଉଥିବା ତଥା ରାସାୟନିକ ସାର ଓ ବିଷରେ ପ୍ରଦୂଷିତ ହେଉଥିବା ମାଟିର ମାନ ଓ ମହତ୍ତ୍ୱ ପୁନରୁଦ୍ଧାର କରିବାରେ ତାହା ଥିଲା ଗୋଟେ ଛୋଟ ପ୍ରୟାସ । ମାଟି ମା'କୁ ମଣିଷର ମାନସପଟ ସହ ସ୍ୱାସ୍ଥ୍ୟ ଓ ଆତ୍ମସନ୍ତୁଷ୍ଟିକୁ ଯୋଡ଼ିବାର ଏକ ଆବେଗପ୍ରବଣ ଆୟୁଧ ହେଉଛି ମାଟିହାଣ୍ଡିକୁ ହାଣ୍ଡିଶାଳରେ ସ୍ଥାନ ଦେବା । ସମୟ ଆସିଯାଇଛି, ପ୍ରକୃତିପରିପନ୍ଥୀ ପ୍ଲାଷ୍ଟିକକୁ ଛାଡ଼ିବାକୁ ପଡ଼ିବ । ଏହାର ଆଂଶିକ ଶୂନ୍ୟସ୍ଥାନକୁ ମାଟିପାତ୍ର ବିକଳ୍ପ ରୂପେ ପୂରଣ କରିପାରିବ । ମାଟି ପ୍ରସ୍ତୁତ ସାମଗ୍ରୀଗୁଡ଼ିକ ପ୍ଲାଷ୍ଟିକ୍ ପରି ଏକକ ବ୍ୟବହାର ପରେ ଫୋପଡ଼ା ଯାଇ ନ ଥାଏ । ଭଙ୍ଗାରୁଜା, ଅବ୍ୟବହୃତ, ପରିତ୍ୟକ୍ତ ମାଟିପାତ୍ର ପରିବେଶ ଅନୁକୂଳ ଏବଂ ଏହା ପୁଣି ମାଟିରେ ମିଶିଯାଏ । ତେଣୁ ପର୍ଯ୍ୟାବରଣ ପ୍ରଦୂଷିତ ହେବାର ଆଦୌ ସମ୍ଭାବନା ନ ଥାଏ । ତା' ସହିତ ମାଟିପାତ୍ରର ପ୍ରଚାର, ପ୍ରସାର ଦ୍ୱାରା ଗ୍ରାମୀଣ ତଥା କ୍ଷୁଦ୍ର ଅର୍ଥନୀତି ବିକଶିତ ହୋଇପାରିବ । କୌଳିକ ବୃତ୍ତିଧାରୀ ବିଶେଷ ଉପକୃତ ହେବା ସହ ମାଟିପାତ୍ର ଉତ୍ପାଦନକୁ ନେଇ କୁଟୀରଶିଳ୍ପ ବିକାଶ ଲାଭ କରିପାରିବ । କହିବାକୁ ଗଲେ ମାଟିହାଣ୍ଡିର ବ୍ୟାବହାରିକ ବହୁଳତା ମଣିଷର ଜୀବନଶୈଳୀରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିପାରିବ, ଯେଉଁଠି ସୁସ୍ଥ ପରିବେଶ ମଧ୍ୟରେ ସାତ୍ତ୍ୱିକ ତଥା ନୀରୋଗ ନିର୍ବହନ ସମ୍ଭବ ହୋଇପାରିବ ।

ବିଭାଗୀୟ ମୁଖ୍ୟ, ଭୂତତ୍ତ୍ୱ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ, ମୋ-୯୮୬୧୨୧୩୪୭୨

# ସବୁଲୋକ ଖରାପ ନୁହନ୍ତି



ଡ. ସିଦ୍ଧାର୍ଥ କାନୁନ୍‌ଗୋ

ସେଦିନ ଭୁବନେଶ୍ୱର ହାଟରେ ହଠାତ୍ ରମେଶ ବାବୁ (ଛଦ୍ମନାମ)ଙ୍କ ସହ ଦେଖାହେଲା । ଅତୀତରେ ସେ ମୋର ସହକର୍ମୀ ଥିଲେ । ଏବେ ସେ ଦୀର୍ଘଦିନ ହେଲା ଚାକିରିରୁ ଅବସର ନେଲେଣି । ବର୍ତ୍ତମାନ ଟିକେ ଦୁର୍ବଳ ହୋଇଥିଲେ ମଧ୍ୟ ବେଶ୍ ଚଳଚଞ୍ଚଳ ଅଛନ୍ତି ବୋଲି ମନେହେଲା । ତାଙ୍କ ସହ ହଠାତ୍ ଦେଖାହେବାରୁ ତାଙ୍କର କୁଶଳ ଜିଜ୍ଞାସା କଲି ।

ଚାକିରି ଥିବାବେଳେ ତାଙ୍କର ଗୋଟିଏ ବଦଭ୍ୟାସ ଥିଲା । ସେ ସମସ୍ତଙ୍କ ବିରୁଦ୍ଧରେ କିଛିନା କିଛା ଟିପ୍ପଣୀ ଦିଅନ୍ତି । ସେଦିନ ଅଫିସରେ ଅଫିସରମାନଙ୍କ ନାମ ତାଲିକା ଫଳକକୁ ଦେଖି ସେ ହଠାତ୍ କହିଲେ- ଆଜ୍ଞା, ପୂର୍ବତନ ଅଫିସର ରାମବାବୁ ଲାଞ୍ଚୁଆ ଥିଲେ, ଶ୍ୟାମବାବୁଙ୍କ ଚରିତ୍ର ଭଲ ନ ଥିଲା, ଦାମବାବୁ କାମ ନ କରି ଅଫିସରେ ଢୁଳାଉଥିଲେ ଇତ୍ୟାଦି । ମୁଁ ତାଙ୍କୁ ବୁଝାଇ କହିଲି ଦେଖନ୍ତୁ! ଆପଣ ଏଇ ଯେଉଁ ଅଫିସରମାନଙ୍କ ବିଷୟରେ ମନ୍ତବ୍ୟ ଦେଲେ ସମସ୍ତେ କେବେହେଲେ ଖରାପ ହୋଇ ନ ପାରନ୍ତି । ତା'ପରେ ସେ ତାଙ୍କର ଯୁକ୍ତିକୁ ସାବ୍ୟସ୍ତ କରିବାକୁ ଯାଇ ଏଣୁ ତେଣୁ କଥା ଗପିବାକୁ ଲାଗିଲେ । ମୋର ମଧ୍ୟ ସମୟ ନ ଥିଲା । ମୁଁ ଆଲୋଚନାର ପରିସମାପ୍ତି ଚାହୁଁଥିଲି । ତେଣୁ ମୁଁ ତାଙ୍କୁ କହିଲି, ରମେଶବାବୁ ବୋଧହୁଏ ଦୁନିଆରେ ଆପଣ ଜଣେ ଭଲଲୋକ, ଆଉ ସମସ୍ତେ ଖରାପ ଲୋକ । ମୋ କଥା ଶୁଣି ରାଗରେ ତମତମ ହୋଇ ରୁମ୍‌ରୁ ବାହାରିଗଲେ । ବାହାରେ ଅସ୍ପଷ୍ଟ ଭାବେ ମୋ ବିରୁଦ୍ଧରେ ଗୁଣୁଗୁଣୁ ହୋଇ କ'ଣ କହୁଥିବା ଲକ୍ଷ୍ୟ କଲି । ସେ କଥାକୁ ମୁଁ ଗୁରୁତ୍ୱ ଦେବାକୁ ଉଚିତ ମନେକଲି ନାହିଁ । ଏହାର କିଛିଦିନ ପରେ ସେ ଅଫିସରୁ ମୋର ବଦଳି ହୋଇଗଲା । ମୁଁ ମଧ୍ୟ ରମେଶବାବୁଙ୍କୁ ପାଶୋରି ଦେଇଥିଲି ।

ଦୀର୍ଘଦିନ ପରେ ରମେଶବାବୁଙ୍କ ସହିତ ଦେଖାହେବା ପରେ ଭାବିଲି ଇତି ମଧ୍ୟରେ ତାଙ୍କ ଚିନ୍ତାଚେତନାରେ କିଛିଟା ପରିବର୍ତ୍ତନ ଆସିଥିବ । କିନ୍ତୁ ସେ ତାଙ୍କ ପୁରୁଣା ଅଭ୍ୟାସବଶତଃ କେବଳ ପରନିନ୍ଦା କରିବାକୁ ଲାଗିଲେ । ସଂକ୍ଷେପରେ ତାଙ୍କର ଅଭିଭାଷଣ ଥିଲା, ଦୁନିଆରେ କେହିହେଲେ ଭଲ ଲୋକ ନାହାନ୍ତି । ମୁଁ ତାଙ୍କୁ ବୁଝାଇବାକୁ ଯାଇ କହିଲି ଯେ, ପାଞ୍ଚ ଆଙ୍ଗୁଠି ସମାନ ନୁହେଁ । ସମାଜରେ ଉଭୟ ଭଲ ଏବଂ ମନ୍ଦ ଲୋକ ଅଛନ୍ତି । ଏହାକହି ମୁଁ ତାଙ୍କୁ ସତ୍ୟଯୁଗର ହିରଣ୍ୟକଶିପୁ ଓ ପ୍ରହ୍ଲାଦ, ଦ୍ୱାପର ଯୁଗର ଯୁଧିଷ୍ଠିର ଓ ଦୁର୍ଯ୍ୟୋଧନ, ତ୍ରେତୟା ଯୁଗର ରାମ ଓ ରାବଣଙ୍କ ଉଦାହରଣ ଦେଲି । ସେ ତତ୍‌କ୍ଷଣାତ୍ କହିଲେ, ମୋର ସେ ପୁରାଣ କଥାରେ ବିଶ୍ୱାସ ନାହିଁ । ଯାହାକୁ ଆମେ ଦେଖିନାହୁଁ; ତାକୁ ବିଶ୍ୱାସ କରିବୁ କିପରି ?

ତା'ପରେ ମୁଁ କଥାର ମୋଡ଼ ବଦଳାଇ କହିଲି, ଖ୍ରୀଷ୍ଟପୂର୍ବ ଯୁଗରେ ଗ୍ରୀକ୍ ଦାର୍ଶନିକ ଡାୟୋଜିନିସ ଦିନରେ ଲଣ୍ଠନ ଲଗାଇ ଭଲ ଲୋକ ଖୋଜୁଥିଲେ । ସେତେବେଳେ ନିଶ୍ଚୟ କିଛି ଭଲ ଲୋକ ଥିବେ ବୋଲି ତାଙ୍କର ବିଶ୍ୱାସ ଥିଲା । ତା'ପରେ ମୁଁ ତାଙ୍କୁ ଋଷିପ୍ରତିମ ଆଚାର୍ଯ୍ୟ ହରିହରଙ୍କ କଥା କହିଲି । ଆଚାର୍ଯ୍ୟ ହରିହରଙ୍କୁ ଯଦି କେହି ନମସ୍କାର କରୁଥିଲା, ସେ ପ୍ରତିନମସ୍କାର ଜଣାଇ ତାକୁ ଭଲ ମଣିଷ ହୁଅ ବୋଲି କହୁଥିଲେ । କିନ୍ତୁ ରମେଶବାବୁ ମୋର କୌଣସି କଥା ଶୁଣିବାକୁ ପ୍ରସ୍ତୁତ ନ ଥିଲେ । ତା'ପରେ ମୁଁ ତାଙ୍କୁ ଧୈର୍ଯ୍ୟ ନ ହରାଇ ବୁଝାଇବାକୁ ଚେଷ୍ଟା କଲି । ମୁଁ ତାଙ୍କୁ ସିଧା ସିଧା ପଚାରିଲି ଆପଣ ମୋତେ ବିଶ୍ୱାସ କରନ୍ତି ନା ନାହିଁ? ଉତ୍ତରରେ ସେ କହିଲେ, ମୁଁ ଆପଣଙ୍କୁ ସମ୍ପୂର୍ଣ୍ଣ ବିଶ୍ୱାସ କରେ ।

ଏହାପରେ ମୁଁ ତାଙ୍କୁ କହିଲି; ମୁଁ ତିନିଟି ସତ ଘଟଣା ଆପଣଙ୍କୁ କହୁଛି । ପ୍ରାୟ ପନ୍ଦର ବର୍ଷ ତଳେ ବାପାଙ୍କୁ ନେଇ ରାଜଧାନୀ ହାସ୍‌ପାତାଳକୁ ଯାଇଥିଲି । ଆମର ଚିହ୍ନା ଡାକ୍ତର ନ ଥିବାରୁ ଆମେ ତାଙ୍କ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରି ସେଠାରେ ଠିଆ ହୋଇଥିଲୁ । ଭିଡ଼ ଭିତରୁ ଜଣେ ଭଦ୍ରଲୋକ ମୋତେ ଚିହ୍ନିପାରି ଆଗ ନମସ୍କାର କଲେ ଓ ମୋ ଆସିବାର କାରଣ ପଚାରିଲେ । ମୁଁ ବାପାଙ୍କୁ ଜଣେ ଭଲ ଭେଷଜ ବିଶେଷଜ୍ଞଙ୍କ ନିକଟକୁ ପରାମର୍ଶ ପାଇଁ ନେଇଆସିଛି ବୋଲି କହିଲି । ସେ କହିଲେ, ଆସନ୍ତୁ ମୋର ଏଇ ହାସ୍‌ପାତାଳରେ ବହୁ ଚିହ୍ନା ଡାକ୍ତର ଅଛନ୍ତି । ମୁଁ ଆପଣଙ୍କ ବାପାଙ୍କୁ ତାଙ୍କ ନିକଟକୁ ନେଇଯିବି । ମୁଁ ତାଙ୍କୁ ପଚାରିଲି, ମୁଁ ତ ଆପଣଙ୍କୁ ଚିହ୍ନିପାରୁନାହିଁ; ଆପଣ ମୋତେ ଜାଣିଲେ କିପରି ? ସେ କହିଲେ, ସାର୍! ଆପଣ ସେତେବେଳେ ଭୁବନେଶ୍ୱର ଟ୍ରେଜେରିରେ ଆଡିଶ୍‌ନାଲ ଟ୍ରେଜେରି ଅଫିସର ଥିଲେ । ମୁଁ ବାପାଙ୍କ ପେନ୍‌ସନ ପାଇଁ ଆପଣଙ୍କ ନିକଟକୁ ଯାଇଥିଲି ଓ ଆପଣ ନିଜେ ଚେୟାରରୁ ଉଠିଆସି ଆକାଉଣ୍ଟାଣ୍ଟଙ୍କୁ ଡାକି ବାପାଙ୍କ ପେନ୍‌ସନ ବିଲ ପ୍ରସ୍ତୁତ କରିବାକୁ କହିଲେ । ଆପଣଙ୍କ ତତ୍ପରତା ଯୋଗୁ ପନ୍ଦର କୋଡ଼ିଏ ମିନିଟରେ ମୋର କାମ ହୋଇଗଲା । ସେଦିନର ଉପକାର ମୁଁ ଭୁଲିପାରିବି ନାହିଁ । କଥାଟି ହାଲୁକା କରିବାପାଇଁ ମୁଁ କହିଲି, ଛାଡ଼ନ୍ତୁ ସେକଥା । ଆମେ ସରକାରଙ୍କଠାରୁ ଦରମା ପାଉଛୁ ଏବଂ ତା' ବଦଳରେ ଯଦି କିଛି ସେବା ପ୍ରଦାନ କରୁଛୁ; ଏଥିରେ ବଡ଼କଥା କିଛି ନାହିଁ । ଏହାପରେ ସେ ହାସ୍‌ପାତାଳରେ ତାଙ୍କର ଚିହ୍ନା ଡାକ୍ତରଙ୍କ ପାଖକୁ ନେଇଗଲେ ଏବଂ ବାପାଙ୍କ କାମ ମଧ୍ୟ ସୁବିଧାରେ ହୋଇଗଲା । ଆସିଲାବେଳେ ଭାବିଲି ଏଇ ଲୋକ ଯଦି ନିଜେ ଆଗୁଆ ଆସି ମୋତେ ତାଙ୍କ ପରିଚୟ ଦେଇ ନ ଥାନ୍ତେ ବା ମୋତେ ସାହାଯ୍ୟ କରି ନ ଥାନ୍ତେ ମୋର କିଛି କରିବାର ନ ଥିଲା ।

ଦ୍ୱିତୀୟ ଘଟଣାଟି ହେଉଛି ସେହି ରାଜଧାନୀ ହାସ୍‌ପାତାଳ କଥା, ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ସେଠି ଅଶୀତିପର ବୃଦ୍ଧା ନର୍ସ ଶଶୀଦିଦି ବର୍ତ୍ତମାନ କାର୍ଯ୍ୟରତ ଅଛନ୍ତି । ତାଙ୍କୁ ମୁଁ ପଞ୍ଚମଶ୍ରେଣୀରେ ପଢ଼ିବା ବେଳୁ ଜାଣେ । ରୋଗୀମାନଙ୍କର ସେବା କରିବାରେ ତାଙ୍କର ବିକଳ୍ପ ନାହିଁ ବୋଲି ମୋର ମନେହୁଏ । ବାର୍ଦ୍ଧକ୍ୟରେ ତାଙ୍କ ଅଣ୍ଟା ନଇଁଆସିଲାଣି, ତଥାପି ସେ ଅବିଶ୍ରାନ୍ତ କାର୍ଯ୍ୟ କରିଚାଲିଛନ୍ତି । ସବୁଠାରୁ ବଡ଼ କଥା ହେଲା ଅବସର ପରେ ମଧ୍ୟ ସେ ବିନା ପାରିଶ୍ରମିକରେ ରୋଗୀ ସେବା କରୁଛନ୍ତି । ତାଙ୍କୁ ଦେଖି ମନେହେଲା ସତେଯେପରି ସେ ହେଉଛନ୍ତି ଏଯୁଗର ମଦରଟେରେସା ।

ତୃତୀୟ ଘଟଣାଟି ଗଣମାଧ୍ୟମରୁ ଜାଣିବାକୁ ପାଇଲି । ଜଣେ ଭଉଣୀ ଦାମ୍ପତ୍ୟ ଜୀବନରେ ଅଶାନ୍ତି ହେତୁ ଚଳନ୍ତା ଟ୍ରେନ୍‌ଆଗକୁ ଧାଇଁ ଆତ୍ମହତ୍ୟା କରିବାକୁ ଉଦ୍ୟତ ହେଉଥିବା ବେଳେ ଜଣେ ଭଦ୍ରବ୍ୟକ୍ତି ତାଙ୍କୁ ଉଦ୍ଧାର କଲେ । ତାଙ୍କ ସଂସ୍ଥାରେ ଭଉଣୀ ଜଣକ ଏକ ମହତ୍ କାର୍ଯ୍ୟରେ ନିଜକୁ ନିୟୋଜିତ କରିଛନ୍ତି । ବାଟରେ ବହୁ ଅଚିହ୍ନା ଶବ ପଡ଼ିରହୁଛି । ଏ କ୍ଷେତ୍ରରେ ଭଉଣୀ ଜଣକ ତାଙ୍କ ସହକର୍ମୀଙ୍କ ସହ ମିଶି ଏପରି ଶବକୁ ନେଇ ଦାହ କରନ୍ତି । ଏସବୁ କଥା କହିବା ପରେ ରମେଶବାବୁଙ୍କୁ କହିଲି, ବର୍ତ୍ତମାନ କ'ଣ ଆପଣ କହିବେ ଯେ ଏ ଦୁନିଆରେ ଭଲ ଲୋକ ବୋଲି କେହି ନାହାନ୍ତି । ତାଙ୍କ ପାଖରେ ଆଉ କୌଣସି ଉତ୍ତର ନ ଥିଲା ।

ଭୁବନେଶ୍ୱର, ମୋ- ୯୪୩୮୦୭୨୮୫୦

## ଏଇ ଭାରତରେ

ଝାଡ଼ଖଣ୍ଡ ରାଞ୍ଚି ଅନ୍ତର୍ଗତ କୋଟ୍‌ୱାଲି ଥାନା ଅଞ୍ଚଳରେ ଏକ ଅଜବ ଘଟଣା ସାମ୍ନାକୁ ଆସିଛି । ଜଣେ ବାଳକଙ୍କ ଅନ୍ତିମ ସଂସ୍କାର ଶେଷ କରିବା ପରେ ସେ ଜୀବିତ ଥିବା ଜଣାପଡିଛି । କୋଟ୍‌ୱାଲି ଥାନା ଅଞ୍ଚଳରେ ଚୌରନ୍ଦିର ୪ ଜଣ ପିଲା କିଛିଦିନ ହେବ ନିଖୋଜ ଥିଲେ । ସେମାନେ ହେଲେ କରଣ, ସୁବିଲ, ପତରସ ଓ ସୁରଜଦୀପ୍ । ୧୦ ନଭେମ୍ବର ସକାଳେ ଟ୍ରକ୍ ଧକ୍କାରେ ଦୁଇଜଣଙ୍କର ମୃତ୍ୟୁ ହୋଇଥିଲା ଓ ସେମାନଙ୍କ ମଧ୍ୟରୁ କରଣଙ୍କୁ ଚିହ୍ନଟ କରାଯିବା ପରେ ଅନ୍ୟ ଜଣଙ୍କୁ ଚିହ୍ନଟ କରାଯାଇପାରି ନ ଥିଲା । କିନ୍ତୁ କରଣ ସହ ପତରସ ସବୁବେଳେ ସାଙ୍ଗ ହୋଇ ରହୁଥିବାରୁ ମୃତ ପିଲାଟିକୁ ପତରସ ଭାବି ତା' ମାତାପିତା ୧୨ ନଭେମ୍ବର ରାତିରେ ତା'ର ଅନ୍ତିମ ସଂସ୍କାର ଶେଷ କରିଥିଲେ । ଅନ୍ତିମ ସଂସ୍କାର କରିବାର ଦିନକ ପରେ ଜାଣି ପାରିଥିଲେ ଯେଉଁ ପିଲାର ସେମାନେ ଅନ୍ତିମ ସଂସ୍କାର କରିଛନ୍ତି ସେ ତାଙ୍କ ପୁଅ ନୁହେଁ । ସେ ସୁବିଲ କୁଜୁର । ପତରସ ଓ ସୁବିଲର ବଡ଼ଭାଇ ସୁରଜଦୀପ କୋତବାଲିର ଅପର ବଜାରରେ ଶୋଇଥିବା ଅବସ୍ଥାରେ ପାଇ କୋତବାଲି ଥାନା ନଭେମ୍ବର ୯ରେ ଚାଇଲ୍ଡ ଲାଇନ୍‌କୁ ହସ୍ତାନ୍ତର କରିଥିଲା । ଏହାପରେ ଚାଇଲ୍ଡ ଲାଇନ ଏହି ଦୁଇଜଣଙ୍କୁ ବାଳାଶ୍ରମରେ ରଖିଥିଲା । ଦୁଇ ପିଲାଙ୍କ ଫଟୋ ଖବରକାଗଜରେ ପ୍ରକାଶ ପାଇବା ପରେ ଏମାନଙ୍କ ଅଭିଭାବକ ଥାନାରେ ପହଞ୍ଚି ଚିହ୍ନିଥିଲେ । ଚାଇଲ୍ଡ ଲାଇନ୍ ଯଦି ପୂର୍ବରୁ ଏହି ଖବର ଏମାନଙ୍କ ଅଭିଭାବକଙ୍କୁ ଦେଇଥାନ୍ତା ତେବେ, ବଞ୍ଚିଥିବା ପିଲାର ଅନ୍ତିମ ସଂସ୍କାର କରାଯାଇ ନ ଥାନ୍ତା ।

### ଚିରନ୍ତନୀ

ତଳେ ଉଭାହୋଇ କ୍ଳାନ୍ତ ପଥିକ ଏକ
ତ୍ରସ୍ତ ନୟନେ ନିରେଖୁଚି ତା'ର ଟେକ
ନିରେଖୁଚି ଏହି ପଥ ହେବ ବୋଲି ପାରି
ଅନ୍ତରମୟ ନିରାଶା ପୂରିଛି ଭାରି ।
(ଏହି ଯେ ପାହାଡ଼)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୧୬ ନଭେମ୍ବର ୧୯୯୪

- ଫିଲିପାଇନ୍ସର ରାଜଧାନୀ ମାନିଲାର ଦକ୍ଷିଣରେ ଅବସ୍ଥିତ ମିନ୍ଦୋର ଦ୍ୱୀପପୁଞ୍ଜରେ ଭୂମିକମ୍ପ ହେବା ଫଳରେ ୭୮ ଜଣଙ୍କ ମୃତ୍ୟୁ ।
- ବାଣିଜ୍ୟ କ୍ଷେତ୍ରରେ ଅଧିକ ସହଯୋଗ ଲାଗି ଭାରତ-ଆମେରିକା ମଧ୍ୟରେ ସହମତି ।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 0 | | | | 1 | | 2 | | | | 6 | | 9 |
| | 7 | | | | C | 5 | D | E | | | 6 | 3 | 1 | |
| | | | | A | D | | | | | | 5 | 7 | | |
| 5 | | 9 | 8 | | 2 | | | | | B | | | 4 | |
| D | | | 4 | 9 | | | | | | | | | 2 | |
| 9 | B | 6 | | | | 7 | 1 | 5 | | | D | | | |
| | | | 7 | | | | 0 | 8 | B | | | | | |
| 3 | E | 5 | | | | | | D | | 7 | | | | C |
| | | | | | | B | | 9 | 4 | | | | | 2 |
| | | | | E | 6 | | C | | 2 | | | 8 | | |
| 0 | | 3 | 9 | | | 6 | | | E | 4 | | | 7 | |
| | D | E | 0 | | | 2 | | C | | | | | 3 | 5 |
| 1 | | | | | 5 | | | | 9 | | | | | |
| | | 7 | | | E | | | B | A | | 8 | | | |
| 2 | | B | | | 4 | | | | | | C | 1 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | 2 | 0 | 1 | B | E | D | 3 | 6 | C | 5 | 8 | 7 | 4 | A |
| C | 5 | D | 6 | 7 | 8 | 0 | E | 4 | 1 | A | 3 | B | 2 | 9 |
| 3 | 4 | B | 2 | 9 | 0 | A | C | 5 | E | 7 | D | 6 | 1 | 8 |
| 7 | E | 8 | 5 | C | A | 1 | 2 | 9 | 6 | 4 | B | 0 | D | 3 |
| 1 | 6 | A | 4 | D | 3 | 7 | 8 | B | 0 | 9 | 2 | E | C | 5 |
| A | 9 | 5 | D | 8 | 6 | E | 1 | C | 7 | 0 | 4 | 2 | 3 | B |
| B | 8 | 6 | 3 | 4 | 7 | 5 | A | 0 | 2 | D | 1 | 9 | E | C |
| E | 7 | 4 | B | A | 1 | 9 | 6 | 2 | 3 | 8 | C | D | 5 | 0 |
| 2 | 1 | C | E | 0 | 5 | 4 | D | 3 | 9 | B | 6 | 8 | A | 7 |
| D | 0 | 3 | C | 2 | 9 | B | 7 | 8 | 5 | E | A | 1 | 6 | 4 |
| 6 | D | 1 | A | 5 | 4 | C | B | 7 | 8 | 2 | 0 | 3 | 9 | E |
| 5 | B | E | 8 | 3 | D | 2 | 9 | A | 4 | 1 | 7 | C | 0 | 6 |
| 8 | 3 | 9 | 0 | 1 | B | 6 | 4 | D | A | C | E | 5 | 7 | 2 |
| 0 | A | 2 | 7 | 6 | C | 8 | 5 | E | D | 3 | 9 | 4 | B | 1 |
| 4 | C | 7 | 9 | E | 2 | 3 | 0 | 1 | B | 6 | 5 | A | 8 | D |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସରକାରୀ ଯୋଜନାରେ ସ୍ୱଚ୍ଛତା

ମହାଶୟ,

ମୁଖ୍ୟମନ୍ତ୍ରୀ ଲୋକଙ୍କ ମଙ୍ଗଳ ପାଇଁ ବିଭିନ୍ନ ସରକାରୀ ଯୋଜନା କାର୍ଯ୍ୟକାରୀ କରୁଛନ୍ତି, ଯାହାକି ସ୍ୱାଗତଯୋଗ୍ୟ । ତନ୍ମଧ୍ୟରୁ ପିଠା ଯୋଜନା, ଖାଦ୍ୟ ସୁରକ୍ଷା ଯୋଜନାରେ ଭୋଜନ ଦେବା, ମାଧ୍ୟମିକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ, ଭୁବନେଶ୍ୱରରେ 'ମୋ ବସ୍' ସେବା ଓ 'ମୋ ସାଇକେଲ' ଆଦି ଯୋଜନା କିଭଳି କାର୍ଯ୍ୟକାରୀ ହେଉଛି ? ମୁଖ୍ୟମନ୍ତ୍ରୀ ଉଚ୍ଚସ୍ତରୀୟ କମିଟି ଦ୍ୱାରା ଯାଞ୍ଚ କରି ଯେପରି ହସ୍ପିଟାଲ ଓ ଆର୍‌ଟିଓରୁ ଦଲାଲଙ୍କୁ ହଟାଇଲେ, ସେହିପରି ସବୁ ଯୋଜନାରେ ୫-ଟି କାର୍ଯ୍ୟକାରୀ କରି ସ୍ୱଚ୍ଛତା ରକ୍ଷା କରନ୍ତୁ । କହିବାର ତାତ୍ପର୍ଯ୍ୟ ଏହି କି ଯେ, ବିପିଏଲ ସଂଖ୍ୟା କମିବା ବଦଳରେ ବଢିଚାଲିଛି । ଯେଉଁମାନଙ୍କର ଦୁଇ ବଖରାରୁ ବେଶି ଘର ଅଛି, ପୁଅ ବାହାରେ ଚାକିରି କରିଛନ୍ତି, ୩ ବା ୪ ଚକିଆ ଗାଡି ଅଛି ସେମାନେ ଆଧାର ଲିଙ୍କ୍ କରିଥିଲେ ମଧ୍ୟ ଯୋଜନାରୁ ବାଦ୍ ଯାଉନାହାନ୍ତି । କାଳିଆ ଯୋଜନାରେ ଅନେକ ପ୍ରକୃତ ଚାଷୀ ଟଙ୍କା ପାଇନାହାନ୍ତି । ଯେଉଁମାନେ ନ ପାଇବା କଥା ସେମାନେ ପାଇଛନ୍ତି ।

ବିଶ୍ୱନାଥ ଜେନା, ଡୁମୁଡୁମା, ଭୁବନେଶ୍ୱର

### ଅନ୍ଧବିଶ୍ୱାସର ଅନ୍ଧକାର

ଆମ ରାଜ୍ୟର ବଣପାହାଡ଼ ଘେରା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ପ୍ରତି ପ୍ରଶାସନର ନିଘା ନାହିଁ । ଗୁଣିଗାରେଡିକୁ ସେମାନେ ପରମ୍ପରା କ୍ରମେ ଗ୍ରହଣ କରିଆସୁଛନ୍ତି । ରାଜ୍ୟରେ ଗୁଣିଗାରେଡିଜନିତ ହତ୍ୟାକାଣ୍ଡ ନ କମିବାର କାରଣ ପଛରେ ରହିଛି କିଛି ଲୋକଙ୍କ ଭିତରେ ଥିବା ଦୁଃସ୍ଥ ମାନସିକତା, ଅଶିକ୍ଷା ଓ ଅନ୍ଧବିଶ୍ୱାସ । ଅନ୍ଧବିଶ୍ୱାସର ଅନ୍ଧକାରକୁ ଦୂର କରିବା ପାଇଁ ସରକାରୀ ସ୍ତରରେ କାର୍ଯ୍ୟକ୍ରମ ହାତକୁ ନିଆଯିବା ଉଚିତ । ସେମାନଙ୍କ ପାଖରେ ଗମନାଗମନ, ଯୋଗାଯୋଗ ସୁବିଧା ଓ ଶିକ୍ଷାର ବାର୍ତ୍ତା ପହଞ୍ଚାଇବା ଆବଶ୍ୟକ ।

ଦେବତିକ୍ତ ମିଶ୍ର, ଦେବଭବନ, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### କାର୍ତ୍ତିକେଶ୍ୱର ପୂଜା

**ନାକଟିଦେଉଳ,୧୫।୧୧(ଡିଏନ.ଏ.)-** ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଡଉଁଚା ପଞ୍ଚାୟତର ହିନ୍ତରାଇ ଗ୍ରାମରେ ଗତ ୧୨ତାରିଖଠାରୁ କାର୍ତ୍ତିକେଶ୍ୱର ପୂଜା ଆୟୋଜିତ ହେଉଛି। ଜଗନ୍ନାଥ ଗଡ଼ନାୟକ ଏବଂ ନିଦ୍ରା ଗଡ଼ନାୟକ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ସଂପନ୍ନ କରିଛନ୍ତି। ଶନିବାର ସନ୍ଧ୍ୟାରେ ଭସାଣି ଶୋଭାଯାତ୍ରା ଆୟୋଜିତ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି। ଏହି ଅବସରରେ ଏକ ନୃତ୍ୟ ପ୍ରତିଯୋଗିତାରେ ଆଖପାଖ ଗାଁରୁ ୬୦ଜଣ ପିଲା ଭାଗ ନେଇଥିଲେ। ତୋଫାନ ଗଡ଼ନାୟକ, ବିଶ୍ୱଜିତ ସାହୁ, ଜୟନ୍ତ ଗଡ଼ନାୟକ, ଦେବାଶୀଷ ସାହୁ, ଅଜିତ ଗଡ଼ନାୟକ, ବାନାମ୍ବର ମାଝୀ, ନରହରି ମାଝୀ, ଜଗନ୍ନାଥ ଦେହୁରୀ, ଲିକୁନ ସାହୁ, ରଂଜନ ଗଡ଼ନାୟକ ପ୍ରମୁଖ ସହଯୋଗ କରିଥିଲେ।

### ସୁଇପର, ଆଟେଣ୍ଡାଣ୍ଟ ରୋଗୀ ଦେଖୁଛନ୍ତି

**ସମ୍ବଲପୁର, ୧୫।୧୧ (ବ୍ୟୁରୋ)-** ସମ୍ବଲପୁର ଜିଲା ସଦର ଡାକ୍ତରଖାନା ବିଭିନ୍ନ ଘଟଣାକୁ ନେଇ ଚର୍ଚ୍ଚାରେ ରହିଥିବା ବେଳେ ଏବେ ଆଉ ଏକ ଫର୍ଦ୍ଦ ଯୋଡି ହୋଇଛି । ଡାକ୍ତରଖାନାର ଜଣେ ସୁଇପର ଓ ଆଟେଣ୍ଡାଣ୍ଟ ଜଣେ ଦୁର୍ଘଟଣାଗ୍ରସ୍ତ ରୋଗୀଙ୍କ ଚିକିତ୍ସା କରୁଥିବା ଭିଡିଓ ଭାଇରାଲ ହୋଇଛି। ଏହାକୁ ନେଇ ସହରରେ ଚର୍ଚ୍ଚାର ବିଷୟ ପାଲଟିଛି । ହେଲେ ଏହି ଘଟଣାର ତଦନ୍ତ କରାଯିବ। କେଉଁ ପରିସ୍ଥିତିରେ ସେମାନେ ରୋଗୀଙ୍କୁ ଚିକିତ୍ସା କରିଲେ ଓ କ'ଣ ଆବଶ୍ୟକତା ଥିଲା ସେ ନେଇ ରିପୋର୍ଟ ମଗାଯିବ ବୋଲି ସିଡିଏମ୍‌ଓ ଶଶିଭୂଷଣ ପଟେଲ କହିଛନ୍ତି।

# ସଡ଼କ ସୁରକ୍ଷା ସଚେତନତା ଉପରେ ଗୁରୁତ୍ୱାରୋପ

**ଦେବଗଡ଼, ୧୫।୧୧(ଡି.ଏନ.ଏ)**



ଜିଲା ସଡକ ସୁରକ୍ଷା ସମିତିର ବୈଠକରେ ଉପସ୍ଥିତ ଅଧିକାରୀମାନେ ।

**ଜିଲା ସଡକ ସୁରକ୍ଷା ସମିତି ବୈଠକ**
- ଶିକ୍ଷାନୁଷ୍ଠାନଗୁଡିକରେ ଚାଲୁଥିବା ବସ୍‌ର ଫିଟନେସ୍ ଯାଞ୍ଚ ହେବ
- ଚାଳକମାନଙ୍କର ଡ୍ରାଇଭିଂ ଲାଇସେନ୍ସ ବି ଯାଞ୍ଚ କରିବା ପାଇଁ ନିର୍ଦ୍ଦେଶ
- ଛାତ୍ରୀଛାତ୍ରଙ୍କ ହେଲମେଟ୍‌ର ବ୍ୟବହାର, ଡ୍ରାଇଭିଂ ଲାଇସେନ୍ସ ଉପରେ ସଚେତନତା

ସ୍ଥାନୀୟ ଓସ୍ୱାନ ହଲଠାରେ ଜିଲା ସଡକ ସୁରକ୍ଷା ସମିତିର ଏକ ବୈଠକ ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲାପାଳ ସାମଲ ସଡକ ସୁରକ୍ଷା ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହା ସଙ୍ଗେସଙ୍ଗେ ଶିକ୍ଷାନୁଷ୍ଠାନଗୁଡିକରେ ଚାଲୁଥିବା ବସ୍‌ର ଫିଟନେସ୍ ଏବଂ ଚାଳକମାନଙ୍କର ଡ୍ରାଇଭିଂ ଲାଇସେନ୍ସ ଇତ୍ୟାଦି ଯାଞ୍ଚ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ମହାବିଦ୍ୟାଳୟମାନଙ୍କରେ ଛାତ୍ରୀଛାତ୍ର ନେଇ ଆସୁଥିବା ଦୁଇ ଚକିଆ ଗାଡିଚଳାଇବା ସମୟରେ ହେଲମେଟ୍‌ର ବ୍ୟବହାର ଏବଂ ସେମାନଙ୍କର ଡ୍ରାଇଭିଂ ଲାଇସେନ୍ସ ସମ୍ବନ୍ଧରେ ମହାବିଦ୍ୟାଳୟର ଅଧ୍ୟକ୍ଷମାନେ ସଚେତନତା ସୃଷ୍ଟି କରିବା ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ। ଦେବଗଡଠାରୁ ତିଲେଇବଣି ଏବଂ ଦେବଗଡଠାରୁ ବାରକୋଟ ଜାତୀୟ ରାଜପଥର ଆସନ୍ତା ୨୦ତାରିଖ ସୁଦ୍ଧା ମରାମତି କାର୍ଯ୍ୟ ଶେଷ କରି ଯାନବାହନ ଚଳାଚଳ ଉପଯୋଗୀ କରିବାକୁ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ବ୍ୟତୀତ ମଦ୍ୟପାନ କରି ଗାଡି ଚାଳନା ଏବଂ ଗାଡି ଚାଳନା ସମୟରେ ମୋବାଇଲ ବ୍ୟବହାର ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକର ଆଲୋଚନା ଅନୁଯାୟୀ ଜିଲାର ପ୍ରମୁଖ ସ୍ଥାନମାନଙ୍କରେ ନୂତନ ମୋଟରଯାନ ଆଇନ ସମ୍ବନ୍ଧୀୟ ବିଷୟ ଉପରେ ସଚେତନତା ସୃଷ୍ଟି କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ସମୟରେ ଲୋକମାନଙ୍କଠାରୁ ମଧ ମତାମତ ଗ୍ରହଣ କରାଯିବ। ଏ ସମ୍ବନ୍ଧରେ କାର୍ଯ୍ୟଖସଡା ପ୍ରସ୍ତୁତି ପାଇଁ ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯିବାକୁ ନିଷ୍ପତ୍ତି ନିଆଗଲା । ଜାତୀୟ ରାଜପଥ କଡରେ ଥିବା ଢାବାଗୁଡିକରେ ମଦ ବିକ୍ରି ଉପରେ ରୋକ୍ ଲଗାଇବା ପାଇଁ ସମୟ ବ୍ୟବଧାନରେ ଚଢାଉ କରିବାକୁ ଜିଲାପାଳ ଉପସ୍ଥିତ ଅବକାରୀ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସଡକ ସୁରକ୍ଷା ସମ୍ବନ୍ଧୀୟ ବିଷୟ ବସ୍ତୁ ଉପରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯିବ ଓ ଶିକ୍ଷାନୁଷ୍ଠାନମାନଙ୍କରେ ମଧ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏ ସମ୍ବନ୍ଧୀୟ କାର୍ଯ୍ୟଖସଡା ଜିଲା ଶିକ୍ଷା ଅଧିକାରୀ ପ୍ରସ୍ତୁତ କରିବାକୁ ନିଷ୍ପତି ନିଆଗଲା । ବୈଠକରେ ଉପସ୍ଥିତ କିଛି ସଦସ୍ୟ ରାଜପଥର କେଉଁ କେଉଁ ସ୍ଥାନରେ ବିଦ୍ୟୁତ ତାର ଓହଳି ପଡିଥିବାରୁ ଦୁର୍ଘଟଣା ଆଶଙ୍କା ପ୍ରକାଶ କରି ଏହା ଉପରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିଥିଲେ। ଏ ଦିଗରେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳ ୱେସକୋ ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରାରମ୍ଭରେ ଆଞ୍ଚଳିକ ପରିବହନ ଅଧିକାରୀ ପ୍ରମୋଦ ସାହୁ ସ୍ୱାଗତ ଜଣାଇବା ସଙ୍ଗେ ସଙ୍ଗେ ଆଲୋଚ୍ୟ ବିଷୟବସ୍ତୁ ଉପସ୍ଥାପନ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ଅଧିକ୍ଷକ ରାହୁଲ ଜୈନ, ଏଡିଏମଓ ଡ. ସୁବାସ ଚନ୍ଦ୍ର ମଣ୍ଡଳ, ଆର.ଏଣ୍ଡ ବି. ନିର୍ବାହୀ ଯନ୍ତ୍ରୀ ନାରାୟଣ ପଟେଲ, ସରକାରୀ ପଲିଟେକ୍‌ନିକ ମହାବିଦ୍ୟାଳୟର ଅଧକ୍ଷ ପି.କେ. ପଟ୍ଟନାୟକ, ଅବକାରୀ ଅଧୀକ୍ଷକ ରମେନ୍ଦ୍ର ନାରାୟଣ ନାୟକ, ଜିଲା ଶିକ୍ଷା ଅଧିକାରୀ ପ୍ରଦୋଷ କୁମାର ନାୟକ, ଜିଲା କ୍ରୀଡା ଅଧିକାରୀ ଶଙ୍କର ପ୍ରସାଦ ଅଧିକାରୀ, ଦେବଗଡ ମହାବିଦ୍ୟାଳୟର ଅଧାପକ କ୍ୟାପଟେନ ସଂଗ୍ରାମ କିଶୋର ନନ୍ଦ, ସଦସ୍ୟ ସତ୍ୟ ନାରାୟଣ ମିଶ୍ର ଏବଂ ସଂସ୍କାର କୁମୁଦ ଚନ୍ଦ୍ର ଶତପଥି, ଏନଏଚଏଆଇର ଦୀପକ ଶର୍ମା, ଓରିଏଣ୍ଟାଲ ର ଏଜିଏମ. ଏଚ.ଆର. ଜି. ସିମାଦ୍ରୀ ପ୍ରମୁଖ ଯୋଗଦେଇଥିଲେ ।


ଗୋହିରା ସାହିରେ ବିର୍ସା ମୁଣ୍ଡାଙ୍କ ଜୟନ୍ତୀରେ ଉପସ୍ଥିତ ସଦସ୍ୟ।

# ବିର୍ସା ମୁଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି

**ଦେବଗଡ, ୧୫।୧୧(ଡି.ଏନ.ଏ)**

ଦେବଗଡ ସହର ଗୋହିରା ସାହିରେ ଶହୀଦ ବିର୍ସା ମୁଣ୍ଡାଙ୍କ ୧୪୪ତମ ଜୟନ୍ତୀ ଧୁମଧାମରେ ପାଳିତ ହୋଇଯାଇଛି। ଏହି ଅବସରରେ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ଦେଇ ଓ ମହମବତୀ ଜାଳି ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସେମ୍ ହେମ୍ରମ, ଦେବାଶିଷ ପ୍ରସାଦ ନାୟକ, ମିନତୀ ନାଏକ, ସୂର୍ଯ୍ୟକାନ୍ତ ସହିସ, ସରୋଜିନୀ ମୁଣ୍ଡା, ଅଜୟ ଖଡିଆ, ତରସା ମନସିଦା, ଲାଲିତା ଏକ୍କାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।



# ସାଢ଼େ ସାତ ଫୁଟର ଅଜଗର ଉଦ୍ଧାର

**ଦେବଗଡ଼, ୧୫।୧୧ (ଡ଼ି.ଏନ୍.ଏ)**

ତିଲେଇବଣି ବ୍ଲକ ଅନ୍ତର୍ଗତ ଛେପିଲିପାଲି ଗ୍ରାମରୁ ସାଢେ ୭ଫୁଟର ଅଜଗର ବନ ବିଭାଗ ଦ୍ୱାରା ଉଦ୍ଧାର କରାଯାଇଛି। ଖବର ମୁତାବକ ଛେପିଲିପାଲି ଗ୍ରାମର ପ୍ରଦ୍ୟୁମ୍ନ ସୁହୁଲା ଧାନବିଲକୁ ଯାଇଥିବାବେଳେ ଅଜଗର ସାପକୁ ଦେଖିବାକୁ ପାଇଥିଲେ। ସେ ସଙ୍ଗେସଙ୍ଗେ ବନ ବିଭାଗକୁ ଫୋନ ମାଧ୍ୟମରେ ଖବର ଦେଇଥିଲେ। ଖବରପାଇ ବନବିଭାଗର ଫରେଷ୍ଟଗାର୍ଡ଼ ଭୋଲେଶ୍ୱର ସାହୁ, ଭୋଷ କୁଲା, ବାଉରୀବନ୍ଧୁ ଧଳ, କେଦାରନାଥ ପାଳ, ଦିପନ ଦେହୁରୀ, ହେମନ୍ତ ସତପଥି ଘଟଣାସ୍ଥଳକୁ ଯାଇ ସାପକୁ ଉଦ୍ଧାର କରି ରମ୍ଭାଦେବୀ ସଂରକ୍ଷିତ ଜଙ୍ଗଲରେ ଛାଡ଼ି ଦେଇଛନ୍ତି।



ମହୁଲୁଦରେ ଯୁବ ବୈଜ୍ଞାନିକ ଧୀରେନ ପ୍ରଧାନଙ୍କୁ ସମ୍ମାନିତ କରାଯାଉଛି।

# ବୈଜ୍ଞାନିକ, ଶିକ୍ଷକ, ଛାତ୍ର ସମ୍ମାନିତ

**ନାକଟିଦେଉଳ,୧୫।୧୧ (ଡି.ଏନ.ଏ.)**

ନାକଟିଦେଉଳ ବ୍ଲକ ମହୁଲୁଦ ଗାଁରେ ଯୁବକ ସଂଘ ପକ୍ଷରୁ ଯୁବ ବୈଜ୍ଞାନିକ ଧୀରେନ ପ୍ରଧାନ ଏବଂ ଶିକ୍ଷକ ଦାଶରଥୀ ରାଉଳଙ୍କୁ ସମ୍ମାନୀତ କରାଯାଇଛି। ସେହିପରି ବ୍ଲକର ମାଟ୍ରିକ ଟପ୍ପର ସୁଜାତା ସାହୁ ଏବଂ ଯୁକ୍ତ ଦୁଇ ଟପ୍ପର ଦେବସ୍ମିତା ଧଳଙ୍କୁ ବଳରାମ ସାହୁ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଛି। ଅଜିତ କୁମାର ବିଶ୍ୱାଳ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ବ୍ଲକ ଅଧକ୍ଷା ମନ୍ଦାକିନୀ ରାଉଳ, ଅଧାପକ ଭଜମୋହନ ପ୍ରଧାନ, ଡାକ୍ତର ଅମୂଲ୍ୟରତ୍ନ ମହନ୍ତ, ବଳମ ସରପଞ୍ଚ ବୀରେନ କୁମାର ପ୍ରଧାନ ଯୋଗ ଦେଇଥିଲେ। ନୃସିଂହ ଚରଣ ବିଶ୍ୱାଳ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଅଧାପକ ଦୀପେନ କୁମାର ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ସନ୍ତୋଷ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ପୁରୁଣାପାଣିଠାରେ ବିର୍ସା ମୁଣ୍ଡା ଜୟନ୍ତୀ ପାଳିତ

**ଦେବଗଡ଼, ୧୫।୧୧ (ଡି.ଏନ.ଏ.)**

ବାରକୋଟ ବ୍ଲକର ପୁରୁଣାପାଣିସ୍ଥିତ ଖେଳପଡ଼ିଆରେ ସେହି ଅଞ୍ଚଳର ସମସ୍ତ ଆଦିବାସୀ ମିଳିତ ଭାବେ ବିର୍ସା ମୁଣ୍ଡା ଜୟନ୍ତୀ ପାଳନ କରିଛନ୍ତି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଝରାକଣ୍ଢଲ ସରପଞ୍ଚ ପଦ୍ମଲିନା କମିତା ଯୋଗଦେଇ ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଜନ୍ ପିଟର ତିର୍କୀ, ଡ଼େଳାକର ଭୋଇ, ଚୋହ୍ନା ବାରୁଆ, ଆଥେଲ ତିର୍କୀ, ଦାନିଏଲ ତିର୍କୀ, ବାଗୁନ ଜାମୁଦା, ଆଲବନ୍ ଖେସ୍, ସମ୍ବଲପୁର ସାମାଜିକ ସେବା ସଂସ୍ଥାର ହୃଷୀକେଶ ସାହୁ, ପ୍ରେମାନନ୍ଦ ସାହୁ ପ୍ରମୁଖ ଯୋଗଦେଇ ବିର୍ସା ମୁଣ୍ଡାଙ୍କ ସଂଗ୍ରାମୀ ବଳିଦାନକୁ ମନେ ପକାଇ ଆଦିବାସୀ ଏକତା, କଳା, ସଂସ୍କୃତି, ଅଧିକାରକୁ ବଜାୟ ରଖିବା ପାଇଁ ଏବଂ ତାଙ୍କ ପ୍ରତି ହେଉଥିବା ଶୋଷଣ, ଅନ୍ୟାୟ, ଅତ୍ୟାଚାର ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ଆହ୍ୱାନ ଦେଇଥିଲେ। ଶେଷରେ ଆଦିବାସୀ ପରମ୍ପରା ଆଧାରିତ ସାଂସ୍କୃତିକ ନୃତ୍ୟ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଜୀବନଜ୍ୟୋତି ସ୍ୱୟଂ ସହାୟକ ଗୋଷ୍ଠୀ, ଦୟାସାଗର ସ୍ୱୟଂ ସହାୟକ ଗୋଷ୍ଠୀ, ଅନନ୍ତ ଜୀବନ ସ୍ୱୟଂ ସହାୟକ ଗୋଷ୍ଠୀର ସମସ୍ତ ସଭ୍ୟାସଭ୍ୟ ସକ୍ରିୟ ସହଯୋଗ କରିଥିଲେ।


ବାରକୋଟ ବ୍ଲକର ପୁରୁଣାପାଣିସ୍ଥିତ ଖେଳପଡ଼ିଆରେ ବିର୍ସା ମୁଣ୍ଡାଙ୍କ ଜୟନ୍ତୀରେ ଉପସ୍ଥିତ ସଦସ୍ୟ।

# ମଧୁମେହ ଚିହ୍ନଟ ଶିବିର

**ଚିପିଲିମା, ୧୫।୧୧ (ଡି.ଏନ.ଏ.)**

ଗୋଡଭଗା ଲାୟନ୍ସ କ୍ଲବ ରୋୟାଲ ପକ୍ଷରୁ ମଧୁମେହ ରୋଗ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୧୦୬ ଜଣଙ୍କର ମଧୁମେହ ପରୀକ୍ଷା ହୋଇଥିଲା । ଅନୁଷ୍ଠାନର ସଭାପତି ଲାୟନ ବାଳକୃଷ୍ଣ ସାହୁ, ଦେବବ୍ରତ ରଥ, ସତିଶ ଦାସ, ରଞ୍ଜନ ବାରିକ, ବେଦବ୍ୟାସ ସେଠ, ମନୋଜ ଶର୍ମା, ସୁଧିର ଦାସ ପ୍ରମୁଖଙ୍କ ସହ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ବାଳିକା ବିଦ୍ୟାଳୟରେ ବିଭିନ୍ନ ପ୍ରତିଯୋଗିତା

**ରେଢାଖୋଲ,୧୫।୧୧ (ଡି.ଏନ.ଏ.)**

ରେଢାଖୋଲ ତାଲୁକ ଆଇନସେବା ପ୍ରାଧିକରଣ ସମିତି ପକ୍ଷରୁ ସ୍ଥାନୀୟ ଶୁଣ୍ଠିମୁଣ୍ଡା ସରକାରୀ ଏସ୍‌ଏସ୍‌ଡି ବାଳିକା ବିଦ୍ୟାଳୟରେ ଛାତ୍ରୀମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ସଙ୍ଗୀତ, ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି। ତାଲୁକ ଆଇନସେବା ପ୍ରାଧିକରଣ ସମିତିର ଅଧକ୍ଷା ତଥା ସବ୍ ଜଜ୍ ଅପୂର୍ବା ଚୌଧୁରୀ ଏଥିରେ ସଭାପତିତ୍ୱ କରିଥିଲେ। ଡେପୁଟି କଲେକ୍ଟର ଏଜେଲିନା ବ୍ରାର, ସରକାରୀ ଓକିଲ ନାରାୟଣ ତ୍ରିପାଠୀ, ପ୍ରେମଚାନ୍ଦ କୁଲୁ, ରିଟେନର ଉମାକାନ୍ତ ମହାନନ୍ଦ, ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ବାଗ ପ୍ରମୁଖ ଯୋଗ ଦେଇଥିଲେ। ସଂଶିତା ମୁଣ୍ଡା, ନାମାନି କେରକେଟା, ରଶ୍ମିତା ଖାଲକୋ, ସୁନୀତା ଲୁଗୁନ, ମାନିକ୍ ଟପ୍ପୋ, ଦୁଲାରୀ ବାର୍ଜୋ ପ୍ରମୁଖଙ୍କୁ ବିଚାରପତି ଚୌଧୁରୀ ପୁରସ୍କୃତ କରିଥିଲେ।

# ଶିଶୁ ଅଧିକାର ସମ୍ପର୍କିତ ଜିଲାସ୍ତରୀୟ କର୍ମଶାଳା

**ଦେବଗଡ଼,୧୫।୧୧(ଡି.ଏନ.ଏ)**

ସ୍ଥାନୀୟ ଜଳ ବିଭାଜିକା କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଓଡିଶା ଆଲାୟେନ୍ସ ଫର ଚାଇଲ୍ଡ ରାଇଟ (ଓସିସିଆର୍) ତରଫରୁ ଦେବଗଡ ସ୍ଥିତ ସିଏସ୍‌ଡିଆର୍ ସହାୟତାରେ ଶିଶୁ ଅଧିକାର ସମ୍ପର୍କୀତ ଏକ ଜିଲା ସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଦେବଗଡ ଶିଶୁ ମଙ୍ଗଳ ସମିତି ଅଧକ୍ଷା ଅତୁଲ୍ୟ କୁମାର ପୂଜାରୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର, ବରିଷ୍ଠ ଆଇନଜୀବୀ ଦିଲ୍ଲୀପ କୁମାର ଗୁରୁ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧୀର କମାର ନଇ ପ୍ରମୁଖ ଯୋଗଦେଇ ଶିଶୁ ମାନଙ୍କର ବିଭିନ୍ନ ଅଧିକାର, ବାଲ୍ୟ ବିବାହ, ଶିଶୁ ଚାଲାଣ, ଶିଶୁ ସୁରକ୍ଷା ନିମନ୍ତେ ରହିଥିବା ବିଭିନ୍ନ ଆଇନ ଓ ଶିଶୁମାନଙ୍କର ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ରିଆମାଳ ବ୍ଲକର ୩ଟି ପଞ୍ଚାୟତର ୯ଟି ଗ୍ରାମରେ ଶିଶୁ ଅଧିକାର ସମ୍ପର୍କରେ ହୋଇଥିବା ସର୍ବେକ୍ଷଣର ସାରାଂଶକୁ ଶିଶୁମାନଙ୍କ ଦ୍ୱାରା ଉପସ୍ଥାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସିଏସ୍‌ଡିଆର୍‌ର ସମ୍ପାଦିକା ରୀତାରାଣି ରାଉତ ପରିଚାଳନା କରିଥିଲେ।



ଶିଶୁ ଅଧିକାର ସମ୍ପର୍କିତ କର୍ମଶାଳାରେ ଉପସ୍ଥିତ ଅତିଥି।


**OFFICE OF THE PRINCIPAL**
**S.V.M. AUTOTOMOUS COLLEGE**
JAGATSINGHPUR – 754103 (ODISHA)
Tel : 06724-220027, Fax : 06724-220119,
E-mail : svmcorissa@gmail.com

**ADVERTISEMENT**

Sealed quotations are invited from the intending suppliers /authorized dealers/ manufacturers having GST/ VAT clearance for supply of Science Laboratory equipments viz. apparatus, chemicals,- glassware, museum specimen, plant materials, charts and development of laboratory infrastructure and EPM registered farms for furniture (Desk-cum-Bench only) of this college under project RUSA. The quotations should reach the office of the Principal, S.V.M. Autonomous College, Jagatsinghpur through Regd.Post/ Speed Post only by 23.11.2019 upto 5 p.m. The sealed quotations will be opened on 25.11.2019 at 11 a.m. The details of specifications may be downloaded from our Website www.svmcauto.org.in. Earlier advertisement in this regard published in Odia 'daily "The Pragatibadi" and English daily "The Indian Express" on 25.9.2019 is hereby cancelled. The undersigned reserves the right to reject any or all quotations without assigning any reason thereof.

Sd./- Principal
S.V.M. Autonomous College, Jagatsinghpur

**ନ୍ୟାଶନାଲ ଇନ୍‌ସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍**
(ଭାରତ ସରକାରଙ୍କ ଏକ ଉପକ୍ରମ)
ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ
ନेशनल इन्श्योरेन्स National Insurance
୧୯୦୬ଠାରୁ ବିଶ୍ୱସନୀୟ
୬ଷ୍ଠ ମହଲା, ଇଡ୍‌କୋ ଟାୱାର୍ସ, ଜନପଥ, ଭୁବନେଶ୍ୱର - ୭୫୧୦୨୨

**ଢେଙ୍କାନାଳଠାରେ କାର୍ଯ୍ୟାଳୟ ପରିସର ଆବଶ୍ୟକ**

ଆମର ଢେଙ୍କାନାଳ ଶାଖା କାର୍ଯ୍ୟାଳୟ ପାଇଁ ମେନ୍ ରୋଡ୍, ଢେଙ୍କାନାଳଠାରେ ୧୦୦୦ ବର୍ଗ ଫୁଟ୍ କାର୍ପେଟ୍ ଏରିଆ ପରିମାପର ତଳ ମହଲା/ପ୍ରଥମ ମହଲା କିମ୍ବା ଲିଫ୍ଟ ସୁବିଧା ଥିବା ଉଚ୍ଚତର ମହଲାରେ, ଦୁଇଟି ଶୌଚାଳୟ (ଗୋଟିଏ ମହିଳାଙ୍କ ପାଇଁ), ୦୨ କାର୍ ଓ ୧୨ ଦୁଇଚକିଆ ପାର୍କିଂ ଜାଗା ରହିଥିବା କାର୍ଯ୍ୟାଳୟ ପରିସରକୁ ପ୍ରତ୍ୟେକ ୦୫ ବର୍ଷରେ ଉପଯୁକ୍ତ ଭଡ଼ା ବୃଦ୍ଧି ସହିତ ୧୫ ବର୍ଷ ପାଇଁ ଲିଜ୍ ସୂତ୍ରରେ ଦେବା ପାଇଁ ଦୁଇ ବିଡ୍ ଢଉମୁଦଦିଆ (ଟେକ୍ନିକାଲ୍ ଓ ଫାଇନାନ୍ସିଆଲ୍ ବିଡ୍) ଅଫର୍ ଆମନ୍ତ୍ରଣ କରାଯାଉଛି । ଟେଣ୍ଡର ଫର୍ମ ସମେତ ଦିଗ୍‌ନିର୍ଦ୍ଦେଶାବଳୀ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ, ଅନୁଗୋଳ ଡିଓ, ଏବଂ ଢେଙ୍କାନାଳ ବିଓରେ କାର୍ଯ୍ୟାଳୟ ନିର୍ଘଣ୍ଟ ମଧ୍ୟରେ ଉପଲବ୍ଧ ହେବ । ଟେଣ୍ଡର ଦାଖଲ/ପ୍ରାପ୍ତିର ଶେଷ ତାରିଖ ହେଉଛି **୦୨.୧୨.୨୦୧୯ ଅପରାହ୍ଣ ୪ ଘଟିକା** ସୁଦ୍ଧା, ଯାହାକୁ ପଞ୍ଜୀକୃତ ଡାକ/ସ୍ପିଡ୍ ପୋଷ୍ଟ/କୋରିୟର୍ ସେବା ମାଧ୍ୟମରେ ଅଥବା ଇଡ୍‌କୋ ଟାୱାର୍ସ, ୬ଷ୍ଠ ମହଲା, ଭୁବନେଶ୍ୱରଙ୍କ ଆଞ୍ଚଳିକ କାର୍ଯ୍ୟାଳୟର ଟେଣ୍ଡର ବାକ୍ସରେ ସିଧାସଳଖ ପକାଯାଇପାରିବ। ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ ପ୍ରବନ୍ଧକ, ଇଷ୍ଟେଟ୍ ବିଭାଗ, ଆଞ୍ଚଳିକ କାର୍ଯ୍ୟାଳୟ/ଅନୁଗୋଳ ଡିଭିଜନାଲ କାର୍ଯ୍ୟାଳୟ, ହନୁମାନ ବଜାର, ଅନୁଗୋଳ – ୭୫୯୧୨୨ / ଢେଙ୍କାନାଳ ଶାଖା କାର୍ଯ୍ୟାଳୟ, ମଧୁକୁଞ୍ଜ, ସାଉଥ୍ ମଧୁବନ, ଢେଙ୍କାନାଳ – ୭୫୯୦୦୧ କିମ୍ବା ଫୋନ୍ ନଂ.: ୦୬୭୬୪-୨୩୦୬୦୨/୦୬୭୬୨-୨୨୪୫୨୨ କିମ୍ବା ଆମ ୱେବ୍‌ସାଇଟ୍: (www.nationalinsurance.nic.co.in) ପରିଦର୍ଶନ କରନ୍ତୁ ।
ଦଲାଲମାନେ ଆବେଦନ କରିବା ଆବଶ୍ୟକ ନୁହେଁ ।

(ସ୍ୱା./- ଅଭିରାମ ସେଠୀ)
ମୁଖ୍ୟ ଆଞ୍ଚଳିକ ପ୍ରବନ୍ଧକ

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତିଗୁଡିକ ନିମନ୍ତେ) [ରୁଲ୍- ୮ (୧)]

ନିମ୍ନ ସ୍ୱାକ୍ଷରକାରୀ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ଭୁବନେଶ୍ୱର**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ୨୦୦୨ର ରୁଲ୍ ୩ ସହିତ ଧାରା ୧୩(୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତାମ/ଗ୍ୟାରେଣ୍ଟିଦାତାଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ନୋଟିସ୍ ଦର୍ଶିତ ରାଶି ଏବଂ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଆନୁସଙ୍ଗିକ ଦେୟ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ରେ ଦିଆଯାଇଥିବା ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିକୁ ଦଖଲ ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନୋଟିସ୍ ଦର୍ଶିତ ରାଶି ଏବଂ ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଆଇନଗତ ଖର୍ଚ୍ଚ ଓ ଆନୁସଙ୍ଗିକ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।
**ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ନୋଟିସ୍ ତାରିଖ |
| --- | --- | --- | --- |
| **ଋଣଗ୍ରହୀତା: ମେସର୍ସ ବିକାଶ,** ସା: ରାମଚନ୍ଦ୍ରପୁର ରୋଡ୍, ଗ୍ରାମ: ଧାନଘର, ଚିକିଟି, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, **ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଭି. ବିକାଶ ରାଜୁ,** ସା: ମାଝିଡ଼େରା ସାହି, ପୋ: ପାତ୍ରପୁର, ଭାୟା: କରଡ଼ା, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୦୦୪/ **ଗ୍ୟାରେଣ୍ଟିଦାତା: ଶ୍ରୀ ଭି. ସୋମେଶ୍ୱର ରାଜୁ,** ସା: ମାଝିଡ଼େରା ସାହି, ପୋ: ପାତ୍ରପୁର, ଥାନା: କରଡ଼ା, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୦୦୪ | **୧. ଶ୍ରୀ ଭି. ସୋମେଶ୍ୱର ରାଜୁଙ୍କ** ନାମରେ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର ମୌଜା: ପାତ୍ରପୁର, ତହସିଲ: ପାତ୍ରପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ଖାତା ନଂ.: ୩୫୪/୮୫୬, ପ୍ଲଟ ନଂ.: ୧୬୯୬, କ୍ଷେତ୍ର: ଏକର ୦.୦୨୨ ଡ଼ିସିମିଲ, କିସମ: ଘରବାରୀ **୨. ଶ୍ରୀ ଭି. ସୋମେଶ୍ୱର ରାଜୁଙ୍କ** ନାମରେ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର ମୌଜା: ପାତ୍ରପୁର, ତହସିଲ: ପାତ୍ରପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ଖାତା ନଂ.: ୩୫୪/୯୩୯, ପ୍ଲଟ ନଂ.: ୧୫୦୩, କ୍ଷେତ୍ର: ଏକର ୦.୦୧୮ ଡ଼ିସିମିଲ, କିସମ: ଘରବାରୀ **୩. ଶ୍ରୀ ଭି. ବିକାଶ ରାଜୁଙ୍କ** ନାମରେ ଥିବା ଜମି ର ସମସ୍ତ ଅଂଶବିଶେଷ ଯାହାର ମୌଜା: ରାମଚନ୍ଦ୍ରପୁର, ତହସିଲ: ଚିକିଟି, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ଖାତା ନଂ.: ୧୬୫/୪୪୧, ପ୍ଲଟ ନଂ.: ୪୮୬/୨୭୨୮, କ୍ଷେତ୍ର: ଏକର ୦.୧୦୫ ଡ଼ିସିମିଲ, କିସମ: ଘରବାରୀ | **ତା.୩୧.୦୩.୨୦୧୯** ପର୍ଯ୍ୟନ୍ତ ସୁଧ ଏବଂ ଖର୍ଚ୍ଚ ସହିତ **ଟ.୧,୫୦,୬୮,୬୦୯/-** + ସେବାବଦ ସୁଧ ଏବଂ ଖର୍ଚ୍ଚ | ୦୩.୦୪.୨୦୧୯ / ୧୫.୧୧.୨୦୧୯ |

**ସ୍ଥାନ: ଭୁବନେଶ୍ୱର**
**ତାରିଖ : ୧୫.୧୧.୨୦୧୯**
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

**IN THE DEBTS RECOVERY TRIBUNAL AT CUTTACK**
**C-71, Sector-7, CDA, Cuttack- 753014 (Odisha)**
**O.A.No. 143/2019**

**Utkal Grameen Bank**
Stressed Asset Recovery Branch Sambalpur .... Applicant
-Versus-
**Tapan Pradhan** & Others .... Defendants

To,
Defendant No.1: **Tapan Pradhan**, S/o: Late Jaharu Pradhan, At- Bazarpada, Belpahar, Po- Belpahar, Ps- Brajarajnagar, Dist- Jharsuguda, PIN- 768218
Defendant No.2: **Bharat Kumar Pradhan**, S/o: Late Jaharu Pradhan, At- Bazarpada, Belpahar, Po- Belpahar, Ps- Brajarajnagar, Dist- Jharsuguda, PIN- 768218
Defendant No.3: **Debaki Pradhan,** W/o: Late Jaharu Pradhan, At- Bazarpada, Belpahar, Po- Belpahar, Ps- Brajarajnagar, Dist- Jharsuguda, PIN- 768218
Defendant No.4: **Jamuna Pradhan,** D/o: Late Jaharu Pradhan, At- Bazarpada, Belpahar, Po- Belpahar, Ps- Brajarajnagar, Dist- Jharsuguda, PIN- 768218
Defendant No.5: **Ramesh Bhainsal,** S/o: Srikara Bhainsal, At- Sarada, Po- Belpahar, Ps- Brajarajnagar, Dist- Jharsuguda, PIN- 768218

**Summons by Paper Publication for Showing Cause as to Why the Relief Prayed for should not be granted**

Take notice that the Applicant has instituted the aforesaid Original Application before this Tribunal for recovery of **Rs. 31,18,103.00** only together with current and future interest, cost and other reliefs.

You are therefore hereby directed to appear before this Tribunal in person or through authorised agent, in support of your defence to show cause within 30 days from the date of publication or on 24th day of December, 2019 at 10.30 A.M. as to why the reliefs prayed for should not be granted.

Take notice that in case of default the Application will be heard and determined in your absence.

Given under my hand and seal of this Tribunal, on this 8th day of November, 2019

**Manoj Kumar Patnaik**
**Registrar**
**Debts Recovery Tribunal, Cuttack**



ଆମେରିକୀୟଙ୍କ ସ୍ୱପ୍ନ ପୂରଣ ପାଇଁ ଆମେ ଏଠାକୁ ଆସିଛୁ । ହେଲେ ଦେଶର ଗଣତନ୍ତ୍ର ଏବେ ବିପଦରେ, ଯାହା ପୂର୍ବରୁ କେବେ ହୋଇ ନ ଥିଲା ।
- କମଲା ହାରିସ, ସିନେଟର



## ସଂକ୍ଷେପରେ



### ଲାୟନ୍ସ କ୍ଲବ ସିଲ୍କ ପକ୍ଷରୁ ମଧୁମେହ ପରୀକ୍ଷା ଶିବିର

ସମ୍ବଲପୁର,୧୫।୧୧(ବ୍ୟୁରୋ): ସମ୍ବଲପୁର ଲାୟନ୍ସ କ୍ଲବ ସିଲ୍କ ପକ୍ଷରୁ ମଧୁମେହ ଓ ଉଚ୍ଚ ରକ୍ତଚାପ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ବୈଦ୍ୟନାଥ ଛକସ୍ଥିତ ନାରାୟଣୀ ମହିଳା ସଂଘ ଭବନଠାରେ ଆୟୋଜିତ ଶିବିରରେ ପ୍ରାୟ ୩ଶହ ଜଣଙ୍କ ମଧୁମେହ ଓ ଉଚ୍ଚ ରକ୍ତଚାପ ପରୀକ୍ଷା କରାଯାଇଥିଲା । ସଭାନେତ୍ରୀ ଆଶା ଲାଠ, ସମ୍ପାଦିକା ମୁନମୁନ ସୌଦାଗର, ଜୋନ ଅଧକ୍ଷା ଚରନଜିତ ହୁରା, ଶାରଦା ସିଙ୍ଘାନିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜୟନ୍ତୀରେ ବୀର ବିର୍ସା ମୁଣ୍ଡାଙ୍କୁ ସମ୍ମାନ

ସମ୍ବଲପୁର, ୧୫।୧୧ (ବ୍ୟୁରୋ)

ବୀର ବିର୍ସାମୁଣ୍ଡାଙ୍କ ୧୪୪ତମ ଜୟନ୍ତୀ ଶୁକ୍ରବାର ସମ୍ବଲପୁର ସହରର ବିଭିନ୍ନ ଅଞ୍ଚଳରେ ପାଳିତ ହୋଇଛି । ସକାଳେ ଅଇଁଠାପାଲି ଛକ ନିକଟସ୍ଥ ବିର୍ସାମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ କ୍ଷୀରାଭିଷେକ କରାଯାଇଥିଲା । ଏହାପରେ ମୂର୍ତ୍ତି ଚତୁପାର୍ଶ୍ୱରେ ଆବାଳ ବୃଦ୍ଧବନିତା ନୃତ୍ୟ କରି ଧରତିଆବା, ଆବୁଆ ରାଜ ବୋଲି ଜୟଧ୍ୱନୀ ଦେଇଥିଲେ । ଅପରାହ୍ନରେ ସାକ୍ଷୀପଡା, ଭୁତାପଡା, ଧୁଚୁରାପଡା, ଦେହେରୀପାଲି, ଅଇଁଠାପାଲି ଅଞ୍ଚଳରୁ ଶୋଭାଯାତ୍ରା ସହର ପରିକ୍ରମା କରି ବିର୍ସାମୁଣ୍ଡା ଛକଠାରେ ପହଞ୍ଚିଥିଲା । ସେଠାରେ ବିର୍ସାମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ରାସ୍ତାରେ ଆଦିବାସୀ ନୃତ୍ୟ ଓ ବାଦ୍ୟର ତାଳରେ ଆବାଳ ବୃଦ୍ଧବନିତା କାନ୍ଧକୁ କାନ୍ଧ



ଶୁକ୍ରବାର ସମ୍ବଲପୁରରେ ବୀର ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ଅବସରରେ ଛାତ୍ରୀଛାତ୍ରଙ୍କ ସହ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ।

ମିଳାଇ ନୃତ୍ୟ କରିଥିଲେ । ଆଦିବାସୀ ନୃତ୍ୟରେ ଦୁଲୁକି ଉଠିଥିଲା ଶୋଭାଯାତ୍ରା ପଥ ଓ ରାଜରାସ୍ତା । ଦେହେରିପାଲି ତଳିପଡା ବୀର ବିର୍ସାମୁଣ୍ଡା ବିକାଶ ସଂଘ, ଧୁଚୁରାପଡା ବୀର ବୁର୍ସାମୁଣ୍ଡା ଜୟନ୍ତୀ, ସାକ୍ଷୀପଡା ଆଦିବାସୀ କ୍ଲବ, ଆଦିବାସୀ କଲ୍ୟାଣ ମହାସଂଘ ପକ୍ଷରୁ ବିର୍ସାମୁଣ୍ଡାଙ୍କ ପ୍ରତିମୂର୍ତ୍ତି ସୁସଜ୍ଜିତ ରଥରେ ଉପବିଷ୍ଟ କରି ଶୋଭାଯାତ୍ରାରେ ସାମିଲ କରିଥିଲେ । ଏତତ୍‌ବ୍ୟତିତ ମାନ୍ଦଲ, ଝାଞ୍ଜ, ଢୋ଼ଲ, ନିଶାନ, ତାସା ବାଦ୍ୟର ତାଳରେ ଯୁବକ ଓ ବାଳକମାନେ ବିର୍ସାମୁଣ୍ଡାଙ୍କ ବେଶରେ ସଜ୍ଜିତ ହୋଇ ନୃତ୍ୟ କରିଥିଲେ । ଆଦିବାସୀ ଦଳିତ ସେନା ଶୋଭାଯାତ୍ରାରେ ଇସଲାମ ଧର୍ମର ମହିଳାମାନେ ଧନୁତୀର ଧରି ସାମିଲ ହୋଇ ଭାଇଚାରାର ନିଦର୍ଶନ ଦେଖାଇଥିଲେ । ଶୋଭାଯାତ୍ରାକୁ ସୁରେଶ ମୁଣ୍ଡା, ଶ୍ୟାମସୁନ୍ଦର ମୁଣ୍ଡା ପରିଚାଳନା କରିଥିଲେ । ସାକ୍ଷୀପଡା ଆଦିବାସୀ କ୍ଲବ ସଭାପତି ଗିରିଧାରୀ ମୁଣ୍ଡା, ଉପସଭାପତି ମହେଶ୍ୱର ମୁଣ୍ଡା, ସାଧାରଣ ସମ୍ପାଦକ ସହଦେବ ମୁଣ୍ଡା, ସହସମ୍ପାଦକ ସବ୍ୟସାଚୀ ମୁଣ୍ଡା, ପ୍ରବୀର କୁମାର ସିଂଦେଓଙ୍କ ନେତୃତ୍ୱରେ ଶୋଭାଯାତ୍ରା ହୋଇଥିଲା । ବିଶ୍ୱନାଥ ମୁଣ୍ଡା, ରାଜକୁମାର ମୁଣ୍ଡା, ବାବୁଲାଲ ଆଇନ୍ଦ, ଦୀପକ ମୁଣ୍ଡା, ଗୁରୁବାରୀ ମୁଣ୍ଡା, ବିରଞ୍ଚି ମୁଣ୍ଡା, ଜୟନ୍ତୀ ଆଇନ୍ଦ, ମାଧବୀ ମୁଣ୍ଡା, ରାନୀ ମୁଣ୍ଡା, ବବିତା ବଡପଣ୍ଡା, ସୋନାଲି ମୁଣ୍ଡା, ଟାଙ୍ଗରପାଲି ଏରୋ କ୍ଲବର ସୁନ୍ଦର ମୁଣ୍ଡା, ବିନୋଦ ମୁଣ୍ଡା, ଆକାଶ ମୁଣ୍ଡା, ବଳରାମ ମୁଣ୍ଡା, ସୁରେଶ ମୁଣ୍ଡା ଓ ବିଜୟ ମୁଣ୍ଡା ଶୋଭାଯାତ୍ରାରେ ସହଯୋଗ କରିଥିଲେ । ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ମୁଖ୍ୟଅତିଥି ଓ ବିଜେଡି ଟାଉନ ସଭାପତି ପ୍ରଫୁଲ୍ଲ କୁମାର ଦାଶ ଏବଂ ଭଗତ ଶର୍ମା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ବିଭିନ୍ନ ଛକ ଗୁଡିକରେ ସାମାଜିକ ଅନୁଷ୍ଠାନ ପକ୍ଷରୁ ପାଣି ଓ ସରବତ ବଣ୍ଟନ କରାଯାଇଥିଲା ।

## କୁଚିଣ୍ଡା ଏନ୍‌ଏସିକୁ ସମ୍ପୂର୍ଣ୍ଣ କୁଷ୍ଠମୁକ୍ତ ଲକ୍ଷ୍ୟ

କୁଚିଣ୍ଡା, ୧୫।୧୧ (ଡି.ଏନ.ଏ.)

କୁଚିଣ୍ଡା ଏନ୍‌ଏସିକୁ ସମ୍ପୂର୍ଣ୍ଣ କୁଷ୍ଠମୁକ୍ତ ଲକ୍ଷ୍ୟ ନେଇ କୁଚିଣ୍ଡା ବ୍ଲକ୍ ସମ୍ମିଳନୀ କକ୍ଷରେ ଶୁକ୍ରବାର ଏକ ବୈଠକ ଆୟୋଜିତ ହୋଇ ଯାଇଛି। ଏଥିରେ ସହକାରୀ ଜିଲାପାଳ ହରମେନ୍ଦ୍ର ଭୋଇ ସଭାପତିତ୍ୱ କରିଥିଲେ। କୁଚିଣ୍ଡା ଉପଖଣ୍ଡ ସ୍ୱାସ୍ଥ୍ୟ ଅଧିକାରୀ ଡା. କ୍ଷେତ୍ରମୋହନ କାଣ୍ଡ, ଜିଲା କୁଷ୍ଠ ନିରାକରଣ ସଂଯୋଜକ ଡା. ହରପ୍ରସାଦ ପ୍ରଧାନ, ଜିଲା କୁଷ୍ଠ ନିରାକରଣ ଅଧିକାରୀ ଡା. ପ୍ରଦୀପ କୁମାର ହୋତା, କୁଷ୍ଠ ନିରାକରଣ କର୍ମଚାରୀ ଜଗନ୍ନାଥ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ନଭେମ୍ବର ୧୮ ତାରିଖଠାରୁ ୩୦ ତାରିଖ ପର୍ଯ୍ୟନ୍ତ ଅଙ୍ଗନୱାଡି କର୍ମୀ, ମହିଳା ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ଯାଇ ସମସ୍ତଙ୍କୁ ପରୀକ୍ଷା କରିବେ । ସନ୍ଦେହ ଯୁକ୍ତ କୁଷ୍ଠରୋଗୀଙ୍କୁ ଡାକ୍ତରଙ୍କ ଦ୍ୱାରା ପରୀକ୍ଷା କରାଯାଇ ଏମ୍‌ଡିଟି ଔଷଧ ପ୍ରଦାନ କରାଯିବ ବୋଲି କୁହାଯାଇଛି।

# ଗୁରୁନାନକ ପବ୍ଲିକ ସ୍କୁଲରେ ପ୍ରଦର୍ଶନୀ

ସମ୍ବଲପୁର, ୧୫।୧୧ (ବ୍ୟୁରୋ)

ବିଜ୍ଞାନ, ସାମାଜିକ ବିଜ୍ଞାନ, ଚିତ୍ରକଳା ଓ ଫଟୋଗ୍ରାଫିକ ପ୍ରଦର୍ଶନୀ ଗୁରୁବାର ଗୁରୁନାନକ ପବ୍ଲିକ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସ୍କୁଲ ଅଧକ୍ଷ ଡ. ରବୀନ୍ଦ୍ରନାଥ ଦାଶଙ୍କ ତତ୍ତ୍ୱାବଧାନରେ ପ୍ରଦର୍ଶନୀ ହୋଇଥିଲା । ଏଥିରେ ୪୦୦ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ । ସମ୍ବଲପୁର ରେଲ ଅତିରିକ୍ତ ମଣ୍ଡଳ ପ୍ରବନ୍ଧକ ଏଲଭିଏସଏସ ପାତ୍ରୁଡୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ । ସ୍କୁଲ ପରିଚାଳନା କମିଟି ସଭ୍ୟ ରଞ୍ଜିତ ସିଂ ହୁରା, ଚରନଜିତ କୌର, ସୁର୍ଜିତ ସିଂ ବର୍ନାଲା, ଦିଲବାଗ ସିଂ ଚାୱାଲ, ଭାଜପା ଜିଲା ସାଧାରଣ ସମ୍ପାଦକ ଦାମୋଦର କର, ଶ୍ୟାମ ପନଂଶାରୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ପ୍ରଦର୍ଶନୀରେ ମୁଖ୍ୟତଃ ଚନ୍ଦ୍ରଜାନ-୨ ଆକର୍ଷଣୀୟ ଥିଲା । ଡ. ଭୂପାଳ ପଟେଲ, ପ୍ରିତି ମିଶ୍ର, ପ୍ରୟମ୍ବଦା ପଟ୍ଟନାୟକ, ବଟୁ ସିଂ, ପ୍ରଦୀପ୍ତ ମୋହନ ଦାଶ, ଗୋପାଳ ଦାଶ, ପ୍ରିତିରଞ୍ଜନ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହି ଅବସରରେ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀମାନେ ସମ୍ବଲପୁରୀ ପୋଷାକ ପରିଧାନ କରିଥିଲେ । ଏହା ସମ୍ବଲପୁରୀ ପୋଷାକର ପ୍ରଚାରପ୍ରସାର ସହ ଭାଷା, ସଂସ୍କୃତିକୁ ଉଜ୍ଜିବିତ କରିବାରେ ସହାୟକ ହେବେ ବୋଲି ଅଭିଭାବକମାନେ ମତବ୍ୟକ୍ତ କରିଥିଲେ।

# ନକ୍ସାପାଲିରେ କୌତୁକ ବେଶ ପ୍ରତିଯୋଗିତା

ସମ୍ବଲପୁର,୧୫।୧୧(ବ୍ୟୁରୋ):

କୌତୁକ ବେଶ ପ୍ରତିଯୋଗିତା ନକ୍ସାପାଲି ସ୍ଥିତ କୋଶଳ ଏଏନ୍‌ଏମ୍ ଆଣ୍ଡ ଜିଏନ୍‌ଏମ୍ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରମାନେ ମହାପୁରୁଷ, ଦେବାଦେବୀ, ବୃକ୍ଷଲତା ବେଶରେ ସଜ୍ଜିତ ହୋଇଥିଲେ। ୪୦ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ୧୬ଜଣଙ୍କୁ ପୁରସ୍କୃତ କରାଯାଇଥିଲା। ସଂଗୀତା ପଣ୍ଡା, ସୁଦିପ୍ତା ଦେବତା, ମୋନିକା ପୁରୋହିତ ବିଚାରକ ଥିଲେ । ମଧୁସ୍ମିତା ଖମାରୀଙ୍କ ସଂଯୋଜନା ଏବଂ ସବିତା ସେନ ଓ ବନ୍ଦିତାରାଣୀ ନାୟକଙ୍କ ପରିଚାଳନାରେ ପୁରସ୍କାର ବିତରଣ ଉତ୍ସବ ହୋଇଥିଲା । ଅନୁଷ୍ଠାନ ଅଧକ୍ଷ ଡା. ବସନ୍ତ କୁମାର ବିଶୋଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ



ଗୁରୁବାର ସମ୍ବଲପୁର ନକ୍ସାପାଲି କୋଶଳ ଏଏନ୍‌ଏମ ଆଣ୍ଡ ଜିଏନ୍‌ଏମ୍ ପରିସରରେ ଆୟୋଜିତ କୌତୁକ ବେଶ ପ୍ରତିଯୋଗିତାର ଛାତ୍ରୀଛାତ୍ରମାନେ ।

କରିଥିଲେ। ଗ୍ରୁପ-ଏରେ ଜାଗୃତି ବେହେରା, ଶିବାଶିଷ ଦାଶିଆ, ଗ୍ରୁପ-ବିରେ ରୁଦ୍ରନାରାୟଣ ବେହେରା, ହଂସିକା ବେହେରା, ଆଦ୍ୟାଅରୁପା ପତି, ପ୍ରତିକ ବେହେରା, ଗ୍ରୁପ-ସିରେ ଅଙ୍କିତା ମିଶ୍ର, ସ୍ୱରାଜ ପଟେଲ, ଶ୍ରେୟା ବର୍ମା, ପ୍ରଜ୍ଞା ବେହେରା, ପ୍ରିୟାଂଶି ପ୍ରଧାନ, ଗ୍ରୁପ-ଡିରେ ପ୍ରିୟାଂଶୁ ବିଶୋଇ, ଅଭିଷେକ ସାହୁ, ପ୍ରିୟମ୍ବଦା ମିଶ୍ର, ଗ୍ରୁପ-ଇରେ ରିମାଞ୍ଜଳି ବେହେରା, ସ୍ମୃତି ବେହେରା ଓ ସ୍ନେହାଞ୍ଜଳି ବେହେରା କୃତୀତ୍ୱ ହାସଲ କରିଥିଲେ ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆପଣା ଗାଁ ମଶାଣି;**
**ପର ଗାଁ ପାଣି ।**

ଜାତିଭାଇ ତଥା ଆତ୍ମୀୟ ପରିଜନଙ୍କ ଶବଦାହ କରାହୋଇଥିବା ହେତୁ ନିଜ ଗାଁ ମଶାଣି ପ୍ରତି ସଭିଙ୍କ ମନରେ ଏକ ଅଜଣା ଭୟ ସୃଷ୍ଟି ହୋଇଥାଏ । ସେହିପରି ପର ଗାଁ ନାଳ ପୋଖରୀ ସହ ବ୍ୟକ୍ତି ସେତେଟା ଅଭ୍ୟସ୍ତ ହୋଇ ନ ଥାଏ । ଫଳସ୍ୱରୂପ ମନରେ ନାନା ଆଶଙ୍କା ବା ଭୟ ସୃଷ୍ଟି ହେବା ଯଥାର୍ଥ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

**ଆଇଲ ତ ବନ୍ଧୁ ଭଲ କଲ,**
**ବସିବାକୁ ନାହିଁ ଠାଆ,**
**ପାଣି ମୁନ୍ଦେଏ ଦିଅନ୍ତି ବନ୍ଧୁ !**
**ଦଦରା ମାଠିଆ ।**

ବନ୍ଧୁ ଚର୍ଚ୍ଚା କରିବା ପାଇଁ କୁଣ୍ଠିତ ମନୋବୃତ୍ତି ଥିବା ଲୋକ ଦୁନିଆରେ ଅନେକ ଅଛନ୍ତି । ବନ୍ଧୁ ଯଦି ଅପେକ୍ଷାକୃତ ଗରିବ ହୋଇଥାଏ ତା'ହେଲେ ତା'ପ୍ରତି ହେୟଜ୍ଞାନ କରିବାକୁ କେତେକେ ପଛାଇ ନ ଥାନ୍ତି । ଘରକୁ ସମାଗତ ବନ୍ଧୁଙ୍କୁ ସତ୍କାର କରିବାରେ ଅନିଚ୍ଛା ପ୍ରକାଶ କରିବାକୁ ଯାଇ ବିଭିନ୍ନ ପ୍ରକାର ବାହାନା ପ୍ରଦର୍ଶନ କରାଯିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି ।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

Cashbeen ଆଣିଛି ସହଜରେ ଋଣ ପାଇବାର ସୁବର୍ଣ୍ଣ ସୁଯୋଗ। କେବଳ ପ୍ୟାନ୍‌କାର୍ଡ ସାହାଯ୍ୟରେ ମାତ୍ର 1% ସର୍ବାଧିକ ସୁଧରେ 50000 - 2000000 ପର୍ଯ୍ୟନ୍ତ ମାତ୍ର 24 ଘଣ୍ଟାରେ।
ଯୋଗାଯୋଗ କରନ୍ତୁ
9470240552
7596892410
PATNA

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ଥରେ ସେବାର ସୁଯୋଗ ନିଶ୍ଚୟ ଦିଅନ୍ତୁ
LOAN
ଟଙ୍କା ନେଉନୁ, ଧୋକା ଦେଉନୁ
ସମଗ୍ର ଓଡ଼ିଶାରେ ପ୍ରଥମ ଥର ପାଇଁ
ମୁଦ୍ରା ଫାଇନାନ୍ସ
ମାର୍କଶିଟ୍ | ପ୍ରପର୍ଟି | ଆଧାରକାର୍ଡ | ପର୍ସନାଲ | ପଶୁପାଳନ | ଗୃହ ଋଣ | ବ୍ୟବସାୟ | ଗ୍ରୁପ୍ ଋଣ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ
2% ସୁଧ - 50% ଛାଡ଼ ସହିତ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
ଠକମାନଙ୍କ ପ୍ରତି ସାବଧାନ
7289948952
7289999543
SCF-14, Aggarwal Estate, South Delhi

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ
ସମସ୍ତ ପ୍ରକାର LOAN
BARSA FINANCE
ଯୋଗାଇ ଦେଉଛି । ସୁଧ=1%
M = 7656825259, 7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

E-MUDRA FINANCE
All Odisha
★ Mudra Loan
★ Cash Credit Loan
★ Vehicle Loan
★ Agriculture Loan
★ Personal Loan
★ Business Loan
★ Mortgage Loan
★ Housing Loan
All types of Loan@ 1% Interest 50% Subsidy
Fund Received in 24 Hours
9614873562
B-34/A Block, Vijay Enclave, Burari, New Delhi

ଖର୍ଚ୍ଚ ଋଣରୁ କଟିବ
MAHALAXMI FINANCE
1 ଲକ୍ଷରୁ ୨୦ ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ T&C
1% ସୁଧ | 40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
9518852216, 9548270863
ADDRESS: T-51, GAUTAMPURI, DELHI

LOAN DHAMAKA
1) Mudra Loan
2) Term Loan
3) Cash Credit
4) Vehicle Loan
5) Housing Loan
6) Agriculture Loan
7) Used Car Loan
8) Mortgaged Loan
PD ASSOCIATE
91, Kharvela Nagar, BBSR
8895436156

EDUCATION

SPOT ADMISSION
B.Ed
Acharya Nagarjuna University
Equivalent to Govt. of Odisha
FREE Practical, Study Material, Form fill-up fees & Weekend Class
NIDT
NO-1 B.Ed Academy Since 2001
B.J.B. Nagar, Lewis Road, Bhubaneswar
7978204082, 9438286091

BUSINESS

ଭାରତର ନଂ. 1 କମ୍ପାନୀ
Hindusthan Tower Group
ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଓ ହାଇୱେ ପାର୍ଶ୍ୱ ଜମିରେ
DIGITAL
ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଆଡ୍‌ଭାନ୍ସ: 60 ଲକ୍ଷ
ଭଡ଼ା: 60 ହଜାର
94735-96956, 98070-64437
ADDRESS: T-51, GAUTAMPURI, DELHI

Galaxy Telecom Network Company
ଖାଲିଥିବା ଜମି, କ୍ଷେତ ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ମାତ୍ର ୪୮ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ + ବାଇକ୍ + 30,000ର ଅନ୍ୟାନ ସୁବିଧା
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
6204090239
8227843135

BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
07376033092

ଡାଇରେକ୍ଟ କମ୍ପାନୀର ଡିଜିଟାଲ ଟାୱାର୍
ଟାୱାର୍ କମ୍ପାନୀ ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ କମ୍ପାନୀ
ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ । ଅଗ୍ରିମ ୨୦ ଲକ୍ଷ, ଭଡ଼ା ୫୦ ହଜାର + ବାଇକ୍ । 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ ।
7838639856
8826558929

ASTROLOGY

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋଡାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋଡାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
9599320079

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

DHARITRI Career appointment Every Wednesday and Saturday

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ



### ଜଙ୍ଗଲରୁ ଦନ୍ତାହାତୀର ମୃତଦେହ ଉଦ୍ଧାର

ସମ୍ବଲପୁର,୧୫।୧୧(ବ୍ୟୁରୋ) ସମ୍ବଲପୁର ବନଖଣ୍ଡ ସଦର ରେଞ୍ଜ ବୀରସିଂଗଡ ଜଙ୍ଗଲରୁ ଶୁକ୍ରବାର ଗୋଟିଏ ଦନ୍ତାହାତୀର ମୃତଦେହକୁ ବନ ବିଭାଗ ଉଦ୍ଧାର କରିଛି । ବାର୍ହା ଶିକାର କରିବା ପାଇଁ ଶିକାରୀ ବିଦ୍ୟୁତ୍ ତାର ବିଛାଇଥିବା ବେଳେ ସେଥିରେ ଲାଗି ଏହି ହାତୀଟିର ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ତେବେ ଏହି ହାତୀର ବୟସ ପ୍ରାୟ ୪ ବର୍ଷ ଭିତରେ ହେବ। ଏହାର ଦାନ୍ତକୁ ଶିକାରୀ କାଟି ନେଇଛନ୍ତି। ଘଟଣାର ତଦନ୍ତ କରାଯାଉଛି। ଏଥିପାଇଁ ବିଭିନ୍ନ ସ୍ଥାନରେ ଚଢାଉ କରଯାଉଛି। ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ଡିଏଫ୍ଓ ସଞ୍ଜିତ କୁମାର କହିଛନ୍ତି।

■ନାଟ୍ୟୋତ୍ସବ-୨୦୧୯ ଉଦ୍‌ଘାଟିତ

# କବିତା, ସଂଗୀତର ଯୁଗଳବନ୍ଦୀରେ ବିମୁଗ୍ଧ ଦର୍ଶକ

ସମ୍ବଲପୁର, ୧୫।୧୧ (ବ୍ୟୁରେ)

ଝାଡୁଆପଡା ଆରଣ୍ୟକ ମଞ୍ଚଠାରେ କଖଗ ଅନୁଷ୍ଠାନ ପକ୍ଷରୁ ଶୁକ୍ରବାର ନାଟ୍ୟୋତ୍ସବ- ୨୦୧୯ ଉଦ୍‌ଘାଟିତ ହୋଇଛି । ପ୍ରାରମ୍ଭରେ କବିତାୟନ କାର୍ଯ୍ୟକ୍ରମରେ କବିତା ଓ ସଂଗୀତର ଯୁଗଳବନ୍ଦୀରେ ଦର୍ଶକ ବିମୁଗ୍ଧ ହୋଇଥିଲେ । ଓଡିଆ ଓ ସମ୍ବଲପୁରୀ କବିତାକୁ କଣ୍ଠଶିଳ୍ପୀମାନେ ଗାନ କରିଥିଲେ। କବି ଅଭୟ ପାଢ଼ୀ, ରାମକୃଷ୍ଣ ସାହୁ, ମୁକ୍ତକଣ୍ଠ ପ୍ରଧାନ, ସାବିତ୍ରୀ ପୁରୋହିତ, ଦୁର୍ଗା ପ୍ରସାଦ ପଣ୍ଡା, ଡ. ମନୋଜ କୁମାର ପଣ୍ଡା, ସଂଗୀତାପଣ୍ଡା ଷଡଙ୍ଗୀ, ରାଜୀବ ବାଣୀ ଓ ସରୋଜ ମାହାନ୍ତି ସ୍ୱରଚିତ କବିତା ପାଠ କରିଥିଲେ । କବିମାନଙ୍କ କବିତାକୁ ହୃଦାନନ୍ଦ ଗଡତିଆ, ରବୀନ୍ଦ୍ର ପଣ୍ଡା, ଗୋପାଳ ମହାକୁଡ, ସ୍ମୃତି ମିଶ୍ର, ସୁଶ୍ରୀତା ପାଣିଗ୍ରାହୀ ସଂଗୀତ ଗାନ କରିଥିଲେ। ଏହି ଭିନ୍ନ ରୁଚିର କାର୍ଯ୍ୟକ୍ରମ ପରେ ବ୍ରଜେନ୍ଦ୍ର ନାୟକଙ୍କ ରଚିତ ଓ ନିର୍ଦ୍ଦେଶନାରେ କଖଗ ପ୍ରଯୋଜିତ





ଶୁକ୍ରବାର ସମ୍ବଲପୁର ଝାଡୁଆପଡା ଆରଣ୍ୟକ ମଞ୍ଚଠାରେ କଖଗ ପକ୍ଷରୁ ଆୟୋଜିତ କବିତାୟନ କାର୍ଯ୍ୟକ୍ରମରେ ଭାଗ ନେଇଥିବା ଯୁବଗୋଷ୍ଠୀ (ବାମ)। 'ଚେହେରା' ନାଟକର ଏକ ଦୃଶ୍ୟ ।

### ଏକକ ଅଭିନୟ ନାଟକ 'ଚେହେରା' ମଞ୍ଚସ୍ଥ

ସମ୍ବଲପୁରୀ ନାଟକ 'ଚେହେରା' ମଞ୍ଚସ୍ଥ ହୋଇଥିଲା । ଚେହେରା ହିଁ ଜଣକୁ ପରିଚୟ ଦେଇଥାଏ। ତେଣୁ ଜଣେ ଅନ୍ୟ ଜଣଙ୍କୁ ଚିହ୍ନି ପାରିଥାନ୍ତି। କିନ୍ତୁ ନିଜ ଚେହେରା ନିଜେ ଦେଖିବା ନେଇ ମନରେ ବାରମ୍ବାର ପ୍ରଶ୍ନବାଚୀ ସୃଷ୍ଟି ହୋଇଥାଏ । ଦର୍ପଣରେ ଦିଶୁଥିବା ଚେହେରା କେତେ ବାସ୍ତବ ସେ ନେଇ ନିଜ ଭିତରେ ଥିବା ଅସଲ ଚେହେରାକୁ ଦେଖିବାକୁ ଜଣେ ପ୍ରୟାସ କରିଥାଏ । ଏହି କଥାବସ୍ତୁକୁ ନେଇ ନାଟକଟି ଗତିଶୀଳ ହୋଇଥିଲା। ୮୨ ବର୍ଷୀୟ ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ ଓ କଳାକାର ରାଜେନ୍ଦ୍ର ପ୍ରସାଦ ପଣ୍ଡା ୧ଘଣ୍ଟା ପର୍ଯ୍ୟନ୍ତ ମଞ୍ଚରେ ଏକାକି ଅଭିନୟ କରିଥିଲେ । ଏହି ପରିଣତ ବୟସରେ ମଧ ତାଙ୍କ ଅଭିନୟକୁ ଦର୍ଶକମାନେ ମନୋଭରି ଉପଭୋଗ କରିଥିବା ଦେଖିବାକୁ ମିଳିଥିଲା । ଉତ୍ସବରେ ସମ୍ବଲପୁର ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ମୁଖ୍ୟଅତିଥି, ଲାଲା ବିରେନ ରାୟ, ମନୋଜ ପଟ୍ଟନାୟକ, ଡ. ପଞ୍ଚାନନ ମିଶ୍ର ଓ ମନୋରଞ୍ଜନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ମରଣିକା 'ବାର୍ତ୍ତାଳାପ' ଉନ୍ମୋଚନ କରିଥିଲେ ।

### ଟ୍ରେଲରରେ ଚାପିହୋଇ ଗାୟତ୍ରୀ କଲେଜ କର୍ମଚାରୀ ମୃତ

## ଘଣ୍ଟାଏ ଧରି ଜାତୀୟ ରାଜପଥ ଜାମ୍

ସମ୍ବଲପୁର,୧୫।୧୧(ବ୍ୟୁରୋ)

ସମ୍ବଲପୁର-ବରଗଡ ଜାତୀୟ ରାଜପଥ ତଥା ବୁର୍ଲା ଥାନା ପିସି ବ୍ରିଜ ନିକଟରେ ଟ୍ରେଲରରେ ଚାପି ହୋଇ ବିନୋଦ ପଣ୍ଡା (୪୫) ନାମକ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ବିପିନ ସମ୍ବଲପୁର ଗାୟତ୍ରୀ କଲେଜର କର୍ମଚାରୀ। ତାଙ୍କ ସହ ବାଇକ୍‌ରେ ଥିବା ଅନ୍ୟ ଜଣେ ସହକର୍ମୀ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି । ଦୁର୍ଘଟଣା ଯୋଗୁ ଜାତୀୟ ରାଜପଥ ଘଣ୍ଟାଏ ଧରି ଜାମ୍ ରହିଥିଲା । ଫଳରେ ଉଭୟ ପଟେ ଗାଡିମୋଟରର ଲମ୍ବା ଲାଇନ ଲାଗିଥିଲା । ପୋଲି ପହଞ୍ଚି ମୃତଦେହ ଜବତ କରିବା ସହ ଦୁର୍ଘଟଣା ଘଟାଇଥିବା ଟ୍ରଲର୍‌କୁ ଜବତ କରିଛି । ହେଲେ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ସୂଚନାଯୋଗ୍ୟ, ବାଇକ୍ ନଂ ଓଡି୧୫-ଜି-୯୫୩୮ରେ ସମ୍ବଲପୁର ଅଭିମୁଖେ ବିନୋଦ ଅନ୍ୟ ଜଣକ ସହ ଆସୁଥିଲେ । ଏହି ସମୟରେ ଅପରପଟୁ ଏକ ଟ୍ରେଲର (ନଂ ଜିଜେ-୦୧-ଡି-ଜେଡ-୭୨୫୭) ଆସୁଥିଲାବେଳେ ଦୁର୍ଘଟଣା ଘଟିଥିଲା। ଟ୍ରେଏର ପଛପଟ ଚକ ତଳେ ବିନୋଦ ଚାପି ହୋଇ ଯାଇଥିଲେ। ଫଳରେ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ତାଙ୍କସହ ଥିବା ଅନ୍ୟଜଣେ ଛିଟିକି ପଡିବାରୁ ବର୍ତ୍ତି ଯାଇଥିଲେ।

# ବିକାଶ ସ୍କୁଲର ୧୦ମ ବାର୍ଷିକ କ୍ରୀଡ଼ା ଉତ୍ସବ

ସମ୍ବଲପୁର, ୧୫।୧୧ (ବ୍ୟୁରୋ)

ଶାସନ ସ୍ଥିତ ବିକାଶ ସ୍କୁଲର ୧୦ମ ବାର୍ଷିକ କ୍ରୀଡା ଓ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ୮୦୦, ୪୦୦,୨୦୦ ଓ ୧୦୦ ମିଟର ଦୌଡ, ଉଚ୍ଚଡିଆଁ, ଲମ୍ବଡିଆଁ, ଭାଲାଫିଙ୍ଗା, ଗୋଲାଫିଙ୍ଗା, ଥାଳିଆ ଫିଙ୍ଗା ଇଭେଣ୍ଟ ହୋଇଥିଲା । ୮୦୦ ମିଟରରେ ସୁବ୍ରତ କୁମାର ରଣା, ୪୦୦ରେ ଧନଞ୍ଜୟ କେଛୋ, ୨୦୦ରେ ସାଜନ କୁମାର ରାୟ, ୧୦୦ରେ ଭିସାଇ ନାରାୟଣ ବାବୁ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଡ. ଦିଲୀପ କୁମାର ନନ୍ଦ, ବଦ୍ରିନାରାୟଣ ପୁରୋହିତ, ଅମିତ ଶର୍ମା, ରାଜେନ୍ଦ୍ର ବେହେରାଙ୍କ ସମେତ ଶିକ୍ଷୟତ୍ରୀ, ଶିକ୍ଷକମାନେ ଇଭେଣ୍ଟ ପରିଚାଳନା କରିଥିଲେ । କବି ଲକ୍ଷ୍ମୀନାରାୟଣ ହୋତା ମୁଖ୍ୟଅତିଥି, କାର୍ଯ୍ୟନିର୍ବାହୀ ପରିଚାଳକ ଜୀ ଭାସ୍କର ରାଓ, ସମ୍ବଲପୁର ମହିଳା କଲେଜ ରସାୟନ ବିଭାଗ ଅଧାପକ ଡ. ସୁବାଷ ଚନ୍ଦ୍ର ସାହୁ, ଉଦ୍ଭିଦବିଜ୍ଞାନ ଅଧାପକ




ସମ୍ବଲପୁର ବିକାଶ କନସେପ୍ଟ ସ୍କୁଲରେ ଆୟୋଜିତ କ୍ରୀଡା ଉତ୍ସବର ଦୌଡ ଇଭେଣ୍ଟ ।

ପବିତ୍ରମୋହନ ବେହେରା ସମ୍ମାନୀତ ଅତିଥି ଭାବେ ଯୋଗଦେଇ କ୍ରୀଡାର ପ୍ରାସଂଗିକତା ବିଷୟରେ ଉଦ୍‌ବୋଧନ ଦେଇଥିଲେ । ବିକାଶ କନସେପ୍ଟ ସ୍କୁଲ ଅଧକ୍ଷ ଡ. ବିଜୟ ଚନ୍ଦ୍ର ପାଢ଼ୀ ପ୍ରାରମ୍ଭିକ ସୂଚନା ଦେଇଥିଲେ । ସେହିପରି ବିକାଶ ଉଚ୍ଚ ମାଧମିକ ସ୍କୁଲ ଅଧକ୍ଷ ସଞ୍ଜିବ କୁମାର ବାବୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବିଜ୍ଞାନ ପ୍ରଦର୍ଶନୀ ଇନୋଭିଜନ୍- ୨୦୧୯ ଅନୁଷ୍ଠିତ ହୋଇଥିଲା । ଏଥିରେ ଓଡିଆ, ବିଜ୍ଞାନ, ଭାରତୀୟ ସଂସ୍କୃତିକୁ ନେଇ ୧୪୭ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପ୍ରାୟ ୩୫୦ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ । ବିକାଶ ସମୂହ ପ୍ରଶାସନିକ ଅଧିକାରୀ ଡି. ନାଗେଶ୍ୱର, ନିର୍ଦ୍ଦେଶକ ସମରେନ୍ଦ୍ର ନାଥ ପଣ୍ଡା ପ୍ରକଳ୍ପକୁ ନିରୀକ୍ଷଣ କରିଥିଲେ ।

# ଡାହାଣୀ ସନ୍ଦେହରେ ମହିଳାଙ୍କୁ ବାନ୍ଧି ପିଟିଲେ

ବାମରା, ୧୫।୧୧ (ଡି.ଏନ.ଏ.)

ସ୍ୱପ୍ନ ଦେଖିବା ପରେ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଜଣେ ମହିଳା ସେହି ଗାଁର ଅନ୍ୟ ଜଣେ ମହିଳାଙ୍କୁ ଡାହାଣୀ ବୋଲି ସନ୍ଦେହ କରିଛନ୍ତି। ପରେ ତାଙ୍କୁ ବାନ୍ଧି ନିସ୍ତୁକ ମାଡ ମାରିଥିବା ଅଭିଯୋଗ କରାଯାଇଛି । ସମ୍ବଲପୁର ଜିଲା ବାମରା ବ୍ଲକ ସଦର ମହୁକୁମା ଗୋବିନ୍ଦପୁର ପଞ୍ଚାୟତ ଖୋକୋପଡା ଗାଁରେ ଏହି ଘଟଣା ଘଟିଛି। ଗାଁର ନିଦ୍ରା ବାଘଙ୍କ ଜଣେ ସମ୍ପର୍କୀୟା ବାରମ୍ବାର ଅସୁସ୍ଥ ହେଉଥିଲେ। ଏଥିପାଇଁ ସମ୍ପୃକ୍ତ ମହିଳା ନିଦ୍ରାଙ୍କୁ ଡାହାଣୀ ବୋଲି ସନ୍ଦେହ କରୁଥିଲେ । ଏଥିପାଇଁ ନିଦ୍ରା ମାନସିକସ୍ତରରେ ଭାଙ୍ଗି ପଡିଥିଲେ। ମାତ୍ର ନିଦ୍ରା ନିଜକୁ ନିର୍ଦ୍ଦୋଷ ପ୍ରମାଣ କରିବାକୁ ଚାହୁଁଥିଲେ ମଧ ବିଫଳ ହେଉଥିଲେ। କାର୍ତ୍ତିକ ପୂର୍ଣ୍ଣିମା ରାତିରେ ଶୋଇଥିବା ଅବସ୍ଥାରେ ନିଦ୍ରା ସ୍ୱପ୍ନରେ ସେହି ଗାଁର କୌଶଲ୍ୟା କିସାନ ହିଁ ଗୁଣି ଗାରେଡି କରୁଥିବା ଦେଖିଥିଲେ। ଏହାର ୨ଦିନ ପରେ କୌଶଲ୍ୟା ସନ୍ଧ୍ୟାରେ ନିଦ୍ରାଙ୍କ କିରାନା ଦୋକାନକୁ ସଉଦା କିଣିବାକୁ ଆସିଥିଲେ। ନିଦ୍ରା ତାଙ୍କୁ ଦେଖି ଗାଁର ଯୁବକ ଦିଲୀପ ମିଞ୍ଜ ଓ ଦିଅର ବିସଞ୍ଜି ବାଘଙ୍କ ସହାୟତାରେ ଏକ ଗାମୁଛାରେ ବାନ୍ଧି ଦେଇଥିଲେ। ତାଙ୍କଠଶରେ ଡାହାଣୀ ପ୍ରମାଣ କରିବା



ଗାଁରେ ସଭା ବସିଛି।

### ସମାଧାନ ପାଇଁ ଗାଁରେ ସଭା ବସିଲା

ଉଦ୍ଦେଶ୍ୟରେ ଚମଡା ପାଣି (ନହନା) ପିଆଇଥିଲେ। କୌଶଲ୍ୟା ପ୍ରତିବାଦ କରିବାରୁ ସେମାନେ ୩ଜଣ ମିଶି ଚପଲରେ ମାଡ ମାରିଥିଲେ । ଏ ନେଇ ଶୁକ୍ରବାର ସକାଳେ କୌଶଲ୍ୟା ଗୋବିନ୍ଦପୁର ଥାନାରେ ମୌଖିକ ଭାବେ ଜଣାଇଥିଲେ ହେଁ ଲିଖିତ ଅଭିଯୋଗ କରି ନ ଥିଲେ। ସନ୍ଧ୍ୟାରେ ଗ୍ରାମବାସୀ ଉଭୟ ପକ୍ଷଙ୍କୁ ଡକାଇ ସଭା କରିଥିଲେ । ସଭାରେ କୌଶଲ୍ୟାଙ୍କ ଅଭିଯୋଗକୁ ଭିତ୍ତି କରି ଆଲୋଚନା ହେବା ପରେ ମାଡପିଟ କରିଥିବା ଦିଲୀପ, ବିସଞ୍ଜି ଓ ନିଦ୍ରା ନିଜ ନିଜ ଭୁଲ ସ୍ୱୀକାର କରିଥିଲେ। ସମସ୍ତଙ୍କୁ ୧ ହଜାର ଟଙ୍କା ଲେଖାଏ ଦଣ୍ଡ ବିଧାନ କରାଯାଇଛି। ଶନିବାର ସନ୍ଧ୍ୟା ସୁଦ୍ଧା ଜୋରିମାନା ଟଙ୍କା ପୈଠ ନ କଲେ ଆଇନ ଅନୁସାରେ ମାମଲାକୁ ଥାନାକୁ ହସ୍ତାନ୍ତର କରାଯିବ ବୋଲି ସ୍ଥିର ହୋଇଛି। ସଭାରେ ଗୋବିନ୍ଦପୁର ନାଏବ ସରପଞ୍ଚ ବିମଳ ଲାକ୍ରା, ପରମେଶ୍ୱର ପିଙ୍ଗ, ମନସୀ ଛତ୍ରିଆ, ରମେଶ ମାଝିଙ୍କ ସମେତ ଗାଁ ଲୋକେ ଥିଲେ।

# ୨୦ରୁ ପଲ୍ଲିଶ୍ରୀ ମେଳା

ସମ୍ବଲପୁର,୧୫।୧୧(ବ୍ୟୁରୋ)

ସମ୍ବଲପୁର ଅଇଁଠାପାଲି ପିଏଚ୍‌ଡି ପଡିଆରେ ନଭେମ୍ବର ୨୦ ତାରିଖରୁ ପଲ୍ଲିଶ୍ରୀ ମେଳା ଆରମ୍ଭ ହେବ। ଏହା ଡିସେମ୍ବର ୨ ପର୍ଯ୍ୟନ୍ତ ଚାଲିବ । ଏଥିରେ ଖାଦ୍ୟ ଷ୍ଟଲ ସହିତ ମୋଟ ୨୨୦ଟି ଷ୍ଟଲ ଖୋଲିବ। ଶୁକ୍ରବାର ଡିଆଡିଏ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପିଡି ସୁକାନ୍ତ ତ୍ରିପାଠୀ ଏହି ସୂଚନା ଦେଇଛନ୍ତି। ପଞ୍ଜାବ, ରାଜ୍ୟସ୍ଥାନ, ଉତ୍ତରପ୍ରଦେଶ, ମଣିପୁର, ମହାରାଷ୍ଟ୍ର, ଗୁଜୁରାଟ, ପଶ୍ଚିମବଙ୍ଗ, ବିହାର, ତେଲେଙ୍ଗାନା, ଝାରଖଣ୍ଡ, ଉତ୍ତରାଖଣ୍ଡ, ଆନ୍ଧ୍ରପ୍ରଦେଶ, ଜମ୍ମୁ କାଶ୍ମୀର, ଲଦାଖର ହସ୍ତତନ୍ତ ସାମଗ୍ରୀ ଓ ଅନ୍ୟାନ୍ୟ ଜିନିଷ ଏହି ମେଳାରେ ବିକ୍ରି ସହ ପ୍ରଦର୍ଶିତ କରାଯିବ ବୋଲି ସୂଚନା ଦିଆଯାଇଛି। ତେବେ ଓର୍‌ମାସ ସଂଯୋଜକ ଶ୍ରୀମନ୍ତ ହୋତା, ଜିଲା



ସମ୍ବଲପୁର ଡିଆରଡିଏ ସମ୍ମିଳନୀ କକ୍ଷରେ ଖବରଦାତା ସମ୍ମିଳନୀରେ ଦୁଇ ଅଧିକାରୀ ସୂଚନା ଦେଉଛନ୍ତି ।

ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦିଲୀପ ସାମନ୍ତରାୟ ଏଥିରେ ଉପସ୍ଥିତ ଥିଲେ।

### ଅବସରପ୍ରାପ୍ତ ସିଡିଭିଓ ବିପିନ ପୂଜାରୀଙ୍କ ପରଲୋକ

ସମ୍ବଲପୁର,୧୫।୧୧(ବ୍ୟୁରୋ)

ସମ୍ବଲପୁର ସହରର ଅବସରପ୍ରାପ୍ତ ଜିଲା ପ୍ରାଣୀଧନ ଚିକିତ୍ସାଧିକାରୀ (ସିଡିଭିଓ) ଡା. ବିପିନ ବିହାରୀ ପୂଜାରୀଙ୍କ ଗୁରୁବାର ବିଳମ୍ବିତ ରାତିରେ ତାଙ୍କ ବୁଢାରଜା ବାସଭବନରେ ପରଲୋକ ହୋଇଛି। ମୃତ୍ୟୁବେଳକୁ ତାଙ୍କୁ ୮୫ ବର୍ଷ ବୟସ ହୋଇଥିଲ। । ସ୍ଥାନୀୟ ରାଜଘାଟ (ସ୍ୱର୍ଗଦ୍ୱାର)ରେ ଶେଷକୃତ ସମ୍ପନ୍ନ ହୋଇଥିଲା। ସହରର ବହୁ ବରିଷ୍ଠ ନାଗରିକ ଏବଂ ଆତ୍ମୀୟ ସ୍ୱଜନ ତାଙ୍କ ଶେଷ ଦର୍ଶନ କରିଥିଲେ।

# ଜାରି ରହିବ ଚାଷୀଙ୍କ ରିଲେ ଅନଶନ

ସମ୍ବଲପୁର,୧୫।୧୧(ବ୍ୟୁରୋ)

■ସରକାରଙ୍କୁ ୭୨ ଘଣ୍ଟାର ସମୟ ଦେଲେ ଚାଷୀ

■ପରିଣାମ ପାଇଁ ସରକାର ଦାୟୀ ରହିବେ

■ଜିଲାସ୍ତରୀୟ କୋର କମିଟି ବୈଠକ

ସମ୍ବଲପୁର ଜିଲାପାଳଙ୍କ ଅଫିସ ନିକଟରେ ଚାଷୀ ଆନ୍ଦୋଳନ ଆଗକୁ ଜାରି ରହିବ। ବୀମା ସମସ୍ୟାର ସମାଧାନ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରକୁ ୭୨ ଘଣ୍ଟା ସମୟ ଦିଆଯାଇଛି । ଯଦି ସମାଧାନ ନ ହେବ ତାହା ହେଲେ ଯାହା ପରିସ୍ଥିତି ଉପୁଜିବ ସେଥିପାଇଁ ସରକାର ଦାୟୀ ରହିବେ । ଚାଷୀମାନଙ୍କ ଧୈର୍ଯ୍ୟକୁ ପରୀକ୍ଷା କରାଯାଉଛି । ସମୟ ଆସିଲେ ସରକାର ଜାଣି ପାରିବେ ଚାଷୀ କକ୍ଷଣ କରିପାରେ। ଚାଷୀମାନେ ନିଜ ହକ ପାଇଁ ଲଢେଇ କରୁଛନ୍ତି । ଏହା ଦାବି ନୁହେଁ। ତେଣୁ ସରକାର ବିଳମ୍ବ ନ କରି ସମାଧାନ କରି ଦିଅନ୍ତୁ ବୋଲି ଜିଲାସ୍ତରୀୟ କୋର୍ କମିଟି ବୈଠକରେ ଚାଷୀମାନେ ମତ ଦେଇଥିଲେ । ଜିଲାପାଳଙ୍କ ଅଫିସ ନିକଟରେ ଚାଷୀମାନେ କରୁଥିବା ୨୪ ଘଣ୍ଟିଆ ରିଲେ ଅନଶନ ସ୍ଥଳରେ ଶୁକ୍ରବାର କୋର କମିଟିର ଏହି ବୈଠକ ବସିଥିଲା । ପଶ୍ଚିମ ଓଡିଶା କୃଷକ ସଂଗଠନର ଆବାହକ ଅଶୋକ ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ । ଜିଲାରେ ଥିବା କୃଷକ ସଂଗଠନର ସଦସ୍ୟମାନେ ଉପସ୍ଥିତ ରହି ମତ ଦେଇଥିଲେ । ଜିଲା ସଭାପତି ମୁରାରି ପୁରୋହିତ, ଉପସଭାପତି ହରିଶଙ୍କର ପୁରୋହିତ, ଉମେଶ ପ୍ରଧାନ, ଦେବେନ୍ଦ୍ର ପ୍ରଧାନ, ଚନ୍ଦ୍ର ଶେଖର ପଣ୍ଡା, ବ୍ୟୋମକେଶ ଠାକୁର ପ୍ରମୁଖ ଶତାଧିକ ଚାଷୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଏହି ରିଲେ ଅନଶନ ଶୁକ୍ରବାର ୨୭ ଦିନରେ ପହଞ୍ଚିଛି । ୨୦୧୮ ଖରିଫ ଧାନ ଫସଲ ବୀମା ଟଙ୍କା ପାଇଁ ଏହି ଆନ୍ଦୋଳନ ଜାରି ରହିଛି ।

# ଧାନ ଫେରାଇ ନେଲେ ଚାଷୀ



ସନାତନପାଲିଠାରେ ଚାଷୀମାନେ ଧାନ ଟ୍ରାକ୍ଟର ସହ ଅପେକ୍ଷା କରିଛନ୍ତି ।

ପଡିଆବାହାଲ, ୧୫।୧୧ (ଡି.ଏନ.ଏ.) ସନାତନପାଲିଠାରେ ଶୁକ୍ରବାର ଚଳିତ ବର୍ଷର ପ୍ରଥମ ଧାନ କିଣା ପାଇଁ ମାର୍କେଟ ୟାର୍ଡ ଖୋଲିଥିଲା। ଚାଷୀ ଧାନ ଆଣିଥିଲେ। କିଛି କର୍ମକର୍ତ୍ତା ମଧ ଆସିଥିଲେ। ମାତ୍ର ଟୋକନ ଆସି ନ ଥିଲା। କୌଣସି ମିଲ୍ ସୋସାଇଟି ସହ ସହବନ୍ଧିତ ହୋଇ ନ ଥିବା କାରଣରୁ କର୍ମକର୍ତ୍ତା ଖାଲି ହାତରେ ଫେରିଯାଇଥିଲେ। ଫଳରେ ଚାଷୀ ଧାନ ବିକି ନ ପାରି ଅଯଥା ଖର୍ଚ୍ଚାନ୍ତ ଓ ହଇରାଣ ହୋଇଛନ୍ତି। କାଳେ କେହି ଅଧିକାରୀ ଧାନ କିଣିବା ବ୍ୟବସ୍ଥା କରିବେ ବୋଲି ଆଶା କରି ଚାଷୀ ଧାନ ଧରି ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଅପେକ୍ଷା କରି ହାତୀ ଭୟରେ ବାଧ ହୋଇ ଘରକୁ ଫେରାଇ ନେଇଥିଲେ। ଶନିବାର ଖଲିଆପାଲି ମାର୍କେଟ ୟାର୍ଡରେ ସମଦଶା ହେଲେ ଚାଷୀ ଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରତିବାଦ କରିବାକୁ ନିଷ୍ପତ୍ତି ନେଇଛନ୍ତି।

### ରାଜ୍ୟସ୍ତରରେ ସମ୍ବଲପୁର ଶିକ୍ଷା ବିଭାଗ ପୁରସ୍କୃତ

ସମ୍ବଲପୁର, ୧୫।୧୧ (ବ୍ୟୁରୋ)

ରାଜ୍ୟସ୍ତରରେ ବିଭିନ୍ନ କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ କରି ସମ୍ବଲପୁର ଶିକ୍ଷା ବିଭାଗ ପୁରସ୍କୃତ ହୋଇଛି । ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ସୁରଭି କାର୍ଯ୍ୟକ୍ରମ ସମାରୋହରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀରରଞ୍ଜନ ଦାଶ ସମ୍ବଲପୁରକୁ ପୁରସ୍କୃତ କରିଥିଲେ। କାର୍ଯ୍ୟଖ୍ରମରେ ସମ୍ବଲପୁର ଜିଲା ଶିକ୍ଷା ଅଧିକାରୀ ସୁବୋଧ ଦାଶ ଓ ଜିଲା ସମଗ୍ର ଶିକ୍ଷା ଅଭିଯାନ ସଂଯୋଜକ କଳ୍ପନା ପଣ୍ଡା ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ଏହି ପୁରସ୍କାର ପାଇଁ ଓଡିଶା ସମେତ ଝାରଖଣ୍ଡ ଓ ଛତିଶଗଡ ଶାଥ-ଇ ଅନୁଷ୍ଠାନ ପକ୍ଷରୁ ଚୟନ ପ୍ରକ୍ରିୟା କରାଯାଇଥିଲା । ସ୍କୁଲ ଗୁଡିକରେ ଭିତ୍ତିଭୂମି, ଶିକ୍ଷାଦାନ ବ୍ୟବସ୍ଥା, ଆଧୁନିକୀକରଣ ଭଳି ୪୪ଟି ଦିଗ ଉପରେ ମାର୍କ ଦିଆଯାଇଥିଲା । ମୋଟ ୨୮୫ ମାର୍କ ରହିଥିବା ବେଳେ ସମ୍ବଲପୁର ଜିଲା ୨୫୦ରୁ ଉର୍ଦ୍ଧ୍ୱ ମାର୍କ ରଖିଥିଲା।

## ଏସ୍‌ଆରଟି କ୍ଲବ କ୍ରିକେଟ ଟୁର୍ନାମେଣ୍ଟ

# ଫୋରସି କ୍ଲବକୁ ହରାଇ ମେହେତାବ କ୍ଲବ ଚାମ୍ପିୟନ

ରେଙ୍ଗାଲି, ୧୫।୧୧ (ଡି.ଏନ.ଏ.)

ସମ୍ବଲପୁର ଜିଲା ରେଙ୍ଗାଲି ମିନି ଷ୍ଟାଡିୟମରେ ଏସ୍‌ଆରଟି କ୍ଲବ ପକ୍ଷରୁ ୪ ଦିନିଆ ଡିଉଜ୍ ବଲ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ସମ୍ବଲପୁର ମେହେତାବ କ୍ଲବ ଏବଂ ଫୋରସି କ୍ଲବ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହୋଇଥିଲା । ଏଥିରେ ମେହେତାବ କ୍ଲବ ବିଜୟ ଲାଭ କରିଛି। ବିଜୟୀ ମେହେତାବ କ୍ଲବକୁ ଟ୍ରଫି ସହ ୧୫ ହଜାର ଏବଂ ପରାଜିତ ଫେରସି କ୍ଲବକୁ ଟ୍ରଫି ସହ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଦୁଲାଲ ଚନ୍ଦ୍ର ପ୍ରଧାନ, ସୁବ୍ରତ ସାହୁ, ରାଜୀବ ମିଶ୍ର, ସନ୍ତୋଷ ବର୍ମା, ମନୋଜ ନାଏକ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ । ଫାଇନାଲରେ ୱାଟିଓ ଟପ୍ପୋ ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିବା ବେଳେ ଅମନ ବେହେରା ମ୍ୟାନ ଅଫ୍ ଦି ସିରିଜ ହୋଇଥିଲେ । ଏସଆରଟି କ୍ଲବର ଦିପେନ ମହାପାତ୍ର, ଦୀପକ ମହାପାତ୍ର, ସୁମିତ ମହାନନ୍ଦ, କ୍ରିସ ସିଂ, ବିକାଶ ପୁତୁଲ ଏବଂ ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।



ବିଜୟୀ ମେହେତାବ କ୍ଲବକୁ ଟ୍ରଫି ଦେଇ ପୁରସ୍କୃତ କରାଯାଉଛି ।



ଭାରତୀୟ ପରିବାର ବ୍ୟବସ୍ଥା ସମାଜରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଆଡ଼କୁ ଏକ ପଥ ବୋଲି ସାରା ବିଶ୍ୱର ଲୋକେ ହୃଦୟଙ୍ଗମ କରିଛନ୍ତି।
-ଏମ୍. ଭେଙ୍କାୟା ନାଇଡୁ, ଉପରାଷ୍ଟ୍ରପତି



## ମହାରାଷ୍ଟ୍ର ରାଜନୀତିରେ ନୂଆ ଅଧ୍ୟାୟ

# ଛିଣ୍ଡିଗଲା ଭାଗବଣ୍ଟା

ନାଗପୁର/ମୁମ୍ବାଇ,୧୫।୧୧ (ପି.ଟି./ଆଇଏଏନ୍ଏସ୍)

### ପୂରା ୫ ବର୍ଷ ତିଷ୍ଠିବ ମେଣ୍ଟ ସରକାର: ପାୱାର



ମହାରାଷ୍ଟ୍ର ରାଜନୀତିରେ ଏକ ନୂଆ ଅଧ୍ୟାୟ ସୃଷ୍ଟି ହେବାକୁ ଯାଉଛି। ପ୍ରଥମଥର ପାଇଁ ଶିବସେନା ସହ ମିଶି ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଓ କଂଗ୍ରେସ ସରକାର ଗଠନ କରିବାକୁ ଯାଉଛନ୍ତି। ଉଦ୍ଧବ ଠାକ୍‌ରେଙ୍କ ଶିବସେନା ପାଖରେ ମୁଖ୍ୟମନ୍ତ୍ରୀ ପଦ ରହିବ ଓ ଏହି ମେଣ୍ଟ ପୂରା ୫ ବର୍ଷ ସ୍ଥିର ସରକାର ଦେବ। ଏଥିସକାଶେ ଆବଶ୍ୟକ ସାଧାରଣ ସର୍ବନିମ୍ନ କାର୍ଯ୍ୟସୂଚୀ (ସିଏମ୍‌ପି)ଚୂଡ଼ାନ୍ତ ହୋଇଛି ବୋଲି ଏନ୍‌ସିପି ପକ୍ଷରୁ କୁହାଯାଇଛି। ଫଳରେ ରାଷ୍ଟ୍ରପତି ଶାସନ ଜାରି ହୋଇଥିବା ଏହି ରାଜ୍ୟରେ ନିର୍ବାଚନ ପରବର୍ତ୍ତୀ ରାଜନୈତିକ ସଙ୍କଟ ଦୂର ହେବ ବୋଲି ଆଶା କରାଯାଉଛି।

ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଅକ୍ଟୋବର ୨୧ରେ ହୋଇ ୨୪ରେ ଫଳାଫଳ ଆସିଥିଲା। ୨୮୮ ଆସନ ମଧ୍ୟରୁ ଭାଜପା ୧୦୫, ଶିବସେନା ୫୬, ଏନ୍‌ସିପି ୫୪ ଓ କଂଗ୍ରେସ ୪୪ ଆସନ ଦଖଲ କରିଛନ୍ତି। ୨୦ ଦିନର ଅଚଳାବସ୍ଥା ପରେ ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି ହୋଇଛି। ଏହାସତ୍ତ୍ୱେ ବିଧାନସଭା ଭଙ୍ଗ ହୋଇ ନ ଥିବାରୁ ସବୁ ରାଜନୈତିକ ଦଳ ସରକାର ଗଠନ ଉଦ୍ୟମ ଜାରି ରଖିଛନ୍ତି। ଏହିକ୍ରମରେ ଏନ୍‌ସିପି ମୁଖ୍ୟ ଶରଦ ପାୱାର ଶୁକ୍ରବାର ନାଗପୁରରେ ଖବରଦାତାଙ୍କୁ କହିଛନ୍ତି, ଶିବସେନା-ଏନ୍‌ସିପି-କଂଗ୍ରେସ ସରକାର ଗଠନ ହେବ। ଏହା ପୂରା ୫ ବର୍ଷ ଚାଲିବ। ରାଜ୍ୟରେ ମଧ୍ୟବର୍ତ୍ତୀ ନିର୍ବାଚନର ଆଶଙ୍କା ନାହିଁ। ତିନିଦଳ ଏକ ବିକାଶୋନ୍ମୁଖୀ ସ୍ଥିର ସରକାର ଚାହାନ୍ତି। ଭାଜପା ସହ ସରକାର ଗଠନ ନେଇ ଚାଲିଥିବା ଚର୍ଚ୍ଚାକୁ ପାୱାର ଖଣ୍ଡନ କରିଛନ୍ତି। ତିନିଦଳର ମେଣ୍ଟ ଖୁବ୍‌ଶୀଘ୍ର ଭାଙ୍ଗିଯିବ ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସଙ୍କ ମନ୍ତବ୍ୟକୁ ନେଇ ମଧ୍ୟ ପାୱାର ଉତ୍ତର ରଖିଛନ୍ତି। ଫଡ୍‌ନବିସଙ୍କୁ ସେ ବହୁ ବର୍ଷ ଧରି ଜାଣିଛନ୍ତି। ତେବେ

- ଶିବସେନା ପାଖରେ ରହିବ ମୁଖ୍ୟମନ୍ତ୍ରୀ ପଦ
- ସାଧାରଣ ସର୍ବନିମ୍ନ କାର୍ଯ୍ୟସୂଚୀ ଚୂଡ଼ାନ୍ତ
- ଆଜି ରାଜ୍ୟପାଳଙ୍କୁ ଭେଟିବେ ଏନ୍‌ସିପି-କଂଗ୍ରେସ

ସେ ଜଣେ ଜ୍ୟୋତିଷ ବୋଲି ଜଣାନାହିଁ। ପାୱାର ରବିବାର ନୂଆଦିଲ୍ଲୀରେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ଭେଟି ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି। ସେହିପରି ମୁଖ୍ୟମନ୍ତ୍ରୀ ପଦ ଶିବସେନା ପାଖରେ ରହିବ ବୋଲି ପାୱାରଙ୍କ ସହଯୋଗୀ ତଥା ଏନ୍‌ସିପି ମୁଖପାତ୍ର ନୱାବ ମଲିକ ସ୍ପଷ୍ଟ କରିଛନ୍ତି। ଶିବସେନା ଏମ୍‌ପି ସଞ୍ଜୟ ରାଉତ୍ ମଧ୍ୟ ଅନୁରୂପ ମନ୍ତବ୍ୟ ଦେଇଛନ୍ତି। ସେ ମୁମ୍ବାଇରେ କହିଛନ୍ତି, ମହାରାଷ୍ଟ୍ରର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ତାଙ୍କ ଦଳରୁ ହେବେ। ରାଜ୍ୟର ସ୍ୱାର୍ଥରେ ସିଏମ୍‌ପି କାର୍ଯ୍ୟ କରିବ। ଶିବସେନା କେବଳ ୫ ବର୍ଷ ନୁହେଁ, ବରଂ ୨୫ ବର୍ଷ ପାଇଁ ସରକାରର ନେତୃତ୍ୱ ନେବ। ସେହିପରି କଂଗ୍ରେସ ସହ ମତଭେଦକୁ ନେଇ ପ୍ରଶ୍ନ କରାଯିବାରୁ ସ୍ୱାଧୀନତା ସଂଗ୍ରାମ ଓ ମହାରାଷ୍ଟ୍ରର ବିକାଶରେ ଦେଶର ସର୍ବପୁରାତନ ଦଳର ଅବଦାନ ରହିଛି ବୋଲି ସଞ୍ଜୟ ଉତ୍ତର ଦେଇଛନ୍ତି। ଶନିବାର ଏନ୍‌ସିପି-କଂଗ୍ରେସର ଏକ ପ୍ରତିନିଧି ଦଳ ରାଜ୍ୟପାଳ ଭଗତ୍ ସିଂ କୋଶିୟାରୀଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି।

### କ୍ରିକେଟ ଓ ରାଜନୀତିରେ ସବୁ ସମ୍ଭବ

ମୁମ୍ବାଇ,୧୫।୧୧(ପି.ଟି.)



ଗଡ଼କରୀଙ୍କ ଗୁଗଲି

ମହାରାଷ୍ଟ୍ରରେ ରାଜନୈତିକ ଅଚଳାବସ୍ଥା ଲାଗି ରହିଥିବାବେଳେ କେନ୍ଦ୍ରମନ୍ତ୍ରୀ ତଥା ଭାଜପା ନେତା ନୀତିନ ଗଡ଼କରୀ ରାଜନୀତିକୁ କ୍ରିକେଟ ସହ ତୁଳନା କରିଛନ୍ତି। କ୍ରିକେଟ ଓ ରାଜନୀତିରେ ସବୁକିଛି ସମ୍ଭବ। କାରଣ ଉଭୟ କ୍ଷେତ୍ରରେ ଯେଉଁ ଦଳ ମ୍ୟାଚ୍ ହାରୁଛି ଭଳି ଦେଖାଯାଉଥିବ ଶେଷ ମୁହୂର୍ତ୍ତରେ ସେହି ଦଳ ବାଜି ମାରିନେଇଥାଏ ବୋଲି ସେ କହିଛନ୍ତି। ଅମାନିଆ ସହଯୋଗୀ ଶିବସେନା ନିକଟରେ ଭାଜପାର ହାତ ଛାଡ଼ିଦେଇଥିବାବେଳେ ବିରୋଧୀ ଏନ୍‌ସିପି ଏବଂ କଂଗ୍ରେସ ସହ ମିଶି ସରକାର ଗଠନ ଉଦ୍ୟମ ଚଳାଇଥିବାରୁ ଗଡ଼କରୀ ଏପରି ମନ୍ତବ୍ୟ ଦେଇଥିବା କୁହାଯାଉଛି। ଏହାର ଜବାବରେ ମହାରାଷ୍ଟ୍ର କଂଗ୍ରେସ ସଭାପତି ବାଲାସାହେବ ଥୋରାଥ କହିଛନ୍ତି, କ୍ରିକେଟରେ ତୁମେ ବଲ୍‌କୁ ଦେଖିପାରିବ। କିନ୍ତୁ ରାଜନୀତିରେ ତାକୁ ଦେଖିପାରିବ ନାହିଁ।

## ୧୮ରୁ ପାର୍ଲାମେଣ୍ଟ ଶୀତ ଅଧିବେଶନ

# ସର୍ବଦଳୀୟ ବୈଠକ ଆଜି

ନୂଆଦିଲ୍ଲୀ,୧୫।୧୧

ଆସନ୍ତା ୧୮ ତାରିଖରେ ପାର୍ଲାମେଣ୍ଟର ଶୀତ ଅଧିବେଶନ ଆରମ୍ଭ ହୋଇ ଡିସେମ୍ବର ୧୩ ଯାଏ ଚାଲିବ। ଏଥିସକାଶେ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ଶନିବାର ଏକ ସର୍ବଦଳୀୟ ବୈଠକ ଡାକିଛନ୍ତି। ଗୃହକାର୍ଯ୍ୟ ସୁରୁଖୁରୁରେ ପରିଚାଳନା ପାଇଁ ସେ ବୈଠକରେ ସମସ୍ତ ରାଜନୈତିକ ଦଳର ସହଯୋଗ ଲୋଡ଼ିବେ। ରାଜ୍ୟ ସଭା ଅଧ୍ୟକ୍ଷ ଏମ୍. ଭେଙ୍କାୟା ନାଇଡୁ ମଧ୍ୟ ବିଭିନ୍ନ ଦଳର ନେତାଙ୍କୁ ରବିବାର ବୈଠକ ପାଇଁ ଆମନ୍ତ୍ରଣ କରିଛନ୍ତି। ସେହିପରି ଅଧିବେଶନ କାଳରେ ସୁଚାରୁ ରୂପେ ଗୃହ ପରିଚାଳନା କରିବା ଲାଗି ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଶୀ ଏହି ଦିନ ଏକ ସର୍ବଦଳୀୟ ବୈଠକ ଡାକିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଦ୍ୱିତୀୟ ପାଳି ଏନ୍‌ଡିଏ ସରକାରଙ୍କ ଅମଳରେ ଏହା ହେବ ପାର୍ଲାମେଣ୍ଟର ଦ୍ୱିତୀୟ ଅଧିବେଶନ। ଶୀତ ଅଧିବେଶନରେ ସରକାର ନିଜ ବ୍ୟବସ୍ଥାପିକା କାର୍ଯ୍ୟସୂଚୀକୁ ଆଗକୁ ବଢ଼ାଇବେ ବୋଲି ଆଶା କରାଯାଉଛି। ତନ୍ମଧ୍ୟରେ ରହିଛି ଦୁଇଟି ଅଧ୍ୟାଦେଶ ବଦଳରେ କର୍ପୋରେଟ୍ ଟିକସ ହାର କମାଇବା ବିଧେୟକ ଏବଂ ଇ-ସିଗାରେଟ ଓ ଇ-ହୁକ୍କା ବିଲ୍‌କୁ ଆଇନରେ ପରିଣତ କରିବା। ସେହିପରି ପଡ଼ୋଶୀ ଦେଶଗୁଡ଼ିକର ଅଣମୁସ୍‌ଲିମ ପ୍ରବାସୀଙ୍କୁ ଜାତୀୟତା ପ୍ରଦାନ ଉଦ୍ଦେଶ୍ୟରେ ନାଗରିକତ୍ୱ (ସଂଶୋଧନ) ବିଲ୍‌କୁ ଅଧିବେଶନରେ ଗୃହୀତ କରାଇବା ଲାଗି ସରକାର ଉଦ୍ୟମ କରିବେ। ଅନ୍ୟପକ୍ଷରେ ବିରୋଧୀ ଦଳଗୁଡ଼ିକ ଆର୍ଥିକ ମାନ୍ଦାବସ୍ଥା ଓ ବେକାରି ସମସ୍ୟାକୁ ନେଇ କେନ୍ଦ୍ରକୁ ଟାର୍ଗେଟ କରିବା ପାଇଁ ରଣନୀତି ପ୍ରସ୍ତୁତ କରୁଥିବା ଜଣାପଡ଼ିଛି।

## ରାଜନାଥଙ୍କ ଅରୁଣାଚଳ ଗସ୍ତକୁ ଚାଇନାର ବିରୋଧ

ବେଜିଂ, ୧୫।୧୧(ପି.ଟି.) :

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଗୁରୁବାର ଅରୁଣାଚଳ ପ୍ରଦେଶର ତୱାଙ୍ଗ ଗସ୍ତକରି ମୈତ୍ରୀ ଦିବସ ସମାରୋହରେ ଅଂଶଗ୍ରହଣ କରିଥିବାବେଳେ ଚାଇନା ପକ୍ଷରୁ ଏହାକୁ ବିରୋଧ କରାଯାଇଛି। ଅରୁଣାଚଳ ପ୍ରଦେଶ ଦକ୍ଷିଣ ତିବ୍ବତର ଅଂଶବିଶେଷ ବୋଲି ଚାଇନା ପକ୍ଷରୁ ଦାବି କରାଯାଇଛି। ଚାଇନା ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଗେଙ୍ଗ୍ ଶୁଆଙ୍ଗ୍ କହିଛନ୍ତି, ଭାରତୀୟ ନେତା କିମ୍ବା ଅଧିକାରୀଙ୍କ ସେଠାକୁ ଗସ୍ତକରିବାକୁ ଆମେ ବିରୋଧ କରୁଛୁ। ସୀମା ସମସ୍ୟାକୁ ଜଟିଳ କରୁଥିବା ଏଭଳି ବିଭିନ୍ନ ପଦକ୍ଷେପଠାରୁ ଭାରତ ଦୂରେଇ ରହିବା ଲାଗି ସେ କହିଛନ୍ତି। ସୀମାରେ ଶାନ୍ତିରକ୍ଷା ଲାଗି ଚାଇନା ସ୍ୱାର୍ଥ ଉପରେ ଆଞ୍ଚ ନ ଆଣିବାକୁ ସେ ପରାମର୍ଶ ଦେଇଛନ୍ତି। ପ୍ରକାଶଥାଉ କି, ଅରୁଣାଚଳକୁ ନିଜର ବୋଲି ଦାବି କରିଆସୁଥିବା ଚାଇନା ସହ ସମସ୍ୟାର ସମାଧାନ ଲାଗି ୨୧ ଥର ଆଲୋଚନା ସରିଲାଣି। ଭାରତ ଏହାକୁ ଆଭ୍ୟନ୍ତରୀଣ ଅଂଶ ବୋଲି ଦାବିକରିଆସୁଛି।

## ‘ଶୁଣାଣି ବେଳେ ପରିପକ୍ୱତା ଦେଖାଇଛି ଗଣମାଧ୍ୟମ’

ନୂଆଦିଲ୍ଲୀ,୧୫।୧୧(ପି.ଟି.)



ସୁପ୍ରିମକୋର୍ଟରେ ଶେଷ କାର୍ଯ୍ୟଦିବସରେ ସିଜେଆଇ ରଞ୍ଜନ ଗୋଗୋଇ (ଡାହାଣ)ଙ୍କ ସହ ଭାବୀ ପ୍ରଧାନ ବିଚାରପତି ଜଷ୍ଟିସ୍ ଏସ୍.ଏ. ବୋବ୍‌ଡେ।

ଭାରତର ପ୍ରଧାନ ବିଚାରପତି (ସିଜେଆଇ) ପଦରୁ ଜଷ୍ଟିସ୍ ରଞ୍ଜନ ଗୋଗୋଇ ରବିବାର ଅବସର ଗ୍ରହଣ କରିବାକୁ ଯାଉଥିଲାବେଳେ ଶୁକ୍ରବାର ସୁପ୍ରିମକୋର୍ଟରେ ଥିଲା ତାଙ୍କର ଶେଷ କାର୍ଯ୍ୟଦିବସ। ସେ ଖବରଦାତାମାନଙ୍କ ସହ ଜଣ ଜଣ କରି ସାକ୍ଷାତ୍‌କାର ଦେବାକୁ ଅସାମର୍ଥ୍ୟ ପ୍ରକାଶ କରିଥିଲେ। ତେବେ ନ୍ୟାୟିକ ପ୍ରକ୍ରିୟାର ଶୁଣାଣି ସମୟରେ ମିଥ୍ୟା ଓ ମନଗଢ଼ା ଖବର ପ୍ରସାର ରୋକିବା ଦିଗରେ ପରିପକ୍ୱତା ଦେଖାଇଥିବାରୁ ସିଜେଆଇ ଗଣମାଧ୍ୟମକୁ ଉଚ୍ଚ ପ୍ରଶଂସା କରିଥିଲେ। ଉତ୍ତରପୂର୍ବାଞ୍ଚଳରୁ ପ୍ରଥମ ବ୍ୟକ୍ତି ଭାବେ ସର୍ବୋଚ୍ଚ ଅଦାଲତର ପ୍ରଧାନ ବିଚାରପତି ହୋଇଥିବା ଜଷ୍ଟିସ୍ ଗୋଗୋଇ କହିଥିଲେ, ଗଣମାଧ୍ୟମ ଜରିଆରେ ବିଚାରପତିମାନେ ଜନସାଧାରଣଙ୍କ ପାଖରେ ପହଞ୍ଚନ୍ତୁ ଏହା ସୁପ୍ରିମକୋର୍ଟଙ୍କ ଆବଶ୍ୟକତା ନୁହେଁ। ବିଚାରପତି ଗଣମାଧ୍ୟମକୁ ଯିବା ଏକ ଅସାଧାରଣ ଘଟଣା ଓ ନିୟମ ବାହାରେ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ୨୦୧୮ ଜାନୁୟାରୀ ୧୨ରେ ଜଷ୍ଟିସ୍ ଗୋଗୋଇ ଓ ଅନ୍ୟ ତିନି ବରିଷ୍ଠ ବିଚାରପତି ଜେ. ଚେଲମେଶ୍ୱର, ମଦନ ବି. ଲୋକୁର ଏବଂ କୁରିଅନ ଯୋଶେଫ୍ ଏକ ଖବରଦାତା ସମ୍ମିଳନୀରେ ତତ୍କାଳୀନ ସିଜେଆଇ ଦୀପକ ମିଶ୍ରଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ।

**ଅଯୋଧ୍ୟା ରାୟ ପାଇଁ ଇତିହାସରେ ଲିପିବଦ୍ଧ ହେବ ଜଷ୍ଟିସ୍ ଗୋଗୋଇଙ୍କ ନାମ**

ସିଜେଆଇ ଭାବେ କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ଜଷ୍ଟିସ୍ ଗୋଗୋଇ ରାଜନୈତିକ ଦୃଷ୍ଟିରୁ ସମ୍ବେଦନଶୀଳ ଅଯୋଧ୍ୟା ଜମି ବିବାଦ ସମେତ ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ ମାମଲାର ରାୟ ପ୍ରଦାନ କରିଥିବାରୁ ତାଙ୍କ ନାଁ ଇତିହାସ ପୃଷ୍ଠାରେ ଲିପିବଦ୍ଧ ହୋଇ ରହିବ। ତାଙ୍କ ନେତୃତ୍ୱରେ ୫ ଜଣିଆ ସାମ୍ବିଧାନିକ ପୀଠ ଗତ ୯ ତାରିଖରେ ଅଯୋଧ୍ୟା ଜମି ବିବାଦ ମାମଲାରେ ରାୟ ପ୍ରଦାନ କରି ୧୩୪ ବର୍ଷ ବିବାଦର ପରିସମାପ୍ତି ଘଟାଇଥିଲେ। ରାମମନ୍ଦିର ନିର୍ମାଣ ଲାଗି ବିବାଦୀୟ ୨.୭୭ ଏକର ଜମି ହିନ୍ଦୁମାନଙ୍କୁ ଦେବା ସହ ଅନ୍ୟତ୍ର ମସ୍‌ଜିଦ ନିର୍ମାଣ ଲାଗି ମୁସଲମାନଙ୍କୁ ୫ ଏକର ଜମି ଯୋଗାଇଦେବାକୁ ସାମ୍ବିଧାନିକ ପୀଠ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। କେରଳର ସାବରିମାଲା ମନ୍ଦିରରେ ସବୁ ବୟସ ବର୍ଗର ମହିଳାଙ୍କ ପ୍ରବେଶ ଲାଗି ସୁପ୍ରିମକୋର୍ଟ ୨୦୧୮ରେ ଦେଇଥିବା ରାୟକୁ ୭ ଜଣିଆ ବୃହତ୍ତର ପୀଠକୁ ପଠାଇବା ଲାଗି ସିଜେଆଇଙ୍କ ନେତୃତ୍ୱରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ଗୁରୁବାର ନିଷ୍ପତ୍ତି ନେଇଥିଲେ। ସେହିପରି ଗୁରୁତ୍ୱପୂର୍ଣ୍ଣ ରାଫାଲ ଯୁଦ୍ଧବିମାନ କିଣା ମାମଲାରେ ଅଦାଲତଙ୍କ ଡିସେମ୍ବର ୧୪ ରାୟର ସମୀକ୍ଷା ପାଇଁ ହୋଇଥିବା ଆବେଦନକୁ ସିଜେଆଇଙ୍କ ଖଣ୍ଡପୀଠ ଗୁରୁବାର ଖାରଜ କରିଦେବା ସହ କେନ୍ଦ୍ର ସରକାରଙ୍କୁ ପୁନର୍ବାର କ୍ଲିନ୍‌ଚିଟ ଦେଇଥିଲେ। ଏହାବ୍ୟତୀତ ସିଜେଆଇ ସାଧାରଣ କର୍ତ୍ତୃପକ୍ଷ ଓ ତାଙ୍କ କାର୍ଯ୍ୟାଳୟ ସୂଚନା ଅଧିକାର ଆଇନ ପରିସରଭୁକ୍ତ ବୋଲି ଜଷ୍ଟିସ୍ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ରାୟ ଦେଇଥିଲେ। ତେବେ ଜନସ୍ୱାର୍ଥରେ ସୂଚନା ପ୍ରଦାନ କଲାବେଳେ ନ୍ୟାୟପାଳିକାର ସ୍ୱାଧୀନତାକୁ ଦୃଷ୍ଟିରେ ରଖାଯିବା ଉଚିତ ବୋଲି ଖଣ୍ଡପୀଠ କହିଥିଲେ।

### କେରଳ ମୁଖ୍ୟମନ୍ତ୍ରୀଙ୍କୁ ମାଓବାଦୀଙ୍କ ହତ୍ୟା ଧମକ

କୋଝିକୋଡ଼େ, ୧୫।୧୧(ପି.ଟି.) : କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନଙ୍କୁ ମାଓବାଦୀମାନେ ହତ୍ୟା ଧମକ ଦେଇଛନ୍ତି। ୨୦୧୬ରୁ ଏନ୍‌କାଉଣ୍ଟରରେ ୭ ମାଓବାଦୀଙ୍କୁ ହତ୍ୟାକରାଯିବା ବିରୋଧରେ ପୋଲିସ ପାଖକୁ ଏ ସମ୍ପର୍କିତ ଏକ ଧମକପୂର୍ଣ୍ଣ ଚିଠି ଆସିଛି। ମାଲାୟାଲମ୍ ଭାଷାରେ ଲେଖାଥିବା ଏହି ଚିଠି ମାଓବାଦୀ ସଙ୍ଗଠନର ନେତା ବେଦାର ମୂଷା ପଠାଇଥିବା ପ୍ରକାଶ। ଭଟକାରା ପୋଲିସ ଷ୍ଟେଶନରେ ଏହି ଚିଠି ପହଞ୍ଚିବା ପରେ ତଦନ୍ତ ଆରମ୍ଭ ହୋଇଥିବା ବରିଷ୍ଠ ଅଧିକାରୀମାନେ ପ୍ରକାଶ କରିଛନ୍ତି।



ନିକଟରେ କେରଳର ପଲକାଡ୍ ଜିଲାର ଏକ ଜଙ୍ଗଲାଞ୍ଚଳରେ ଏନ୍‌କାଉଣ୍ଟର କରାଯାଇ ୪ ମାଓବାଦୀଙ୍କୁ ହତ୍ୟା କରାଯାଇଥିଲା। ସରକାରଙ୍କ ମାଓବାଦୀ ବିରୋଧୀ ଅଭିଯାନ ଓ ଏନ୍‌କାଉଣ୍ଟର ବନ୍ଦ ନ ହେଲେ ପରିଣତି ଭୟାବହ ହେବ ବୋଲି ଚିଠିରେ ଧମକ ଦିଆଯାଇଛି।

## ନିର୍ବାଚନ ଲଢିପାରିବେନି ମଧୁ କୋଡ଼ା

ନୂଆଦିଲ୍ଲୀ, ୧୫।୧୧(ପି.ଟି.)



ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ମଧୁ କୋଡ଼ା ଆଗାମୀ ବିଧାନସଭା ନିର୍ବାଚନ ଲଢିପାରିବେ ନାହିଁ। ସୁପ୍ରିମକୋର୍ଟ ଶୁକ୍ରବାର ଏଥିଲାଗି ତାଙ୍କୁ ଅନୁମତି ଦେଇନାହାନ୍ତି। ୨୦୧୭ରେ କୋଡ଼ା ନିର୍ବାଚନ ଖର୍ଚ୍ଚ ଦାଖଲ କରି ନ ଥିବାବେଳେ ନିର୍ବାଚନ କମିଶନଙ୍କ ପକ୍ଷରୁ ତାଙ୍କୁ ଅଯୋଗ୍ୟ ଘୋଷଣା କରାଯାଇଥିଲା। ଏନେଇ କୋଡ଼ା ସୁପ୍ରିମକୋର୍ଟରେ ଏହାକୁ ଚ୍ୟାଲେଞ୍ଜ୍ କରିଥିଲେ। ଜଷ୍ଟିସ ଏନ୍.ଭି. ରମନା ଓ ଜଷ୍ଟିସ ଭି. ରାମସୁବ୍ରମଣ୍ୟନ୍‌ଙ୍କୁ ନେଇ ଗଠିତ ସୁପ୍ରିମକୋର୍ଟ ଖଣ୍ଡପୀଠ କୋଡ଼ାଙ୍କ ଦ୍ୱାରା ଆଗତ ପିଟିଶନ୍‌ର ଶୁଣାଣି କରି ନିର୍ବାଚନ କମିଶନଙ୍କଠାରୁ ମତାମତ ମାଗିଛନ୍ତି। ନିର୍ବାଚନ କମିଶନ କୋଡ଼ାଙ୍କୁ ୩ ବର୍ଷ ନିର୍ବାଚନ ଲଢିପାରିବେ ନାହିଁ ବୋଲି ନିର୍ଦ୍ଦେଶ ଦେଇଥିଲେ। ଇତିମଧ୍ୟରେ ୨ ବର୍ଷ ବିତିଯାଇଥିବାବେଳେ ବିଧାନସଭା ନିର୍ବାଚନରେ କୋଡ଼ାଙ୍କୁ ଏଥିଲାଗି ଅନୁମତି ଦେବା ଲାଗି ସୁପ୍ରିମକୋର୍ଟରେ ଅନୁରୋଧ କରାଯାଇଥିଲା।

### [ଇତିହାସର ଆଇନାରେ] ନଭେମ୍ବର ୧୬ର ପ୍ରମୁଖ ଘଟଣା

୧୯୯୭ ନଭେମ୍ବର ୧୬ରେ ଚାଇନାରେ ବନ୍ଦୀ ଜୀବନ ବିତାଉଥିବା ଗଣତନ୍ତ୍ର ସପକ୍ଷବାଦୀ ନେତା ୱେଇ ଜିଙ୍ଗ୍ ହେଙ୍ଗ୍‌ଙ୍କୁ ଦ ପିପୁଲ୍ସ ରିପବ୍ଲିକ୍ ଅଫ୍ ଚାଇନା ପକ୍ଷରୁ ସ୍ୱାସ୍ଥ୍ୟଗତ କାରଣରୁ ମୁକ୍ତ କରାଯାଇଥିଲା। ଜଣେ ଉଚ୍ଚକୋଟୀର ଲେଖକ, ମାନବାଧିକାର କର୍ମୀ ଭାବେ ସେ ଜଣାଶୁଣା।

୧୯୮୮ ନଭେମ୍ବର ୧୬ରେ ପାକିସ୍ତାନରେ ଏକ ଦଶନ୍ଧି ପରେ ନିର୍ବାଚନ ଅନୁଷ୍ଠିତ ହୋଇ ବେନଜୀର ଭୁଟ୍ଟୋଙ୍କୁ ଭୋଟର ପ୍ରଧାନମନ୍ତ୍ରୀ ଭାବେ ନିର୍ବାଚିତ କରିଥିଲେ। ଭୁଟ୍ଟୋଙ୍କ ପାକିସ୍ତାନ ପିପୁଲ୍ସ ପାର୍ଟିକୁ ୫୨ ଓ ପ୍ରମୁଖ ବିରୋଧୀ ଦଳକୁ ୨୧ ଆସନ ମିଳିଥିଲା।

## ରାଫାଲ ପ୍ରସଙ୍ଗରେ କ୍ଷମା ମାଗନ୍ତୁ ରାହୁଲ

# ଆଜି ଦେଶବ୍ୟାପୀ ଭାଜପାର ଆନ୍ଦୋଳନ

ନୂଆଦିଲ୍ଲୀ,୧୫।୧୧(ପି.ଟି.)

ରାଫାଲ ଯୁଦ୍ଧବିମାନ କିଣା ମାମଲାରେ ସୁପ୍ରିମକୋର୍ଟ ଦ୍ୱିତୀୟ ଥର କେନ୍ଦ୍ର ସରକାରଙ୍କୁ କ୍ଲିନ୍‌ଚିଟ୍ ଦେଇଥିବାରୁ କଂଗ୍ରେସ ଓ ଏହାର ନେତା ରାହୁଲ ଗାନ୍ଧୀଙ୍କ ମିଛ ପଦାରେ ପଡିଯାଇଛି। ଏଥିପାଇଁ ରାହୁଲ ସର୍ବସାଧାରଣରେ କ୍ଷମା ମାଗିବା ଦାବିରେ ଭାଜପା ଶନିବାର ଦେଶବ୍ୟାପୀ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଛି। ରାଫାଲ ପ୍ରସଙ୍ଗରେ ତତ୍କାଳୀନ କଂଗ୍ରେସ ଅଧ୍ୟକ୍ଷ ରାହୁଲ ମିଥ୍ୟା ପ୍ରଚାର ଚଳାଇ ସର୍ବୋଚ୍ଚ ଅଦାଲତରେ କ୍ଷମା ମାଗିବାକୁ ବାଧ୍ୟ ହୋଇଛନ୍ତି। ତେଣୁ ତାଙ୍କୁ ରାଷ୍ଟ୍ର ନିକଟରେ କ୍ଷମା ମାଗିବା ବ୍ୟତୀତ ଅନ୍ୟ ବିକଳ୍ପ ନାହିଁ ବୋଲି ଭାଜପା ସାଧାରଣ ସମ୍ପାଦକ ଭୁପେନ୍ଦ୍ର ଯାଦବ କହିଛନ୍ତି। ସୁପ୍ରିମକୋର୍ଟ ପୂର୍ବ ରାୟ ଉପରେ ରିଭ୍ୟୁ ପିଟିଶନ୍‌କୁ ଖାରଜ କରି ଯୁଦ୍ଧବିମାନ କିଣାରେ ଦୁର୍ନୀତି ଅଭିଯୋଗର ତଦନ୍ତ ଆବେଦନକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ତେଣୁ ରାହୁଲ କ୍ଷମା ମାଗିବା ଦାବିରେ ଶୁକ୍ରବାର ଦିଲ୍ଲୀରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।




ଏଆଇସିସି କାର୍ଯ୍ୟାଳୟ ବାହାରେ ବିକ୍ଷୋଭରତ ଭାଜପା କର୍ମୀ।

## ପ୍ରଦୂଷଣର ସମାଧାନ ନୁହେଁ ଯୁଗ୍ମ-ଅଯୁଗ୍ମ ସୂତ୍ର: ସୁପ୍ରିମକୋର୍ଟ

# ୪ ରାଜ୍ୟ ମୁଖ୍ୟ ସଚିବଙ୍କୁ ସମନ

ନୂଆଦିଲ୍ଲୀ,୧୫।୧୧(ପି.ଟି.)



ଦିଲ୍ଲୀ- ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍)ରେ ବାୟୁ ପ୍ରଦୂଷଣ ହ୍ରାସ କରିବା ଦିଗରେ କ'ଣ ପଦକ୍ଷେପ ନିଆଯାଇଛି, ଜଣାଇବା ପାଇଁ ସୁପ୍ରିମକୋର୍ଟ ଶୁକ୍ରବାର ପଞ୍ଜାବ, ହରିୟାଣା, ଉତ୍ତରପ୍ରଦେଶ ଓ ଦିଲ୍ଲୀର ମୁଖ୍ୟ ସଚିବମାନଙ୍କୁ ସମନ କରିଛନ୍ତି। ପ୍ରଦୂଷଣ ରୋକିବାକୁ ହେଲେ ପ୍ରଭାବଶାଳୀ ପଦକ୍ଷେପ ଜରୁରୀ। ଦିଲ୍ଲୀର ୧୩ଟି ପ୍ରଦୂଷଣ ମୁଖ୍ୟସ୍ଥଳକୁ ପରିଷ୍କାର କରିବାକୁ ହେବ ବୋଲି ଜଷ୍ଟିସ୍ ଅରୁଣ ମିଶ୍ର ଏବଂ ଦୀପକ ଗୁପ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ଦିଲ୍ଲୀ ସରକାର ଗାଡ଼ି ଚାଳନା ହ୍ରାସ କରିବାକୁ ଯାଇ ଯୁଗ୍ମ-ଅଯୁଗ୍ମ ସୂତ୍ର ଲାଗୁ କରିଥିଲାବେଳେ ସେଥିରୁ ଦୁଇ ଓ ତିନି ଚକିଆ ଯାନକୁ ବାଦ୍ ଦେଇଥିବାରୁ ଏହା ଉପରେ ସର୍ବୋଚ୍ଚ ଅଦାଲତ ପ୍ରଶ୍ନ ଉଠାଇଛନ୍ତି। ଏହି ନିୟମ ଲାଗୁ କରିବା ସତ୍ତ୍ୱେ ଦିଲ୍ଲୀର ପ୍ରଦୂଷଣ ମାତ୍ରା ବଢୁଥିବାରୁ ଏହା ସମାଧାନର ସୂତ୍ର ନୁହେଁ ବୋଲି ଖଣ୍ଡପୀଠ କହିଛନ୍ତି। ନଡ଼ା ପୋଡି ହ୍ରାସ ପାଇବା ସତ୍ତ୍ୱେ ଦିଲ୍ଲୀରେ ପ୍ରଦୂଷଣ ସ୍ତର ଅଧିକ ଖରାପ ହେଉଥିବାରୁ ଅଦାଲତ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଯୁଗ୍ମ-ଅଯୁଗ୍ମ ସୂତ୍ର ଲାଗୁ ହେବାଦ୍ୱାରା ପ୍ରଦୂଷଣ ହ୍ରାସ ପାଇଛି। ନଡ଼ା ପୋଡି ଯୋଗୁ ପ୍ରଦୂଷଣ ବଢୁଥିବା ଦିଲ୍ଲୀ ସରକାର ସର୍ବୋଚ୍ଚ ଅଦାଲତଙ୍କୁ କହିଥିଲେ।

### ‘ମିଳିତ ଉଦ୍ୟମ ଲୋଡ଼ା’

ଦିଲ୍ଲୀ ବାୟୁ ଦିନକୁ ଦିନ ଅଧିକ ଖରାପ ହେଉଥିବାରୁ ଏହାକୁ ରୋକିବା ଦିଗରେ ସବୁ ସଂସ୍ଥାର ମିଳିତ ଉଦ୍ୟମ ଆବଶ୍ୟକ ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରକାଶ ଜାଭଡେକର କହିଛନ୍ତି। କ୍ରମାଗତ ୪ ଦିନ ହେଲା ଦିଲ୍ଲୀ ବାୟୁର ମାନ ଅତ୍ୟନ୍ତ ଗୁରୁତର ବର୍ଗରେ ରହିଛି। ବିଷାକ୍ତ ସ୍ମୋଗ୍‌ର ବହଳ ଆସ୍ତରଣ ମହାନଗରୀକୁ ଆଚ୍ଛାଦିତ କରି ରଖିଛି। ଏପରି ସ୍ଥଳେ ସଂସ୍ଥାଗୁଡିକ ପରସ୍ପରକୁ ଦୋଷ ନ ଦେଇ ଏକାଠି କାମ କରିବା ଆବଶ୍ୟକ ବୋଲି ପରିବେଶ ମନ୍ତ୍ରୀ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି।



ପ୍ରକାଶ ଜାଭଡେକର

### ସଂସଦୀୟ କମିଟି ବୈଠକରେ ଯୋଗଦେଲେନି ଏମ୍‌ପି, ଅଧିକାରୀ

ବାୟୁ ପ୍ରଦୂଷଣକୁ ନେଇ ନୂଆଦିଲ୍ଲୀରେ ଶୁକ୍ରବାର ସହରାଞ୍ଚଳ ବିକାଶ ସଂସଦୀୟ କମିଟି ଜରୁରୀ ବୈଠକ ଡାକିଥିଲାବେଳେ ଏଥିରେ ଗୌତମ ଗମ୍ଭୀରଙ୍କ ସମେତ କେତେଜଣ ଏମ୍‌ପି ଯୋଗଦେଇ ନ ଥିଲେ। ସେହିପରି ପରିବେଶ ମନ୍ତ୍ରଣାଳୟ, ଡିଡିଏର ଉଚ୍ଚ ପଦାଧିକାରୀ ଏବଂ ମ୍ୟୁନିସିପାଲ କମିଶନରମାନେ ମଧ୍ୟ ବୈଠକଠାରୁ ଦୂରେଇ ରହିଥିଲେ। ଏହାକୁ ନେଇ କମିଟିର ସଦସ୍ୟମାନେ ଅସନ୍ତୋଷ ବ୍ୟକ୍ତ କରିବା ସହ ଏ ସମ୍ପର୍କରେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଥିଲେ। ଦିଲ୍ଲୀ ରାସ୍ତାରେ ୫୦ ଲକ୍ଷ କାର ଚଳପ୍ରଚଳ କରୁଥିଲାବେଳେ ଏହାକୁ ହ୍ରାସ କରିବା ଲାଗି ସରକାରଙ୍କର କୌଣସି ନୀତି ରହିଛି କି ନାହିଁ। କମିଟି ପକ୍ଷରୁ ଏଭଳି କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ କରାଯିବାର ଥିଲା। ତାଲିକାରେ ୨୯ ଏମ୍‌ପିଙ୍କ ନାଁ ଥିଲାବେଳେ ବୈଠକକୁ ମାତ୍ର ୪ ଜଣ ଆସିଥିଲେ। ସେହିପରି ଅଳ୍ପ କେତେଜଣ ଅଫିସରଙ୍କୁ ବୈଠକରେ ଦେଖିବାକୁ ମିଳିଥିଲା। ଏହାର ଅନୁଧ୍ୟାନ କରି ପଦକ୍ଷେପ ଗ୍ରହଣ କରିବେ ବୋଲି ପରିବେଶ ମନ୍ତ୍ରୀ ପ୍ରକାଶ ଜାଭଡେକର କହିଛନ୍ତି। ଦିଲ୍ଲୀରୁ ଏକମାତ୍ର ଏମ୍‌ପି ଭାବେ ଗୌତମ ଗମ୍ଭୀର ଏବଂ ମଥୁରା ଏମ୍‌ପି ହେମାମାଳିନୀଙ୍କ ନାଁ ଥିଲାବେଳେ ଉଭୟେ ଯୋଗଦେଇ ନ ଥିଲେ। ଏହାକୁ ଏଏପି ପକ୍ଷରୁ ସମାଲୋଚନା କରାଯାଇଛି।



“ ସୁଖ ସମୟରେ ଭଗବାନଙ୍କୁ ସ୍ମରଣ କଲେ, ଦୁଃଖ କେବେ ମନୁଷ୍ୟ ପାଖକୁ ଆସେ ନାହିଁ। ଯଦିବା ଆସେ ତେବେ ସୁଖ ଦୁଃଖର ତଫାତ୍ ତାକୁ ଜଣାପଡ଼େ ନାହିଁ।

-ସନ୍ଥ କବୀର ଦାସ

## ‘ଭୋଟର ତାଲିକା ଯାଞ୍ଚ ଅବଧି ବଢ଼ିଲା’

**ଭୁବନେଶ୍ୱର,୧୫।୧୧ (ବ୍ୟୁରୋ)**

ରାଜ୍ୟରେ ଚାଲୁ ରହିଥିବା ଭୋଟର ତାଲିକା ଯାଞ୍ଚ କାର୍ଯ୍ୟକ୍ରମର ଅବଧିକୁ ଭୋଟରମାନଙ୍କ ସୁବିଧା ପାଇଁ ଭାରତର ନିର୍ବାଚନ କମିଶନ ଚଳିତ ମାସ ୩୦ ପର୍ଯ୍ୟନ୍ତ ବଢ଼ାଇଦେଇଛନ୍ତି । ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ପାଇଁ ଶୁକ୍ରବାର ସୁଦ୍ଧା ମୋଟ ୪,୮୫,୨୪୧ ଗୋଟି ଅର୍ଥାତ୍ ଶତକଡ଼ା ୯୦.୭୭୭ ପ୍ରତିଶତ ଫର୍ମ ସଂଗ୍ରହ କରାଯାଇଛି। ଭୋଟର ତାଲିକାରେ ଅନ୍ତର୍ଭୁକ୍ତ, ବାଦ୍ ପଡ଼ିବା ଏବଂ ଆବଶ୍ୟକ ସଂଶୋଧନ ନିମନ୍ତେ ଯଥାକ୍ରମେ ଫର୍ମ ନଂ-୬,୭ ଏବଂ ୮ ଓ ୮(କ) ଦ୍ୱାରା ଆବେଦନ କରାଯାଇଥାଏ ।

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ସୁଶୀଲ କୁମାର ଲୋହାନୀ ସମସ୍ତ ଜିଲାର ଜିଲାପାଳ ଓ ଉପଜିଲାପାଳଙ୍କ ସହ ଭିଡିଓ କନ୍‌ଫରେନ୍‌ସିଂ ମାଧ୍ୟମରେ ଏହି କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ଉତ୍ତମ କାର୍ଯ୍ୟ କରିଥିବା ଜିଲାପାଳମାନଙ୍କୁ ଲୋହାନୀ ପ୍ରଶଂସା କରିବା ସହ ଚଳିତ ମାସ ଶେଷ ସୁଦ୍ଧା ଶତପ୍ରତିଶତ ଆବଶ୍ୟକ ଫର୍ମ ସଂଗ୍ରହ କରିବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏଥି ସହ ଭୋଟରମାନଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା ପାଇଁ ଜିଲାପାଳମାନଙ୍କୁ ପରାମର୍ଶ ଦେଇଥିଲେ । ଭୋଟରମାନେ ମଧ୍ୟ ନିର୍ବାଚନ କମିଶନଙ୍କ ୱେବ୍‌ସାଇଟ୍ WWW.NVSP.INକୁ ଯାଇ ନିଜେ ନିଜେ ସେମାନଙ୍କର ଭୋଟର ତାଲିକା ଦେଖିବା ସହ ତ୍ରୁଟି ଥିଲେ ଆବଶ୍ୟକ ସଂଶୋଧନ କରିପାରିବେ। ଏତଦ୍‌ବ୍ୟତୀତ ସବୁ ଉପଖଣ୍ଡ ଅଧୀନରେ ଖୋଲାଯାଇଥିବା ଭୋଟର ସହାୟତା କେନ୍ଦ୍ର, ଜନସେବାକେନ୍ଦ୍ର, ବି.ଏଲ୍.ଓ. କିମ୍ବା ୧୯୫୦କୁ ଫୋନ୍ କରି ଭୋଟର ତାଲିକାର ଯାଞ୍ଚ କାର୍ଯ୍ୟକ୍ରମ ସମ୍ପର୍କରେ ଜାଣିପାରିବେ ଏବଂ ଆବଶ୍ୟକ ସଂଶୋଧନ କରାଇପାରିବେ । ଏହାପରେ ଆସନ୍ତା ଡିସେମ୍ବର ୧୬ରେ ଡ୍ରାଫଟ୍ ଭୋଟର ତାଲିକା ପ୍ରକାଶ ପାଇବ । ଏ ସମ୍ପର୍କିତ ଦାବି ଓ ଆପତ୍ତି ଆସନ୍ତା ଡିସେମ୍ବର ୧୬ରୁ ୨୦୨୦ ଜାନୁୟାରୀ ୧୫ ମଧ୍ୟରେ ଗ୍ରହଣ କରାଯିବ। ୨୦୨୦ ଜାନୁୟାରୀ ୨୭ରେ ଦାବି ଓ ଆପତ୍ତିର ଫଇସଲା କରାଯାଇ ଆସନ୍ତା ଫେବୃୟାରୀ ୭ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ ବୋଲି ସିଇଓ ଜଣାଇଛନ୍ତି।

## ବିଦ୍ୟୁତ୍ ସଂସ୍ପର୍ଶରେ ଯୁବକଙ୍କ ମୃତ୍ୟୁ

**ଖୁଣ୍ଟା,୧୫।୧୧(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ଭୂପଡ଼ ଗ୍ରାମରେ ଗୁରୁବାର ବିଦ୍ୟୁତ୍ ସଂସ୍ପର୍ଶରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରାଜୁ ଭକ୍ତ(୧୯)। ଅପରାହ୍ନରେ ଫିଉଜ ବାନ୍ଧିବା ପାଇଁ ଗ୍ରାମରେ ଥିବା ଟ୍ରାନ୍ସଫର୍ମର ଖୁଣ୍ଟିରେ ଚଢ଼ିଥିବା ବେଳେ ଅସାବଧାନତା ଯୋଗୁ ସେ ବିଦ୍ୟୁତ ଆଘାତ ପାଇଥିଲେ। ପରିବାର ଲୋକେ ୧୦୮ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ପାଇଁ ବାରିପଦା ପିଆରଏମ ମେଡିକାଲକୁ ନେଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖୁଣ୍ଟା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## କ୍ରିକେଟ ବଲ ବାଜି ଡାକ୍ତରୀ ଛାତ୍ରଙ୍କ ମୃତ୍ୟୁ

**ବ୍ରହ୍ମପୁର ଅଫିସ,୧୫।୧୧**

ଗଞ୍ଜାମ ଜିଲା ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ବ୍ରହ୍ମପୁର ବଡ ମେଡିକାଲ ଖେଳ ପଡ଼ିଆରେ ଶୁକ୍ରବାର କ୍ରିକେଟ ଖେଳ ବେଳେ ଏକ ଦୁର୍ଘଟଣା ଘଟିଛି। କ୍ରିକେଟ ବଲ ବାଜି ଜଣେ ମେଡିକାଲ ଛାତ୍ରଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବିଶ୍ୱଭୂଷଣ ସାହୁ (୨୪)। ତାଙ୍କ ଘର ପୋଲସରା ଥାନା ଅନ୍ତର୍ଗତ ଚଇଁଣିଆପଲ୍ଲୀ ବୋଲି ମେଡିକାଲ ଫାଣ୍ଡି ପୋଲିସ ସୂଚନା ଦେଇଛି। ଛାତ୍ରଙ୍କ ମୃତଦେହ ଜବତ କରି ପୋଲିସ ନଂ.୬୦୪/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପ୍ରକାଶ ଯେ, ବିଶ୍ୱଭୂଷଣ କୋରାପୁଟ ଲକ୍ଷ୍ମଣ ନାୟକ ମେଡିକାଲ କଲେଜର ୨ୟ ବର୍ଷ ଏମ୍‌ବିବିଏସ୍ ଛାତ୍ର ଥିଲେ। ତାଙ୍କ ବାପା ଲିଙ୍ଗରାଜ ବ୍ରହ୍ମପୁର ଲାଞ୍ଜିପଲିରେ ଏକ ଘର ଭଡା ନେଇ ରହୁଛନ୍ତି। କିଛିଦିନ ତଳେ ବିଶ୍ୱଭୂଷଣ ଛୁଟିରେ ଘରକୁ ଆସିଥିଲେ। ସେ ଶୁକ୍ରବାର ସକାଳେ ସାଙ୍ଗମାନଙ୍କ ସହ କ୍ରିକେଟ ଖେଳିବା ପାଇଁ ମେଡିକାଲ କଲେଜ ଖେଳ ପଡିଆକୁ ଯାଇଥିଲେ। ବିଶ୍ୱଭୂଷଣ ବ୍ୟାଟିଂ କରୁଥିବା ବେଳେ ଅନ୍ୟପଟୁ ବୋଲିଂ ହେଉଥିଲା। ଏକ ବଲ ତାଙ୍କ କାନରେ ବାଜିଥିଲା। ଫଳରେ ସେ ତଳେ ଅଚେତ ହୋଇ ପଡିଯାଇଥିଲେ। ସାଙ୍ଗମାନେ ତାଙ୍କୁ ତୁରନ୍ତ ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍‌ପିଟାଲରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।



ବିଶ୍ୱଭୂଷଣ ସାହୁ

## ସଂକ୍ଷେପରେ

### ଝାଡ଼ାବାନ୍ତିରେ ୮ ଆକ୍ରାନ୍ତ, ବୃଦ୍ଧାଙ୍କ ମୃତ୍ୟୁ

**ଅତାବିରା, ୧୫।୧୧ (ଡି.ଏନ.ଏ)** ବରଗଡ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ କାଦୋବାହାଲ ପଞ୍ଚାୟତ ପୋଡବାଡି ହରିଜନପଡାରେ ଝାଡାବାନ୍ତିରେ ୮ଜଣ ଆକ୍ରାନ୍ତ ହୋଇଛନ୍ତି। ସେହିପରି ଗୁରୁବାର ରାତିରେ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ହରିଜନପଡାର ବୃଦ୍ଧା କକ୍‌ୟା ଦରଦିଆ (୮୫)ଙ୍କ ମୃତ୍ୟୁ ହୋଇଛି। ସୂଚନା ପାଇ ଅତାବିରା ମେଡିକାଲ ଇନଚାର୍ଜ ରବିନାରାୟଣ ମିଶ୍ର, ଡା. ଯଯାତି କେଶରୀ ରାଉତ, ଷ୍ଟାଫନର୍ସ ରେଣୁକା ନାଗ ପ୍ରମୁଖ ପ୍ରଭାବିତ ଗ୍ରାମରେ ପହଞ୍ଚି ଝାଡାବାନ୍ତି ଆକ୍ରାନ୍ତମାନଙ୍କ ଚିକିତ୍ସା କରିବା ସହିତ ନଳକୂପ ପାଣି ନମୂନା ସଂଗ୍ରହ କରି ପରୀକ୍ଷାଗାରକୁ ପଠାଇଛନ୍ତି। ରୋଗ ନିୟନ୍ତ୍ରଣାଧୀନ ରହିଛି ବୋଲି ମେଡିକାଲ ଅଫିସର ରବିନାରାୟଣ ପଣ୍ଡା କହିଛନ୍ତି। ଦୂଷିତ ପାଣି ବ୍ୟବହାର କରି ଝାଡାବାନ୍ତି ହୋଇଥିବା ସନ୍ଦେହ କରାଯାଉଛି ।

### ବିଚାରାଧୀନ କଏଦୀଙ୍କ ମୃତ୍ୟୁ

**ଆସିକା,୧୫।୧୧(ଡି.ଏନ୍.ଏ.):** ଗଞ୍ଜାମ ଜିଲା ଆସିକା ସବ୍‌ଜେଲରେ ଶୁକ୍ରବାର ସକାଳେ ଜଣେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଧରାକୋଟ ଥାନା ଅନ୍ତର୍ଗତ ବାଦଗଡ଼ ଗ୍ରାମର ଡାକ୍ତର ସାହୁ ଓରଫ ଡାକ (୩୪) । ବାଦଗଡ଼ର ବାବୁ ପ୍ରଧାନଙ୍କୁ ଗତ ଅକ୍ଟୋବର ମାସରେ ହତ୍ୟା କରାଯାଇଥିଲା। ଏହି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ଡାକ ଓ ତାଙ୍କର ୩ ଭାଇ ଗିରଫ ହୋଇ ଗତ ୨୯ ତାରିଖରୁ ଆସିକା ସବ୍ ଜେଲରେ ବିଚାରାଧୀନ କଏଦୀ ଭାବେ ରହିଥିଲେ। ସବ୍‌ଜେଲର ୩ ନମ୍ବର ସେଲ୍‌ରେ ଏମାନେ ଥିଲେ। ଶୁକ୍ରବାର ସକାଳ ୬ଟାରେ ଉକ୍ତ ସେଲ୍‌ର ଫାଟକ ଖୋଲାଯାଇଥିଲା। ସମସ୍ତ କଏଦୀ ବାହାରକୁ ଆସିଥିବା ବେଳେ ଡାକ ନିଶ୍ଚେତ ଅବସ୍ଥାରେ ପଡ଼ି ରହିଥିଲେ । ଜେଲ କର୍ତ୍ତୃପକ୍ଷ ତାଙ୍କୁ ଆସିକା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ଆସିକା ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ, ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ଡାକ୍ତରଖାନାରେ ପହଞ୍ଚିଥିଲେ। କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ଆଶୁତୋଷ ଗୌରବ କରଙ୍କ ଉପସ୍ଥିତିରେ ମୃତଦେହକୁ ଜବତ କରାଯାଇ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ ମେଡିକାଲକୁ ପଠାଯାଇଥିଲା। ଏ ନେଇ ଆସିକା ଥାନାରେ ନଂ.୨୮/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି ।

### ପ୍ଲାଟଫର୍ମରେ ମହିଳାଙ୍କ ପ୍ରସବ

**ଭଦ୍ରକ ଅଫିସ, ୧୫।୧୧:** ଭଦ୍ରକ ଷ୍ଟେଶନରେ ଶୁକ୍ରବାର ସକାଳେ ଟ୍ରେନ୍‌ରେ ଆସିଥିବା ଜଣେ ମହିଳା ପ୍ଲାଟଫର୍ମରେ ୩ ସନ୍ତାନଙ୍କୁ ଜନ୍ମ ଦେଇଥିଲେ। ନବଜାତକଙ୍କ ମଧ୍ୟରୁ ଦୁଇ ଶିଶୁପୁତ୍ର ଓ ଜଣେ କନ୍ୟା ଥିଲେ। ମାତ୍ର ଜନ୍ମ ହେବାର କେଇ ଘଣ୍ଟା ମଧ୍ୟରେ ୩ ନବଜାତକଙ୍କ ମୃତ୍ୟୁ ହୋଇଯାଇଛି। ସୂଚନା ଅନୁଯାୟୀ, ଗର୍ଭବତୀ ମହିଳା ଜଣଙ୍କ ବେଙ୍ଗାଲୁରୁରୁ ଗୌହାଟିକୁ ବେଙ୍ଗାଲୁରୁ-ଗୌହାଟି ଏକ୍ସପ୍ରେସରେ ତାଙ୍କ ସ୍ୱାମୀଙ୍କ ସହ ଯାଉଥିଲେ। ମହିଳାଙ୍କର ପ୍ରସବ ଯନ୍ତ୍ରଣା ଅସହ୍ୟ ହେବାରୁ ସେମାନେ ଭଦ୍ରକ ଷ୍ଟେଶନର ୩ ନଂ. ପ୍ଲାଟଫର୍ମରେ ଓହ୍ଲାଇ ଥିଲେ। ଉକ୍ତ ପ୍ଲାଟଫର୍ମରେ ଓହ୍ଲାଇବା ପରେ ହିଁ ମହିଳା ୩ ଶିଶୁ ପ୍ରସବ କରିଥିଲେ। ସ୍ଥାନୀୟ ଲୋକେ ଓ ରେଳ ସୁରକ୍ଷା କର୍ମୀ ଆମ୍ବୁଲାନ୍ସ ଯୋଗେ ମହିଳାଙ୍କ ସମେତ ୩ ଶିଶୁଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ୩ ଶିଶୁଙ୍କର ମୃତ୍ୟୁ ଘଟିଥିଲା। ତେବେ ପ୍ରସୂତିଙ୍କ ସ୍ୱାସ୍ଥ୍ୟାଭଜଗବସ୍ଥା ଠିକ୍ ଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି। ଏ ସମ୍ପର୍କରେ ଜିଲା ଅତିରିକ୍ତ ଚିକିତ୍ସାଧିକାରୀ ପ୍ରଦୀପ ଖୁଣ୍ଟିଆ କହିଛନ୍ତି, ପ୍ରିମାଚ୍ୟୁର ଅବସ୍ଥାରେ ଜନ୍ମ ହୋଇଥିବାରୁ ନବଜାତକ ଶିଶୁମାନଙ୍କର ମୃତ୍ୟୁ ଘଟିଛି। ମହିଳାଙ୍କ ନାମ ମୁଁଜିଲା ଖାତୁନ ଓ ତାଙ୍କ ଘର ଆସାମ ଗୌହାଟି ନାଲବାରି ଜିଲା ବାଲିକ୍ଷେତ୍ରି ବ୍ଲକ ଅଞ୍ଚଳରେ ବୋଲି ଜଣାପଡ଼ିଛି।

■ କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନ ଅନିୟମିତତା ମାମଲା

## ବିଧାୟକ ସାଲୁଜାଙ୍କୁ ହାଇକୋର୍ଟଙ୍କ ସାନି ନୋଟିସ

**କଟକ ଅଫିସ, ୧୫।୧୧**

କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନକୁ ନେଇ ହାଇକୋର୍ଟରେ ଚାଲିଥିବା ମାମଲାରେ ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କୁ ସାନି ନୋଟିସ ଜାରି କରାଯାଇଛି। ସେପ୍ଟେମ୍ବର ୯ରେ ଏହି ମାମଲାର ପ୍ରାରମ୍ଭିକ ଶୁଣାଣି କରି ବିଚାରପତି ବିଶ୍ୱଜିତ ମହାନ୍ତିଙ୍କ ଖଣ୍ଡପୀଠ ପକ୍ଷଭୁକ୍ତ ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କୁ ଜବାବ ତଲବ କରିଛନ୍ତି। ମାତ୍ର ବିଧାୟକ ସାଲୁଜା ଏହି ନୋଟିସ୍‌କୁ ଗ୍ରହଣ କରି ନ ଥିବାବେଳେ ଶୁକ୍ରବାର ଅନୁଷ୍ଠିତ ଶୁଣାଣିରେ ହାଜର ହୋଇ ନ ଥିଲେ। ଫଳରେ ହାଇକୋର୍ଟଙ୍କ ପକ୍ଷରୁ ପୁନର୍ବାର ତାଙ୍କୁ ନୋଟିସ ଜାରି କରାଯିବା ସହ ପରବର୍ତ୍ତୀ ତାରିଖରେ ଜବାବ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ନିର୍ବାଚନକୁ ନେଇ ଅଜୟ କୁମାର ଦାଶଙ୍କ ପକ୍ଷରୁ ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଥିଲା। ଅନ୍ୟ ସମସ୍ତ ୭ ପକ୍ଷଭୁକ୍ତ ହାଜର ହୋଇ ଜବାବ ଦାଖଲ ପାଇଁ ସମୟ ମାଗିଥିଲେ। ତେବେ ହାଇକୋର୍ଟ ଆସନ୍ତା ଡିସେମ୍ବର ୧୩ ପୂର୍ବରୁ ଏମାନଙ୍କୁ ଜବାବ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ଅଭିଯୋଗରେ ଦର୍ଶାଇଛନ୍ତି, ଗତ ବିଧାନସଭା ନିର୍ବାଚନରେ କଣ୍ଟାବାଞ୍ଜି ବିଧାନସଭା ଆସନରେ ୧ ଲକ୍ଷ ୮୨ ହଜାର ୪୧୧ ଜଣ ଭୋଟର ମତଦାନ କରିଥିଲେ। ମାତ୍ର ଭୋଟ୍ ଗଣନା ଦିନ ଇଭିଏମ୍‌ରୁ ୧ ଲକ୍ଷ ୯୧ ହଜାର ୦୭୭ ଖଣ୍ଡ ଭୋଟ୍ ବାହାରିଥିଲା। ଭୋଟ୍ ପୋଲିଂ ଏବଂ ଗଣତି ପରେ ଯେଉଁ ପରିସଂଖ୍ୟାନ ଆସିଛି ସେଥିରେ ୮୬୬୬ ଭୋଟ୍‌ର ବ୍ୟବଧାନ ରହିଥିଲା। ଏଭଳି ତ୍ରୁଟିକୁ ନେଇ ଆବେଦନକାରୀ ଦାଶ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବା ସହ ଏହି ଫଳାଫଳକୁ ଅସିଦ୍ଧ ଘୋଷଣା କରିବା ଲାଗି ପ୍ରାର୍ଥନା କରିଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅଶ୍ୱିନୀ କୁମାର ଦାସ ମାମଲା ପରିଚାଳନା କରୁଛନ୍ତି।

## ଡିସେମ୍ବର ୧ରୁ ପୁଣି କଡ଼ାକଡ଼ି ହେବ ଟ୍ରାଫିକ ନିୟମ

**ଭୁବନେଶ୍ୱର,୧୫।୧୧(ବ୍ୟୁରୋ)**

ଟ୍ରାଫିକ ନିୟମ ଆସନ୍ତା ୧ ତାରିଖରୁ ପୁଣି କଡାକଡି କରାଯିବ। ଏନେଇ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଶୁକ୍ରବାର ସୂଚନା ଦେଇଛନ୍ତି। ପୂର୍ବରୁ ଯେଉଁ ପରିମାଣର ଜରିମାନା ଆଦାୟ କରାଯାଉଥିଲା ସେହି ଅନୁଯାୟୀ ନିୟମ ଚାଲିବ। ଜରିମାନାରେ କୌଣସି ପ୍ରକାର କୋହଳ କରାଯିବନାହିଁ। ସଂଶୋଧିତ ମୋଟର ଯାନ ଆଇନ ୨୦୧୯ ଅନୁଯାୟୀ ଜରିମାନା ଆଦାୟ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ରାଜ୍ୟରେ ଗତ ସେପ୍ଟେମ୍ବର ୧ ତାରିଖରୁ ସଂଶୋଧିତ ମୋଟର ଯାନ ଆଇନ ଲାଗୁ ହୋଇଥିଲା। ଏହି ଆଇନ ଲାଗୁ ହେବାପରେ ରାଜ୍ୟର ବିଭିନ୍ନ ସ୍ଥାନରେ ଟ୍ରାଫିକ ନିୟମ କଡାକଡି କରାଯାଇଥିଲା। ଫଳରେ ଗାଡି କାଗଜ ପତ୍ର ଠିକ୍ ନ ଥିବା ଚାଳକମାନଙ୍କୁ ବହୁ ମୂଲ୍ୟ ଦେବାକୁ ପଡିଥିଲା। ଲୋକଙ୍କ ମନରେ ଏନେଇ ଆକ୍ରୋଶ ବଢିଲା । କିଛିଦିନ ମଧ୍ୟରେ ସାଧାରଣ ଜନତା ଏବଂ ପୋଲିସ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ରାଜମହଲ ଛକରେ ଦେଖିବାକୁ ମିଳିଲା। ଲୋକଙ୍କ ଏହି ଆକ୍ରୋଶ ଦେଖିବାପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୩ ମାସ ପର୍ଯ୍ୟନ୍ତ ନିୟମ କୋହଳ କରିବାକୁ ଘୋଷଣା କରିଥିଲେ। ଏହି ସମୟ ମଧ୍ୟରେ ଗାଡିର ସମସ୍ତ କାଗଜପତ୍ର ଠିକ୍ କରିବା ଲାଗି କୁହାଯାଇଥିଲା। ଏହାପର ଠାରୁ ଆର୍‌ଟିଓ କାର୍ଯ୍ୟାଳୟ, ପ୍ରଦୂଷଣ ଟେଷ୍ଟିଂ ସେଣ୍ଟର ଆଗରେ ଲୋକଙ୍କ ନାହିଁ ନ ଥିବା ଭିଡ ଦେଖିବାକୁ ମିଳିଥିଲା। କିଛିଦିନ ହେବ ଏହି ଗହଳି ସାମାନ୍ୟ କମିଥିବା ଦେଖିବାକୁ ମିଳୁଥିବା ବେଳେ ୩ ମାସ ସମୟ ମଧ୍ୟ ପୂରଣ ହୋଇସାରିଛି। ସେପ୍ଟେମ୍ବର ୯ ତାରିଖରେ ୩ ମାସ ପର୍ଯ୍ୟନ୍ତ ଟ୍ରାଫିକ ଜରିମାନା ଆଦାୟରେ କୋହଳ କରିବା ପାଇଁ ଘୋଷଣା କରାଯାଇଥିଲା।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }


**National Level Pallishree Mela**

on the Occasion of **PARAB-2019**

from **16th to 20th November 2019**

**at Government College (Landiguda), Koraput**

DADLS-51

# ରାଜ୍ୟସ୍ତରୀୟ ପ୍ରେସ ଦିବସ ସମାରୋହ

## ୧୬ ନଭେମ୍ବର, ୨୦୧୯

**ସମ୍ବାଦପତ୍ର ପ୍ରଦର୍ଶନୀ**

**ସ୍ଥାନ:** ଜୟଦେବ ଭବନ **ସମୟ:** ପୂର୍ବାହ୍ନ ଘ.୧୦.୩୦ମି.

**ଉଦ୍‌ଘାଟକ: ଶ୍ରୀଯୁକ୍ତ ରଘୁନନ୍ଦନ ଦାସ,** ମାନ୍ୟବର ମନ୍ତ୍ରୀ

ସୂଚନା ଓ ଲୋକସମ୍ପର୍କ ଏବଂ ଜଳ ସମ୍ପଦ

**ସାଧାରଣ ସଭା**

**ସ୍ଥାନ:** ଗୀତ ଗୋବିନ୍ଦ ସଦନ **ସମୟ:** ପୂର୍ବାହ୍ନ ୧୧ ଘଟିକା

**ପ୍ରସଙ୍ଗ: ‘‘ସମ୍ବାଦ ପରିବେଷଣ- ବ୍ୟାଖ୍ୟାନ: ଏକ ଅଭିଯାନ’’**

**ମୁଖ୍ୟ ଅତିଥି: ଶ୍ରୀଯୁକ୍ତ ରଘୁନନ୍ଦନ ଦାସ,** ମାନ୍ୟବର ମନ୍ତ୍ରୀ

ସୂଚନା ଓ ଲୋକସମ୍ପର୍କ ଏବଂ ଜଳ ସମ୍ପଦ

**ବିଶିଷ୍ଟ ଅତିଥି: ଶ୍ରୀଯୁକ୍ତ ମାନସ ରଞ୍ଜନ ମଙ୍ଗରାଜ,**

ସରକାରଙ୍କ ଉପଦେଷ୍ଟା (ଗଣମାଧ୍ୟମ ଓ ଲୋକସମ୍ପର୍କ)

**ମୁଖ୍ୟବକ୍ତା: ଶ୍ରୀଯୁକ୍ତ ପ୍ରଦୋଷ ପଟ୍ଟନାୟକ,** ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର

**ଅଧ୍ୟକ୍ଷ: ଶ୍ରୀଯୁକ୍ତ ସଞ୍ଜୟ କୁମାର ସିଂ,** ଭା.ପ୍ର.ସେ., କମିଶନର ତଥା ଶାସନ ସଚିବ, ସୂଚନା ଓ ଲୋକସମ୍ପର୍କ ବିଭାଗ

କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ।

ଏହି ଦିବସକୁ ସାଫଲ୍ୟମଣ୍ଡିତ କରିବା ପାଇଁ ଗଣମାଧ୍ୟମର ପ୍ରତିନିଧି, ଅନୁଷ୍ଠାନ, ଛାତ୍ରଛାତ୍ରୀ ଏବଂ ସାମ୍ବାଦିକ ସଂଘର କର୍ମକର୍ତ୍ତାମାନଙ୍କୁ ବିଶେଷ ଅନୁରୋଧ।

**ନିର୍ଦ୍ଦେଶକ**
**ସୂଚନା ଓ ଲୋକସମ୍ପର୍କ ବିଭାଗ**
**ଓଡ଼ିଶା ସରକାର**

15001/13/0080/1920

**CITY HEALTH SOCIETY**
**National Urban Health Mission, Rourkela, National Health Mission, Odisha**
**Deptt. of Health & Family Welfare, Govt. of Odisha**

**ADVERTISEMENT FOR EMPANELMENT OF PART-TIME SPECIALIST**

Adv. No. 3741 Date: 14.11.2019

**No. E-493:-** Applications are invited from eligible candidates for filling up the following posts under Urban Primary Health Centres, National Urban Health Mission, City Health Society, Rourkela on contractual part time basis with remuneration as noted against each post and subject to renewal as per OSH & FW Society terms and conditions.

| Sl. No. | Name of the Posts | No. of Vacancy | Remuneration |
|---|---|---|---|
| 1 | Medicine Specialist | 03 | Rs. 1500/ Session 00 ×1 day / week |
| 2 | O&G Specialist | 03 | Rs. 3000/ Day (2 Sessions) × 1 day / Week |
| 3 | Paediatric Specialist | 03 | Rs. 3000/ Day (2 Sessions) ×1 day/Week |
| 4 | Physiotherapist | 01 | Rs. 1000/ Day (2 Sessions) ×3 days / Week |
| 5 | Nutritionist | 02 | |
| 6 | ENT | 05 | 3000/ Day (1st & 2nd Session) ×1 Day / Week |
| 7 | Skin & VD | 05 | |
| 8 | Ophthalmic Assistant | 05 | 850/ Day × 1 Day / Week |
| 9 | Dentist | 05 | 2500/ Day (1st & 2nd Session) ×1 Day / Week |

Interested candidates can log on to **www.sundergarh.nic.in** for details of vacancy, eligibility criteria, age, application form etc. The authority reserves the right to cancel any or all application without assigning any reason thereof. The post may increase or decrease as per the requirement.

10144/11/0002/1920 ***Additional District Urban Public Health Officer, NUHM, Rourkela***

**ODISHA LIFT IRRIGATION CORPORATION LTD.**
(A Govt. of Odisha Undertaking)
**OFFICE OF THE EXECUTIVE ENGINEER, L.I. DIVISION, GUNUPUR**
Email: www.eeolicgnp@ymail.com

**“E” Procurement Notice**

**BID IDENTIFICATION NO. OLIC-GNPR-01/2019-20, Dt.08.11.19**

**No. CAD-575:-** The Executive Engineer, Lift Irrigation Division, Gunupur on behalf of Odisha Lift Irrigation Corporation Limited, Bhubaneswar invites Itemwise Rate bids in online mode for installation of Shallow Tube Well Projects in different blocks Ramanaguda, Gudari, Padmapur and Rayagada of Rayagada District on turnkey basis from reputed contractors / firms having both valid drilling license holders registered within the State issued by PWD / PHED / RWSS / Irrigation / Rural works of required class with experience in similar nature of work. The details are available in the Government Tender website i.e. www.tendersodisha.gov.in, any other related documents are prescribed below.

**1. Total Nos. of packages: 04 Nos., 2. Approximate Estimated Cost: Rs. 14.82 Lakhs to 56.13 Lakhs, 3. Period of Completion: 90 days for all projects from the date of issue of Work Order. 4. Other details as follows.**

| Procurement Officer | Bid Identifi-cation No. | Availability of tender online for bidding | | Last date & time of seeking tender clarifi-cation | Last date of submission of original Bid documents / Cost of Bid documents L.I. Division, Gunupur / L.I. Sub-division, Rayagada | Date & time of Opening of tender in the office of the Executive Engineer, L.I. Division, Gunupur |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | 7 |
| Executive Engineer, L.I. Division, Gunupur | OLIC-GNPR-01/ 2019-20 | 19.11.19 | 25.11.19 | 22.11.19 | 27.11.19 | 29.11.19, 3.00 PM |

**ANNEXURE**

| Pkg. No. | Name of Block | Name of L.I. Project (STW) | Type | Name of Scheme | Appr. Estimated Cost | Bid Security (EMD) | Cost of Bid document | Class of Contractor |
|---|---|---|---|---|---|---|---|---|
| 1 | Raman-aguda | Installation of STW Projects | STW | Jalanidhi-II | 5613887 | 56139 | 10000 + (Tax as Applicable) | “B” & above with drilling License |
| 2 | Gudari | Installation of STW Projects | STW | Jalanidhi-II | 1482914 | 14829 | 6000+ (Tax as Applicable) | “D” & above with drilling License |
| 3 | Padma-pur | Installation of STW Projects | STW | Jalanidhi-II | 1588836 | 15888 | 6000+ (Tax as Applicable) | “D” & above with drilling License |
| 4 | Rayagada | Installation of STW Projects | STW | Jalanidhi-II | 2224370 | 22244 | 6000+ (Tax as Applicable) | “C” & above with drilling License |

- Details can be seen from the website www.tendersorissa.gov.in
- Any Corrigendum / Addendum will be displayed in the above website only.

32144/11/0001/1920 ***Sd./- Executive Engineer, L.I. Division, Gunupur***

**THE ODISHA MINING CORPORATION LIMITED** No.CAD-582
**OMC House, Bhubaneswar-751001, Odisha,**
**CIN: U13100OR1956SGC000313,**
**www.omcltd.in**

**E-Procurement Notice**

**NIT No-OMC/E-PROC/FE/8/2019**
**Dt 15.11.2019**

| | | |
|---|---|---|
| 1. | Name of the work | Obtaining permission / NOC from the competent Authority for drawl / Consumption of requisite quantity of ground water for various Mining Leases of M/s. OMC Ltd. |
| 2. | Availability of bid document in Govt. portal | 16.11.2019 to 07.12.2019 |
| 3. | Last date of online submission of tender in portal | 07.12.2019 upto 5.00 PM |
| 4. | Tender paper fee (including GST) | Rs.5,900/- (Rupees Five Thousand Nine hundred) only through online as available in **www.tendersodisha.gov.in**. |
| 5. | Submission of EMD | Rs.60,000/- (Rupees Sixty Thousand) only through online as available in **www.tendersodisha.gov.in**. |
| 6. | Date of opening of Technocommercial Bid | 09.12.2019 at 11.00 AM |

All other details can be seen from the tender document available at Govt. website **www.tendersodisha.gov.in** & in OMC website **www.omcltd.in**.

OMC reserves the right to reject any or all tenders without assigning any reason thereof.

**30005/11/0088/1920** **Head (F&E)**

**CENTRAL ELECTRICITY SUPPLY UTILITY OF ORISSA**
**OFFICE OF THE SUPERINTENDING ENGINEER (ELECT.), ELECTRICAL CIRCLE, CUTTACK, ORISSA-754012**
**PHONE : 0674-2310703, 2312006, 2324223, FAX - 2310703**
**E-Mail : sectc@cescoorissa.com**

**Notice Inviting Tender No.-(OT)- 03/19-20**

**Lt No.3329** **Dated: 14.11.2019**

**No.CAD-576 :-** Sealed quotations are invited from intending Registered HT Licensed Electrical Contractors having valid Registration to execute the electrical works for re-construction and shifting of 33KV line with UG cable (CRRI-I & CRRI-II 33KV Feeder) existing inside the premises of STP-II, Matgajpur of OISIP due to construction of sewage treatement plant under CMC, Cuttack of CDD No-II, Cuttack in 100% Deposit work scheme on partly Turn key basis. The details of work along with Terms & Conditions of the above work which can be available on payment of Rs. 16,800/- (Rupees sixteen thousand eight hundred) only (Rs 15,000/- towards paper cost + 12% GST) (Non Refundable) in shape of cash / bank draft in the office of Superintending Engineer, Electrical Circle, CESU, Cuttack.

1. Sale of Tender Paper - 18.11.2019
2. Due date of receipt of Tender Paper - 05.12.19 up-to 1.00 P.M.
3. Opening of Tender Paper - 05.12.19 at 03.30 P.M
4. Approx. works value - Rs 1,63,88,911/-

**Tender will summarily be rejected in absence of the following documents.**

1. EMD @ Rs 1,64,000/- of the estimated value to be deposited in shape of Cash/Bank draft drawn in favour of “CESU, ELECTRICAL CIRCLE, CUTTACK”,
2. Copy of valid License/PAN/GST up to the current financial year.
3. No Previous EMD will be adjusted.
4. No Telegraphic Tender will be accepted.
5. Copy of the Money Receipt towards purchase of Tender documents.

The undersigned reserves the right to accept or reject the Tender without assigning any reason thereof and also right to split-up the Tender quantity.

**Sd./-**
**Superintending Engineer (Elect)**
**Electrical Circle, CESU, Cuttack**

04010/11/0005/1920

**OFFICE OF THE SR. GENERAL MANAGER (ELECTRICAL)**
**UPPER INDRAVATI HYDRO ELECTRIC PROJECT, MUKHIGUDA,**
DIST: KALAHANDI-766026, E-mail: sgmel_uihep@ohpcltd.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C Building, VanivíharChhak, Janpath, Bhoinagar, Bhubaneswar-751022,
Tel: 91-0674-2542983, 2542802, 2545526, 2542826, Fax:2542102, E-Mail: ohpc.co@gmail.com / md@ohpcltd.com, WEB: www.ohpcltd.com, CIN: U40101OR1995SGC003963
ISO 9001-14001 18001 Certified

**NOTICE INVITING TENDER No.16/2019-20 DATE.08.11.2019**

**No. CAD-579:**

Tenders are invited in sealed envelopes from manufactures/ authorized dealers / authorized distributers in two parts 1) Techno commercial bid 2) Price bid of the following work.

| Description of Materials / Services | Cost of tender paper (Non-refundable) in Rs. | EMD in shape of DD/Banker's Cheque only (Refundable) in Rs. |
|---|---|---|
| Supply, installation, testing and commissioning of LED light fittings at Khatiguda Colony area and remaining part of Mukhiguda Colony area under UIHEP, Mukhiguda. | 7,080/- (inclusive of GST) | 17,720/- |

For details of the tender documents, terms and conditions please visit our website www.ohpcltd.com

-Sd- Unit Head
UIHEP, Mukhiguda

32136/11/0024/1920

**ଓଡ଼ିଶା ସରକାର**
**ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ**
**Government of Odisha**
**PANCHAYATI RAJ AND DRINKING WATER DEPARTMENT**
**ଓଡ଼ିଶା ଲୋକସେବା ଭବନ, ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧**
**Odisha Lok Seva Bhawan, Sachibalaya Marg, Bhubaneswar-751001, Fax: 0674-2391413,**
**E-mail: rurbanodisha@gmail.com**

**Expression of Interest (EoI)**

**No.i-44:-** Expression of Interest is invited from intended candidates in a sealed envelope for engagement of one Geographic Information System (GIS) Specialist and two Proramme Executive (Planner) for Rurban Cell (Planning) under National Rurban Mission (NRuM) of Panchayati Raj and Drinking Water Department, Government of Odisha clearly mentioning on the top of the envelope "Expression of Interest for Engagement of Geographic Information System (GIS) Specialist and Programme Executive (Planner) for Rurban Cell (Planning)". The detailed Terms of Reference (ToR) can be downloaded from **www.odishapanchayat.gov.in**.

The interested candidate may submit their interest along with Curriculum Vitae, Xerox copy of certificate in support to their educational qualification, experience, Identity proof and 1 No. passport size photograph to the "Joint Secretary to Government (Rurban), PR & DW Department, Lok Seva Bhawan, Bhubaneswar-751001" latest by **30th November 2019 (5.30 PM)** through registered post only.

The authority reserves the right to cancel/reject all or part of the application submitted without assigning any reason thereof.

**19001/11/0009/1920** **Sd./- Joint Secretary to Govt.**

## ସଂକ୍ଷେପରେ

ବାରିପଦା ଫାଶୀ ଦଣ୍ଡାଦେଶ ମାମଲା

### ସରକାରଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ

**କଟକ ଅଫିସ, ୧୫।୧୧:** ବାରିପଦା ନାବାଳିକା ବଳାତ୍କାର ଓ ହତ୍ୟା ଘଟଣାର ଅଭିଯୁକ୍ତ ଯାମିନୀକାନ୍ତ ମହାନ୍ତଙ୍କୁ ହୋଇଥିବା ଫାଶୀ ଦଣ୍ଡାଦେଶ ମାମଲାର ଶୁକ୍ରବାର ହାଇକୋର୍ଟରେ ଶୁଣାଣି ହୋଇଛି। ବିଚାରପତି ଏସ୍.କେ. ମିଶ୍ର ଓ ବିଚାରପତି ବି.ପି. ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ। ଶୁକ୍ରବାର ରାଜ୍ୟ ସରକାରଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ କରାଯାଇଥିବାବେଳେ ଆସନ୍ତା ଡିସେମ୍ବର ୧୩ରେ ଏହାର ପରବର୍ତ୍ତୀ ଶୁଣାଣି ହେବ। ଏହା ପୂର୍ବରୁ ଅଦାଲତ ମାମଲାର ସମସ୍ତ ପକ୍ଷଙ୍କୁ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ବିବରଣୀରୁ ପ୍ରକାଶ, ରଜ ଅବସରରେ ୨୦୧୮ ଜୁନ୍ ୧୮ ତାରିଖ ଅପରାହ୍ନ ୩ଟାରେ ବେତନଟୀ ଥାନା ଅଞ୍ଚଳର ୮ ବର୍ଷର ନାବାଳିକା ସାଙ୍ଗମାନଙ୍କ ସହିତ ଘର ବାହାରେ ଖେଳୁଥିଲେ। ଏହି ସମୟରେ ଯାମିନୀକାନ୍ତ ତାଙ୍କୁ ଚକୋଲେଟ ଦେଇ ସାଇକେଲ ଶିଖାଇବା ବାହାନାରେ ନିକଟସ୍ଥ ଜଙ୍ଗଲକୁ ନେଇ ବଳାତ୍କାର କରିଥିଲେ। ତେବେ ଧରାପଡ଼ିଯିବା ଭୟରେ ସେ ତାଙ୍କୁ ଅମାନୁଷିକ ଭାବେ ହତ୍ୟା କରିଥିଲେ।

# ସ୍ମିତାରାଣୀଙ୍କ ମୃତ୍ୟୁର ସିବିଆଇ ତଦନ୍ତ ଦାବି

■ମୁହଁରେ କଳା କପଡ଼ା ଗୁଡ଼ାଇ ପ୍ରତିବାଦ କଲା ଭାଜପା
■ସର୍ବଦଳୀୟ ବୈଠକ ବିଫଳ

ଭୁବନେଶ୍ୱର,୧୫।୧୧(ବ୍ୟୁରୋ)

ଯାଜପୁର ଜିଲା ହରିଦାସପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ) ସ୍ମିତାରାଣୀ ବିଶ୍ୱାଳଙ୍କ ସନ୍ଦେହଜନକ ମୃତ୍ୟୁର ସିବିଆଇ ତଦନ୍ତ କରିବା ଦାବିରେ ଭାଜପା ଅଟଳ ରହିଛି। ଗତ ଦୁଇଦିନ ବିଧାନସଭାରେ ହଟ୍ଟଗୋଳ କରିବା ପରେ ଶୁକ୍ରବାର ଭାଜପା ସଦସ୍ୟମାନେ ମୌନବ୍ରତ କରିଛନ୍ତି। ମୁହଁରେ କଳା କପଡ଼ା ବାନ୍ଧି ପ୍ରତିବାଦ କରିଛନ୍ତି। ଆରମ୍ଭରୁ ଶେଷ ଯାଏ ଭାଜପା ସଦସ୍ୟମାନେ ବିଧାନସଭାରେ ଉପସ୍ଥିତ ଥିଲେ ମଧ୍ୟ ଗୃହକାର୍ଯ୍ୟରେ ସାମିଲ ହୋଇ ନ ଥିଲେ।

ପୂର୍ବାହ୍ନ ୧୦ଟା ୩୦ମିନିଟରେ ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲା। ବାଚସ୍ପତି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ କରିବା ମାତ୍ରେ ଭାଜପା ସଦସ୍ୟମାନେ କାନ୍ଧରେ କଳା ଗାମୁଛା ଏବଂ ମୁହଁରେ କଳା କପଡ଼ା ବାନ୍ଧି ନିଜ ସିଟ୍ ନିକଟରେ ଛିଡ଼ା ହୋଇ ପ୍ରତିବାଦ କରିଥିଲେ। ବାଚସ୍ପତି ସେମାନଙ୍କୁ ଏଥିରୁ ବିରତ ରହିବାକୁ ଅନୁରୋଧ କରିବା ସହ ପ୍ରଶ୍ନୋତ୍ତର କାର୍ଯ୍ୟରେ ସାମିଲ ହେବାକୁ କହିଥିଲେ। ହେଲେ ଭାଜପା ସଦସ୍ୟମାନେ ଛିଡ଼ା ହୋଇ ରହିଥିଲେ। ବାଚସ୍ପତି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। କିଛି ସମୟ ପରେ ବାଚସ୍ପତି ସେମାନଙ୍କୁ ମୁହଁରୁ କଳା କପଡ଼ା ଖୋଲି ସିଟ୍‌ରେ ବସିବା ଲାଗି ଅନୁରୋଧ କରିଥିଲେ। ସେମାନେ ବାଚସ୍ପତିଙ୍କ ଅନୁରୋଧକୁ ରକ୍ଷା କରି ସିଟ୍‌ରେ ବସିବା ସହ ମୁହଁରୁ କଳା କପଡ଼ା ଖୋଲି ଦେଇଥିଲେ। ହେଲେ ଗୃହକାର୍ଯ୍ୟରେ ଅଂଶଗ୍ରହଣ କରି ନ ଥିଲେ। ବାଚସ୍ପତି କଂଗ୍ରେସ ଓ ଶାସକ ଦଳ ସଦସ୍ୟଙ୍କୁ ନେଇ ଗୃହ ପରିଚାଳନା କରିଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଶେଷ ହେବା ପରେ ପୂର୍ବାହ୍ନ ୧୧ ଟା ୩୦ମିନିଟରେ ବାଚସ୍ପତି ଗୃହ କାର୍ଯ୍ୟକୁ ସ୍ୱାଭାବିକ କରିବା ପାଇଁ ସର୍ବଦଳୀୟ ବୈଠକ ଡାକିଥିଲେ। ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲିକ, ଭାଜପା ମୁଖ୍ୟ ସଚେତକ ମୋହନ ମାଝି, ସିପିଆଇ(ଏମ୍) ନେତା ଲକ୍ଷ୍ମଣ ମୁଣ୍ଡାଙ୍କୁ ବୈଠକରେ ଯୋଗଦେବାକୁ ଅନୁରୋଧ କରିଥିଲେ। ବାଚସ୍ପତି ଗୃହକୁ ପୂର୍ବାହ୍ନ ୧୧ଟା ୩୦ ମିନିଟରୁ ୧୨ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ମାତ୍ର ଏହି ବୈଠକରେ ଭାଜପା ଯୋଗଦେଇ ନ ଥିଲା। ୧୨ଟାରୁ ପୁଣି ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲା। ଭାଜପା ସଦସ୍ୟମାନେ ପୂର୍ବଭଳି କାନ୍ଧରେ କଳା ଗାମୁଛା ପକାଇ ନିଜ ସିଟ୍‌ରେ ଚୁପ୍‌ହୋଇ ବସି ରହିଥିଲେ।

ଗୃହ ବାହାରେ ବିରୋଧୀ ଦଳ ନେତା ନାଏକ କହିଥିଲେ, ସ୍ମିତାରାଣୀଙ୍କ ହତ୍ୟାକାରୀଙ୍କୁ ଏ ପର୍ଯ୍ୟନ୍ତ ଗିରଫ କରାଯାଇ ନାହିଁ। ଏହି ଘଟଣାର ସିବିଆଇ ଦ୍ୱାରା ନିରପେକ୍ଷ ତଦନ୍ତ କରିବାକୁ ଆମେ ଦାବି କରୁଛୁ। ସରକାର ମାନିବାକୁ ରାଜି ନୁହନ୍ତି। ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ସ୍ମିତାରାଣୀଙ୍କ ପରିବାରକୁ ନ ପଚାରି ଅଭିଯୁକ୍ତଙ୍କୁ ପଚାରୁଛନ୍ତି। ତାଙ୍କର ଇସ୍ତଫା ଭାଜପା ଦାବି କରୁଛି। ସ୍ମିତାରାଣୀଙ୍କ ଚରିତ୍ର ସଂହାର କରିଥିବା ଯାଜପୁର ଏସପିଙ୍କୁ ରାଜ୍ୟ ସରକାର ତୁରନ୍ତ ଚାକିରିରୁ ବହିଷ୍କାର କରନ୍ତୁ ବୋଲି ବିରୋଧୀ ଦଳ ନେତା କହିଛନ୍ତି।


ବିଧାନସଭାରେ ଭାଜପା ସଦସ୍ୟମାନେ ମୁହଁରେ କଳାକପଡ଼ା ବାନ୍ଧି ପ୍ରତିବାଦ କରୁଛନ୍ତି।

## ବିଧାନସଭା ପ୍ରଶ୍ନୋତ୍ତର



# ୫୦୧୫ ପଡ଼ା ଗ୍ରାମକୁ ମିଳିବ ରାଜସ୍ୱ ଗ୍ରାମ ମାନ୍ୟତା

ଭୁବନେଶ୍ୱର,୧୫।୧୧(ବ୍ୟୁରୋ)

ରାଜ୍ୟରେ ୫,୦୧୫ଟି ପଡ଼ାଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ମିଳିବ। ଏହି ଗ୍ରାମକୁ ରାଜସ୍ୱ ଗ୍ରାମରେ ପରିଣତ କରିବା ପାଇଁ ରାଜସ୍ୱ ପର୍ଷଦ ୨୦୧୪ ଜୁନ୍ ୨୮ ତାରିଖରେ ଏକ ନିୟମାବଳୀ ଜାରି କରିଛନ୍ତି। ଏହି ନିୟମାବଳୀ ଆଧାରରେ ଜିଲାପାଳଙ୍କଠାରୁ ନିର୍ଦ୍ଦିଷ୍ଟ ପ୍ରସ୍ତାବ ଗ୍ରହଣ କରାଯାଇ ଏହି ନିଷ୍ପତ୍ତି ନିଆଯାଇଛି। ଶୁକ୍ରବାର ବିଧାନସଭା ପ୍ରଶ୍ନକାଳରେ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ଉକ୍ତ ନିୟମାବଳୀ ଅନୁଯାୟୀ ଜିଲାପାଳଙ୍କଠାରୁ ନିର୍ଦ୍ଦିଷ୍ଟ ପ୍ରସ୍ତାବ ଆସିଲେ ନିର୍ଦ୍ଧାରିତ ମାନଦଣ୍ଡଗୁଡ଼ିକୁ ଦୃଷ୍ଟିରେ ରଖି ରାଜ୍ୟ ଭୂ-ଅଭିଲେଖ ଓ ପରିମାପକ ନିର୍ଦ୍ଦେଶକ ନୂତନ ରାଜସ୍ୱ ଗ୍ରାମ ନିମନ୍ତେ ମଞ୍ଜୁରୀ ଦେଇପାରିବେ। ବର୍ତ୍ତମାନ ସୁଦ୍ଧା ୫୬୯ଟି ପ୍ରସ୍ତାବ ମଞ୍ଜୁର ହୋଇଥିବା ବେଳେ ଆବଶ୍ୟକ ମାନଦଣ୍ଡ ପୂରଣ କରିପାରୁ ନ ଥିବାରୁ ୪୩୪ଟି ପ୍ରସ୍ତାବକୁ ଖାରଜ କରିଦିଆଯାଇଛି। ପଡ଼ାଗ୍ରାମକୁ ରାଜସ୍ୱ ଗ୍ରାମରେ ପରିଣତ କରିବାକୁ ପ୍ରଚଳିତ ନିୟମାବଳୀରେ କେତେକ ସଂଶୋଧନ କରିବା ପାଇଁ ରାଜ୍ୟ ଭୂ-ଅଭିଲେଖ ଏବଂ ପରିମାପକ ନିର୍ଦ୍ଦେଶକ(ଡିଏଲ୍‌ଆର୍‌ଏସ୍)ଙ୍କ ନିକଟକୁ ପ୍ରସ୍ତାବ ଆସିଛି। ତାହା ସରକାରଙ୍କ ବିଚାରାଧୀନ ରହିଛି। ବିଧାନସଭାର ସଦସ୍ୟମାନେ ଯଦି କୌଣସି ପ୍ରସ୍ତାବ ଦେବେ ସେଗୁଡ଼ିକୁ ନିୟମ ଆଧାରରେ ଚିହ୍ନଟ କରାଯାଇ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

ମୂଳ ପ୍ରଶ୍ନକର୍ତ୍ତା ବିଜେଡି ସଭ୍ୟ ଅଶ୍ୱିନୀ ପାତ୍ର ମୂଳ ପ୍ରଶ୍ନରେ ପଚାରିଥିଲେ ଯେ, ରାଜ୍ୟରେ ମୋଟ କେତୋଟି ରାଜସ୍ୱ ଗ୍ରାମ ରହିଛି। ସେଥିରୁ ନୂଆ ରାଜସ୍ୱ ଗ୍ରାମ ସୃଷ୍ଟି କରିବାକୁ ସରକାର କେଉଁ ପଦକ୍ଷେପ ନେଉଛନ୍ତି। ଏହାର ଉତ୍ତରରେ ମନ୍ତ୍ରୀ କହିଥିଲେ ଯେ, ରାଜ୍ୟରେ ୫୧,୭୦୧ଟି ରାଜସ୍ୱ ଗ୍ରାମ ରହିଛି। ବିଜେଡି ସଭ୍ୟ ଅନନ୍ତ ଦାଶ, ପ୍ରଫୁଲ୍ଲ ସାମଲ, କିଶୋର ମହାନ୍ତି, ମନୋହର ରନ୍ଧାରୀ, କଂଗ୍ରେସ ସଭ୍ୟ ନରସିଂହ ମିଶ୍ର, ତାରାପ୍ରସାଦ ବାହିନୀପତି, ସୁରେଶ କୁମାର ରାଉତରାୟ ପ୍ରମୁଖ ଦୀର୍ଘବର୍ଷ ଧରି ଅନେକ ପଡ଼ାଗ୍ରାମ ଓ ଆଦିବାସୀ ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ମିଳିପାରିନାହିଁ। ଏଥିଯୋଗୁ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି କି ବିଭିନ୍ନ ଜଳଭଣ୍ଡାର ଯୋଗୁ ବିସ୍ଥାପିତ ହୋଇଥିବା ଗ୍ରାମଗୁଡ଼ିକ ମଧ୍ୟ ଦୀର୍ଘବର୍ଷ ହେବ ରାଜସ୍ୱ ଗ୍ରାମର ମାନ୍ୟତା ପାଇପାରିନାହାନ୍ତି। ନିୟମାବଳୀକୁ ସରଳୀକରଣ କରି ଏ ଦିଗରେ ମନ୍ତ୍ରୀ ତୁରନ୍ତ ପଦକ୍ଷେପ ନେବା ଲାଗି ସଦସ୍ୟମାନେ ଦାବି କରିଥିଲେ। ମନ୍ତ୍ରୀ କହିଲେ, ସରକାରଙ୍କ ମାନଦଣ୍ଡ ଅନୁଯାୟୀ ଯୋଗ୍ୟ ବିବେଚିତ ହେଉଥିବା ପଡାଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ଦିଆଯିବ। ବିଧାୟକମାନେ ପ୍ରସ୍ତାବ ଦିଅନ୍ତୁ। ସେ ବିଷୟରେ ତର୍ଜମା କରାଯାଇ ପଦକ୍ଷେପ ନିଆଯିବ। ନବରଙ୍ଗପୁର ଜିଲାରୁ ୧୩୩ଟି ପ୍ରସ୍ତାବ ଆସିଥିଲା। ସେଥିରୁ ୩୮ଟିକୁ ଅନୁମୋଦନ ମିଳିଥିବା ବେଳେ ୯ଟିକୁ ଅଗ୍ରାହ୍ୟ କରିଦିଆଯାଇଛି। ୮୬ଟି ଅନୁମୋଦନ ଅପେକ୍ଷାରେ ରହିଛି।

କେନ୍ଦ୍ରୀୟ ଟିମ୍ ବୁଲ୍‌ବୁଲ୍ ପ୍ରଭାବିତ ଅଞ୍ଚଳ ବୁଲିଲେ

# ଓଡ଼ିଶା ସରକାରଙ୍କ ପଦକ୍ଷେପକୁ ପ୍ରଶଂସା

ଭୁବନେଶ୍ୱର,୧୫।୧୧(ବ୍ୟୁରୋ)

ବୁଲ୍‌ବୁଲ୍ କ୍ଷତିଗ୍ରସ୍ତ ଅଞ୍ଚଳରେ କ୍ଷୟକ୍ଷତି ଅନୁଧ୍ୟାନ ପାଇଁ ଆସିଥିବା କେନ୍ଦ୍ରୀୟ ଟିମ୍ ଶୁକ୍ରବାର ରାଜ୍ୟ ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କ ସହିତ ଆଲୋଚନା କରିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଯୁଗ୍ମ ଶାସନ ସଚିବ ସହେଲି ଘୋଷ ରାୟ ବୈଠକ ଶେଷରେ କହିଛନ୍ତି, କ୍ଷତିଗ୍ରସ୍ତ ଅଞ୍ଚଳରେ ପୁନଃ ସ୍ଥାପନ ଏବଂ ରିଲିଫ୍ କାର୍ଯ୍ୟ ବାସ୍ତବରେ ପ୍ରଶଂସନୀୟ। ୨୪ଘଣ୍ଟା ମଧ୍ୟରେ ସମସ୍ତ ୨୧୨ଟି ଗଛପତ୍ର ପଡି ଅବରୋଧ ହୋଇଯାଇଥିବା ରାସ୍ତା ସଫା କରାଯାଇ ଗମନାଗମନ ସ୍ୱାଭାବିକ କରାହୋଇଛି। ବର୍ତ୍ତମାନ ସୁଦ୍ଧା ପ୍ରଭାବିତ ୧୫ଲକ୍ଷ ଉପଭୋକ୍ତାଙ୍କୁ ବିଦ୍ୟୁତ୍ ଯୋଗାଣ ପୁନଃସ୍ଥାପନ କରାଯାଇଛି। ଆଗୁଆ ସତର୍କ ସୂଚନା ହେତୁ ସମସ୍ତ ୧୯୬୩୫ ମାଛଧରା ବୋଟ୍ ଏବଂ ମତ୍ସ୍ୟଜୀବୀଙ୍କୁ ବାତ୍ୟା ପୂର୍ବରୁ କୂଳକୁ ଫେରାଇ ଅଣାଯାଇଛି। ପଶ୍ଚିମବଙ୍ଗର ୪୩ଟି ବୋଟ୍ ସହ ୩୮୧ ମତ୍ସ୍ୟଜୀବୀଙ୍କୁ ବାତ୍ୟା ସମୟରେ ଆଶ୍ରୟ ଓ ସହାୟତା ଯୋଗାଇ ଦିଆଯାଇଛି। ଏହିସବୁ ପୂର୍ବ ପ୍ରସ୍ତୁତି ଏବଂ ରାଜ୍ୟର 'ପ୍ରାମାଣିତ ଡ୍ରିଲ୍' ଯୋଗୁ ସମ୍ଭବ ହୋଇପାରିଛି। ଭଦ୍ରକ, ବାଲେଶ୍ୱର, କେନ୍ଦ୍ରାପଡା ଏବଂ ଜଗତ୍‌ସିଂହପୁର ଆଦି ଜିଲାରେ କ୍ଷେତରେ ଥିବା ଧାନ ଓ ଅନ୍ୟାନ୍ୟ ଫସଲ ସହ ଉଦ୍ୟାନ ଚାଷ ବିଶେଷ ପରିମାଣରେ କ୍ଷତିଗ୍ରସ୍ତ ହୋଇଛି। ବିଦ୍ୟୁତ ବଣ୍ଟନ ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ଭିତ୍ତିଭୂମି ମଧ୍ୟ କ୍ଷତିଗ୍ରସ୍ତ ହୋଇଛି ବୋଲି ରାୟ କହିଛନ୍ତି। ସ୍ୱତନ୍ତ୍ର ରିଲିଫ୍ କମିଶନର ତଥା ପ୍ରମୁଖ ଶାସନ ସଚିବ ପ୍ରଦୀପ କୁମାର ଜେନା କହିଛନ୍ତି ଯେ, ବାତ୍ୟା ଓଡ଼ିଶା ତଟର ନିକଟଦେଇ ଗତି କରିଥିବାରୁ ଏହାର ପ୍ରଭାବରେ ପବନ ଓ ପ୍ରବଳ ବର୍ଷା ହେତୁ ୫୦ଟି ବ୍ଲକ୍ ଓ ୧୨ଟି ସହରାଞ୍ଚଳର ପ୍ରାୟ ୩୭.୪୯ ଲକ୍ଷ ଲୋକ କ୍ଷତିଗ୍ରସ୍ତ ହୋଇଥିବା ପ୍ରାଥମିକ ଆକଳନରୁ ଜଣାପଡିଛି। ୨.୩ ଲକ୍ଷ ହେକ୍ଟର ଜମିରେ ବିଭିନ୍ନ ଫସଲ ଓ ଉଦ୍ୟାନ ଚାଷ ନଷ୍ଟ ହୋଇଛି। ବର୍ତ୍ତମାନ କୃଷି ଓ ରାଜସ୍ୱ ବିଭାଗ କ୍ଷେତ୍ରସ୍ତରୀୟ ଅଧିକାରୀମାନଙ୍କ ଜରିଆରେ ଯୁଗ୍ମ ସର୍ବେକ୍ଷଣ କରାଯାଉଛି। କ୍ଷୟକ୍ଷତି ଆକଳନ ରିପୋର୍ଟ ଖୁବ୍‌ଶୀଘ୍ର କେନ୍ଦ୍ର ସରକାରଙ୍କୁ ପଠାଯିବ ବୋଲି ଜେନା କହିଛନ୍ତି। ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ସମେତ ସମ୍ପୃକ୍ତ ବିଭାଗର ପ୍ରମୁଖ ଶାସନ ସଚିବ ଓ ଶାସନ ସଚିବମାନେ ବୈଠକରେ କେନ୍ଦ୍ରୀୟ ଟିମ୍‌ଙ୍କ ସହ ଆଲୋଚନା କରିଛନ୍ତି। କେନ୍ଦ୍ରର ୭ ଜଣିଆ ଟିମ୍ ଦୁଇ ଭାଗରେ ବିଭକ୍ତ ହୋଇ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିଥିଲେ।

# ଘଟଣା ଚାପିବାକୁ ସରକାର ଚାହୁଁଛନ୍ତି: ଭାଜପା

ପିଇଓ ସ୍ମିତାରାଣୀଙ୍କ ସନ୍ଦେହଜନକ ମୃତ୍ୟୁ ପ୍ରସଙ୍ଗ

ଭୁବନେଶ୍ୱର,୧୫।୧୧(ବ୍ୟୁରୋ)

ପିଇଓ ସ୍ମିତାରାଣୀ ବିଶ୍ୱାଳଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାକୁ ନେଇ ରାଜନୀତି ଥମିବାର ନାଁ ଧରୁନାହିଁ। ଏହି ଘଟଣାକୁ ନେଇ ଭାଜପା, କଂଗ୍ରେସ ବିଧାନସଭା ବାହାରେ ଏବଂ ଭିତରେ ଶାସକ ଦଳ ଉପରେ ବର୍ଷିବାରେ ଲାଗିଛନ୍ତି। ଅପରପକ୍ଷରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ମୁଖ୍ୟ ବିରୋଧୀ ଦଳ ଭାଜପାକୁ ବିଧାନସଭାରେ ମୋଶନ ଆଣିବା ପାଇଁ ଦେଲେ ନାହିଁ, ଓଲଟି କଂଗ୍ରେସକୁ ସୁଯୋଗ ଦେଲେ ବୋଲି ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ ଅଭିଯୋଗ କରିଛନ୍ତି। ଶାସକ ଦଳ କଂଗ୍ରେସ ସହିତ ହାତ ମିଳାଇ ମୁଖ୍ୟ ଅଭିଯୁକ୍ତଙ୍କୁ ଖସାଇଦେବା ପାଇଁ ଚେଷ୍ଟା କରୁଥିବା ନାଏକ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ନାଏକ କହିଛନ୍ତି, ଏହା ଏକ ହତ୍ୟା ଘଟଣା। ମାତ୍ର ଏହାକୁ ଆତ୍ମହତ୍ୟାର ରୂପ ଦେବା ପାଇଁ ଷଡ଼ଯନ୍ତ୍ର ଚାଲିଛି। ଯେଉଁ ଷଡଯନ୍ତ୍ର ରୂପେଶ ଭଦ୍ର ଓ ବିଜେଡିର କେତେଜଣ ନେତା ଆରମ୍ଭ କରିଥିଲେ ତାକୁ ପରବର୍ତ୍ତୀ ସମୟରେ ଏସ୍‌ପି, ମହିଳା କମିଶନ ଅଧକ୍ଷା ଆହୁରି ଆଗକୁ ନେଇଥିଲେ। ଗୁରୁବାର ବିଧାନସଭାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ମଧ୍ୟ ଏହା ଉପରେ ମୋହର ମାରିଦେଲେ। ଜଣେ କର୍ମଜୀବୀ ମହିଳାଙ୍କୁ ନ୍ୟାୟ ଦେବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ସରକାର ତୁରନ୍ତ ଯାଜପୁର ଏସ୍‌ପି ଏବଂ ମହିଳା କମିଶନ ଅଧ୍ୟକ୍ଷାଙ୍କୁ ବହିଷ୍କାର କରନ୍ତୁ। ଘଟଣାର ନିରପେକ୍ଷ ତଦନ୍ତ ପାଇଁ ସିବିଆଇ ହାତକୁ ଦାୟିତ୍ୱ ହସ୍ତାନ୍ତର କରାଯାଉ। ଏହା ନ ହେବା ପର୍ଯ୍ୟନ୍ତ ଭାଜପା ବିଧାୟକ ଦଳ ସଂଗ୍ରାମ ଜାରି ରଖିବ ବୋଲି ନାଏକ କହିଛନ୍ତି। ସ୍ମିତାରାଣୀଙ୍କ ବାପା ଗୁରୁବାର ମନ୍ତ୍ରୀଙ୍କ ବୟାନ ପରେ ଯାହା କହିଲେ ତାହା ଚିନ୍ତାଜନକ। ଥାନାରେ ଏତଲା ଦେବାବେଳେ ଜଣେ ପୋଲିସ ଅଧିକାରୀ ତାଙ୍କୁ ଝିଅ ଆତ୍ମହତ୍ୟା କରିଛି ବୋଲି ଲେଖିବାକୁ ବାଧ କରିଥିଲେ। ସେହିପରି ପୋଷ୍ଟମର୍ଟମ ରିପୋର୍ଟରେ ଆତ୍ମହତ୍ୟାଜନିତ ମୃତ୍ୟୁ ବୋଲି କେବେ ଲେଖାଯାଇ ନ ଥାଏ। ମନ୍ତ୍ରୀ ବିଧାନସଭାରେ ଏହାକୁ ଆତ୍ମହତ୍ୟା ବୋଲି କହିବାବେଳେ ତାହା କେଉଁ ସୂତ୍ରରୁ ଜାଣିଲେ। ସ୍ମିତାରାଣୀଙ୍କ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ ଘଟିଥିବା ପୋଷ୍ଟମର୍ଟମ ରିପୋର୍ଟରେ ଉଲ୍ଲେଖ ରହିଛି। ଆମେ ଏହି ଘଟଣା ଉପରେ ଆଲୋଚନା ପାଇଁ ବିଧାନସଭାରେ ମୋଶନ ଆଣିବାକୁ ଚାହିଁଥିଲୁ। ମାତ୍ର ବାଚସ୍ପତି ଆମ ଦାବି ଗ୍ରହଣ କଲେନାହିଁ। ସଂଖ୍ୟା ଦୃଷ୍ଟିରୁ ମୁଖ୍ୟ ବିରୋଧୀ ଦଳର ମୋଶନ ଉପରେ ଆଲୋଚନା ପାଇଁ ଗୃହକୁ ସୁଯୋଗ ଦେବା ସଂସଦୀୟ ପରମ୍ପରା। ମାତ୍ର ବାଚସ୍ପତି କଂଗ୍ରେସକୁ ମୁଲତବୀ ପ୍ରସ୍ତାବରେ ଆଲୋଚନା କରିବା ପାଇଁ ସୁଯୋଗ ଦେଲେ। ଯେନତେନ ପ୍ରକାରେ ଆଲୋଚନା କରି ଏହି ପ୍ରସଙ୍ଗ ସାରିବାକୁ ବାଚସ୍ପତି ଚାହୁଁଥିଲେ। ନାଏକ ଆହୁରି କହିଛନ୍ତି, ଯେଉଁମାନେ ହତ୍ୟା ସମୟରେ ଉପସ୍ଥିତ ଥିଲେ ସେମାନଙ୍କ ମଧ୍ୟରୁ ସମସ୍ତଙ୍କୁ ଗିରଫ କରାଯାଇନାହିଁ। ଅନ୍ୟପକ୍ଷରେ ଅଭିଯୁକ୍ତମାନଙ୍କ ବିରୋଧରେ ଆଇପିସି ଦଫା ୩୦୨ ପରିବର୍ତ୍ତେ ୩୦୬ରେ ମାମଲା ରୁଜୁ କରାଯାଇଛି। ଏ କଥା ବିଧାନସଭାରେ ଉଠାଇବା ଯଦି ଭୁଲ୍, ତେବେ ଆମେ ସର୍ବସମ୍ମୁଖରେ କ୍ଷମା ମାଗିବାକୁ ରାଜିଅଛୁ ବୋଲି ନାଏକ କହିଛନ୍ତି।

# ଜଳସେଚନ ପ୍ରକଳ୍ପରୁ ୧୮୩ ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ ହେବ

ଭୁବନେଶ୍ୱର,୧୫।୧୧(ବ୍ୟୁରୋ)

ଆଗାମୀ ୩ରୁ ୪ ବର୍ଷ ମଧ୍ୟରେ ରାଜ୍ୟର ସମ୍ଭାବ୍ୟ କ୍ଷୁଦ୍ର ଜଳ ବିଦ୍ୟୁତ ପ୍ରକଳ୍ପଗୁଡିକରୁ ପ୍ରାୟ ୧୮୩ ମେଗାୱାଟ ବିଦ୍ୟୁତ ଉତ୍ପାଦନ ହୋଇ ପାରିବ। ଏହାଛଡା ଜେଟକଲ/ଓଏଚପିସି ୪୫ଟି ସମ୍ଭାବ୍ୟ କ୍ଷୁଦ୍ର ଜଳ ବିଦ୍ୟୁତ ପ୍ରକଳ୍ପ ସ୍ଥାନର ପ୍ରାଥମିକ ଫିଜିବିଲିଟି ରିପୋର୍ଟ ପ୍ରସ୍ତୁତ କରିବ। ରାଜ୍ୟରେ ଉପଲବ୍ଧ ହେବାକୁ ଥିବା କ୍ଷୁଦ୍ର ଜଳ ବିଦ୍ୟୁତ ପ୍ରକଳ୍ପ ଗୁଡିକର ପ୍ରତିଷ୍ଠା ପାଇଁ ଗୁରୁବାର ଶକ୍ତି ସଚିବ ବିଷ୍ଣୁପଦ ସେଠୀଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଏମଓୟୁ ସ୍ୱାକ୍ଷର କରିଥିବା ଉଦ୍ୟୋଗକାରୀମାନେ ବୈଠକରେ ଯୋଗ ଦେଇଥିଲେ। ପ୍ରକଳ୍ପଗୁଡିକ ପ୍ରତିଷ୍ଠା ପାଇଁ ଉପୁଜୁଥିବା ସମସ୍ୟା ଉପରେ ଆଲୋଚନା ହୋଇଥିଲା। ସେଗୁଡିକର ସମାଧାନ ପାଇଁ ସରକାରୀ ଅଧିକାରୀମାନେ ସହଯୋଗ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ବିଶେଷ କରି ସର୍ବୋଚ୍ଚ ଯନ୍ତ୍ରୀ ରାଜ୍ୟ ବୈଷୟିକ କମିଟି ଜରିଆରେ ପ୍ରତ୍ୟେକ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ତ୍ୱରିତ ପଦକ୍ଷେପ ନେବେ। ରାଜ୍ୟରେ ବର୍ତ୍ତମାନ ୫୭ ମେଗାୱାଟ ବିଦ୍ୟୁତ ଶକ୍ତି ଉତ୍ପାଦନ ହେଉଛି। ୪ଟି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି।

# ବିଧାନସଭା ଆଗରେ ଶିକ୍ଷକଙ୍କ ବିକ୍ଷୋଭ


ବେସରକାରୀ ଅନୁଦାନ ଓ ଅଣଅନୁଦାନପ୍ରାପ୍ତ ଶିକ୍ଷକ ଏବଂ ଅଣଶିକ୍ଷକ କର୍ମଚାରୀ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ଦାବି ପୂରଣ ନ ହେବା ଯାଏ ଚାଲିବ ଆନ୍ଦୋଳନ

ଭୁବନେଶ୍ୱର, ୧୫।୧୧(ବ୍ୟୁରୋ)

ଦାବି ପୂରଣ ହୋଇ ନ ଥିବାରୁ ଶୁକ୍ରବାରଠାରୁ ବିଧାନସଭା ଆଗରେ ଆନ୍ଦୋଳନ ଆରମ୍ଭ କରିଛନ୍ତି ବେସରକାରୀ ଅନୁଦାନ ଓ ଅଣଅନୁଦାନପ୍ରାପ୍ତ ଶିକ୍ଷକ ଏବଂ ଅଣଶିକ୍ଷକ କର୍ମଚାରୀ ସଂଘ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ ବୋଲି ସଂଘ କର୍ମକର୍ତ୍ତା କହିଛନ୍ତି।

ସଂଘର ସଭାପତି ଦେବ ବିଜୟୀ ମିଶ୍ର ଓ ସାଧାରଣ ସମ୍ପାଦକ ଅଭୟ କୁମାର ପ୍ରଧାନ କହିଛନ୍ତି, ଦୀର୍ଘ ୧୧ବର୍ଷ ହେଲା ଓଡ଼ିଶାର ପ୍ରାୟ ୩ଶହ ମହାବିଦ୍ୟାଳୟର ୩ ହଜାର ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ମାସକୁ ମାତ୍ର ୨ରୁ ୩ହଜାର ଟଙ୍କା ଦରମା ପାଇ କାମ କରୁଛନ୍ତି। ଏତେ ସ୍ୱଳ୍ପ ବେତନରେ ସେମାନେ ଚଳିବା କଷ୍ଟକର ହୋଇପଡୁଛି। ସରକାରଙ୍କ ନିୟମାନୁଯାୟୀ ଏହି ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ୭ଘଣ୍ଟା କାର୍ଯ୍ୟ କରିବା ସହ ବାୟୋମେଟ୍ରିକ୍ ଉପସ୍ଥାନ ଦେଉଛନ୍ତି। ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀଙ୍କ ସ୍ଥାୟୀ ନିଯୁକ୍ତି ପାଇଁ ସରକାରଙ୍କୁ ତାଲିକା ପ୍ରଦାନ କରାଯାଇଛି। ସରକାର ସେମାନଙ୍କ ସମସ୍ୟା ପ୍ରତି ଅବଗତ ଥିଲେ ମଧ୍ୟ ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ୨୦୦୮ ଜୁନ ୧ରୁ ୨୦୧୩ ନଭେମ୍ବର ୩୦ପର୍ଯ୍ୟନ୍ତ ସରକାରୀ ମାନ୍ୟତା ପାଇ ନ ଥିବା ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀଙ୍କୁ ସରକାରୀ ମାନ୍ୟତା ଦେବା, ଚାକିରି ସର୍ତ୍ତାବଳୀ ସହିତ ପୂର୍ଣ୍ଣ ଅନୁଦାନ ପ୍ରଦାନ ନିମନ୍ତେ ଦାବି କରାଯାଇଛି। ସଂଘ ଏ ନେଇ ଉଚ୍ଚଶିକ୍ଷା ବିଭାଗକୁ ବାରମ୍ବାର ଜଣାଇବା ପରେ ୨୦୧୮ ଅଗଷ୍ଟରେ ଏକ ଆଲୋଚନା ହୋଇ ରାଜ୍ୟର ବିଭିନ୍ନ ଶିକ୍ଷା ବିଭାଗ ଆଞ୍ଚଳିକ ନିର୍ଦ୍ଦେଶକଙ୍କ ଜରିଆରେ ଅଧ୍ୟାପକ ଓ କର୍ମଚାରୀମାନଙ୍କ ଅବସ୍ଥିତି ମଗାଯାଇଥିଲା। ସେହି ଅନୁଯାୟୀ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀଙ୍କ ସଂଖ୍ୟା ୨୭୫୦ ବୋଲି ଆକଳନ କରାଯାଇ ୧ କୋଟି ୪୨ଲକ୍ଷ ୧୬ ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ମାତ୍ର ସରକାର ଦାବି ପୂରଣ କରୁ ନ ଥିବାରୁ ସଂଘ ପକ୍ଷରୁ ଶୁକ୍ରବାର ବିଧାନସଭା ଆଗରେ ଧାରଣା ଦିଆଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିରେ ସଂଘ ସଭାପତି ଓ ସାଧାରଣ ସମ୍ପାଦକଙ୍କ ସମେତ ଉପସଭାପତି ରଶ୍ମିତା ମହାପାତ୍ର, କୋଷାଧ୍ୟକ୍ଷ ଦିବ୍ୟକାନ୍ତ ତିପାଠୀ, ଆବାହକ ବିମଳ ଚନ୍ଦ୍ର ନନ୍ଦୀ, ରାଜ୍ୟ ସଂଯୋଜକ ସନ୍ତୋଷ କୁମାର ରାୟ ପ୍ରମୁଖ ସାମିଲ ଥିଲେ।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

ବ୍ଲକ ଏବଂ ପଞ୍ଚାୟତ ସ୍ତରୀୟ ନିଯୁକ୍ତି ପାଇଁ
ସମସ୍ତ ଜିଲ୍ଲାରୁ ପ୍ରାର୍ଥୀ ଆବଶ୍ୟକ ।
ଯୋଗ୍ୟତା - ୧୦ମ ରୁ ଊର୍ଦ୍ଧ
ଦରମା - ୭୫୦୦/- ରୁ ୪୨୫୦୦/-
7894509327

RAILWAY JOB
• SUPERVISORS (+2,+3) : Rs.15000/-
• SITE INCHARGE (+2,+3) : Rs.17000/-
• GOOD GUARD (10th) : Rs.9000/-
Posting- Bhubaneswar, Raygada, Jharsuguda, Rourkela, Dhamara Talcher, Ganjam, Paradeep, Joda
7327065424, 8895725158

URGENTLY REQUIRED
A 4 wheeler automobile dealership requires Cashier, Floor Manager, Sales Consultant, HR Executive and Driver.
Contact: 09556202934 Email: edp.bhubaneswar@renault-india.com, siddharth9909@gmail.com

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs., Monthly Salary upto Rs.25,000/-.
Contact Immediately
Mob: 8763257042

REQUIRED
For Bhubaneswar Office Civil Engineer Lady, Front Office Smart Lady, Marketing Gents & Lady, Accounts Lady, PA Lady must Graduate / BTech / BBA/MBA, Office Asst. Manager
Call : 06742973254, 9090732020, 9238482524

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27,000/-.
Contact: 9938676412

AISECT
RECRUITMENT OF VOCATIONAL TRAINER - AGRICULTURE
Applications are invited from eligible candidates for Vocational Trainers in Agriculture sector under CSS-VSHSE in Odisha having following eligibilities in contractual position on monthly honorarium of Rs.15050/-
1. Qualification: (i) Post Graduate / Graduate in Agriculture / Horticulture or 02 Years Diploma in Agriculture Science / Horticulture Science with one year of Experience in Agriculture Sector. Preference will be given to the candidates having higher qualification.
2. Age:18-37 years as on 01.01.2019
3. Candidate should have domicile of Odisha and must read & write Odia.
Kindly apply on our website:
https://www.aisect.org/vocational_training.html
Last date for application: 15.11.19

REQUIREMENTS
A Leading Construction Firm Requires
# ACCOUNTANT
# CIVIL ENGINEER
# MARKETING MANAGER
Experience of Marketing for Construction of Duplex, Simplex As Well As Govt. Project
CALL : 9777251369

ସାଉଥ୍ ଆଫ୍ରିକାରେ ଇନ୍‌ଫ୍ରାଷ୍ଟ୍ରକ୍‌ଚର କନ୍‌ଷ୍ଟ୍ରକ୍‌ସନ୍, ହେଲପର, ଡ୍ରାଇଭର, ମେସନ, କାର୍ପେଣ୍ଟର, ଇଲେକ୍ଟ୍ରିସିଆନ, ଅପରେଟର ଏବଂ ସମସ୍ତ ପ୍ରକାର କାରିଗର ଆବଶ୍ୟକ ।
ଦରମା- 40,000/-, ମଡର୍ଣ୍ଣ ଇଞ୍ଜିନିଅରିଂ (ଇଣ୍ଡିଆନ୍ ମ୍ୟାନେଜ୍‌ମେଣ୍ଟ କମ୍ପାନୀ)
କମଲ ପ୍ଲେସ୍‌ମେଣ୍ଟ
415, ରଙ୍ଗିଲା ପାର୍କ, ଦିନ୍‌ଦୋଲି, ସୁରଟ, ଗୁଜୁରାଟ
9157012447, 9157312448

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

| Dollar | Sensex | Nifty | Gold | Silver |
|---|---|---|---|---|
| 71.78 (18) | 40,356.69 (70.21) | 11,895.45 (23.35) | 38,875.00 (`149) | 45,375.00 (`473) |



## ସଂକ୍ଷେପରେ



“ଅର୍ଥନୀତି ସମ୍ପୂର୍ଣ୍ଣ ଭଲ ସ୍ଥିତିରେ ରହିଛି। ଲୋକମାନେ ବିବାହ କରୁଛନ୍ତି, ବିମାନ ବନ୍ଦର ଭରପୂର ରହିଛି।
– ସୁରେଶ ଅଙ୍ଗାଡି, କେନ୍ଦ୍ର ରେଳ ରାଷ୍ଟ୍ର ମନ୍ତ୍ରୀ



“ଦେଶର ମାନ୍ଦାବସ୍ଥା ଏତେ ଶୀଘ୍ର ଯିବ ବୋଲି ବର୍ତ୍ତମାନ ଠିକ୍ ଭାବେ କହି ହେବ ନାହିଁ।
– ନିର୍ମଳା ସୀତାରାମନ, କେନ୍ଦ୍ର ଅର୍ଥମନ୍ତ୍ରୀ

## ଯୁକୋ ବ୍ୟାଙ୍କର ନୂତନ ଆଞ୍ଚଳିକ ମୁଖ୍ୟ



**ଭୁବନେଶ୍ୱର,୧୫-୧୧:** ଯୁକୋ ବ୍ୟାଙ୍କ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ନୂତନ ଆଞ୍ଚଳିକ ମୁଖ୍ୟ ଭାବେ ମହାପ୍ରବନ୍ଧକ ସଞ୍ଜୟ କୁମାର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ସହିତ ସେ ରାଜ୍ୟ ସ୍ତରୀୟ ବ୍ୟାଙ୍କର୍ସ କମିଟିର ଆବାହକ ଭାବେ କାର୍ଯ୍ୟ କରିବେ। ଏହା ପୂର୍ବରୁ ସେ ଯୁକୋ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟଠାରେ ରିକଭରି ଓ ଆଇନ ବିଭାଗରେ ମହାପ୍ରବନ୍ଧକ ଭାବେ କାର୍ଯ୍ୟ କରୁଥିଲେ। ୧୯୯୦ରେ ପ୍ରୋବେସନାରୀ ଅଧିକାରୀ ଭାବେ ସେ ବ୍ୟାଙ୍କିଙ୍ଗ କ୍ଷେତ୍ରରେ କାର୍ଯ୍ୟ ଆରମ୍ଭ କରିଥିଲେ। ଦେଶ ତଥା ଦେଶ ବାହାରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ସେ କାର୍ଯ୍ୟ କରିଛନ୍ତି। ଭୁବନେଶ୍ୱର ଆଞ୍ଚଳିକ ମୁଖ୍ୟ ଭାବେ ରିଟେଲ, କୃଷି, ଏମଏସ୍‌ଏମ୍‌ଇ, ଏନ୍‌ପିଏ ଅସୁଲ ଭଳି ଦିଗରେ କାର୍ଯ୍ୟ କରିବେ ବୋଲି ସେ କହିଛନ୍ତି। ସେହିଭଳି ସ୍ୱୟଂ ସହାୟକ ଗୋଷ୍ଠୀକୁ ସହାୟତା ଲାଗି ବ୍ୟାଙ୍କ ପକ୍ଷରୁ କାର୍ଯ୍ୟକ୍ରମ ଜାରି ରହିବ ବୋଲି ସେ ସୂଚନା ଦେଇଛନ୍ତି।

## ଜିଭାର ମାଗଣା ଆୟୁର୍ବେଦିକ ପରାମର୍ଶ ଶିବିର

**ଭୁବନେଶ୍ୱର,୧୫-୧୧:** ଜିଭା ଆୟୁର୍ବେଦ ପକ୍ଷରୁ ଭୁବନେଶ୍ୱର ସମେତ ସାରା ଦେଶରେ ଥିବା ଏହାର କ୍ଲିନିକ ଗୁଡିକରେ ମାସେ ବ୍ୟାପି ମାଗଣା ପରାମର୍ଶ ଶିବିର ଆରମ୍ଭ ହୋଇଛି। ଲୋକମାନେ ଯେକୌଣସି ଜିଭା କ୍ଲିନିକ ପରିଦର୍ଶନ କରି ବ୍ୟକ୍ତିଗତ ଚିକିତ୍ସା ପାଇଁ ଜିଭାର ବିଶେଷଜ୍ଞ ଡାକ୍ତରଙ୍କ ସହ ପରାମର୍ଶ କରିପାରିବେ। ବର୍ଦ୍ଧିତ ଡାଇବେଟିସ ବିପଦର ମୁକାବିଲା ଲାଗି ସମସ୍ତ ଜିଭା କ୍ଲିନିକରେ ପରାମର୍ଶ ଦିଆଯିବ। ଡାଇବେଟିସ ବ୍ୟତୀତ ସମସ୍ତ ରୋଗୀଙ୍କୁ ପରାଶର୍ମ ସୁବିଧା ରହିଛି। ୪୦ ହଜାରରୁ ଅଧିକ ରୋଗୀ ଏହା ଦ୍ୱାରା ଲାଭବାନ ହେବେ ବୋଲି ଜିଭା ପକ୍ଷରୁ ସୂଚନା ରହିଛି।

# ରାଜଧାନୀ, ଶତାବ୍ଦୀ, ଦୂରନ୍ତୋ ଏକ୍ସପ୍ରେସ୍‌ର ଖାଦ୍ୟ ମୂଲ୍ୟ ବୃଦ୍ଧି

**ଭୁବନେଶ୍ୱର, ୧୫।୧୧(ବ୍ୟୁରୋ)**

- ୧୫ଦିନ ପରେ ନୂଆ ଦର ଲାଗୁ
- ମେନୁରେ ଲୋକାଲ ସ୍ନାକ୍ସ ସାମିଲ




ରାଜଧାନୀ, ଶତାବ୍ଦୀ ଓ ଦୂରନ୍ତୋ ଏକ୍ସପ୍ରେସ୍ ଟ୍ରେନ୍‌ରେ ଯାତ୍ରା କରୁଥିବା ଯାତ୍ରୀଙ୍କ ଖାଦ୍ୟାବଳୀର ଦର ବୃଦ୍ଧି କରାଯାଇଛି। ଏହି ଟ୍ରେନଗୁଡ଼ିକରେ ଦିଆଯାଉଥିବା ଖାଦ୍ୟର ମୂଲ୍ୟ ବୃଦ୍ଧି ସହ ଖାଦ୍ୟାବଳୀର ନୂଆ ତାଲିକା ପ୍ରସ୍ତୁତ ହୋଇଛି। ଗୁରୁବାର ଏ ସଂକ୍ରାନ୍ତରେ ରେଲୱେ ବୋର୍ଡ ନିଷ୍ପତ୍ତି ନେଇ ସର୍କୁଲାର ଜାରି କରିଛି। ପ୍ରଥମ ଶ୍ରେଣୀ ଏସି କୋଚ୍‌ରେ ଗୋଟିଏ କପ୍ ଚା ମୂଲ୍ୟ ୬ଟଙ୍କା ବୃଦ୍ଧି ହୋଇ ୩୫ ଟଙ୍କା, ସକାଳ ଜଳଖିଆ ୭ଟଙ୍କା ବଢି ୧୪୦ ଟଙ୍କା, ଦ୍ୱିପ୍ରହର ଭୋଜନ ଓ ରାତ୍ରଭୋଜନରେ ୧୫ ଟଙ୍କା ବୃଦ୍ଧି କରାଯାଇ ମୋଟ ୨୪୫ ଟଙ୍କା କରାଯାଇଛି। ସେହିପରି ଦ୍ୱିତୀୟ ଶ୍ରେଣୀ ଏସି, ତୃତୀୟ ଶ୍ରେଣୀ ଏସି ଏବଂ ଏସି ଚେୟାର କାର୍‌ରେ ଚା ୫ ଟଙ୍କା ବଢି ୨୦ ଟଙ୍କା, ସକାଳ ଜଳଖିଆ ୮ ଟଙ୍କା ବୃଦ୍ଧି ହୋଇ ୧୦୫ ଟଙ୍କା, ଦ୍ୱିପ୍ରହର ଭୋଜନ ଓ ରାତ୍ରଭୋଜନ ୮ଟଙ୍କା ବୃଦ୍ଧି କରାଯାଇ ମିଲ୍ ପିଛା ମୋଟ ୧୮୫ ଟଙ୍କା କରାଯାଇଛି। ଏଥିସହ ଆଞ୍ଚଳିକ ଜଳଖିଆ ମଧ୍ୟ ନୂଆ ମେନୁରେ ସାମିଲ ହୋଇଛି। ଏହା ୩୫୦ ଗ୍ରାମ୍‌ର ରହିବ ଏବଂ ଜିଏସ୍‌ଟି ସହ ୫୦ ଟଙ୍କା ମୂଲ୍ୟରେ ବିକ୍ରି କରାଯିବ। ଆଇଆରସିଟିସି ଓ ଖାଦ୍ୟାବଳୀ ବୋର୍ଡ ପ୍ରସ୍ତାବ କ୍ରମେ ମେନୁର ସମୀକ୍ଷା ପରେ ମୂଲ୍ୟ ବୃଦ୍ଧି କରାଯାଇଥିବାବେଳେ ୧୫ ଦିନ ପରେ ନୂଆ ଦର ଲାଗୁ ହେବ ବୋଲି ରେଲୱେ ବୋର୍ଡ ପକ୍ଷରୁ କୁହାଯାଇଛି।




## ଭାରତ ମସଲା ପକ୍ଷରୁ ବିଶ୍ୱ ମଧୁମେହ ଦିବସ

**ଭୁବନେଶ୍ୱର,୧୫-୧୧**

ଭାରତ ମସଲା ଏବଂ ୱେଲ୍‌ବିଙ୍ଗ ପ୍ରତିଷ୍ଠାନ ପକ୍ଷରୁ ବିଶ୍ୱ ମଧୁମେହ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ୱାକାଥନ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୫୦୦ ଲୋକ ଅଂଶଗ୍ରହଣ କରିଥିଲେ। ବାଲିଯାତ୍ରା ତଳ ପଡିଆରେ ଏକ ୱାକିଂ ଟ୍ରାକ ନିର୍ମାଣ କରାଯାଇଥିବା ବେଳେ ଏହାକୁ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି କଲ୍ପେଶ ସତ୍ୟେନ୍ଦ୍ର ଜାଭେରୀ ଉଦ୍‌ଘାଟନ କରିଥିଲେ। ୱାକାଥନ ଟିମ ଏଥିରେ ଭାଗ ନେଇଥିଲା। ଠିକ୍ ଖାଦ୍ୟ ଗ୍ରହଣ, ନିୟମିତ ବ୍ୟାୟାମ, ଚିନ୍ତା ଦୂର କରିବା, ଠିକ୍ ନିଦ୍ରା ଭଳି ବିଭିନ୍ନ ପ୍ରସଙ୍ଗ ଉପରେ ସଚେତନତା ସୃଷ୍ଟି କରିବା ଲାଗି ଏଭଳି ଏକ ୱାକାଥନ ଆୟୋଜନ କରାଯାଇଥିଲା। ସୁସ୍ଥ ଜୀବନଶୈଳୀ ଉପରେ କାର୍ଯ୍ୟକ୍ରମରେ ଗୁରୁତ୍ୱାରୋପ କରାଯାଇଛି। ଓଡ଼ିଶା ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ଡି.ପି. ଚୌଧୁରୀ ୱାକାଥନକୁ ଶୁଭାରମ୍ଭ କରିଥିଲେ। ବାରବାଟୀ କଟକ ଏମ୍‌ଏଲ୍‌ଏ ମହମ୍ମଦ ମୋକିମ, ଡିଷ୍ଟ୍ରିକ ମାଜିଷ୍ଟ୍ରେଟ ବିଏସ୍ ଚୟନୀ, ଓଡ଼ିଆ ଅଭିନେତା ଶ୍ରୀତମ ଦାସ, ଏସ୍‌ସିବି ମେଡିକାଲ କଲେଜ ପ୍ରଫେସର ଜୟନ୍ତ କୁମାର ପଣ୍ଡା, ଭାରତ ମସଲା ଏମ୍‌ଡି ସୁଶାନ୍ତ କୁମାର ପଣ୍ଡା ୱାକାଥନରେ ଯୋଗଦେଇଥିଲେ।

## ଏଲ୍‌ଆଇସି ଅଧିକାରୀ ସଂଘର କାର୍ଯ୍ୟକାରିଣୀ ବୈଠକ

**ଭୁବନେଶ୍ୱର,୧୫-୧୧**

ଏଲ୍‌ଆଇସି କ୍ଲାସ ୱାନ ଅଫିସର ଫେଡେରେଶନର ସର୍ବଭାରତୀୟ ଇସି ବୈଠକ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସର୍ବଭାରତୀୟ ସଭାପତି ବି.ଆର୍. ହମ୍‌ରାସ୍କର ଏବଂ ସମ୍ପାଦକ ଏସ୍. ରାଜକୁମାର ଏହାକୁ ଶୁଭାରମ୍ଭ କରିଥିଲେ। ଏଲ୍‌ଆଇସି ସମ୍ମୁଖରେ ଥିବା ବିଭିନ୍ନ ଆହ୍ୱାନ ଏବଂ ଅଫିସରମାନଙ୍କର ଭୂମିକା ଉପରେ ସଭାପତି ହମ୍‌ରାସ୍କର ଗୁରୁତ୍ୱାରୋପ କରିଥିଲେ। ରାଷ୍ଟ୍ରାୟତ୍ତ ସଂସ୍ଥାଗୁଡିକ ଲାଗି କେନ୍ଦ୍ର ସରକାରଙ୍କ ମନୋଭାବ ଉପରେ ସମ୍ପାଦକ ରାଜକୁମାର ମତ ରଖିଥିଲେ।



## ବିଗ୍ ବଜାର ପକ୍ଷରୁ ପ୍ରଥମାଷ୍ଟମୀ ପାଳିତ

**ଭୁବନେଶ୍ୱର,୧୫-୧୧(ବ୍ୟୁରୋ)**

ବିଗ୍ ବଜାର ଏବଂ ଏଫ୍‌ବିବି ପକ୍ଷରୁ ପ୍ରଥମାଷ୍ଟମୀ ପାଳିତ ହୋଇଯାଇଛି। ଶିଶୁ ଦିବସ ଅବସରରେ ମୌଳିକ ସୁବିଧାରୁ ବଞ୍ଚିତ ଛୋଟ ଛୋଟ ପିଲାଙ୍କ ମୁହଁରେ ଖୁସି ଆଣିବା ଲାଗି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ବିଗ୍ ବଜାର ପକ୍ଷରୁ ସୂଚନା ରହିଛି। ପ୍ରଥମାଷ୍ଟମୀ ପାଳନ ଅବସରରେ ପିଲାମାନଙ୍କୁ ନୂତନ ବସ୍ତ୍ର ପ୍ରଦାନ ସହ ରାଜ୍ୟର ୧୨ ବିଗ୍ ବଜାର ଷ୍ଟୋର ଏବଂ ୨ ଏଫ୍‌ବିବି ଷ୍ଟୋରରେ ଆକର୍ଷଣୀୟ ରିହାତି ପ୍ରଦାନ କରାଯାଉଛି। ପ୍ରଥମାଷ୍ଟମୀ ପାଳନର ବିଧି ଅନୁଯାୟୀ ବିଗ୍ ବଜାର ପିଲାମାନଙ୍କର ମାମୁଁ ହୋଇ ଭୁବନେଶ୍ୱର ଡୁମଡୁମାସ୍ଥିତ ଏନ୍‌ଜିଓର ୩୦ରୁ ଉର୍ଦ୍ଧ୍ୱ ପିଲାଙ୍କୁ ଏସ୍‌ପ୍ଲାନେଡ ୱାନ ମଲ୍‌ଠାରେ ନୂତନ କପଡା ପ୍ରଦାନ କରାଯାଇଥିଲା। ଏହି ଅବସରରେ ପିଲାମାନେ ମଲ୍ ବୁଲି ଦେଖିଥିଲେ। ଗ୍ରାହକମାନେ ବିଗ୍ ବଜାରର ସ୍ୱତନ୍ତ୍ର ଅଫର ଏହି ଅବସରରେ ଲାଭ କରିପାରିବେ। ଗ୍ରାହକମାନଙ୍କୁ ବିଗ୍ ବଜାର ସର୍ବଦା ଏହାର ସଦସ୍ୟ ଭାବେ ଗ୍ରହଣ କରିଥାଏ ବୋଲି ବିଗ୍ ବଜାର ଇଷ୍ଟଜୋନର ସଦସ୍ୟ ମନୀଷ ଅଗ୍ରୱାଲ କହିଛନ୍ତି। ସେହିଭଳି ବିଗ୍ ବଜାର ଆନୁକୂଲ୍ୟରେ ଶିଶୁ ଦିବସରେ ଅନ୍ୟ ଏକ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀଙ୍କ ଉପସ୍ଥିତିରେ ଟେକ୍ସଟ ବୁକ୍ ନୋଡାଲ ହାଇସ୍କୁଲ ପ୍ରାଙ୍ଗଣରେ ଲିପକନସଲ୍‌ଟିଂ ସାମାଜିକ ଅନୁଷ୍ଠାନର ୪୦୦ରୁ ଉର୍ଦ୍ଧ୍ୱ ପିଲାମାନଙ୍କ ମଧ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

## ଆମ୍ରି ପକ୍ଷରୁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**ଭୁବନେଶ୍ୱର,୧୫-୧୧(ବ୍ୟୁରୋ)**




ଆମ୍ରି ହସ୍ପିଟାଲସ୍ ଭୁବନେଶ୍ୱର ପକ୍ଷରୁ ସ୍ଥାନୀୟ ଡଟ୍ କମ୍ ପରିସରରେ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୦ରୁ ଉର୍ଦ୍ଧ୍ୱ ସାମ୍ବାଦିକ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। କ୍ୟାମ୍ପରେ ରକ୍ତଚାପ, ରକ୍ତ ସର୍କରା, ଇସିଜି, ଦାନ୍ତ, ଆଖି ପରୀକ୍ଷା କରାଯିବା ସହ ଡାଏଟ ସମ୍ପର୍କରେ ପରାମର୍ଶ ଦିଆଯାଇଥିଲା। ପରିବର୍ତ୍ତିତ ଜୀବନଶୈଳୀ ଯୋଗୁ ମଧୁମେହ ଆଶଙ୍କା ବଢି ବଢି ଚାଲିଥିବା ଆମ୍ରିର ବରିଷ୍ଠ ଡାକ୍ତର ରିତେଶ ଅଗ୍ରୱାଲ କହିଛନ୍ତି। ଲୋକମାନେ ଏଥିପ୍ରତି ସଚେତନ ହେବା ସହ ସ୍ୱାସ୍ଥ୍ୟକର ଜୀବନଯାପନ ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ନିୟମିତ ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ ଗ୍ରହଣ ସହ ବ୍ୟାୟାମ କରିବା ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ଏଭଳି କ୍ୟାମ୍ପ ଆୟୋଜନ ଦ୍ୱାରା ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବ ବୋଲି ହସ୍ପିଟାଲ ପକ୍ଷରୁ କୁହାଯାଇଛି।


**ODISHA TOURISM DEVELOPMENT CORPORATION LIMITED**
(A Government of Odisha Undertaking)
Lewis Road, Bhubaneswar – 751014 CAD-584
**Auction Sale Notice For Sale Of Vehicles**

Sealed tenders are invited for auction sale of the following vehicles on AS IS WHERE IS BASIS. Interested parties are inspect the vehicles in the premises of Panthanivas mentioned against each of the vehicle every office hour. Interested parties may collect the detail terms & conditions from the website:- www.panthanivas.com.The last date of submission of offer is on 30.11.2019 up to 02.00PM

| Sl. No. | Regd. No of vehicle | Type of Vehicle | Year of Purchase | Name of the Panthanivas Vehicle Located |
|---|---|---|---|---|
| 1 | OR 02AL 6325 | TATA Mini Bus | 2006 | Bhubaneswar |
| 2 | OR 02AE 8281 | TATA Indica | 2005 | Bhubaneswar |
| 3 | OR 02AX 1356 | TATA Winger | 2009 | Bhubaneswar |
| 4 | OR 02AX 1357 | TATA Winger | 2009 | Bhubaneswar |
| 5 | OR 02AU 3372 | Force Traveller (13Seater) | 2009 | Bhubaneswar |
| 6 | OR 02AU 3371 | Force Traveller (13Seater) | 2009 | Puri |
| 7 | OR 02AU 0428 | Force Traveller (13Seater) | 2009 | Bhubaneswar |
| 8 | OR 02AD 9801 | Chevrolet Tavera | 2005 | Bhubaneswar |
| 9 | OR 02AM 2114 | TATA Indica | 2006 | Bhubaneswar |

37002/11/0017/1920 Sd/- MANAGING DIRECTOR OTDC Ltd., Bhubaneswar

**OFFICE OF THE DISTRICT MAGISTRATE & COLLECTOR, KANDHAMAL**
(District Child Protection Unit)
Department of Women & Child Development and Mission Shakti, Govt. of Odisha
No.1013 **ବିଜ୍ଞପ୍ତି** Date: 14.11.2019

ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ, ଭାରତ ସରକାରଙ୍କ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଆଇନ ୨୦୦୫ଦ୍ୱାରା ବିଧିବଦ୍ଧ ଭାବେ ନିର୍ଦ୍ଧାରିତ ଅଙ୍ଗ। ଶିଶୁମାନେ ସମ୍ବିଧାନ ଉଲ୍ଲେଖିତ ସମସ୍ତ ଅଧିକାରକୁ ବିଭିନ୍ନ ଆଇନ୍‌ରେ କରାଯାଇଥିବା ବିହିତ ବ୍ୟବସ୍ଥାକୁ ଉପଭୋଗ କରାଇବା ହେଉଛି ଏହି ଆୟୋଗର ମୁଖ୍ୟ ହୁକୁମନାମା। ଏହି ଆୟୋଗ କୌଣସି ଶିଶୁ ବିରୁଦ୍ଧରେ ଘଟିଥିବା ଶିଶୁ ଅଧିକାର ଉଲଂଘନ ସମ୍ପର୍କିତ ଅଭିଯୋଗ ଗ୍ରହଣ କରିବା ନିମନ୍ତେ ଆପଣଙ୍କ ଜିଲ୍ଲା ପରିଦର୍ଶନ କରୁଛନ୍ତି। ଶିଶୁ ଅଧିକାର ନିମନ୍ତେ କାର୍ଯ୍ୟ କରୁଥିବା ଯେକୌଣସି ବ୍ୟକ୍ତି ଯଥା ଶିଶୁ, ପିତାମାତା, ଅଭିଭାବକ, ଶିଶୁ ଯତ୍ନକାରୀ କିମ୍ବା ଅନ୍ୟ ଯେକୌଣସି ବ୍ୟକ୍ତିବିଶେଷ, ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ନିକଟରେ ସେମାନଙ୍କର ଅଭିଯୋଗ ଦାଖଲ କରିପାରିବେ।
ତାରିଖ : ୨୧।୧୧।୨୦୧୯, ସ୍ଥାନ : ପଞ୍ଚାୟତ ଭବନ, ଫୁଲବାଣୀ। ପଞ୍ଜୀକରଣ ଆରମ୍ଭ – ସକାଳ ୯ଘ. ସମୟ
ସ୍ୱା./- ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍, କନ୍ଧମାଳ, ଫୁଲବାଣୀ

**PARADIP PORT TRUST**
**e-TENDERING NOTICE**
Online tenders in three bid system i.e (1) EMD Bid (2) Technical Bid (3) Price Bid are invited from manufacturers / authorized dealers for supply of **4.5/4 TR TOWER AIR CONDITIONER.** The last date and time of submission of the tender is **17.15 Hours** on **Dt.07/12/2019.** For details, log on to website **https://eprocure.gov.in/eprocure/app**
Sr. Dy. Materials Manager
PPT/PR/456/19-20, Dt.14/11/2019

**ODISHA HYDRO POWER CORPORATION LTD.**
(A Government of Odisha Undertaking)
OFFICE OF THE SENIOR GENERAL MANAGER (ELE.) UPPER KOLAB H.E. PROJECT
AT/P.O.: BARINIPUT, DIST.- KORAPUT (ODISHA)-764006, Telephone : 06854-242001,
Fax : 06854-242038, E-mail ID : sgmel_ukhep@ohpcltd.com
TENDER CALL NOTICE NO.OHPC: SGM (EL): UKHEP: 23/2019-20, Dated: 13.11.2019
No.CAD-585 :- Sealed tenders in duplicate are invited from the Registered Travel Agencies / Vehicle Owners for the works mentioned below.

| Sl. No. | Description / Type of Vehicle | Cost of Tender Paper (in Rs.) | EMD (in Rs.) |
|---|---|---|---|
| 1 | HIRING OF 01 NO. PETROL RUN COMMERCIAL REGISTERED TIAGO / BOLT / CELERIO LIGHT VEHICLE FOR UKHEP, BARINIPUT | Rs.7080/- | 01% of Quoted Value |

The sale of tender paper will be from : 21.11.2019 to 13:00 hrs. of 06.12.2019. The last date & time of receipt of tender : Up to 16:00 hrs. of 06.12.2019. The date and time of opening of tender : 16:30 hrs. of 06.12.2019.
For details of tender documents and Terms & Conditions downloading please visit our website www.ohpcltd.com
Sd./- C & P Head, Upper Kolab Hep, OHPC Limited, Bariniput
04002/11/0045/1920

**OFFICE OF THE DISTRICT MAGISTRATE AND COLLECTOR, SAMBALPUR**
No. 1763/Estt. Dt.13.11.19
**ADVERTISEMENT FOR RE-ENGAGEMENT OF THE RETIRED REVENUE SUPERVISOR/REVENUE INSPECTOR/ASSISTANT REVENUE INSPECTOR/AMIN**
Applications in prescribed form are invited from eligible retired Revenue Supervisors/Revenue Inspectors/Assistant Revenue Inspectors/Amins for contractual re-engagement for filling up of the vacant revenue field posts under different categories in Sambalpur district under the jurisdiction of the Collector, Sambalpur. The detailed information regarding the recruitment process are available in the Sambalpur District Official website **www.sambalpur.nic.in** vide Advertisement No. 1759/Estt. dated 13.11.2019.
Sd./- Collector, Sambalpur

**Odisha Mineral Exploration Corporation Ltd.** OMECL
Regd. Office: OMC House, Bhubaneswar-751001, Odisha
CIN : U13209OR2016SGC025960
**CORRIGENDUM TO TENDER CALL NOTICE FOR TIME EXTENTION OF MANAGEMENT CONSULTANT CUM TRANSACTION ADVISOR FOR ODISHA MINERAL EXPLORATION CORPORATION LTD (OMECL).**
For NIT No. 02/OMECL/E-PROC/2019 dated 08.11.2019 and tender notice displayed in OMC Website on 08.11.2019, following are the amendments for time extension.
The date of submission of pre-bid query extended up to : **18.11.2019.**
The date of up-loading of final RFP document in OMC website : **23.11.2019.**
Last date of submission of proposal extended up to : **30.11.2019 at 03:00 PM.**
Date & time of bid opening extended to : **02.12.2019 at 04:00 PM.**
I/C General Manager (Exploration)

**Zilla Swasthya Samiti, Ganjam**
No.20903 NOTICE Date: 15.11.2019
Applications are invited from the contractual employees of NHM working in the same post under OSH&FW Society in other district against the vacant post through In- house selection.
Interested candidates may log on to **https://ganjam.nic.in** for details (Vacancies, terms and conditions & application form etc.). Eligible Candidates for the above post, who are interested, may attend the office of the undersigned on the scheduled date of walk in interview with an application form & relevant documents. Number of vacancies under this advertisement is provisional which may increase or decrease depending upon the actual vacancy. Time to time notification regarding status of selection process will be web hoisted in district website. The undersigned reserves the right to cancel / reject any or all the applications without assigning any reason thereof.
Sd./- CDM&PHO cum DMD, Ganjam

**THE ODISHA STATE COOPERATIVE BANK LTD.**
Pandit Jawaharlal Nehru Marg, Bhubaneswar - 751001
To
The NALCO SMELTER EMPLOYEES' CREDIT COOPERATIVE SOCIETY LTD.
Regd. under Odisha Cooperative Societies Act, 1962, Having its registered Office At: Shree Asharam Market Complex, Room No.-20, At/P.O.- Kandasar, Dist.- Angul, PIN - 759145, Odisha, Represented by its Secretary.
No. LL-31
**DEMAND NOTICE**
Whereas the above named Society had requested the OSCB Ltd. to avail Medium term Non-Agricultural Loan for financing to the members of your Society. Considering the application along with the resolution submitted by the society, the OSCB Ltd. on different dates have sanctioned 27 Nos. of loans of Rs.16,83,11,716/- in favour of the above named society and disbursed through the OSCB Ltd., Angul Branch.
After availing the loan, the society was very much irregular in depositing the loan installments. In view of the default to repay the loan in time there is a principal outstanding of Rs.5,75,15,015/- as on Dt.31.08.2019 and Rs.9,98,95,838/- towards interest, totaling an amount of Rs.15,74,10,853/- as on Dt.31.08.2019 is outstanding against your society.
The Branch Manager, OSCB Ltd., Angul Branch on serveral occasions has requested you to deposit the loan outstanding but you did not pay any heed to such notices.
The OSCB Ltd. has decided to call upon you and the members of your society through this public notice to repay the entire outstanding amount within 15 days of publication of this notice, otherwise the bank shall take recourses of law to realize the entire outstanding amount with interest and penal interest as per agreement and also referred to case to the investing agency for investigation as the huge public money is involved.
Sd./- Managing Director
39012/11/0024/1920

**FOOD CORPORATION OF INDIA REGIONAL OFFICE, BHUBANESWAR-7**
Cont.13 (195)/2019/RGDA Date: -15.11.2019
**INVITATION FOR E-TENDER**
On behalf of FCI, Odisha Region online tenders are invited from eligible tenderer for appointment of regular **(i) H&TC for handling at RH, Rayagada and transportation from RH, Rayagada to FSD, Rayagada and vice-versa and (ii) Handling Contractor for handling of food grains at FSD, Nabarangpur for a period of two years.** The tender documents containing detailed terms and conditions can be obtained from **https://eprocure.gov.in/eprocure/app or FCI website www.fci.gov.in.**

**OFFICE OF THE COLLECTOR AND DISTRICT MAGISTRATE, KALAHANDI**
No.436/Sports (Sports Section) Dated: 14.11.2019
**CORRIGENDUM TO TENDER CALL NOTICE NO. 405 DATED.14.10.2019 AND NO. 430 DATED.30.10.2019**
The following corrections have been made to this office Tender call notice No. 405 dated.14.10.2019 and No. 430 dated.30.10.2019 regarding purchase of Sports equipments of Sports Hostel, Bhawanipatna.
1. Terms & conditions of previous tender call notice vide Sl No.5 which was wrongly mentioned as 31.03.2020 is corrected to 31.03.2019. Other conditions shall remain unchanged.
2. The date of receipt of tender paper is further extended. The Tender paper should reach to the District Sports Office, Kalahandi by 28.11.2019 up to 5.30 PM through registered post/ speed post.
3. The Tender will be opened on 29.11.2019 at 11.00 AM. The details of Tender document along with terms and conditions can be viewed through district web portal **http://www.kalahandi.nic.in.**

Sd./-
Additional District Magistrate, Kalahandi

**OFFICE OF THE PROJECT DIRECTOR, DISTRICT RURAL DEVELOPMENT AGENCY, KALAHANDI**
Letter No.5646 Date: 14.11.2019
Tender Notice for award of contract for providing of services of Technical Consultant, Cook and class IV Employees for a period of one year with effect of 01.01.2020 to 31.12.2020.
Sealed tenders are invited from reputed manpower agencies / service providers to provide the service of Technical Consultant, Cook and class IV Employees for a period of one year w.e.f. 01.01.2020 to 31.12.2020 through suitable agency on contract basis for day to day official work.
The detailed information for outsourcing the service of aforesaid posts has been given in the tender Document which may either be downloaded from the website **www.kalahandi.nic.in** or obtained in person from Miss Parbati Patnaik,(MC) under Project Director DRDA, Kalahandi on any working day between 11 A.M to 4 P.M. The last date and time for submission of Tender document is 04.12.2019 (date) by 04.00 P.M.
Sd./- Project Director Kalahandi

**GOVERNMENT OF ODISHA OFFICE OF THE DISTRICT PROJECT COORDINATOR SARVASIKHYA AVIYAN, SAMBALPUR**
**E-Procurement Notice**
BID IDENTIFICATION No.SSA/SBP/CIVIL/30/2019-20
E-mail : dpcsamblpur.opepa@nic.in
Phone / Fax - 0663-2410834
No.1100 /CW Dated: 14.11.2019
1. The District Project Coordinator, SSA, Sambalpur on behalf of Governor of Odisha, invites Percentage Rate bids in Double cover system in ONLINE MODE for construction of Buildings, as detailed in the DTCN from the eligible Class of Contractors.
2. No. of works : 10 (TEN)
3. Tender Cost : Rs.4,000/-
4. Class of Contractor : "D" Class or equivalent
5. Date and time Available in website & receipt of Bids : 12:00 hrs. of 21.11.2019 to 17:00 hrs. of 30.11.2019
6. Date of Opening of Tender : 04.12.2019 at 11:30 hrs.
7. The Bidders have to participate in ONLINE bidding only. Further details can be seen from the website **www.tendersodisha.gov.in** only.
8. Any Corrigendum / Addendum will be displayed in the website **www.tendersodisha.gov.in** only.

Sd./-
District Project Coordinator
SSA, Sambalpur



“ରୋଡ୍ ସେଫ୍ଟି ୱାର୍ଲ୍ଡ ସିରିଜ ଟିମ୍‌ର ପ୍ରମୋଟ୍ ପାଇଁ ମୋତେ ଭାରତ ଭଳି ସୁନ୍ଦର ଦେଶର ପରିଦର୍ଶନ ସୁଯୋଗ ମିଳିଛି ।

–ୟୋହାନ ବ୍ଲେକ୍, ଚାମ୍ପିୟନ ସ୍ପ୍ରିଣ୍ଟର



“ଭାରତରେ ୨୦୨୨ରେ ଖେଳାଯିବାକୁଥିବା ଟେଷ୍ଟ ସିରିଜ ପାଇଁ ଅଷ୍ଟ୍ରେଲିଆ ଏକ ଶକ୍ତିଶାଳୀ ଦଳ ଗଠନ କରିବା ଯୋଜନାରେ ଅଛି ।

–ଜଷ୍ଟିନ ଲାଙ୍ଗର, ଅଷ୍ଟ୍ରେଲିଆ କ୍ରିକେଟ କୋଚ୍

## ସଂକ୍ଷେପରେ

### ଗୋଆକୁ ୨ରନରେ ହରାଇଲା ଓଡ଼ିଶା

କଟକ ଅଫିସ,୧୫।୧୧: ଗୁଣ୍ଟୁରର ଆର୍‌ଭିଆର୍ ଆଣ୍ଡ ଜେସି କଲେଜ ଗ୍ରାଉଣ୍ଡରେ ଶୁକ୍ରବାର ଖେଳାଯାଇଥିବା ୨୩ ବର୍ଷରୁ କମ୍ ମହିଳା ଟି୨୦ ଟୁର୍ନାମେଣ୍ଟର ଏକ ମ୍ୟାଚ୍‌ରେ ଓଡ଼ିଶା ୨ରନରେ ଗୋଆକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୬ ଉଇକେଟ ହରାଇ ୧୨୨ରନ କରିଥିଲା। ଅଧିନାୟକ ଅଞ୍ଜଳି ସିଂ ଓ ଉଇକେଟ କିପର ମୋନାଲିସା ରାଉତ ସର୍ବାଧିକ ୨୬ରନ ଲେଖାଏ ସଂଗ୍ରହ କରିଥିଲେ। ଏହାଛଡ଼ା ପୁନମ ନାୟକ ୨୦, ଇନ୍ଦ୍ରାଣୀ ଛତ୍ରିଆ ୧୩, କାଜଲ ଜେନା ଓ ସଙ୍ଗୀତା ଖାଡ଼ିଆ ୧୦ରନ ଲେଖାଏ କରିଥିଲେ। ଗୋଆ ପକ୍ଷରୁ ଶ୍ରେୟା ପରବ ଓ ଜି ଦୀକ୍ଷାଙ୍କୁ ୨ଟି ଲେଖାଏ ଉଇକେଟ ମିଳିଥିଲା। ଓପନର ଭି.ପୂର୍ବାଜା ୫୧ ଓ ତେଜସ୍ୱିନୀ ଦୁର୍ଗଦ ୩୭ ରନର ଉପଯୋଗୀ ଇନିଂସ ଖେଳିଥିଲେ ମଧ ଦଳ ୨ରନ ପଛରେ ପଡ଼ିଯାଇଥିଲା। ଗୋଆ ୫ ଉଇକେଟ ବିନିମୟରେ ୧୨୦ରନ କରିଥିଲା। ଅଧିନାୟକ ସଞ୍ଜୁଳା ନାୟକ ୧୬ରନର ଅପରାଜିତ ଦ୍ରୁତ ଇନିଂସ ଖେଳିଥିଲେ ମଧ ଦଳକୁ ବିଜୟୀ କରାଇ ପାରି ନ ଥିଲେ। ଓଡ଼ିଶା ପକ୍ଷରୁ ତରଣା ପ୍ରଧାନ, ଲୁଇସା ଦାସ, ଅଞ୍ଜଳି ସିଂ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

### ପୂର୍ବତନ ହକି ଅଧିନାୟକ ସନ୍ଦୀପ ସିଂ ହେଲେ କ୍ରୀଡ଼ାମନ୍ତ୍ରୀ



ଚଣ୍ଡୀଗଡ, ୧୫।୧୧- ଭାରତର ପୂର୍ବତନ ହକି ଅଧିନାୟକ ସନ୍ଦୀପ ସିଂ ହରିୟାଣା ରାଜ୍ୟର କ୍ରୀଡ଼ାମନ୍ତ୍ରୀ ହୋଇଛନ୍ତି। ଗୁରୁବାର ସେ ରାଜ୍ୟ ପାହ୍ୟା ମନ୍ତ୍ରୀ ଭାବେ ଶପଥ ନେଇଥିଲେ।। ଶୁକ୍ରବାର ତାଙ୍କୁ କ୍ରୀଡ଼ା ମନ୍ତ୍ରାଳୟ ଦାୟିତ୍ୱ ପ୍ରଦାନ କରାଯାଇଛି। ସନ୍ଦୀପ ଗତ ବିଧାନସଭା ନିର୍ବାଚନରେ ପେହୋୱା ଆସନରୁ ଭାଜପାରୁ ପାର୍ଥି ହୋଇ ବିଜୟ ଲାଭ କରିଥିଲେ। ହକି ଇଣ୍ଡିଆ ତାଙ୍କୁ ଶୁଭେଚ୍ଛା ଜଣାଇଛି। ସଂଘର୍ଷପୂର୍ଣ୍ଣ ଜୀବନ ଏବଂ ଆଘାତଜନିତ ସମସ୍ୟା ସତ୍ତ୍ୱେ ସନ୍ଦୀପ ହକିରେ ତାଙ୍କ ପାରଦର୍ଶିତା ଦେଖାଇ ଅନ୍ୟପାଇଁ ଆଦର୍ଶ ପାଲଟିଛନ୍ତି। ସେ ୨୦୦୪ରେ ସୁଲ୍‌ତାନ ଆଜଲାନ ଶାହ କପ୍ ହକି ପ୍ରତିଯୋଗିତାରେ ତାଙ୍କ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ। ଭାରତର ଜଣେ ପ୍ରମୁଖ ଡ୍ରାଗ୍ ଫ୍ଲିକର ବିବେଚିତ ହେବା ପରେ ୨୦୦୯ରେ ଅଧିନାୟକ ମନୋନୀତ ହୋଇଥିଲେ। ସନ୍ଦୀପଙ୍କ ନେତୃତ୍ୱରେ ଭାରତୀୟ ଦଳ ୨୦୦୯ରେ ଆୟୋଜକ ମାଲେସିଆକୁ ପରାସ୍ତ କରି ସୁଲ୍‌ତାନ ଆଜଲାନ ଶାହ କପ୍ ହକି ଚାମ୍ପିୟନ ହୋଇଥିଲା। ଦୀର୍ଘ ୧୨ବର୍ଷର ପ୍ରତୀକ୍ଷା ପରେ ଭାରତ ଏହି ସଫଳତା ହାସଲ କରିଥିଲା। ସେ ୨୦୧୦ରେ ଅର୍ଜୁନ ପୁରସ୍କାର ଲାଭ କରିଥିଲେ।

# ଭାରତୀୟ ଦଳରେ ଓଡ଼ିଶାର ମାରିଆନା, ଆଜମିନା

ତ୍ରିରାଷ୍ଟ୍ରୀୟ ଜୁନିୟର ମହିଳା ହକି



ତ୍ରିରାଷ୍ଟ୍ରୀୟ ଜୁନିୟର ମହିଳା ହକି ପାଇଁ ମନୋନୀତ ଭାରତୀୟ ଦଳ।

**ନୂଆଦିଲ୍ଲୀ, ୧୫।୧୧(ପି.ଟି.)**

ଅଷ୍ଟ୍ରେଲିଆର କାନ୍‌ବେରାଠାରେ ତ୍ରିରାଷ୍ଟ୍ରୀୟ ଜୁନିୟର ମହିଳା ହକି ଟୁର୍ନାମେଣ୍ଟ ଡିସେମ୍ବର ୩ରୁ ୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ଶୁକ୍ରବାର ଘୋଷିତ ୧୮ ଜଣିଆ ଭାରତୀୟ ଦଳରେ ଓଡ଼ିଶାର ୨ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ମାରିଆନା କୁଜୁର ଓ ଆଜମିନା କୁଜୁର। ଆଗାମୀ ଟୁର୍ନାମେଣ୍ଟରେ ଭାରତ, ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଅଂଶଗ୍ରହଣ କରିବେ। ଏଥିରେ ଭାରତ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ବିପକ୍ଷରେ ୨ଟି ଲେଖାଏ ଏହିପରି ୪ଟି ମ୍ୟାଚ ଖେଳିବ। ପ୍ରତିଯୋଗିତାର ପ୍ରଥମ ମ୍ୟାଚରେ ଅଷ୍ଟ୍ରେଲିଆ-ନ୍ୟୁଜିଲାଣ୍ଡ ମୁକାବିଲା ହେବାକୁ ଥିବାବେଳେ ଭାରତ ଏହାର ପ୍ରଥମ ମ୍ୟାଚ ଡିସେମ୍ବର ୪ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳିବ।



ଆଜମିନା କୁଜୁର

ଆଗାମୀ ତ୍ରିରାଷ୍ଟ୍ରୀୟ ପାଇଁ ସୁମନ ଦେବୀ ଥୌଡାମଙ୍କୁ ଭାରତୀୟ ଦଳର ଅଧିନାୟିକା ଓ ଈଶିକା ଚୌଧାରୀଙ୍କୁ ଉପଅଧିନାୟିକା ମନୋନୀତ କରାଯାଇଛି। “ଚଳିତବର୍ଷ ପ୍ରାରମ୍ଭରେ ଆମେ ଆୟର୍ଲାଣ୍ଡ ଓ ବେଲାରୁଷ ବିପକ୍ଷରେ ମ୍ୟାଚ ଖେଳି ଅଭିଜ୍ଞତା ହାସଲ କରିଥିଲୁ। ଏଥର ଆମେ ଅଷ୍ଟ୍ରେଲିଆରେ ମଧ ଭଲ ପ୍ରଦର୍ଶନ ନେଇ ଆଶାବାଦୀ। ମନୋନୀତ ଖେଳାଳିଙ୍କୁ ଦେଖିଲେ ଉଭୟ ଡିଫେନ୍ସ ଓ ଫରୱାର୍ଡ ବିଭାଗରେ ଆମ ପାଇଁ ପର୍ଯ୍ୟାପ୍ତ ବିକଳ୍ପ ରହିଛି। ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳିଲେ ଆମ ଖେଳାଳିଙ୍କ ପ୍ରଦର୍ଶନ ନିଶ୍ଚିତ ଶାଣିତ ହେବ” ବୋଲି କୋଚ୍ ବଲଜିତ ସିଂ ପ୍ରକାଶ କରିଛନ୍ତି।

ଭାରତୀୟ ଦଳ: ବିଚୁ ଦେବୀ କାରିବାମ୍, ରଶନପ୍ରୀତ କୌର, ସୁମନ ଦେବୀ ଥୌଡାମ (ଅଧିନାୟିକା), ଈଶିକା ଚୌଧାରୀ(ଉପଅଧିନାୟିକା), ପ୍ରିୟଙ୍କା, ମହିମା ଚୌଧାରୀ, ମାରିନା ଲାଲରାମଙ୍ଗାକି, ଗଗନଦୀପ କୌର, ପ୍ରଭଲିନ କୌର, ମାରିଆନା କୁଜୁର, ଚେତନା, ରାଚ, ବଲଜିତ କୌର, ଆଜମିନା କୁଜୁର, ବିଭଟି ଡୁଙ୍ଗଡୁଙ୍ଗ, ଶର୍ମିଳା ଦେବୀ, ଦୀପିକା, ଲାଲରିଣ୍ଡିକି।



ମାରିଆନା କୁଜୁର

### ସେମିରେ ଶ୍ରୀକାନ୍ତ

**ହଂକଂ,୧୫।୧୧(ପି.ଟି.)**

ଭାରତୀୟ ପୁରୁଷ ଶଟଲର କିଦାମ୍ବି ଶ୍ରୀକାନ୍ତ ଚଳିତ ହଂକଂ ଓପନ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରୁ ଚାଇନାର ଚେନ ଲଙ୍ଗ ଆହତ ସମସ୍ୟା ଯୋଗୁ ଓହରି ଯାଇଥିଲେ। ବିଶ୍ୱର ୧୩ତମ ର୍‍ୟାଙ୍କ ଶ୍ରୀକାନ୍ତ ମ୍ୟାଚ୍ ଶେଷ ହେବା ବେଳକୁ ଗୋଟିଏ ଗେମ୍ ଜିତି ସାରିଥିଲେ। ଶ୍ରୀକାନ୍ତ ୧୫ ମିନିଟ ଧରି ଚାଲିଥିବା ପ୍ରଥମ ଗେମ୍‌କୁ ୨୧-୧୩ ଗେମ୍‌ରେ ଜିତିଥିଲେ। ଚାଇନିଜ ଶଟଲରଙ୍କ ବିପକ୍ଷରେ ଏହା ଶ୍ରୀକାନ୍ତଙ୍କ ଦ୍ୱିତୀୟ ବିଜୟ। ଉଭୟ ପରସ୍ପରକୁ ୮ ଥର ଭେଟିଛନ୍ତି। ଗତ ୨୦୧୭ରେ ଶ୍ରୀକାନ୍ତ ଚେନ ଲଙ୍ଗଙ୍କ ବିପକ୍ଷରେ ପ୍ରଥମ ବିଜୟ ହାସଲ କରିଥିଲେ।

## କୋଚ୍ ପଦବୀରୁ ଇସ୍ତଫା ଦେଲେ ମାର୍ସିଲୋ ଲିପି

**ଶାଂଘାଇ, ୧୫।୧୧ (ଏଏଫ୍‌ପି)**

ସିରିଆ ବିପକ୍ଷ ବିଶ୍ୱକପ୍ କ୍ୱାଲିଫାଇଙ୍ଗ ମ୍ୟାଚରେ ଚାଇନାରେ ପରାଜୟ ପରେ କୋଚ୍ ମାର୍ସିଲୋ ଲିପି ତାଙ୍କ ପଦବୀରୁ ଇସ୍ତଫା ପ୍ରଦାନ କରିଛନ୍ତି। ଦେଶର ଫୁଟ୍‌ବଲ ଆସୋସିଏଶନ ତାଙ୍କ ଇସ୍ତଫାପତ୍ରକୁ ଗ୍ରହଣ କରିଛି। ଇଟାଲୀର ବିଶ୍ୱକପ୍ ବିଜେତା ୭୧ ବର୍ଷୀୟ ଲିପି ଗୁରୁବାର ଦୁବାଇରେ ୨-୧ ଗୋଲରେ ପରାସ୍ତ ହେବା ପରେ ଖବରଦାତା ସମ୍ମିଳନୀରେ ତାଙ୍କ ଇସ୍ତଫା ପ୍ରଦାନ କରିଥିଲେ। ସେ ନିଜର କ୍ରୋଧ ପ୍ରକାଶ କରିବା ସହ କହିଥିଲେ, ମୁଁ ଉଚ୍ଚ ବେତନ ପାଉଥିବାରୁ ପରାଜୟ ପାଇଁ ନିଜକୁ ଦାୟୀ କରୁଛି। ଏଥିସହିତ ମୋ ପଦବୀରୁ ଇସ୍ତଫା ପ୍ରଦାନ କରୁଛି। ଆମେ ମାଳଦୀପ ଓ ଗୁଆମ ଭଳି ଦୁର୍ବଳ ଦଳ ବିପକ୍ଷରେ ବିଜୟ ହାସଲ କରିପାରୁଛୁ, ମାତ୍ର ସିରିଆ ଓ ଫିଲିପାଇନ୍ସ ଭଳି ଶକ୍ତିଶାଳୀ ଦଳ ବିପକ୍ଷରେ ଶ୍ରେଷ୍ଠ ପ୍ରଦର୍ଶନ କରିପାରୁନୁ। ଏକଥା କହି ଲିପ୍ ଖବରଦାତା ସମ୍ମିଳନୀ ପରିତ୍ୟାଗ କରିଥିଲେ। ଏହାର କିଛି ଘଣ୍ଟାପରେ ଚାଇନିଜ ଫୁଟ୍‌ବଲ ଆସୋସିଏଶନ (ସିଏଫ୍‌ଏ) ଲିପିଙ୍କ ଇସ୍ତଫାପତ୍ର ଗ୍ରହଣ କରିଥିବା ବିଷୟ ଏକ ବିବୃତ୍ତି ଜରିଆରେ କହିଥିଲା। ମ୍ୟାଚର ଫଳାଫଳ ଚାଇନିଜ ସମର୍ଥକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଥିପାଇଁ ଆମେ ଦୁଃଖିତ। ଚାଇନା ଯଦି ସିରିଆ ବିପକ୍ଷ ମ୍ୟାଚରେ ଜିତିଥାନ୍ତା ତେବେ କାତାର ୨୦୨୨ ବିଶ୍ୱକପ୍ କ୍ୱାଲିଫାଇଙ୍ଗରେ ଗ୍ରୁପ୍ ‘ଏ’ ଶୀର୍ଷ ସ୍ଥାନ ଅଧିକାର କରିଥାନ୍ତା। ଚାଇନା ୫ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛି। ଫିଲିପାଇନ୍ସ ଉନ୍ନତ ଗୋଲ ବ୍ୟବଧାନରେ ଗ୍ରୁପ୍ ଶୀର୍ଷରେ ରହିଛି। ସରକାର ଚାଇନାକୁ ଫୁଟବଲ ସୁପର ପାୱାର ଭାବେ ଗଢିତୋଳିବା ଲାଗି ବଦ୍ଧ ପରିକର ଥିବାବେଳେ ଲିପିଙ୍କ ଇସ୍ତଫାକୁ ନେଇ ଚାଇନିଜ ଫୁଟ୍‌ବଲ ଅଡୁଆରେ ପଡ଼ିଛି। ସୂଚନାଯୋଗ୍ୟ ଚାଇନାର କୋଚ୍ ଭାବେ ଲିପିଙ୍କ ବାର୍ଷିକ ବେତନ ୧୮୦ ନିୟୁତ ୟୁଆନ (୨୫ ନିୟୁତ ଡଲାର) ଥିଲା। ବିଶ୍ୱର ସେ ଥିଲେ ଅନ୍ୟତମ ସର୍ବୋଚ୍ଚ ବେତନଧାରୀ କୋଚ୍।

# ୨୦୨୦ ଆଇପିଏଲ ପାଇଁ ପ୍ରସ୍ତୁତି

**ନୂଆଦିଲ୍ଲୀ, ୧୫।୧୧(ପି.ଟି.)**

ହାଇପ୍ରୋଫାଇଲ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଅଗାମୀ ୨୦୨୦ ସଂସ୍କରଣ ପାଇଁ ଆସନ୍ତା ମାସରେ ଖେଳାଳି ନିଲାମ ଅନୁଷ୍ଠିତ ହେବ। ତେବେ ଏହାପୂର୍ବରୁ ଦଳଗୁଡିକ କେତେଜଣ ଖେଳାଳି ରିଲିଜ୍ କରିଛନ୍ତି। ରିଲିଜ ହୋଇଥିବା ଖେଳଳିମାନଙ୍କ ତାଲିକା ନିମ୍ନରେ ଦିଆଗଲା।

**୨୦୨୦ ଆଇପିଏଲ୍ ଖେଳାଳି ନିଲାମ**

| ଦଳ | ବାକିଥିବା ଅର୍ଥ (କୋଟିରେ) | ଉପଲବ୍ଧ ସ୍ଥାନ | ବିଦେଶୀ ଖେଳାଳି |
|---|---|---|---|
| ଚେନ୍ନାଇ ସୁପର କିଙ୍ଗ୍ସ | ୧୪.୬୦ | ୫ | ୨ |
| ଦିଲ୍ଲୀ କ୍ୟାପିଟାଲ୍ସ | ୨୭.୮୫ | ୧୧ | ୫ |
| କିଙ୍ଗ୍ସ ଏକାଦଶ ପଞ୍ଜାବ | ୪୨.୭୦ | ୯ | ୪ |
| କୋଲକାତା ନାଇଟ ରାଇଡର୍ସ | ୩୫.୬୫ | ୧୧ | ୪ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୩.୦୫ | ୭ | ୨ |
| ରାଜସ୍ଥାନ ରୟାଲ୍ସ | ୨୮.୯୦ | ୧୧ | ୪ |
| ରୟାଲ ଚ୍ୟାଲେଞ୍ଜର୍ସ | ୨୭.୯୦ | ୧୨ | ୬ |
| ସନରାଇଜର୍ସ ହାଇଦ୍ରାବାଦ | ୧୭.୦୦ | ୭ | ୨ |

**ଚେନ୍ନାଇ ସୁପର କିଙ୍ଗ୍ସ:** ଚୈତନ୍ୟ ବିଷ୍ଣୋଇ, ଡେଭିଡ ୱିଲି, ଧ୍ରୁବ ସୋରେ, ମୋହିତ ଶର୍ମା, ସାମ ବିଲିଙ୍ଗ୍ସ, ସ୍କଟ କୁଗେଲେଜିନ।
**ଦିଲ୍ଲୀ କ୍ୟାପିଟାଲ୍ସ:** ଅଙ୍କୁଶ ବେନ୍ସ, ବନ୍ଦାରୁ ଆୟାପ୍ପା, କ୍ରିସ୍ ମୋରିସ୍, କଲିନ ଇନ୍‌ଗ୍ରାମ, କଲିନ ମୁନରୋ, ମନୁମା ବିହାରୀ, ଜଲାଜ ସାକସେନା, ମଞ୍ଜୋତ କଲ୍‌ରା, ନାଥୁ ସିଂ।
**କିଙ୍ଗ୍ସ ଏକାଦଶ ପଞ୍ଜାବ:** ଅଗ୍ନିବେଶ ଆୟାଚି, ଆଣ୍ଡ୍ରୁ ଟାଏ, ଡେଭଡ ମିଲର, ମୋଇସେସ ହେନେରିକ୍ସ, ପ୍ରଭସିମରନ ସିଂ, ସାମ କୁରାନ, ବରୁଣ ଚକ୍ରବର୍ତ୍ତୀ।
**କୋଲକାତା ନାଇଟ ରାଇଡର୍ସ:** ଅନରିଚ ନୋର୍ଜ, କାର୍ଲୋସ ବ୍ରାଥୱେଟ, କ୍ରିସ୍ ଲିନ୍, ଜୋ ଡେନଲୀ, କେ.ସି. କାରିଆପ୍ପା, ମ୍ୟାଟ୍ କେଲି, ନିଖିଲ ନାଏକ, ପୀୟୁଷ ଚାୱଲା, ପୃଥ୍ୱୀରାଜୟାରା, ରବିନ୍‌ଉଥାପ୍ପା, ଶ୍ରୀକାନ୍ତମୁଣ୍ଡେ।
**ମୁମ୍ବାଇ ଇଣ୍ଡିଆନ୍ସ:** ଆଡମ ମିଲନେ, ଅଲଜାରି ଜୋସେଫ, ବରିନ୍ଦର ସରନ, ବେନ୍ କଟିଂ, ବେଉରାନ ହେଣ୍ଡ୍ରିକ୍ସ, ଏଭିନ ଲିୟୁସ୍, ଜାସନ ବେହରେନଡୋର୍ଫ, ପଙ୍କଜ ଜୟସ୍ୱାଲ, ରସିକ ଦାର, ୟୁବରାଜ ସିଂ।
**ରାଜସ୍ଥାନ ରୟାଲ୍ସ:** ଆର୍ଯ୍ୟମାନ ବିର୍ଲା, ଅଷ୍ଟନ ଟର୍ନର, ଇଶ୍ ଧୋଧୀ, ଜୟଦେବ ଉନାଡକଟ, ଲିୟମ ଲିଭିଂଷ୍ଟୋନ, ଓଶେନ ଥାମାସ, ପ୍ରଶାନ୍ତ ଚୋପ୍ରା, ରାହୁଲ ତ୍ରିପାଠୀ, ଶୁଭମ ରଞ୍ଜାନେ, ଷ୍ଟୁଆର୍ଟ ବିନ୍ନୀ, ସୁଧେସାନ ମିଧୁନ।
**ରୟାଲ ଚ୍ୟାଲେଞ୍ଜର ବାଙ୍ଗାଲୋର:** ଅକାଶଦୀପ ନାଥ, କଲିନ ଡି ଗ୍ରାଣ୍ଡହୋମ, ଡେଲ ଷ୍ଟେଇନ୍, ହେନରିଚ କ୍ଲସେନ, ହିମତ ସିଂ, କୁଲୱନ୍ତ ଖେଜ୍ରୋଲିୟା, ମାର୍କସ ଷ୍ଟୋଇନିସ୍, ମିଲିନ୍ଦ କୁମାର, ନାଥନ କୁଲ୍ଟର- ନାଇଲ, ପ୍ରୟାସ ରାୟ ବର୍ମନ, ଶିମରନ ହେଟମେୟର, ଟିମ୍ ସାଉଦି।
**ସନ ରାଇଜର୍ସ ହାଇଦ୍ରାବାଦ:** ଦୀପକ ହୁଡା, ମାର୍ଟିନ ଗୁପ୍ଟିଲ, ରିକି ଭୁଇ, ଶକିବ ଅଲ ହାସନ ଓ ୟୁସୁଫ୍ ପଠାନ।

### ବିଲିଙ୍ଗ୍ସ, ୱିଲି, ମୋହିତଙ୍କୁ ରିଲିଜ କଲା ଚେନ୍ନାଇ

ଚେନ୍ନାଇ,୧୫।୧୧(ପି.ଟି.)- ୩ଥର ଆଇପିଏଲ ଟାଇଟଲ ଜିତିଥିବା ଚେନ୍ନାଇ ସୁପର କିଙ୍ଗ୍ସ ଇଂଲଣ୍ଡ କ୍ରିକେଟର ସାମି ବିଲିଙ୍ଗ୍ସ ଓ ଡେଭିଡ ୱିଲିଙ୍କୁ ରିଲିଜ କରିଛି। ଏଥି ସହିତ ୩ ଭାରତୀୟ ଖେଳାଳିଙ୍କୁ ମଧ ରିଲିଜ କରାଯାଇଛି। ଡିସେମ୍ବର ୧୯ରେ ଖେଳାଳି ନିଲାମ ଅନୁଷ୍ଠିତ ହେବ। ତେବେ ଦଳ କେତେଜଣ କୋର ଖେଳାଳିଙ୍କୁ ବଜାୟ ରଖିଛି।

**ବଜାୟ ରହିଥିବା କୋର ଖେଳାଳି:** ମହେନ୍ଦ୍ର ସିଂ ଧୋନୀ, ସୁରେଶ ରାଇନା, ରବୀନ୍ଦ୍ର ଜାଡେଜା, ହରଭଜନ ସିଂ, ଅମ୍ବାତି ରାୟୁଡୁ, ମୁରଲୀ ବିଜୟ, କେଦାର ଯାଦବ, ଦୀପକ ଚହର, ଶାର୍ଦ୍ଦୁଳ ଠାକୁର, ଡେନ୍ ବ୍ରାଭୋ, ଶେନ ୱାଟସନ।

### ଗେଲ୍‌ଙ୍କୁ ବଜାୟ ରଖିଲା ପଞ୍ଜାବ

ନୂଆଦିଲ୍ଲୀ,୧୫।୧୧(ପି.ଟି.)- ବିସ୍ଫୋରକ ଦକ୍ଷିଣ ଆଫ୍ରିକା ବ୍ୟାଟ୍ସମ୍ୟାନ ଡେଭିଡ ମିଲର, ଇଂଲଣ୍ଡର ସାମ କୁରାନ ଓ ଅଷ୍ଟ୍ରେଲିଆର ଆଣ୍ଡ୍ରୁ ଟାଏଙ୍କୁ କିଙ୍ଗ୍ସ ଏକାଦଶ ପଞ୍ଜାବ ରିଲିଜ କରିଛି। ତେବେ ୪୦ ବର୍ଷୀୟ ୱେଷ୍ଟଇଣ୍ଡିଜ ବ୍ୟାଟ୍ସମ୍ୟାନ କ୍ରିସ ଗେଲଙ୍କୁ ଦଳ ବଜାୟ ରଖିଛି। ଗତ ବର୍ଷ ୮.୪ କୋଟି ଟଙ୍କାର କ୍ରୟ ହୋଇଥିବା ତାମିଲନାଡୁ ମିଷ୍ଟ୍ରି ସ୍ପିନର ବରୁଣ ଚକ୍ରବର୍ତ୍ତୀଙ୍କୁ ରିଲିଜ କରାଯାଇଛି।

### ସର୍ବଭାରତୀୟ ଆନ୍ତଃବିଶ୍ୱବିଦ୍ୟାଳୟ ଶୁଟିଂ

## ଶ୍ରୀୟଙ୍କାଙ୍କୁ ସ୍ୱର୍ଣ୍ଣ ପଦକ




ପଦକ ଗ୍ରହଣ ଅବସରରେ ଶ୍ରୀୟଙ୍କା ଷଡ଼ଙ୍ଗୀ (ଉପରେ ବାମ)।

ଭୁବନେଶ୍ୱର, ୧୫।୧୧(କ୍ରୀଡ଼ା ପ୍ରତିନିଧି)

ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟି(ଏଆଇୟୁ) ଆନୁକୂଲ୍ୟରେ ହରିୟାଣାର ଫରିଦାବାଦରେ ଅନୁଷ୍ଠିତ ସର୍ବଭାରତୀୟ ଆନ୍ତଃବିଶ୍ୱବିଦ୍ୟାଳୟ ଶୁଟିଂ ଚାମ୍ପିୟନଶିପ୍‌ରେ ଓଡ଼ିଶାର ଶ୍ରୀୟଙ୍କା ଷଡ଼ଙ୍ଗୀ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଏମବିଏ ଛାତ୍ରୀ ଶ୍ରୀୟଙ୍କା ପ୍ରତିଯୋଗିତାରେ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ଏହି ସଫଳତା ପାଇଁ ଶ୍ରୀୟଙ୍କାଙ୍କୁ କିଟ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।

# ଝାଡ଼ଖଣ୍ଡ ୟୁନିୟନ ସ୍ପୋର୍ଟିଂ ଚାମ୍ପିୟନ

**ଧର୍ମଶାଳା,୧୫।୧୧(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଜାରକା ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଧର୍ମଶାଳା ମହୋତ୍ସବ ପଡ଼ିଆରେ ୧୦ମ ସିକୁ କପ୍ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଫାଇନାଲରେ ଓଡ଼ିଶା ପୋଷ୍ଟାଲ ସର୍ଭିସକୁ ୮ ଉଇକେଟ୍‌ରେ ହରାଇ ୟୁନିୟନ ସ୍ପୋର୍ଟିଂ ଝାଡ଼ଖଣ୍ଡ ଚାମ୍ପିୟନ ହୋଇଛି। ଓଡ଼ିଶା ପୋଷ୍ଟାଲ ସର୍ଭିସ୍ ପ୍ରଥମେ ବ୍ୟାଟିଂ କରି ୨୮.୨ ଓଭରରେ ସମସ୍ତ ଉଇକେଟ୍ ହରାଇ ୨୦୯ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅନୁରାଗ ଷଡ଼ଙ୍ଗୀ ୮୫ ଓ ରାଜେସ ସେଠୀ ୩୭ ରନ୍ କରିଥିଲେ। ବିପକ୍ଷ ଝାଡ଼ଖଣ୍ଡ ଦଳର ରୋନୀ ଯାଦବ ଓ ହର୍ଷା ସିଂ ୩ଟି ଲେଖାଏଁ ଉଇକେଟ୍ ପାଇଥିଲେ। ଜବାବରେ ୟୁନିୟନ ସ୍ପୋର୍ଟିଂ ଝାଡ଼ଖଣ୍ଡ ୧୪.୨ ଓଭର୍‌ରେ ୨ ଉଇକେଟ୍ ହରାଇ ୨୧୦ ରନ୍ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଅବିନାଶ ଯାଦବ ଅପରାଜିତ ୧୧୮ ରନ୍ ଓ ଅମିତ ସିଂ ୬୮ ରନ୍ କରିଥିଲେ।




ବିଜୟୀ ଦଳକୁ ଅତିଥିମାନେ ଚାମ୍ପିୟନ ଟ୍ରଫି ପ୍ରଦାନ କରୁଛନ୍ତି।

**ସିକୁ କପ୍ କ୍ରିକେଟ ଉଦ୍‌ଯାପିତ**

ବିପକ୍ଷ ଦଳର ଆଶିଷ ପ୍ରଧାନ ଓ ସେକ୍ ସଲମାନ ଗୋଟିଏ ଲେଖାଏଁ ଉଇକେଟ୍ ପାଇଥିଲେ। ପ୍ରାଣନାଥ ଜେନା ଓ ଆଶୁତୋଷ ପାଣି ଖେଳ ପରିଚାଳନା କରିଥିଲେ। ସ୍କୋର୍‌ରେ ଶୁଭ୍ରଜିତ ଦାସ ଓ ଚିତ୍ତରଞ୍ଜନ ମହାନ୍ତି ସହାୟତା କରିଥିଲେ। ଅବିନାଶ ଯାଦବଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଓ ଅମିତ ସିଂହଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ ଘୋଷଣା କରାଯାଇଥିଲା। ଅନୁଷ୍ଠାନର ଉପଦେଷ୍ଟା ବିଜୟ କୁମାର ଶତପଥୀଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଚଳଚ୍ଚିତ୍ର ଅଭିନେତ୍ରୀ ଅର୍ଚ୍ଚିତା ସାହୁ, ସମ୍ମାନିତ ଅତିଥି ଭାବେ ଧର୍ମଶାଳା ବ୍ଲକ ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଯୋଗଦେଇ ବିଜୟୀ ଦଳକୁ ଚାମ୍ପିୟନ ଟ୍ରଫି ଓ ଓଡ଼ିଶା ପୋଷ୍ଟାଲ ସର୍ଭିସ ଟିମକୁ ରନର୍ସ ଅପ୍ ଟ୍ରଫି ପ୍ରଦାନ କରିଥିଲେ।

### ସୟଦ ମୁସ୍ତାକ ଅଲ୍ଲୀ ଟି୨୦ କ୍ରିକେଟ

# ଓଡ଼ିଶାର ଅଭିଯାନ ଶେଷ

**କଟକ ଅଫିସ,୧୫।୧୧**

ଚଳିତ ସୟଦ ମୁସ୍ତାକ ଅଲ୍ଲୀ ଟି୨୦ ଟୁର୍ନାମେଣ୍ଟରେ ଓଡ଼ିଶାର ଅଭିଯାନ ଶେଷ ହୋଇଛି। ଦଳ ୬ଟି ମ୍ୟାଚ୍‌ରୁ ୧୨ ପଏଣ୍ଟ ହାସଲ କରି ଏଲିଟ୍ ଗ୍ରୁପ-ଇ ପଏଣ୍ଟ ଟେବୁଲର ୬ଷ୍ଠ ସ୍ଥାନରେ ରହିଛି। ହାତରେ ଗୋଟିଏ ମ୍ୟାଚ୍ ବାକି ରହିଛି। ଏହି ମ୍ୟାଚ୍ ଜିତିଲେ ମଧ ଦଳ ପରବର୍ତ୍ତୀ ରାଉଣ୍ଡକୁ ଉତ୍ତୀର୍ଣ୍ଣ ହେବାର ସମ୍ଭାବନା ନାହିଁ। ସୁରଟର ସି.ବି ପଟେଲ ଗ୍ରାଉଣ୍ଡରେ ଶୁକ୍ରବାର ଖେଳାଯାଇଥିବା ମ୍ୟାଚରେ ଓଡ଼ିଶା ୬ ଉଇକେଟରେ ଗୁଜରାଟଠାରୁ ପରାସ୍ତ ହୋଇଛି। ପ୍ରତିଯୋଗିତାରେ ତିଷ୍ଠି ରହିବା ପାଇଁ ଏହି ମ୍ୟାଚ୍ ରାଜ୍ୟ ଦଳ ନିମନ୍ତେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା।

ଟସ୍ ଜିତି ଓଡ଼ିଶା ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଦୁର୍ବଳ ବ୍ୟାଟିଂ ପ୍ରଦର୍ଶନ ଯୋଗୁ ଦଳ ୧୮.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୦୧ରନ କରିଥିଲା। ଶୁଭ୍ରାଂଶୁ ସେନାପତି ୩୨, ବିପ୍ଳବ ସାମନ୍ତରାୟ ୩୧ ଓ ଅଧିନାୟକ ଗୋବିନ୍ଦ ପୋଦ୍ଦାର ୧୩ରନ କରିଥିବା ବେଳେ ଅନ୍ୟ କେହି ଖେଳାଳି ଦୁଇ ଅଙ୍କ ଛୁଇଁପାରି ନ ଥିଲେ। ସନ୍ଦୀପ ପଟ୍ଟନାୟକ ୨, ଅଭିଷେକ ରାଉତ ୭, ଅଙ୍କିତ ଯାଦବ ୬, ପ୍ରବୀଣ ଲୁହା ୧, ସୂର୍ଯ୍ୟକାନ୍ତ ପ୍ରଧାନ ୨, ରାଜେଶ ମହାନ୍ତି ୪, ଦେବବ୍ରତ ପ୍ରଧାନ ୩ରନ ଏବଂ ପପୁ ରାୟ ଖାତା ଖୋଲିପାରି ନ ଥିଲେ। ଗୁଜରାଟ ପକ୍ଷରୁ ବାମହାତୀ ପେସ ବୋଲର ବିପିନ ଭାଇ କାଲାରିଆ ଓ ଅନ୍ତର୍ଜାତୀୟ ତାରକା ଖେଳାଳି ପୀୟୂଷ ଚାୱଲା ୩ଟି ଲେଖାଏ ଉଇକେଟ ଦଖଲ କରିଥିଲେ। ଅକ୍ଷର ପଟେଲଙ୍କୁ ଗୋଟିଏ ଉଇକେଟ ମିଳିଥିଲା। ଭାର୍ଗବ ମେରାଇଙ୍କ ୪୮ରନ ସହାୟତାରେ ଗୁଜରାଟ ୬ ଉଇକେଟ ବାକି ରଖି ବିଜୟ ଲକ୍ଷ୍ୟ ହାସଲ କରିଥିଲା। ପ୍ରଥମ ଓଭରରେ ଗୁଜରାଟ ଅଧିନାୟକ ପାର୍ଥିବ ପଟେଲ ରାଜେଶ ମହାନ୍ତିଙ୍କ ଶିକାର ହୋଇଥିଲେ। ୩ ରନ କରିଥିବା ବେଳେ ସନ୍ଦୀପ ପଟ୍ଟନାୟକଙ୍କ ହାତରେ ପାର୍ଥିବ କ୍ୟାଚ୍ ଆଉଟ ହୋଇଥିଲେ। ଦ୍ୱିତୀୟ ଓଭରରେ ଖାତା ଖୋଲିବା ପୂର୍ବରୁ ଉର୍ଭିଲ ପଟେଲ ଦେବବ୍ରତ ପ୍ରଧାନଙ୍କ ଦ୍ୱାରା ଆଉଟ ହୋଇଥିଲେ। ୫ ରନରେ ୨ଟି ଉଇକେଟ ହରାଇଥିଲେ ମଧ ପ୍ରିୟଙ୍କ ପାଞ୍ଚାଲ-ଭାର୍ଗବ ୩ୟ ଉଇକେଟରେ ୬୩ରନ ଯୋଡ଼ି ଦଳକୁ ବିଜୟ ଆଡକୁ ଅଗ୍ରସର କରାଇଥିଲେ। ପାଞ୍ଚାଲ ୩୭ ରନରେ ଅଭିଷେକଙ୍କ ଦ୍ୱାରା ଆଉଟ ହୋଇଥିଲେ। ପରେ କ୍ରିଜକୁ ଆସିଥିବା ଅକ୍ଷର ପଟେଲ ୦ରନରେ ଗୋବିନ୍ଦଙ୍କ ଶିକାର ହୋଇଥିଲେ। ଚିରାଗ ଗାନ୍ଧୀ(୧୩ରନ) ଓ ଭାର୍ଗବ ଅପରାଜିତ ରହି ଦଳକୁ ଜିତାଇଥିଲେ। ଓଡ଼ିଶା ପକ୍ଷରୁ ରାଜେଶ, ସୂର୍ଯ୍ୟକାନ୍ତ, ଅଭିଷେକ ଓ ଗୋବିନ୍ଦ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



“ନିଜସ୍ୱ ଯୋଜନା କାର୍ଯ୍ୟକାରୀ କରିବା ଲାଗି ସ୍ୱାଧୀନତା ମିଳିବ ନାହିଁ ବୋଲି ମୁଁ କ୍ରିକେଟ ସାଉଥ୍ ଆଫ୍ରିକାର ନିର୍ଦ୍ଦେଶକ ପଦବୀ ଦୌଡ଼ରୁ ଓହରିଯାଉଛି ।

–ଗ୍ରେମ୍ ସ୍ମିଥ୍, ଦକ୍ଷିଣ ଆଫ୍ରିକାର ପୂର୍ବତନ ଅଧିନାୟକ



“ବାର୍ସିଲୋନାରେ ଖେଳିବା ପାଇଁ ସ୍ପେନ ଜାତୀୟ ଫୁଟ୍‌ବଲ ଦଳ ଲାଗି ଏପର୍ଯ୍ୟନ୍ତ ଅନୁକୂଳ ପରିବେଶ ସୃଷ୍ଟି ହୋଇ ନାହିଁ ।

–ସର୍ଗିଓ ରାମୋସ, ସ୍ପେନ ଅଧିନାୟକ

## ସଂକ୍ଷେପରେ

### ବ୍ରାଡ୍‌ମ୍ୟାନଙ୍କୁ ପଛରେ ପକାଇଲେ ଅଗ୍ରୱାଲ

ଇନ୍ଦୋର,୧୫।୧୧- ଖୁବ କମ୍ ଇନିଂସ ଖେଳି ଦ୍ୱିତୀୟ ଦ୍ୱିଶତକ ଅର୍ଜନ କରିବାରେ ଫାଦର ଅଫ୍ କ୍ରିକେଟ ଭାବେ ଜଣାଶୁଣା ଅଷ୍ଟ୍ରେଲିଆର କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ଡନ ବ୍ରାଡମ୍ୟାନଙ୍କୁ ପଛରେ ପକାଇ ଦେଇଛନ୍ତି ଭାରତୀୟ ଓପନର ମୟଙ୍କ ଅଗ୍ରୱାଲ। ବ୍ରାଡମ୍ୟାନ ୧୩ତମ ଇନିଂସରେ କ୍ୟାରିୟରର ଦ୍ୱିତୀୟ ଦ୍ୱିଶତକ ହାସଲ କରିଥିଲେ। କିନ୍ତୁ ମୟଙ୍କ ୧୨ତମ ଇନିଂସରେ ଏହି ସଫଳତା ପାଇଛନ୍ତି। ତେବେ ଏହି ବିଶ୍ୱ ରେକର୍ଡ ସଚିନ ତେନ୍ଦୁଲକରଙ୍କ ପିଲାବେଳର ସାଙ୍ଗ ବିନୋଦ କାମ୍ବଲିଙ୍କ ନାମରେ ରହିଛି। ସେ ମାତ୍ର ୫ମ ଇନିଂସରେ ଏହି ସଫଳତା ପାଇଥିଲେ।

### ରେଖାଡେଙ୍କ ସ୍ଥାନରେ ଶୁଭମ ଶର୍ମା

ନୂଆଦିଲ୍ଲୀ, ୧୫।୧୧ (ପି.ଟି.)- ବାଂଲାଦେଶରେ ଚାଲିଥିବା ଇମର୍ଜିଂ ଟିମ୍ସ ଏସିଆ କପ୍‌ରେ ଭାରତର ୨୩ ବର୍ଷରୁ କମ୍ କ୍ରିକେଟ ଦଳରେ ଗୋଟିଏ ପରିବର୍ତ୍ତନ କରାଯାଇଛି। ଶୁକ୍ରବାର ଆଘାତପ୍ରାପ୍ତ ପାର୍ଥ ରେଖାଡେଙ୍କ ସ୍ଥାନରେ ଅଲରାଉଣ୍ଡର ଶୁଭମ ଶର୍ମାଙ୍କୁ ଦଳରେ ସାମିଲ କରାଯାଇଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ତରଫରୁ ଏକ ପ୍ରେସ୍ ବିଜ୍ଞପ୍ତିରେ ଏ ବିଷୟରେ ସୂଚନା ଦିଆଯାଇଛି। ଗୁରୁବାର ବାଂଲାଦେଶର କିରିରା ଶିକ୍ଷା ପ୍ରତିଷ୍ଠାନ ଗ୍ରାଉଣ୍ଡ-୩ରେ ନେପାଳ ବିପକ୍ଷ ଗ୍ରୁପ୍ ବି’ ମ୍ୟାଚ ବେଳେ ତାଙ୍କ ୪ର୍ଥ ଓଭର ବୋଲିଂ ବେଳେ ତାଙ୍କ କନିଷ୍ଠାଙ୍ଗୁଳିରେ ଆଘାତ ଲାଗିଥିଲା। ଭାରତ ଏହି ମ୍ୟାଚ ୭ ଉଇକେଟରେ ବିଜୟ ଲାଭ କରିଥିଲା। ଦଳ ଏହାର ପରବର୍ତ୍ତୀ ମ୍ୟାଚ ଶନିବାର ବାଂଲାଦେଶ ବିପକ୍ଷରେ ଖେଳିବ। ଡାହାଣହାତୀ ଅଫ୍ ସ୍ପିନର ଶୁଭମ ଘରୋଇ ଟୁର୍ନାମେଣ୍ଟରେ ମଧ ପ୍ରଦେଶ ତରଫରୁ ପ୍ରତିନିଧିତ୍ୱ କରିଥାନ୍ତି। ସେ ୨୯ ପ୍ରଥମଶ୍ରେଣୀ ମ୍ୟାଚ ଏବଂ ୧୨ ଏ’ ଲିଷ୍ଟ୍ ମ୍ୟାଚ ଖେଳିଛନ୍ତି।

### ଏଏଫ୍‌ସି ପ୍ଲେୟର ଅଫ୍ ଦି ଇୟର ଦୌଡ଼ରେ ଆଶାଲତା

କୁଆଲାଲମ୍ପୁର, ୧୫।୧୧ (ପି.ଟି.)- ଡିସେମ୍ବର ୨ରେ ହଂକଂସ୍ଥିତ କନ୍‌ଭେନ୍‌ଶନ ଆଣ୍ଡ୍ ଏକ୍‌ଜିବିଶନ ସେଣ୍ଟରରେ ଏଏଫ୍‌ସି (ଏସିଆନ ଫୁଟ୍‌ବଲ କନ୍‌ଫେଡେରେଶନ) ବାର୍ଷିକ ପୁରସ୍କାର ଉତ୍ସବ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଭାରତୀୟ ମହିଳା ଫୁଟ୍‌ବଲ ଦଳର ଅଧିନାୟିକା ଆଶାଲତା ଦେବୀଙ୍କ ନାମ ଏଏଫ୍‌ସି ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ପାଇଁ ସୁପାରିସ ହୋଇଛି। ଇମ୍ଫାଲର ଏହି ୨୬ ବର୍ଷୀୟା ଫୁଟ୍‌ବଲର ୨୦୧୯ ସାଫ୍ ଚାମ୍ପିୟନଶିପ୍ ଟାଇଟଲ ହାସଲ କରିଛନ୍ତି। ଏହାଛଡ଼ା ତାଙ୍କ ନେତୃତ୍ୱରେ ଭାରତ ଅଲିମ୍ପିକ ୨୦୨୦ କ୍ୱାଲିଫାୟର୍ସ ୨ୟ ରାଉଣ୍ଡରେ ପ୍ରବେଶ କରିଥିଲା। ଏହି ଡିଫେଣ୍ଡରଙ୍କ ସହାୟତାରେ ତାଙ୍କ କ୍ଲବ ସେଥୁ ଏଫ୍‌ସି ଭାରତୀୟ ମହିଳା ଲିଗ୍ ଚାମ୍ପିୟନ ହୋଇଥିଲା। ଏହି ପ୍ରଦର୍ଶନକୁ ଭିତ୍ତି କରି ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ଆଶାଲତାଙ୍କ ନାମ ୨୦୧୮-୨୦୧୯ ସିଜନ ପାଇଁ ବର୍ଷର ଶ୍ରେଷ୍ଠ ମହିଳା ଖେଳାଳି ପୁରସ୍କାର ପାଇଁ ସୁପାରିସ କରିଛି। ମହିଳା ବିଭାଗରେ ଚାଇନାର ଲି’ ୟିଙ୍ଗଙ୍କ ନାମ ମଧ ସୁପାରିସ ହୋଇଛି। ସେ ଫିଫା ମହିଳା ବିଶ୍ୱକପ୍ ଫ୍ରାନ୍ସ ୨୦୧୯ ଟିମ୍‌ର ଅଂଶବିଶେଷ ଥିଲେ। ଜାପାନ ଅଧିନାୟିକା ସାକି କୁମାଗାଇଙ୍କ ନାମ ମଧ ଏଏଫ୍‌ସି ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ପାଇଁ ସୁପାରିସ ହୋଇଛି।

# ଅଗ୍ରୱାଲଙ୍କ ଦ୍ୱିଶତକ: ଭାରତର ବୃହତ୍ ସ୍କୋର



ମୟଙ୍କ ଅଗ୍ରୱାଲ

ଇନ୍ଦୋର,୧୫।୧୧(ପି.ଟି.)

ଓପନର ମୟଙ୍କ ଅଗ୍ରୱାଲଙ୍କ ଦ୍ୱିଶତକ ସହାୟତାରେ ଭାରତ ଏଠାରେ ଚାଲିଥିବା ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଇନିଂସରେ ବୃହତ୍ ସ୍କୋର ହାସଲ କରିବା ସହ ସ୍ଥିତି ଦୃଢ଼ କରିଛି। ବାଂଲାଦେଶର ପ୍ରଥମ ଇନିଂସ ସ୍କୋର ୧୫୦ ରନର ଜବାବରେ ଭାରତ ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୧୧୪ ଓଭରରେ ୬ ଉଇକେଟ ହରାଇ ୪୯୩ ରନ ସଂଗ୍ରହ କରିଛି। ମ୍ୟାଚ୍ ଆଉ ୩ ଦିନ ବାକିଥିବା ବେଳେ ଭାରତ ୪ ଉଇକେଟ ହାତରେ ରଖି ୩୪୩ ରନର ବୃହତ୍ ଅଗ୍ରଣୀ ହାସଲ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ୬୦ ଓ ଉମେଶ ଯାଦବ ୨୫ ରନ କରି ଅପରାଜିତ ରହିଛନ୍ତି।

ପ୍ରଥମ ଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୮୬/୧ରୁ ଭାରତ ଖେଳ ଆରମ୍ଭ କରିଥିଲା। ଓଭରନାଇଟ ବ୍ୟାଟ୍ସମ୍ୟାନ ମୟଙ୍କ ଓ ଟେଷ୍ଟ ସ୍ପେଶାଲିଷ୍ଟ କୁହାଯାଉଥିବା ଚେତେଶ୍ୱର ପୂଜାରା ଯଥାକ୍ରମେ ୩୭ ଓ ୪୩ ରନରୁ ଖେଳ ଆରମ୍ଭ କରିଥିଲେ। ପୂଜାରା ୭୨ ବଲରୁ ୯ ଚୌକା ସହ ୫୪ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଦ୍ରୁତ ବୋଲର ଆବୁ ଜାଏଦଙ୍କ ଚତୁର୍ଥ ସ୍ଲିପ୍‌ରେ ବଦଳ ଖେଳାଳି ସୈଫ ହାସନଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ମୟଙ୍କ ୩୩୦ଟି ବଲର ସମ୍ମୁଖୀନ ହୋଇ ୨୮ ଚୌକା ଓ ୮ ଛକା ସହ ୨୪୩ ରନର ଦ୍ୱିଶତକୀୟ ପାଳି ଖେଳି ଆଉଟ ହେବା ସହ ଅଢ଼େଇଶହ ରନ ହାସଲରୁ ମାତ୍ର ୭ ରନ ପାଇଁ ବଞ୍ଚିତ ହୋଇଥିଲେ। ମୟଙ୍କ ଅଫ୍ ସ୍ପିନର ମେହେଦୀ ହାସନ ମିରାଜଙ୍କ ବଲକୁ ସୁଇପ୍ କରିବାକୁ ଯାଇ ମିଡ୍ ଉଇକେଟରେ ଆବୁ ଜାଏଦଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ମିରାଜଙ୍କ ମିଡଲ ଷ୍ଟମ୍ପ ଉପର ବଲ୍‌କୁ ୱାଇଡ୍ ଲଙ୍ଗଅନ୍ ଉପର ଦେଇ ଏକ ଲମ୍ବା ଛକା ମାରି ମୟଙ୍କ ୨୦୦ ରନ ପୂରଣ କରିଥିଲେ। ପୂଜାରା ଓ ମୟଙ୍କ ଦ୍ୱିତୀୟ ଉଇକେଟରେ ୯୧ ରନ ସଂଗ୍ରହ କରିଥିଲେ। ମୟଙ୍କ ଏଥିସହିତ କ୍ୟାରିୟରର ତୃତୀୟ ଶତକ ଓ କ୍ୟାରିୟରର ଶ୍ରେଷ୍ଠ ଦ୍ୱିତୀୟ ଦ୍ୱିଶତକ ହାସଲ କରିଛନ୍ତି। ପୂଜାରାଙ୍କ ପରେ ଭାରତୀୟ ଅଧିନାୟକ ବିରାଟ କୋହଲି ଖାତା ଖୋଲିବା ପୂର୍ବରୁ ଆବୁ ଜାଏଦଙ୍କ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ହୋଇ ଚକ୍‌ମା ଖାଇଥିଲେ। ଏହାପରେ ବ୍ୟାଟିଂ କରିବାକୁ ଆସି ଅଜିଙ୍କ୍ୟ ରାହାନେ ଆବୁ ଜାଏଦଙ୍କ ବଲ୍‌ରେ ଡିପ୍‌ରେ ତାଇଜୁଲ ଇସ୍‌ଲାମଙ୍କୁ କ୍ୟାଚ୍ ଦେଇ ଆଉଟ ହେବା ପୂର୍ବରୁ ୮୬ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଚତୁର୍ଥ ଉଇକେଟରେ ରାହାନେ ଓ ମୟଙ୍କ ୧୯୦ ରନ ସଂଗ୍ରହ କରି ପ୍ରତିପକ୍ଷ ବୋଲରଙ୍କୁ ନିରାଶ କରିବା ସହ ଭାରତର ସ୍ଥିତି ଦୃଢ଼ କରିଥିଲେ। ରାହାନେଙ୍କ ପରେ ମୟଙ୍କ ଆଉଟ ହୋଇଥିଲେ। ଏହାପରେ ଉଇକେଟକିପର ବ୍ୟାଟ୍ସମ୍ୟାନ ଋଦ୍ଧିମାନ ଶାହ ମାତ୍ର ୧୨ ରନ କରି ପ୍ୟାଭିଲିୟନ ଫେରିଥିଲେ। ଆଉଟ ହେବା ପୂର୍ବରୁ ମୟଙ୍କ ପଞ୍ଚମ ଉଇକେଟରେ ଜାଡେଜାଙ୍କ ସହ ୧୨୩ ରନ ସଂଗ୍ରହ କରିଥିଲେ। ଖେଳ ଶେଷ ଆଡକୁ ଜାଡେଜା, ଶାହା ଓ ଉମେଶ ଦ୍ରୁତ ଗତିରେ ରନ ସଂଗ୍ରହ କରିବାକୁ ପ୍ରୟାସ କରିଥିଲେ। ସପ୍ତମ ଉଇକେଟରେ ଜାଡେଜା ଓ ଉମେଶ ୧୯ ବଲରୁ ଅପରାଜିତ ୩୯ ରନ ସଂଗ୍ରହ କରିଥିଲେ। ମାତ୍ର ୧୦ଟି ବଲ୍‌ର ସମ୍ମୁଖୀନ ହୋଇ ୧ ଚୌକା ଓ ୩ ଛକା ସହ ଉମେଶ ୨୫ ରନ, ଜାଡେଜା ୭୬ ବଲରୁ ୬ ଚୌକା ଓ ୨ ଛକା ସହ ୬୦ ରନ କରି ଅପରାଜିତ ରହିଥିଲେ। ଭାରତ ଦ୍ୱିତୀୟ ଦିବସରେ ୪.୩୨ ହାରରେ ଦ୍ରୁତ ଗତିରେ ରନ ସଂଗ୍ରହ କରି ୪୦୭ ରନ ସଂଗ୍ରହ କରିଥିଲା। ବୋଲିଂରେ ବାଂଲାଦେଶ ତରଫରୁ ଅବୁ ଜାଏଦ ସର୍ବାଧିକ ୪, ଇବାଦତ ହୋସେନ ଓ ମେହିଦି ହାସନ ମିରାଜ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ବଂଲାଦେଶ ପ୍ରଥମ ଇନିଂସ- ୫୮.୩ ଓଭରରେ ୧୫୦ ଅଲଆଉଟ୍।

ଭାରତ ପ୍ରଥମ ଇନିଂସ- ୧୧୪ ଓଭରରେ ୪୯୩/୬ (ମୟଙ୍କ- ୨୪୩, ରାହାନେ- ୮୬, ଜାଡେଜା- ୬୦*, ପୂଜାରା- ୫୪, ଆବୁ ଜାଏଦ- ୪/୧୦୮, ଇବାଦତ- ୧/୧୧୫, ମିରାଜ- ୧/୧୨୫)।

ଇନ୍ଦୋର ଟେଷ୍ଟ

**ଭାରତୀୟ ଓପନରଙ୍କ ଦ୍ୱାରା ସର୍ବାଧିକ ଦ୍ୱିଶତକ**

- ୬ ବୀରେନ୍ଦ୍ର ସେହ୍ୱାଗ
- ୩ ସୁନୀଲ ଗାଭାସ୍କର
- ୨ ବିନୁ ମଙ୍କଡ/ୱାସିମ ଜାଫର/ମୟଙ୍କ ଅଗ୍ରୱାଲ

**ବାଂଲାଦେଶ ବିପକ୍ଷରେ ଭାରତୀୟଙ୍କ ବ୍ୟକ୍ତିଗତ ସର୍ବାଧିକ ସ୍କୋର**

| | | | |
|---|---|---|---|
| ୨୪୮* | ସଚିନ ତେନ୍ଦୁଲକର | ଢାକା | ୨୦୦୪/୦୫ |
| ୨୪୩ | ମୟଙ୍କ ଅଗ୍ରୱାଲ | ଇନ୍ଦୋର | ୨୦୧୯/୨୦ |
| ୨୦୪ | ବିରାଟ କୋହଲି | ହାଇଦ୍ରାବାଦ | ୨୦୧୬/୧୭ |
| ୧୭୩ | ଶିଖର ଧାୱନ | ଫତୁଲ୍ଲା | ୨୦୧୫ |
| ୧୬୦ | ରାହୁଲ ଦ୍ରାବିଡ୍ | ଚଟ୍ଟୋଗ୍ରାମ | ୨୦୦୪/୦୫ |

**ଗୋଟିଏ ଦିନରେ ସର୍ବାଧିକ ବ୍ୟକ୍ତିଗତ ସ୍କୋର (ଭାରତ)**

| | | | | |
|---|---|---|---|---|
| ୨୮୪ | ବୀରେନ୍ଦ୍ର ସେହ୍ୱାଗ | ବନାମ ଶ୍ରୀଲଙ୍କା | ମୁମ୍ବାଇ ବିଏସ | ୨୦୦୯/୧୦ |
| ୨୫୭ | ବୀରେନ୍ଦ୍ର ସେହ୍ୱାଗ | ବନାମ ଦକ୍ଷିଣ ଆଫ୍ରିକା | ଚେନ୍ନାଇ | ୨୦୦୭/୦୮ |
| ୨୩୨ | କରୁନ ନାୟାର | ବନାମ ଇଂଲଣ୍ଡ | ଚେନ୍ନାଇ | ୨୦୧୬/୧୭ |
| ୨୨୮ | ବୀରେନ୍ଦ୍ର ସେହ୍ୱାଗ | ବନାମ ପାକିସ୍ତାନ | ମୁଲତାନ | ୨୦୦୩/୦୪ |
| ୨୦୬ | ମହେନ୍ଦ୍ର ସିଂ ଧୋନୀ | ବନାମ ଅଷ୍ଟ୍ରେଲିଆ | ଚେନ୍ନାଇ | ୨୦୧୨/୧୩ |
| ୨୦୬ | ମୟଙ୍କ ଅଗ୍ରୱାଲ | ବନାମ ବାଂଲାଦେଶ | ଇନ୍ଦୋର | ୨୦୧୯/୨୦ |

## ଧୋନୀଙ୍କ ଟ୍ରେନିଂ ଆରମ୍ଭ

ନୂଆଦିଲ୍ଲୀ,୧୫।୧୧(ପି.ଟି.)

ପୂର୍ବତନ ଭାରତୀୟ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ରାଞ୍ଚିଠାରେ ଅଭ୍ୟାସ ଆରମ୍ଭ କରିଛନ୍ତି। ଚଳିତବର୍ଷ ଇଂଲଣ୍ଡରେ ଅନୁଷ୍ଠିତ ଆଇସିସି ବିଶ୍ୱକପ୍‌ରୁ ଭାରତୀୟ ଦଳ ଫେରିବା ପରଠାରୁ ଧୋନୀଙ୍କ ଭବିଷ୍ୟତ ନେଇ ଅନିଶ୍ଚିତତା ଲାଗି ରହିଛି। ମାତ୍ର ଧୋନୀ ଅଭ୍ୟାସ ଆରମ୍ଭ କରିଥିବାରୁ ଶୀଘ୍ର ଜାତୀୟ ଦଳକୁ ଫେରିବା ନେଇ ଆଶା କରାଯାଉଛି। କିନ୍ତୁ ଆଗାମୀ ୱେଷ୍ଟଇଣ୍ଡିଜ ବିପକ୍ଷ ସୀମିତ ଓଭର ସିରିଜ୍‌ରେ ସେ ନ ଖେଳି ପାରନ୍ତି। କାରଣ ଏ ସମ୍ପର୍କରେ ବିସିସିଆଇ ଅଫିସିଆଲ ଶୁକ୍ରବାର କହିଛନ୍ତି, ସେ ୱେଷ୍ଟଇଣ୍ଡିଜ ସିରିଜ୍ ଲାଗି ଉପଲବ୍ଧ ହୋଇନାହାନ୍ତି। ଧୋନୀଙ୍କ ଅନୁପସ୍ଥିତିରେ ଯୁବ ଉଇକେଟକିପର ଋଷଭ ପନ୍ତଙ୍କୁ ପ୍ରାୟତଃ ଖେଳିବାକୁ ସୁଯୋଗ ଦିଆଯାଉଛି। ଅନ୍ୟପକ୍ଷରେ ପ୍ରସାରଣକାରୀ ଚ୍ୟାନେଲ ପକ୍ଷରୁ କୋଲକାତାରେ ହେବାକୁ ଥିବା ପ୍ରଥମ ଦିବାରାତ୍ର ମ୍ୟାଚ୍‌ରେ ଧୋନୀଙ୍କୁ କମେଣ୍ଟ୍ରି କରିବାକୁ ପ୍ରସ୍ତାବ ଦିଆଯାଇଛି। କିନ୍ତୁ ବର୍ତ୍ତମାନ ସ୍ଥିତି ଅନୁଯାୟୀ, ଧୋନୀ କମେଣ୍ଟ୍ରି କରିବା ଦ୍ୱାରା ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ (କନଫ୍ଲିକ୍ଟ ଅଫ୍ ଇଣ୍ଟରେଷ୍ଟ) ସୃଷ୍ଟି ହୋଇପାରେ।

## ବିଶ୍ୱ ପାରା ଗେମ୍ସ: ଶରଦଙ୍କୁ ରୌପ୍ୟ, ମାରିୟାପ୍ପାନଙ୍କୁ ବ୍ରୋଞ୍ଜ

ଦୁବାଇ,୧୫।୧୧(ପି.ଟି.)

ଭାରତୀୟ ପାରା ଆଥ୍‌ଲେଟ ହାଇଜମ୍ପର ଶରଦ କୁମାର ଓ ମାରିୟାପ୍ପାନ ଥାଙ୍ଗାଭେଲୁ ଆଗାମୀ ବର୍ଷ ପାରାଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଉଭୟେ ଯଥାକ୍ରମେ ବିଶ୍ୱ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି। ଦୁଇ ଥର ଏସିଆନ ପାରା ଗେମ୍ସ ଚାମ୍ପିୟନ ଶରଦ କୁମାର ଚଳିତ ସିଜନର ଶ୍ରେଷ୍ଠ ପ୍ରଦର୍ଶନ ୧.୮୩ ମିଟର ଉଚ୍ଚତା ହାସଲ କରି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ରିଓ ପାରାଅଲିମ୍ପିକ୍ ସ୍ୱର୍ଣ୍ଣ ପଦକଧାରୀ ମାରିୟାପ୍ପାନ ୧.୮୦ ମିଟର ଉଚ୍ଚତାର ଲମ୍ଫ ଦେଇଥିଲେ। ଏହି ଇଭେଣ୍ଟ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ସାମ ଗ୍ରେୱେ। ସେ ସର୍ବାଧିକ ୧.୮୬ ମି. ଉଚ୍ଚତା ହାସଲ କରିଥିଲେ। ପୂର୍ବରୁ ଲାଲ ବିନୟ କୁମାର ୪୦୦ ମି. ଟି୪୪ ଇଭେଣ୍ଟରେ ବ୍ରୋଞ୍ଜ ପଦକ ପାଇଥିଲେ।

## ସିରିଜ୍ ଜିତିଲା ଭାରତ

ଗୁଏନା,୧୫।୧୧

ପ୍ରଥମେ ବୋଲର ଓ ପରେ ଜେମିମା ରୋଡ୍ରିଗୁଏଜଙ୍କ ଜବରଦସ୍ତ ପ୍ରଦର୍ଶନ ବଳରେ ଏଠାରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଶୁକ୍ରବାର ଖେଳାଯାଇଥିବା ୩ୟ ଟି୨୦ ମ୍ୟାଚ୍‌କୁ ଭାରତୀୟ ମହିଳା ଦଳ ୭ ଉଇକେଟରେ ନେଇଛି। ଫଳରେ ଚଳିତ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ଭାରତୀୟ ଦଳ ୩-୦ରେ ଆଗୁଆ ହାତେଇ ନେଇଛି। ସିରିଜ୍‌ର ଚତୁର୍ଥ ମ୍ୟାଚ୍ ସମାନ ଭେନ୍ୟୁରେ ରବିବାର ଖେଳାଯିବ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ ଦଳ ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଏଭଳି ପରିସ୍ଥିତିରୁ ଦଳକୁ କୌଣସି ବ୍ୟାଟ୍ସଓମ୍ୟାନ ଉଦ୍ଧାର କରିପାରି ନ ଥିଲେ। ଫଳରେ ଦଳ ଧାର୍ଯ୍ୟ ୨୦ ଓଭରରେ ୯ ଉଇକେଟ ହରାଇ ମାତ୍ର ୫୯ ରନ୍ କରିଥିଲା। ଦଳ ପାଇଁ କେବଳ ଚେଡିନ ନ୍ୟାଶନ (୧୧) ଓ ଚିନେଲେ ହେନ୍‌ରୀ (୧୧)ଙ୍କ ବ୍ୟତୀତ କୌଣସି ବ୍ୟାଟ୍ସଓମ୍ୟାନ ଦୁଇ ଅଙ୍କ ସ୍କୋର କରିପାରି ନ ଥିଲେ। ଇନିଂସରେ ମାତ୍ର ଗୋଟିଏ ଛକା ଓ ଦୁଇଟି ଚୌକା ଦେଖିବାକୁ ମିଳିଥିଲା। ଭାରତୀୟ ବୋଲରଙ୍କ ମଧ୍ୟରେ ରାଧା ଯାଦବ ଓ ଦୀପ୍ତି ଶର୍ମା ୨ ଲେଖାଏ ଉଇକେଟ ନେଇଥିଲେ। ସେହିଭଳି ଅନୁଜା ପାଟିଲ, ପୂଜା, ପୁନମ ଯାଦବ ଓ ଅଧିନାୟକ ହରମନପ୍ରୀତ କୌର ପ୍ରତ୍ୟେକ ଗୋଟିଏ କରି ଉଇକେଟ ହାସଲ କରିଥିଲେ। ଛୋଟିଆ ବିଜୟ ଲକ୍ଷ୍ୟ ନେଇ ଓହ୍ଲାଇଥିବା ଟିମ୍ ଇଣ୍ଡିଆକୁ ମଧ ପ୍ରାରମ୍ଭିକ ବିପର୍ଯ୍ୟୟର ସାମ୍ନା କରିବାକୁ ପଡ଼ିଥିଲା। ଦଳ ମାତ୍ର ୩୭ ରନ୍‌ରେ ଶେଫାଳୀ ବର୍ମା (୦), ସ୍ମୃତି ମନ୍ଧାନା (୩) ଓ ହରମନପ୍ରୀତ (୭)ଙ୍କ ଉଇକେଟ ହରାଇ ସାରିଥିଲେ। ଏହାପରେ ରୋଡ୍ରିଗୁଏଜଙ୍କ ଅପରାଜିତ ୪୦ ରନ୍‌ର ଇନିଂସ ଯୋଗୁ ଭାରତୀୟ ଦଳ ୨୦ ବଲ ପୂର୍ବରୁ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଦଳ ୧୬.୪ ଓଭରରେ ୩ ଉଇକେଟ ହରାଇ ୬୦ ରନ୍ କରିଥିଲା।



ଦ୍ୱିଶତକ ହାସଲ ପରେ ମୟଙ୍କ ଅଗ୍ରୱାଲ(ବାମ)ଙ୍କୁ ବାଂଲାଦେଶ ଖେଳାଳିଙ୍କ ବଧେଇ।

## ସେମିରେ ଫେଡରର

ଲଣ୍ଡନ,୧୫।୧୧(ଏଏଫ୍‌ପି)- ରୋଜର ଫେଡରର ଚମତ୍କାର ପ୍ରଦର୍ଶନ କରି ନୋଭାକ ଜୋକୋଭିଚ୍‌ଙ୍କୁ ହରାଇ ଚଳିତ ଏଟିପି ଫାଇନାଲ୍ସ ଟୁର୍ନାମେଣ୍ଟର ସେମିରେ ପ୍ରବେଶ କରିଛନ୍ତି। ଗୁରୁବାର ସ୍ଥାନୀୟ ଓ୨ ଏରିନାଠାରେ ଅନୁଷ୍ଠିତ ମ୍ୟାଚ୍‌କୁ ଫେଡରର ୬-୪, ୬-୩ ସେଟ୍‌ରେ ଜିତି ନେଇଛନ୍ତି। ପରାଜୟ ସହ ଟୁର୍ନାମେଣ୍ଟରେ ଅଭିଯାନ ଆରମ୍ଭ କରିଥିବା ସୁଇଜରଲାଣ୍ଡର ଫେଡରର ଠିକଣା ସମୟରେ ହିଁ ଫର୍ମକୁ ଫେରିଛନ୍ତି।

## କ୍ଲାସିକ୍ ଇନିଂସ

ମହିନ୍ଦର ଅମରନାଥ

ବାଂଲାଦେଶ ଦଳରେ ସିନିୟର ଖେଳାଳିଙ୍କ ଅନୁପସ୍ଥିତି ଟେଷ୍ଟ ସିରିଜ ବେଳକୁ ଅଧିକ ଅନୁଭୂତ ହେବ ବୋଲି ମୁଁ ଟି୨୦ ସିରିଜ ଅବସରରେ ଉଲ୍ଲେଖ କରିଥିଲି। ପ୍ରଥମ ଟେଷ୍ଟର ପ୍ରଥମ ଦୁଇ ଦିବସ ଖେଳରେ ତାହା ପ୍ରମାଣିତ ହୋଇଛି। ଭାରତୀୟ ଦଳ ସତେଜ, ଆକ୍ରମଣାତ୍ମକ ଏବଂ ଲକ୍ଷ୍ୟପଥରେ ରହିଛି। ପେସ୍ ବୋଲିଂ ବିଭାଗ ପୁଣିଥରେ ଦକ୍ଷତା ଦେଖାଇଛନ୍ତି। ଇଶାନ୍ତ ଶର୍ମା ଓ ମହମ୍ମଦ ସାମିଙ୍କ ପ୍ରଦର୍ଶନ ମୋତେ ଅଧିକ ପ୍ରଭାବିତ କରିଛି। ଏକାଧିକ ସୁଯୋଗ ହାତଛଡ଼ା ହୋଇଥିଲେ ହେଁ ଏହା ବାଂଲାଦେଶ ଇନିଂସକୁ ୧୫୦ ଅତିକ୍ରମ କରିବାରେ ସହାୟକ ହୋଇପାରିଲା ନାହିଁ। ବର୍ତ୍ତମାନ ଭାରତୀୟ କ୍ରିକେଟରେ ଖୁସିର ଦିନ ଚାଲିଛି। ଯଶପ୍ରୀତ ବୁମ୍‌ରା ପ୍ରତ୍ୟାବର୍ତ୍ତନ କଲେ ବୋଲିଂ ଆକ୍ରମଣ ଅଧିକ ଶାଣିତ ହେବ। ରବିଚନ୍ଦ୍ରନ ଅଶ୍ୱିନ ମଧ ଟପ୍ ଫର୍ମରେ ଅଛନ୍ତି। ସେ ଚମତ୍କାର ବୋଲିଂ କରି ମ୍ୟାଚକୁ ବାଂଲାଦେଶର ପ୍ରତ୍ୟାବର୍ତ୍ତନ ଯୋଜନାରେ ପାଣି ଭରିଦେବାରେ ସକ୍ଷମ ହୋଇଛନ୍ତି।

ଭ୍ରମଣକାରୀ ଦଳର ଟପ୍ ଅର୍ଡର ବ୍ୟାଟ୍ସମ୍ୟାନମାନେ ଅନେକ ସମୟରେ ଦାୟିତ୍ୱହୀନ ଶଟ୍ ଖେଳୁଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ମୟଙ୍କ ଅଗ୍ରୱାଲ ଉଚ୍ଚସ୍ତରରେ ପୁଣିଥରେ ନିଜ ଦକ୍ଷତାକୁ ପ୍ରମାଣିତ କରିଥିବା ଦେଖି ଖୁସି ଲାଗୁଛି। ସେ ଉଭୟ ଧୈର୍ଯ୍ୟ ଓ ଶଟ୍ ଚୟନରେ ସ୍ଥିରତା ରକ୍ଷା କରି ଏକ କ୍ଲାସିକ୍ ଟେଷ୍ଟ ଇନିଂସ ଖେଳିଲେ। ସେ ଜଣେ ବିଚକ୍ଷଣ ଯୁବ ଖେଳାଳି। ଘରୋଇ କ୍ରିକେଟରେ କ୍ରମାଗତ ରନ ସଂଗ୍ରହ କରିବାପରେ ଏବେ ଅନ୍ତର୍ଜାତୀୟ ସ୍ତରରେ ସଫଳତା ପାଇଚାଲିଛନ୍ତି। ଉଭୟ ରୋହିତ ଶର୍ମା ଓ ବିରାଟ କୋହଲି ଶୀଘ୍ର ଆଉଟ ହୋଇଯିବାରୁ ଅଗ୍ରୱାଲଙ୍କ ପାଇଁ ଯେଉଁ ସୁଯୋଗ ସୃଷ୍ଟି ହୋଇଥିଲା ସେ ତାହାର ଭରପୂର ସଦୁପଯୋଗ କଲେ। ଚେତେଶ୍ୱର ପୂଜାରା, ଅଜିଙ୍କ୍ୟ ରାହାନେ ଓ ରବିଚନ୍ଦ୍ରନ ଅଶ୍ୱିନ ମଧ ଭଲ ଖେଳିଲେ।

ଭାରତ ୩୫୦ରୁ ଊର୍ଦ୍ଧ୍ୱ ରନରେ ଅଗ୍ରଣୀ ହାସଲ କରିଥିବାରୁ ମ୍ୟାଚ ୪ର୍ଥ ଦିନରେ ଶେଷ ହୋଇଯିବାର ଯଥେଷ୍ଟ ସମ୍ଭାବନା ରହିଛି। ଭାରତୀୟ ଦଳରେ କେବଳ କ୍ୟାଚିଂକୁ ନେଇ କିଛିଟା ଚିନ୍ତା ରହିଛି। ମାତ୍ର ଏଥିରୁ ମଧ ବାଂଲାଦେଶ ଫାଇଦା ଉଠାଇପାରିନାହିଁ। ସପୋର୍ଟ ଷ୍ଟାଫ୍ ଏ ଦିଗରେ ନିଶ୍ଚିତ ଧ୍ୟାନ ଦେବେ। ଭାରତ ପୁଣିଥରେ ବ୍ୟାଟିଂ ପାଇଁ ପଡ଼ିଆକୁ ଓହ୍ଲାଇବାପରି ଲାଗୁନି। ତେଣୁ ରୋହିତ ଓ କୋହଲିଙ୍କୁ ଆଉ ସୁଯୋଗ ମିଳି ନ ପାରେ, ଯାହାକି ଇନ୍ଦୋର ଦର୍ଶକଙ୍କୁ ନିରାଶ କରିବ। ତେବେ ଅଗ୍ରୱାଲଙ୍କ ବ୍ୟାଟିଂ ନିଶ୍ଚିତ ଦର୍ଶକଙ୍କ ମନୋରଞ୍ଜନ କରିଥିବ।

(ଗେମ୍‌ପ୍ଲାନ)

#WhatDrivesYou
EXIDE

# ଜୟସ୍ୱାଲଙ୍କ ଶତକ: ଭାରତ ଏ’ ବିଜୟୀ

ହାଇଦ୍ରାବାଦ,୧୫।୧୧(ପି.ଟି.)

ଓପନର ଯଶସ୍ୱୀ ଜୟସ୍ୱାଲଙ୍କ ଦମ୍‌ଦାର ଶତକ ସହାୟତାରେ ଏଠାରେ ଚାଲିଥିବା ୧୯ ବର୍ଷରୁ କମ୍ ଚ୍ୟାଲେଞ୍ଜର ଟ୍ରଫିରେ ଭାରତ ଏ’ ୭ ଉଇକେଟରେ ଭାରତ ସି’କୁ ହରାଇଛି। ଶୁକ୍ରବାର ସ୍ଥାନୀୟ ଆରଜିଆଇସି ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଭାରତ ସି’ ୫୦ ଓଭରରେ ୭ ଉଇକେଟ ହରାଇ ୨୫୦ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ଦିବ୍ୟାଂଶ ସାକସେନା ୮୯, କେ. କୁମାର ୪୦, ଡି. ସୌରଭ ଅପରାଜିତ ୫୧, ପି. ପ୍ରତ୍ୟୁଷ ୨୪ ରନ ସଂଗ୍ରହ କରିଥିଲେ। ବୋଲିଂରେ ଭାରତ ଏ ତରଫରୁ ଆକାଶ ଚାନ୍ଦ ୪ ଓ ଡି. ସାଗର ୨ ଉଇକେଟ ଅକ୍ତିଆର କରିଥିଲେ।

ଜବାବରେ ୨୫୧ ରନ ଟାର୍ଗେଟର ପିଛା କରି ଭାରତ ଏ’ ଜୟସ୍ୱାଲଙ୍କ ଉପଯୋଗୀ ବ୍ୟାଟିଂ ବଳରେ ସହଜରେ ବିଜୟୀ ହୋଇଥିଲା। ଦଳ ୪୩ ଓଭରରେ ୩ ଉଇକେଟ ହରାଇ ୨୫୬ ରନ୍ କରି ବିଜୟୀ ହୋଇଥିଲା। ଜୟସ୍ୱାଲ ୧୦୦ଟି ବଲର ସମ୍ମୁଖୀନ ହୋଇ ୧୫ ଚୌକା ଓ ୨ ଛକା ସହ ୧୦୮ ରନର ଶତକୀୟ ପାଳି ଖେଳିଥିଲେ। ସେହିପରି ସାଇ ଭରଦ୍ୱାଜ ଏସ୍ ୬୦ ରନ, ଜୟ ଗୋହିଲ ୪୩ ଓ ସମୀର ରିଜଭି ଅପରାଜିତ ୩୮ ରନ ସଂଗ୍ରହ କରି ଦଳକୁ ଜିତାଇଥିଲେ।

**୧୯ ବର୍ଷରୁ କମ୍ ଚ୍ୟାଲେଞ୍ଜର ଟ୍ରଫି**



ଯଶସ୍ୱୀ ଜୟସ୍ୱାଲ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶନିବାର, ନଭେମ୍ବର ୧୬/୨୦୧୯ Sambalpur, Saturday, November 16 / 2019

## ସେଲ୍‌ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie


ଅନିଲ


ଅଶ୍ୱିନୀ


ଅମିତ


ମିତ୍ରଭାନୁ

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

# 'କଳାକାରଙ୍କୁ ବିବାଦରେ ଛନ୍ଦିବା ଠିକ୍ ନୁହେଁ'



**ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ଆସନ୍ତା ଡିସେମ୍ବର ୩୧ତାରିଖରୁ ଆରମ୍ଭ ହୋଇ ୨୦୨୦ ଜାନୁୟାରୀ ୧୦ତାରିଖ ପର୍ଯ୍ୟନ୍ତ ଚାଲିବ। କଂସ ରାଜୁତିରେ ୧୧ଦିନ ଧରି କମ୍ପି ଉଠିବ ମଥୁରାନଗରୀ। ଏହି ମୁକ୍ତାକାଶ ରଙ୍ଗମଞ୍ଚର ମହାନାୟକ କଂସ ମହାରାଜ ଚରିତ୍ରରେ ଏଥର କିଏ ଅଭିନୟ କରିବ ତାକୁ ନେଇ ଗତ ୨ସପ୍ତାହ ଧରି ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ମାତ୍ର ଗୁରୁବାର ଧନୁଯାତ୍ରା ମହୋତ୍ସବ ସମିତିର ଗୁରୁତ୍ୱପୂର୍ଣ୍ଣ ବୈଠକରେ ଗତଥରର ଅଭିନେତା ଭୁବନେଶ୍ୱର ପ୍ରଧାନଙ୍କୁ ପୁଣିଥରେ କଂସ ଚରିତ୍ର ପାଇଁ ମନୋନୀତ କରାଯାଇଛି। ଏ ନେଇ ଭୁବନେଶ୍ୱରଙ୍କ ମତାମତକୁ ନେଇ ଏକ ସ୍ୱତନ୍ତ୍ର ଉପସ୍ଥାପନା... ।**

■ **ଆପଣ ପୁଣିଥରେ କଂସ ମହାରାଜ ଭୂମିକାରେ ଅଭିନୟ କରିବା ପାଇଁ ମନୋନୀତ ହୋଇଛନ୍ତି। ଏଥିରେ ଆପଣଙ୍କ ପ୍ରତିକ୍ରିୟା ?**

ମୋର ଅଭିନୟ କରିବାର ଅବଧି ଥିଲା ୩ ବର୍ଷ। ତୃତୀୟ ବର୍ଷରେ ଚୟନ ପ୍ରକ୍ରିୟା କରିବା ପାଇଁ କମିଟି ନିଷ୍ପତ୍ତି ନେଇଥିଲା। ମାତ୍ର ପୁଣି ଥରେ ମୋତେ କଂସ ଭୂମିକାରେ ଅଭିନୟର ସୁଯୋଗ ମିଳିଛି। ସେଥିପାଇଁ ମୁଁ ବହୁତ ଖୁସି।

■ **ପ୍ରଥମରୁ ଏଥିଲାଗି ବିବାଦ ସୃଷ୍ଟି ହୋଇଥିଲା, ଏହାର କାରଣ କ'ଣ?**

ଏପର୍ଯ୍ୟନ୍ତ ମୁଁ ସେହି ବିବାଦର କାରଣ ଖୋଜି ପାଇନାହିଁ।

■ **ଆପଣଙ୍କ ଅଭିନୟରେ କିଛି ତ୍ରୁଟି ଥିଲା କି, ଯାହାକୁ କଳାକାର ମନୋନୟନ କମିଟି ଗ୍ରହଣ କରିପାରି ନ ଥିଲେ?**

ମୁଁ ଜାଣିବାରେ ମୋର ଅଭିନୟରେ କିଛି ତ୍ରୁଟି ନ ଥିଲା। କାରଣ ମୋର ଅଭିନୟକୁ ଗୁରୁ, ଦର୍ଶକ, କବି, କଳାକାର, ସଂସ୍କୃତିପ୍ରେମୀ ଗ୍ରହଣ କରିଥିଲେ। ମୋତେ ପୁଣି ଅଭିନୟ ସୁଯୋଗ ଦେବା ପାଇଁ ଧନୁଯାତ୍ରା ମହୋତ୍ସବ ସମିତିକୁ ସେମାନେ କହିଥିଲେ।

■ **ପୁଣିଥରେ ଆପଣଙ୍କୁ ସେହି ଭୂମିକା ମିଳିଲା, କାରଣ କ'ଣ?**

ମୁଁ ୨୦୧୭ ମସିହା କଂସ ଚୟନ ପ୍ରକ୍ରିୟାରେ ୨୨ଜଣ କଳାକାରଙ୍କୁ ପଛରେ ପକାଇ ମନୋନୀତ ହୋଇଥିଲି। ସେତେବେଳେ ଧନୁଯାତ୍ରାରେ କଂସ ଅଭିନୟ ପାଇଁ ମୋର ଅବଧି ୩ ବର୍ଷ ବୋଲି ଧନୁଯାତ୍ର ମହୋତ୍ସବ ସମିତିର କର୍ମକର୍ତ୍ତା କହିଥିଲେ। ମୁଁ ସମିତିର ସବୁ ନୀତି ନିୟମ ମାନି ରହିଛି।

■ **କଂସ ଭୂମିକା ପାଇଁ କମିଟି ଖୋଜୁଥିବା ଦକ୍ଷ କଳାକାରଙ୍କ ଅଭାବ ଯୋଗୁ ଆପଣ ପୁଣିଥରେ ମନୋନୀତ ହୋଇଛନ୍ତି କି?**

ନା, ମୋ କଳା ଉପରେ ମୋର ବିଶ୍ୱାସ ଅଛି। ଆଜକୁ ୪୦ବର୍ଷ ହେଲା କଳା ଜଗତରେ ପାଦ ଦେଇଛି। ଆଉ ମୋର ଅଭିନୟରେ ସମସ୍ତେ ଖୁସି ଥିବାବେଳେ କଂସ ଅଭିନୟର ଅବଧି ସରିନାହିଁ। ସେଥିପାଇଁ ମୁଁ ପୁଣି ଥରେ ମନୋନୀତ ହୋଇଛି।

■ **ଏଥର ନିଜ ଅଭିନୟରେ ସୁଧାର ଆଣିବାକୁ ଚେଷ୍ଟା କରିବେ ବୋଲି ଭାବିଛନ୍ତି?**

ଅନ୍ୟବର୍ଷ ତୁଳନାରେ ଏଥର ଅଭିନୟ ମୋ ପାଇଁ ଚ୍ୟାଲେଞ୍ଜ। ଆଶା ରଖିଛି, ୭୧ତମ ଧନୁଯାତ୍ରା ମୋ ଅଭିନୟ ପାଇଁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ।

■ **ଜଣେ କଳାକାର ମନୋନୟନ ପାଇଁ ଏପରି ବାଦବିବାଦ ସୃଷ୍ଟି ହେବା କେତେ ଠିକ୍?**

କଳାକାରଙ୍କୁ ବାଦ ବିବାଦରେ ଛନ୍ଦିବା ଆଦୌ ଠିକ୍ ନୁହେଁ। କଳାକାରଙ୍କୁ ଉତ୍ସାହ ଦେବା ନିହାତି ଜରୁରୀ। କାରଣ କଳାକାର କିଛି ଖୋଜି ନ ଥାଏ, ଦର୍ଶକଙ୍କ ଭଲ ପାଇବା ହିଁ କଳାକାରଙ୍କ ସମ୍ପତ୍ତି।

■ **ଏଥିପାଇଁ ଶ୍ରେୟ କାହାକୁ ଦେବେ?**

ମାଁ ସମଲେଶ୍ୱରୀ। ଜିଲାପାଳ, ଶାସନ, ପ୍ରଶାସନ, ଧନୁଯାତ୍ରା କମିଟି, ବରଗଡ଼ ଜିଲାର ଆବାଳ ବୃଦ୍ଧ ବନିତା, ପଶ୍ଚିମଓଡ଼ିଶା ଧନୁଯାତ୍ରା କଳାକାର ସଂଘ, ମିଳିତ କଳାକାର ମଞ୍ଚ, କବି, କଳାକାର, ସାହିତ୍ୟ, ସଂସ୍କୃତିପ୍ରେମୀ ଏବଂ ବୁଦ୍ଧିଜୀବୀଙ୍କ ଆଶୀର୍ବାଦରୁ ପୁଣିଥରେ ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାରେ ମୁଁ କଂସ ଭୂମିକାରେ ଅବତୀର୍ଣ୍ଣ ହେବି। ସମସ୍ତଙ୍କୁ ଏଥିପାଇଁ ଶ୍ରେୟ ଦେବି।

**ସାକ୍ଷାତକାର: ପ୍ରେମାନନ୍ଦ ଖମାରୀ**

■ ରେଢ଼ାଖୋଲ ଆହାର କେନ୍ଦ୍ର

# ଖାଦ୍ୟରୁ ବାହାରିଲା ପୋକ


ଖାଦ୍ୟରୁ ବାହାରି ଥିବା ପୋକ।

**ରେଢ଼ାଖୋଲ,୧୫।୧୧(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଢ଼ାଖୋଲ ସହରର ଟାଉନକ୍ଲବଠାରେ ଚାଲିଥିବା ଆହାର କେନ୍ଦ୍ରରେ ଶୁକ୍ରବାର ଖାଦ୍ୟରେ ପୋକ ବାହାରିଥିବା ଅଭିଯୋଗ ହୋଇଛି। ବସ୍‌ଷ୍ଟାଣ୍ଡରେ ଚା ଦୋକାନ କରିଥିବା ଶ୍ୟାମସୁନ୍ଦର ମେଣ୍ଡଲି ଆହାର କେନ୍ଦ୍ରକୁ ଖାଇବାକୁ ଯାଇଥିଲେ। ଆବଶ୍ୟକ ଟୋକନ କାଟି ଖାଦ୍ୟ ଆଣି ଖାଇବା ବେଳକୁ ଖାଦ୍ୟରେ ପୋକ ଥିବା ଦେଖି ଅଭିଯୋଗ କରିଥିଲେ। ଖାଦ୍ୟରେ ପ୍ରଥମେ ଗୋଟିଏ ପୋକ ବାହାରିଥିଲା। ଶ୍ୟାମ ତାହାକୁ ପକାଇଦେଇ ପୁଣି ଖାଦ୍ୟ ଖାଇଥିଲେ। ହେଲେ ପରେ ପୁଣି ଗୋଟିଏ ପୋକ ବାହାରିବାରୁ ସେ ଆହାର କେନ୍ଦ୍ର କର୍ମଚାରୀଙ୍କୁ ଅଭିଯୋଗ କରିଥିଲେ। ହେଲେ ଆହାର କେନ୍ଦ୍ର କର୍ମଚାରୀ ଏହାକୁ ହାଲୁକା ଭାବେ ନେଇ ମାଲିକଙ୍କୁ କହିବାକୁ ଶ୍ୟାମଙ୍କୁ କହିଥିଲେ। ଶ୍ୟାମ ବୌଦ୍ଧରେ ଥିବା ମାଲିକଙ୍କୁ ଏ ନେଇ ଅଭିଯୋଗ କରିବାରୁ ସେ ମଧ୍ୟ ଏହାକୁ ହାଲୁକା ଭାବେ ନେଇ ଫୋନ୍ କାଟି ଦେଇଥିଲେ ବୋଲି ଶ୍ୟାମ କହିଛନ୍ତି। ସୂଚନାଯୋଗ୍ୟ, ଗତ ଫେବୃୟାରୀରେ ରେଢ଼ାଖୋଲରେ ଏହି ଆହାର କେନ୍ଦ୍ର ଖୋଲିଛି। ଏଠାରେ ପ୍ରତିଦିନ ୩୦୦ ଲୋକଙ୍କ ପାଇଁ ଖାଦ୍ୟ ଯୋଗାଇ ଦିଆଯାଉଛି। ବୌଦ୍ଧରୁ ରନ୍ଧା ଯାଇ ରେଢ଼ାଖୋଲକୁ ଖାଦ୍ୟ ଆସୁଛି। ତେବେ ଏ ନେଇ ଜିଲା ସହରାଞ୍ଚଳ ବିକାଶ ପ୍ରକଳ୍ପ ନିର୍ଦ୍ଦେଶକ (ଡୁଡା) ବିକାଶ ବେନ୍ କୌଣସି ଅଭିଯୋଗ ପାଇ ନ ଥିବା କହିଛନ୍ତି।

# ଅପ୍ରସ୍ତୁତ ପ୍ରଶାସନ, ଖୋଲାରେ ପଡ଼ିଛି ଧାନ

**ସମ୍ବଲପୁର,୧୫।୧୧(ବ୍ୟୁରୋ)**

ସମ୍ବଲପୁର ଜିଲାରେ ଶୁକ୍ରବାର ଧାନ ସଂଗ୍ରହର ପ୍ରଥମ ଦିନରୁ ହିଁ ଅବ୍ୟବସ୍ଥା ଦେଖାଦେଇଛି। ଜିଲାର କୌଣସି ମାର୍କେଟ ୟାର୍ଡ ଓ ଧାନ କ୍ରୟ କେନ୍ଦ୍ରରେ ଆନୁଷଙ୍ଗିକ ବ୍ୟବସ୍ଥା ନାହିଁ। ଏଣୁ ଯୋଗାଣ ବିଭାଗ, ଆରଏମ୍‌ସି ଓ ସମବାୟ କର୍ମଚାରୀ ଚାଷୀଙ୍କ ଆକ୍ରୋଶର ଶିକାର ହୋଇଛନ୍ତି। ବରେଇପାଲି, ସାହାସପୁର, ବରଗାଁ, ଚାଁଆରପୁର ଭଳି ୧୪ଟି ମାର୍କେଟ ଓ ଧାନ କ୍ରୟ କେନ୍ଦ୍ରକୁ ଚାଷୀ ଧାନ ବିକ୍ରି କରିବାକୁ ଆସିଥିଲେ। ହେଲେ ମାର୍କେଟ ଗୁଡିକରେ ଥିବା କର୍ମଚାରୀ ଧାନ କିଣିବାକୁ ଅମଙ୍ଗ ହୋଇଥିଲେ। ମିଲର୍ସଙ୍କ ସହିତ ଜିଲା ପ୍ରଶାସନ ଚୁକ୍ତି କରି ନ ଥିବା ମୁଖ୍ୟ କାରଣ ଥିଲା । ମିଲର୍ସମାନେ ସିକ୍ୟୁରିଟି ଟଙ୍କା ଜମା ନ କରିବାରୁ ଚୁକ୍ତି ହୋଇ ନ ଥିଲା। ଫଳରେ ଚାଷୀଙ୍କୁ ଟୋକନ ଦିଆଯାଇ ନ ଥିଲା। ଏହାକୁ ନେଇ ଅସନ୍ତୋଷ ଦେଖା ଦେଇଥିଲା। ତେଣୁ ମାର୍କେଟଗୁଡିକରେ ପ୍ରାୟ ୫ ହଜାର ପ୍ୟାକେଟ ଧାନ ଖୋଲା ଆକାଶତଳେ ପଡିରହିଛି। ଏହାକୁ ନେଇ ବରେଇପାଲି ମାର୍କେଟ ୟାର୍ଡ ପଶ୍ଚିମ ଓଡିଶା କୃଷକ ସଙ୍ଗଠନର ଅଶୋକ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିଥିଲା । ଏହି ବୈଠକରେ ଧାନ ସଂଗ୍ରହରେ ହୋଇଥିବା ତ୍ରୁଟିପୂର୍ଣ୍ଣ ନୀତିକୁ ବିରୋଧ କରାଯାଇଥିଲା। ଟୋକନ ବ୍ୟବସ୍ଥା, ଧାନ ବିକ୍ରି ପରିମାଣ ଧାର୍ଯ୍ୟ କରିବା ଭଳି ମୁଖ୍ୟ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ସରକାର ସୋମବାର ଅପରାହ୍ନ ପର୍ଯ୍ୟନ୍ତ ଉକ୍ତ ସମସ୍ୟାର ସମାଧାନ ନ କଲେ ପରିଣାମ ଭୟଙ୍କର ହେବ । ଯାହା ପରିସ୍ଥିତି ସୃଷ୍ଟି ହେବ ସେଥିପାଇଁ ସରକାର ଓ ପ୍ରଶାସନ ଦାୟୀ ରହିବେ ବୋଲି ଚାଷୀ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଉପଜିଲାପାଳ ଅନିରୁଦ୍ଧ ପ୍ରଧାନ କହିଛନ୍ତି, ସମସ୍ୟା ହେବାରୁ ଧାନ କିଣା ହୋଇ ପାରିଲା ନାହିଁ। ଆସନ୍ତା ୨ ଦିନ ଭିତରେ ସମସ୍ୟାର ସମାଧାନ ହୋଇଯିବ। ଜିଲା ଯୋଗାଣ ଅଧିକାରୀ ରଞ୍ଜନ ସେଠ କହିଛନ୍ତି ଯେ, ପ୍ରଥମେ କିଛି ତ୍ରୁଟି ରହିଥିଲା । ଟୋକନ ନ ପାଇ କେତେଜଣ ଚାଷୀ ଧାନ ବିକ୍ରି ପାଇଁ ଆଣିଥିଲେ । ସେଥିପାଇଁ ବିବାଦ ସୃଷ୍ଟି ହୋଇଥିଲା । ଅପର ପକ୍ଷେ ଆରଏମ୍‌ସି ପକ୍ଷରୁ ବଜାରରେ ଧାନ ରଖିବା ପାଇଁ ସୁବିଧା କରାଯାଉଛି। ଏହି ବିବାଦର ସମାଧାନ ଖୁବ୍‌ଶୀଘ୍ର ହୋଇଯିବ।


ସମ୍ବଲପୁର ବରେଇପାଲି ମାର୍କେଟୟାର୍ଡରେ ଚାଷୀ, ଯୋଗାଣ, ଆର୍‌ଏମ୍‌ସି ସମବାୟ ବିଭାଗ ଅଧିକାରୀମାନେ ବୈଠକରେ ବସିଛନ୍ତି ।

■ **ମିଲର୍ସଙ୍କ ସହ ଚୁକ୍ତି ହୋଇନି**

■ **ସୋମବାର ପର୍ଯ୍ୟନ୍ତ ସମୟ ଦେଲେ ଚାଷୀ**

# ପାଣି ଟବ୍‌ରେ ପଡ଼ି ଶିଶୁ ମୃତ


**କୁଚିଣ୍ଡା, ୧୫।୧୧ (ଡି.ଏନ.ଏ)**

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ଅର୍ଡାବାହାଲ ପଞ୍ଚାୟତ ତଥା ମହୁଲପାଲି ଥାନା ଅଧୀନ ଜୟପୁରଗଡରେ ଶୁକ୍ରବାର ଅପରାହ୍ନରେ ଜଣେ ବର୍ଷକର ଶିଶୁ ପାଣି ଟବ୍‌ରେ ପଡିଯିବାରୁ ମୃତ୍ୟୁ ଘଟିଛି। ଏହି ଶିଶୁ ଜଣକ ହେଲେ ଭରତ କରଙ୍କ ପୁଅ ସାର୍ଥକ କର। ସେ ଖେଳୁଥିବା ସମୟରେ ପାଖରେ ଥିବା ପାଣି ଟବ୍‌ରେ ପଡିଯାଇଥିଲେ। ଭରତଙ୍କ ସ୍ତ୍ରୀ ଏହା ଜାଣିବା ପରେ ସଙ୍ଗେ ସଙ୍ଗେ ପରିବାର ଲୋକେ କୁଚିଣ୍ଡା ଡାକ୍ତରଖାନାକୁ ଆଣିଥିଲେ। ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ଡାକ୍ତରଖାନା ପକ୍ଷରୁ କୁଚିଣ୍ଡା ପୋଲିସକୁ ଖବର ଦିଆଯାଇଥିଲା। ଶନିବାର ବ୍ୟବଚ୍ଛେଦ ପରେ ମୃତଦେହ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି।












Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

## ସଂକ୍ଷେପରେ



### ବ୍ୟବସାୟୀଙ୍କ ଘରେ ଅଗ୍ନିକାଣ୍ଡ: ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ନଷ୍ଟ

ସଇଁତଲା,୧୫।୧୧(ଡି.ଏନ୍.ଏ.): ବଲାଙ୍ଗୀର ଜିଲା ସଇଁତଲା ବାପୁଜୀ ଛକରେ ଥିବା ବ୍ୟବସାୟୀ ମୁରାରୀଲାଲ ଅଗ୍ରୱାଲଙ୍କ ଘରେ ଶୁକ୍ରବାର ପୂର୍ବାହ୍ନ ୧୦ଟା ନିଆଁ ଲାଗି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ନଷ୍ଟ ହୋଇଯାଇଥିବା ଅଭିଯୋଗ ହୋଇଛି। ନିଆଁ ଲାଗିବାର କାରଣ ଜଣାପଡି ନାହିଁ। ଖବର ପାଇ ସ୍ଥାନୀୟ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଦେଢ଼ ଘଣ୍ଟା ଧରି ପରିଶ୍ରମ ପରେ ନିଆଁକୁ ଆୟତ କରିଥିଲେ।

**ଆଜି କ'ଣ କେଉଁଠି**

ସୁବର୍ଣ୍ଣପୁର

■ଜିଲାସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳନ, ଡିଆର୍‌ଡିଏ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୧ଟା।

■ଆରମ୍ଭରୁ ବିଶୃଙ୍ଖଳା, ହୋଇପାରିଲାନି ଧାନକିଣା

# ଧାନ ଅମଳ ହେଲାଣି, ଚାଷୀଙ୍କୁ ମିଳିନି ଟୋକନ

ସୋନପୁର,୧୫।୧୦(ନି.ପ୍ର.)

ସୁବର୍ଣ୍ଣପୁର ଜିଲାରେ ଖରିଫ ଧାନ କିଣା ଶୁକ୍ରବାରଠାରୁ ଆରମ୍ଭ ହେବାର ଥିଲା । ଡିଏଲ୍‌ପିସି(ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି) ବୈଠକରେ ଏହି ନିଷ୍ପତ୍ତି ହୋଇଥିଲା। ଜିଲା ପ୍ରଶାସନ ଏଥିପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିଲା । ୬୫ଟି ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ) ଓ ୧୪ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠି ଧାନ କିଣିବା ପାଇଁ ଶୁକ୍ରବାର ମଣ୍ଡି ଖୋଲିଛନ୍ତି। ଜିଲା ଯୋଗାଣ ବିଭାଗ ଧାନ ସଂଗ୍ରହ ପାଇଁ ୧୭ ମିଲର୍ସଙ୍କୁ ଟ୍ୟାଗିଂ କରିଥିଲେ । ଧାନ ସଂଗ୍ରହ କାର୍ଯ୍ୟର ଶୁଭାରମ୍ଭ ପାଇଁ ଜିଲାପାଳ ମୋନିଷା ବାନାର୍ଜୀ ଡୁଙ୍ଗୁରିପାଲି ଆର୍‌ଏମସି ମାର୍କେଟ୍ ୟାର୍ଡରେ ନିର୍ଦ୍ଧାରିତ ସମୟରେ ପହଞ୍ଚିଥିଲେ। ଡୁଙ୍ଗୁରିପାଲି ବ୍ଲକ ଅଧ୍ୟକ୍ଷ ମକରଧ୍ୱଜ ସାହୁ, ଜିଲା ଯୋଗାଣ ଅଧିକାରୀ ବିବେକାନନ୍ଦ କୋରକୋରା, ସହକାରୀ ଯୋଗାଣ ଅଧିକାରୀ ସୁବୋଧ ହୋତା, ସୋନପୁର ଏଆରସିଏସ ଭୀମସେନ ସାହୁ, ଡୁଙ୍ଗୁରିପାଲି ଆରଏମସି ସମ୍ପାଦକ ଉଦିତ ବାବୁ, ଡୁଙ୍ଗୁରିପାଲି ପ୍ୟାକ୍ସ ସଭାପତି ଦାଶରଥି ବିଶ୍ୱାଳ, ସମ୍ପାଦକ ରବିନ୍ଦ୍ର ବିଶ୍ୱାଳ, ଚାଷୀ, ମିଲର୍ସ ଓ ବ୍ରାହ୍ମଣ ଉପସ୍ଥିତ ଥିଲେ। ହେଲେ ପ୍ରଥମ ଦିନରେ ଚାଷୀଙ୍କଠାରୁ ଧାନ କିଣା ଯାଇନାହିଁ । କାରଣ ୟାର୍ଡକୁ ଚାଷୀଙ୍କ ଧାନ ଆସି ନ ଥିଲା । ଜିଲାର ଜଣେ ବି ପଞ୍ଜୀକୃତ ଚାଷୀଙ୍କୁ ଅନଲାଇନ ଟୋକନ ମିଳି ନ ଥିବା ଜଣା ପଡିଥିଲା । ତେଣୁ ଜିଲାପାଳ କେବଳ ପୂଜା କରି ୟାର୍ଡରୁ ଫେରିଥିଲେ। ଚଳିତ ଥର କେନ୍ଦ୍ରୀକୃତ ବ୍ୟବସ୍ଥାରେ ଧାନ ସଂଗ୍ରହ ନିମନ୍ତେ ଯୋଗାଣ ବିଭାଗ ପକ୍ଷରୁ ଚାଷୀମାନଙ୍କୁ ସୂଚନା ଦିଆଯାଇଥିଲା। କିନ୍ତୁ ପଞ୍ଜୀକୃତ ଚାଷୀଙ୍କୁ ଠିକ୍ ସମୟରେ ଅନଲାଇନ ଟୋକନ ମିଳି ନ ଥିବାରୁ ସେମାନେ କିଭଳି ଧାନ ବିକ୍ରି କରିବେ ବୋଲି ଜିଲାପାଳଙ୍କୁ ପ୍ରଶ୍ନ କରିଥିଲେ। ତେବେ ଶନିବାର ସୁଦ୍ଧା ଟୋକନ ମିଳିବ ଓ ଚାଷୀ ଧାନ ବିକ୍ରି କରିବେ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା । ପ୍ରକାଶ ଯେ, ଜିଲାର ୬୫ଟି ପ୍ୟାକ୍ସ ସହଯୋଗରେ ୮୧ଟି ସ୍ଥାନରୁ ଚାଷୀଙ୍କଠାରୁ ସିଧାସଳଖ ଧାନ କ୍ରୟ କରାଯିବ। ସେହିପରି ପ୍ରଥମ ଥର ପାଇଁ ଜିଲାର ୧୪ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠି ଧାନ କ୍ରୟରେ ସାମିଲ ହେବେ । ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଏହି ଜିଲାରୁ ଚଳିତ ଖରିଫ ଋତୁରେ ଯୋଗାଣ ନିଗମ ଜରିଆରେ ପ୍ରାରମ୍ଭିକ ପର୍ଯ୍ୟାୟରେ ୨ଲକ୍ଷ ୧୫ହଜାର ୧୪୭ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯିବାକୁ ଲକ୍ଷ୍ୟ ରଖାଯାଇଛି । ଜିଲାର ୪୭ ହଜାର ୯୧୦ଜଣ ଚାଷୀ ନିଜର ଖରିଫ ଧାନ ବିକ୍ରି କରିବା ପାଇଁ ନାମ ପଞ୍ଜୀକରଣ କରିଛନ୍ତି । ଚାଷୀଙ୍କ ଧାନ ସଂଗ୍ରହ ଫେବୃୟାରୀ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ତେବେ ପ୍ରଥମ ଦିନରେ ସରକାରଙ୍କ ଦାୟିତ୍ୱ ହୀନତା ଚାଷୀଙ୍କୁ ଚିନ୍ତାରେ ପକାଇଛି ।



ଜିଲାପାଳ ମୋନିଷା ବାନାର୍ଜୀ ଧାନ ବିକ୍ରି ଶୁଭାରମ୍ଭ ପାଇଁ ଡୁଙ୍ଗୁରିପାଲି ମାର୍କେଟ୍ ୟାର୍ଡରେ ପୂଜା କରୁଛନ୍ତି ।

**ସୁବର୍ଣ୍ଣପୁର ଜିଲା**

# ବିନିକାରେ ଡାକ୍ତରଙ୍କୁ ମାଡ଼, ଅଭିଯୁକ୍ତ ଗିରଫ

■ସୁରକ୍ଷା ଦାବିରେ ଡାକ୍ତର, କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ



ବିନିକା ସିଏଚ୍‌ସି ସମ୍ମୁଖରେ ଡାକ୍ତର ଓ କର୍ମଚାରୀ କାର୍ଯ୍ୟବନ୍ଦ କରି ବସି ରହିଛନ୍ତି ।

ସୋନପୁର,୧୫।୧୦(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଜୟପ୍ରକାଶ ପ୍ରଧାନଙ୍କୁ ଗୁରୁବାର ରାତିରେ ଆକ୍ରମଣ ହୋଇଛି । ଡାକ୍ତର ପ୍ରଧାନ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ସମୟରେ ବିନିକା ସହରର ରେବା ଭୋଇ(୪୫) ଡାକ୍ତର ପ୍ରଧାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ସାର୍ଟ କଲର ଧରି ଟଣାଓଟରା କରିଥିଲେ। ଏପରି କି ଟେବୁଲ ଉପରେ ଥିବା ଷ୍ଟେଥୋ ସ୍କୋପକୁ ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ବିଳମ୍ବିତ ରାତିରେ ଡାକ୍ତର ପ୍ରଧାନ ବିନିକା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ରେବାକୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି । ଅନ୍ୟପକ୍ଷେ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଓ କର୍ମଚାରୀଙ୍କ ସୁରକ୍ଷା ପ୍ରଦାନ ଦାବିରେ ଡାକ୍ତର ଓ କର୍ମଚାରୀ ଶୁକ୍ରବାର କାର୍ଯ୍ୟବନ୍ଦ ଆନ୍ଦୋଳନ କରିବା ସହିତ ଧାରଣା ଦେଇଥିଲେ । ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ(ଜନସ୍ୱାସ୍ଥ୍ୟ)ଡାକ୍ତର ଦୈତ୍ୟ ନାରାୟଣ ପାଢୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ । ଡାକ୍ତର ପାଢୀ ଆନ୍ଦୋଳନକାରୀଙ୍କୁ କାର୍ଯ୍ୟବନ୍ଦରୁ ନିବୃତ୍ତ ରହିବାକୁ ପରାମର୍ଶ ଦେଇଥିଲେ । ପରେ ଡାକ୍ତର ଓ କର୍ମଚାରୀ କଳାବ୍ୟାଚ୍ ପିନ୍ଧି କାର୍ଯ୍ୟରେ ଯୋଗ ଦେଇଥିଲେ।

# ସାପ କାମୁଡ଼ାରେ ଚାଷୀଙ୍କ ମୃତ୍ୟୁ

ଭବାନୀପାଟଣା,୧୫।୧୧(ଡି.ଏନ.ଏ.)

ଲାଞ୍ଜିଗଡ ବ୍ଲକ ଗୋବର୍ଦ୍ଧନପୁର ପଞ୍ଚାୟତ ଗୋପାଳପୁର ଗାଁର ଜଣେ ଚାଷୀ କ୍ଷେତକୁ ଚାଷ ଦେଖିବାକୁ ଯାଇଥିବା ବେଳେ ଏକ ବିଷଧର ସାପ କାମୁଡାରେ ମୃତ୍ୟୁ ଘଟିଛି। ମୃତ ଚାଷୀ ଜଣଙ୍କ ହେଲେ ଶତ୍ରୁଘ୍ନ ଗଉଡ (୫୪) । ଗୁରୁବାର ସକାଳେ ଶତ୍ରୁଘ୍ନ ତାଙ୍କ କ୍ଷେତକୁ ଯାଇଥିଲେ। ସେଠାରେ ତାଙ୍କୁ ଏକ ବିଷଧର ସାପ କାମୁଡି ଦେଇଥିଲା। ବହୁ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ପରେ କ୍ଷେତରେ ସେ ଅଚେତ ହୋଇ ପଡିଥିବା ଦେଖିବାକୁ ପାଇଥିଲେ। ତାଙ୍କ ଗୋଡରେ ସାପ କାମୁଡା ଚିହ୍ନ ଦେଖି ସେମାନେ ତୁରନ୍ତ ଚିକିତ୍ସା ପାଇଁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

ବୀରମହାରାଜପୁରରେ ଦକ୍ଷତା ବିକାଶ ତାଲିମ ଶିବିର

# ତାଲିମ ନେଲେ ୩୭୫ଚାଷୀ

ଅମରପାଲି,୧୫।୧୧(ଡି.ଏନ.ଏ.): ବୀରମହାରାଜପୁର କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରରେ ଦକ୍ଷତା ବିକାଶ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ୩୭୫ଜଣ ଚାଷୀ ଅଂଶ ଗ୍ରହଣ କରି ତାଲିମ ନେଇଥିଲେ। ସେମାନଙ୍କ ମଧ୍ୟରୁ ୧୦୦ଜଣ ମହିଳା ଚାଷୀ ଉପସ୍ଥିତ ଥିଲେ। ବ୍ଲକ କୃଷକ ଉପଦେଷ୍ଟା କମିଟି ଅଧ୍ୟକ୍ଷା ବନିତା ପଧାନଙ୍କ ପୌରୋହିତ୍ୟରେ ଅତ୍ମାର ଜିଲା ଉପପ୍ରକଳ୍ପ ନିର୍ଦ୍ଦେଶକ ତୁଷାର ରଞ୍ଜନ ମିଶ୍ର ଦକ୍ଷତା ବିକାଶ ତାଲିମ ଶିବିରକୁ ଉଦ୍‌ଘାଟନ କରିଥିଲେ । ସମନ୍ୱିତ ରୋଗପୋକ ପରିଚାଳନା, ସମନ୍ୱିତ ଖାଦ୍ୟସାର ପରିଚାଳନା, ଛତୁ ଚାଷ, ଉନ୍ନତ ଗୋପାଳନ, କୁକୁଡ଼ା ପାଳନ, ଛେଳି, ମେଣ୍ଢା ପାଳନ, ଖାଦ୍ୟ ପ୍ରକ୍ରିୟାକରଣ, କୃଷକ ଆଗ୍ରହୀ ଦଳ ଗଠନ ସମ୍ପର୍କିତ ବିଷୟ ଉପରେ ତାଲିମ ପ୍ରଦାନ କରାଯାଇଥିଲା । ଶିବିରରେ ବିଭିନ୍ନ ଦିବସରେ ଜିଲା କୃଷି ଅଧିକାରୀ ପ୍ରଶାନ୍ତ କୁମାର ଶତପଥୀ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଅନ୍ତର୍ଯ୍ୟାମୀ ସାହୁ, ସୁଶ୍ରୀସ୍ମିତା ପଣ୍ଡା, ପ୍ରାଣୀ ଚିକିତ୍ସକ ଡା. ସୁବ୍ରତ କୁମାର ପୁରୋହିତ, ସହକାରୀ କୃଷି ଅଧିକାରୀ ତୁଷାରକାନ୍ତ ସାହୁ, ବିଟିଟି କନଭେନର କାଳିନ୍ଦୀ ପରିଡା, ବିଟିଏମ ଜିତେନ୍ଦ୍ର ମେହେର, ସହକାରୀ ମତ୍ସ୍ୟ ଅଧିକାରୀ ମନୁ ଧନ ସମ୍ବଲ ଯୋଗଦେଇ ଚାଷୀଙ୍କୁ ତାଲିମ ପ୍ରଦାନ କରିଥିଲେ । ମୀନକେତନ ମହାକୁର, ନାରାୟଣ ମିଶ୍ର, ଚନ୍ଦ୍ରଶେଖର ନାଏକ ପ୍ରମୁଖ ଶିବିର ପରିଚାଳନା କରିଥିଲେ। ଏଥିରେ ଦୁର୍ଜନଟେଲା, କେଞ୍ଜିରିଆପାଲି, ଖଣ୍ଡହତା, ସୁବଳୟା, ପିତାମହୁଲ, ବହଳପଦର, କମିରା, ସଂଗ୍ରାମପୁର, ଉଫୁଲା, ମୁର୍ଷୁଣ୍ଡୀ, ଜଟେସିଂହା, ଚମ୍ପାମାଳ, ହିଲୁଙ୍ଗ, ବାଗବର, ଲୁତୁରପଙ୍କ ଆଦି ପଞ୍ଚାୟତର କୃଷକ ଆଗ୍ରହୀ ଦଳଙ୍କୁ ତାଲିମ ଦିଆଯାଇଥିଲା । ସମସ୍ତ କୃଷକ ସାଥୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଶିବିରରେ ଅଧିକାରୀଙ୍କ ସହ ଚାଷୀମାନେ

OFFICE OF THE PRINCIPAL
S.V.M. AUTOTOMOUS COLLEGE
JAGATSINGHPUR – 754103 (ODISHA)
Tel : 06724-220027, Fax : 06724-220119,
E-mail : svmcorissa@gmail.com

**ADVERTISEMENT**

Sealed quotations are invited from the intending suppliers /authorized dealers/ manufacturers having GST/ VAT clearance for supply of Science Laboratory equipments viz. apparatus, chemicals,- glassware, museum specimen, plant materials, charts and development of laboratory infrastructure and EPM registered farms for furniture (Desk-cum-Bench only) of this college under project RUSA. The quotations should reach the office of the Principal, S.V.M. Autonomous College, Jagatsinghpur through Regd.Post/ Speed Post only by 23.11.2019 upto 5 p.m. The sealed quotations will be opened on 25.11.2019 at 11 a.m. The details of specifications may be downloaded from our Website **www.svmcauto.org.in.** Earlier advertisement in this regard published in Odia 'daily "The Pragatibadi" and English daily "The Indian Express" on 25.9.2019 is hereby cancelled. The undersigned reserves the right to reject any or all quotations without assigning any reason thereof.

Sd./- Principal
S.V.M. Autonomous College, Jagatsinghpur

# ଲେଉଟା ହାତୀପଲଙ୍କୁ ନେଇ ଚିନ୍ତାରେ ଚାଷୀ

ଲୋଇସିଂହା, ୧୫।୧୧ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ରେଞ୍ଜ ଅନ୍ତର୍ଗତ ଆଗଲପୁର ବ୍ଲକରେ ହାତୀ ଉପଦ୍ରବ ଦେଖାଦେଇଛି । ଫଳରେ ଚାଷୀ ଚିନ୍ତାରେ ପଡିଛନ୍ତି। ସୂଚନା ଯୋଗ୍ୟ, କିଛି ମାସ ତଳେ ଏକ ହାତୀପଲ ଲୋଇସିଂହା ରେଞ୍ଜ ଅଞ୍ଚଳରେ ବୁଲାବୁଲି କରୁଥିଲା। ହେଲେ ହାତୀପଲକୁ ଘଉଡାଇବା ପରେ ବରଗଡ଼ ଜିଲା ଗାଇସିଲଟ ଅଞ୍ଚଳକୁ ଚାଲିଯାଇଥିଲେ। ସେଠାରେ କିଛି ଦିନ ରହଣି ପରେ ପୁଣି ହାତୀ ପଲ ଲୋଇସିଂହା ଅଞ୍ଚଳକୁ ଚାଲିଆସି ଡୁଡକା ଓ କେଶାଇପାଲି ପଞ୍ଚାୟତରେ ଚାଷୀଙ୍କ ଧାନ ଫସଲ ନଷ୍ଟ କରୁଥିବା ଚାଷୀ ବଂଶୀଧର ସୁନା, ଗଣ୍ଡ ସୁନା, ଘମଣ୍ଡ ମିର୍ଦ୍ଧା ପ୍ରମୁଖ ଅଭିଯୋଗ କରିଛନ୍ତି। ହାତୀପଲରେ ୭ଟି ହାତୀଥିବା ଜଣାପଡିଛି। ବନ ବିଭାଗ ହାତୀ ଘଉଡାଇବା ସହ କ୍ଷୟକ୍ଷତିର ଆକଳନ କରି ତୁରନ୍ତ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି ।

# ସୁବର୍ଣ୍ଣପୁରରେ ତେଜିଲା ଠିକାଦାରଙ୍କ ଆନ୍ଦୋଳନ

ସୋନପୁର,୧୫।୧୦(ନି.ପ୍ର.)




ଠିକାଦାର ମାନେ ସରକାରୀ ଅଫିସ ବନ୍ଦ କରିବାକୁ ଶୋଭାଯାତ୍ରାରେ ଯାଉଛନ୍ତି ।

■୬ କାର୍ଯ୍ୟାଳୟକୁ ବନ୍ଦ କଲା ସଂଘ

■ସରକାରଙ୍କ ସମସ୍ତ ନିର୍ମାଣ କାର୍ଯ୍ୟ ଠପ୍

ରାଜ୍ୟ ସରକାର ନିଖିଳ ଓଡ଼ିଶା ଠିକାଦାର ମହାସଂଘର ୧୦ ଦଫା ଦାବି ପୂରଣ କରି ନ ଥିବାରୁ ସୁବର୍ଣ୍ଣପୁର ଜିଲା ଠିକାଦାର ସଂଘ ଆନ୍ଦୋଳନକୁ ଜୋରଦାର କରିଛି । ସଂଘର କର୍ମକର୍ତ୍ତାମାନେ ଶୁକ୍ରବାର ଏକ ଶୋଭାଯାତ୍ରାରେ ଯାଇ ନିର୍ମାଣ କାର୍ଯ୍ୟ ସହ ସମ୍ପୃକ୍ତ ଥିବା ସରକାରୀ କାର୍ଯ୍ୟାଳୟଗୁଡିକୁ ବନ୍ଦ କରିଥିଲେ। ଏହି କ୍ରମରେ ପୂର୍ତ୍ତ ଓ ଗୃହ ନିର୍ମାଣ, ଗ୍ରାମ୍ୟ ଉନ୍ନୟନ, କ୍ଷୁଦ୍ର ଜଳସେଚନ, ଗ୍ରାମ୍ୟ ଜଳ ଓ ପରିମଳ, ଜନସ୍ୱାସ୍ଥ୍ୟ ଓ ତେଲ ଜଳସେଚନ ବିଭାଗ ଭଳି ୬ଟି କାର୍ଯ୍ୟାଳୟକୁ ବନ୍ଦ କରାଯାଇଥିଲା । ଦାବି ପୂରଣ ନ ହେଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟାଳୟରେ ତାଲା ଝୁଲିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି । ପ୍ରକାଶ ଯେ, ଅକ୍ଟୋବର ୩୧ ତାରିଖରେ ସଂଘ ପକ୍ଷରୁ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ନିର୍ମାଣ କାର୍ଯ୍ୟରେ ନିୟୋଜିତ ଠିକାଦାରଙ୍କ ବିଲ୍‌ରୁ ରାଜସ୍ୱ ଓ ଲଘୁ ଖଣିଜ ସମ୍ପଦ ମୂଲ୍ୟ କାଟିବା ସମ୍ପର୍କିତ ରାଜସ୍ୱ ବିଭାଗର ଅତିରିକ୍ତ ସଚିବଙ୍କ ନିର୍ଦ୍ଦେଶକୁ ପ୍ରତ୍ୟାହାର ପାଇଁ ସଂଘ ଅନୁରୋଧ କରିଥିଲା। ବାଲି, ପଥର ଓ ମୋରମ ଖାଦାନ ନିଲାମ କରି ତହସିଲ ରାଜସ୍ୱ ଆଦାୟ କରୁଥିବା ବେଳେ ଠିକାଦାର କାମ କରିବା ସମୟରେ ବ୍ୟବହାର କରୁଥିବା ଲଘୁଖଣିଜ ପଦାର୍ଥର ରାଜସ୍ୱ ସରକାରଙ୍କୁ ପ୍ରଦାନ କରୁଛି । ମାତ୍ର ସରକାରଙ୍କ ଏହି ନୂତନ ନିର୍ଦ୍ଦେଶନାମା ଠିକାଦାରଙ୍କୁ କ୍ଷତି ପହଞ୍ଚାଇବ। ସରକାର ଏହି ନିଷ୍ପତ୍ତି ପ୍ରତ୍ୟାହାର କରି ନ ଥିବାରୁ ନଭେମ୍ବର ୧ ତାରିଖରୁ ସମସ୍ତ ଠିକାଦାର ଟେଣ୍ଡର ପାଇଥିବା ସରକାରୀ କାର୍ଯ୍ୟ ବନ୍ଦ କରିଛନ୍ତି । ସେହିପରି ଓଡ଼ିଶା ସରକାରଙ୍କର ବିଭିନ୍ନ କାର୍ଯ୍ୟର ୧୪.୯୯ର ସମ୍ପୂର୍ଣ୍ଣ ପ୍ରତ୍ୟାହାର, ଶ୍ରମିକ ମଜୁରୀର ଉଚିତ ନିର୍ଦ୍ଧାରଣ, ତେଲେଙ୍ଗାନା ସରକାରଙ୍କ ନୀତି ଅନୁଯାୟୀ ଜିଏସଟି ପାଇଁ ୧୦% ଅଧିକ ପ୍ରାପ୍ୟ ପ୍ରଦାନ, ଭାରତ ସରକାରଙ୍କ ଟେଣ୍ଡର ନିୟମାବଳୀର ତୁରନ୍ତ ପ୍ରଚଳନ ପାଇଁ ଦାବି କରାଯାଇଛି । ସୁବର୍ଣ୍ଣପୁର ଜିଲା ସଂଘର ସଭାପତି ଜୟମାଧବ ମିଶ୍ର, ସାଧାରଣ ସମ୍ପାଦକ ଅରୁଣ ମେହେର, ଆବାହକ କୁଶ କୁମାର ସାହୁ, କୋଷାଧ୍ୟକ୍ଷ ରାମ ନାରାୟଣ ମିଶ୍ର, କାର୍ଯ୍ୟକାରିଣୀ ସଭ୍ୟ ନନ୍ଦୁଲାଲ ପୁରୋହିତ, ଜୟରାମ ପୂଜାହାରୀ, ଦେବଦତ୍ତ ମିଶ୍ର, ଅଶୋକ ମେହେର, ଶରତ ପଣ୍ଡା, ଚନ୍ଦ୍ରଶେଖର ମହାପାତ୍ର, ସନ୍ତୋଷ ମିଶ୍ର, ରାମ ଶଙ୍କର ମିଶ୍ର, ସନତ ପଣ୍ଡା, ସଞ୍ଜୟ ଅଗ୍ରୱାଲା, କିଶୋର ବେହେରା ଓ କୃତ୍ତିବାସ ମିଶ୍ର ପ୍ରମୁଖ ଜିଲାପାଳଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଥିଲେ ।

**ନ୍ୟାଶନାଲ ଇନ୍‌ସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍**
(ଭାରତ ସରକାରଙ୍କ ଏକ ଉପକ୍ରମ)
ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ
नेशनल इन्श्योरेन्स National Insurance
୧୯୦୬ଠାରୁ ବିଶ୍ୱସନୀୟ
୬ଷ୍ଠ ମହଲା, ଇଡ୍‌କୋ ଟାୱାର୍ସ, ଜନପଥ, ଭୁବନେଶ୍ୱର - ୭୫୧୦୨୨

**ଢେଙ୍କାନାଳଠାରେ କାର୍ଯ୍ୟାଳୟ ପରିସର ଆବଶ୍ୟକ**

ଆମର ଢେଙ୍କାନାଳ ଶାଖା କାର୍ଯ୍ୟାଳୟ ପାଇଁ ମେନ୍ ରୋଡ୍, ଢେଙ୍କାନାଳଠାରେ ୧୦୦୦ ବର୍ଗ ଫୁଟ୍ କାର୍ପେଟ୍ ଏରିଆ ପରିମାପର ତଳ ମହଲା/ପ୍ରଥମ ମହଲା କିମ୍ବା ଲିଫ୍ଟ ସୁବିଧା ଥିବା ଉଚ୍ଚତର ମହଲାରେ, ଦୁଇଟି ଶୌଚାଳୟ (ଗୋଟିଏ ମହିଳାଙ୍କ ପାଇଁ), ୦୨ କାର୍ ଓ ୧୨ ଦୁଇଚକିଆ ପାର୍କିଂ ଜାଗା ରହିଥିବା କାର୍ଯ୍ୟାଳୟ ପରିସରକୁ ପ୍ରତ୍ୟେକ ୦୫ ବର୍ଷରେ ଉପଯୁକ୍ତ ଭଡ଼ା ବୃଦ୍ଧି ସହିତ ୧୫ ବର୍ଷ ପାଇଁ ଲିଜ୍ ସୂତ୍ରରେ ଦେବା ପାଇଁ ଦୁଇ ବିଡ୍ ଜଉମୁଦଦିଆ (ଟେକ୍ନିକାଲ୍ ଓ ଫାଇନାନ୍ସିଆଲ୍ ବିଡ୍) ଅଫର୍ ଆମନ୍ତ୍ରଣ କରାଯାଉଛି । ଟେଣ୍ଡର ଫର୍ମ ସମେତ ଦିଗ୍‌ନିର୍ଦ୍ଦେଶାବଳୀ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ, ଅନୁଗୋଳ ଡିଓ, ଏବଂ ଢେଙ୍କାନାଳ ବିଓରେ କାର୍ଯ୍ୟାଳୟ ନିର୍ଘଣ୍ଟ ମଧ୍ୟରେ ଉପଲବ୍ଧ ହେବ । ଟେଣ୍ଡର ଦାଖଲ/ପ୍ରାପ୍ତିର ଶେଷ ତାରିଖ ହେଉଛି **୦୨.୧୨.୨୦୧୯ ଅପରାହ୍ନ ୪ ଘଟିକା** ସୁଦ୍ଧା, ଯାହାକୁ ପଞ୍ଜୀକୃତ ଡାକ/ସ୍ପିଡ୍ ପୋଷ୍ଟ/କୋରିୟର୍ ସେବା ମାଧ୍ୟମରେ ଅଥବା ଇଡ୍‌କୋ ଟାୱାର୍ସ, ୬ଷ୍ଠ ମହଲା, ଭୁବନେଶ୍ୱରଙ୍କ ଆଞ୍ଚଳିକ କାର୍ଯ୍ୟାଳୟର ଟେଣ୍ଡର ବାକ୍ସରେ ସିଧାସଳଖ ପକାଯାଇପାରିବ। ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ ପ୍ରବନ୍ଧକ, ଇଷ୍ଟେଟ୍ ବିଭାଗ, ଆଞ୍ଚଳିକ କାର୍ଯ୍ୟାଳୟ/ଅନୁଗୋଳ ଡିଭିଜନାଲ କାର୍ଯ୍ୟାଳୟ, ହନୁମାନ ବଜାର, ଅନୁଗୋଳ – ୭୫୯୧୨୨ / ଢେଙ୍କାନାଳ ଶାଖା କାର୍ଯ୍ୟାଳୟ, ମଧୁକୁଞ୍ଜ, ସାଉଥ୍ ମଧୁବନ, ଢେଙ୍କାନାଳ – ୭୫୯୦୦୧ କିମ୍ବା ଫୋନ୍ ନଂ.: ୦୬୭୬୪-୨୩୦୬୦୨/୦୬୭୬୨-୨୨୪୫୨୨ କିମ୍ବା ଆମ ୱେବ୍‌ସାଇଟ୍: (www.nationalinsurance.nic.co.in) ପରିଦର୍ଶନ କରନ୍ତୁ ।
ଦଲାଲମାନେ ଆବେଦନ କରିବା ଆବଶ୍ୟକ ନୁହେଁ ।

(ସ୍ୱା./- ଅଭିରାମ ସେଠୀ)
ମୁଖ୍ୟ ଆଞ୍ଚଳିକ ପ୍ରବନ୍ଧକ

■ସାଲେପଡ଼ା ଭୁଜବଳ ପରାଭୁଏ ହତ୍ୟାକାଣ୍ଡର ପର୍ଦ୍ଦାଫାଶ

# ଜେଲ ଗଲେ ଚୌବନ ବାବା

କଣ୍ଟାବାଞ୍ଜି,୧୫।୧୧(ଡି.ଏନ୍.ଏ.)

କଣ୍ଟାବାଞ୍ଜି ଥାନା ଅନ୍ତର୍ଗତ ସାଲେପଡା ପେଣ୍ଡ୍ରାଗଡେନ୍ ହରଗୌରୀ ମନ୍ଦିର ନିକଟ କୂଅରୁ ଉଦ୍ଧାର ହୋଇଥିବା ଭୁଜବଳ ପରାଭୁଏଙ୍କ ମୃତ୍ୟୁ ରହସ୍ୟକୁ ପୋଲିସ ଉନ୍ମୋଚନ କରିବାରେ ସଫଳ ହୋଇଛି । ଏହା ଏକ ହତ୍ୟାକାଣ୍ଡ ବୋଲି ସ୍ପଷ୍ଟ କରିବା ସହ ମନ୍ଦିର ପୂଜକ ଚୌବନ ମାଝି ଓରଫ୍ ଚୌବନ ବାବାଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ବଲାଙ୍ଗୀର ଏସ୍‌ପି ସନ୍ଦୀପ ମାଡକର ଏନେଇ କଣ୍ଟାବାଞ୍ଜି ଏସଡିପିଓ ଅଫିସରେ ଶୁକ୍ରବାର ସନ୍ଧ୍ୟାରେ ଖବରଦାତା ସମ୍ମିଳନୀ କରି ଏନେଇ ସୂଚନା ଦେଇଛନ୍ତି । ଭୁଜବଳ ପରାଭୁଏ ହତ୍ୟା ଘଟଣାରେ ଚୌବନ ବାବାଙ୍କୁ ମୁଖ୍ୟ ଅଭିଯୁକ୍ତ ଦର୍ଶାଇ ଏଥିରେ ଅନ୍ୟ ସହଯୋଗୀ ମଧ୍ୟ ସମ୍ପୃକ୍ତ ଥିବା ଏସ୍‌ପି ମାଡକର ସୂଚନା ଦେଇ ଖୁବ୍ ଶୀଘ୍ର ତାଙ୍କୁ ମଧ୍ୟ ଗିରଫ କରାଯିବ ବୋଲି କହିଛନ୍ତି। ଏସ୍‌ପି କହିଛନ୍ତି ଯେ, ଗତ ଅକ୍ଟୋବର ୩୦ ତାରିଖରେ ଭୁଜବଳ ପରାଭୁଏଙ୍କ ପୁଅ ଗିରିଧାରୀ ପରାଭୁଏ ନିଜ ବାପାଙ୍କୁ ଖୋଜି ଆସି ସାଲେପଡ଼ାରେ ପହଞ୍ଚିଥିଲେ। ପରେ ମନ୍ଦିର ନିକଟ ଏକ କୂଅରୁ ଭୁଜବଳଙ୍କ ମୃତଦେହ ଉଦ୍ଧାର ହୋଇଥିଲା । ଏନେଇ ଗିରିଧାରୀ ଥାନାରେ ଲିଖିତ ଅଭିଯୋଗ କରି ବଳି ସନ୍ଦେହ କରି ମନ୍ଦିର ପୂଜକ ଚୌବନ ବାବାଙ୍କ ସମ୍ପୃକ୍ତ ସନ୍ଦେହ କରିଥିଲେ । ପରେ ଚୌବନ ବାବାଙ୍କୁ ଗତ ୧୫ଦିନ ଧରି ପୋଲିସ ପଚରାଉଚୁରା କରିବା ସହ ପୋଲିଗ୍ରାଫି ଟେଷ୍ଟ, ସାଇଣ୍ଟିଫିକ୍ ଟେଷ୍ଟ ସହ ଅନ୍ୟ ପରୀକ୍ଷା ନିରୀକ୍ଷା ପରେ ଚୌବନ ବାବାଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଏସ୍‌ପି ମାଡକର ସୂଚନା ଦେଇଛନ୍ତି ଯେ, ଭୁଜବଳ ପରାଭୁଏ ପୂର୍ବରୁ ଚୌବନ ବାବାଙ୍କ ଶିଷ୍ୟ ଥିଲେ । ଇତିମଧ୍ୟରେ ସେ ମାନ୍ଦଲା ଗାଁରେ ସ୍ୱତନ୍ତ୍ର ମନ୍ଦିର କରି ପୂଜାର୍ଚ୍ଚନା କରି ବେଶ୍ ଲୋକପ୍ରିୟ ହେବାରୁ ଏଥିରେ ବିଚଳିତ ହୋଇ ଗୁରୁ ଚୌବନ ବାବା ତାଙ୍କୁ ହତ୍ୟା ଯୋଜନା କରିଥିଲେ ବୋଲି ଏସ୍‌ପି କହିଛନ୍ତି। ଏହି ମାମଲା ଅନୁସନ୍ଧାନ ବେଳେ ଖୋଦ୍ ଏସପି ମାଡକର ସାଲେପଡା ମନ୍ଦିରରେ ରାତ୍ରି ଯାପନ କରି ଘଟଣାର ତଦନ୍ତ କରିବା ଘଟଣା ବେଶ୍ ଆଲୋଚନାର ବିଷୟ ହୋଇଛି ।

**ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** SBI
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତିଗୁଡିକ ନିମନ୍ତେ) [ରୁଲ୍- ୮ (୧)]

ନିମ୍ନ ସ୍ୱାକ୍ଷରକାରୀ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ଭୁବନେଶ୍ୱର**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ୨୦୦୨ର ରୁଲ୍ ୩ ସହିତ ଧାରା ୧୩(୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତାମା/ଗ୍ୟାରେଣ୍ଟିଦାତାଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ନୋଟିସ୍ ଦର୍ଶିତ ରାଶି ଏବଂ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଆନୁସଙ୍ଗିକ ଦେୟ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ରେ ଦିଆଯାଇଥିବା ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିକୁ ଦଖଲ ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନୋଟିସ୍ ଦର୍ଶିତ ରାଶି ଏବଂ ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଆଇନଗତ ଖର୍ଚ୍ଚ ଓ ଆନୁସଙ୍ଗିକ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।
**ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ନୋଟିସ୍ ତାରିଖ |
| --- | --- | --- | --- |
| **ଋଣଗ୍ରହୀତା: ମେସର୍ସ ବିକାଶ,** ସା: ରାମଚନ୍ଦ୍ରପୁର ରୋଡ୍, ଗ୍ରାମ: ଧାନଘର, ଚିକିଟି, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, **ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଭି. ବିକାଶ ରାଜୁ,** ସା: ମାଝିଡ଼େରା ସାହି, ପୋ: ପାତ୍ରପୁର, ଭାୟା: ଜରଡ଼ା, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୦୦୪/ **ଗ୍ୟାରେଣ୍ଟିଦାତା: ଶ୍ରୀ ଭି. ସୋମେଶ୍ୱର ରାଜୁ,** ସା: ମାଝିଡ଼େରା ସାହି, ପୋ: ପାତ୍ରପୁର, ଥାନା: ଜରଡ଼ା, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୦୦୪ | **୧. ଶ୍ରୀ ଭି. ସୋମେଶ୍ୱର ରାଜୁଙ୍କ** ନାମରେ ଥିବା ଜମି ର ସମସ୍ତ ଅଂଶବିଶେଷ ଯାହାର ମୌଜା: ପାତ୍ରପୁର, ତହସିଲ: ପାତ୍ରପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ଖାତା ନଂ.: ୩୫୪/୮୫୬, ପ୍ଲଟ ନଂ.: ୧୬୯୬, କ୍ଷେତ୍ର: ଏକର ୦.୦୨୨ ଡ଼ିସିମିଲ, କିସମ: ଘରବାରୀ **୨. ଶ୍ରୀ ଭି. ସୋମେଶ୍ୱର ରାଜୁଙ୍କ** ନାମରେ ଥିବା ଜମି ର ସମସ୍ତ ଅଂଶବିଶେଷ ଯାହାର ମୌଜା: ପାତ୍ରପୁର, ତହସିଲ: ପାତ୍ରପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ଖାତା ନଂ.: ୩୫୪/୯୩୯, ପ୍ଲଟ ନଂ.: ୧୫୦୩, କ୍ଷେତ୍ର: ଏକର ୦.୦୧୮ ଡ଼ିସିମିଲ, କିସମ: ଘରବାରୀ **୩. ଶ୍ରୀ ଭି. ବିକାଶ ରାଜୁଙ୍କ** ନାମରେ ଥିବା ଜମି ର ସମସ୍ତ ଅଂଶବିଶେଷ ଯାହାର ମୌଜା: ରାମଚନ୍ଦ୍ରପୁର, ତହସିଲ: ଚିକିଟି, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ଖାତା ନଂ.: ୧୬୫/୪୪୧, ପ୍ଲଟ ନଂ.: ୪୮୬/୨୭୨୮, କ୍ଷେତ୍ର: ଏକର ୦.୧୦୫ ଡ଼ିସିମିଲ, କିସମ: ଘରବାରୀ | **ତା.୩୧.୦୩.୨୦୧୯** ପର୍ଯ୍ୟନ୍ତ ସୁଧ ଏବଂ ଖର୍ଚ୍ଚ ସହିତ **ଟ.୧,୫୦,୬୮,୬୦୯/-** + ସେବାବଦ ସୁଧ ଏବଂ ଖର୍ଚ୍ଚ | **୦୩.୦୪.୨୦୧୯ / ୧୫.୧୧.୨୦୧୯** |

**ସ୍ଥାନ: ଭୁବନେଶ୍ୱର**
**ତାରିଖ : ୧୫.୧୧.୨୦୧୯**

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

**IN THE DEBTS RECOVERY TRIBUNAL AT CUTTACK**
**C-71, Sector-7, CDA, Cuttack- 753014 (Odisha)**
**O.A.No. 143/2019**

**Utkal Grameen Bank**
Stressed Asset Recovery Branch Sambalpur .... Applicant
-Versus-
**Tapan Pradhan** & Others .... Defendants

To,
Defendant No.1: **Tapan Pradhan**, S/o: Late Jaharu Pradhan, At- Bazarpada, Belpahar, Po- Belpahar, Ps- Brajarajnagar, Dist- Jharsuguda, PIN- 768218
Defendant No.2: **Bharat Kumar Pradhan**, S/o: Late Jaharu Pradhan, At- Bazarpada, Belpahar, Po- Belpahar, Ps- Brajarajnagar, Dist- Jharsuguda, PIN- 768218
Defendant No.3: **Debaki Pradhan,** W/o: Late Jaharu Pradhan, At- Bazarpada, Belpahar, Po- Belpahar, Ps- Brajarajnagar, Dist- Jharsuguda, PIN- 768218
Defendant No.4: **Jamuna Pradhan,** D/o: Late Jaharu Pradhan, At- Bazarpada, Belpahar, Po- Belpahar, Ps- Brajarajnagar, Dist- Jharsuguda, PIN- 768218
Defendant No.5: **Ramesh Bhainsal,** S/o: Srikara Bhainsal, At- Sarada, Po- Belpahar, Ps- Brajarajnagar, Dist- Jharsuguda, PIN- 768218

**Summons by Paper Publication for Showing Cause as to Why the Relief Prayed for should not be granted**

Take notice that the Applicant has instituted the aforesaid Original Application before this Tribunal for recovery of **Rs. 31,18,103.00** only together with current and future interest, cost and other reliefs.

You are therefore hereby directed to appear before this Tribunal in person or through authorised agent, in support of your defence to show cause within 30 days from the date of publication or on 24th day of December, 2019 at 10.30 A.M. as to why the reliefs prayed for should not be granted.

Take notice that in case of default the Application will be heard and determined in your absence.

Given under my hand and seal of this Tribunal, on this 8th day of November, 2019

**Manoj Kumar Patnaik**
**Registrar**
**Debts Recovery Tribunal, Cuttack**

ଆମେରିକୀୟଙ୍କ ସ୍ୱପ୍ନ ପୂରଣ ପାଇଁ ଆମେ ଏଠାକୁ ଆସିଛୁ । ହେଲେ ଦେଶର ଗଣତନ୍ତ୍ର ଏବେ ବିପଦରେ, ଯାହା ପୂର୍ବରୁ କେବେ ହୋଇ ନ ଥିଲା ।

- କମଲା ହାରିସ, ସିନେଟର



## ସଂକ୍ଷେପରେ

### ଆଲୋଚନା ପରେ ହଟିଲା ଅନଶନ

ବରଗଡ଼ ଅଫିସ,୧୫।୧୧

ବରଗଡ଼ ଧନୁଯାତ୍ରା ମହୋତ୍ସବକୁ କୋଶଲୀ/ସମ୍ବଲପୁରୀ ଭାଷାରେ କରିବା ଏବଂ ଏହି ମହୋତ୍ସବକୁ ରାଜ୍ୟ ସରକାରଙ୍କ ପକ୍ଷରୁ ୧କୋଟି ଟଙ୍କା ଅନୁଦାନ ଦାବିରେ ଗୁରୁବାରଠାରୁ କୋଶଳ ସେନା ପକ୍ଷରୁ ସ୍ଥାନୀୟ ଗାନ୍ଧୀ ଛକରେ ଧାରଣା, ଅନଶନ ଆରମ୍ଭ ହୋଇଥିଲା । କୋଶଳ ସେନାର ୨ଜଣ କର୍ମୀ ଅନଶନରେ ବସିଥିବାବେଳେ ଅନ୍ୟମାନେ ସମର୍ଥନ କରି ଧାରଣା ଦେଇଥିଲେ । ଶୁକ୍ରବାର ସନ୍ଧ୍ୟାରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ, ଧନୁଯାତ୍ରା ମହୋତ୍ସବ ସମିତିର ଆବାହକ ସୁରେଶ୍ୱର ଶତପଥୀ, ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଡନସନା, କଂସ ଅଭିନେତା ଭୁବନେଶ୍ୱର ପ୍ରଧାନ, ଫାଇଟ୍ ଅନ ରାଇଟ୍ର ଆବାହକ ଇଂ ଦେବବ୍ରତ ମିଶ୍ର ପ୍ରମୁଖ ସେଠାକୁ ପହଞ୍ଚି ଆଲୋଚନା କରିଥିଲେ । ଆଲୋଚନା ପରେ ଅନଶନ, ଧାରଣାରୁ କୋଶଳ ସେନାର କର୍ମୀମାନେ ଓହରିଥିଲେ ।

# ଜିଲାସ୍ତରୀୟ ଶିଶୁ ଗବେଷକ କର୍ମଶାଳା

ବୌଦ୍ଧ,୧୫।୧୧(ସ୍ୱ.ପ୍ର)

ବୌଦ୍ଧ ଜିଲା ସ୍ତରୀୟ ଶିଶୁ ଗବେଷକ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଛି। ଶିଶୁ ଅଧିକାର, ସୁରକ୍ଷା ଓ ଶିଶୁଙ୍କ ସ୍ଥିତି ବିଷୟରେ ଜାଣିବା ପାଇଁ ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ପଞ୍ଚାୟତ ରାଧାନଗର, ସରସରା ଓ ବାମଣ୍ଡା ପଞ୍ଚାୟତର ସରପଞ୍ଚ, ୯ଟି ଅଙ୍ଗନୱାଡି କେନ୍ଦ୍ର ଓ ବିଦ୍ୟାଳୟ ଗୁଡିକର ତଥ୍ୟ ସଂଗ୍ରହ କରାଯାଇଥିଲା। ୧୨ରୁ ୧୮ ବର୍ଷ ମଧ୍ୟରେ ୩୨୪ ପିଲାଙ୍କୁ ନେଇ ସାମୂହିକ ଆଲୋଚନା ହୋଇଥିଲା। ଏହି ଆଲୋଚନାରେ ଜଳ ସଫେଇ, ପୃଷ୍ଟି ସାଧନ, ସୁରକ୍ଷା, ଶିକ୍ଷା, ଇଚ୍ଛା ଓ ଆକାଂକ୍ଷା ଉପରେ ଶିଶୁ ଗବେଷକମାନେ ତଥ୍ୟ ଉପସ୍ଥାପନା କରିଥିଲେ। ଏହି କର୍ମଶାଳାରେ ଶିଶୁ ମଙ୍ଗଳ ସମିତି ଅଧକ୍ଷ ସାକ୍ଷୀଗୋପାଳ ପ୍ରଧାନ ମୁଖ୍ୟ ଅତିଥି, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ, କିଶୋର ନ୍ୟାୟ ବୋର୍ଡର ସଦସ୍ୟ ରାଜୀବ କୁମାର ନାୟକ, ଶିଶୁ ମଙ୍ଗଳ ସମିତିର ସଦସ୍ୟ ସୀତାକାନ୍ତ ସାହୁ ପ୍ରମୁଖ ଭାବେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ସରକାରୀ ସ୍ତରରେ ଥିବା ଯୋଜନା ଗୁଡିକ ଠିକ୍ ଭାବେ କିପରି କାର୍ଯ୍ୟକାରୀ ହୋଇପାରିବ ସେଥିପ୍ରତି ଗୁରୁତ୍ୱ ଦେବାକୁ ମତପ୍ରକାଶ କରିଥିଲେ । ଶିଶୁ ଗବେଷକ ବିଜୟ ବିଶି, ଶ୍ରୀମାନ ବେହେରା, ଲିଜା ଭୋକ୍ତା, ସୁପ୍ରଭା ସିଂହ, ବିଭୂତି ପ୍ରଧାନ ଓ ଦେବାଶିଷ ସ୍ୱାଇଁ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଲୋକ କଳା ବିକାଶ କେନ୍ଦ୍ରର ସମ୍ପାଦିକା ପୁଷ୍ପିତା ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା ଏବଂ ପ୍ରତାପ ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ।

# ଗୋଚର ଜମିରୁ ଜବରଦଖଲ ଉଚ୍ଛେଦ

ଘଣ୍ଟାପଡା, ୧୫।୧୧ (ଡି.ଏନ.ଏ)

ଗୋଚର ଜମିରେ ଘର ନିର୍ମାଣ ହେଉଥିବା ବେଳେ କଣ୍ଟାମାଳ ତହସିଲ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଛି । ଘଣ୍ଟାପଡା ରେଭେନ୍ୟୁ ସର୍କଲର ତବଡା ଛକରେ ପ୍ଲଟ ନଂ. ୧୮୨ରେ ବେଆଇନ ଭାବେ ୩୮ ଡେସିମିଲ ସ୍ଥାନରେ ଏକ ବିରାଟ ଘର ଆରମ୍ଭ କରାଯାଉଥିଲା । ଏହା ଗୋଚର ଜାଗାରେ ଘର ନିର୍ମାଣ ହେଉଥିବା ଜାଣିବା ପରେ କଣ୍ଟାମାଳ ତହସିଲଦାର ସୁଶ୍ରୀ ବନ୍ଦନା ଖଟୁଆଙ୍କ ନିର୍ଦ୍ଦେଶରେ ଜେସିବି ସାହାଯ୍ୟରେ ଭଙ୍ଗା ଯାଇଛି । ଅତିରିକ୍ତ ତହସିଲଦାର ସୁଶୀଲ କୁମାର କୁଅଁର, ଘଣ୍ଟାପଡା ଭାରପ୍ରାପ୍ତ ଆରଆଇ ବିଜୟ କୁମାର ପତି ଏବଂ ସ୍ଥାନୀୟ ପୋଲିସ ଉପସ୍ଥିତ ଥିଲେ ।



ଗୋଚର ଜମିରୁ ଜବରଦଖଲ ଉଚ୍ଛେଦ କରାଯାଉଛି ।

### ବରଗୋଛା ପଞ୍ଚାୟତ

# ଭତ୍ତା ଟଙ୍କା ହେରଫେର ଅଭିଯୋଗ

ମନମୁଣ୍ଡା, ୧୫।୧୧ (ଡି.ଏନ.ଏ)

କଣ୍ଟାମାଳ ବ୍ଲକ ବରଗୋଛା ଗ୍ରାମପଞ୍ଚାୟତରେ ଭତ୍ତା ଟଙ୍କା ହେରରେ କରାଯାଇଥିବା ଅଭିଯୋଗ ହୋଇଛି। ଶୁକ୍ରବାର ଉକ୍ତ ପଞ୍ଚାୟତରେ ଭତ୍ତା ଟଙ୍କା ବଣ୍ଟନ ବେଳେ ଏହା ଜଣାପଡିବା ପରେ ସେଠାରେ ପାଟିତୁଣ୍ଡ ହୋହଲ୍ଲା ହୋଇଥିଲା । ଫଳରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଶମ୍ଭୁପ୍ରସାଦ କ୍ଷେତି ଭତ୍ତା ଟଙ୍କା ବଣ୍ଟନ ନ କରି ଅଫିସ ଛାଡି ପଳାଇଥିଲେ। ଫଳରେ ଶତାଧିକ ଭତ୍ତା ହିତାଧିକାରୀ ନାନା ହଇରାଣ ହୋଇଥିବା ଦେଖିବାକୁ ମିଳିଥିଲା। କେତେକ ହିତାଧିକାରୀଙ୍କ କାର୍ଡ ଯାଞ୍ଚ କରିବାରୁ ବରଗୋଛାର ହିତାଧିକାରୀ ଅଯୋଧା ମହାନନ୍ଦିଆଙ୍କୁ ଅଗଷ୍ଟ, ସେପ୍ଟେମ୍ବର ଓ ଅକ୍ଟୋବର ତିନି ମାସର ଟଙ୍କା ମିଳି ନ ଥିବା ଜଣାପଡିଥିଲା ସେହିପରି ସରସ୍ୱତୀ ମହାକୁଡ, କସ୍ତୁରୀ ଲୁହା, ସଚିତା ଭୋଇନା, ଗମ୍ଭାରିପଦରର ଅର୍ଜୁନ ବାଘ, ମାଝିପଡାର ସୁମିତ୍ରା ଜଗଦଲା, ଲୁଣପଙ୍ଗାର ମାୟାଧର ଷାଣ୍ଡ, ପପଙ୍ଗି ଷାଣ୍ଡ, ହରିବଂଶ ମହାକୁଡଙ୍କ ସେପ୍ଟେମ୍ବର ମାସ, ଘରେଲମୁଣ୍ଡାର ଦୀନବନ୍ଧୁ ନାଏକଙ୍କ ଅଗଷ୍ଟ ମାସର ଭତ୍ତା ଟଙ୍କା ହଡପ ହୋଇଥିବା ଜଣାପଡିଥିଲା। ସେହିପରି ଦଶରଥ କର୍ଣ୍ଣଙ୍କୁ ୭୦୦ ବଳଦରେ ୫୦୦ ଦିଆଯାଇଥିବା ଦେଖିବାକୁ ମିଳିଥିଲା । ଏ ନେଇ କଣ୍ଟାମାଳ ବିଡିଓ ରବିନ୍ଦ୍ର କହଁରଙ୍କୁ ପଚାରିବାରୁ ଏହାର ତଦନ୍ତ ପାଇଁ ଜିପିଇଓ ସୁନୀଲ ମଲିକଙ୍କୁ ପଠାଯାଇଥିବା କହିଥିଲେ। ତେବେ ହିତାଧିକାରୀମାନଙ୍କୁ ଟଙ୍କା ବଣ୍ଟନ କରାଯିବ ଓ ପିଇଓ ଟଙ୍କା ଆତ୍ମସାତ କରିଥିଲେ ତାଙ୍କ ନାମରେ ଥାନାରେ ଏତଲା ଦିଆଯିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଡିଓ କହିଥିଲେ। କିଛି ସମୟ ପରେ ଜିପିଇଓ ମଲିକ ଆସି ଭତ୍ତା ବଣ୍ଟନ କରିଥିଲେ ଓ ସନ୍ଧ୍ୟା ହୋଇଯିବାରୁ ଶନିବାର ବାକି ରହିଯାଇଥିବା ହିତାଧିକାରୀମାନଙ୍କୁ ଭତ୍ତା ଦିଆଯିବ ବୋଲି କହିଥିଲେ ।

# କ୍ରିକେଟ : ଖୁଣ୍ଟବନ୍ଧ ବିଜୟୀ

ଜହ୍ନାପଙ୍କ,୧୫।୧୧(ଡି.ଏନ.ଏ)

ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ଗଦବସା ପଡିଆରେ ଦଶମ ମାଁ ମାହେଶ୍ୱରୀ କ୍ରିକେଟ୍ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଛି । ଖେଳକୁ ସମାଜସେବୀ ଭରତ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ବୁରକଟା ଗ୍ରାମ୍ୟ କମିଟିର ପୂର୍ବତନ ସଭାପତି ଦେବାର ବିଶି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଉଦଘାଟନୀ ମ୍ୟାଚ୍ ଖୁଣ୍ଟବନ୍ଧ ଓ କାସଲପୁର ମଧ୍ୟରେ ହୋଇଥିଲା । ଖୁଣ୍ଟବନ୍ଧ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୨ଓଭରେ ୬ ଉଇକେଟ୍ ହରାଇ ୧୨୦ରନ କରିଥିଲା। ଦଳ ପକ୍ଷରୁ ତିଲୁ ପ୍ରଧାନ ସର୍ବାଧିକ ୬୭ରନ୍ କରିଥିଲେ । ଜବାବରେ କାସଲପୁର ଦଳ ୧୨ ଓଭରରେ ୮ ଉଇକେଟ୍ ହରାଇ ୧୦୦ରନ୍ କରିଥିଲା । ଫଳରେ ଖୁଣ୍ଟବନ୍ଧ ଦଳ ୨୦ରନରେ ବିଜୟୀ ହୋଇଥିଲା । ଉଦଘାଟନୀ ମ୍ୟାଚ୍‌କୁ ସ୍ୱାଧୀନ ପ୍ରଧାନ ଓ ଡିକି ପ୍ରଧାନ ପରିଚାଳନା କରିଥିଲେ । ଜ୍ଞାନପ୍ରକାଶ ପ୍ରଧାନ ସ୍କୋରର ଦାୟିତ୍ୱ ତୁଲାଇଥିଲେ । ଏଥିରେ ସମୁଦାୟ ୨୦ଟି ଦଳ ଅଂଶ ଗ୍ରହଣ କରିଛନ୍ତି ।



ଖେଳାଳିମାନଙ୍କ ସହିତ ଅତିଥିମାନେ ପରିଚିତ ହେଉଛନ୍ତି ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆପଣା ଗାଁ ମଶାଣି;**
**ପର ଗାଁ ପାଣି ।**

ଜାତିଭାଇ ତଥା ଆତ୍ମୀୟ ପରିଜନଙ୍କ ଶବଦାହ କରାହୋଇଥିବା ହେତୁ ନିଜ ଗାଁ ମଶାଣି ପ୍ରତି ସଭିଙ୍କ ମନରେ ଏକ ଅଜଣା ଭୟ ସୃଷ୍ଟି ହୋଇଥାଏ। ସେହିପରି ପର ଗାଁ ନାଳ ପୋଖରୀ ସହ ବ୍ୟକ୍ତି ସେତେଟା ଅଭ୍ୟସ୍ତ ହୋଇ ନ ଥାଏ। ଫଳସ୍ୱରୂପ ମନରେ ନାନା ଆଶଙ୍କା ବା ଭୟ ସୃଷ୍ଟି ହେବା ଯଥାର୍ଥ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଆଇଲ ତ ବନ୍ଧୁ ଭଲ କଲ,**
**ବସିବାକୁ ନାହିଁ ଠାଆ,**
**ପାଣି ମୁନ୍ଦିଏ ଦିଅନ୍ତି ବନ୍ଧୁ !**
**ଦଦରା ମାଠିଆ ।**

ବନ୍ଧୁ ଚର୍ଚ୍ଚା କରିବା ପାଇଁ କୁଣ୍ଠିତ ମନୋବୃତ୍ତି ଥିବା ଲୋକ ଦୁନିଆରେ ଅନେକ ଅଛନ୍ତି। ବନ୍ଧୁ ଯଦି ଅପେକ୍ଷାକୃତ ଗରିବ ହୋଇଥାଏ ତା'ହେଲେ ତା'ପ୍ରତି ହେୟଜ୍ଞାନ କରିବାକୁ କେତେକେ ପଛାଇ ନ ଥାନ୍ତି। ଘରକୁ ସମାଗତ ବନ୍ଧୁଙ୍କୁ ସତ୍କାର କରିବାରେ ଅନିଚ୍ଛା ପ୍ରକାଶ କରିବାକୁ ଯାଇ ବିଭିନ୍ନ ପ୍ରକାର ବାହାନା ପ୍ରଦର୍ଶନ କରାଯିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

Cashbeen ଆଣିଛି ସହଜରେ ଋଣ ପାଇବାର ସୁବର୍ଣ୍ଣ ସୁଯୋଗ। କେବଳ ପ୍ୟାନ୍‌କାର୍ଡ ସାହାଯ୍ୟରେ ମାତ୍ର 1% ସର୍ବାଧିକ ସୁଧରେ 50000 - 2000000 ପର୍ଯ୍ୟନ୍ତ ମାତ୍ର 24 ଘଣ୍ଟାରେ। ଯୋଗାଯୋଗ କରନ୍ତୁ 9470240552 7596892410 PATNA

FINANCE ବାଲାଜୀ ଫାଇନାନ୍ସ — ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ । ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା Mahaveer Nagar, Lewis Road, Bangalore 7325861595

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଥରେ ସେବାର ସୁଯୋଗ ନିଶ୍ଚୟ ଦିଅନ୍ତୁ LOAN — ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ ସମଗ୍ର ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଫାଇନାନ୍ସ — ମାର୍କଶିଟ୍ | ପ୍ରପର୍ଟି | ଆଧାରକାର୍ଡ | ପର୍ସନାଲ | ପଶୁପାଳନ | ଗୃହ ଋଣ | ବ୍ୟବସାୟ | ଗ୍ରୁପ୍ ଋଣ | ଏଗ୍ରିକଲ୍ଚର ଋଣ — ସବୁ ପ୍ରକାର ଋଣ 2% ସୁଧ - 50% ଛାଡ଼ ସହିତ 24 ଘଣ୍ଟାରେ ଘରେ ବସି ଉପଲବ୍ଧ ଠକମାନଙ୍କ ପ୍ରତି ସାବଧାନ 7289948952 7289999543 SCF-14, Aggarwal Estate, South Delhi

BARSA FINANCE — ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ ସମସ୍ତ ପ୍ରକାର LOAN BARSA FINANCE ଯୋଗାଇ ଦେଉଛି । ସୁଧ=1% M = 7656825259 7656825281 Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

E-MUDRA FINANCE All Odisha ★ Mudra Loan ★ Cash Credit Loan ★ Vehicle Loan ★ Agriculture Loan ★ Personal Loan ★ Business Loan ★ Mortgage Loan ★ Housing Loan — All types of Loan@ 1% Interest 50% Subsidy Fund Received in 24 Hours 9614873562 B-34/A Block, Vijay Enclave, Burari, New Delhi

ଖର୍ଚ୍ଚ ଋଣରୁ କଟିବ MAHALAXMI FINANCE — 1 ଲକ୍ଷରୁ 90 ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ। ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ T&C 1% ସୁଧ | 40% ରିହାତି ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ 9518852216, 9548270863 ADDRESS: T-51, GAUTAMPURI, DELHI

LOAN DHAMAKA 1) Mudra Loan 2) Term Loan 3) Cash Credit 4) Vehicle Loan 5) Housing Loan 6) Agriculture Loan 7) Used Car Loan 8) Mortgaged Loan PD ASSOCIATE 91, Kharvela Nagar, BBSR 8895436156

EDUCATION

SPOT ADMISSION B.Ed Acharya Nagarjuna University Equivalent to Govt. of Odisha FREE Practical, Study Material, Form fill-up fees & Weekend Class NIDT NO-1 B.Ed Academy Since 2001 B.J.B. Nagar, Lewis Road, Bhubaneswar 7978204082, 9438286091

BUSINESS

ଭାରତର ନଂ. 1 କମ୍ପାନୀ Hindusthan Tower Group ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଓ ହାଇୱେ ପାର୍ଶ୍ୱ ଜମିରେ DIGITAL ମଲ୍ଟିମିଡିଆ ଟାୱାର ଲଗାନ୍ତୁ। ଆଡ୍‌ଭାନ୍ସ: 60 ଲକ୍ଷ ଭଡ଼ା: 60 ହଜାର 94735-96956, 98070-64437 ADDRESS: T-51, GAUTAMPURI, DELHI

Galaxy Telecom Network Company — ଖାଲିଥିବା ଜମି, କ୍ଷେତ ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ମାତ୍ର ୪୮ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ + ବାଇକ୍+ 30,000ର ଅନ୍ୟାନ୍ୟ ସୁବିଧା Plot No 124, MG Road, DLF City Centre Mall, MG Road, Gurgaon, Haryana, 122003. 6204090239 8227843135

BUSINESS — ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ 242/4, Bannerghatta Main Rd, Mulimavu, Bengaluru, Karnataka 560076 Call / SMS Now 07376033092

ଡାଇରେକ୍ଟ କମ୍ପାନୀର ଡିଜିଟାଲ ଟାୱାର୍ ଟାୱାର୍ କମ୍ପାନୀ ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ କମ୍ପାନୀ ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ । ଅଗ୍ରିମ 90 ଲକ୍ଷ, ଭଡ଼ା 60 ହଜାର + ବାଇକ୍ । 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ । 7838639856 8826558929

ASTROLOGY

ଶକ୍ତିର ଦେଖନ୍ତୁ ଚମତ୍କାର — ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି 2 ଘଣ୍ଟାରେ 100% ସମାଧାନ ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, କୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ। ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ। 7578028866 ସ୍ୱେ. ପୋତାଧନ, ସଟ୍ଟା, କୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ ବାବା କବିର ଖାନ ହାଜି ଅଲି ୱାଲେ ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର 9599320079

DHARITRI Career appointment Every Wednesday and Saturday

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ ଘରେ ବସି 2 ଘଣ୍ଟାରେ ସମାଧାନ ବାବା କମାଲ ଖାନ୍ ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ 9911786155 9911786154

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ 2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ। A to Z ସମସ୍ୟାର ସମାଧାନ ଘରେ ବସି। ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର। ବାବା ଆମିଲ ସୁଫି 9540938429 9903852257 ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର




ଇହ ଜନ୍ମରେ ଯେତେଦୂର ସାଧନ କରାଯାଇଥାଏ, ତାହା ପରଜନ୍ମରେ ସଂସ୍କାର ଭାବରେ ପରିଣତ ହୋଇ ଉନ୍ନତିର ମାର୍ଗ ଉନ୍ମୁକ୍ତ କରିଦିଏ।

- ଗୀତା



## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ ଯୁବକ ମୃତ

ପଦ୍ମପୁର, ୧୫।୧୧ (ଡି.ଏନ.ଏ)
ପଦ୍ମପୁର ଥାନା କଂସର ଗ୍ରାମରେ ବିଦ୍ୟୁତ ସଂସ୍ପର୍ଶରେ ଆସିବାରୁ ଶୁକ୍ରବାର ଜଣେ ଯୁବକ ଭୀଷ୍ମଦେବ କାରେ(୨୫)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ଭୀଷ୍ମ ନଦୀ ପାଖରେ ଥିବା କ୍ଷେତକୁ ପାଇପ ଯୋଗେ ପାଣି ମଡାଉଥିବା ସମୟରେ ପାଇପରେ ବିଦ୍ୟୁତ ସରବରାହ ହୋଇଥିଲା । ଫଳରେ ଘଟଣାସ୍ଥଳରେ ଭୀଷ୍ମଙ୍କ ମୃତ୍ୟୁ ହୋଇଥିଲା । ଏ ନେଇ ପଦ୍ମପୁର ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୨୩/୧୯) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି ।

### ୧ ଲକ୍ଷ ଗଞ୍ଜେଇ ଗଛ ନଷ୍ଟ କଲା ପୋଲିସ

ମନମୁଣ୍ଡା, ୧୫।୧୧ (ଡି.ଏନ.ଏ)
ମନମୁଣ୍ଡା ପୋଲିସ ଶନିବାର ଚଢାଉ କରି ଗୁନ୍ଦୁଲିଆ ପଞ୍ଚାୟତ ଆଙ୍କୁଲ ମୌଜା ଗ୍ରାମ୍ୟ ଜଙ୍ଗଲରେ ୧୦୪.୩୦ ଏକର ଜମିରୁ ପ୍ରାୟ ୧ ଲକ୍ଷ ୪ ହଜାର ୩ଶହ ଗଛ ନଷ୍ଟ କରିଛି । ଏହି କାର୍ଯ୍ୟରେ ମନମୁଣ୍ଡା ବନ ବିଭାଗ ଓ ଗୁନ୍ଦୁଲିଆ ଆର୍‌ଆଇ ସହଯୋଗ କରିଥିଲେ ।

### ନୂଆପାଲି ସ୍କୁଲରେ ଟିକାଦାନ

ଘଣ୍ଟାପଡା, ୧୫।୧୧ (ଡି.ଏନ.ଏ)
ପିଲାଙ୍କୁ ଜାପାନିଜ୍ ଏନସେଫାଲାଇଟିସ୍‌ରୁ ରକ୍ଷା ପାଇବା ପାଇଁ ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଟିକାକରଣ କାମ ହାତକୁ ନିଆଯାଇଛି । ଏହି ଅବସରରେ ଶୁକ୍ରବାର କଣ୍ଟାମାଳ ବ୍ଲକ ଆଦିବାସୀ ହାଇସ୍କୁଲ ନୂଆପାଲିଠାରେ ୧ରୁ ୧୫ ବର୍ଷ ବୟସର ଛାତ୍ରୀଛାତ୍ରମାନଙ୍କୁ ଟିକାକରଣ କରାଯାଇଥିଲା। ମହିଳା ସ୍ୱାସ୍ଥ୍ୟକର୍ମୀ ଆନନ୍ଦିନୀ ପଧାନ ଏବଂ ଆଶା କର୍ମୀ ରୋହିଣୀ ବିଶ୍ୱାଳ ଯୋଗଦେଇ ବିଦ୍ୟାଳୟର ୩୭୫ ପିଲାଙ୍କୁ ଟିକା ଦେଇଥିଲେ। ବିଦ୍ୟାଳୟର ଶିକ୍ଷକମାନେ ସହଯୋଗ କରିଥିଲେ ।

### ୨୦ରୁ ମା' ଭୈରବୀ ମହୋତ୍ସବ

ପୁରୁଣାକଟକ,୧୫।୧୧(ଡି.ଏନ.ଏ)
ହରଭଙ୍ଗା ବ୍ଲକ ପୁରୁଣାକଟକରେ ଆସନ୍ତା ୨୦ରୁ ୨୪ ତାରିଖ ପର୍ଯ୍ୟନ୍ତ ପ୍ରଥମ ମା' ଭୈରବୀ ମହୋତ୍ସବ ଅନୁଷ୍ଠିତ ହେବାକୁ ଯାଉଛି । ଏହି ଅବସରରେ ଆୟୋଜକ କମିଟିର ଆବାହକ ସୁକାନ୍ତ ପଟ୍ଟନାୟକ, ସଭାପତି ଅଶୋକ ଅଗ୍ରୱାଲା ଓ ସମ୍ପାଦକ ସୁରେନ ପ୍ରଧାନଙ୍କ ସମେତ ସଦସ୍ୟମାନେ ଭୈରବୀ ମନ୍ଦିର ପ୍ରାଙ୍ଗଣରେ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀ ଆୟୋଜନ କରିଥିଲେ । ଏହି ମହୋତ୍ସବର ବ୍ୟାପକ ପ୍ରଚାର ପ୍ରସାର ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତେକୁ ନିଆଯାଇଥିବା ସୂଚନା ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ଭୈରବୀ ଡିଗ୍ରୀ କଲେଜ ପକ୍ଷରୁ ଛାତ୍ରୀଛାତ୍ରମାନଙ୍କୁ ନେଇ ପୁରୁଣାକଟକ ମିନି ଷ୍ଟାଡିୟମରେ ସଫେଇ କାର୍ଯ୍ୟକ୍ରମ ହୋଇଥିଲା ।

### ବାଳିକା ବ୍ୟାଣ୍ଡ ଦଳକୁ ସମ୍ବର୍ଦ୍ଧନା

ପଦ୍ମପୁର, ୧୫।୧୧ (ଡି.ଏନ.ଏ)
ଭୁବନେଶ୍ୱରଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସ୍କୁଲ ବ୍ୟାଣ୍ଡ ପ୍ରତିଯୋଗିତାରେ ବାଳିକା ବିଭାଗରୁ ପଦ୍ମପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରି କେନ୍ଦ୍ର ପୂର୍ବାଞ୍ଚଳ ଜୋନସ୍ତରକୁ ଉନ୍ନୀତ ହୋଇଛି । ଶିକ୍ଷକ ଗୋପାଳଜୀ ପ୍ରସାଦ ପାଣିଗ୍ରାହୀଙ୍କ ପରିଚାଳନାରେ ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ । ଏଥିପାଇଁ ଆୟୋଜିତ ସଭାରେ ପ୍ରଧାନ ଶିକ୍ଷୟିତ୍ରୀ ସେବାଶ୍ରୀ ଭୋଇ ଛାତ୍ରୀମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିବା ବେଳେ ବରିଷ୍ଠ ଶିକ୍ଷକ ବୃନ୍ଦାବନ ଦାଶ ଉତ୍ସାହିତ କରିଥିଲେ । ଦିପ୍ତୀପୁର ଉଚ୍ଚ ବିଦ୍ୟାଳୟର ଶିକ୍ଷକ ତରଣୀସେନ ଭୋଇ ବ୍ୟାଣ୍ଡ ବାଦନ ଅଭ୍ୟାସ କରାଇବାରେ ଛାତ୍ରୀମାନଙ୍କୁ ବିଶେଷ ସହାୟତା ପ୍ରଦାନ କରିଥିଲେ। ଶିକ୍ଷକ ଜୀବନାନନ୍ଦ ସାହୁ, ଦୁଷ୍ମନ୍ତ ଛତର ଓ ନନ୍ଦିନର ବାଗ ସହଯୋଗ କରିଥିଲେ ।

### ଧାନମଣ୍ଡି ଉଦ୍‌ଘାଟିତ


ପଦ୍ମପୁର, ୧୫।୧୧ (ଡି.ଏନ.ଏ)
ପଦ୍ମପୁର ନିୟନ୍ତ୍ରିତ ବଜାର କମିଟି ପ୍ରାଙ୍ଗଣରେ ଶୁକ୍ରବାର ଧାନମଣ୍ଡି ସହକାରୀ ଯୋଗାଣ ଅଧିକାରୀ ଶମ୍ଭୁ ପ୍ରସାଦ ହରିପାଲଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନିୟନ୍ତ୍ରିତ ବଜାର କମିଟିର ପ୍ରକାଶ ଦାଶ, ରବି ଚନ୍ଦ୍ର ସୁନା, ସୁଦୀପ୍ତ ମହାନ୍ତିଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

■ ଧାନ କିଣାବିକାର ପ୍ରଥମ ଦିନ

# ମଣ୍ଡି ଖୋଲିଲା, ଆସିଲେନି ମିଲର୍ସ

ଅତାବିରା, ୧୫।୧୧ (ଡି.ଏନ.ଏ)

ବରଗଡ଼ ଜିଲା ପ୍ରଶାସନର ନିଷ୍ପତ୍ତି କ୍ରମେ ଶୁକ୍ରବାର ଧାନ ମଣ୍ଡି ଖୋଲିଛି । ଏହି କ୍ରମରେ ଅତାବିରା ଆରଏମସି ଅଧୀନରେ ଚଳିତ ଖରିଫ ଋତୁ ଧାନ ସଂଗ୍ରହ ପାଇଁ ୧୯ଟି ସ୍ଥାୟୀ ମଣ୍ଡି ଓ ୨୦ଟି ଅସ୍ଥାୟୀ ବଜାର ପ୍ରାଙ୍ଗଣ ଖୋଲାଯାଇଛି। ମଣ୍ଡି ଖୋଲିବା ପରେ କେତେକ ଚାଷୀ ଟୋକନ ଧରି ମଣ୍ଡିକୁ ଧାନ ଆଣିଥିବା ବେଳେ ଆଉ କେତେକ ଚାଷୀ ବିନା ଟୋକନରେ ମଣ୍ଡିକୁ ଧାନ ଆଣି ରଖିଛନ୍ତି। ତେବେ ଚାଷୀମାନେ ଟୋକନ ବ୍ୟବସ୍ଥାକୁ ବିରୋଧ କରିବାରୁ ମଣ୍ଡିରେ ଧାନ ଏଣ୍ଟ୍ରି ହୋଇ ପାରିନାହିଁ। ଫଳରେ ମଣ୍ଡି ଗୁଡିକରେ ଗୋଟିଏ ଦିନରେ ହଜାର ହଜାର ବସ୍ତା ଧାନ ଗଦା ହୋଇ ରହିଛି । ଶୁକ୍ରବାର ୩ଟା ସୁଦ୍ଧା ମିଲର୍ସମାନେ କୌଣସି ମଣ୍ଡିକୁ ଧାନ କିଣିବା ପାଇଁ ପହଞ୍ଚି ନ ଥିବା ଜଣାପଡିଛି। ଅନ୍ୟପକ୍ଷେ ପ୍ରଶାସନ ଅସହଯୋଗ କରୁଥିବାରୁ ମିଲର୍ସମାନେ ଧାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରୁ ନ ଥିବା ଦେଖିବାକୁ ମିଳୁଛି। ଲୋଡିଂ ବାବଦକୁ ମିଲର୍ସଙ୍କୁ ଧାନ ପ୍ୟାକେଟ ପ୍ରତି ୩ ଟଙ୍କା ୫୦ ପଇସା



ଚାଷୀମାନେ ମଣ୍ଡିକୁ ଧାନ ଆଣି ଗଦା କରିଛନ୍ତି ।

ଦେବାକୁ ପଡୁଥିବା ବେଳେ ପ୍ରଶାସନ ମାତ୍ର ୧ ଟଙ୍କା ଦେଉଛି । ଫଳରେ ମିଲର୍ସମାନେ ବସ୍ତା ପ୍ରତି ଅଢେଇ ଟଙ୍କା କ୍ଷତି ସହୁଥିବାରୁ ଏହାକୁ ନେଇ ସେମାନଙ୍କ ଭିତରେ ଅସନ୍ତୋଷ ରହିଛି । ମିଲର୍ସ ଧାନ ନେବା ପାଇଁ ମଣ୍ଡିକୁ ଗାଡି ପଠାଇବେ କିନ୍ତୁ ସେମାନେ ଧାନ ଲୋଡିଂ କରିବେ ନାହିଁ ବୋଲି ନିଷ୍ପତ୍ତି ନେବା ପାଇଁ ଅତାବିରାରେ ଶୁକ୍ରବାର ମିଲର୍ସ ମାନଙ୍କ ଏକ ଗୁପ୍ତ ବୈଠକ ହୋଇଥିବା ଚର୍ଚ୍ଚା ଚାଲିଛି । ଏ ବିଷୟରେ ଅତାବିରା ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ବିଶ୍ୱଜିତ ବାରିକଙ୍କୁ ପଚରାଯିବାରୁ ସରକାରଙ୍କ ଟୋକନ ବ୍ୟବସ୍ଥାକୁ ଅତାବିରା ଓ ଗୋଡ଼ଭଗା ଅଞ୍ଚଳର ଚାଷୀମାନେ ବିରୋଧ କରିଛନ୍ତି। ମଣ୍ଡି ଖୋଲିବା ପ୍ରଥମ ଦିବସରେ ଆର୍‌ଏମ୍‌ସିର ବିଭିନ୍ନ ମଣ୍ଡିକୁ ଚାଷୀମାନେ ୧୯ ହଜାର ପ୍ୟାକେଟ ଧାନ ଆଣିଛନ୍ତି। ଚାଷୀମାନେ ଟୋକନ ଦେଉ ନ ଥିବାରୁ ଆଣିଥିବା ଧାନକୁ ଏଣ୍ଟ୍ରି କରାଯାଇ ପାରିନାହିଁ। ଚାଷୀମାନେ ଟୋକନ ବ୍ୟବସ୍ଥାକୁ ବର୍ତ୍ତମାନ ବିରୋଧ କରୁଛନ୍ତି ପରେ ବୁଝିଲେ ଧାନ ବିକ୍ରି ସୁରୁଖୁରୁରେ ହୋଇପାରିବ। ସରକାରଙ୍କର ଏହି ବ୍ୟବସ୍ଥା ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ସମ୍ପାଦକ ବାରିକ କହିଥିଲେ।

# ଟୋକନ ବ୍ୟବସ୍ଥାକୁ ନେଇ ବଢୁଛି ବିବାଦ

ବରଗଡ଼ ଅଫିସ,୧୫।୧୧

ବରଗଡ଼ ଜିଲାରେ ଶୁକ୍ରବାରରୁ ଖରିଫ ଋତୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ମାତ୍ର ଏଥର ଟୋକନ ବ୍ୟବସ୍ଥା କରାଯାଇ ଥିବାଯୋଗୁ ତାକୁ ନେଇ ବିବାଦ ବଢ଼ିବାରେ ଲାଗିଛି । ଚାଷୀଙ୍କ ବିରୋଧ ସତ୍ତ୍ୱେ ଟୋକନ ବ୍ୟବସ୍ଥାକୁ ଉଚ୍ଛେଦ କରାଯାଇନାହିଁ । ଫଳରେ ଏହାକୁ ନେଇ ଉତ୍ତେଜନା ବଢ଼ିବାରେ ଲାଗିଛି । ବରଗଡ଼ ନିୟନ୍ତ୍ରିତ ବଜାର କମିଟି ଅଧୀନ କଲାପାଣି ମାର୍କେଟ୍ ୟାର୍ଡ଼ରେ ଶୁକ୍ରବାର ଏଭଳି ପରିସ୍ଥିତି ଉପୁଜିଥିଲା । ଚାଷୀମାନେ ଏହି ମଣ୍ଡିକୁ ଧାନ ଆଣିଥିଲେ । ମାତ୍ର ସେମାନଙ୍କ ପାଖରେ ଟୋକନ ନ ଥିବାରୁ ମଣ୍ଡିର ଫାଟକ ଖୋଲାଯାଇ ନ ଥିଲା । ଫଳରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ଆରଏମସି ସମ୍ପାଦକ ଦୁର୍ଗାପ୍ରସାଦ ଛୁରିଆ ସେଠାକୁ ପହଞ୍ଚିଥିଲେ ଏବଂ ଘଟଣା ସମ୍ପର୍କରେ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ସହିତ ଆଲୋଚନା କରିଥିଲେ । ଏହାପରେ ମଣ୍ଡି ଫାଟକ ଖୋଲଯାଇଥିଲା ଏବଂ ଚାଷୀମାନେ ଆଣିଥିବା ୭୩୩ ପ୍ୟାକେଟ୍ ଧାନକୁ ମଣ୍ଡି ଭିତରକୁ ନେଇଥିଲେ । ମଣ୍ଡି ଖୋଲିଥିଲେ ହେଁ ବରଗଡ଼ ଅଞ୍ଚଳର ଚାଷୀଙ୍କ ପାଖକୁ ଟୋକନ ଇସ୍ୟୁ ହୋଇ ନ ଥିବା ଏବଂ ସେଭଳି ଅବ୍ୟବସ୍ଥାରେ ଚାଷୀଙ୍କୁ ଧାନ ବିକ୍ରିରୁ ବଞ୍ଚିତ କରାଯିବା ଘଟଣାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି । ଏ ଦିଗରେ ତ୍ୱରିତ ପଦକ୍ଷେପ ନିଆ ନ ଗଲେ ଆଗକୁ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଜୟ କିଶାନ ଆନ୍ଦୋଳନର ବରଗଡ଼ ଜିଲା ଆବାହକ ରମେଶ ମହାପାତ୍ର ଚେତାବନୀ ଦେଇଛନ୍ତି ।



କଲାପାଣି ମଣ୍ଡି ଫାଟକରେ ତାଲା ପଡ଼ିବାକୁ ନେଇ ଉତ୍ତେଜନା ଲାଗି ରହିଛି ।

# ମୁରାସୁର ରାଜ ପାଇଁ କଳାକାର ବରଣ

ପାଇକମାଳ, ୧୫।୧୧ (ଡି.ଏନ.ଏ.)

ପାଇକମାଳ ବ୍ଲକ ବରତୁଣ୍ଡା ଗାଁରେ ୫୬ତମ ମହାଲକ୍ଷ୍ମୀ ପୂଜା ଉପଲକ୍ଷେ ହେବାକୁ ଥିବା ମୁରାସୁର ଦରବାର ପାଇଁ କଳାକାରମାନଙ୍କୁ ବରଣ କରାଯାଇଛି। ମୁରାସୁର ଭୂମିକାରେ ଭେରୁଆଁପଦର ଗାଁର ସହଦେବ ସାହୁ, ଜଗନ୍ନାଥ ଭୂମିକାରେ ଯୁଗଳ ଭୋଇ, ସତ୍ୟାନନ୍ଦ ମାଝୀ, ଲିଙ୍ଗରାଜ ବରିହା, ସଫେଦ ସାହୁଙ୍କୁ ବର କରାଯାଇଥିଲା। ଲକ୍ଷ୍ମୀପୂରାଣ କଥାବସ୍ତୁକୁ ନିର୍ଦ୍ଦେଶନା ଦେବା ପାଇଁ ଯୁବ ନାଟ୍ୟକାର ଲଳିତ ଜଗତଙ୍କୁ ପାଣ୍ଡୁଲିପି ପ୍ରଦାନ କରାଯାଇଥିଲା। ପରେ ଲକ୍ଷ୍ମୀପୂଜାର ଶୁଭସ୍ତମ୍ଭ ସ୍ଥାପନ କରାଯାଇଥିଲା । ଉକ୍ତ ଉତ୍ସବରେ



ମୁରାସୁର ରାଜ କାର୍ଯ୍ୟକ୍ରମ ପାଇଁ କଳାକାର ବରଣ କରାଯାଉଛି ।

ଜିଲା ପରିଷଦ ସଭ୍ୟ ବିଶ୍ୱନାଥ ବାଗ, ଶରତ ଚନ୍ଦ୍ର ମହାନ୍ତି, ପ୍ରଶାନ୍ତ ବାଗ, ବେଣୁଧର ସାହୁ, ଜଗଜ୍ଜୀବନ ଗିର୍ନା, ବନମାଳୀ ବିନାଟ ଉପସ୍ଥିତ ଥିଲେ ।

### ଦୁର୍ଘଟଣାରେ ଯୁବକ ମୃତ


ପଦ୍ମପୁର, ୧୫।୧୧ (ଡି.ଏନ.ଏ)

ପଦ୍ମପୁର ଉପଖଣ୍ଡ ଜଗଦଲପୁର ଥାନା ଅଧୀନ ବୈତାଳଭଟା ଛକରେ ଭାରସାମ୍ୟ ହରାଇ ରାସ୍ତାକଡ ଖୁଣ୍ଟରେ ପିଟି ହୋଇଯିବାରୁ ଶୁକ୍ରବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସାନକୁଞ୍ଜାରୀ ଗ୍ରାମର ସୁମନ୍ତ ଲୁହାର (୨୨)। ଏହି ଦୁର୍ଘଟଣାରେ ଓମ୍ ପ୍ରକାଶ ଲୁହାର (୨୧) ଗୁରୁତର ଆହତ ହୋଇ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସୂଚନା ଅନୁସାରେ, ଗୁରୁବାର ରାତି ପ୍ରାୟ ୧୦ଟାରେ ସୁମନ୍ତ ଓ ପ୍ରକାଶ ଏକ ବାଇକ୍ ଯୋଗେ ପଦ୍ମପୁରରୁ ନିଜ ଗାଁକୁ ଫେରୁଥିବାବେଳେ ଭାରସାମ୍ୟ ହରାଇବାରୁ ବୈତାଳଭଟା ଛକ ନିକଟରେ ଥିବା ଏକ ଖୁଣ୍ଟରେ ବହୁତ ଜୋର୍‌ରେ ପିଟି ହୋଇଥିଲେ। ଫଳରେ ଘଟଣାସ୍ଥଳରେ ସୁମନ୍ତଙ୍କ ମୃତ୍ୟୁ ହୋଇଥିବା ବେଳେ ଓମ୍ ପ୍ରକାଶ ଅଚେତ ହୋଇ ପଡିଥିଲେ। ଶୁକ୍ରବାର ସକାଳେ ଖବର ପାଇ ଜଗଦଲପୁର ଥାନା ପୋଲିସ ଘଟଣାସ୍ଥଳକୁ ପହଞ୍ଚି ମୃତାହତଙ୍କୁ ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲା। ସେଠାରେ ସୁମନ୍ତଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା । ଏ ନେଇ ପଦ୍ମପୁର ଥାନାରେ ଏକ ମାମଲା (ନଂ.୧୩୮/୧୯) ରୁଜୁ ହୋଇଛି ।

# ବାଲିଯାତ୍ରାରେ ଟ୍ରାଫିକ ସଚେତନତା ପତ୍ର ଉନ୍ମୋଚିତ

ଭେଡ଼େନ, ୧୫।୧୧(ଡି.ଏନ.ଏ)

କଟକ ବାଲିଯାତ୍ରା ପଡ଼ିଆରେ ପଶ୍ଚିମ ଓଡ଼ିଶାର ଟ୍ରାଫିକ ସଂଯୋଜକଙ୍କ ଦ୍ୱାରା ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିପାଇଁ ଶୁକ୍ରବାର ସନ୍ଧ୍ୟାରେ ଏକ ଟ୍ରାଫିକ ସଚେତନତା ପତ୍ରକୁ କଟକ ଡ଼ିସିପି ଅଖିଳେଶ ସିଂ ମୁଖ୍ୟ ଅତିଥି ଏବଂ ଟ୍ରାଫିକ ଡ଼ିସିପି ସାଗରିକା ନାଥ ଅତିଥି ଭାବେ ଯୋଗଦେଇ ଉନ୍ମୋଚନ କରିଥିଲେ। ସଂଯୋଜକ ପଦ୍ମଲୋଚନ ଭୋସାଗରଙ୍କ ପରିଚାଳନାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ମନୋରମା ବାଗ, ସବିତା କଣ୍ଟା, ଇଶ୍ୱରୀ କଲାରୀ, ମନ୍ଦାକିନୀ ଜୟପୁରିଆଙ୍କ ସମେତ ଅନ୍ୟ ସଦସ୍ୟମାନେ ଯୋଗ ଦେଇଥିଲେ। ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଏହି ସଚେତନତା କାର୍ଯ୍ୟକ୍ରମ ଚାଲିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି ।




ବାଲିଯାତ୍ରାରେ ଟ୍ରାଫିକ ସ୍ୱେଚ୍ଛାସେବୀଙ୍କ ସହ ପୋଲିସ ଅଧିକାରୀଗଣ ।

# କ୍ୟାନ୍‌ସର ହସ୍‌ପିଟାଲ ଦାବିରେ ସଭା

■ କାର୍ଯ୍ୟକାରୀ ହୋଇନି ମୁଖ୍ୟମନ୍ତ୍ରୀଙ୍କ ଘୋଷଣା
■ ୧୯ରେ ଗାନ୍ଧୀ ଛକରେ ପ୍ରତୀକାତ୍ମକ ଧାରଣା

ବରଗଡ଼ ଅଫିସ,୧୫।୧୧

ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସରରେ ଶୁକ୍ରବାର ୟୁନାଇଟେଡ୍ ଫୋରମ ଫର୍ କ୍ୟାନସର ହସପିଟାଲ ଇନ ବରଗଡ଼ର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଆବାହକ ପ୍ରଦୀପ ଦେବତା ଏଥିରେ ଅଧ୍ୟକ୍ଷତା କରିଥିଲେ । ଗତ ସାଧାରଣ ନିର୍ବାଚନ ପୂର୍ବରୁ ଅର୍ଥାତ୍ ଗତ ଫେବୃୟାରୀ ୨୧ତାରିଖରେ ସୋହେଲା ଇଚ୍ଛାପାଲି ଗସ୍ତରେ ଆସି ମୁଖ୍ୟମନ୍ତ୍ରୀ ବରଗଡ଼ରେ କ୍ୟାନସର ହସ୍‌ପିଟାଲ କରାଯିବ ବୋଲି ଘୋଷଣା କରିଥିଲେ । ମାତ୍ର ଏପର୍ଯ୍ୟନ୍ତ ସେ ଦିଗରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକ୍ରିଆ ଆରମ୍ଭ ହୋଇ ନ ଥିବାରୁ ସଭାରେ ଉଦବେଗ ପ୍ରକାଶ ପାଇଥିଲା । ଏହାର ପ୍ରତିବାଦରେ ଆସନ୍ତା ୧୯ତାରିଖ ଦିନ ୧୦ଟାରୁ ମଧ୍ୟାହ୍ନ ୧ଟା ପର୍ଯ୍ୟନ୍ତ ବରଗଡ଼ ଗାନ୍ଧୀ ଛକରେ ପ୍ରତୀକାତ୍ମକ ଗଣଧାରଣା ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ସେହିପରି ବ୍ଲକସ୍ତରରେ ରହିଥିବା ବିଭିନ୍ନ ୟୁନିଟ୍‌କୁ ସକ୍ରିୟ କରାଯାଇ କ୍ୟାନସର ହସ୍‌ପିଟାଲ ଦାବିରେ ପୁଣି ବ୍ୟାପକ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଉକ୍ତ ବୈଠକରେ ସଂଯୋଜକ କୃଷ୍ଣଚନ୍ଦ୍ର ପଣ୍ଡା, ପ୍ରୀତମ ସିଂ, ଅଶ୍ୱିନୀ ଦର୍ଜୀ, ରବି ପଣ୍ଡା, ଦୀପକ ରଥ, ଗୋପାଳ ଅଗ୍ରୱାଲ, ପ୍ରତାପ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।




କ୍ୟାନସର ହସ୍‌ପିଟାଲ ଦାବିରେ ସଭା ଚାଲିଛି ।

### କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା

ବରଗଡ଼ ଅଫିସ,୧୫।୧୧

ରାଜ୍ୟ ସ୍କୁଲ ବ୍ୟାଣ୍ଡ ପ୍ରତିଯୋଗିତାର ବାଳକ ବିଭାଗରେ ବରଗଡ଼ ଜର୍ଜ ହାଇସ୍କୁଲର ଛାତ୍ରମାନେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟର ପ୍ରତିନିଧିତ୍ୱ କରିବା ପାଇଁ ଇଷ୍ଟର୍ଣ୍ଣ ଜୋନକୁ ମନୋନୀତ ହୋଇଛନ୍ତି । ଏହି ସଫଳତା ନେଇ ଶୁକ୍ରବାର ସେମାନେ ଭୁବନେଶ୍ୱରରୁ ବରଗଡ଼ ପହଞ୍ଚିବା ପରେ ଜର୍ଜ ହାଇସ୍କୁଲ ପକ୍ଷରୁ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଅମୃତା ସାହୁଙ୍କ ନେତୃତ୍ୱରେ ଶିକ୍ଷକ ବିରେନ୍ଦ୍ର ଦାଶ, ଜିଲା ବିଜ୍ଞାନ ନିରୀକ୍ଷକ ଡଃ ମନୋଜ କୁମାର ସାହୁ, ଭାର୍ଗବ ନାଏକ, ଶିକ୍ଷକ ଗୋପବନ୍ଧୁ ପୁରୋହିତ ପ୍ରମୁଖ ବରଗଡ଼ ରୋଡ୍ ରେଳ ଷ୍ଟେଶନରେ ଉପସ୍ଥିତ ରହି ସେମାନଙ୍କୁ ସ୍ୱାଗତ କରିବା ସହିତ ସମ୍ବର୍ଦ୍ଧିତ କରିଥିଲେ ।

# ଦେବାଳୟରେ କଂସ ଅଭିନେତା

ବରଗଡ଼ ଅଫିସ,୧୫।୧୧

ବହୁ ବାଦବିବାଦ ପରେ ବରଗଡ଼ ଧନୁଯାତ୍ରା ମହୋତ୍ସବ କଂସ ଭୂମିକାରେ ଅଭିନୟ କରିବା ପାଇଁ ଭୁବନେଶ୍ୱର ପ୍ରଧାନ କ୍ରମାଗତ ତୃତୀୟଥର ପାଇଁ ମନୋନୀତ ହୋଇଛନ୍ତି । ଗୁରୁବାର ସନ୍ଧ୍ୟାରେ ଧନୁଯାତ୍ରା ମହୋତ୍ସବ ସମିତିର ସଭାପତି ତଥା ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ଏହା ଘୋଷଣା କରିବା ପରେ ଶୁକ୍ରବାର ପୂର୍ବାହ୍ନରେ କଂସ ଅଭିନେତା ଭୁବନେଶ୍ୱର ବରଗଡ଼ର ବିଭିନ୍ନ ଦେବାଳୟକୁ ଯାଇ ଦେବଦେବୀଙ୍କୁ ଦର୍ଶନ କରି ଆଶୀର୍ବାଦ ଲୋଡ଼ିଥିଲେ। ସ୍ଥାନୀୟ ସମଲେଶ୍ୱରୀ ମନ୍ଦିର, ହାଟପଦା ଦୁର୍ଗା ମନ୍ଦିର ଏବଂ ଶ୍ୟାମାକାଳୀ ମନ୍ଦିରକୁ ଯାଇ ସେ ଦର୍ଶନ କରିଥିଲେ । ତାଙ୍କ ସହିତ ପଶ୍ଚିମ ଓଡ଼ିଶା ଧନୁଯାତ୍ରା କଳାକାର ସଂଘ ସଭାପତି ଦୟାନିଧି ପ୍ରଧାନ, ବରଗଡ଼ ଧନୁଯାତ୍ରାର ଅକ୍ରୁର କଳାକାର ଲଳିତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।



ମାଁ ଶ୍ୟାମାକାଳୀ ମନ୍ଦିରରେ କଂସ ଅଭିନେତା ।

# ଫୁଟବଲ ଟୁର୍ନାମେଣ୍ଟ: ବରଗଡ ବିଜୟୀ

ଝାରବନ୍ଧ, ୧୫।୧୧ (ଡି.ଏନ.ଏ)

ଝାରବନ୍ଧ ପଞ୍ଚାୟତ ହାଇସ୍କୁଲ ପଡିଆରେ ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଛି । ଉଦ୍‌ଘାଟନୀ ଉତ୍ସବରେ ଜିଲା ପରିଷଦ ସଭ୍ୟା କୁମୁଦିନୀ ସାହୁ, ସରପଞ୍ଚ ଧନମତୀ ପାଣ୍ଡେ ଅତିଥି ଭାବେ ଯୋଗଦାନ କରିଥିଲେ। ଝାରବନ୍ଧ ଗ୍ଲୋବାଲ ସ୍ପୋର୍ଟିଂ ତରଫରୁ ହେଉଥିବା ଏହି ତ୍ରିଦିବସୀୟ ଫୁଟବଲ ଟୁର୍ନାମେଣ୍ଟର ପ୍ରଥମ ଦିନରେ ଝାରବନ୍ଧ ଏବଂ କଦଳୀପାଲି ମଧ୍ୟରେ ଉଦଘାଟନୀ ମ୍ୟାଚ ହୋଇଥିଲା। ଏଥିରେ କଦଳୀପାଲି ଦଳ ଟାଇବ୍ରେକର ଜରିଆରେ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ନୂଆପଡା ଏବଂ ବରଗଡ ମଧ୍ୟରେ ହୋଇଥିଲା। ଏଥିରେ ବରଗଡ ଦଳ ବିଜୟୀ ହୋଇ କଳଦୀପାଲି ସହିତ ପ୍ରଥମ ସେମିଫାଇନାଲ ମ୍ୟାଚ ଖେଳିଥିଲା । ଟାଇବ୍ରେକର ଜରିଆରେ ବରଗଡ ଦଳ ବିଜୟୀ ହୋଇଥିଲା। ପ୍ରଥମ ସେମିଫାଇନାଲ ମ୍ୟାଚରେ ମୁଖ୍ୟଅତିଥି ଭାବେ ଷ୍ଟେଟ ବ୍ୟାଙ୍କ ମ୍ୟାନେଜର ଆଶୁତୋଷ ବରିହା, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଜଗଦୀଶ ସାହୁ, ଟିକେଶ୍ୱର ପ୍ରଧାନ, ସନ୍ତୋଷ ବେହେରା ପ୍ରମୁଖ ଯୋଗଦାନ କରିଥିଲେ । ଏହି ଖେଳକୁ ଭବାନୀଶଙ୍କର ମାଝୀ, ପ୍ରଶାନ୍ତ କୁମାର ବେହେରା ପରିଚାଳନା କରିଥିବା ବେଳେ ଚିତ୍ତରଞ୍ଜନ ପାଣ୍ଡେ, ଗୌରାଙ୍ଗ ପାଣ୍ଡେ ସହଯୋଗ କରିଥିଲେ ।

■ ପଲଶାଗୋରା-ଦପଲା ରାସ୍ତାପାର୍ଶ୍ୱ ବନୀକରଣ ଘୋଟାଲା

# ଗଛ ନାହିଁ, ପାଣି ଦେବା ନାଁରେ ଟଙ୍କା ହଡ଼ପ

କଣ୍ଟାମାଳ,୧୫।୧୧(ଡି.ଏନ.ଏ)

ବୌଦ୍ଧ ଜିଲା କଣ୍ଟାମାଳ ଜଙ୍ଗଲ ରେଞ୍ଜର ପଲଶାଗୋରା-ଦପଲା ରାସ୍ତାପାର୍ଶ୍ୱ ବନୀକରଣ ପ୍ରକଳ୍ପରେ ଘୋଟାଲା ହୋଇଛି । ଏହି ପ୍ରକଳ୍ପରେ ଗଛ ନ ଥାଇ ପାଣି ଦେବା ନାଁରେ ଟଙ୍କା ହଡପ କରାଯାଇଥିବା ଅଭିଯୋଗ ହୋଇଛି। ୨୦୧୭-୧୮ ଆର୍ଥିକ ବର୍ଷରେ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପରେ ପଲଶାଗୋରାଠାରୁ ଦପଲା ପର୍ଯ୍ୟନ୍ତ ୧୦ କି.ମି. ଗଛ ଲଗାଇବା ପାଇଁ ଏମ୍‌ଜିଏନଆରଇଜିଏସ୍‌ରୁ ପ୍ରଥମ ବର୍ଷରେ ୫ ଲକ୍ଷ ୬୧ ହଜାର୯୬୯ ଟଙ୍କା, ୨ୟ ବର୍ଷରେ ୪ଲକ୍ଷ ୭୯ ହଜାର ୯୨୬ ଟଙ୍କା ଖତ ଓ ସାର ତଥା ସୁରକ୍ଷା ବାଡ ବାବଦରେ ଖର୍ଚ୍ଚ ହୋଇଛି। ଶ୍ରମିକ ବାବଦରେ ୧ମ ବର୍ଷ ୧ଲକ୍ଷ ୩୬ ହଜାର ୯୨୮ ଓ ୨ୟ ବର୍ଷରେ ୩୫ ହଜାର ୬୩୨ ଟଙ୍କା ଖର୍ଚ୍ଚ ହୋଇଛି । ଏହି ପ୍ରକଳ୍ପରେ ଯେଉଁ ୨୫ଶହ ଗଛ ଲାଗିଥିଲା ସେଥିମଧ୍ୟରୁ ମାତ୍ର ୫୦ରୁ ୬୦ଟି ଗଛ ବଞ୍ଚିଛି । ଚଳିତ ମାସରେ ଏହି ରାସ୍ତାରେ ପାଇପ ଲାଇନ କାମ ହେବାବେଳେ ସେଠାରୁ କିଛି ମାଟି ନେଇ ସେହି ଗଛ ମୂଳରେ ପକାଇ ଦିଆଯାଇଛି । ଗଛର ସୁରକ୍ଷା ପାଇଁ ବାଡ ନ ଥାଇ ଗାବିଆନ ବାବଦରେ ୧ମ ବର୍ଷରେ ୭୧ ହଜାର ୯୯୬ ଖର୍ଚ୍ଚ କରାଯାଇଛି । ପାଣି ଦେବା ବାବଦରେ ୨୦୧୮ ଜାନୁଆରୀ, ଫେବୃୟାରୀ ଓ ମାର୍ଚ୍ଚ ମାସରେ ୨୪ ହଜାର ୯୯୯ ଟଙ୍କା ଲେଖାଏଁ ବିଲ୍ କରାଯାଇଛି । ଏହି ବିଲ୍ କେବଳ ଜଣଙ୍କୁ ପ୍ରଦାନ କରାଯାଇଥିବା ବେଳେ ଆଉ କେତେକ ନର୍ସରୀର ପାଣି ବାବଦ ବିଲ୍ ମଧ୍ୟ ଜଣଙ୍କୁ ପ୍ରଦାନ କରାଯାଇଛି । ଏ ନେଇ ଉଚ୍ଚସ୍ତରୀୟ ତଦନ୍ତର ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି । ସରକାର ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ରାସ୍ତାପାର୍ଶ୍ୱ ବନୀକରଣ କଲା ବେଳେ ଗଛ ନ ଥାଇ କିପରି ମିଥ୍ୟା ବିଲ୍ କରି ଟଙ୍କ ହଡପ ହୋଇଛି ଏହା ସାଧାରଣରେ ଜଙ୍ଗଲ ବିଭାଗର ଅନିୟମିତତାକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ଏ ସମ୍ପର୍କରେ କଣ୍ଟାମାଳ ଭାରପ୍ରାପ୍ତ ରେଞ୍ଜର ଦିଲୀପ ଦିଗାଲଙ୍କୁ ପଚାରିବାରୁ ସେ ଅଭିଯୋଗକୁ ସ୍ୱୀକାର କରିବା ସହ ଏ ନେଇ ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।




ପଲଶାଗୋରା-ଦପଲା ରାସ୍ତାପାର୍ଶ୍ୱ ବନୀକରଣ ।

## ସଂକ୍ଷେପରେ



### ମହାସମାରୋହରେ କୋଟ୍ରିବାହାଲ ରାଧାକୃଷ୍ଣ ପୂଜା ସମ୍ପନ୍ନ

**କୋମନା,୧୫।୧୧(ଡି.ଏନ.ଏ.)-** ନୂଆପଡା ଜିଲା କୋମନା ବ୍ଲକ କୋଟ୍ରିବାହାଲ ଗାଁରେ ଚାଲିଥିବା ରାଧାକୃଷ୍ଣ ପୂଜା ମହାସମାରୋହରେ ଉଦ୍‌ଯାପିତ ହୋଇଯାଇଛି। ୭ ଦିନ ଧରି ଚାଲିଥିବା ଏହି ପୂଜାରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଛି। ଚଳିତବର୍ଷ ପୂଜା ମଣ୍ଡପରେ ବିଭିନ୍ନ ଡିଜିଟାଲ ଲାଇଟ ସାଜସଜ୍ଜା ଭକ୍ତମାନଙ୍କ ପାଇଁ ଆକର୍ଷଣୀୟ ହୋଇଥିବା ବେଳେ ପ୍ରତ୍ୟେକ ଦିନ ପୂରାଣ ପାଠ ଓ ହୋମ ହେଉଥିଲା। ରାତିରେ ଲୋକଙ୍କ ମନୋରଞ୍ଜନ ସକାଶେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଧାକୃଷ୍ଣ ପୂଜାର ଶେଷ ସନ୍ଧ୍ୟାରେ ନୃତ୍ୟ ପ୍ରତିଯୋଗିତା ହୋଇଥଲା। ନୃତ୍ୟ ପ୍ରତିଯୋଗୀତା ଦେଖିବା ପାଇଁ ବିଶିବାହାଳ, ମାଲିମୁଣ୍ଡା, କୁମୁଟିମୁଣ୍ଡା, ଜଡାମୁଣ୍ଡା, ଭେଲା, ବରକୋଟ ସମେତ ଆଖପାଖ ଗ୍ରାମର ବହୁ ଦର୍ଶକଙ୍କ ଭିଡ ଜମିଥିଲା। ପୂଜା କମିଟି ସମସ୍ତ ସଦସ୍ୟ ପୂଜା ପରିଚାଳନାରେ ସହଯୋଗ କରିଥିବା ସଭାପତି କେଶବଲାଲ କୁମ୍ଭାର ସୂଚନା ଦେଇଛନ୍ତି।

### ସିନାପାଲି ସହରକୁ ଏନ୍‌ଏସି ମାନ୍ୟତା ଦାବି ଜୋର ଧରିଲା

# ୧୨ ଘଣ୍ଟିଆ ସିନାପାଲି ବନ୍ଦ

**ସିନାପାଲି,୧୫।୧୧ (ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ସହରକୁ ଏନଏସି ମାନ୍ୟତା ଦାବି ଦିନକୁ ଦିନ ଜୋର ଧରୁଥିବା ବେଳେ ଶୁକ୍ରବାର ଦିଆଯାଇଥିବା ବନ୍ଦ ଡାକରା ସଫଳ ହୋଇଛି। ନାଗରିକ କମିଟି ଆହ୍ୱାନରେ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସିନାପାଲି ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଥିଲା। ସିନାପାଲି ସହର ସମସ୍ତ ଦୋକାନବଜାର, ହୋଟେଲ ସମେତ ସରକାରୀ ଓ ବେସରକାରୀ ଅନୁଷ୍ଠାନ, ବ୍ୟାଙ୍କ, ସ୍କୁଲ, କଲେଜ ବନ୍ଦକୁ ସମର୍ଥନ କରିଥିବା ଦେଖିବାକୁ ମିଳିଥିଲା। ଏହା ସହିତ ସିନାପାଲି ସହର ସମସ୍ତ ଯୁବକ ସଂଘ, ସାମାଜିକ କର୍ମୀ ଏବଂ ସମସ୍ତ ରାଜନୈତିକ ଦଳ କର୍ମକର୍ତ୍ତା ବନ୍ଦରେ ସାମିଲ ହୋଇଥିଲେ। ଚାରିଚକିଆ ଯାନଗୁଡିକ ମଧ୍ୟ ଚଳାଚଳ ବନ୍ଦ ରହିଥିଲା। ସକାଳୁ ଶତାଧିକ ଯୁବକ ରାଜରାସ୍ତାରେ ଓହ୍ଲାଇ ବନ୍ଦକୁ ସର୍ମଥନ କରିବା ସହିତ ସରକାର ତୁରନ୍ତ ସିନାପାଲିକୁ ଏନଏସି ଘୋଷଣା କରିବାକୁ ଦାବି କରିଥିଲେ। ଏହି ଅବସରରେ ଅପରାହ୍ନରେ ଶତାଧିକ ଯୁବକ ଓ ମହିଳା କାପସି ଛକଠାରୁ ଏକ ରାଲିରେ ବାହାରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ମାଧମର ମୁଖ୍ୟମନ୍ତ୍ରୀ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ




ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ମାଧମରେ ମୁଖ୍ୟମନ୍ତ୍ରୀ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଉଛି।

ଦାବିପତ୍ର ପ୍ରେରଣ କରିଥିଲେ। ନାଗରିକ କମିଟି ସଭାପତି ଉମ୍ବରୁଧର ମେହେରଙ୍କ ସମେତ ବରିଷ୍ଠ ଆଇନଜୀବୀ ବୈଶମ୍ପାୟନ ମେହେର, ପୂର୍ବ ବ୍ଲକ ଅଧକ୍ଷ ନୀଳମଣି ମେହେର, ଜିଲା ପରିଷଦ ସଭ୍ୟ ପ୍ରିୟରଞ୍ଜନ ମେହେର, ପୂର୍ବ ଜିଲା ପରିଷଦ ସଭ୍ୟ ଲିଙ୍ଗରାଜ ଘିଭେଲା, ପୂର୍ବତନ ଜିଲା ପରିଷଦ ସଭ୍ୟ ସୁବ୍ରତ କୁମାର ଠାକୁର, ସିନାପାଲି ବ୍ଲକ୍ ଅଧ୍ୟକ୍ଷା ତପସ୍ୱିନୀ ମାଝି, ଉପାଧ୍ୟକ୍ଷ ସୁବାସ ଚନ୍ଦ୍ର ଅଗୱାଲ, ପ୍ରଦୀପ କୁମାର ଜୈନ, ମଧୁକୁମାର ଜୈନ, ଗୋଦାବରୀଶ ନାଏକ, ଖଗେଶ୍ୱର ସା, ଗଜାମଣି ସା, ପୁରୁଷୋତ୍ତମ ମେହେର, ଟେଣୋ ମେହେର, ପୀୟୂଷ ପଟେଲ, ପୁସ୍ତମ ମାଝି, ମଧୁ ମାଝି, ନାରାୟଣ ପାତ୍ର, ଶିବ ମେହେର, ସୁରଜ ମେହେର, ଅଭିଗନ ଯୋଷୀ, ସୁବ୍ରତ ମେହେର, ତ୍ରିନାଥ ମେହେର, ହାଡୁରାମ ମେହେର ପ୍ରମୁଖ ଆନ୍ଦୋଳନ ନେତୃତ୍ୱ ନେଇଥିଲେ।

ସୂଚନାଯୋଗ୍ୟ ଯେ, ସିନାପାଲି ଗ୍ରାମପଞ୍ଚାୟତ ଅନ୍ତର୍ଗତ ସିନାପାଲି, କାସପି ଓ ଯୁଗେନପଦର ଗ୍ରାମକୁ ନେଇ ଏନଏସି ଘୋଷଣା କରିବା ପାଇଁ କିଛି ବର୍ଷ ହେଲା ଦାବି ହୋଇ ଆସୁଥିଲା। ଏହି ଗ୍ରାମଗୁଡ଼ିକରେ ୨୦୧୧ ଜନଗଣନା ଅନୁସାରେ ୮ ହଜାରରୁ ଊର୍ଦ୍ଧ୍ୱ ଜନସଂଖ୍ୟା ଥିଲେ ମଧ ବର୍ତ୍ତମାନ ପର୍ଯ୍ୟନ୍ତ ଏନଏସି ପାଇଁ ଆବଶ୍ୟକ ପଡୁଥିବା ସର୍ବନିମ୍ନ ୧୦ ହଜାରରୁ ଅଧିକ ଲୋକସଂଖ୍ୟା ଅଛି ବୋଲି ଆୟୋଜକ ନାଗରିକ କମିଟି ଦାବି କରୁଛି।

# ବଲାଙ୍ଗୀରରେ ଭାଜପାର ଗାନ୍ଧୀ ସଂକଳ୍ପ ଯାତ୍ରା

- ଏମ୍‌ପି ସଙ୍ଗୀତା ସିଂଦେଓଙ୍କ ନେତୃତ୍ୱରେ ହେଲା ସହର ପରିକ୍ରମା
- ସାମିଲ ହେଲେ ଶତାଧିକ ଭାଜପା କର୍ମୀ

**ବଲାଙ୍ଗୀର ଅଫିସ, ୧୫।୧୧**

ବଲାଙ୍ଗୀରଠାରେ ଶୁକ୍ରବାର ଭାଜପା ପକ୍ଷରୁ ଗାନ୍ଧୀ ସଂକଳ୍ପ ଯାତ୍ରା ଅନୁଷ୍ଠିତ ହୋଇଥିଲା । ସଂକଳ୍ପ ଯାତ୍ରାରେ ବଲାଙ୍ଗୀର ଲୋକସଭା ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ଯୋଗ ଦେଇଥିଲେ । ସ୍ଥାନୀୟ ଗାନ୍ଧୀଭବନ ସମ୍ମୁଖସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଏମ୍‌ପି ସିଂଦେଓ ପୁଷ୍ପମାଲ୍ୟ ଅର୍ପଣ ପରେ ସଂକଳ୍ପ ଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ମହାତ୍ମା ଗାନ୍ଧୀଙ୍କ ନୀତିବାଣୀ ଓ ଆଦର୍ଶକୁ ସାଧାରଣ ଲୋକଙ୍କ ପାଖକୁ ପହଞ୍ଚାଇବା ଉଦ୍ଦେଶ୍ୟରେ ଭାଜପା ପକ୍ଷରୁ ଗାନ୍ଧୀ ସଂକଳ୍ପ ଯାତ୍ରା ଆରମ୍ଭ କରାଯାଇଛି । କୋଶଳ କଳାମଣ୍ଡଳ ପଡ଼ିଆରେ ପୂର୍ବାହ୍ନ ୧୦ଟାରୁ ଶତାଧିକ ଭାଜପା କର୍ମୀ ଏକାଠି ହୋଇଥିଲେ । ପରେ ଭାଗୀରଥି ଛକ, ପ୍ରାଇଭେଟ୍ ବସ୍‌ଷ୍ଟାଣ୍ଡ, କଚେରି ଛକ, ସରକାରୀ ବସ୍‌ଷ୍ଟାଣ୍ଡ, ମେନ୍ ମାର୍କେଟ୍, ପାଟଣା ହୋଟେଲ ଛକ, ଦୁର୍ଗା ମନ୍ଦିର, ମହାଦେବ ମନ୍ଦିର ଛକ ଦେଇ ପୃଥ୍ୱିରାଜ ହାଇସ୍କୁଲ ପଡ଼ିଆ ସମ୍ମୁଖ ଗାନ୍ଧୀନଗର ପଡାସ୍ଥିତ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତି ସ୍ଥଳକୁ ପହଞ୍ଚି ଥିଲେ । ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ସଂକଳ୍ପ ଯାତ୍ରା ଶେଷ କରିଥିଲେ। ସଂକଳ୍ପ ଯାତ୍ରାରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପଙ୍କଜିନୀ ପଣ୍ଡା, ନଗର ସଭାପତି ରାକେଶ ମିଶ୍ର, ଦେଓଗାଁ ବ୍ଲକ ଏମ୍‌ପିଙ୍କ ପ୍ରତିନିଧି ଅମିତ୍ ସିଂ ନିନା, ଭଜପା ନେତା ଗୋପାଲଜୀ ପାଣିଗ୍ରାହୀ, ସୁରଜ ଗୁରୁ, ପୀତାମ୍ବର ଖମାରୀ, ଶଶୀଭୂଷଣ ପୁରୋହିତ, ଚିତ୍ତରଞ୍ଜନ ମିଶ୍ର, ରମାକାନ୍ତ ପ୍ରଧାନ, ଆରତୀ ଗୁରୁ, ରଞ୍ଜିତା ପାଣିଗ୍ରାହୀ, ରଶ୍ମିରେଖା ଜାନୀ, ବାସନ୍ତି ଜେନା, ସଞ୍ଜୁ ନାୟକ, ଫିରୋଜା ବିବି, ରାଜେଶ୍ୱରୀ ଆଚାର୍ଯ୍ୟଙ୍କ ସହ ଅନ୍ୟ ଶତାଧିକ ଭାଜପା କର୍ମୀ ଯୋଗଦେଇ ସହର ପରିକ୍ରମା କରିଥିଲେ।




ଭାଜପା କର୍ମୀମାନେ ଗାନ୍ଧୀ ସଂକଳ୍ପ ଯାତ୍ରାରେ ସହର ପରିକ୍ରମା କରୁଛନ୍ତି।

### ଦେଓଗାଁ ବ୍ଲକ-ଚିକିତ୍ସାଳୟ ରାସ୍ତା କଂକ୍ରିଟକରଣ ଦାବି

# ପଞ୍ଚାୟତବାସୀଙ୍କ ରାସ୍ତାରୋକୋ

**ଦେଓଗାଁ,୧୫।୧୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ-ଚିକିତ୍ସାଳୟ ମୁଖ୍ୟ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି । ହେଲେ ରାସ୍ତାର କଂକ୍ରିଟକରଣ ଦାବି ନେଇ ଜରାସିଂହା ପଞ୍ଚାୟତ ବାସୀ ଶୁକ୍ରବାର ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଚନ୍ଦ୍ରପୁର ଡକୁଆପଡ଼ା ଛକରେ ରାସ୍ତା ଅବରୋଧ କରି ଆନ୍ଦୋଳନ କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଅପରାହ୍ନ ୩ଟାରେ ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର ଧାରଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ଆନ୍ଦୋଳନକାରୀମାନେ ଦେଓଗାଁ ବ୍ଲକ-ଚିକିତ୍ସାଳୟ ମୁଖ୍ୟ ରାସ୍ତାରେ ବ୍ଲକ କାର୍ଯ୍ୟାଳୟ ସମେତ ତହସିଲ, ମୁଖ୍ୟ ଚିକିତ୍ସାଳୟ, ପ୍ରାଣୀଧନ ଚିକିତ୍ସାଳୟ, ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ, କୃଷି କାର୍ଯ୍ୟାଳୟ, ସମନ୍ୱୀତ ଶିଶୁ ବିକାଶ କାର୍ଯ୍ୟାଳୟ, ଗ୍ରାମ୍ୟ ଜଳଯୋଗାଣ କାର୍ଯ୍ୟାଳୟ ଆଦି ରହିଥିବାରୁ ରାସ୍ତା ଉପରେ ପ୍ରତ୍ୟେକ ଦିନ ବ୍ଲକର ୨୬ଟି ପଞ୍ଚାୟତର ଜନସାଧାରଣ ନିର୍ଭରଶୀଳ। ଏପରି କି ଚନ୍ଦ୍ରପୁରରୁ ଛାତ୍ରୀଛାତ୍ରମାନେ ଏହି ରାସ୍ତାଦେଇ ସ୍କୁଲକୁ ଯାଆସ କରୁଛନ୍ତି । ଅନେକ ସମୟରେ ଜିଲାସ୍ତରୀୟ ତଥା ରାଜ୍ୟସ୍ତରୀୟ ସରକାରୀ ଅଧିକାରୀ, କମିଶନର, ବିଧାୟକ, ଏମ୍‌ପି ତଥା ନେତୃବୃନ୍ଦ ଆସୁଥିବା ବେଳେ ରାସ୍ତାର ଦୁରବସ୍ଥା ପ୍ରତି କାହାରି ନଜର ନ ପଡିବା ପରିତାପର ବିଷୟ ବୋଲି ଆନ୍ଦଳନକାରୀମାନେ ଉପଜିଲାପାଳ ମିଶ୍ରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଆସନ୍ତା ୨ ସପ୍ତାହ ମଧରେ ଉକ୍ତ ରାସ୍ତାର କଂକ୍ରିଟକରଣ ଓ ପ୍ରସସ୍ଥିକରଣ କରାଯିବ ବୋଲି ଉପଜିଲାପାଳ ମିଶ୍ର ପ୍ରତିଶ୍ରୁତି ଦେବାପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

ସୂଚନାଯୋଗ୍ୟ କିଛିଦିନ ତଳେ ସ୍ଥାନୀୟ ବାସିନ୍ଦା ଓ ଜରାସିଂହା ପଞ୍ଚାୟତର ଜନପ୍ରତିନିଧି ବୃନ୍ଦ ୱାର୍ଡସଭ୍ୟ ନେହେରୁ ଦୀପ, ନେତ୍ରାନନ୍ଦ ଦୀପ, ଡକୁଆ ଯୁବକ ସଂଘ ସଭାପତି ମନୋଜ ଦୀପ, ଉପସଭାପତି ରାଜୀବ ଦୀପ, ସମ୍ପାଦକ ହରୀବନ୍ଧୁ ଦୀପ, ଲକ୍ଷ୍ମୀ ଭେସ୍ରା, ନିରାକାର ବାଗ, ମୋତିଲାଲ ଦଣ୍ଡସେନା, ମଦନ ଧରୁଆ, ଶ୍ରୀବନ୍ତ ମେହେର, ବିନୋଦିନି ମେହେର, ଚଞ୍ଚଳା ଦଣ୍ଡସେନା, ତରୁଲତା ମନହୀରା, ରଜ ମନହୀରା, ସୁକାନ୍ତୀ ମାଝି, ଭାଗ୍ୟବତୀ ନନ୍ଦ, ଛେଲିଆ ମେହେର ପ୍ରମୁଖ ରାସ୍ତାର ଶୋଚନୀୟ ଅବସ୍ଥା ସଂକ୍ରାନ୍ତରେ ଜିଲାପାଳଙ୍କୁ ଲିଖିତ ଭାବେ ଅବଗତ କରିଥିଲେ। ହେଲେ ବୁଧବାର ଦେଓଗାଁ ବ୍ଲକ କାର୍ଯ୍ୟାଳୟକୁ ଉପଜିଲାପାଳ ମିଶ୍ର ପହଞ୍ଚି ବିଡିଓ ବେର୍ଣ୍ଣାଦେତ ଲାକ୍ରା ଓ ଜରାସିଂହା ପଞ୍ଚାୟତ ଜନପ୍ରତିନିଧି ତଥା ସ୍ଥାନୀୟ ବାସିନ୍ଦାଙ୍କ ସହ ରାସ୍ତାର ଦୂରାବସ୍ଥା ଉପରେ ଆଲୋଚନା କରିଥିଲେ । ହେଲେ ଆଲୋଚନା ବିଫଳ ହେବାରୁ ଚଳିତମାସ ୧୫ ତାରିଖରେ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା।



ଡକୁଆପଡାଛକଠାରେ ଉପଜିଲାପାଳ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରୁଛନ୍ତି।

### କ୍ୟାନସର ହସ୍ପିଟାଲ ଦାବିରେ ସଭା

- କାର୍ଯ୍ୟକାରୀ ହୋଇନି ମୁଖ୍ୟମନ୍ତ୍ରୀଙ୍କ ଘୋଷଣା
- ୧୯ରେ ଗାନ୍ଧୀ ଛକରେ ପ୍ରତୀକାତ୍ମକ ଧାରଣା

**ବରଗଡ଼ ଅଫିସ,୧୫।୧୧**

ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସରରେ ଶୁକ୍ରବାର ୟୁନାଇଟେଡ୍ ଫୋରମ ଫର୍ କ୍ୟାନସର ହସପିଟାଲ ଇନ ବରଗଡ଼ର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଆବାହକ ପ୍ରଦୀପ ଦେବତା ଏଥିରେ ଅଧ୍ୟକ୍ଷତା କରିଥିଲେ । ଗତ ସାଧାରଣ ନିର୍ବାଚନ ପୂର୍ବରୁ ଅର୍ଥାତ୍ ଗତ ଫେବୃୟାରୀ ୨୧ତାରିଖରେ ସୋହେଲା ଇଚ୍ଛାପାଲି ଗସ୍ତରେ ଆସି ମୁଖ୍ୟମନ୍ତ୍ରୀ ବରଗଡ଼ରେ କ୍ୟାନସର ହସ୍‌ପିଟାଲ କରାଯିବ ବୋଲି ଘୋଷଣା କରିଥିଲେ । ମାତ୍ର ଏପର୍ଯ୍ୟନ୍ତ ସେ ଦିଗରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକ୍ରିଆ ଆରମ୍ଭ ହୋଇ ନ ଥିବାରୁ ସଭାରେ ଉଦବେଗ ପ୍ରକାଶ ପାଇଥିଲା । ଏହାର ପ୍ରତିବାଦରେ ଆସନ୍ତା ୧୯ତାରିଖ ଦିନ ୧୦ଟାରୁ ମଧ୍ୟାହ୍ନ ୧ଟା ପର୍ଯ୍ୟନ୍ତ ବରଗଡ଼ ଗାନ୍ଧୀ ଛକରେ ପ୍ରତୀକାତ୍ମକ ଗଣଧାରଣା ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା । ସେହିପରି ବ୍ଲକସ୍ତରରେ ରହିଥିବା ବିଭିନ୍ନ ୟୁନିଟ୍‌କୁ ସକ୍ରିୟ କରାଯାଇ କ୍ୟାନସର ହସ୍‌ପିଟାଲ ଦାବିରେ ପୁଣି ବ୍ୟାପକ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଉକ୍ତ ବୈଠକରେ ସଂଯୋଜକ କୃଷ୍ଣଚନ୍ଦ୍ର ପଣ୍ଡା, ପ୍ରୀତମ ସିଂ, ଅଶ୍ୱିନୀ ଦର୍ଜୀ, ରବି ପଣ୍ଡା, ଦୀପକ ରଥ, ଗୋପାଳ ଅଗ୍ରୱାଲ, ପ୍ରତାପ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ମହାବୀର ସାଂସ୍କୃତିକ ଅନୁଷ୍ଠାନ, ଯୁଟିଆ ଶିକ୍ଷକ ସଂଘ ପକ୍ଷରୁ ମିଳିତ ଶିଶୁ ଦିବସ

**ଭବାନୀପାଟଣା,୧୫।୧୧(ଡି.ଏନ.ଏ.)**

ସ୍ଥାନୀୟ ମହାବୀର ରଙ୍ଗ ମଞ୍ଚରେ ମହାବୀର ସାଂସ୍କୃତିକ ଅନୁଷ୍ଠାନ ଓ ଯୁଟିଆ ଶିକ୍ଷକ ସଂଘ ମିଳିତ ଉଦ୍ୟମରେ ଶିଶୁ ଦିବସ ପାଳିତ ପାଳିତ ହୋଇଥିଲା। ସକାଳ ୭ଟାରେ ମ୍ୟୁନିସିପାଲ ହାଇସ୍କୁଲ ପରିସରରେ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ଏକତ୍ର ହୋଇ ୟୁଥ ଇକୋ କ୍ଲବ ମାଧମରେ ଶିଶୁ ଦିବସ ପାଳନର ଉଦ୍ଦେଶ୍ୟ ଉପରେ ଛାତ୍ରୀଛାତ୍ରମାନେ ଭାବର ଆଦାନ ପ୍ରଦାନ କରିବା ପରେ ଏକ ରାଲି ବାହାରି ମହାବୀର ସାଂସ୍କୃତିକ ଅନୁଷ୍ଠାନ ପରିସରରେ ଥିବା ରଙ୍ଗ ମଞ୍ଚରେ ପହଞ୍ଚି ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଶିଶୁ ଦିବସ ଉପଲକ୍ଷେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଜିଲା ଶିକ୍ଷା ଅଧିକାରୀ ସଞ୍ଜୀବ କୁମାର ସିଂ, ଅତିଥି ଭାବେ ମହାବୀର ସାଂସ୍କୃତିକ ଅନୁଷ୍ଠାନ ସଭାପତି ଜୟନ୍ତ କୁମାର ବେହେରା, ପ୍ରଧାନ ଶିକ୍ଷକ ବିଭୁତି ଭୂଷଣ ଠାକୁର, ଯୁଟିଆ ଶିକ୍ଷକ ସଂଘ ସଭାପତି ପ୍ରଦୀପ କୁମାର ପଣ୍ଡା, ସମ୍ପାଦକ ଅମରେଶ କୁମାର ନେଗୀ ପ୍ରମୁଖ ଯୋଗଦେଇଥିଲେ। ମହାବୀର ସାଂସ୍କୃତିକ ଅନୁଷ୍ଠାନ ସମ୍ପାଦକ ସତ୍ୟ ନାରାୟଣ ସିଂ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଓ ଅତିଥିମାନେ ଭାରତ ବର୍ଷର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ୍ ଜବାହାର ଲାଲ ନେହେରୁଙ୍କ ସ୍ମୃତିଚାରଣ କରିବା ସହ ସେ କୁନି କୁନି ଛାତ୍ରୀଛାତ୍ରମାନଙ୍କୁ ଅତ୍ୟନ୍ତ ଆଦର କରିବା ସହ ସେମାନେ ଦେଶର ଭବିଶ୍ୟତ ନାଗରିକ ହୋଇ ଭାରତ ବର୍ଷକୁ ବିଶ୍ୱର ଶ୍ରେଷ୍ଠ ଦେଶ ଭାବରେ ପରିଗଣିତ କରିବାକୁ ସ୍ୱପ୍ନ ଦେଖୁଥିଲେ। ଶିଶୁ ଦିବସ ଅବସରରେ ଯୁଟିଆ ଶିକ୍ଷକ ସଂଘ ପକ୍ଷରୁ ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ପ୍ରବନ୍ଧ, ବକ୍ତୃତା, କଣ୍ଠ ସଙ୍ଗୀତ ସହ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇ ଶ୍ରେଷ୍ଠ ପ୍ରତିଯୋଗିମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।


**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତିଗୁଡିକ ନିମନ୍ତେ) [ରୁଲ୍- ୮ (୧)]

ନିମ୍ନ ସ୍ୱାକ୍ଷରକାରୀ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ଭୁବନେଶ୍ୱର**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ସହିତ ଧାରା ୧୩(୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତାମା/ଗ୍ୟାରେଣ୍ଟିଦାତାଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧମରେ ନିମ୍ନଲିଖିତ ନୋଟିସ୍ ଦର୍ଶିତ ରାଶି ଏବଂ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଆନୁସଙ୍ଗିକ ଦେୟ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଏହି ନୋଟିସ୍ ମାଧମରେ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ରେ ଦିଆଯାଇଥିବା ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିକୁ ଦଖଲ ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନୋଟିସ୍ ଦର୍ଶିତ ରାଶି ଏବଂ ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଆଇନଗତ ଖର୍ଚ୍ଚ ଓ ଆନୁସଙ୍ଗିକ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।
**ଏତଦ୍ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ନୋଟିସ୍ ତାରିଖ |
|---|---|---|---|
| **ଋଣଗ୍ରହୀତା: ମେସର୍ସ ବିକାଶ,** ସା: ରାମଚନ୍ଦ୍ରପୁର ରୋଡ଼, ଗ୍ରାମ: ଧାନଘର, ଚିକିଟି, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, **ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଭି. ବିକାଶ ରାଜୁ,** ସା: ମାଝିଡ଼େରା ସାହି, ପୋ: ପାତ୍ରପୁର, ଭାୟା: ଜରଡ଼ା, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୦୦୪/ **ଗ୍ୟାରେଣ୍ଟିଦାତା: ଶ୍ରୀ ଭି. ସୋମେଶ୍ୱର ରାଜୁ,** ସା: ମାଝିଡ଼େରା ସାହି, ପୋ: ପାତ୍ରପୁର, ଥାନା: ଜରଡ଼ା, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୦୦୪ | **୧. ଶ୍ରୀ ଭି. ସୋମେଶ୍ୱର ରାଜୁଙ୍କ** ନାମରେ ଥିବା ଜମି ର ସମସ୍ତ ଅଂଶବିଶେଷ ଯାହାର ମୌଜା: ପାତ୍ରପୁର, ତହସିଲ: ପାତ୍ରପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ଖାତା ନଂ.: ୩୫୪/୮୫୬, ପ୍ଲଟ ନଂ.: ୧୬୯୬, କ୍ଷେତ୍ର: ଏକର ୦.୦୨୨ ଡ଼ିସିମିଲ, କିସମ: ଘରବାରୀ **୨. ଶ୍ରୀ ଭି. ସୋମେଶ୍ୱର ରାଜୁଙ୍କ** ନାମରେ ଥିବା ଜମି ର ସମସ୍ତ ଅଂଶବିଶେଷ ଯାହାର ମୌଜା: ପାତ୍ରପୁର, ତହସିଲ: ପାତ୍ରପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ଖାତା ନଂ.: ୩୫୪/୯୩୯, ପ୍ଲଟ ନଂ.: ୧୫୦୩, କ୍ଷେତ୍ର: ଏକର ୦.୦୧୮ ଡ଼ିସିମିଲ, କିସମ: ଘରବାରୀ **୩. ଶ୍ରୀ ଭି. ବିକାଶ ରାଜୁଙ୍କ** ନାମରେ ଥିବା ଜମି ର ସମସ୍ତ ଅଂଶବିଶେଷ ଯାହାର ମୌଜା: ରାମଚନ୍ଦ୍ରପୁର, ତହସିଲ: ଚିକିଟି, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ଖାତା ନଂ.: ୧୬୫/୪୪୧, ପ୍ଲଟ ନଂ.: ୪୮୬/୨୭୨୮, କ୍ଷେତ୍ର: ଏକର ୦.୧୦୫ ଡ଼ିସିମିଲ, କିସମ: ଘରବାରୀ | **ତା.୩୧.୦୩.୨୦୧୯** ପର୍ଯ୍ୟନ୍ତ ସୁଧ ଏବଂ ଖର୍ଚ୍ଚ ସହିତ **ଟ.୧,୫୦,୬୮,୬୦୯/-** + ସେବାବଦ ସୁଧ ଏବଂ ଖର୍ଚ୍ଚ | ୦୩.୦୪.୨୦୧୯ / ୧୫.୧୧.୨୦୧୯ |

**ସ୍ଥାନ: ଭୁବନେଶ୍ୱର**
**ତାରିଖ : ୧୫.୧୧.୨୦୧୯**

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ



OFFICE OF THE PRINCIPAL
S.V.M. AUTOTOMOUS COLLEGE
**JAGATSINGHPUR – 754103 (ODISHA)**
**Tel : 06724-220027, Fax : 06724-220119,**
**E-mail : svmcorissa@gmail.com**

**ADVERTISEMENT**

Sealed quotations are invited from the intending suppliers /authorized dealers/ manufacturers having GST/ VAT clearance for supply of Science Laboratory equipments viz. apparatus, chemicals,- glassware, museum specimen, plant materials, charts and development of laboratory infrastructure and EPM registered farms for furniture (Desk-cum-Bench only) of this college under project RUSA. The quotations should reach the office of the Principal, S.V.M. Autonomous College, Jagatsinghpur through Regd.Post/ Speed Post only by 23.11.2019 upto 5 p.m. The sealed quotations will be opened on 25.11.2019 at 11 a.m. The details of specifications may be downloaded from our Website **www.svmcauto.org.in.** Earlier advertisement in this regard published in Odia 'daily "The Pragatibadi" and English daily "The Indian Express" on 25.9.2019 is hereby cancelled. The undersigned reserves the right to reject any or all quotations without assigning any reason thereof.

**Sd./- Principal**
**S.V.M. Autonomous College, Jagatsinghpur**



नेशनल इन्श्योरेन्स National Insurance
୧୯୦୬ଠାରୁ ବିଶ୍ୱସନୀୟ

**ନ୍ୟାଶନାଲ ଇନ୍‌ସୁ୍ୟରାନ୍ସ କମ୍ପାନୀ ଲିମିଟେଡ୍**
(ଭାରତ ସରକାରଙ୍କ ଏକ ଉପକ୍ରମ)
ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ
୬ଷ୍ଠ ମହଲା, ଇଡ୍‌କୋ ଟାୱାର୍ସ, ଜନପଥ, ଭୁବନେଶ୍ୱର - ୭୫୧୦୨୨

**ଢେଙ୍କାନାଳଠାରେ କାର୍ଯ୍ୟାଳୟ ପରିସର ଆବଶ୍ୟକ**

ଆମର ଢେଙ୍କାନାଳ ଶାଖା କାର୍ଯ୍ୟାଳୟ ପାଇଁ ମେନ୍ ରୋଡ୍, ଢେଙ୍କାନାଳଠାରେ ୧୦୦୦ ବର୍ଗ ଫୁଟ୍ କାର୍ପେଟ୍ ଏରିଆ ପରିମାପର ତଳ ମହଲା/ପ୍ରଥମ ମହଲା କିମ୍ବା ଲିଫ୍ଟ ସୁବିଧା ଥିବା ଉଚ୍ଚତର ମହଲାରେ, ଦୁଇଟି ଶୌଚାଳୟ (ଗୋଟିଏ ମହିଳାଙ୍କ ପାଇଁ), ୦୨ କାର୍ ଓ ୧୨ ଦୁଇଚକିଆ ପାର୍କିଂ ଜାଗା ରହିଥିବା କାର୍ଯ୍ୟାଳୟ ପରିସରକୁ ପ୍ରତ୍ୟେକ ୦୫ ବର୍ଷରେ ଉପଯୁକ୍ତ ଭଡ଼ା ବୃଦ୍ଧି ସହିତ ୧୫ ବର୍ଷ ପାଇଁ ଲିଜ୍ ସୂତ୍ରରେ ଦେବା ପାଇଁ ଦୁଇ ବିଡ୍ ଉପମୁଦଦିଆ (ଟେକ୍ନିକାଲ୍ ଓ ଫାଇନାନ୍ସିଆଲ୍ ବିଡ୍) ଅଫର୍ ଆମନ୍ତ୍ରଣ କରାଯାଉଛି । ଟେଣ୍ଡର ଫର୍ମ ସମେତ ଦିଗ୍‌ନିର୍ଦ୍ଦେଶାବଳୀ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ, ଅନୁଗୋଳ ଡିଓ, ଏବଂ ଢେଙ୍କାନାଳ ବିଓରେ କାର୍ଯ୍ୟାଳୟ ନିର୍ଘଣ୍ଟ ମଧରେ ଉପଲବ୍ଧ ହେବ । ଟେଣ୍ଡର ଦାଖଲ/ପ୍ରାପ୍ତିର ଶେଷ ତାରିଖ ହେଉଛି **୦୨.୧୨.୨୦୧୯ ଅପରାହ୍ନ ୪ ଘଟିକା** ସୁଦ୍ଧା, ଯାହାକୁ ପଞ୍ଜୀକୃତ ଡାକ/ସ୍ପିଡ୍ ପୋଷ୍ଟ/କୋରିୟର୍ ସେବା ମାଧମରେ ଅଥବା ଇଡ୍‌କୋ ଟାୱାର୍ସ, ୬ଷ୍ଠ ମହଲା, ଭୁବନେଶ୍ୱରଙ୍କ ଆଞ୍ଚଳିକ କାର୍ଯ୍ୟାଳୟର ଟେଣ୍ଡର ବାକ୍ସରେ ସିଧାସଳଖ ପକାଯାଇପାରିବ। ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ ପ୍ରବନ୍ଧକ, ଇଷ୍ଟେଟ୍ ବିଭାଗ, ଆଞ୍ଚଳିକ କାର୍ଯ୍ୟାଳୟ/ଅନୁଗୋଳ ଡିଭିଜନାଲ କାର୍ଯ୍ୟାଳୟ, ହନୁମାନ ବଜାର, ଅନୁଗୋଳ – ୭୫୯୧୨୨ / ଢେଙ୍କାନାଳ ଶାଖା କାର୍ଯ୍ୟାଳୟ, ମଧୁକୁଞ୍ଜ, ସାଉଥ୍ ମଧୁବନ, ଢେଙ୍କାନାଳ – ୭୫୯୦୦୧ କିମ୍ବା ଫୋନ୍ ନଂ.: ୦୬୭୬୪-୨୩୦୬୦୨/୦୬୭୬୨-୨୨୪୫୨୨ କିମ୍ବା ଆମ ୱେବ୍‌ସାଇଟ୍: (www.nationalinsurance.nic.co.in) ପରିଦର୍ଶନ କରନ୍ତୁ ।
ଦଲାଲମାନେ ଆବେଦନ କରିବା ଆବଶ୍ୟକ ନୁହେଁ ।

(ସ୍ୱା./- ଅଭିରାମ ସେଠୀ)
ମୁଖ୍ୟ ଆଞ୍ଚଳିକ ପ୍ରବନ୍ଧକ



**IN THE DEBTS RECOVERY TRIBUNAL AT CUTTACK**
**C-71, Sector-7, CDA, Cuttack- 753014 (Odisha)**
**O.A.No. 143/2019**

**Utkal Grameen Bank**
Stressed Asset Recovery Branch Sambalpur .... Applicant
-Versus-
**Tapan Pradhan** & Others .... Defendants

To,
Defendant No.1: **Tapan Pradhan**, S/o: Late Jaharu Pradhan, At- Bazarpada, Belpahar, Po- Belpahar, Ps- Brajarajnagar, Dist- Jharsuguda, PIN- 768218
Defendant No.2: **Bharat Kumar Pradhan**, S/o: Late Jaharu Pradhan, At- Bazarpada, Belpahar, Po- Belpahar, Ps- Brajarajnagar, Dist- Jharsuguda, PIN- 768218
Defendant No.3: **Debaki Pradhan,** W/o: Late Jaharu Pradhan, At- Bazarpada, Belpahar, Po- Belpahar, Ps- Brajarajnagar, Dist- Jharsuguda, PIN- 768218
Defendant No.4: **Jamuna Pradhan,** D/o: Late Jaharu Pradhan, At- Bazarpada, Belpahar, Po- Belpahar, Ps- Brajarajnagar, Dist- Jharsuguda, PIN- 768218
Defendant No.5: **Ramesh Bhainsal,** S/o: Srikara Bhainsal, At- Sarada, Po- Belpahar, Ps- Brajarajnagar, Dist- Jharsuguda, PIN- 768218

**Summons by Paper Publication for Showing Cause as to Why the Relief Prayed for should not be granted**

Take notice that the Applicant has instituted the aforesaid Original Application before this Tribunal for recovery of **Rs. 31,18,103.00** only together with current and future interest, cost and other reliefs.

You are therefore hereby directed to appear before this Tribunal in person or through authorised agent, in support of your defence to show cause within 30 days from the date of publication or on 24th day of December, 2019 at 10.30 A.M. as to why the reliefs prayed for should not be granted.

Take notice that in case of default the Application will be heard and determined in your absence.

Given under my hand and seal of this Tribunal, on this 8th day of November, 2019

**Manoj Kumar Patnaik**
**Registrar**
**Debts Recovery Tribunal, Cuttack**



ରାମ ନାମ ପାପୀମାନଙ୍କ ପାଇଁ ପରମ ଔଷଧ।

- ମହର୍ଷି ବାଲ୍ମୀକି



## ସଂକ୍ଷେପରେ



### ମହାସମାରୋହରେ କୋଟ୍ରିବାହାଲ ରାଧାକୃଷ୍ଣ ପୂଜା ସମ୍ପନ୍ନ

**କୋମନା,୧୫।୧୧(ଡି.ଏନ.ଏ.)**- ନୂଆପଡା ଜିଲା କୋମନା ବ୍ଲକ କୋଟ୍ରିବାହାଲ ଗାଁରେ ଚାଲିଥିବା ରାଧାକୃଷ୍ଣ ପୂଜା ମହାସମାରୋହରେ ଉଦ୍‌ଯାପିତ ହୋଇଯାଇଛି। ୭ ଦିନ ଧରି ଚାଲିଥିବା ଏହି ପୂଜାରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଛି। ଚଳିତବର୍ଷ ପୂଜା ମଣ୍ଡପରେ ବିଭିନ୍ନ ଡିଜିଟାଲ ଲାଇଟ ସାଜସଜ୍ଜା ଭକ୍ତମାନଙ୍କ ପାଇଁ ଆକର୍ଷଣୀୟ ହୋଇଥିବା ବେଳେ ପ୍ରତ୍ୟେକ ଦିନ ପୁରାଣ ପାଠ ଓ ହୋମ ହେଉଥିଲା। ରାତିରେ ଲୋକଙ୍କ ମନୋରଞ୍ଜନ ସକାଶେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଧାକୃଷ୍ଣ ପୂଜାର ଶେଷ ସନ୍ଧ୍ୟାରେ ନୃତ୍ୟ ପ୍ରତିଯୋଗିତା ହୋଇଥଲା। ନୃତ୍ୟ ପ୍ରତିଯୋଗୀତା ଦେଖିବା ପାଇଁ ବିଶିବାହାଳ, ମାଲିମୁଣ୍ଡା, କୁମୁଟିମୁଣ୍ଡା, ଜଡାମୁଣ୍ଡା, ଭେଲା, ବରକୋଟ ସମେତ ଆଖପାଖ ଗ୍ରାମର ବହୁ ଦର୍ଶକଙ୍କ ଭିଡ ଜମିଥିଲା। ପୂଜା କମିଟି ସମସ୍ତ ସଦସ୍ୟ ପୂଜା ପରିଚାଳନାରେ ସହଯୋଗ କରିଥିବା ସଭାପତି କେଶବଲାଲ କୁମ୍ଭାର ସୂଚନା ଦେଇଛନ୍ତି।

ସିନାପାଲି ସହରକୁ ଏନ୍‌ଏସି ମାନ୍ୟତା ଦାବି ଜୋର ଧରିଲା

# ୧୨ ଘଣ୍ଟିଆ ସିନାପାଲି ବନ୍ଦ

**ସିନାପାଲି,୧୫।୧୧ (ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ସହରକୁ ଏନଏସି ମାନ୍ୟତା ଦାବି ଦିନକୁ ଦିନ ଜୋର ଧରୁଥିବା ବେଳେ ଶୁକ୍ରବାର ଦିଆଯାଇଥିବା ବନ୍ଦ ଡାକରା ସଫଳ ହୋଇଛି। ନାଗରିକ କମିଟି ଆହ୍ୱାନରେ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସିନାପାଲି ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଥିଲା। ସିନାପାଲି ସହର ସମସ୍ତ ଦୋକାନବଜାର, ହୋଟେଲ ସମେତ ସରକାରୀ ଓ ବେସରକାରୀ ଅନୁଷ୍ଠାନ, ବ୍ୟାଙ୍କ, ସ୍କୁଲ, କଲେଜ ବନ୍ଦକୁ ସମର୍ଥନ କରିଥିବା ଦେଖିବାକୁ ମିଳିଥିଲା। ଏହା ସହିତ ସିନାପାଲି ସହର ସମସ୍ତ ଯୁବକ ସଂଘ, ସାମାଜିକ କର୍ମୀ ଏବଂ ସମସ୍ତ ରାଜନୈତିକ ଦଳ କର୍ମକର୍ତ୍ତା ବନ୍ଦରେ ସାମିଲ ହୋଇଥିଲେ। ଚାରିଚକିଆ ଯାନଗୁଡିକ ମଧ୍ୟ ଚଳାଚଳ ବନ୍ଦ ରହିଥିଲା। ସକାଳୁ ଶତାଧିକ ଯୁବକ ରାଜରାସ୍ତାରେ ଓହ୍ଲାଇ ବନ୍ଦକୁ ସର୍ମଥନ କରିବା ସହିତ ସରକାର ତୁରନ୍ତ ସିନାପାଲିକୁ ଏନଏସି ଘୋଷଣା କରିବାକୁ ଦାବି କରିଥିଲେ। ଏହି ଅବସରରେ ଅପରାହ୍ଣରେ ଶତାଧିକ ଯୁବକ ଓ ମହିଳା କାପସି ଛକଠାରୁ ଏକ ରାଲିରେ ବାହାରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ମାଧମରେ ମୁଖ୍ୟମନ୍ତ୍ରୀ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରେରଣ କରିଥିଲେ। ନାଗରିକ କମିଟି ସଭାପତି ଡମ୍ବରୁଧର ମେହେରଙ୍କ ସମେତ ବରିଷ୍ଠ ଆଇନଜୀବୀ ବୈଶମ୍ପାୟନ ମେହେର, ପୂର୍ବ ବ୍ଲକ ଅଧ୍ୟକ୍ଷ ନୀଳମଣି ମେହେର, ଜିଲା ପରିଷଦ ସଭ୍ୟ ପ୍ରିୟରଞ୍ଜନ ମେହେର, ପୂର୍ବ ଜିଲା ପରିଷଦ ସଭ୍ୟ ଲିଙ୍ଗରାଜ ଘିଭେଲା, ପୂର୍ବତନ ଜିଲା ପରିଷଦ ସଭ୍ୟ ସୁବ୍ରତ କୁମାର ଠାକୁର, ସିନାପାଲି ବ୍ଲକ୍ ଅଧ୍ୟକ୍ଷା ତପସ୍ୱିନୀ ମାଝି, ଉପାଧ୍ୟକ୍ଷ ସୁବାସ ଚନ୍ଦ୍ର ଅଗୱାଲ, ପ୍ରଦୀପ କୁମାର ଜୈନ, ମଧୁକୁମାର ଜୈନ, ଗୋଦାବରୀଶ ନାଏକ, ଖଗେଶ୍ୱର ସା, ଗଳାମଣି ସା, ପୁରୁଷୋତ୍ତମ ମେହେର, ଟେଣୋ ମେହେର, ପୀୟୂଷ ପଟେଲ, ପୁସ୍ତମ ମାଝି, ମଧୁ ମାଝି, ନାରାୟଣ ପାତ୍ର, ଶିବ ମେହେର, ସୁରଜ ମେହେର, ଅଗିଗନ ଯୋଷୀ, ସୁବ୍ରତ ମେହେର, ତ୍ରିନାଥ ମେହେର, ହାଡୁରାମ ମେହେର ପ୍ରମୁଖ ଆନ୍ଦୋଳନ ନେତୃତ୍ୱ ନେଇଥିଲେ।

ସୂଚନାଯୋଗ୍ୟ ଯେ, ସିନାପାଲି ଗ୍ରାମପଞ୍ଚାୟତ ଅନ୍ତର୍ଗତ ସିନାପାଲି, କାସପି ଓ ଯୁଗେନପଦର ଗ୍ରାମକୁ ନେଇ ଏନଏସି ଘୋଷଣା କରିବା ପାଇଁ କିଛି ବର୍ଷ ହେଲା ଦାବି ହୋଇ ଆସୁଥିଲା । ଏହି ଗ୍ରାମଗୁଡ଼ିକରେ ୨୦୧୧ ଜନଗଣନା ଅନୁସାରେ ୮ ହଜାରରୁ ଊର୍ଦ୍ଧ୍ୱ ଜନସଂଖ୍ୟା ଥିଲେ ମଧ ବର୍ତ୍ତମାନ ପର୍ଯ୍ୟନ୍ତ ଏନଏସି ପାଇଁ ଆବଶ୍ୟକ ପଡୁଥିବା ସର୍ବନିମ୍ନ ୧୦ ହଜାରରୁ ଅଧିକ ଲୋକସଂଖ୍ୟା ଅଛି ବୋଲି ଆୟୋଜକ ନାଗରିକ କମିଟି ଦାବି କରୁଛି ।




ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ମାଧମରେ ମୁଖ୍ୟମନ୍ତ୍ରୀ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଉଛି।




ମଧୁମେହ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି।

## ବିଶ୍ୱ ମଧୁମେହ ଦିବସ ପାଳିତ

**ଖଡ଼ିଆରରୋଡ, ୧୫।୧୧ (ଡି.ଏନ.ଏ.)**

ନୂଆପଡା ଜିଲା ଖରିଆରରୋଡସ୍ଥିତ ସାର୍ବଜନିକ ଧର୍ମଶାଳାରେ ଗୁରୁବାର ବିଶ୍ୱ ମଧୁମେହ ଦିବସ ଅବସରରେ ମେଆଇ ହେଲ୍ପ ୟୁ ନାମକ ସଂସ୍ଥା ପକ୍ଷରୁ ପରିଚର୍ଚ୍ଚାର ଆୟୋଜନ ହୋଇଯାଇଛି। ସଂସ୍ଥାର ଚିଫ୍ ଭୋଲେଣ୍ଟିଆର ସୁରେଶ ଆଚାରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗୁରୁକୁଳ ଆଶ୍ରମ ଆମସେନାର ଆଚାର୍ଯ୍ୟ ଡା. ବାମଦେବ ସରସ୍ୱତୀ ମୁଖ୍ୟଅତିଥି, ଡା. ରୀନା ସାହୁ, ଡା. ତୁଷାର ବଂସଲ, ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ମିଶନର ବ୍ଲକ ପ୍ରୋଗ୍ରାମିଂ ମ୍ୟାନେଜର ଶେଖ ବସିମ ରଜା ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ଅତିଥିମାନେ ମଧୁମେହ ରୋଗର କାରଣ ଏବଂ ନିବାରଣ ତଥା ମଧୁମେହ ଦିବସ ପାଳନ ଉଦ୍ଦେଶ୍ୟ ଉପରେ ମତ ପ୍ରକାଶ କରିଥିଲେ। ଦୀପକ ମହାରଣା ଧନ୍ୟବାଦ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ଭଗବତୀ ପଟେଲ, ରାକେଶ କଚ୍ଛଳ, କିଶୋର ତୁରଖିଆ, ହୀରାଲାଲ ସତନାମୀ, ନରେନ୍ଦ୍ର ସିଂ ଠାକୁର ଆଦି ଉପସ୍ଥିତ ଥିଲେ ।

## ଭିଜିଲାନ୍ସ ଜଜ୍ ସର୍କିଟ କୋର୍ଟର ଶୁଭାରମ୍ଭ

**ବରଗଡ଼ ଅଫିସ,୧୫।୧୧**

ବରଗଡ଼ରେ ଶୁକ୍ରବାର ଭିଜିଲାନ୍ସ ଜଜ୍‌ଙ୍କ ଏକ ସର୍କିଟ୍ କୋର୍ଟର ଶୁଭାରମ୍ଭ ହୋଇଛି। ଏହି ଅବସରରେ ଜିଲା ଓକିଲ ସଂଘ ପକ୍ଷରୁ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ସଞ୍ଜୟ କୁମାର ସାହୁଙ୍କ ସମେତ ଫେମିଲି କୋର୍ଟ ଜଜ୍ ରାଜକିଶୋର ନାୟକ, ଅତିରିକ୍ତ ଜିଲାଜଜ୍ ଆଶୁତୋଷ ଦାଶଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସମ୍ବର୍ଦ୍ଧନା ସଭାରେ ଜିଲା ଓକିଲ ସଂଘର ସଭାପତି ବେଲାଲସେନ ସରାଫ, ଉପସଭାପତି ସରୋଜ କୁମାର ତ୍ରିପାଠୀ, ସାଧାରଣ ସମ୍ପାଦକ ହେମନ୍ତ କୁମାର ପୁରୋହିତ, ଯୁଗ୍ମ ସମ୍ପାଦକ ଲଲାଟେନ୍ଦୁ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ । ସଭାରେ ଅନ୍ୟ ବିଚାର ବିଭାଗୀୟ ଅଧିକାରୀ, ଓକିଲ ସଂଘର ସମସ୍ତ ସଭ୍ୟବୃନ୍ଦ ଉପସ୍ଥିତ ଥିଲେ ।

ଚାଷୀଙ୍କୁ ଘାରିଛି ନେକ ବ୍ଲାଷ୍ଟ ରୋଗ ଚିନ୍ତା

# ଶତାଧିକ ହେକ୍ଟର ଚାଷ ନଷ୍ଟ

**ନୂଆପଡା ଅଫିସ,୧୫।୧୧**

ଆଶା ଥିଲା ଯେ ଏଥର ଭଲ ବର୍ଷା ହୋଇଛି। ଫସଲ ମଧ୍ୟ ଭଲ ଅମଳ ହେବ। ହେଲେ ସବୁ ଆଶା ମଉଳି ଯାଉଛି । ବର୍ତ୍ତମାନ ଧାନ ଅମଳ ଯେତିକି ପାଖେଇ ଆସୁଛି ନେକ ବ୍ଲାଷ୍ଟ (ବେକ ମହିସା) ନାମକ ଏକ ରୋଗ ଚାଷୀଙ୍କ ଆଖିରୁ ନିଦ ହଜାଇ ଦେଇଛି। ନୂଆପଡା ସଦର ବ୍ଲକର ଚାଷୀମାନଙ୍କ ଶତାଧିକ ଏକର ଜମିର ଚାଷ ନଷ୍ଟ ହୋଇପଡିଥିବାବେଳେ ଚାଷୀ ବ୍ୟତିବ୍ୟସ୍ତ ହୋଇପଡିଛନ୍ତି । ଏଭଳି ପରିସ୍ଥିତିରେ ଚାଷୀମାନେ କିଂକର୍ତବ୍ୟ ବିମୂଢ ହୋଇପଡିଛନ୍ତି ।

ଜିଲାରେ ବର୍ତ୍ତମାନ ଛୋଟ କିସମର ଧାନ ଅମଳ ହୋଇସାରିଥିବାବେଳେ ବଡ କିସମର ଧାନ ଅମଳ ଆରମ୍ଭ ହେବାକୁ ବସିଲାଣି । ଏହି ସମୟରେ ଧାନ ଗଛର ଫଳ ସବୁ ଲାଲ ପଡିଯାଉଛି । ଦିନେ ଦ୍ୱିଦିନରେ ଧାନ ପେଣ୍ଡା ସବୁ ପୋଲ ପାଲଟିଯାଉଛି । ଫଳରେ ଅମଳ ଅଧା ହୋଇପଡୁଥିବା ଚାଷୀମାନ ବ୍ୟକ୍ତ କରିଛନ୍ତି। ସ୍ଥାନୀୟ ଖରିଆରରୋଡ ମୁଣ୍ଡାଗାଁସ୍ଥିତ ଭୁପେନ ସାହୁ ନାମକ ଜଣେ ଚାଷୀ ଏକର ପିଛା ୨୫/୩୦ କୁଇଣ୍ଟାଲ ଜାଗାରେ ୧୫/୨୦ କୁଇଣ୍ଟାଲ ଧାନ ଅମଳ ହେଉଥିବା କହିଛନ୍ତି । ଏହିଭଳି ସ୍ଥାନୀୟ ମୁଣ୍ଡାଗାଁ ସମେତ ଗୌତମା, ସାରାବଙ୍ଗ, ଆମସେନା ଭଳି ଅନେକ

### ବୁଲି ଦେଖୁଛନ୍ତି ଅଧିକାରୀ

ଗାଁର ଚାଷୀ ପ୍ରେମ ସାଗର ସାହୁ, ଡିଲେଶ୍ୱର ସାହୁ, ମୋହନ କେଉଟ, ମୋତିଲାଲ କେଉଟ, ଲେଖ ରାମ ସାହୁ, ମୀନାଲାଲ ସାହୁ, ଡାଲେଶ୍ୱର ସାହୁ, ନେମିଚାନନ୍ଦ ସାହୁ, ମୋତିଲାଲ ଯାଦବ, ବ୍ରିଜ ପଟେଲ, ନରସିଂ ସହିସ, ଯସୱନ୍ତ ସାହୁ, ପୀତାମ୍ବର ସାହୁ, ପ୍ରେମରାଜ ସାହୁ, ଲଖନ ସାହୁ, ଡମ୍ବରୁଧର ସାହୁ, ଉତମ ସାହୁ, ସୁନ୍ଦରଲାଲ ସାହୁଙ୍କ ଫସଲ କ୍ଷତିଗ୍ରସ୍ତ ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ସୂଚନାଯୋଗ୍ୟ ଯେ, କୌଣସି ରୋଗ ପୋକରେ କ୍ଷତିଗ୍ରସ୍ତ ହେଲେ ମଧ୍ୟ ତାହା ପ୍ରଧାନମନ୍ତ୍ରୀ ଫସଲ ବୀମା ଅନ୍ତର୍ଭୁକ୍ତ ହୋଇ ଚାଷୀଙ୍କୁ କ୍ଷତିପୂରଣ ମିଳିବା କଥା। ହେଲେ ଚାଷୀମାନେ ବାରମ୍ବାର ବୀମା କମ୍ପାନୀ ଏକଜିକ୍ୟୁଟିଭଙ୍କ ପିଛା କରି ମଧ୍ୟ କୌଣସି ସୁଫଳ ପାଉ ନ ଥିବା କୁହାଯାଉଛି । ଏହି ସବୁ ଅଭିଯୋଗ ବିଷୟରେ ଚାଷୀମାନେ ବାରମ୍ବାର କୃଷି ବିଭାଗ ଅଧିକାରୀମାନଙ୍କୁ ଆସି ଗୁହାରି କରିବା ପରେ କୃଷି ବିଭାଗ ଅଧିକାରୀମାନେ ମୁଣ୍ଡାଗାଁକୁ ଗସ୍ତରେ ଯାଇଥିଲେ। ସେଠାରେ ଚାଷୀମାନଙ୍କ ସହ ଆଲୋଚନା କରିବା ସହ ଚାଷ କ୍ଷେତକୁ ଯାଇ ଅନୁଧ୍ୟାନ କରିଛନ୍ତି। ବର୍ତ୍ତମାନ ପରିସ୍ଥିତିରେ କିପରି ଏହାକୁ ମୁକାବିଲା କରାଯାଇ ପାରିବ ସେଥିପାଇଁ ଅଧିକାରୀମାନେ ମଧ୍ୟ ହାତ ଟେକି ଦେଇଛନ୍ତି । ଏହା ଉପରେ ରାଜ୍ୟ କୃଷି ବିଭାଗ ଏବଂ ବୀମା କମ୍ପାନୀ ବିଶେଷ ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ କରିବାକୁ ଚାଷୀମାନେ ଦାବି କରିଛନ୍ତି ।



ମୁଣ୍ଡାଗାଁ ଗସ୍ତରେ ଆସିଥିବା ଜିଲା କୃଷି ବିଭାଗ ଅଧିକାରୀମାନଙ୍କୁ ଚାଷୀମାନେ ନେକ ବ୍ଲାଷ୍ଟରେ କ୍ଷତିଗ୍ରସ୍ତ ଫସଲର ନମୁନା ଦେଖାଉଛନ୍ତି ।

## କ୍ୟାନସର ହସ୍ପିଟାଲ ଦାବିରେ ସଭା

- କାର୍ଯ୍ୟକାରୀ ହୋଇନି ମୁଖ୍ୟମନ୍ତ୍ରୀଙ୍କ ଘୋଷଣା
- ୧୯ରେ ଗାନ୍ଧୀ ଛକରେ ପ୍ରତୀକାତ୍ମକ ଧାରଣା

**ବରଗଡ଼ ଅଫିସ,୧୫।୧୧**

ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସରରେ ଶୁକ୍ରବାର ୟୁନାଇଟେଡ୍ ଫୋରମ ଫର୍ କ୍ୟାନସର ହସପିଟାଲ ଇନ ବରଗଡ଼ର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଆବାହକ ପ୍ରଦୀପ ଦେବତା ଏଥିରେ ଅଧ୍ୟକ୍ଷତା କରିଥିଲେ । ଗତ ସାଧାରଣ ନିର୍ବାଚନ ପୂର୍ବରୁ ଅର୍ଥାତ୍ ଗତ ଫେବୃୟାରୀ ୨୧ତାରିଖରେ ସୋହେଲା ଇଚ୍ଛାପାଲି ଗସ୍ତରେ ଆସି ମୁଖ୍ୟମନ୍ତ୍ରୀ ବରଗଡ଼ରେ କ୍ୟାନସର ହସ୍ପିଟାଲ କରାଯିବ ବୋଲି ଘୋଷଣା କରିଥିଲେ । ମାତ୍ର ଏପର୍ଯ୍ୟନ୍ତ ସେ ଦିଗରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକ୍ରିଆ ଆରମ୍ଭ ହୋଇ ନ ଥିବାରୁ ସଭାରେ ଉଦବେଗ ପ୍ରକାଶ ପାଇଥିଲା । ଏହାର ପ୍ରତିବାଦରେ ଆସନ୍ତା ୧୯ତାରିଖ ଦିନ ୧୦ଟାରୁ ମଧ୍ୟାହ୍ନ ୧ଟା ପର୍ଯ୍ୟନ୍ତ ବରଗଡ଼ ଗାନ୍ଧୀ ଛକରେ ପ୍ରତୀକାତ୍ମକ ଗଣଧାରଣା ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା । ସେହିପରି ବ୍ଲକସ୍ତରରେ ରହିଥିବା ବିଭିନ୍ନ ୟୁନିଟ୍‌କୁ ସକ୍ରିୟ କରାଯାଇ କ୍ୟାନସର ହସ୍ପିଟାଲ ଦାବିରେ ପୁଣି ବ୍ୟାପକ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଉକ୍ତ ବୈଠକରେ ସଂଯୋଜକ କୃଷ୍ଣଚନ୍ଦ୍ର ପଣ୍ଡା, ପ୍ରୀତମ ସିଂ, ଅଶ୍ୱିନୀ ଦର୍ଜୀ, ରବି ପଣ୍ଡା, ଦୀପକ ରଥ, ଗୋପାଳ ଅଗ୍ରୱାଲ, ପ୍ରତାପ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

OFFICE OF THE PRINCIPAL
S.V.M. AUTOTOMOUS COLLEGE
JAGATSINGHPUR – 754103 (ODISHA)
Tel : 06724-220027, Fax : 06724-220119,
E-mail : svmcorissa@gmail.com

**ADVERTISEMENT**

Sealed quotations are invited from the intending suppliers /authorized dealers/ manufacturers having GST/ VAT clearance for supply of Science Laboratory equipments viz. apparatus, chemicals,- glassware, museum specimen, plant materials, charts and development of laboratory infrastructure and EPM registered farms for furniture (Desk-cum-Bench only) of this college under project RUSA. The quotations should reach the office of the Principal, S.V.M. Autonomous College, Jagatsinghpur through Regd.Post/ Speed Post only by 23.11.2019 upto 5 p.m. The sealed quotations will be opened on 25.11.2019 at 11 a.m. The details of specifications may be downloaded from our Website www.svmcauto.org.in. Earlier advertisement in this regard published in Odia 'daily "The Pragatibadi" and English daily "The Indian Express" on 25.9.2019 is hereby cancelled. The undersigned reserves the right to reject any or all quotations without assigning any reason thereof.

Sd./- Principal
S.V.M. Autonomous College, Jagatsinghpur

नेशनल इन्श्योरेन्स
National Insurance
୧୯୦୬ଠାରୁ ବିଶ୍ୱସନୀୟ

ନ୍ୟାଶନାଲ ଇନ୍‌ସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍
(ଭାରତ ସରକାରଙ୍କ ଏକ ଉପକ୍ରମ)
ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ
୬ଷ୍ଠ ମହଲା, ଇଡ୍‌କୋ ଟାୱାର୍ସ, ଜନପଥ, ଭୁବନେଶ୍ୱର - ୭୫୧୦୨୨

**ଢେଙ୍କାନାଳଠାରେ କାର୍ଯ୍ୟାଳୟ ପରିସର ଆବଶ୍ୟକ**

ଆମର ଢେଙ୍କାନାଳ ଶାଖା କାର୍ଯ୍ୟାଳୟ ପାଇଁ ମେନ୍ ରୋଡ୍, ଢେଙ୍କାନାଳଠାରେ ୧୦୦୦ ବର୍ଗ ଫୁଟ୍ କାର୍ପେଟ୍ ଏରିଆ ପରିମାପର ତଳ ମହଲା/ପ୍ରଥମ ମହଲା କିମ୍ବା ଲିଫ୍ଟ ସୁବିଧା ଥିବା ଉଚ୍ଚତର ମହଲାରେ, ଦୁଇଟି ଶୌଚାଳୟ (ଗୋଟିଏ ମହିଳାଙ୍କ ପାଇଁ), ୦୨ କାର୍ ଓ ୧୨ ଦୁଇଚକିଆ ପାର୍କିଂ ଜାଗା ରହିଥିବା କାର୍ଯ୍ୟାଳୟ ପରିସରକୁ ପ୍ରତ୍ୟେକ ୦୫ ବର୍ଷରେ ଉପଯୁକ୍ତ ଭଡ଼ା ବୃଦ୍ଧି ସହିତ ୧୫ ବର୍ଷ ପାଇଁ ଲିଜ୍ ସୂତ୍ରରେ ଦେବା ପାଇଁ ଦୁଇ ବିଡ୍ ଜଉମୁଦଦିଆ (ଟେକ୍ନିକାଲ୍ ଓ ଫାଇନାନ୍ସିଆଲ୍ ବିଡ୍) ଅଫର୍ ଆମନ୍ତ୍ରଣ କରାଯାଉଛି । ଟେଣ୍ଡର ଫର୍ମ ସମେତ ଦିଗ୍‌ନିର୍ଦ୍ଦେଶାବଳୀ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ, ଅନୁଗୋଳ ଡିଓ, ଏବଂ ଢେଙ୍କାନାଳ ବିଓରେ କାର୍ଯ୍ୟାଳୟ ନିର୍ଘଣ୍ଟ ମଧରେ ଉପଲବ୍ଧ ହେବ । ଟେଣ୍ଡର ଦାଖଲ/ପ୍ରାପ୍ତିର ଶେଷ ତାରିଖ ହେଉଛି ୦୨.୧୨.୨୦୧୯ ଅପରାହ୍ନ ୪ ଘଟିକା ସୁଦ୍ଧା, ଯାହାକୁ ପଞ୍ଜୀକୃତ ଡାକ/ସ୍ପିଡ୍ ପୋଷ୍ଟ/କୋରିୟର୍ ସେବା ମାଧ୍ୟମରେ ଅଥବା ଇଡ୍‌କୋ ଟାୱାର୍ସ, ୬ଷ୍ଠ ମହଲା, ଭୁବନେଶ୍ୱରଙ୍କ ଆଞ୍ଚଳିକ କାର୍ଯ୍ୟାଳୟର ଟେଣ୍ଡର ବାକ୍ସରେ ସିଧାସଳଖ ପକାଯାଇପାରିବ। ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ ପ୍ରବନ୍ଧକ, ଇଷ୍ଟେଟ୍ ବିଭାଗ, ଆଞ୍ଚଳିକ କାର୍ଯ୍ୟାଳୟ/ଅନୁଗୋଳ ଡିଭିଜନାଲ କାର୍ଯ୍ୟାଳୟ, ହନୁମାନ ବଜାର, ଅନୁଗୋଳ – ୭୫୯୧୨୨ / ଢେଙ୍କାନାଳ ଶାଖା କାର୍ଯ୍ୟାଳୟ, ମଧୁକୁଞ୍ଜ, ସାଉଥ୍ ମଧୁବନ, ଢେଙ୍କାନାଳ – ୭୫୯୦୦୧ କିମ୍ବା ଫୋନ୍ ନଂ.: ୦୬୭୬୪-୨୩୦୬୦୨/୦୬୭୬୨-୨୨୪୫୨୨ କିମ୍ବା ଆମ ୱେବସାଇଟ୍: (www.nationalinsurance.nic.co.in) ପରିଦର୍ଶନ କରନ୍ତୁ ।

ଦଲାଲମାନେ ଆବେଦନ କରିବା ଆବଶ୍ୟକ ନୁହେଁ ।

(ସ୍ୱା./- ଅଭିରାମ ସେଠୀ)
ମୁଖ୍ୟ ଆଞ୍ଚଳିକ ପ୍ରବନ୍ଧକ

## ମହାବୀର ସାଂସ୍କୃତିକ ଅନୁଷ୍ଠାନ, ଯୁଟିଆ ଶିକ୍ଷକ ସଂଘ ପକ୍ଷରୁ ମିଳିତ ଶିଶୁ ଦିବସ

**ଭବାନୀପାଟଣା,୧୫।୧୧(ଡି.ଏନ.ଏ.)**

ସ୍ଥାନୀୟ ମହାବୀର ରଙ୍ଗ ମଞ୍ଚରେ ମହାବୀର ସାଂସ୍କୃତିକ ଅନୁଷ୍ଠାନ ଓ ଯୁଟିଆ ଶିକ୍ଷକ ସଂଘ ମିଳିତ ଉଦ୍ୟମରେ ଶିଶୁ ଦିବସ ପାଳିତ ପାଳିତ ହୋଇଥିଲା। ସକାଳ ୭ଟାରେ ମ୍ୟୁନିସିପାଲ ହାଇସ୍କୁଲ ପରିସରରେ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ଏକତ୍ର ହୋଇ ୟୁଥ ଇକୋ କ୍ଲବ ମାଧ୍ୟମରେ ଶିଶୁ ଦିବସ ପାଳନର ଉଦ୍ଦେଶ୍ୟ ଉପରେ ଛାତ୍ରୀଛାତ୍ରମାନେ ଭାବର ଆଦାନ ପ୍ରଦାନ କରିବା ପରେ ଏକ ରାଲି ବାହାରି ମହାବୀର ସାଂସ୍କୃତିକ ଅନୁଷ୍ଠାନ ପରିସରରେ ଥିବା ରଙ୍ଗ ମଞ୍ଚରେ ପହଞ୍ଚି ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଶିଶୁ ଦିବସ ଉପଲକ୍ଷେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଜିଲା ଶିକ୍ଷା ଅଧିକାରୀ ସଞ୍ଜୀବ କୁମାର ସିଂ, ଅତିଥି ଭାବେ ମହାବୀର ସାଂସ୍କୃତିକ ଅନୁଷ୍ଠାନ ସଭାପତି ଜୟନ୍ତ କୁମାର ବେହେରା, ପ୍ରଧାନ ଶିକ୍ଷକ ବିଭୁତି ଭୂଷଣ ଠାକୁର, ଯୁଟିଆ ଶିକ୍ଷକ ସଂଘ ସଭାପତି ପ୍ରଦୀପ କୁମାର ପଣ୍ଡା, ସମ୍ପାଦକ ଅମରେଶ କୁମାର ନେଗୀ ପ୍ରମୁଖ ଯୋଗଦେଇଥିଲେ। ମହାବୀର ସାଂସ୍କୃତିକ ଅନୁଷ୍ଠାନ ସମ୍ପାଦକ ସତ୍ୟ ନାରାୟଣ ସିଂ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଓ ଅତିଥିମାନେ ଭାରତ ବର୍ଷର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ୍ ଜବାହାର ଲାଲ ନେହେରୁଙ୍କ ସ୍ମୃତିଚାରଣ କରିବା ସହ ସେ କୁନି କୁନି ଛାତ୍ରୀଛାତ୍ରମାନଙ୍କୁ ଅତ୍ୟନ୍ତ ଆଦର କରିବା ସହ ସେମାନେ ଦେଶର ଭବିଶ୍ୟତ ନାଗରିକ ହୋଇ ଭାରତ ବର୍ଷକୁ ବିଶ୍ୱର ଶ୍ରେଷ୍ଠ ଦେଶ ଭାବରେ ପରିଗଣିତ କରିବାକୁ ସ୍ୱପ୍ନ ଦେଖୁଥିଲେ। ଶିଶୁ ଦିବସ ଅବସରରେ ଯୁଟିଆ ଶିକ୍ଷକ ସଂଘ ପକ୍ଷରୁ ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ପ୍ରବନ୍ଧ, ବକ୍ତୃତା, କଣ୍ଠ ସଙ୍ଗୀତ ସହ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇ ଶ୍ରେଷ୍ଠ ପ୍ରତିଯୋଗିମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

SBI **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତିଗୁଡ଼ିକ ନିମନ୍ତେ) [ରୁଲ୍- ୮ (୧)]

ନିମ୍ନ ସ୍ୱାକ୍ଷରକାରୀ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ଭୁବନେଶ୍ୱର**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ୨୦୦୨ର ରୁଲ୍ ୩ ସହିତ ଧାରା ୧୩(୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତାମାନ/ଗ୍ୟାରେଣ୍ଟିଦାତାଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ନୋଟିସ୍ ଦର୍ଶିତ ରାଶି ଏବଂ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଆନୁସଙ୍ଗିକ ଦେୟ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ରେ ଦିଆଯାଇଥିବା ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିକୁ ଦଖଲ ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନୋଟିସ୍ ଦର୍ଶିତ ରାଶି ଏବଂ ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଆଇନଗତ ଖର୍ଚ୍ଚ ଓ ଆନୁସଙ୍ଗିକ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।
**ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ନୋଟିସ୍ ତାରିଖ |
|---|---|---|---|
| **ଋଣଗ୍ରହୀତା: ମେସର୍ସ ବିକାଶ,** ସା: ରାମଚନ୍ଦ୍ରପୁର ରୋଡ୍, ଗ୍ରାମ: ଧାନଘର, ଚିକିଟି, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, **ସ୍ୱତ୍ୱାଧିକାରୀ: ଶ୍ରୀ ଭି. ବିକାଶ ରାଜୁ,** ସା: ମାଝିଡ଼େରା ସାହି, ପୋ: ପାତ୍ରପୁର, ଭାୟା: ଜରଡ଼ା, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୦୦୪/ **ଗ୍ୟାରେଣ୍ଟିଦାତା: ଶ୍ରୀ ଭି. ସୋମେଶ୍ୱର ରାଜୁ,** ସା: ମାଝିଡ଼େରା ସାହି, ପୋ: ପାତ୍ରପୁର, ଥାନା: ଜରଡ଼ା, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୦୦୪ | **୧. ଶ୍ରୀ ଭି. ସୋମେଶ୍ୱର ରାଜୁଙ୍କ** ନାମରେ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର ମୌଜା: ପାତ୍ରପୁର, ତହସିଲ: ପାତ୍ରପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ଖାତା ନଂ.: ୩୫୪/୮୫୬, ପ୍ଲଟ ନଂ.: ୧୬୯୬, କ୍ଷେତ୍ର: ଏକର ୦.୦୨୨ ଡ଼ିସିମିଲ, କିସମ: ଘରବାରୀ **୨. ଶ୍ରୀ ଭି. ସୋମେଶ୍ୱର ରାଜୁଙ୍କ** ନାମରେ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର ମୌଜା: ପାତ୍ରପୁର, ତହସିଲ: ପାତ୍ରପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ଖାତା ନଂ.: ୩୫୪/୯୩୯, ପ୍ଲଟ ନଂ.: ୧୫୦୩, କ୍ଷେତ୍ର: ଏକର ୦.୦୧୮ ଡ଼ିସିମିଲ, କିସମ: ଘରବାରୀ **୩. ଶ୍ରୀ ଭି. ବିକାଶ ରାଜୁଙ୍କ** ନାମରେ ଥିବା ଜମି ର ସମସ୍ତ ଅଂଶବିଶେଷ ଯାହାର ମୌଜା: ରାମଚନ୍ଦ୍ରପୁର, ତହସିଲ: ଚିକିଟି, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ଖାତା ନଂ.: ୧୬୫/୪୪୧, ପ୍ଲଟ ନଂ.: ୪୮୬/୨୭୨୮, କ୍ଷେତ୍ର: ଏକର ୦.୧୦୫ ଡ଼ିସିମିଲ, କିସମ: ଘରବାରୀ | **ତା.୩୧.୦୩.୨୦୧୯** ପର୍ଯ୍ୟନ୍ତ ସୁଧ ଏବଂ ଖର୍ଚ୍ଚ ସହିତ **ଟ.୧,୫୦,୬୮,୬୦୯/-** + ସେବାବଦ ସୁଧ ଏବଂ ଖର୍ଚ୍ଚ | ୦୩.୦୪.୨୦୧୯ / ୧୫.୧୧.୨୦୧୯ |

**ସ୍ଥାନ: ଭୁବନେଶ୍ୱର**
**ତାରିଖ : ୧୫.୧୧.୨୦୧୯**

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

**IN THE DEBTS RECOVERY TRIBUNAL AT CUTTACK**
**C-71, Sector-7, CDA, Cuttack- 753014 (Odisha)**
**O.A.No. 143/2019**

**Utkal Grameen Bank**
Stressed Asset Recovery Branch Sambalpur .... Applicant
-Versus-
**Tapan Pradhan** & Others .... Defendants

To,
Defendant No.1: **Tapan Pradhan**, S/o: Late Jaharu Pradhan, At- Bazarpada, Belpahar, Po- Belpahar, Ps- Brajarajnagar, Dist- Jharsuguda, PIN- 768218
Defendant No.2: **Bharat Kumar Pradhan**, S/o: Late Jaharu Pradhan, At- Bazarpada, Belpahar, Po- Belpahar, Ps- Brajarajnagar, Dist- Jharsuguda, PIN- 768218
Defendant No.3: **Debaki Pradhan,** W/o: Late Jaharu Pradhan, At- Bazarpada, Belpahar, Po- Belpahar, Ps- Brajarajnagar, Dist- Jharsuguda, PIN- 768218
Defendant No.4: **Jamuna Pradhan,** D/o: Late Jaharu Pradhan, At- Bazarpada, Belpahar, Po- Belpahar, Ps- Brajarajnagar, Dist- Jharsuguda, PIN- 768218
Defendant No.5: **Ramesh Bhainsal,** S/o: Srikara Bhainsal, At- Sarada, Po- Belpahar, Ps- Brajarajnagar, Dist- Jharsuguda, PIN- 768218

**Summons by Paper Publication for Showing Cause as to Why the Relief Prayed for should not be granted**

Take notice that the Applicant has instituted the aforesaid Original Application before this Tribunal for recovery of **Rs. 31,18,103.00** only together with current and future interest, cost and other reliefs.

You are therefore hereby directed to appear before this Tribunal in person or through authorised agent, in support of your defence to show cause within 30 days from the date of publication or on 24th day of December, 2019 at 10.30 A.M. as to why the reliefs prayed for should not be granted.

Take notice that in case of default the Application will be heard and determined in your absence.

Given under my hand and seal of this Tribunal, on this 8th day of November, 2019

**Manoj Kumar Patnaik**
**Registrar**
**Debts Recovery Tribunal, Cuttack**



ସହାନୁଭୂତି ପୂର୍ଣ୍ଣ ସାହାଯ୍ୟ କିମ୍ବା ଉପକାର ଯେତେ ଅଳ୍ପ ହେଲେ ମଧ କେବେହେଲେ ବ୍ୟର୍ଥ ହୁଏ ନାହିଁ।
-ଈଶ୍ୱରଚନ୍ଦ୍ର ବିଦ୍ୟାସାଗର



## ସଂକ୍ଷେପରେ

### ସିଡିଏମ୍‌ଓଙ୍କ ଜାଲ୍ ଦସ୍ତଖତରେ ଚିଠି ଆସିବା ଘଟଣା: ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଦାବି

ଗୁଡଭେଲା,୧୫।୧୧(ଡି.ଏନ୍.ଏ.): ଗୁଡ଼ଭେଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅକ୍ଟୋବର ୨୪ ଏବଂ ୨୫ ତାରିଖରେ ୨ଟି ଚିଠି ଆସିବା ପରେ ବଲାଙ୍ଗୀର ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ(ସିଡିଏମ୍‌ଓ)ଙ୍କ ଅଜାଣତରେ ବେଆଇନ ଭାବେ ଜାଲ ଦସ୍ତଖତ ମାଧମରେ ଚିଠି ଲେଖାଯାଉଥିବା ଘଟଣାର ପର୍ଦ୍ଦାଫାଶ ହୋଇଥିଲା। ସିଡିଏମ୍‌ଓ ଡା. ଦୈତାରୀ ସାହୁ ଘଟଣାର ତଦନ୍ତ କରି ଏଡିଏମଓ ଡା. ଜ୍ଞାନେନ୍ଦ୍ର ମହାନ୍ତିଙ୍କୁ କାରଣ ଦର୍ଶାଅ ନୋଟିସ ସହ କେଉଁ ପରିସ୍ଥିତିରେ ଜାଲ ଦସ୍ତଖତ ଦିଆଗଲା ବୋଲି କୈଫିୟତ ମାଗିଛନ୍ତି। ଏହି ଘଟଣାର ପ୍ରାୟ ୧୫ ଦିନ ବିତିଯାଇଥିଲେ ମଧ ଜାଲଦସ୍ତଖତ ଦେଇଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ତ ଦୂରରେ ଥାଉ ଘଟଣାକୁ ଚପେଇଦେବାକୁ ଉଦ୍ୟମ କରାଯାଉଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ଏଡିଏମଓ ମହାନ୍ତି ଗତ ୧ତାରିଖରୁ ଛୁଟିରେ ଥିବା ବେଳେ ସେ କାର୍ଯ୍ୟରେ ଯୋଗଦେବା ପରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସିଡିଏମ୍‌ଓ ସାହୁ ପ୍ରକାଶ କରିଛନ୍ତି। ସୂଚନା ଯୋଗ୍ୟ, ପତ୍ର ସଂଖା-୪୭୦୭-ଇଏମ୍ ତାରିଖ ୨୪।୧୦।୧୯ରେ ଗୁଡଭେଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ ଭାବେ ଡା.ଲଲାଟେନ୍ଦୁ ନାୟକଙ୍କୁ ଦାୟିତ୍ୱ ଦେବା ପାଇଁ ଡା. ସୂର୍ଯ୍ୟକାନ୍ତ ମହାପାତ୍ରଙ୍କୁ ଏକ ଚିଠି ଆସିଥିଲା। ପୁଣି ୨୫।୧୦।୧୯ରେ ପତ୍ର ସଂଖା ୪୭୨୧-ଇଏମ୍‌ରେ ପୁଣି ଗୁଡଭେଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ ଭାବେ ଡା.ଲଲାଟେନ୍ଦୁ ନାୟକଙ୍କୁ ଦାୟିତ୍ୱ ଦେବା ପାଇଁ ଡା. ବିବେକାନନ୍ଦ ଧରୁଆ ଓ ଡା. ସୂର୍ଯ୍ୟକାନ୍ତ ମହାପାତ୍ରଙ୍କ ପାଖକୁ ଆଉ ଏକ ଚିଠି ଆସିଥିଲା। ଉକ୍ତ ୨ଟି ଚିଠିକୁ ନେଇ ଡାକ୍ତର ଓ କର୍ମଚାରୀଙ୍କ ମଧରେ ଦ୍ୱନ୍ଦ୍ୱ ଉପୁଜିଥିଲା। ତଦନ୍ତ ପରେ ପତ୍ର ସଂଖା ୪୭୦୭ ବଲାଙ୍ଗୀର ଜିଲା ସ୍ୱାସ୍ଥ୍ୟ କାର୍ଯ୍ୟାଳୟରୁ ଆସିଥିଲେ ମଧ ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀଙ୍କ ଜାଲ ଦସ୍ତଖତ ଥିବା ଜଣାପଡିଥିଲା। ଘଟଣାର ୧୫ ଦିନ ପରେ ମଧ ଦୋଷୀଙ୍କ ବିରୋଧରେ ଆଖିଦୃଶିଆ ପଦକ୍ଷେପ ନିଆଯାଇ ନ ଥିବାରୁ ଘଟଣାକୁ ଚପାଇଦେବାକୁ ଜନସାଧାରଣ ପ୍ରଶ୍ନ ଉଠାଇଛନ୍ତି। ବିଭାଗଭୀୟ ମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

### ଲାନ୍ଥନଦୀ ପୋଲ ନିର୍ମାଣ ଅଧାପନ୍ତରିଆ

# ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ଦାବିରେ ରାଜପଥ ଅବରୋଧ

ସଇଁତଲା,୧୫।୧୧(ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ସଇଁତଲା, ଡୁଙ୍ଗୁରିପାଲି ପଞ୍ଚାୟତକୁ ସଂଯୋଗ କରୁଥିବା ବାଦିପଡ଼ା ରାସ୍ତା ଲାନ୍ଥ ନଦୀ ଉପରେ ପୋଲ ନିର୍ମାନ କାର୍ଯ୍ୟ ଅଧାପନ୍ତରିଆ ଭାବେ ପଡିରହିଛି। ଏହାର ପ୍ରତିବାଦରେ ଶୁକ୍ରବାର ସକାଳେ ସ୍ଥାନୀୟ ଜନସାଧାରଣ ଦୀର୍ଘ ୪ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ୨୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡି ଚଳାଚଳ ବନ୍ଦ ରହିଥିଲା। ଏନେଇ ଯାତ୍ରୀମାନେ ହଇରାଣ ହରକତ ହୋଇଥିଲେ। ଖବର ପାଇ ବିଭାଗୀୟ ଯନ୍ତ୍ରୀଙ୍କ ସହ ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଏପରି କି ଆଗାମୀ ଜୁନ ମାସ ସୁଦ୍ଧା ପୋଲି ନିର୍ମାଣ କାମ ଶେଷ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ରାସ୍ତାରୋକୋ ହଟିଥିଲା।

ସୂଚନା ଯୋଗ୍ୟ, ବିଜୁ ସେତୁ ଯୋଜନାରେ ୧୩କୋଟି ୪୪ ଲକ୍ଷ ୭୪ ହଜାର ଟଙ୍କା ବ୍ୟୟରେ ବାଦିପଡ଼ା ରାସ୍ତା ଲାନ୍ଥ ନଦୀ ଉପରେ ପୋଲ ନିର୍ମାନ କାର୍ଯ୍ୟ ୧୫.୦୧.୨୦୧୬ରୁ ଆରମ୍ଭ ହୋଇ ୧୪.୦୫.୨୦୧୮ରେ ସମାପ୍ତ ହେବା କଥା। ହେଲେ ନିର୍ମାଣ କାର୍ଯ୍ୟ ଅବଧି ସମାପ୍ତର ଦେଢ଼ ବର୍ଷ ବିତିଯାଇଥିଲେ ଠିକା ସଂସ୍ଥା ଅଦ୍ୟାବଧି ୫୦ ପ୍ରତିଶତ ନିର୍ମାଣ କାର୍ଯ୍ୟ କରିନାହିଁ। ଏନେଇ ପୋଲ କାର୍ଯ୍ୟ ତୁରନ୍ତ ସମାପ୍ତ କରିବାକୁ ସ୍ଥାନୀୟ ଲୋକେ ବିଭିନ୍ନ ସମୟରେ ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଆସୁଥିଲେ। ହେଲେ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଫଳରେ ଶୁକ୍ରବାର ସ୍ଥାନୀୟ ଲୋକେ ସଇଁତଲା ଚଣ୍ଡୀମନ୍ଦିରରୁ ଏକ ଶୋଭାଯାତ୍ରାରେ ବାହାରି ଡାକବଙ୍ଗଳା ଛକଠାରେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ୪ଘଣ୍ଟା ଧରି ରାସ୍ତାରୋକୋ କରିଥିଲେ। ଟିଟିଲାଗଡ଼ ଉପଜିଲାପାଳ ସୁଧାକର ନାଏକ, ଏସ୍‌ଡିପିଓ ସୁରେନ୍ଦ୍ର ନାଥ ଶତପଥୀ, ସଇଁତଲା ତହସିଲଦାର ସୁମନ କିଶୋର ଡୁଙ୍ଗଡୁଙ୍ଗ, ଗ୍ରାମ୍ୟ ଉନ୍ନୟନ ବିଭାଗ ଏସ୍‌ଡିଓ ତପନ କୁମାର ବେହେରା ପ୍ରମୁଖ ଆନ୍ଦୋଳନସ୍ଥଳରେ ପହଞ୍ଚି ପୋଲ ନିର୍ମାଣ କାର୍ଯ୍ୟ ଶେଷ କରିବା ନେଇ ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲ। ଆନ୍ଦୋଳନରେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ, ସଇଁତଲା ସରପଞ୍ଚ ଭୀମସେନ ସ୍ୱାଇଁ, ଜିଲା ପରିଷଦ ଉପାଧ୍ୟକ୍ଷ ପାଣ୍ଡବ ସାହୁ, ଡୁଙ୍ଗୁରିପାଲି ସରପଞ୍ଚ ସୁଫଳ ମାଝି, ଉତ୍ତମ ପଟେଲ, କପିଳାସ ଦୋରା, ମୁକୁନ୍ଦ ନାଗ, ଦ୍ୱାରିକା ପ୍ରସାଦ ଅଗ୍ରୱାଲ, ସୁରେଶ ନନ୍ଦଙ୍କ ସମେତ ବାଦିପଡ଼ା, ଉପେରଗାଁ, କୁଆଁରଗାଁ, ତେଣ୍ଡଲିପାଲି ତଥା ସଇଁତଲା ଅଞ୍ଚଳର ଶତାଧିକ ମହିଳା, ପୁରୁଷ ଉପସ୍ଥିତ ଥିଲେ। ଶାନ୍ତି ଶୃଙ୍ଖଳାକୁ ଦୃଷ୍ଟିରେ ରଖି ସଇଁତଲା ଥାନା ଅଧିକାରୀ ବାରିଣୀ ଦାସ, ଏସ୍‌ଆଇ ମହେଶ୍ୱର ସୁନାନୀ, ପ୍ରସନ୍ନ ଭୋଇ, କଳ୍ପନା ବିଶ୍ୱାଳ, ବେଲଗାଁ ଫାଣ୍ଡି ଅଧିକାରୀ ମାଧବ ହୋତା ଓ ଟିକ୍ରାପଡ଼ା ଫାଣ୍ଡି ଅଧିକାରୀ ଆଦିତ୍ୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ରାସ୍ତାରୋକୋ ଆନ୍ଦୋଳନରେ ସାମିଲ ହୋଇଥିବା ମହିଳା, ପୁରୁଷ।

### ବଲାଙ୍ଗୀରରେ ବିର୍ସା ମୁଣ୍ଡା ଜୟନ୍ତୀ

# ଅଧିକାର ଲଢ଼େଇ ସହ ସଂସ୍କାର ଉପରେ ଗୁରୁତ୍ୱାରୋପ

ବଲାଙ୍ଗୀର ଅଫିସ, ୧୫।୧୧

ବଲାଙ୍ଗୀର ମହାବିଦ୍ୟାଳୟରେ ଗଣ୍ଡାବଜା ପକ୍ଷରୁ ଶୁକ୍ରବାର ମହାନ ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଉତ୍ସବ ପାଳନ କରାଯାଇଥିଲା। ଗଣ୍ଡାବଜା ସମ୍ପାଦକ ତ୍ରିଲୋଚନ ନନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ଡିସିସି ବ୍ୟାଙ୍କ ସଭାପତି ଲକ୍ଷ୍ମଣ କୁମାର ମେହେର ଯୋଗଦେଇ ବିର୍ସା ମୁଣ୍ଡାଙ୍କ ସଂଗ୍ରାମ, ଆଦର୍ଶ ଓ ସଂସ୍କାର ମୂଳକ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଆଦିବାସୀ ସମ୍ପ୍ରଦାୟର ଜଳ, ଜଙ୍ଗଲ ଜମି ଅଧିକାର ଓ ସାମାଜିକ ସଂସ୍କାରମୂଳକ କାର୍ଯ୍ୟ ଉପରେ କିଭଳି ବିର୍ସା ମୁଣ୍ଡା ଜୋର ଦେଇଥିଲେ ତାହା କହି ଏଦିଗରେ ଆଗେଇ ଆସିବାକୁ ଆହ୍ୱାନ ଜଣାଇଥିଲେ। ମୁଖ୍ୟବକ୍ତା ଭାବେ ବୀରେନ୍ଦ୍ର କୁମାର ଝାଙ୍କର ଯୋଗଦେଇ ବିର୍ସା ମୁଣ୍ଡା ଜୟନ୍ତୀ ପାଳନ ଓ ଆଗାମୀ ଆହ୍ୱାନ ଉପରେ କହିଥିଲେ। ସମ୍ମାନିତ ଅତିଥି ଭାବେ ଅଧାପକ କୌତୁକ ପନ୍ଦର, ହୃଷୀକେଶ ଦାସ, ଆଡଭୋକେଟ୍ ମଣ୍ଟୁ ବିଭାର, ବନଲତା ମାଝି, ଶମ୍ଭୁ ନାଗ, କାଳିନ୍ଦ୍ରୀ ମାଝି ପ୍ରମୁଖ ବିର୍ସାଙ୍କ ସଂସ୍କାର ମୂଳକ କାର୍ଯ୍ୟ ଉପରେ ଜୋରଦେଇଥିଲେ। ସଭାରେ ବହୁ ବିର୍ସାପ୍ରେମୀ ଉପସ୍ଥିତ ଥିଲେ।



ବିର୍ସା ମୁଣ୍ଡା ଜୟନ୍ତୀ ଅବସରରେ ମଞ୍ଚାସୀନ ଅତିଥି।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆପଣା ଗାଁ ମଶାଣି;**
**ପର ଗାଁ ପାଣି।**

ଜାତିଭାଇ ତଥା ଆତ୍ମୀୟ ପରିଜନଙ୍କ ଶବଦାହ କରାହୋଇଥିବା ହେତୁ ନିଜ ଗାଁ ମଶାଣି ପ୍ରତି ସଭିଙ୍କ ମନରେ ଏକ ଅଜଣା ଭୟ ସୃଷ୍ଟି ହୋଇଥାଏ। ସେହିପରି ପର ଗାଁ ନାଳ ପୋଖରୀ ସହ ବ୍ୟକ୍ତି ସେତେଟା ଅଭ୍ୟସ୍ତ ହୋଇ ନ ଥାଏ। ଫଳସ୍ୱରୂପ ମନରେ ନାନା ଆଶଙ୍କା ବା ଭୟ ସୃଷ୍ଟି ହେବା ଯଥାର୍ଥ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଆଇଲ ତ ବନ୍ଧୁ ଭଲ କଲ,**
**ବସିବାକୁ ନାହିଁ ଠାଆ,**
**ପାଣି ମୁନ୍ଦିଏ ଦିଅନ୍ତି ବନ୍ଧୁ !**
**ଦଦରା ମାଠିଆ।**

ବନ୍ଧୁ ଚର୍ଚ୍ଚା କରିବା ପାଇଁ କୁଣ୍ଠିତ ମନୋବୃତ୍ତି ଥିବା ଲୋକ ଦୁନିଆରେ ଅନେକ ଅଛନ୍ତି। ବନ୍ଧୁ ଯଦି ଅପେକ୍ଷାକୃତ ଗରିବ ହୋଇଥାଏ ତା'ହେଲେ ତା'ପ୍ରତି ହେୟଜ୍ଞାନ କରିବାକୁ କେତେକେ ପଛାଇ ନ ଥାନ୍ତି। ଘରକୁ ସମାଗତ ବନ୍ଧୁଙ୍କୁ ସତ୍କାର କରିବାରେ ଅନିଚ୍ଛା ପ୍ରକାଶ କରିବାକୁ ଯାଇ ବିଭିନ୍ନ ପ୍ରକାର ବାହାନା ପ୍ରଦର୍ଶନ କରାଯିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

### ୯ ବର୍ଷ ପରେ ସଂଘବଦ୍ଧ ଆକ୍ରମଣ ଘଟଣାର ରାୟ ପ୍ରକାଶ

# ୬ ଅଭିଯୁକ୍ତଙ୍କୁ ବର୍ଷେ ଲେଖାଏଁ ଜେଲ ଦଣ୍ଡାଦେଶ

ଜୁନାଗଡ,୧୫।୧୧ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ଥାନା ଅନ୍ତର୍ଗତ ବକ୍ସିତୁଲସୀପାଲି ପଞ୍ଚାୟତ ରଣପୁର ଗ୍ରାମରେ ଘଟିଥିବା ସଂଘବଦ୍ଧ ଆକ୍ରମଣ ଘଟଣାର ରାୟ ଗୁରୁବାର ପ୍ରକାଶ ପାଇଛି। ଜୁନାଗଡ ଜେଏମ୍‌ଏଫସି କୋର୍ଟ ବିଚାରପତି ଦେଶପ୍ରିୟ ବାରିକ ଏହି ଘଟଣାରେ ୬ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ବର୍ଷେ ଲେଖାଁଏ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏହାସହ ହଜାରେ ଟଙ୍କା ସମସ୍ତଙ୍କୁ ଜରିମାନା କରିଛନ୍ତି। ଜରିମାନା ଅନାଦେୟ ସେମାନଙ୍କୁ ଆଉ ୧୫ ଦିନ ଜେଲ ଦଣ୍ଡାଦେଶ ଭୋଗିବାକୁ ପଡିବ ବୋଲି ରାୟରେ ଦର୍ଶାଯାଇଛି। ଅଭିଯୁକ୍ତମାନେ ହେଲେ ବକ୍ସିତୁଲସୀପାଲି ଗ୍ରାମର ବୁଦ୍ଧୁରାମ ବେନିଆ, ପରମେଶ୍ୱର ବେନିଆ, ଅଜୟ ବେନିଆ, ରେଙ୍ଗଟା ବେନିଆ। ଅନ୍ୟ ୨ଜଣ ଫେରାର ଅଛନ୍ତି। ବିବରଣୀ ଅନୁଯାୟୀ ୨୦୧୦ରେ ଜୁନାଗଡ ବ୍ଲକ ରଣପୁର ଗ୍ରାମରେ ଝିନ ତାଣ୍ଡିଙ୍କ ଉପରେ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ଏହା ପରେ ଝିନ ଆକ୍ରମଣ କରିଥିବା ସମ୍ପୃକ୍ତ ବ୍ୟକ୍ତିଙ୍କ ନାମରେ ଜୁନାଗଡ ଥାନାରେ ଏତଲା ଦେଇଥିଲେ। ପରେ ଏହି ମାମଲା ଥାନାରୁ କୋର୍ଟକୁ ଆସିଥିଲା। ସେତେ ବେଳେ ଆଇପିସି ୧୪୭/୩୨୩ ଦଫାରେ ଏକ ମାମଲା (ନଂ.୫୩୯/୧୦) ରୁଜୁ କରାଯାଇଥିଲା। ଜେଏମସି କୋର୍ଟ ବିଚାର କରି ଅଭିଯୁକ୍ତମାନଙ୍କୁ ଆଇପିସି ୧୪୭ ଦଫାରେ ୬ ମାସ ସହ ୫ ଶହ ଟଙ୍କା ଜରିମାନା ଓ ୩୨୩ ଦଫାରେ ୬ମାସ ସହ ୫ ଶହ ଟଙ୍କା ଜରିମାନା ମୋଟ ବର୍ଷେ ଲେଖାଏଁ ଜେଲ ଦଣ୍ଡାଦେଶ ସହ ହଜାରେ ଟଙ୍କା ଫାଇନ କରିଛନ୍ତି। ଏହି ମାମଲାରେ ଅନ୍ୟ ୨ଜଣ ସମ୍ପୃକ୍ତ ଥିଲେ ମଧ ସେମାନେ ଏବେ ଫେରାର ଅଛନ୍ତି।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

Cashbeen ଆଣିଛି ସହଜରେ ଋଣ ପାଇବାର ସୁବର୍ଣ୍ଣ ସୁଯୋଗ। କେବଳ ପ୍ୟାନ୍‌କାର୍ଡ ସାହାଯ୍ୟରେ ମାତ୍ର 1% ସର୍ବାଧିକ ସୁଧରେ 50000 - 2000000 ପର୍ଯ୍ୟନ୍ତ ମାତ୍ର 24 ଘଣ୍ଟାରେ।
ଯୋଗାଯୋଗ କରନ୍ତୁ
9470240552
7596892410
PATNA

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ। ୨% ସୁଧ ୬୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ଥରେ ସେବାର ସୁଯୋଗ ନିଶ୍ଚୟ ଦିଅନ୍ତୁ
LOAN
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ସମଗ୍ର ଓଡ଼ିଶାରେ ପ୍ରଥମ ଥର ପାଇଁ
ମୁଦ୍ରା ଫାଇନାନ୍ସ
ମାର୍କଶିଟ୍ | ପ୍ରପର୍ଟି | ଆଧାରକାର୍ଡ | ପର୍ସନାଲ | ପଶୁପାଳନ | ଗୃହ ଋଣ | ବ୍ୟବସାୟ | ଗ୍ରୁପ୍ ଋଣ
ଏଗ୍ରିକଲ୍‌ଚର ଋଣ
ସବୁ ପ୍ରକାର ଋଣ
2% ସୁଧ - 50% ଛାଡ଼ ସହିତ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
ଠକମାନଙ୍କ ପ୍ରତି ସାବଧାନ
7289948952
7289999543
SCF-14, Aggarwal Estate, South Delhi

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ
ସମସ୍ତ ପ୍ରକାର LOAN
BARSA FINANCE ଯୋଗାଇ ଦେଉଛି। ସୁଧ=1%
M = 7656825259 7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

E-MUDRA FINANCE
All Odisha
★ Mudra Loan
★ Cash Credit Loan
★ Vehicle Loan
★ Agriculture Loan
★ Personal Loan
★ Business Loan
★ Mortgage Loan
★ Housing Loan
All types of Loan@ 1% Interest 50% Subsidy
Fund Received in 24 Hours
9614873562
B-34/A Block, Vijay Enclave, Burari, New Delhi

ଖର୍ଚ୍ଚ ଋଣରୁ କଟିବ
MAHALAXMI FINANCE
1 ଲକ୍ଷରୁ ୨0 ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ T&C
1% ସୁଧ | 40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
9518852216, 9548270863
ADDRESS: T-51, GAUTAMPURI, DELHI

LOAN DHAMAKA
1) Mudra Loan
2) Term Loan
3) Cash Credit
4) Vehicle Loan
5) Housing Loan
6) Agriculture Loan
7) Used Car Loan
8) Mortgaged Loan
PD ASSOCIATE
91, Kharvela Nagar, BBSR
8895436156

EDUCATION

SPOT ADMISSION
B.Ed
Acharya Nagarjuna University Equivalent to Govt. of Odisha
FREE Practical, Study Material, Form fill-up fees & Weekend Class
NIDT
NO-1 B.Ed Academy Since 2001
B.J.B. Nagar, Lewis Road, Bhubaneswar
7978204082, 9438286091

BUSINESS

ଭାରତର ନଂ. 1 କମ୍ପାନୀ
Hindusthan Tower Group
ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଓ ହାଇୱେ ପାର୍ଶ୍ୱ ଜମିରେ
DIGITAL ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଆଡ୍‌ଭାନ୍ସ: 60 ଲକ୍ଷ
ଭଡ଼ା: 60 ହଜାର
94735-96956, 98070-64437
ADDRESS: T-51, GAUTAMPURI, DELHI

Galaxy Telecom Network Company
ଖାଲିଥିବା ଜମି, କ୍ଷେତ ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ। ମାତ୍ର ୪୮ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ + ବାଇକ୍+ 30,000ର ଅନ୍ୟାନ ସୁବିଧା
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
6204090239
8227843135

BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
07376033092

ଡାଇରେକ୍ଟ କମ୍ପାନୀର ଡିଜିଟାଲ ଟାୱାର୍
ଟାୱାର୍ କମ୍ପାନୀ ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ କମ୍ପାନୀ
ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ। ଅଗ୍ରିମ ୨0 ଲକ୍ଷ, ଭଡ଼ା ୬0 ହଜାର + ବାଇକ୍। 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ।
7838639856
8826558929

ASTROLOGY

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଳେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋଡାଧନ, କୁଆ-ସଙ୍ଗା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ୱେ. ପୋଡାଧନ, ସଙ୍ଗା, କୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
9599320079

DHARITRI Career appointment Every Wednesday and Saturday

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଯେଉଁ ବ୍ୟକ୍ତି ଇନ୍ଦ୍ରିୟ ଲାଳସାରୁ ମୁକ୍ତ ନ ହୁଅନ୍ତି ଏବଂ ସାଂସାରିକ ବନ୍ଧନରେ ବାନ୍ଧି ହୋଇଥାନ୍ତି, ସେ କେବେହେଲେ ଗୁରୁ ହୋଇ ନ ପାରନ୍ତି।
- ଶ୍ରୀଚୈତନ୍ୟ



## ସଂକ୍ଷେପରେ

### ସାମ୍ବାଦିକ ଏକତା ପାଇଁ ଓୟୁଜେର ଆହ୍ୱାନ

ଜୁନାଗଡ,୧୫।୧୧(ଡି.ଏନ.ଏ.)- ସାମ୍ବାଦିକମାନଙ୍କ ବିଭିନ୍ନ ଦାବି ପୂରଣ ପାଇଁ ରାଜ୍ୟ ସରକାରଙ୍କ ନିକଟରେ ମିଳିତ ଆବେଦନ ନିମନ୍ତେ ପ୍ରୟାସ ଆରମ୍ଭ ହୋଇଯାଇଛି। ଶୁକ୍ରବାର ସନ୍ଧ୍ୟାରେ ଜୁନାଗଡଠାରେ ଅନୁଷ୍ଠିତ ଓୟୁଜେ କର୍ମକର୍ତ୍ତା ଓ କଳାହାଣ୍ଡି ଜିଲା ସଙ୍ଗଠନର କର୍ମକର୍ତ୍ତାଙ୍କ ଏକ ମିଳିତ ବୈଠକରେ ଏହି ମର୍ମରେ ଏକ ପ୍ରସ୍ତାବ ପାଳିତ ହୋଇଛି। ଜାତୀୟ ପ୍ରେସ ଦିବସ ଦିନକ ପୂର୍ବରୁ ଅନୁଷ୍ଠିତ ବୈଠକରେ ଅଧକ୍ଷତା କରି ରାଜ୍ୟ ସଭାପତି ପ୍ରସନ୍ନ ମହାନ୍ତି ପ୍ରେସ ଦିବସକୁ ଏକତା ଦିବସ ରୂପେ ପାଳନ କରିବା ପାଇଁ ଓୟୁଜେ ଦେଇଥିବା ଆହ୍ୱାନ ସମ୍ପର୍କରେ ଅବଗତ କରିଥିଲେ। ସାମ୍ବାଦିକମାନଙ୍କ ସ୍ୱାସ୍ଥ୍ୟବୀମା ରାଶିଙ୍କୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ଓ ଅବସରପ୍ରାପ୍ତ ସାମ୍ବାଦିକଙ୍କ ଲାଗି ଅନ୍ୟାନ ରାଜ୍ୟ ଭଳି ଓଡିଶାରେ ପେନସନ ବ୍ୟବସ୍ଥା ଲାଗୁ କରିବା ପାଇଁ ରାଜ୍ୟ ସରକାରଙ୍କ ନିକଟରେ ମିଳିତ ଦାବି ଉପସ୍ଥାପନ କରିବାକୁ ରାଜ୍ୟର ସମସ୍ତ ସାମ୍ବାଦିକ ଓ ସଙ୍ଗଠନକୁ ଆହ୍ୱାନ ଦିଆଯାଇଥିଲା। ସାମ୍ବାଦିକଙ୍କ ବୃହତ୍ତର ସ୍ୱାର୍ଥ ରକ୍ଷା ଦୃଷ୍ଟିରୁ ରାଜ୍ୟ ସରକାର ଏହି ଦାବିଗୁଡିକ ଉପରେ ନିଶ୍ଚିତ ଭାବରେ ଦୃଷ୍ଟି ଦେବା ପାଇଁ ଅନୁରୋଧ କରାଯାଇଛି। ବୈଠକରେ ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ କୁମାର ନନ୍ଦ, ରାଜ୍ୟ ଉପସଭାପତି ଉପନ କୁମାର ସାହୁ, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ପରିକ୍ଷିତ ବିଶ୍ୱାଳ, ଓୟୁଜେ ଗୃହ କିମିଟି ଅଧକ୍ଷ ସୁରେଶ ଦାଶ, କଳାହାଣ୍ଡି ଜିଲା ସଭାପତି କମ୍ବୁପାଣି ମିଶ୍ର, କାର୍ଯ୍ୟକାରୀ ସଭାପତି ବିରଞ୍ଚି ନାରାୟଣ ଜାଲ, ଜିଲା ସାଧାରଣ ସମ୍ପାଦକ ସନ୍ତୋଷ କୁମାର ସିଂଦେଓ, ସଙ୍ଗଠନ ସମ୍ପାଦକ ଅଂଶୁମାନ ପାତ୍ର, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଇଙ୍ଗିତ କୁମାର ପଣ୍ଡା, ବରିଷ୍ଠ ସଦସ୍ୟ ବୈଦନାଥ ବେହେରା,ଉତ୍ତମ କୁମାର ଦାଶ, ପ୍ରବୀଣ ପଟ୍ଟନାୟକ, ତ୍ରିଲୋଚନ ସୁନାନୀ, ସୁନୀଲ କୁମାର ସିଂ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

ପଁଚେତ୍‌ନୁ ବ୍ଲକ ତକ୍ ଗୁହାରି କରି ନିରାଶ

# ଝାଁଟିମାଟି କୁରିଆରେ ବିତୁଛେ ଜୀବନ୍

ଭବାନୀପାଟଣା, ୧୫।୧୧ (ଡି.ଏନ.ଏ.)

ଉଭଏ କେନ୍ଦ୍ର ଆର ରାଏଜ୍ ସରକାର ଗରିବ୍ ଦୁଖିକର ଲାଗି ଆବାସ ଯୋଜନା କାଯ୍‌କାରି କରୁଛନ୍। ହେଲେ ଆଏଜ୍ ବି ଅନେକ ଗରିବ୍‌ଦୁଖି ହକ୍‌ଦାର ହିତାଧିକାରୀ ଇ ଯୋଜନାରୁ ବଁଚିତ୍ ହେଉଛନ୍। କଳାହାଣ୍ଡି ଜିଲାରେ ହଜାର ହଜାର ପରିବାର ଝାଁଟିମାଟି କୁରିଆରେ ଦିନ୍ ବିତାଲାବେଲେ ସରକାରକଁର ଇ ଯୋଜନା ବିକ୍ରି ହେଉଛେ। ଇତାର ଗୁଟେ ଉଦାହରନ୍ ଦେଖିବାକେ ମିଲିଛେ କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ସିନ୍ଧିପଦର ପଁଚେତ୍‌ରେ। ଇ ବ୍ଲକକେ ଆସୁଥିବାର ପ୍ରଧାନମନ୍ତ୍ରୀ ଆବାସ, ବିଜୁ ପକ୍କା ଘର ଯାହାର ଘର ଅଛେ, କୁଜି ନେତା ଆର ଯେ ଲାଁଚ୍ ଦେଇପାରୁଛେ ସେମାନକୁ ମିଳୁଥିବାର ଅଭିଯୋଗ ହେଉଛେ। ଇଆଡ଼େ ନିରିହ ହକ୍‌ଦାର ହିତାଧିକାରୀକଁର ଲାଗି ଇ ଯୋଜନା ସାତ୍‌ସପନ ପାଲଟିଛେ। ଥୁଆମୂଳ ରାମପୁର ବ୍ଲକର ଆଦର୍ଶ ପଁଚେତ୍ ସିନ୍ଧିପଦରର ନାଁକରା ଗାଁ ହେଉଛେ ସିରିମସ୍କା। ଇ ଗାଁରେ ରହୁଛନ୍ ମେଟା ମାଝି। ସେ ଝନେ ନିହାତି ଗରିବ ହେଇଥିଲାବେଲେ ଝାଁଟିମାଟିର ଗୁଟେ କୁରିଆରେ ବଛର ବଛର ହେଲା ରହିଆସୁଛନ୍। ସରକାରୀ ଯୋଜନାରେ ପକା ଘରଖଁଡ଼େ ପାଏବାର ଲାଗି ମେଟା ପଁଚେତ୍‌ନୁ ବ୍ଲକ ତକ୍ ନରଦି ନରଦି ନିରାଶ ହେଇଛନ୍। ବାରବାର ପରଶାସନ ଆର ଥାନୀଅ ନେତାକୁ ଗୁହାରି କଲେ ବି ମୋର କଥା କେହି ନାଇଁ ଶୁନବାର ବଲି ମେଟା ଅଭିଯୋଗ କରିଛନ୍। ସିନ୍ଧିପଦର ଆଦର୍ଶ ପଁଚେତ୍ ବଲି ନେତାମନ୍ତ୍ରୀ, ପରଶାସନିକ ଅଧିକାରୀମାନେ ବାରବାର ଆସି ବିକାଶର ଡିଂଗରା ପିଟୁଛନ୍। ହେଲେ ଆଏଜ୍ ବି ଇ ଆଦର୍ଶ ପଁଚେତ୍‌ରେ ମେଟା ଲେଖେଁ ଗରିବ୍ ଦୁଖି ନିଜର ହକ୍ ପାଏବାରୁ ବଁଚିତ୍ ହେଇ ରହିଚନ୍।



ନିଜର ଝାଁଟିମାଟି କୁରିଆ ଆଗେ ମେଟା ମାଝି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆପଣା ଗାଁ ମଶାଣି;**
**ପର ଗାଁ ପାଣି ।**

ଜାତିଭାଇ ତଥା ଆତ୍ମୀୟ ପରିଜନଙ୍କ ଶବଦାହ କରାହୋଇଥିବା ହେତୁ ନିଜ ଗାଁ ମଶାଣି ପ୍ରତି ସଭିଙ୍କ ମନରେ ଏକ ଅଜଣା ଭୟ ସୃଷ୍ଟି ହୋଇଥାଏ। ସେହିପରି ପର ଗାଁ ନାଳ ପୋଖରୀ ସହ ବ୍ୟକ୍ତି ସେତେଟା ଅଭ୍ୟସ୍ତ ହୋଇ ନ ଥାଏ। ଫଳସ୍ୱରୂପ ମନରେ ନାନା ଆଶଙ୍କା ବା ଭୟ ସୃଷ୍ଟି ହେବା ଯଥାର୍ଥ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଆଇଲ ତ ବନ୍ଧୁ ଭଲ କଲ,**
**ବସିବାକୁ ନାହିଁ ଠାଆ,**
**ପାଣି ମୁନ୍ଦିଏ ଦିଅନ୍ତି ବନ୍ଧୁ !**
**ଦଦରା ମାଠିଆ ।**

ବନ୍ଧୁ ଚର୍ଚ୍ଚା କରିବା ପାଇଁ କୁଣ୍ଠିତ ମନୋବୃତ୍ତି ଥିବା ଲୋକ ଦୁନିଆରେ ଅନେକ ଅଛନ୍ତି। ବନ୍ଧୁ ଯଦି ଅପେକ୍ଷାକୃତ ଗରିବ ହୋଇଥାଏ ତା'ହେଲେ ତା'ପ୍ରତି ହେୟଜ୍ଞାନ କରିବାକୁ କେତେକେ ପଛାଇ ନ ଥାନ୍ତି। ଘରକୁ ସମାଗତ ବନ୍ଧୁଙ୍କୁ ସତ୍କାର କରିବାରେ ଅନିଚ୍ଛା ପ୍ରକାଶ କରିବାକୁ ଯାଇ ବିଭିନ୍ନ ପ୍ରକାର ବାହାନା ପ୍ରଦର୍ଶନ କରାଯିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ବଚ୍‌ପନ ସ୍କୁଲରେ ଶିଶୁ ଦିବସ

ଭବାନୀପାଟଣା,୧୫।୧୧ (ଡି.ଏନ.ଏ.)

ଗୁରୁବାର ଗ୍ରାଣ୍ଡ ପ୍ୟାରେଣ୍ଟ ଦିବସ ତଥା ଶିଶୁ ଦିବସ ମହୋତ୍ସବ ବଚ୍‌ପନ/ଏକାଡେମିକ ହାଇଟ୍ ପବ୍ଲିକ ସ୍କୁଲରେ ପାଳିତ ହୋଇଛି। ପଣ୍ଡିତ୍ ଜବାହାରଲାଲ ନେହେରୁଙ୍କ ଜନ୍ମ ଦିବସ ଉପଲକ୍ଷେ ତାଙ୍କର ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଉକ୍ତ ମହୋତ୍ସବ ବରିଷ୍ଠ ବୃଦ୍ଧ ଓ ବୃଦ୍ଧାମାନେ ଶିଶୁ ଦିବସ ମହୋତ୍ସବକୁ ଶୁଭାରମ୍ଭ କରିଥିଲେ। ଭିନ୍ନ ସାଂସ୍କୃତିକ ତଥା ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ପରିଚାଳନା ନିର୍ଦ୍ଦେଶକ ଶୁଭ୍ରାଂଶୁ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଅଧକ୍ଷା ମମତାରାଣୀ ପଟ୍ଟନାୟକ, ବରିଷ୍ଠ ଶିକ୍ଷକ ତଥା ପରିଚାଳନା ସଦସ୍ୟ ମନୋଜ ପଟ୍ଟନାୟକ, ସମରେନ୍ଦ୍ର ଶଡଙ୍ଗୀ, ବି.ଏସ୍. ଅଭିଷେକ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ସୁନୀତା ବେହେରା, ରୀନା ଶୁକ୍ଳା, ସନିଶା ରାଉତ୍, ନନ୍ଦିତା ସାହୁ, ମନ୍ଦାକିନୀ ବାଣୁଆ, ଲିପାମଣୀ ବାଗ, ସୁଶ୍ରୀତା ରଥ, ନେହାଁ ଗର୍ଗ, ଅହଲ୍ୟା ନାଏକ, ପଲ୍ଲବୀ ନାଏକ ବିଭିନ୍ନ କଳା ସାଂସ୍କୃତିକ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । କୃତୀ କୁନୀ କଳାକାର ତଥା ଜେଜେମାଆ ଜେଜେବାପାଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା କରିଥିଲେ। ଜେଜେମାଆ ଓ ଜେଜେବାପାମାନେ ପୂର୍ବସ୍ମୃତିକୁ ମନେ ପକାଇ ନିଜ ନାତୀନାତୁଣୀଙ୍କୁ ଉତ୍ସାହିତ କରିଥିଲେ। ଜେଜେମାଆ ଓ ଜେଜେବାପାମାନେ ନିଜ କୁନି ନାତୀ ନାତୁଣୀମାନଙ୍କ ସହ ରେମ୍‌ସୋ କରିଥିଲେ। ଏହି କଳାସାଂସ୍କୃତି କାର୍ଯ୍ୟକ୍ରମରେ ରତିନ୍ଦ୍ର ଡାକୁଆ, ରାଜୁ ବାଗ, ଦୀପକ ରାଉତ୍, ଶିବା କୁମାର, ଶିବ ହରିଜନ, କୁମୁଦିନୀ ବାଗ, ପ୍ରତୀମା ପାତ୍ର, ପ୍ରମିଳା ସିଂ, ମମତା ଶବର, ଅହଲ୍ୟା ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

## ସାପ କାମୁଡ଼ାରେ ଚାଷୀଙ୍କ ମୃତ୍ୟୁ

ଭବାନୀପାଟଣା,୧୫।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଗୋବର୍ଦ୍ଧନପୁର ପଞ୍ଚାୟତ ଗୋପାଳପୁର ଗାଁର ଜଣେ ଚାଷୀ କ୍ଷେତକୁ ଚାଷ ଦେଖିବାକୁ ଯାଇଥିବା ବେଳେ ଏକ ବିଷଧର ସାପ କାମୁଡାରେ ମୃତ୍ୟୁ ଘଟିଛି। ମୃତ ଚାଷୀ ଜଣଙ୍କ ହେଲେ ଶତ୍ରୁଘ୍ନ ଗଉଡ (୫୪) । ଗୁରୁବାର ସକାଳେ ଶତ୍ରୁଘ୍ନ ତାଙ୍କ କ୍ଷେତକୁ ଯାଇଥିଲେ। ସେଠାରେ ତାଙ୍କୁ ଏକ ବିଷଧର ସାପ କାମୁଡି ଦେଇଥିଲା। ବହୁ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ପରେ କ୍ଷେତରେ ସେ ଅଚେତ ହୋଇ ପଡିଥିବା ଦେଖିବାକୁ ପାଇଥିଲେ। ତାଙ୍କ ଗୋଡରେ ସାପ କାମୁଡା ଚିହ୍ନ ଦେଖି ସେମାନେ ତୁରନ୍ତ ଚିକିତ୍ସା ପାଇଁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ଏଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

୯ ବର୍ଷ ପରେ ସଂଘବଦ୍ଧ ଆକ୍ରମଣ ଘଟଣାର ରାୟ ପ୍ରକାଶ

## ୬ ଅଭିଯୁକ୍ତଙ୍କୁ ବର୍ଷେ ଲେଖାଏଁ ଜେଲ ଦଣ୍ଡାଦେଶ

ଜୁନାଗଡ,୧୫।୧୧ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ଥାନା ଅନ୍ତର୍ଗତ ବକ୍ସିତୁଲସୀପାଲି ପଞ୍ଚାୟତ ରଣପୁର ଗ୍ରାମରେ ଘଟିଥିବା ସଂଘବଦ୍ଧ ଆକ୍ରମଣ ଘଟଣାର ରାୟ ଗୁରୁବାର ପ୍ରକାଶ ପାଇଛି। ଜୁନାଗଡ ଜେଏମ୍ଏଫସି କୋର୍ଟ ବିଚାରପତି ଦେଶପ୍ରିୟ ବାରିକ ଏହି ଘଟଣାରେ ୬ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ବର୍ଷେ ଲେଖାଁଏ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏହାସହ ହଜାରେ ଟଙ୍କା ସମସ୍ତଙ୍କୁ ଜରିମାନା କରିଛନ୍ତି। ଜରିମାନା ଅନାଦେୟ ସେମାନଙ୍କୁ ଆଉ ୧୫ ଦିନ ଜେଲ ଦଣ୍ଡାଦେଶ ଭୋଗିବାକୁ ପଡିବ ବୋଲି ରାୟରେ ଦର୍ଶାଯାଇଛି। ଅଭିଯୁକ୍ତମାନେ ହେଲେ ବକ୍ସିତୁଳସୀପାଲି ଗ୍ରାମର ବୁଦୁରାମ ବେନିଆ, ପରମେଶ୍ୱର ବେନିଆ, ଅଜୟ ବେନିଆ, ରେଙ୍ଗଟା ବେନିଆ। ଅନ୍ୟ ୨ଜଣ ଫେରାର ଅଛନ୍ତି।

ବିବରଣୀ ଅନୁଯାୟୀ ୨୦୧୦ରେ ଜୁନାଗଡ ବ୍ଲକ ରଣପୁର ଗ୍ରାମରେ ଝିନ ତାଣ୍ଡିଙ୍କ ଉପରେ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ଏହା ପରେ ଝିନ ଆକ୍ରମଣ କରିଥିବା ସମ୍ପୃକ୍ତ ବ୍ୟକ୍ତିଙ୍କ ନାମରେ ଜୁନାଗଡ ଥାନାରେ ଏତଲା ଦେଇଥିଲେ। ପରେ ଏହି ମାମଲା ଥାନାରୁ କୋର୍ଟକୁ ଆସିଥିଲା। ସେତେ ବେଳେ ଆଇପିସି ୧୪୭/୩୨୩ ଦଫାରେ ଏକ ମାମଲା (ନଂ.୫୩୯/୧୦) ରୁଜୁ କରାଯାଇଥିଲା। ଜେଏମସି କୋର୍ଟ ବିଚାର କରି ଅଭିଯୁକ୍ତମାନଙ୍କୁ ଆଇପିସି ୧୪୭ ଦଫାରେ ୬ ମାସ ସହ ୫ ଶହ ଟଙ୍କା ଜରିମାନା ଓ ୩୨୩ ଦଫାରେ ୬ମାସ ସହ ୫ ଶହ ଟଙ୍କା ଜରିମାନା ମୋଟ ବର୍ଷେ ଲେଖାଏଁ ଜେଲ ଦଣ୍ଡାଦେଶ ସହ ହଜାରେ ଟଙ୍କା ଫାଇନ କରିଛନ୍ତି। ଏହି ମାମଲାରେ ଅନ୍ୟ ୨ଜଣ ସମ୍ପୃକ୍ତ ଥିଲେ ମଧ ସେମାନେ ଏବେ ଫେରାର ଅଛନ୍ତି। ସେମାନଙ୍କ ନାମରେ ଜାମିନ ବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି କରାଯାଇଛି। ସରକାରଙ୍କ ପକ୍ଷରୁ ଯୁବ ଆଇନଜୀବୀ ଅଶୋକ କୁମାର ନାୟକ ଓ ଦିଗାମ୍ବର ନାଏକ ପରିଚାଳନା କରିଥିଲେ।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

Cashbeen ଆଣିଛି ସହଜରେ ଋଣ ପାଇବାର ସୁବର୍ଣ୍ଣ ସୁଯୋଗ। କେବଳ ପ୍ୟାନ୍‌କାର୍ଡ ସାହାଯ୍ୟରେ ମାତ୍ର 1% ସର୍ବାଧିକ ସୁଧରେ 50000 - 2000000 ପର୍ଯ୍ୟନ୍ତ ମାତ୍ର 24 ଘଣ୍ଟାରେ। ଯୋଗାଯୋଗ କରନ୍ତୁ
9470240552
7596892410
PATNA

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଥରେ ସେବାର ସୁଯୋଗ ନିଶ୍ଚୟ ଦିଅନ୍ତୁ
LOAN
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ସମଗ୍ର ଓଡ଼ିଶାରେ ପ୍ରଥମ ଥର ପାଇଁ
ମୁଦ୍ରା ଫାଇନାନ୍ସ
ମାର୍କଶିଟ୍ | ପ୍ରପର୍ଟି
ଆଧାରକାର୍ଡ | ପର୍ସନାଲ
ପଶୁପାଳନ | ଗୃହ ଋଣ
ବ୍ୟବସାୟ | ଗ୍ରୁପ୍ ଋଣ
ଏଗ୍ରିକଲ୍‌ଚର ଋଣ
ସବୁ ପ୍ରକାର ଋଣ
2% ସୁଧ - 50% ଛାଡ଼ ସହିତ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
ଠକମାନଙ୍କ ପ୍ରତି ସାବଧାନ
7289948952
7289999543
SCF-14, Aggarwal Estate, South Delhi

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକ୍କୁଡ଼ା ପାଳନ ଓ ଗୃହ ଋଣ
ସମସ୍ତ ପ୍ରକାର LOAN
BARSA FINANCE
ଯୋଗାଇ ଦେଉଛି । ସୁଧ=1%
M = 7656825259
7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

E-MUDRA FINANCE
All Odisha
★ Mudra Loan
★ Cash Credit Loan
★ Vehicle Loan
★ Agriculture Loan
★ Personal Loan
★ Business Loan
★ Mortgage Loan
★ Housing Loan
All types of Loan@ 1% Interest 50% Subsidy
Fund Received in 24 Hours
9614873562
B-34/A Block, Vijay Enclave, Burari, New Delhi

ଖର୍ଚ୍ଚ ଋଣରୁ କଟିବ
MAHALAXMI FINANCE
1 ଲକ୍ଷରୁ 90 ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ T&C
1% ସୁଧ | 40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
9518852216, 9548270863
ADDRESS: T-51, GAUTAMPURI, DELHI

LOAN DHAMAKA
1) Mudra Loan
2) Term Loan
3) Cash Credit
4) Vehicle Loan
5) Housing Loan
6) Agriculture Loan
7) Used Car Loan
8) Mortgaged Loan
PD ASSOCIATE
91, Kharvela Nagar, BBSR
8895436156

EDUCATION

SPOT ADMISSION
B.Ed
Acharya Nagarjuna University
Equivalent to Govt. of Odisha
FREE Practical, Study Material, Form fill-up fees & Weekend Class
NIDT
NO-1 B.Ed Academy Since 2001
B.J.B. Nagar, Lewis Road, Bhubaneswar
7978204082, 9438286091

BUSINESS

ଭାରତର ନଂ. 1 କମ୍ପାନୀ
Hindusthan Tower Group
ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଓ ହାଇୱେ ପାର୍ଶ୍ୱ ଜମିରେ
DIGITAL
ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଆଡ୍‌ଭାନ୍ସ: 60 ଲକ୍ଷ
ଭଡ଼ା: 60 ହଜାର
94735-96956, 98070-64437
ADDRESS: T-51, GAUTAMPURI, DELHI

Galaxy Telecom Network Company
ଖାଲିଥିବା ଜମି, କ୍ଷେତ ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ମାତ୍ର ୪୮ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ + ବାଇକ୍+ 30,000ର ଅନ୍ୟାନ ସୁବିଧା
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
6204090239
8227843135

BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
07376033092

ଡାଇରେକ୍ଟ କମ୍ପାନୀର ଡିଜିଟାଲ ଟାୱାର୍
ଟାୱାର୍ କମ୍ପାନୀ ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ କମ୍ପାନୀ
ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ । ଅଗ୍ରିମ ୨୦ ଲକ୍ଷ, ଭଡ଼ା 60 ହଜାର + ବାଇକ୍ । 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ ।
7838639856
8826558929


ASTROLOGY

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋଡାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋଡାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
9599320079

DHARITRI Career appointment Every Wednesday and Saturday

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର



ସବୁ ସମସ୍ୟାର ମୂଳ କାରଣ ହେଉଛି ଆମେ ଧର୍ମ ଓ ଧାର୍ମିକ ବିଶ୍ୱାସଠାରୁ ଦୂରେଇ ଯାଉଛୁ।
- ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ



## ସଂକ୍ଷେପରେ



### ବ୍ୟବସାୟୀଙ୍କ ଘରେ ଅଗ୍ନିକାଣ୍ଡ: ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ନଷ୍ଟ

ସଇଁତଲା,୧୫।୧୧(ଡି.ଏନ୍.ଏ.): ବଲାଙ୍ଗୀର ଜିଲା ସଇଁତଲା ବାପୁଜୀ ଛକରେ ଥିବା ବ୍ୟବସାୟୀ ମୁରାରୀଲାଲ ଅଗ୍ରୱାଲଙ୍କ ଘରେ ଶୁକ୍ରବାର ପୂର୍ବାହ୍ନ ୧୦ଟା ନିଆଁ ଲାଗି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ନଷ୍ଟ ହୋଇଯାଇଥିବା ଅଭିଯୋଗ ହୋଇଛି। ନିଆଁ ଲାଗିବାର କାରଣ ଜଣାପଡି ନାହିଁ। ଖବର ପାଇ ସ୍ଥାନୀୟ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଦେଢ଼ ଘଣ୍ଟା ଧରି ପରିଶ୍ରମ ପରେ ନିଆଁକୁ ଆୟତ କରିଥିଲେ।

### ଲେଉଟା ହାତୀପଲଙ୍କୁ ନେଇ ଚିନ୍ତାରେ ଚାଷୀ

ଲୋଇସିଂହା,୧୫।୧୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ରେଞ୍ଜ ଅନ୍ତର୍ଗତ ଆଗଲପୁର ବ୍ଲକରେ ହାତୀ ଉପଦ୍ରବ ଦେଖାଦେଇଛି। ଫଳରେ ଚାଷୀ ଚିନ୍ତାରେ ପଡିଛନ୍ତି। ସୂଚନା ଯୋଗ୍ୟ, କିଛି ମାସ ତଳେ ଏକ ହାତୀପଲ ଲୋଇସିଂହା ରେଞ୍ଜ ଅଞ୍ଚଳରେ ବୁଲାବୁଲି କରୁଥିଲା। ହେଲେ ହାତୀପଲକୁ ଘଉଡାଇବା ପରେ ବରଗଡ଼ ଜିଲା ଗାଇସିଲଟ ଅଞ୍ଚଳକୁ ଚାଲିଯାଇଥିଲେ। ସେଠାରେ କିଛି ଦିନ ରହଣି ପରେ ପୁଣି ହାତୀ ପଲ ଲୋଇସିଂହା ଅଞ୍ଚଳକୁ ଚାଲିଆସି ଡୁଡକା ଓ କେଶାଇପାଲି ପଞ୍ଚାୟତରେ ଚାଷୀଙ୍କ ଧାନ ଫସଲ ନଷ୍ଟ କରୁଥିବା ଚାଷୀ ବଂଶୀଧର ସୁନା, ଗଣ୍ଡ ସୁନା, ଘମଡୁ ମିର୍ଦ୍ଧା ପ୍ରମୁଖ ଅଭିଯୋଗ କରିଛନ୍ତି। ହାତୀପଲରେ ୭ଟି ହାତୀଥିବା ଜଣାପଡିଛି। ବନ ବିଭାଗ ହାତୀ ଘଉଡାଇବା ସହ କ୍ଷୟକ୍ଷତିର ଆକଳନ କରି ତୁରନ୍ତ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

### ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷକଙ୍କ ଦରମା ବୃଦ୍ଧି ଦାବି

କଣ୍ଟାବାଞ୍ଜି,୧୫।୧୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ଅଧୀନରେ କାର୍ଯ୍ୟରତ ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ଦରମା ବୃଦ୍ଧି ଦାବି ନେଇ ଶୁକ୍ରବାର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଆସନ୍ତା ୨୦ତାରିଖ ସୁଦ୍ଧା ଚୁକ୍ତିଭିତିକ ଶିକ୍ଷକମାନଙ୍କ ଦରମା ବୃଦ୍ଧି କରା ନ ଗଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ସଂଘର ସଭାପତି ବିମଲ କୁମାର ହାତୀଙ୍କ ନେତୃତ୍ୱରେ ଦୀପକ ବେହେରା, ସୌରଭ ବେହେରା, ସନ୍ତୋଷ ବେହେରା, ଚତ୍ତରଞ୍ଜନ ବିଭାର, ମୃତ୍ୟୁଞ୍ଜୟ ପ୍ରଧାନ, କିରଣ ବାଗ, ସଚିନ ସେଠ, ଜଗମୋହନ ସେଠି, ସୁଦିପ୍ତା ଜେନା, ନିବେଦିତା ବାରିକ, ଧରଣିଧର ପଟେଲ, ବୀରେନ୍ଦ୍ର ଧରୁଆ, ମନୋଜ ତାଣ୍ଡି ପ୍ରମୁଖ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନୁପସ୍ଥିତ ଥିବାରୁ ବରିଷ୍ଠ କିରାଣି ହୃଷୀକେଶ ଦାସଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

# ଜାନୁୟାରୀ ୩ରୁ ବଲାଙ୍ଗୀର ଲୋକ ଉତ୍ସବ

ବଲାଙ୍ଗୀର ଅଫିସ,୧୫।୧୧



ଜିଲାସ୍ତରୀୟ ଲୋକଉତ୍ସବ ପାଳନ ପାଇଁ ଅନୁଷ୍ଠିତ ପ୍ରସ୍ତୁତି ବୈଠକ।

- ସରିଲା ପ୍ରଥମ ପ୍ରସ୍ତୁତି ବୈଠକ
- ବିଭିନ୍ନ ଉପକମିଟି ଗଠନ କରାଗଲା
- ପ୍ରତ୍ୟେକ ସନ୍ଧ୍ୟାରେ ହେବ ରାମ ଧୂନ ପରିବେଷଣ

ଆସନ୍ତା ଜାନୁୟାରୀ ୩ ତାରିଖରୁ ବଲାଙ୍ଗୀର ଲୋକଉତ୍ସବ ଆରମ୍ଭ ହେବ। ଏହା ୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଲୋକଉତ୍ସବ ସହ ସମାନ ସମୟରେ ଜିଲାସ୍ତରୀୟ ପଲ୍ଲୀଶ୍ରୀ ମେଳା, କୃଷି ପ୍ରଦର୍ଶନୀ ମେଳା ଓ ଶିଳ୍ପ ପ୍ରଦର୍ଶନୀ ମେଳା ମଧ୍ୟ ଅନୁଷ୍ଠିତ ହେବ। ବଲାଙ୍ଗୀର ଲୋକଉତ୍ସବ କମିଟି ଅଧ୍ୟକ୍ଷ ତଥା ଜିଲାପାଳ ଅରିନ୍ଦମ ଡାକୁଆଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅପରାହ୍ନରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଲୋକ ଉତ୍ସବ ପ୍ରସ୍ତୁତି ବୈଠକରେ ଏନେଇ ସ୍ଥିର କରାଯାଇଛି। ପୂର୍ବବର୍ଷ ନଭେମ୍ବର ମାସ ୪ରୁ ୮ତାରିଖ ମଧ୍ୟରେ ଜିଲାସ୍ତରୀୟ ଲୋକଉତ୍ସବ ପାଳନ ହୋଇଆସୁଥିଲା। ତେବେ କିଛି ଅନିବାର୍ଯ୍ୟ କାରଣବଶତଃ ଚଳିତ ନଭେମ୍ବର ମାସରେ ବଲାଙ୍ଗୀର ଲୋକଉତ୍ସବ ଆୟୋଜନ କରାଯାଇ ପାରିନଥିଲା। ଏଣୁ ଆସନ୍ତା ଜାନୁୟାରୀ ମାସ ପ୍ରଥମ ସପ୍ତାହରେ ବଲାଙ୍ଗୀର ଲୋକଉତ୍ସବ ଆୟୋଜନ କରାଯିବାକୁ ବୈଠକରେ ସର୍ବସମ୍ମତ କ୍ରମେ ନିଷ୍ପତ୍ତି ହୋଇଛି। ସଭା ପ୍ରାରମ୍ଭରେ ଜିଲା ସଂସ୍କୃତି ଅଧିକାରୀ ବିଜୟ କୁମାର ଶତପଥୀ ବିଗତ ବର୍ଷ ଲୋକଉତ୍ସବର ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ। ପରେ ଆସନ୍ତା ଲୋକଉତ୍ସବକୁ ସଫଳ ଓ ଆକର୍ଷଣୀୟ କରିବା ପାଇଁ ଆଲୋଚନା ଆରମ୍ଭ ହୋଇଥିଲା। ପ୍ରଥମେ ଲୋକଉତ୍ସବ ସକାଶେ ବିଭିନ୍ନ ଉପକମିଟି ଗଠନ କରାଯାଇଥିଲା। ଅର୍ଥ କମିଟି ଅଧ୍ୟକ୍ଷ ଭାବେ ଏଡିଏମ୍ ପରୀକ୍ଷିତ ସେଠୀ ଓ ସହଅଧ୍ୟକ୍ଷ ଭାବେ ଶ୍ରୀକର ମିଶ୍ରଙ୍କୁ ମନୋନୀତ କରାଯାଇଥିଲା। ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଭାବେ ଡିଆର୍‌ଡିଏ ପିଡି ଡ.ମହେଶ୍ୱର ସ୍ୱାଇଁ ଓ ସହଅଧ୍ୟକ୍ଷ ଭାବେ ସତ୍ୟସୁନ୍ଦର ଭଞ୍ଜ, ସାଂସ୍କୃତିକ କମିଟି ଅଧ୍ୟକ୍ଷ ଭାବେ ଜିଲା ସଂସ୍କୃତି ଅଧିକାରୀ ବିଜୟ କୁମାର ଶତପଥୀ ଓ ସହଅଧ୍ୟକ୍ଷ ଭାବେ କୁନା ବାଗ, ପ୍ରଚାର ପ୍ରସାର କମିଟି ଅଧ୍ୟକ୍ଷ ଭାବେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ ଓ ସହଅଧ୍ୟକ୍ଷ ଭାବେ ଚିତ୍ତରଞ୍ଜନ ମିଶ୍ର, ମଞ୍ଚ କମିଟି ଅଧ୍ୟକ୍ଷ ଭାବେ କୀଡା ଅଧିକାରୀ ରାଜେନ୍ଦ୍ର କୁମାର ବଢେଇ ଓ ସହଅଧ୍ୟକ୍ଷ ଭାବେ ଜ୍ୟୋତିରଞ୍ଜନ ପାଣିଗ୍ରାହୀ, ସେମିନାର କମିଟି ଅଧ୍ୟକ୍ଷ ଭାବେ ଜିଲା ପର୍ଯ୍ୟଟନ ଅଧିକାରୀ ରବୀନ୍ଦ୍ର କୁମାର ଦଳେଇ, ସହ ଅଧ୍ୟକ୍ଷ ଭାବେ ଶିକ୍ଷାବିତ୍ ସନାତନ ଠାକୁର, ଖାଦ୍ୟ କମିଟି ଅଧ୍ୟକ୍ଷ ଭାବେ ଜିଲା ଯୋଗାଣ ଅଧିକାରୀ ଅଭିରାମ ପ୍ରଧାନ, ସହଅଧ୍ୟକ୍ଷ ଭାବେ ସମାଜକର୍ମୀ ଲଳିତ କୁମାର ନାୟକ, ସ୍ମରଣିକା କମିଟି ଅଧ୍ୟକ୍ଷ ଭାବେ ଜିଲା ଶିକ୍ଷା ଅଧିକାରୀ କାର୍ତ୍ତିକେଶ୍ୱର ଲେଙ୍କା, ସହଅଧ୍ୟକ୍ଷ ଭାବେ ଆନନ୍ଦଚନ୍ଦ୍ର ସାହୁ, ଗ୍ରାଉଣ୍ଡ ମ୍ୟାନେଜମେଣ୍ଟ କମିଟି ଅଧ୍ୟକ୍ଷ ଭାବେ ପୌର ନିର୍ବାହୀ ଅଧିକାରୀ ବିପିନ ଦୀପ, ସହଅଧ୍ୟକ୍ଷ ଭାବେ ସୋମନାଥ ମିଶ୍ରଙ୍କୁ ମନୋନୀତ କରାଯାଇଛି। ଅତିଥି କଳାକାର ଓ କଳାକାର ସମ୍ବର୍ଦ୍ଧନା ପାଇଁ ଏକ କମିଟି ଗଠନ କରାଯାଇଛି। ଏଥିରେ ଜିଲା ସଂସ୍କୃତି ଅଧିକାରୀ ଶତପଥୀ ଅଧ୍ୟକ୍ଷ ରହିଥିବାବେଳେ ସଦସ୍ୟ ଭାବେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ସତ୍ୟନାରାୟଣ ବେହେରା, କାଳୀପ୍ରସାଦ ଷଡଙ୍ଗୀ, ଅଶୋକ କୁମାର ରାଉତ, ହରିଶଙ୍କର ସାଏ, ବାସୁଦେବ ମେହେର ମନୋନୀତ ହୋଇଛନ୍ତି। ଗୋଟିଏ ନିର୍ଦ୍ଦିଷ୍ଟ ଦିନରେ ସମସ୍ତ ୧୪ଟି ଯାକ ବ୍ଲକରେ ବ୍ଲକ୍‌ସ୍ତରୀୟ ପ୍ରତିଯୋଗିତା କରାଇବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ ଅବସରରେ ଆସନ୍ତା ଲୋକଉତ୍ସବର ପ୍ରତ୍ୟେକ ସନ୍ଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ରାମଧୂନ ପରିବେଷିତ କରାଯିବା ଉପରେ ଗାନ୍ଧୀବାଦୀ କର୍ମୀ ହେମନ୍ତ ପଣ୍ଡା ମତ ଦେବାରୁ ସମସ୍ତେ ଏହାକୁ ସମର୍ଥନ କରିଥିଲେ। ଏହି ବୈଠକରେ ଜିଲାପାଳ ଡାକୁଆଙ୍କ ସହ ଅତିରିକ୍ତ ଜିଲାପାଳ ସେଠୀ, ଟିଟିଲାଗଡ଼ ଉପଜିଲାପାଳ ସୁଧାକର ନାୟକ, ସଦର ଏସ୍‌ଡିପିଓ ଶ୍ରୀମନ୍ତ ବାରିକ, ଜିଲା ଲୋକସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ, ବହୁ ବିଶିଷ୍ଟ କଳାକାର ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ଜିଲାସ୍ତରୀୟ ଯୁବ ରେଡକ୍ରସ ତାଲିମ ଶିବିର ଉଦ୍‌ଘାଟିତ

କଣ୍ଟାବାଞ୍ଜି,୧୫।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲାସ୍ତରୀୟ ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ଶିକ୍ଷା ଓ ତାଲିମ ଶିବିର ଶୁକ୍ରବାର ସ୍ଥାନୀୟ ହରିଭବନଠାରେ ଉଦ୍‌ଘାଟିତ ହୋଇଯାଇଛି। ଶିବିର କଣ୍ଟାବାଞ୍ଜି ଭୋକେଶ୍ନାଲ ଡିଗ୍ରୀ କଲେଜ ପକ୍ଷରୁ ଆୟୋଜିତ ହୋଇଛି। ଏହା ନଭେମ୍ବର ୧୫ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଶିବିରରେ ଜିଲାର ୪୦ଟି କଲେଜର ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ତହସିଲଦାର ଅଶୋକ କୁମାର ମାଝି, ମୁଖ୍ୟ ବକ୍ତା ଭାବେ ଖଡିଆଳ ମହାବିଦ୍ୟାଳୟର ଅଧ୍ୟକ୍ଷ ହରେନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଭାବେ ଅଗ୍ରୱାଲ ସଭା ଟ୍ରଷ୍ଟ ସଭାପତି କୈଳାଶ ନେରୋଲାକ, ଅଧ୍ୟାପକ ଦୀନବନ୍ଧୁ କର, ଅର୍ଣ୍ଣପୂର୍ଣ୍ଣା ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। କଲେଜ ଅଧ୍ୟକ୍ଷ ସତ୍ୟବ୍ରତ ମିଶ୍ର ସଭାରେ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ଲୋହିତାକ୍ଷ ଯୋଷୀ, ଡ.ସଞ୍ଜୟ କୁମାର ମିଶ୍ର, ଦେବେନ୍ଦ୍ର ପଣ୍ଡାଙ୍କ ସହ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର ଉପସ୍ଥିତ ରହି ସହଯୋଗ କରିଥିଲେ।

## ବର୍ସା ମୁଣ୍ଡା ଜୟନ୍ତୀ ପାଳନ, ୧୧ ଦଫା ଦାବିପତ୍ର ପ୍ରଦାନ




ଆଦିବସୀ ସଂଘ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

ଲୋଇସିଂହା,୧୫।୧୧ (ଡି.ଏନ.ଏ.)

ସ୍ଥାନୀୟ ଆଦିବସୀ ଭବନଠାରେ ଜିଲା ଆଦିବାସୀ କଲ୍ୟାଣ ସଂଘ ଲୋଇସିଂହା ଶାଖା ପକ୍ଷରୁ ୧୪୪ତମ ଜିଲାସ୍ତରୀୟ ବିର୍ସାମୁଣ୍ଡା ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି। ଲୋଇସିଂହା ବ୍ଲକ ସଭାପତି କାହ୍ନୁଚରଣ ପଧାନ ସଭାରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ଗୋଣ୍ଡ ଜିଲା ସଭାପତି ଶ୍ୟାମ ସୁନ୍ଦର ଭୋଇ, ଉପ ସଭାପତି ଭୂପାଳ ମହାନନ୍ଦ, କେଶରୀ କୁଅଁର, ସୁବ୍ରତ କୁଅଁର, ଲାଲମନ ନାଗ, ବିନୋଦ ବିହାରୀ ମଲ୍ଲିକ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ବିର୍ସାମୁଣ୍ଡାଙ୍କ କୀର୍ତ୍ତି ଓ ବଳିଦାନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସତ୍ୟମ ଦଳପତି ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଦେବରାଜ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଆଦିବାସୀ ସଂଘର ପ୍ରତିନିଧି ଦଳ ଆଦିବସୀ ଭବନରୁ ଏକ ରାଲିରେ ବାହାରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ପରେ ସଂଘ ପକ୍ଷରୁ ଆଦିବାସୀଙ୍କ ସକାଶେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୧୧ ଦଫା ଦାବିପତ୍ର ବିଡିଓ ରାମଚନ୍ଦ୍ର ଖାଡିଆଙ୍କୁ ପ୍ରଦାନ କରିଥିଲେ।

## ଖପ୍ରାଖୋଲରେ ବିର୍ସା ମୁଣ୍ଡା ଜୟନ୍ତୀ

ଖପ୍ରାଖୋଲ,୧୫।୧୧(ଡି.ଏନ୍.ଏ.)

ସ୍ଥାନୀୟ ହାଟପଦାଠାରେ ଜିନ୍ଦାବାଦ ସଂଗଠନ ଓ ଶ୍ରମିକ ଅଧିକାର ମଞ୍ଚର ମିଳିତ ଆନୁକୂଲ୍ୟରେ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି। ଆଇନଜୀବୀ ତ୍ରିଲୋଚନ ପୁଞ୍ଜିଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିର୍ସା ମୁଣ୍ଡାଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ଦେଶ ପ୍ରତି ତାଙ୍କର ଅବଦାନ ସମ୍ପର୍କରେ ଅବଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗ୍ରାମୀଣ ଶ୍ରମ ନୀରିକ୍ଷକ ସୁଧୀର କୁମାର ସାହୁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବ୍ଲକ ସଭାପତି ପୂର୍ଣ୍ଣଚନ୍ଦ୍ର ଭୋଇ, ମହିଳା ନେତ୍ରୀ ଗୋଲାପି ବିଶି, ଦଳିତ ନେତା ନୀଳମଣି ଜାଲ ପ୍ରମୁଖ ଉପସ୍ଥିତ ରହି ଅଞ୍ଚଳର ବିଭିନ୍ନ ସମସ୍ୟା ଏବଂ ଏହାର ସମାଧାନ ନେଇ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୌରାଙ୍ଗ ଦାଶ, ନାରାୟଣ ସାହୁ, ରଘୁନାଥ ରଣା, ବେଳ ବରିହା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ଶତାଧିକ ମହିଳା, ପୁରୁଷ ଉପସ୍ଥିତ ଥିଲେ। ଗୋଲପା ନିଆଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଶିଶୁ ଦିବସରେ ବିଭିନ୍ନ ପ୍ରତିଯୋଗିତା

ଲୋଇସିଂହା,୧୫।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ତାଳଜୁରୀ ଆଦିବସୀ ଉଚ୍ଚ ବିଦ୍ୟାଳୟରେ ଶିଶୁ ଦିବସ ପାଳିତ ହୋଇଯାଇଛି। ଶିକ୍ଷକ ଦିଲୀପ ମିଶ୍ରଙ୍କ ଅଧ୍ୟକ୍ଷତାରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍କୁଲ ସଭାପତି ହିମାଞ୍ଚଳ ମେହେର ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ସାପ କାମୁଡ଼ାରେ ଚାଷୀଙ୍କ ମୃତ୍ୟୁ

ଭବାନୀପାଟଣା,୧୫।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଗୋବର୍ଦ୍ଧନପୁର ପଞ୍ଚାୟତ ଗୋପାଳପୁର ଗାଁର ଜଣେ ଚାଷୀ କ୍ଷେତକୁ ଚାଷ ଦେଖିବାକୁ ଯାଇଥିବା ବେଳେ ଏକ ବିଷଧର ସାପ କାମୁଡାରେ ମୃତ୍ୟୁ ଘଟିଛି। ମୃତ ଚାଷୀ ଜଣଙ୍କ ହେଲେ ଶତ୍ରୁଘ୍ନ ଗଉଡ (୫୪)। ଗୁରୁବାର ସକାଳେ ଶତ୍ରୁଘ୍ନ ତାଙ୍କ କ୍ଷେତକୁ ଯାଇଥିଲେ। ସେଠାରେ ତାଙ୍କୁ ଏକ ବିଷଧର ସାପ କାମୁଡି ଦେଇଥିଲା। ବହୁ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ପରେ କ୍ଷେତରେ ସେ ଅଚେତ ହୋଇ ପଡିଥିବା ଦେଖିବାକୁ ପାଇଥିଲେ। ତାଙ୍କ ଗୋଡରେ ସାପ କାମୁଡା ଚିହ୍ନ ଦେଖି ସେମାନେ ତୁରନ୍ତ ଚିକିତ୍ସା ପାଇଁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ଏଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

ଲୋଇସିଂହା ବ୍ଲକ

## ରାଜ୍ୟସ୍ତରୀୟ ପ୍ରତିଯୋଗିତାରୁ ବାଦ୍ ପଡ଼ିଲେ ଛାତ୍ରୀଛାତ୍ର

ଲୋଇସିଂହା,୧୫।୧୧(ଡି.ଏନ.ଏ.)




ରାଜ୍ୟସ୍ତରୀୟ ସୁରଭି କାର୍ଯ୍ୟକ୍ରମକୁ ମନୋନୀତ ବ୍ଲକର ତାଲିକା।


ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୧୯ ଭୁବନେଶ୍ୱର ୟୁନିଟ-୯ ସରକାରୀ ବାଳକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେଉଛି। ଶନିବାର ଏହାର ଉଦ୍‌ଯାପନୀ ଦିବସ ରହିଛି। ହେଲେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକରୁ ଜଣେ ହେଲେ ଛାତ୍ରୀଛାତ୍ର ରାଜ୍ୟସ୍ତରୀୟ ସୁରଭିକୁ ମନୋନୀତ ହୋଇପାରି ନାହାନ୍ତି। ଜିଲାସ୍ତରୀୟ ପ୍ରତିଯୋଗିତାରେ ଛାତ୍ରୀଛାତ୍ରଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାରରେ ସୀମିତ ରହିବାକୁ ପଡିଛି। ଅନ୍ୟପକ୍ଷେ ବ୍ଲକ ଶିକ୍ଷା ବିଭାଗ ଓ ଶିକ୍ଷକଙ୍କ ଦକ୍ଷତା ପ୍ରତି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏନେଇ ଅଭିବାବକ ଓ ଶିକ୍ଷାପ୍ରେମୀଙ୍କ ମହଲରେ ନୈରାଶ୍ୟ ଭାବ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଛାତ୍ରୀଛାତ୍ରଙ୍କ ପ୍ରତିଭାର ବିକାଶ ପାଇଁ ପ୍ରତିବର୍ଷ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଜୁନିୟରରେ ୮ଟି ବିଭାଗ ଓ ସିନିୟରରେ ୧ଟି ବିଭାଗରେ ପ୍ରଥମେ କ୍ଲଷ୍ଟର, ପରେ ବ୍ଲକ ଓ ଜିଲାସ୍ତରରେ ପ୍ରତିଯୋଗିତା କରାଯାଇ ଶ୍ରେଷ୍ଠ ଛାତ୍ରୀଛାତ୍ରଙ୍କୁ ରାଜ୍ୟସ୍ତରକୁ ମନୋନୀତ କରାଯାଇଥାଏ। ହେଲେ ଚଳିତ ବର୍ଷ ବଲାଙ୍ଗୀର ଜିଲାସ୍ତରୀୟ ପ୍ରତିଯୋଗୀତାରେ ଲୋଇସିଂହା ବ୍ଲକର ଛାତ୍ରୀଛତ୍ରଙ୍କ ପ୍ରଦର୍ଶନ ନୈରାଶ୍ୟ ଜନକ ରହିଥିଲା। ଜିଲାସ୍ତରରେ ବ୍ଲକର ଏକମାତ୍ର ସାଂସ୍କୃତିକ ଦଳକୁ ଦ୍ୱିତୀୟ ପୁରସ୍କାର ମିଳିଥିବା ବେଳେ ବାକି ବିଭାଗରେ ଛାତ୍ରୀଛାତ୍ରଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାରେ ସୀମିତ ରହିବାକୁ ପଡିଥିଲା। ବ୍ଲକରେ କାର୍ଯ୍ୟରତ ଶିକ୍ଷକମାନଙ୍କ ଉଦାସୀନତା ଏବଂ ବ୍ଲକସ୍ତରେ ହୋଇଥିବା ସୁରଭି କାର୍ଯ୍ୟକ୍ରମରେ ଅନଭିଜ୍ଞ ଶିକ୍ଷକଙ୍କୁ ବିଚାରକ ଭାବେ ରଖାଯାଇ ଥିବାରୁ ଚୟନ ପ୍ରକ୍ରିୟାରେ ପାତରଅନ୍ତର ହୋଇଥିବା ସମାଜିକ କର୍ମୀ ସରୋଜ ବିଶ୍ୱାଳ ଅଭିଯୋଗ କରିଛନ୍ତି। ଏ ନେଇ ବ୍ଲକ ଶିକ୍ଷା ଗୋଷ୍ଠୀ ଅଧିକାରୀ ରୀନା ବେହେରାଙ୍କ ମୋବାଇଲ ନଂ.୮୬୫୮୫୬୨୧୮୦କୁ ଯୋଗାଯୋଗ କରାଯାଇଥିଲା। ହେଲେ ସେ ଫୋନ ରିସିଭ କରି ନ ଥିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ। ଏନେଇ ଏବିଓ ବ୍ୟାସଦେବ ରାୟଙ୍କୁ ପଚାରିବାରୁ, ବିଗତ ବର୍ଷ ଛାତୀଛାତମାନେ ରାଜ୍ୟସ୍ତରକୁ ଯାଇଥିଲେ। ଜିଲାସ୍ତରରେ ବ୍ଲକରୁ କେହି ପ୍ରଥମ ହୋଇ ନ ଥିଲେ ଏହା ଆମ ପାଇଁ ଦୁର୍ଭାଗ୍ୟ ଜନକ ବୋଲି କହିଥିଲେ।

ସାଲେପଡ଼ା ଭୁଜବଳ ପରାଭୁଏ ହତ୍ୟାକାଣ୍ଡର ପର୍ଦ୍ଦାଫାଶ

## ଜେଲ ଗଲେ ଚୌବନ ବାବା

କଣ୍ଟାବାଞ୍ଜି,୧୫।୧୧(ଡି.ଏନ୍.ଏ.)



ଗିରଫ ଅଭିଯୁକ୍ତ ଚୌବନ ବାବା।

- ଚେଲାଙ୍କ ପତିଆରା ବୃଦ୍ଧିରେ ବିଚଳିତ ଥିଲେ ଗୁରୁ
- ଅନୁସନ୍ଧାନ ପାଇଁ ଗାଁରେ ରାତ୍ରିରେ ରହିଥିଲେ ଏସ୍‌ପି
- ହତ୍ୟା ଘଟଣାରେ ସମ୍ପୃକ୍ତ ଅନ୍ୟ ସହଯୋଗୀଙ୍କୁ ଗିରଫ କରାଯିବ

କଣ୍ଟାବାଞ୍ଜି ଥାନା ଅନ୍ତର୍ଗତ ସାଲେପଡା ପେଣ୍ଡ୍ରାଗଡେନ୍ ହରଗୌରୀ ମନ୍ଦିର ନିକଟ କୂଅରୁ ଉଦ୍ଧାର ହୋଇଥିବା ଭୁଜବଳ ପରାଭୁଏଙ୍କ ମୃତ୍ୟୁ ରହସ୍ୟକୁ ପୋଲିସ ଉନ୍ମୋଚନ କରିବାରେ ସଫଳ ହୋଇଛି। ଏହା ଏକ ହତ୍ୟାକାଣ୍ଡ ବୋଲି ସ୍ପଷ୍ଟ କରିବା ସହ ମନ୍ଦିର ପୂଜକ ଚୌବନ ମାଝି ଓରଫ୍ ଚୌବନ ବାବାଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ବଲାଙ୍ଗୀର ଏସ୍‌ପି ସନ୍ଦୀପ ମାଡକର ଏନେଇ କଣ୍ଟାବାଞ୍ଜି ଏସଡିପିଓ ଅଫିସରେ ଶୁକ୍ରବାର ସନ୍ଧ୍ୟାରେ ଖବରଦାତା ସମ୍ମିଳନୀ କରି ଏନେଇ ସୂଚନା ଦେଇଛନ୍ତି। ଭୁଜବଳ ପରାଭୁଏ ହତ୍ୟା ଘଟଣାରେ ଚୌବନ ବାବାଙ୍କୁ ମୁଖ୍ୟ ଅଭିଯୁକ୍ତ ଦର୍ଶାଇ ଏଥିରେ ଅନ୍ୟ ସହଯୋଗୀ ମଧ୍ୟ ସମ୍ପୃକ୍ତ ଥିବା ଏସ୍‌ପି ମାଡକର ସୂଚନା ଦେଇ ଖୁବ୍ ଶୀଘ୍ର ତାଙ୍କୁ ମଧ୍ୟ ଗିରଫ କରାଯିବ ବୋଲି କହିଛନ୍ତି। ଏସ୍‌ପି କହିଛନ୍ତି ଯେ, ଗତ ଅକ୍ଟୋବର ୩୦ ତାରିଖରେ ଭୁଜବଳ ପରାଭୁଏଙ୍କ ପୁଅ ଗିରିଧାରୀ ପରାଭୁଏ ନିଜ ବାପାଙ୍କୁ ଖୋଜି ଆସି ସାଲେପଡ଼ାରେ ପହଞ୍ଚିଥିଲେ। ପରେ ମନ୍ଦିର ନିକଟ ଏକ କୂଅରୁ ଭୁଜବଳଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ଏନେଇ ଗିରିଧାରୀ ଥାନାରେ ଲିଖିତ ଅଭିଯୋଗ କରି ବଳି ସନ୍ଦେହ କରି ମନ୍ଦିର ପୂଜକ ଚୌବନ ବାବାଙ୍କ ସମ୍ପୃକ୍ତ ସନ୍ଦେହ କରିଥିଲେ। ପରେ ଚୌବନ ବାବାଙ୍କୁ ଗତ ୧୫ଦିନ ଧରି ପୋଲିସ ପଚରାଉଚୁରା କରିବା ସହ ପୋଲିଗ୍ରାଫି ଟେଷ୍ଟ, ସାଇଣ୍ଟିଫିକ୍ ଟେଷ୍ଟ ସହ ଅନ୍ୟ ପରୀକ୍ଷା ନିରୀକ୍ଷା ପରେ ଚୌବନ ବାବାଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଏସ୍‌ପି ମାଡକର ସୂଚନା ଦେଇଛନ୍ତି ଯେ, ଭୁଜବଳ ପରାଭୁଏ ପୂର୍ବରୁ ଚୌବନ ବାବାଙ୍କ ଶିଷ୍ୟ ଥିଲେ। ଇତିମଧ୍ୟରେ ସେ ମାନ୍ଦଲା ଗାଁରେ ସ୍ୱତନ୍ତ୍ର ମନ୍ଦିର କରି ପୂଜାର୍ଚ୍ଚନା କରି ବେଶ୍ ଲୋକପ୍ରିୟ ହେବାରୁ ଏଥିରେ ବିଚଳିତ ହୋଇ ଗୁରୁ ଚୌବନ ବାବା ତାଙ୍କୁ ହତ୍ୟା ଯୋଜନା କରିଥିଲେ ବୋଲି ଏସ୍‌ପି କହିଛନ୍ତି। ଏହି ମାମଲା ଅନୁସନ୍ଧାନ ବେଳେ ଖୋଦ୍ ଏସପି ମାଡକର ସାଲେପଡା ମନ୍ଦିରରେ ରାତ୍ରି ଯାପନ କରି ଘଟଣାର ତଦନ୍ତ କରିବା ଘଟଣା ବେଶ୍ ଆଲୋଚନାର ବିଷୟ ହୋଇଛି।

ଅଲ୍ ଓଡ଼ିଶା ଫୁଟବଲର ଦ୍ୱିତୀୟ ଦିବସ

## ଇଲେଭେନ ଷ୍ଟାର ସମ୍ବଲପୁର ବିଜୟୀ

ଦେଓଗାଁ,୧୫।୧୧(ଡି.ଏନ୍.ଏ.)



ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସରେ ଅତିଥିମାନେ ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି।

ଦେଓଗାଁ ବ୍ଲକ ଜରାସିଂହା ପଞ୍ଚାୟତ ଅନ୍ତର୍ଗତ ଜରାସିଂହା ମିନିଷ୍ଟାଡିୟମରେ ଚାଲିଥିବା ପଞ୍ଚମ ସୁରେନ୍ଦ୍ର ମେହେର ମେମୋରିଆଲ ଅଲ୍ ଓଡ଼ିଶା ଫୁଟବଲ ଟୁର୍ନାମେଣ୍ଟର ଶୁକ୍ରବାର ଥିଲା ଦ୍ୱିତୀୟ ଦିବସ। ଦ୍ୱିତୀୟ ଦିନରେ ଇଲେଭେନଷ୍ଟାର ସମ୍ବଲପୁର ଏବଂ ଗୁଡମର୍ଣ୍ଣିଂ କ୍ଲବ ଭବାନୀପାଟଣା ମଧ୍ୟରେ ଖେଳ ହୋଇଥିଲା। ଏଥିରେ ଇଲେଭେନଷ୍ଟାର ସମ୍ବଲପୁର ଦଳ ୪-୨ଗୋଲରେ ବିଜୟୀ ହୋଇଥିଲା। କୁନ୍ତେ ମେହେର, କୈଳାସ କର୍ତ୍ତି, ଲକ୍ଷ୍ମୀ ମହାନ୍ତି ପ୍ରମୁଖ ଖେଳ ପରିଚାଳନା କରିଥିଲେ। ପରିଚାଳନା କମିଟି ସଭାପତି ସୁରେଶ କୁମାର ମେହେରଙ୍କ ସଭାପତିତ୍ୱ ପ୍ରମୋଦ କୁମାର ବହିଦାରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲାକେନ୍ଦ୍ର ସମବାୟ ବ୍ୟାଙ୍କ ଜେନେରାଲ ମ୍ୟାନେଜର ଜୟନ୍ତ ମହାନ୍ତି, ଏଜିଏମ୍ ରବୀନ୍ଦ୍ର କୁମାର ସାହୁ, ସୁଧର ନନ୍ଦ, ଦେବ ପ୍ରସାଦ ମେହେର, ନେତ୍ରଭାନୁ ହାଇସ୍କୁଲର ପ୍ରଧାନ ଶିକ୍ଷକ ଅଗ୍ନୀ କୁମାର ନାଏକ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ପାଦକ ସୁନ୍ଦରମଣି ଦଣ୍ଡସେନା, କୋଷାଧ୍ୟକ୍ଷ ଲିଲୁ ସିଂ ତଥା କମିଟି ସଦସ୍ୟ ବୃନ୍ଦ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରୁଛନ୍ତି। ଶନିବାର ଏମ୍‌ପି କ୍ଲବ ଫୁଲବାଣୀ ଓ ଇଲେଭେନଷ୍ଟାର ସମ୍ବଲପୁର ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ ସୂତ୍ରରୁ ପ୍ରକାଶ।



ଗୋଟିଏ ମିଥ୍ୟା କହିବା ପୂର୍ବରୁ ଟିକିଏ ଅଟକି ଯାଅ।
ଦେଖିବ ସେହିଭଳି କହିବାକୁ ମନ ହେବନାହିଁ।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ଅଜଣା ଗାଡ଼ି ଧକ୍କାରେ ୩ ଗୁରୁତର

**କୋକସରା,୧୫।୧୧(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ମୁଖ୍ୟ ରାସ୍ତା ଡାକଘର ସମ୍ମୁଖ ୨୬ ନଂ. ଜାତୀୟ ରାଜପଥରେ ଗୁରୁବାର ବିଳମ୍ବିତ ରାତିରେ ଏକ ବାଇକ୍‌କୁ ଅଜଣା ଗାଡି ଧକ୍କା ଦେଇଥିଲା। ଫଳରେ ବାଇକ୍‌ରେ ଥିବା ବାପା ଓ ଦୁଇ ପୁଅ ଗୁରୁତର ହୋଇଥିଲେ । ସ୍ଥାନୀୟ କେତେକ ଯୁବକ ତାଙ୍କୁ ଉଦ୍ଧାର କରି କୋକସରା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ପରେ ଡାକ୍ତର ୩ ଜଣଙ୍କୁ ଭବନୀପାଟଣା ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିବା ଜଣାପଡିଛି। ସୂଚନା ଅନୁସାରେ କୋକସରା ଥାନା ଅନ୍ତର୍ଗତ ଡୋଙ୍ଗରୀଗୁଡା ଡାଙ୍ଗଘିଛୁପଡାର ସଦନ ବାଗ (୪୨) ଓ ତାଙ୍କ ୨ ପୁଅ ପ୍ରେମଲାଲ (୨୨), ଗୋବିନ୍ଦ (୧୯) କୋଣସି କାମରେ ଟେମରା ପଞ୍ଚାୟତରୁ ନୂଆପଡାକୁ ଯାଉଥିବା ସମୟରେ ଦୁର୍ଘଟଣାର ଶିକାର ହୋଇଥିଲେ। ଦୁର୍ଘଟଣା ଘଟାଇଥିବା ଅଜଣା ଗାଡି ଫେରାର ହୋଇଥିଲା।



### ଜିଲା କ୍ରୀଡ଼ା ଅଧିକାରୀ ଶୁଭାଶିଷଙ୍କ ଲେଭଲ ୨ ଅଣ୍ଡର ୧୮ ପାଇଁ ଯୋଗ୍ୟତା ହାସଲ

**ଭବାନୀପାଟଣା, ୧୫।୧୧ (ଡି.ଏନ.ଏ.)**– କଳାହାଣ୍ଡି ଜିଲା କ୍ରୀଡା ଅଧିକାରୀ ଶୁଭାଶିଷ ନାୟକ ଲେଭଲ ୨ ଅଣ୍ଡର ୧୮ ପାଇଁ ଯୋଗତ୍ୟା ହାସଲ କରିଛନ୍ତି। ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗ ଦ୍ୱାରା ମନୋନୀତ ହୋଇ ଅଣ୍ଡର ୧୬ ଲେବଲ ୧ ପାଇଁ ଭାଗ ନେଇଥିଲେ। ଗତ ୧ରୁ ୧୨ ତାରିଖ ପର୍ଯ୍ୟନ୍ତ ଏଲ୍‌ଏନ୍‌ଆଇପିଇ (ଲକ୍ଷ୍ମୀବାଇ ନ୍ୟାଶନାଲ ଇଣ୍ଟିଚ୍ୟୁଟ୍ ଅଫ୍ ଫିଜିକାଲ ଏଜୁକେଶନ୍) ଗ୍ୱାଲିଅର, ମଧ୍ୟପ୍ରଦେଶଠାରେ ଚାଲିଥିବା ଇଣ୍ଟର ନ୍ୟାଶନାଲ ଆସୋସିଏଶନ୍ ଅଫ୍ ଆଥେଲେଟିକ୍ସ ଫେଡେରେଶନ୍, ସିଇସିଏସ୍ ଲେବୁଲ ୧ ୟୁଥ୍ କୋଚ୍ ଅଣ୍ଡର ୧୬ରେ ଭାଗ ନେଇ ସଫଳତା ହାସଲ କରିଥିଲେ। ସୂଚନାଯୋଗ୍ୟ ଯେ, ବର୍ତ୍ତମାନ ପର୍ଯ୍ୟନ୍ତ ଓଡିଶାରୁ କେବଳ ୪ ଜଣ କୋଚିଂ କୋର୍ସରେ ଲାଇସେନ୍ସ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେମାନେ ହେଲେ ଲିପିକା ମହାପାତ୍ର, ଅବିନାଶ କର, ସରସ୍ୱତୀ ଚାନ୍ଦ ଓ କଳାହାଣ୍ଡି ଜିଲା କ୍ରୀଡା ଅଧିକାରୀ ଶୁଭାଶିଷ ନାୟକ ପ୍ରମୁଖ। ଏହି ଯୋଗ୍ୟତା ପାଇଁ ନାୟକ ରାଜ୍ୟର କ୍ରୀଡା ସଚିବ ଓ କଳାହାଣ୍ଡି ଜିଲାପାଳ ତଥା କୋଚ୍ ପ୍ରମୁଖଙ୍କୁ ଧନ୍ୟବାଦ ଜଣାଇଛନ୍ତି।

### ଅଜଣା ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ ଘଟଣା

# ୨୩ ଆନ୍ଦୋଳନକାରୀ କୋର୍ଟଚାଲାଣ

## ■ ୨୮ଘଣ୍ଟା ରାସ୍ତାରୋକୋ, ଯାନବାହନ ଚଳାଚଳ ବନ୍ଦ

**ଜୁନାଗଡ,୧୫।୧୧(ଡି.ଏନ.ଏ./ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ବଣିଜରା ଛକ ନିକଟରେ ଗତ ୮ ତାରିଖ ରାତିରେ ଅଜଣା ବାଇକ୍ ଧକ୍କାରେ ସୁଶାନ୍ତ ଗହୀର (୨୦) ନାମକ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ଇତିମଧ୍ୟରେ ଏକ ସପ୍ତାହ ବିତି ଯାଇଥିଲେ ମଧ୍ୟ ପୋଲିସ ଦୁର୍ଘଟଣା ଘଟାଇଥିବା ଗାଡି ଓ ଚାଳକଙ୍କୁ ଧରିବାରେ ବିଫଳ ହୋଇଛି। ଏହାର ପ୍ରତିବାଦରେ ଗ୍ରାମବାସୀ ଦ୍ୱିତୀୟ ଥର ପାଇଁ ଗୁରବାର ସକାଳ ୭ଟାରୁ ଜୁନାଗଡ–କଳମପୁର ରାସ୍ତା ଅବରୋଧ କରିଥିଲେ।

ଘଟଣାସ୍ଥଳରେ ପୋଲିସ ପକ୍ଷରୁ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମନୋଜ କୁମାର ମହନ୍ତ, ଧର୍ମଗଡ ଏସଡିପିଓ ଲକ୍ଷ୍ମୀ ନାରାୟଣ ପଣ୍ଡା, ଜୁନାଗଡ ଆଇଆଇସି ପ୍ରଭାତ କୁମାର ସେଠି, ଚିଲଗୁଡା ଏଏସଆଇ ଅଶୋକ କୁମାର ବିହାରୀ, ଜୁନାଗଡ ଭାରପ୍ରାପ୍ତ ତହସିଲଦାର ପ୍ରଭାଶ ବୁଡାୟକ ପ୍ରମୁଖ ପହଞ୍ଚି ଡାକବାଜି ଯନ୍ତ୍ର ସାହାଯ୍ୟରେ ଆପୋସ ବୁଝାମଣା ପାଇଁ ଗ୍ରାମବାସୀଙ୍କୁ ବୁଝାଇଥିଲେ। ଗ୍ରାମବାସୀ ଜିଦରେ ଅଟଳ ରହି ଦାବି ପୂରଣ ନ ହେଲେ ରାସ୍ତାରୋକୋରୁ ହଟିବୁ ନାହିଁ ବୋଲି ଚେତାବନୀ ଦେଇଥିଲେ।

ରାସ୍ତାରୋକୋରେ ସାମିଲ ଥିବା ୧୨ ଜଣ ମହିଳା ଓ ୧୧ଜଣ ପୁରୁଷ ସମୁଦାୟ ୨୩ ଜଣ ଆନ୍ଦୋଳନକାରୀଙ୍କୁ ପୋଲିସ ଗିରଫ କରି ଜୁନାଗଡ ଜେଏମଏଫସି କୋର୍ଟ ଚାଲାଣ କରିଛି। ଗିରଫମାନଙ୍କ ମଧ୍ୟରେ ବଣିଜରା ଗ୍ରାମର ମିଥୁନ ନାଏକ, ଗୋପାଲ ଗହୀର, ସୁନୀଲ ଗହୀର, ଧନବଳ ନାଏକ, ଗୋବର୍ଦ୍ଧନ ଗହୀର, ହେମନ୍ତ ଗହୀର, ଗିରିସୁତା ପାତ୍ର, ତରୁଣୀ ନାଏକ, ଦେବକୀ ରାଉତ, ସନ୍ତୋଷୀ ଲହଜଲ, ଉର୍ବଶୀ ମାଝି, ସିନ୍ଧୁକା କୁମାର, ଦୁତି ଗହୀର, ସୁନାଦେଇ ନାଗ, ସୁତଲା ବାଗ, ଜିରେ ବାଗ, କ୍ଷୀରସିନ୍ଧୁ ପାତ୍ର, ଦେବାନନ୍ଦ ମେହେର, କର୍ଲାକୋଟ ଗ୍ରାମର ତାପସ ଶବର, ପୁରୁଣାସରର ତିଳକାନ୍ତି ନାଗ, ପ୍ରେମଶିଳା ନାଗ, ଚିଲଗୁଡାର ଅଦଲ ନିଆଲ, କଟିଙ୍ଗପଦରର ପରମେଶ୍ୱର ବେମାଲ ପ୍ରମୁଖ ରହିଛନ୍ତି । ଏ ନେଇ ଜୁନାଗଡ ଥାନାରେ ଆଇପିସି ଦଫା ୧୪୭, ୧୪୮,୨୯୪, ୫୦୬, ୧୮୩, ୧୪୯, ୩ ପିଡିପିପିରେ ଏକ ମାମଲା (ନଂ.୨୮୩/୧୯) ରୁଜୁ ହୋଇଛି।

ସୂଚନା ଅନୁସାରେ ଗତ ୮ ତାରିଖ ରାତିରେ ଏକ ଅଜଣା ଗାଡି ଧକ୍କାରେ ବଣିଜରା ଗ୍ରାମର ଶୁଶାନ୍ତ ଗହିର ଗୁରୁତର ଆହତ ହୋଇଥିଲେ। ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଉଥିବା ବେଳେ କେସିଙ୍ଗା ନିକଟରେ ତାଙ୍କର ମୃତ୍ୟୁ ହୋଇଥିଲା। ୯ ତାରିଖରେ ଶବ ବ୍ୟବଚ୍ଛେଦ ପରେ ମୃତକଙ୍କ ସମ୍ପର୍କୀୟମାନେ ଉତ୍ତ୍ୟକ୍ତ ହୋଇ ଦୁର୍ଘଟଣା ଘଟାଇଥିବା ବାଇକ ଚାଳକଙ୍କୁ ଗିରଫ ଓ କ୍ଷତିପୂରଣ ଦାବି ନେଇ ଅପରାହ୍ନ ୩.୫୦ରୁ ବଣିଜରା ଛକ ନିକଟରେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। ପ୍ରଶାସନ ପକ୍ଷରୁ ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବା ସହ ୫ ଦିନ ସମୟ ମାଗିଥିଲେ। ୫ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ଦୁର୍ଘଟଣା ଘଟାଇଥିବା ଯୁବକଙ୍କୁ ଖୋଜି ବାହାର କରିପାର ନ ଥିଲେ। ଫଳରେ ଗୁରୁବାର ଗ୍ରାମବାସୀ ପୁଣି ଥରେ ରାସ୍ତାରୋକୋ କରିଥିଲେ। ଦୀର୍ଘ ୨୮ ଘଣ୍ଟା ରାସ୍ତାରୋକୋ ଯୋଗୁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ।

### ମୋଟରସାଇକେଲ ଦୁର୍ଘଟଣା

## ୨ ଯୁବତୀ, ବାଇକ୍ ଆରୋହୀ ଗୁରୁତର

**କର୍ଲାମୁଣ୍ଡା,୧୫।୧୧ (ଡି.ଏନ.ଏ.)**



କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦର ବସ୍ତିଠାରେ ଥିବା ପ୍ରାଣୀ ଚିକିତ୍ସା କେନ୍ଦ୍ର ସମ୍ମୁଖରେ ଶୁକ୍ରବାର ସନ୍ଧ୍ୟା ସାଢ଼େ ୬ଟାରେ ଏକ ମୋଟରସାଇକେଲ ଧକ୍କାରେ ୨ ଯୁବତୀଙ୍କ ସମେତ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି । କର୍ଲାମୁଣ୍ଡା ବସ୍ତିର ସାରତି କୁମାର (୧୭), ତେଜସ୍ୱିନୀ କୁମାର (୨୦) ସନ୍ଧ୍ୟା ଭ୍ରମଣରେ ଯାଉଥିବା ବେଳେ ରିଷିଡା ପଟୁ ଆସୁଥିବା ହିରୋହୋଣ୍ଡା ସିଡି ଡିଲକ୍ସ (ନଂ.ଓଡି୦୮ଜେ–୨୬୩୨) ମୋଟରସାଇକେଲରେ ଆସୁଥିବା ଦୁଇ ବାଇକ୍ତ ଆରୋହୀ ଝିଅମାନଙ୍କୁ ଧକ୍କା ଦେଇ ଦୁର୍ଘଟଣାର ଶିକାର ହୋଇଥିଲା। ଘଟଣାସ୍ଥଳରେ ତେଜସ୍ୱିନୀ କୁମାରଙ୍କ ଡାହାଣ ଗୋଡ ଭାଙ୍ଗି ଯାଇଥିବା ବେଳେ ସାରତି କୁମାର ଗୁରୁତର ହୋଇଛନ୍ତି। ବାଇକ ଆରୋହୀ ମଧ୍ୟରୁ ସୁରେଶ ରଣା ଆହତ ହୋଇଥିବା ବେଳେ ଅନ୍ୟ ଜଣେ ଫେରାର ହୋଇଥିବା ଜଣାପଡ଼ିଛି। ସ୍ଥାନୀୟ ଯୁବକମାନଙ୍କ ସହଯୋଗରେ ଗୁରୁତର ବ୍ୟକ୍ତିମାନଙ୍କୁ କର୍ଲାମୁଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖବର ପାଇ କର୍ଲାମୁଣ୍ଡା ଫାଣ୍ଡି ଅଧିକାରୀ ଅଧିଶ ଚନ୍ଦ୍ର ବିଶ୍ୱାସ ଘଟଣାସ୍ଥଳରେ ପହଞ୍ଚି ଗାଡି ଜବତ କରି ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି । ଗୁରୁତର ୩ଜଣଙ୍କୁ ଭବାନୀପାଟଣା ମୁଖ୍ୟଡାକ୍ତରଖାନାକୁ ପଠାଯାଇଥିବା ଡାକ୍ତର ସୁରେଶ ଝାଙ୍କର ପ୍ରକାଶ କରିଛନ୍ତି ।

## ସ୍ୱାସ୍ଥ୍ୟ ବିଭାଗ, ବରିଷ୍ଠ ନାଗରିକ ସଂଘ ପକ୍ଷରୁ ବିଶ୍ୱ ମଧୁମେହ ଦିବସ

**ଭବାନୀପାଟଣା,୧୫।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗୁରୁବାର ବିଶ୍ୱ ମଧୁମେହ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆଶା କର୍ମୀ, ଅଙ୍ଗନୱାଡି କର୍ମୀ, ଏନ୍‌ଏମ୍‌ସିସି, ଜିଏନ୍‌ଏମ୍‌ସିସି, ଛାତ୍ରୀ ଓ ସ୍ୱଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତାଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଉକ୍ତ ଶୋଭାଯାତ୍ରା ଏଏନ୍‌ଏମ୍ ଟିସି ସଭା ଗୃହରେ ପହଞ୍ଚିବା ପରେ ଏଏନ୍‌ଏମ୍‌ଟିସି ଛାତ୍ରୀମାନଙ୍କ ମଧ୍ୟରେ ଡିବେଟ୍ ଓ ସୋଲୋ ସଙ୍ଗୀତ ପ୍ରତିଯୋଗିତା, ଆଶା ଓ ଏଏନ୍‌ଏମ୍‌ଟିସି ଛାତ୍ରୀଙ୍କ ମଧ୍ୟରେ କୁଇଜ୍ ଓ ଡିବେଟ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ଆୟୋଜିତ ସଚେତନତା ସଭାରେ ଏଡିଏମ୍‌ଓ ମେଡିକାଲ ଜଗୁଲାଲ ଅଗ୍ରୱାଲ, ଡିଏମ୍ ସୁବାସ ମିଶ୍ର, ଡ. ନିହାରେନ୍ଦ୍ର ପଣ୍ଡା, ଡ. ଆରଏନ୍ ପାଣିଗ୍ରାହୀ, ଅଙ୍କିତ୍ ଜୈନ ଓ ବିପିଏଫ୍‌ସିଓ ଖଗେନ୍ଦ୍ର ମାଝି ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ମଧୁମେହ ରୋଗ ସମ୍ପର୍କରେ ଆଲୋକପାତ କରିବା ସହ ଏଥିରୁ କିପରି ମୁକ୍ତି ମିଳିବ ସେ ଉପରେ ଆଲୋଚନା ହୋଇଥିଲା।

ସେହିପରି ଜିଲା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ବିଶ୍ୱ ମଧୁମେହ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସକାଳ ୮ଟାରେ ଭବାନୀପାଟଣାସ୍ଥିତ ଗାନ୍ଧୀଚୌକଠାରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ସ୍ଥାନୀୟ ବାଲାଜୀ ନର୍ସିଂ ହୋମଠାରେ ପହଞ୍ଚିଥିଲା। ସେଠାରେ ବରିଷ୍ଠ ନାଗରିକମାନଙ୍କ ସମେତ ଉପସ୍ଥିତ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଚକ୍ଷୁ ଓ ମଧୁମେହ ପରୀକ୍ଷା କରାଯାଇଥିଲା।

ବରିଷ୍ଠ ନାଗରିକ ସଂଘ ସଭାପତି ବିଜୟ କୁମାର ହୋତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଡା. ଲମ୍ବୋଦର ସାହୁ, ଡା. ଭାରତବନ୍ଧୁ ପଣ୍ଡା, ବରିଷ୍ଠ ନାଗରିକ ସଂଘ ଉପସଭାପତି ମଳୟ କୁମାର ମୁଣ୍ଡ ସଦସ୍ୟ ସୁନିଲ କୁମାର ବେହେରା, ଶାନ୍ତନୁ କୁମାର ମୁଣ୍ଡ, ଦିନବନ୍ଧୁ ମୁଣ୍ଡ, ସୁବାସ ପଣ୍ଡା, ବିଦ୍ୟାଧର ପଣ୍ଡାଙ୍କ ସମେତ ଶତାଧିକ ବରିଷ୍ଠ ନାଗରିକ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସମ୍ପାଦକ ଭାଗୀରଥି ଭୋଇ, କୋଷାଧ୍ୟକ୍ଷ ସନ୍ତୋଷ କୁମାର ଦାସ ପରିଚାଳନା କରିଥିଲେ।




ଜିଲା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଆୟୋଜିତ ବିଶ୍ୱ ମଧୁମେହ ଦିବସ ।

## ବିଶ୍ୱବିଦ୍ୟାଳୟ କୁଳପତି ନିଯୁକ୍ତି ପାଇଁ ଉଚ୍ଚଶିକ୍ଷା ବିଭାଗର ଚିଠି

**ଭବାନୀପାଟଣା,୧୫।୧୧(ଡି.ଏନ.ଏ.)**

ଭବାନୀପାଟଣା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଶ୍ୱ ବିଦ୍ୟାଳୟ ମାନ୍ୟତା ଦିଆଯାଇଛି। ଆସନ୍ତ ଶିକ୍ଷାବର୍ଷଠାରୁ ବିଶ୍ୱ ବିଦ୍ୟାଳୟ କାର୍ଯ୍ୟକ୍ଷମ ହେବା ପାଇଁ ଭାଇସ୍ ଚ୍ୟାନ୍‌ସେଲର ନିଯୁକ୍ତି ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟପାଳଙ୍କୁ ଅନୁରୋଧ କରାଯାଇଛି। କଳାହାଣ୍ଡି ଜିଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱ ବିଦ୍ୟାଳୟ ଭାବେ ମାନ୍ୟତା ପ୍ରଦାନ କରାଯାଇଛି। ଉଚ୍ଚ ଶିକ୍ଷା ବିଭାଗର ଚିଠି ନଂ. ୨୧୨୭୬/୧୧/୧୦/୨୦୧୯ ଓ ଚିଠିନଂ.୨୨୫୨୩/୨୫/୧୦/୨୦୧୯ ଅନୁଯାୟୀ ବିଶ୍ୱ ବିଦ୍ୟାଳୟ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ବର୍ତ୍ତମାନ ଉଚ୍ଚଶିକ୍ଷା ବିଭାଗ ଚିଠି ନଂ. ୨୩୯୭୩/ତା.୧୧/୧୧/୨୦୧୯ରେ ଉଚ୍ଚଶିକ୍ଷା ବିଭାଗ ସଚିବଙ୍କ ପକ୍ଷରୁ ରାଜଭବନ ପ୍ରମୁଖ ସଚିବଙ୍କୁ ଭବାନୀପାଟଣା ବିଶ୍ୱବିଦ୍ୟାଳୟ ଭାଇସ୍ ଚ୍ୟାନ୍‌ସେଲର ନିଯୁକ୍ତି ପାଇଁ ଅନୁରୋଧ କରାଯାଇଛି। ୨୦୨୦ ଜୁନ ୧ରୁ ଏହି ବିଶ୍ୱବିଦ୍ୟାଳୟ କାର୍ଯ୍ୟକ୍ଷମ ହେବ। ଏଥି ପାଇଁ ୨୦୧୦ ମାର୍ଚ୍ଚ ୩୧ ସୁଦ୍ଧା ଭାଇସ୍ ଚ୍ୟାନ୍‌ସେଲର ନିଯୁକ୍ତି ପାଇଁ ଅନୁରୋଧ କରାଯାଇଛି। ସେହିଭଳି ଉଚ୍ଚଶିକ୍ଷା ବିଭାଗର ଚିଠି ନଂ ୨୧୨୭୬/୧୧/୧୦/୨୦୧୯ରେ ଗୋଟିଏ ଭାଇସ ଚ୍ୟାଞ୍ଚେଲର ପଦବି, ରେଜିଷ୍ଟ୍ରାର, କମ୍ପଟ୍ରୋଲର, ପରୀକ୍ଷା ନିୟନ୍ତ୍ରକ ପଦବୀ ସୃଷ୍ଟି ପାଇଁ ରାଜ୍ୟପାଳଙ୍କୁ ଅନୁରୋଧ କରାଯାଇଛି। ଫଳରେ ଭବାନୀପାଟଣା ବିଶ୍ୱବିଦ୍ୟାଳୟ ପାଇଁ ଉଚ୍ଚଶିକ୍ଷା ବିଭାଗ ତତ୍ପରତା ପ୍ରକାଶ ପାଇଛି।



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ ।

## ମ୍ୟୁନିସିପାଲ ସରକାରୀ ହାଇସ୍କୁଲ ବାର୍ଷିକ ଉତ୍ସବ

**ଭବାନୀପାଟଣା,୧୫।୧୧(ଡି.ଏନ.ଏ.)**

ସ୍ଥାନୀୟ ମ୍ୟୁନିସିପାଲ ହାଇସ୍କୁଲର ୪୮ତମ ବାର୍ଷିକ ଉତ୍ସବ ଶୁକ୍ରବାର ଏକ ବର୍ଣ୍ଣାଢ୍ୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବିଜୟ କୁମାର ସିଂଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଭବାନୀପାଟଣା ପଞ୍ଚାୟତ ସମିତି ଅଧ୍ୟକ୍ଷା ସନ୍ତୋଷି ଦାସ, ମୁଖ୍ୟବକ୍ତା ଡ. ପଲ୍ଲିଶ୍ରୀ ପଟ୍ଟନାୟକ, ସମ୍ମାନିତ ଅତିଥି ଶାନ୍ତନୁ କୁମାର ବେହେରା, ଭବାନୀପାଟଣା ବ୍ଲକ ଶିକ୍ଷା ଅଧିକାରୀ ଜଗନ୍ନାଥ ପୁରୋହିତ ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସରୋଜ କାନ୍ତ ପଣ୍ଡା ଯୋଗଦାନ କରିଥିଲେ। ପ୍ରଧାନଶିକ୍ଷକ ବିଭୁତି ଭୂଷଣ ଠାକୁର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ବିଜ୍ଞାନ ଶିକ୍ଷକ ଅମରେଶ କୁମାର ନେଗୀ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଛାତ୍ରୀଛାତ୍ରମାନଙ୍କୁ ଏ.ପି.ଜେ. ଅବଦୁଲ କଲାମ୍‌ଙ୍କ ଚାରୋଟି ନୀତିକୁ ଅନୁସରଣ କରି ଜୀବନ ସଙ୍ଗଠନରେ ଆଗକୁ ବଢିବା ପାଇଁ ଉପଦେଶ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ର ମହମ୍ମଦ ଅଲ୍ଲି ରାଜାଙ୍କୁ ଚଳିତବର୍ଷ ପାଇଁ ଶ୍ରେଷ୍ଠ ଛାତ୍ର ଭାବେ ସମ୍ମାନିତ କରାଯାଇଥିଲା। ପୁରସ୍କାର ବିତରଣୀ କାର୍ଯ୍ୟକ୍ରମକୁ ଶିକ୍ଷକ ସରୋଜ ସାହୁ, ପ୍ରମୋଦ ସାହୁ ଓ ସନ୍ଧ୍ୟାରାଣୀ ଦୋରା ପରିଚାଳନା କରିଥିଲେ। ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କୁ ଅବିରତ ସଙ୍ଗୀତ ଶିକ୍ଷା ପ୍ରଦାନ ପାଇଁ ଶିକ୍ଷକ ଜଗନ୍ନାଥ ତ୍ରିପାଠୀଙ୍କୁ ସମ୍ମାନିତ କରାଯାଇଥିଲା। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷୟିତ୍ରୀ ଜ୍ୟୋର୍ତିମୟୀ ପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ମନୋରଞ୍ଜନ ସାହୁ ଓ ବିଜୟଲକ୍ଷ୍ମୀ ତ୍ରିପାଠୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଦୀପ୍ତିଲତା ଧଳ ଧନ୍ୟବାଦ ଅର୍ପଣ କରିଥିଲେ । ସଞ୍ଜୟ କୁମାର ମିଶ୍ର, ହେମାଙ୍ଗିନୀ ଦାନି, ସାରଦା ରଥ, ସାନ୍ତ୍ୱନାରାଣୀ ପଟ୍ଟନାୟକ, ସୁଶିଲ କୁମାର ସାହୁ, ପୂର୍ଣ୍ଣପ୍ରଭା ବିଶି, ଦୁଃଖିଶ୍ୟାମ ଦାସ, ଭଗବାନ ବିଶୋଇ ଓ ବିଜୟଲକ୍ଷ୍ମୀ ହୋତା ପ୍ରମୁଖ ସହଯୋଗ କରିଥିଲେ।

## ଭବାନୀପାଟଣା ବ୍ଲକ ସରପଞ୍ଚ ସଂଘ ବୈଠକ

**ଭବାନୀପାଟଣା,୧୫।୧୧(ଡି.ଏନ.ଏ.)**

ଭବାନୀପାଟଣା ସଦର ବ୍ଲକ ସରପଞ୍ଚ ସଂଘ ବୈଠକ ବୁଧବାର ବୋର୍ଡା ନିକଟସ୍ଥ କୁରସୁଡ କାଜୁବାଦାମ ବଗିଚାରେ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସଂଘ ସଭାପତି ରବୀନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସଦର ବ୍ଲକ ଏବିଡିଓ ଶ୍ରୀଧର ପଣ୍ଡା, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ନିହାର ରଞ୍ଜନ ମାଝି, ଜେଇ ପ୍ରଭାସ ଚନ୍ଦ୍ର ମାଝି, ଏମଆଇ ସନ୍ତୋଷ କୁମାର ପ୍ରଧାନ, ପ୍ରସନ୍ନ ଆଚାର୍ଯ୍ୟ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ପଞ୍ଚାୟତ ବିକାଶ ଓ ସରପଞ୍ଚମାନଙ୍କ ଭୂମିକା ଉପରେ ଆଲୋଚନା ହୋଇଥିଲା। ସରପଞ୍ଚ ସଂଘ ସମ୍ପାଦକ ରାଜେଶ ପ୍ରସାଦ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଚହଗାଁ ସରପଞ୍ଚ ଅଭିରାମ ବେଶ୍ରା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ଡୁମୁରିଆ ସରପଞ୍ଚ ସଞ୍ଜୀବ କୁମାର ମିଶ୍ର, ବୋର୍ଡା ସରପଞ୍ଚ ରୀନାରାନୀ ଜାଲ, ଗୁରୁଜୁଙ୍ଗ ସରପଞ୍ଚ ରୀନା ସାହୁ, ସରପଞ୍ଚ ଅମ୍ବୁବତି ଶବର ପରିଚାଳନା କରିଥିଲେ।

### ଜିଲାପାଳଙ୍କ ନିର୍ଦ୍ଦେଶକୁ ଅବମାନନା

## ଡେପୁଟେଶନର ୩ ମାସ ପରେ ମଧ୍ୟ ସ୍କୁଲରେ ଯୋଗଦେଇ ନାହାନ୍ତି ବରିଷ୍ଠ ଶିକ୍ଷକ


**ଜୁନାଗଡ,୧୫।୧୧(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଜୁନାଗଡ ସହରରେ ଥିବା ଲଙ୍କେଶ୍ୱରୀ ବାଳିକା ଉଚ୍ଚ ବିଦ୍ୟାଳୟ ବରିଷ୍ଠ ଶିକ୍ଷକ ରାଜେଶ ମାଝିଙ୍କୁ ଗତ ଅଗଷ୍ଟ ୧୪ ତାରିଖରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ଶିକ୍ଷା ଅଧିକାରୀ ଥୁଆମୂଳ ରାମପୁର ସ୍କୁଲକୁ ଡେପୁଟେଶନରେ ପଠାଇଥିଲେ। ଇତିମଧ୍ୟରେ ୩ ମାସ ବିତିଯିବା ଯାଇଥିଲେ ମଧ୍ୟ ସମ୍ପୃକ୍ତ ଶିକ୍ଷକ ଥୁ.ରାମପୁର ସ୍କୁଲରେ ଯୋଗଦେଇ ନାହାନ୍ତି। ଘଟଣାରୁ ପ୍ରକାଶ, ରାଜେଶ ମାଝି ଲଙ୍କେଶ୍ୱରୀ ବାଳିକା ଉଚ୍ଚ ବିଦ୍ୟାଳୟ ଜଣେ ଶିକ୍ଷୟିତ୍ରୀଙ୍କୁ ଅସଦାଚରଣ କରିବା ସହିତ ଜିବନରେ ମାରି ଦେବା ଧମକ ଦେଇଥିଲେ। ଏ ନେଇ ସମ୍ପୃକ୍ତ ଶିକ୍ଷୟିତ୍ରୀ ଜୁଲାଇ ୩୧ରେ ଜିଲା ଶିକ୍ଷା ବିଭାଗର ଦ୍ୱାରସ୍ଥ ହେବା ସହିତ ଜୁନାଗଡ ଥାନାରେ ୧୦ ଅଗଷ୍ଟରେ ଅନଲାଇନରେ ଅଭିଯୋଗ କରିଥିଲେ। ଏହାପରେ ଶିକ୍ଷୟିତ୍ରୀ ବ୍ୟକ୍ତିଗତ ଭାବେ ଜିଲାପାଳଙ୍କୁ ଭେଟି ସମସ୍ତ ବିଷୟରେ ଅବଗତ କରିଥିଲେ। ଜିଲାପାଳ ଘଟଣାର ଗୁରୁତ୍ୱ ଉପଲବ୍ଧି କରି ସହକାରୀ ଜିଲାପାଳ ବାସନ୍ତୀ ସେଠୀଙ୍କୁ ଘଟଣାର ତଦନ୍ତ ପାଇଁ ପଠାଇଥିଲେ। ତଦନ୍ତ ରିପୋର୍ଟକୁ ଆଧର କରି ଜିଲାପାଳ ଜିଲା ଶିକ୍ଷା ଅଧିକାରୀଙ୍କୁ ୨ ଜଣ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲା ଶିକ୍ଷା ଅଧିକାରୀ ଅଗଷ୍ଟ ୧୪ ତାରିଖରେ ଶିକ୍ଷୟିତ୍ରୀଙ୍କୁ ଲାଞ୍ଜିଗଡ ଓ ଶିକ୍ଷକଙ୍କୁ ଥୁ.ରାମପୁର ଡେପୁଟେଶନରେ ପଠାଇଥିଲେ । ଶିକ୍ଷୟିତ୍ରୀ ୭ ଦିନ ମଧ୍ୟରେ ଲାଞ୍ଜିଗଡରେ ଦାୟିତ୍ୱ ଗ୍ରହଣ କରିଥିବା ବେଳେ ଶିକ୍ଷକ ରାଜେଶ ବର୍ତ୍ତମାନ ପର୍ଯ୍ୟନ୍ତ ନିଜ ଥୁ.ରାମପୁର ସ୍କୁଲରେ ଯୋଗ ଦେଇ ନାହାନ୍ତି। ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ସଞ୍ଜୀବ କୁମାର ସିଂଙ୍କୁ ପଚାରିବାରୁ ଶିକ୍ଷକଙ୍କ ନାମରେ ଥାନାରେ ଏତଲା ଥିବାରୁ ସେ ଫେରାର ଅଛନ୍ତି। ତାଙ୍କୁ ପୋଲିସ ଗିରଫ କରିବା ପରେ ଆମେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବୁ ବୋଲି କହିଥିଲେ।


# ମହାବୀର ସାଂସ୍କୃତିକ ମହୋତ୍ସବ ଉଦ୍‌ଯାପିତ

**ଭବାନୀପାଟଣା,୧୫।୧୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମହାବୀର ସାଂସ୍କୃତିକ ଅନୁଷ୍ଠାନର ୫୫ତମ ଜନ୍ମ ବାର୍ଷିକୀ ସାରସ୍ୱତ ସମାରୋହ 'ମହାବୀର ମହୋତ୍ସବ–୨୦୧୯' ଗତ ଗୁରୁବାର ସନ୍ଧ୍ୟାରେ ଏକ ମନୋଜ୍ଞ ପରିବେଶ ମଧ୍ୟରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବ ସନ୍ଧ୍ୟାରେ ସଭାପତିତ୍ୱ କରିଥିଲେ ରାସ ବିହାରୀ ବେହେରା। ସମ୍ମାନିତ ଅତିଥି ଭାବେ ବରଗଡର ପ୍ରସିଦ୍ଧ ଧନୁଯାତ୍ରାରେ କଂସ ଭୂମିକାରେ ଅଭିନୟ କରିଥିବା ଅଭିନେତା ଗୋପାଳଚନ୍ଦ୍ର ସାହୁ (ଏଲି), ପୂର୍ବତନ ବିଧାୟକ ଅନାମ ନାଏକ ଓ ଅନୁଷ୍ଠାନ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଖୋର୍ଦ୍ଧା ଜିଲାର ବିଶିଷ୍ଟ ଗାଳ୍ପିକ ତପନ ମହାପାତ୍ରଙ୍କୁ ରାଜ୍ୟସ୍ତରୀୟ ପ୍ରଫେସର ଭୁବନେଶ୍ୱର ବେହେରା ସାହିତ୍ୟ ସମ୍ମାନ, ଭୁବନେଶ୍ୱରର ନାଟ୍ୟକାର ଦେବାନନ୍ଦ ନାଏକଙ୍କୁ ରାଜ୍ୟସ୍ତରୀୟ ନାଟ୍ୟରଶ୍ମି ପ୍ରଫୁଲ୍ଲ କୁମାର ରଥ ନାଟ୍ୟ ସମ୍ମାନ, ଭବାନୀପାଟଣାର ଯୁବ କବି ଜୟଦ୍ରଥ ସୁନାଙ୍କୁ କଳାହାଣ୍ଡି ଯୁବ ପ୍ରତିଭା ସମ୍ମାନ ତଥା ଅନୁଷ୍ଠାନ ସର୍ବଶ୍ରେଷ୍ଠ ସମ୍ମାନ 'ମହାବୀର ସମ୍ମାନ' ଅବସରପ୍ରାପ୍ତ ପ୍ରଫେସର ଗୋପବନ୍ଧୁ ବେହେରାଙ୍କୁ ଏବଂ ସୁଗୃହିଣୀ ସମ୍ମାନ ପାଞ୍ଚାଳୀ କୁମାରୀ ରାଉତ (ପରିଡା)ଙ୍କୁ ପ୍ରଦାନ କରାଯାଇଥିଲା। ଏହି ଉପଲକ୍ଷେ ଜିଲାସ୍ତରୀୟ ଉନ୍ନୟନ ପ୍ରଦର୍ଶନୀରେ ଜିଲା ପ୍ରାଣୀଧନ ବିଭାଗକୁ ପ୍ରଥମ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପକୁ ଦ୍ୱିତୀୟ ଓ ଉଦ୍ୟାନ ବିଭାଗକୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ଅନୁଷ୍ଠାନ ପରିଚାଳିତ ଘୁମୁରା ଏକାଡେମୀର ଶିଳ୍ପୀମାନେ ଓ ଜିଲା ବାହାରୁ ଆସିଥିବା ବିଭିନ୍ନ ସାଂସ୍କୃତିକ ଦଳର ଶିଳ୍ପୀମାନେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରିଥିଲେ। ମହାବୀର ସାଂସ୍କୃତିକ ଅନୁଷ୍ଠାନ କୋଷାଧ୍ୟକ୍ଷ ପ୍ରଦୀପ ସିଂହ, ନାଟ୍ୟ ସମ୍ପାଦକ ସୁଶାନ୍ତ ସିଂହ, କ୍ରୀଡା ସମ୍ପାଦକ, ସୁଶୀଲ ଗହୀର, କାର୍ଯ୍ୟକାରୀ ସଭ୍ୟ ବିରଞ୍ଚି ନାରାୟଣ ପଣ୍ଡା, ସଞ୍ଜୟ କୁମାର, ସୁବୋଧ ପଣ୍ଡା, ଲଳିତ ପଣ୍ଡା, ଗିରିଜା ଶଙ୍କର ବାବୁ, କାର୍ତ୍ତିକେଶ୍ୱର ପଣ୍ଡା, ସୁରୁ ବାରିକ, ସୁରେଶ ଥନାପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୭ ଦିନ ଧରି ଆୟୋଜିତ ମହୋତ୍ସବରେ ଜାତୀୟ ଶିଶୁ କଳାପ୍ରଦର୍ଶନୀ, ରାଜ୍ୟସ୍ତରୀୟ ଲୋକନୃତ୍ୟ ଉତ୍ସବ, ମହାବୀର ସମ୍ମାନ, ରାଜ୍ୟସ୍ତରୀୟ ଭୁବନେଶ୍ୱର ବେହେରା ସାହିତ୍ୟ ସମ୍ମାନ, ରାଜ୍ୟସ୍ତରୀୟ ନାଟ୍ୟରଶ୍ମୀ ପ୍ରଫୁଲ୍ଲ ରଥ ନାଟ୍ୟ ସମ୍ମାନ, କଳାହାଣ୍ଡି ଯୁବ ପ୍ରତିଭା ସମ୍ମାନ, ସୁଗୃହିଣୀ ସମ୍ମାନ, ଉନ୍ନୟନ ମୂଳକ ପ୍ରଦର୍ଶନୀ, ଶିଶୁ ଦିବସ ପାଳନ ଅବସରରେ ଶିଶୁ ମେଳା, ଏକକ ଓ ସମୁହ ନୃତ୍ୟ ପ୍ରତିଯୋଗିତା, ବିଭିନ୍ନ ମହାବିଦ୍ୟାଳୟ ଓ ବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଓ ରିଏଲିଟି ଶୋ 'ଭଏସ୍ ଅଫ୍ କଳାହାଣ୍ଡି' ଆଦି ବହୁ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା। ପ୍ରତ୍ୟେହ ନୃତ୍ୟ ସଙ୍ଗୀତ ପ୍ରତିଯୋଗିତା ଓ ସାରସ୍ୱତ ସଭାରେ ବହୁ ଦର୍ଶକ ଏବଂ ଶ୍ରୋତାଙ୍କ ଭିଡ ଦେଖିବାକୁ ମିଳିଥିଲା। ଏହି ଅବସରରେ ଜିଲାସ୍ତରୀୟ କବିତା ପାଠୋତ୍ସବ ଓ ଅନୁଷ୍ଠାନର ମୁଖପତ୍ର ଗିରିଝର ମଧ୍ୟ ଉନ୍ମୋଚିତ ହୋଇଥିଲା। ଅନୁଷ୍ଠାନ ପ୍ରତିଷ୍ଠାତା ସଭାପତି ତଥା ବର୍ଷିୟାନ୍ ସାହିତ୍ୟିକ ରାସବିହାରୀ ବେହେରାଙ୍କ ସହ ଅନୁଷ୍ଠାନ ସଭାପତି ଜୟନ୍ତ କୁମାର ବେହେରା, ଉପସଭାପତି ଶାନ୍ତନୁ କୁମାର ବେହେରା, ସାଧାରଣ ସମ୍ପାଦକ ସତ୍ୟନାରାୟଣ ସିଂ, ସଂଯୁକ୍ତ ସାଧାରଣ ସମ୍ପାଦକ ସଞ୍ଜୟ କୁମାର ଓ ସଞ୍ଜୀବ କୁମାର ସିଂ, ସୁଶିଲ କୁମାର ଗହିର ପ୍ରମୁଖ ପ୍ରତ୍ୟେହ ମଞ୍ଚରେ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା।




ମହାବୀର ସାଂସ୍କୃତିକ ମହୋତ୍ସବ ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥି ।



ନିଜର ଦୁର୍ବଳତା କେଉଁଠି ଅଛି, ତାହା ଜାଣି ନ ପାରିବା ହେଉଛି ସବୁଠାରୁ ବଡ଼ ଦୁର୍ଭାଗ୍ୟ।
- କାର୍ଲାଇଲ



## ସଂକ୍ଷେପରେ

### ଅଜଣା ରୋଗରେ ଛାତ୍ରଙ୍କ ମୃତ୍ୟୁ

**କୋଲାବିରା, ୧୫।୧୧(ଡି.ଏନ୍.ଏ.):** ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ ସମାସିଂହା ଗ୍ରାମର ଜଣେ ଚତୁର୍ଥ ଶ୍ରେଣୀ ଛାତ୍ରଙ୍କ କୌଣସି ଏକ ଅଜଣା ରୋଗରେ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ ସମାସିଂହା କାଲୋପଡ଼ା ବାସିନ୍ଦା ଶଙ୍କର ବନଛୋରଙ୍କ ୮ବର୍ଷର ପୁଅ ଟିକେଶ୍ୱର ବନଛୋର ଗ୍ରାମର ପ୍ରାଥମିକ ବିଦ୍ୟାଳୟରେ ଚତୁର୍ଥ ଶ୍ରେଣୀରେ ପଢୁଥିଲେ। ଆଜିକୁ ୭ରୁ ୮ଦିନ ପୂର୍ବେ ସେ ଅସୁସ୍ଥତା ଅନୁଭବ କରିବାରୁ ପରିବାର ଲୋକ ତାଙ୍କୁ ପ୍ରଥମେ କୋଲାବିରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଘଟିବାରୁ ପରିବାର ଲୋକ ତାଙ୍କୁ ଚିକିତ୍ସା ପାଇଁ ଝାରସୁଗୁଡ଼ାର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ଶୁକ୍ରବାର ସକାଳୁ ଟିକେଶ୍ୱରଙ୍କ ସ୍ୱାସ୍ଥ୍ୟାବସ୍ଥା ଜଟିଳ ହେବାରୁ ଡାକ୍ତର ତାଙ୍କୁ ବୁର୍ଲା ଭିମସାରକୁ ସ୍ଥାନାନ୍ତର କରିବା ପାଇଁ କହିଥିଲେ। ମାତ୍ର ବୁର୍ଲା ନେବା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ବାଳକର ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି। ବିଦ୍ୟାଳୟର ସହପାଠୀ ତଥା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମେତ ଗ୍ରାମର ବହୁ ଲୋକ ମୃତ ଛାତ୍ର ଟିକେଶ୍ୱରଙ୍କ ଶେଷ ଦର୍ଶନ କରିଥିଲେ। ଟିକେଶ୍ୱରଙ୍କୁ ଜ୍ୱର ହୋଇଥିଲା। ହେଲେ ଏହା କେଉଁ ପ୍ରକାର ଜ୍ୱର ତାହା ଡାକ୍ତରମାନେ ମଧ ଜାଣିପାରିଲେ ନାହିଁ ଏବଂ ଉପଯୁକ୍ତ ଚିକିତ୍ସା ଅଭାବରୁ ମୋ ପୁଅର ମୃତ୍ୟୁ ହୋଇଥିବା ଟିକେଶ୍ୱରଙ୍କ ପିତା ଶଙ୍କର କହିଛନ୍ତି।


### ଅବସରପ୍ରାପ୍ତ ସିଡିଭିଓଙ୍କ ପରଲୋକ

**ସମ୍ବଲପୁର, ୧୫।୧୧(ବ୍ୟୁରୋ):** ସମ୍ବଲପୁର ସହରର ଅବସରପ୍ରାପ୍ତ ଜିଲା ପ୍ରାଣୀଧନ ଚିକିତ୍ସାଧିକାରୀ (ସିଡିଭିଓ) ଡା. ବିପିନ ବିହାରୀ ପୂଜାରୀଙ୍କ ଗୁରୁବାର ବିଳମ୍ବିତ ରାତିରେ ତାଙ୍କ ବୁଢାରଜା ବାସଭବନରେ ପରଲୋକ ହୋଇଛି । ମୃତ୍ୟୁବେଳକୁ ତାଙ୍କୁ ୮୫ ବର୍ଷ ବୟସ ହୋଇଥିଲା। । ସ୍ଥାନୀୟ ରାଜଘାଟ (ସ୍ୱର୍ଗଦ୍ୱାର)ରେ ଶେଷକୃତ ସମ୍ପନ୍ନ ହୋଇଥିଲା।

## ଶିଶୁ ନାଟକ ମହୋତ୍ସବ 'ଇନ୍ଦ୍ରଧନୁ'ର ଦ୍ୱିତୀୟ ସନ୍ଧ୍ୟା

# କଁଚା ମାଏଟ୍, ଜୁଏ କୁହୁଳୁଛେ, ସାବ୍ଧାନ ନାଟକ ମଞ୍ଚସ୍ଥ

**ବେଲପାହାଡ଼, ୧୫।୧୧(ଡି.ଏନ୍.ଏ.)**



ଦ୍ୱିତୀୟ ସନ୍ଧ୍ୟାରେ ପ୍ରଦର୍ଶିତ ଏକ ନାଟକର ଦୃଶ୍ୟ।

ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରର ନାଟ୍ୟ ଅନୁଷ୍ଠାନ ମିରର ଥିଏଟର ପକ୍ଷରୁ ଗୁମାଡ଼େରା ବଡ଼କଁଟାସ୍ଥିତ କାର୍ଯ୍ୟାଳୟରେ ଆୟୋଜିତ ଶିଶୁ ନାଟକ ମହୋତ୍ସବ 'ଇନ୍ଦ୍ରଧନୁ'ର ଦ୍ୱିତୀୟ ସନ୍ଧ୍ୟାରେ ୩ଟି ନାଟକ ମଞ୍ଚସ୍ଥ ହୋଇଛି। ଏଥିମଧ୍ୟରୁ ପ୍ରଥମ ନାଟକ 'କଁଚା ମାଏଟ୍'କୁ ବେଲପାହାଡ଼ ରିଫ୍ରାକ୍ଟୋରିଜ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ର ପରିବେଷଣ କରିଥିଲେ। ସେହିପରି ଦ୍ୱିତୀୟ ନାଟକ 'ଜୁଏ କହ୍ଲୁଛେ'କୁ ବେଲପାହାଡ଼ ବିବେକାନନ୍ଦ ବିଦ୍ୟାଳୟର ଛାତ୍ରୀଛାତ୍ର ପରିବେଷଣ କରିଥିବାବେଳେ ତୃତୀୟ ନାଟକ 'ସାବ୍ଧାନ'କୁ ଗିରିଧାରିଲାଲ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ପରିବେଷଣ କରିଥିଲେ। ସମସ୍ତ ନାଟକ ଉପସ୍ଥିତ ଦର୍ଶକଙ୍କ ମନ ଛୁଇଁଥିଲା। 'କଁଚା ମାଏଟ' ନାଟକର କାହାଣି ଅଭିଭାବକମାନଙ୍କ ପ୍ରେରଣା ଏବଂ ଛାତ୍ରୀଛାତ୍ରମାନଙ୍କ ସଫଳତା ଉପରେ ପର୍ଯ୍ୟବେସିତ ଥିଲା। 'ଜୁଏ କହ୍ଲୁଛେ' ନାଟକରେ ଶିକ୍ଷା ଅଭାବ ଯୋଗୁ ଗରିବ ପରିବାର ଭୋଗୁଥିବା ବିଭିନ୍ନ ସମସ୍ୟା ପ୍ରଦର୍ଶିତ ହୋଇଥିଲା। 'ସାବଧାନ' ନାଟକ ପ୍ଲାଷ୍ଟିକ୍ ବର୍ଜନ ଓ ପରିବେଶ ସୁରକ୍ଷା ଉପରେ ପ୍ରଦର୍ଶିତ ହୋଇଥିଲା। ଅୟୋଜିତ ଶିଶୁ ନାଟକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ବେଲପାହାଡ଼ ପୌର ପରିଷଦ ନିର୍ବାହୀ ଅଧିକାରୀ ଲୋକନାଥ ତିୱାରୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଯୁବକବି ଦେବେନ ପଟେଲ, ସ୍ଥାନୀୟ ନାଗରିକ ଜେନାମଣି ସେଠ ଓ ଖବରଦାତା ମହେନ୍ଦ୍ର ସାଏ ଯୋଗ ଦେଇଥିଲେ। ମିରର୍ ଥିଏଟରର ନିର୍ଦ୍ଦେଶକ ସୁବାସ ପ୍ରଧାନ ନାଟକ ଆୟୋଜନର ଆଭିମୁଖ୍ୟ ଉପସ୍ଥାପନ କରିଥିବାବେଳେ ଶୁଭଙ୍କିତା ରଥ ଓ ସୋନିଆ ବେହେରା ମଞ୍ଚ ପରିଚାଳନା କରିଥିଲେ। ସେହିପରି ଗୌରୀଶଙ୍କର କୁମ୍ଭାର ସଭା ପରିଚାଳନା ଓ ସୁଶାନ୍ତ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ଆସନ୍ତା ଶନିବାର ଉଦ୍ଯାପନୀ ସନ୍ଧ୍ୟାରେ ମିରର ଥିଏଟର ପକ୍ଷରୁ ନାଟକ 'ପାଚେନ୍' ପ୍ରଦର୍ଶିତ ହେବ।

## ଶ୍ରମିକ ମଞ୍ଚର ସାଙ୍ଗଠନିକ ସମ୍ମିଳନୀ

**କିର୍ମିରା, ୧୫।୧୧(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା କିର୍ମିରା ବ୍ଲକ ଝାରମୁଣ୍ଡା ଗ୍ରାମରେ ପ୍ରଗତିଶୀଳ ଶ୍ରମିକ ମଞ୍ଚର ସାଙ୍ଗଠନିକ ସମ୍ମିଳନୀ ଓ ଶିଶୁ ମହୋତ୍ସବ ଧରମା ପାଳିତ ହୋଇଯାଇଛି। ଶ୍ରମିକ ମଞ୍ଚର ପଶ୍ଚିମ ଓଡ଼ିଶା ଆବାହିକା ସୁଷମା ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ସାଧାରଣ ସମ୍ପାଦକ ରକ୍ଷାକର ଅନୁପମ ଏଥିରେ ଅଧକ୍ଷତା କରିଥିଲେ। ସେହିପରି ସଭାରେ ଯୋଗ ଦେଇଥିବା ସମାଜସେବୀ ଜ୍ୟୋତିରଞ୍ଜନ ମହାନ୍ତି, ଦିଲୀପ ବେହେରା, ଦେବାଶିଷ ପାତ୍ର, ଦାଶରଥି ବେହେରା ପ୍ରମୁଖ ଶ୍ରମିକଙ୍କ ହକ୍, ଅଧିକାର ଓ ନିରାପତ୍ତା ବିଷୟରେ ଆଲୋଚନା କରିବା ସହ ସମସ୍ୟା ବିଷୟରେ ସରକାରଙ୍କୁ ଅବଗତ କରାଯିବ ବୋଲି କହିଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ବାସନ୍ତି ଖଡ଼ିଆ, ସୁଲତା ବାଗ, ବଜରଙ୍ଗ ନାଏକ, ମନୋଜ ନାଏକ, ସୁଗ୍ରୀବ ବାଗ, ମହେଶ୍ୱର ବାଗ ଯୋଗଦେଇଥିଲେ। ସନ୍ଧ୍ୟାରେ ଶ୍ରମିକମାନଙ୍କ କୁନି କୁନି ପୁଅଝିଅଙ୍କୁ ନେଇ ଶିଶୁ ମହୋତ୍ସବ ଧରମାର ଆୟୋଜନ କରାଯାଇଥିଲା। ଶିଶୁମାନେ ନୃତ୍ୟଗୀତ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ରକ୍ଷାକର ଅନୁପମ ପୁରସ୍କୃତ କରିଥିଲେ।




ସାଂଗଠନିକ ସମ୍ମିଳନୀରେ ମଞ୍ଚାସୀନ ଅତିଥିମାନେ।

## ଟ୍ରାଫିକ ସମସ୍ୟା ସୁଧାରିବାକୁ ଏସ୍‌ଡିପିଓଙ୍କ ପ୍ରୟାସ

# ପ୍ରଥମେ ଅନୁରୋଧ ପରେ କାର୍ଯ୍ୟାନୁଷ୍ଠାନ

**ବ୍ରଜରାଜନଗର, ୧୫।୧୧(ଡି.ଏନ୍.ଏ.)**

ସ୍ଥାନୀୟ ମୁଖ୍ୟ ବଜାରରେ ଟ୍ରାଫିକ ସମସ୍ୟା ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ମୁଖ୍ୟ ବଜାର ଭିତରେ ଦୋକାନୀମାନେ ରାସ୍ତା ଉପରେ ଜିନିଷ ରଖି ବିକ୍ରି କରିବା ସାଙ୍ଗକୁ ରାସ୍ତା ଉପରେ ମୋଟରସାଇକେଲ ଓ ସାଇକେଲ ଜନସାଧାରଣ ରଖିବା ଦ୍ୱାରା ରାସ୍ତା ସଂକୁଚିତ ହେଉଛି। ଫଳରେ ସାଧାରଣ ଲୋକେ ଯିବା ଆସିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ବ୍ରଜରାଜନଗରରେ ନୂତନ ଭାବେ ଯୋଗଦେଇଥିବା ଏସ୍‌ଡିପିଓ ଦିଲୀପ ଦାଶ ଟ୍ରାଫିକ ସମସ୍ୟାକୁ ସୁଧାରିବା ପାଇଁ ପ୍ରୟାସ ଚଳାଇଛନ୍ତି। ବିଶେଷ କରି ସନ୍ଧ୍ୟା ସମୟରେ ନିଜେ ଫୋର୍ସ ସହିତ ଫ୍ଲାଗମାର୍ଚ୍ଚ କରି ଟ୍ରାଫିକ ସମସ୍ୟାକୁ ସୁଧାରୁଛନ୍ତି। ଗତକାଲି ରାସ୍ତା ଉପରେ ଥିବା ମୋଟରସାଇକେଲଗୁଡ଼ିକୁ ଥାନାକୁ ନେଇ ଜନସାଧାରଣଙ୍କୁ ବୁଝାଶୁଝା କରିବା ପରେ ଦୁଇଚକିଆ ଗାଡ଼ି ଗୁଡ଼ିକୁ ଫେରେଇ ଦେଇଛନ୍ତି। ପ୍ରଥମେ ଅନୁରୋଧ କରି ଜନସାଧାରଣଙ୍କୁ ବୁଝାଇଲା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌ଡିପିଓ ଦାଶ ପ୍ରକାଶ କରିଛନ୍ତି। ମୁଖ୍ୟ ବଜାରରେ ରାସ୍ତା ଉପରେ ଥିବା ହୋର୍ଡିଂ ଓ ଜିନିଷପତ୍ର ଉଠାଇଦେବାକୁ ଦୋକାନୀମାନଙ୍କୁ ଅନୁରୋଧ କରିବା ସହ ସ୍ଥାନୀୟ ଜନସାଧାରଣ ଏଥିରେ ସହଯୋଗ କରିବାକୁ ସେ ନିବେଦନ କରିଛନ୍ତି। ଏସ୍‌ଡିପିଓ ଦିଲୀପ ଦାଶଙ୍କ ଏଭଳି ପଦକ୍ଷେପକୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି।

## ବନ୍ଧୁକ ମୁନରେ ଡକାୟତି

**ବ୍ରଜରାଜନଗର, ୧୫।୧୧(ଡି.ଏନ୍.ଏ.)**

ଗାନ୍ଧୀଛକ ନିକଟସ୍ଥ ନୂଆଡ଼ିହିରେ ଥିବା ଏକ ସୁନା ଦୋକାନରୁ ଶୁକ୍ରବାର ସନ୍ଧ୍ୟାରେ ଦୁର୍ବୃତ୍ତମାନେ ଫାଙ୍କା ଗୁଳି ଚାଳନା କରି ସୁନା ଗହଣା ଲୁଟ କରିଛନ୍ତି। କଳା କପଡ଼ା ପରିଧାନ କରିଥିବା ଦୁଇ ଜଣ ମୁଖାଧାରୀ ସରାଫ ଜୁଏଲେରୀ ଭିତରକୁ ପଶି ଦୋକାନ ମାଲିକ ଗୌରଚନ୍ଦ୍ର ସରାଫ ଓ ତାଙ୍କ ସ୍ତ୍ରୀଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଭୟଭିତ କରିଥିଲେ। ସେମାନେ ଗୌରଚନ୍ଦ୍ରଙ୍କ ସ୍ତ୍ରୀ ପିନ୍ଧିଥିବା ସୁନାଗହଣା ଲୁଟ କରିଥିଲେ। ପରେ ସାଙ୍ଗରେ ଆଣିଥିବା ଏକ ଧଳା ବସ୍ତାରେ ସମସ୍ତ ସୁନାଗହଣା ଭର୍ତ୍ତି କରିବା ପାଇଁ ଦୁଇଜଣଙ୍କୁ ଧମକ ଦେବା ସହ ୩ ରାଉଣ୍ଡ ଗୁଳି ଚାଳନା କରିଥିଲେ। ହେଲେ ସୌଭାଗ୍ୟବଶତଃ କାହା ଦେହରେ ଗୁଳି ବାଜି ନ ଥିଲା। ସେମାନଙ୍କ ଭିତରୁ ଜଣେ ଦୋକାନ ମାଲିକଙ୍କୁ ଭୁଜାଲିରେ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲେ ସୁଦ୍ଧା ସେ ଅଳ୍ପକେ ବର୍ତ୍ତି ଯାଇଥିଲେ। ଦୁର୍ବୃତ୍ତମାନେ ସମସ୍ତ ସୁନାଗହଣା ଲୁଟ କରି ଅଳ୍ପ ଦୂରରେ ରଖିଥିବା ବାଇକରେ ଫେରାର ହୋଇଯାଇଥିଲେ। ଘଟଣା ସ୍ଥଳରେ ବ୍ରଜରାଜନଗର ଏସ୍‌ଡିପିଓ ଦିଲୀପ ଦାଶ, ଆଇଆଇସି ବିଶ୍ୱାମିତ୍ର ହରପାଲ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏ ନେଇ ସୁନା ଦୋକାନୀ ପୋଲିସ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି।

## ଜଙ୍ଗଲରୁ ଦନ୍ତାହାତୀର ମୃତଦେହ ଉଦ୍ଧାର

**ସମ୍ବଲପୁର, ୧୫।୧୧(ବ୍ୟୁରୋ)**

ସମ୍ବଲପୁର ବନଖଣ୍ଡ ସଦର ରେଞ୍ଜ ବୀରସିଂଗଡ ଜଙ୍ଗଲରୁ ଶୁକ୍ରବାର ଗୋଟିଏ ଦନ୍ତାହାତୀର ମୃତଦେହକୁ ବନ ବିଭାଗ ଉଦ୍ଧାର କରିଛି । ବାଘ୍ହା ଶିକାର କରିବା ପାଇଁ ଶିକାରୀ ବିଦ୍ୟୁତ୍ ତାର ବିଛାଇଥିବା ବେଳେ ସେଥିରେ ଲାଗି ଏହି ହାତୀଟିର ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ତେବେ ଏହି ହାତୀର ବୟସ ପ୍ରାୟ ୪ ବର୍ଷ ଭିତରେ ହେବ। ଏହାର ଦାନ୍ତକୁ ଶିକାରୀ କାଟି ନେଇଛନ୍ତି। ଘଟଣାର ତଦନ୍ତ କରାଯାଉଛି। ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ଡିଏଫ୍‌ଓ ସଞ୍ଜିତ କୁମାର କହିଛନ୍ତି।

OFFICE OF THE PRINCIPAL
S.V.M. AUTOTOMOUS COLLEGE
JAGATSINGHPUR – 754103 (ODISHA)
Tel : 06724-220027, Fax : 06724-220119,
E-mail : svmcorissa@gmail.com

ADVERTISEMENT

Sealed quotations are invited from the intending suppliers /authorized dealers/ manufacturers having GST/ VAT clearance for supply of Science Laboratory equipments viz. apparatus, chemicals,- glassware, museum specimen, plant materials, charts and development of laboratory infrastructure and EPM registered farms for furniture (Desk-cum-Bench only) of this college under project RUSA. The quotations should reach the office of the Principal, S.V.M. Autonomous College, Jagatsinghpur through Regd.Post/ Speed Post only by 23.11.2019 upto 5 p.m. The sealed quotations will be opened on 25.11.2019 at 11 a.m. The details of specifications may be downloaded from our Website www.svmcauto.org.in. Earlier advertisement in this regard published in Odia 'daily "The Pragatibadi" and English daily "The Indian Express" on 25.9.2019 is hereby cancelled. The undersigned reserves the right to reject any or all quotations without assigning any reason thereof.

Sd./- Principal
S.V.M. Autonomous College, Jagatsinghpur

## ଝାରସୁଗୁଡ଼ା ଜିଲା କ୍ରିକେଟ ଲିଗ୍

# ଟିଆର୍‌ଏଲ କ୍ରୋସାକି, ଓରିଏଣ୍ଟ ସେମିଫାଇନାଲକୁ ଉନ୍ନୀତ

**ବେଲପାହାଡ଼, ୧୫।୧୧(ଡି.ଏନ୍.ଏ.)**



ଓରିଏଣ୍ଟ ଓ ଫ୍ରଣ୍ଟଫୁଟ ଦଳର ଖେଳାଳି।

ଝାରସୁଗୁଡ଼ା ଜିଲା ବେଲପାହାଡ଼ସ୍ଥିତ ଟିଆର୍‌ଏଲ୍ ଷ୍ଟାଡିୟମରେ ଗତ ୫ଦିନ ଧରି ଜିଲା କ୍ରିକେଟ ଲିଗ୍ ଚାଲିଛି । ଶୁକ୍ରବାର ୬ଷ୍ଠ ଦିନରେ ସ୍ଥାନୀୟ ଦୁଇ ଦଳ ଟିଆର୍‌ଏଲ୍ କ୍ରୋସାକି ଓ ଡାଏନାମିକ ମଧ୍ୟରେ ୨୦ ଓଭର ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଡାଏନାମିକ ଦଳ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୭ ଉଇକେଟ ହରାଇ ମୋଟ ୧୩୦ ରନ୍ ସଂଗ୍ରହ କରିଥିଲା। ଟିଆର୍‌ଏଲ କ୍ରୋସାକି ଦଳ ୬ ଉଇକେଟ ହରାଇ ୧୯.୪ ଓଭରରେ ୧୩୧ ରନ୍ କରି ବିଜୟୀ ହୋଇଥିଲା। ଏହି ମ୍ୟାଚ୍‌ରେ ଡାଏନାମିକ ଦଳର ବ୍ୟାଟ୍ସମ୍ୟାନ୍ ଅଭୟ ରାୟ ୩୨ ବଲ୍‌ରେ ୩୮ ରନ୍ କରି ଦଳ ପାଇଁ ସର୍ବାଧିକ ରନ୍ ସଂଗ୍ରହ କରିଥିଲେ। ସେହିପରି ଟିଆର୍‌ଏଲ୍ କ୍ରୋସାକି ଦଳର ବ୍ୟାଟ୍ସମ୍ୟାନ ଆଶିଷ ପ୍ରଧାନ ଦଳ ପାଇଁ ସର୍ବାଧିକ ୪୪ ବଲରେ ୫୧ ରନ୍ ସଂଗ୍ରହ କରିଥିଲେ। ଡାଏନାମିକ ଦଳର ବୋଲର୍ ଦୀପକ ମହନ୍ତ ବିପକ୍ଷ ଦଳର ୨ଟି ଉଇକେଟ ନେଇଥିଲେ ଏବଂ ଟିଆର୍‌ଏଲ୍ କ୍ରୋସାକି ଦଳର ବୋଲର୍ ଆଶିଷ ପ୍ରଧାନ ବିପକ୍ଷ ଦଳର ୩ ଉଇକେଟ ନେଇଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ବ୍ରଜରାଜନଗର ଓରିଏଣ୍ଟ ଦଳ ୮୩ ରନ୍‌ରେ ଝାରସୁଗୁଡ଼ା ଫ୍ରଣ୍ଟଫୁଟ ଦଳକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ଓରିଏଣ୍ଟ ଦଳ ପ୍ରଥମେ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୮୮ ରନ୍ ସଂଗ୍ରହ କରିଥିଲା। ସିଦ୍ଧାନ୍ତ ମହାନ୍ତି ସର୍ବାଧିକ ୪୭ ବଲରେ ୫୩ ରନ୍ ସଂଗ୍ରହ କରିଥିଲେ। ଏହାର ଜବାବ ଦେବାକୁ ଯାଇ ଫ୍ରଣ୍ଟଫୁଟ ଦଳ ୧୯.୩ ଓଭରରେ ସମସ୍ତ ୧୦ଟି ଉଇକେଟ ହରାଇ ମାତ୍ର ୬୪ ରନ୍ ସଂଗ୍ରହ କରିଥିଲା। ଏହି ଦଳର ବ୍ୟାଟ୍ସମ୍ୟାନ ହର୍ଷ ଲାଠ୍ ସର୍ବାଧିକ ୧୧ ବଲରେ ୧୮ ରନ୍ କରିଥିଲେ। ଦିଲୀପ ପଟ୍ଟନାୟକ କମେଣ୍ଟେଟର ଓ ଶିଭମ ଦୁବେ ସ୍କୋରର୍ ଦାୟିତ୍ୱ ନିର୍ବାହ କରିଥିଲେ। ଆସନ୍ତା ଶନିବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ ବେଲପାହାଡ଼ର ଟିଆର୍‌ଏଲ କ୍ରୋସାକି ଓ ବ୍ରଜରାଜନଗରର ଓରିଏଣ୍ଟ ଦଳ ମଧ୍ୟରେ ଅନୁଷ୍ଠିତ ହେବ। ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ବେଲପାହାଡ଼ର ଲିଓ ୟୁଥ ଆସୋସିଏଶନ ଓ ଝାରସୁଗୁଡ଼ାର ପ୍ରୋଗ୍ରେସିଭ ଦଳ ମଧ୍ୟରେ ଅନୁଷ୍ଠିତ ହେବ।

## ୨୦ରୁ ପଲ୍ଲୀଶ୍ରୀ ମେଳା

**ସମ୍ବଲପୁର, ୧୫।୧୧(ବ୍ୟୁରୋ)**

ସମ୍ବଲପୁର ଅଇଁଠାପାଲି ପିଏଚ୍‌ଡି ପଡିଆରେ ନଭେମ୍ବର ୨୦ ତାରିଖରୁ ପଲ୍ଲିଶ୍ରୀ ମେଳା ଆରମ୍ଭ ହେବ। ଏହା ଡିସେମ୍ବର ୨ ପର୍ଯ୍ୟନ୍ତ ଚାଲିବ । ଏଥିରେ ଖାଦ୍ୟ ଷ୍ଟଲ ସହିତ ମୋଟ ୨୨୦ଟି ଷ୍ଟଲ ଖୋଲିବ। ଶୁକ୍ରବାର ଡିଆଡିଏ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପିଡି ସୁକାନ୍ତ ତ୍ରିପାଠୀ ଏହି ସୂଚନା ଦେଇଛନ୍ତି। ପଞ୍ଜାବ, ରାଜ୍ୟସ୍ଥାନ, ଉତ୍ତରପ୍ରଦେଶ, ମଣିପୁର, ମହାରାଷ୍ଟ୍ର, ଗୁଜୁରାଟ, ପଶ୍ଚିମବଙ୍ଗ, ବିହାର, ତେଲେଙ୍ଗାନା, ଝାରଖଣ୍ଡ, ଉତ୍ତରାଖଣ୍ଡ, ଆନ୍ଧ୍ରପ୍ରଦେଶ, ଜମ୍ମୁ କାଶ୍ମୀର, ଲଦାଖର ହସ୍ତତନ୍ତ ସାମଗ୍ରୀ ଓ ଅନ୍ୟାନ୍ୟ ଜିନିଷ ଏହି ମେଳାରେ ବିକ୍ରି ସହ ପ୍ରଦର୍ଶିତ କରାଯିବ ବୋଲି ସୂଚନା ଦିଆଯାଇଛି।

ନ୍ୟାଶନାଲ ଇନ୍ସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍
(ଭାରତ ସରକାରଙ୍କ ଏକ ଉପକ୍ରମ)
ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ
नेशनल इन्श्योरेन्स National Insurance
୧୯୦୬ଠାରୁ ବିଶ୍ୱସନୀୟ
୬ଷ୍ଠ ମହଲା, ଇଡ୍‌କୋ ଟାୱାର୍ସ, ଜନପଥ, ଭୁବନେଶ୍ୱର - ୭୫୧୦୨୨

ଢେଙ୍କାନାଳଠାରେ କାର୍ଯ୍ୟାଳୟ ପରିସର ଆବଶ୍ୟକ

ଆମର ଢେଙ୍କାନାଳ ଶାଖା କାର୍ଯ୍ୟାଳୟ ପାଇଁ ମେନ୍ ରୋଡ୍, ଢେଙ୍କାନାଳଠାରେ ୧୦୦୦ ବର୍ଗ ଫୁଟ୍ କାର୍ପେଟ୍ ଏରିଆ ପରିମାପର ତଳ ମହଲା/ପ୍ରଥମ ମହଲା କିମ୍ବା ଲିଫ୍ଟ ସୁବିଧା ଥିବା ଉଚ୍ଚତର ମହଲାରେ, ଦୁଇଟି ଶୌଚାଳୟ (ଗୋଟିଏ ମହିଳାଙ୍କ ପାଇଁ), ୦୨ କାର୍ ଓ ୧୨ ଦୁଇଚକିଆ ପାର୍କିଂ ଜାଗା ରହିଥିବା କାର୍ଯ୍ୟାଳୟ ପରିସରକୁ ପ୍ରତ୍ୟେକ ୦୫ ବର୍ଷରେ ଉପଯୁକ୍ତ ଭଡ଼ା ବୃଦ୍ଧି ସହିତ ୧୫ ବର୍ଷ ପାଇଁ ଲିଜ୍ ସୂତ୍ରରେ ଦେବା ପାଇଁ ଦୁଇ ବିଡ୍ ଢାଞ୍ଚାରେ (ଟେକ୍ନିକାଲ୍ ଓ ଫାଇନାନ୍ସିଆଲ୍ ବିଡ୍) ଅଫର୍ ଆମନ୍ତ୍ରଣ କରାଯାଉଛି । ଟେଣ୍ଡର ଫର୍ମ ସମେତ ଦିଗ୍‌ନିର୍ଦ୍ଦେଶାବଳୀ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ, ଅନୁଗୋଳ ଡିଓ, ଏବଂ ଢେଙ୍କାନାଳ ବିଓରେ କାର୍ଯ୍ୟାଳୟ ନିର୍ଘଣ୍ଟ ମଧ୍ୟରେ ଉପଲବ୍ଧ ହେବ । ଟେଣ୍ଡର ଦାଖଲ/ପ୍ରାପ୍ତିର ଶେଷ ତାରିଖ ହେଉଛି ୦୨.୧୨.୨୦୧୯ ଅପରାହ୍ଣ ୪ ଘଟିକା ସୁଦ୍ଧା, ଯାହାକୁ ପଞ୍ଜୀକୃତ ଡାକ/ସ୍ପିଡ୍ ପୋଷ୍ଟ/କୋରିୟର୍ ସେବା ମାଧ୍ୟମରେ ଅଥବା ଇଡ୍‌କୋ ଟାୱାର୍ସ, ୬ଷ୍ଠ ମହଲା, ଭୁବନେଶ୍ୱରଙ୍କ ଆଞ୍ଚଳିକ କାର୍ଯ୍ୟାଳୟର ଟେଣ୍ଡର ବାକ୍ସରେ ସିଧାସଳଖ ପକାଯାଇପାରିବ। ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ ପ୍ରବନ୍ଧକ, ଇଷ୍ଟେଟ୍ ବିଭାଗ, ଆଞ୍ଚଳିକ କାର୍ଯ୍ୟାଳୟ/ଅନୁଗୋଳ ଡିଭିଜନାଲ କାର୍ଯ୍ୟାଳୟ, ହନୁମାନ ବଜାର, ଅନୁଗୋଳ – ୭୫୯୧୨୨ / ଢେଙ୍କାନାଳ ଶାଖା କାର୍ଯ୍ୟାଳୟ, ମଧୁକୁଞ୍ଜ, ସାଉଥ୍ ମଧୁବନ, ଢେଙ୍କାନାଳ – ୭୫୯୦୦୧ କିମ୍ବା ଫୋନ୍ ନଂ.: ୦୬୭୬୪-୨୩୦୬୦୨/୦୬୭୬୨-୨୨୪୫୨୨ କିମ୍ବା ଆମ ୱେବ୍‌ସାଇଟ୍: (www.nationalinsurance.nic.co.in) ପରିଦର୍ଶନ କରନ୍ତୁ ।
ଦଲାଲମାନେ ଆବେଦନ କରିବା ଆବଶ୍ୟକ ନୁହେଁ ।

(ସ୍ୱା./- ଅଭିରାମ ସେଠୀ)
ମୁଖ୍ୟ ଆଞ୍ଚଳିକ ପ୍ରବନ୍ଧକ

## ଟୋଲ୍‌ଗେଟ୍ ଉଚ୍ଛେଦ ଦାବିରେ ବ୍ରଜରାଜନଗର ବନ୍ଦ

**ବ୍ରଜରାଜନଗର, ୧୫।୧୧(ଡି.ଏନ୍.ଏ.)**

ଜାତୀୟ ରାଜପଥ ନଂ.୪୯ ନୂଆଡ଼ିହିଠାରେ ଥିବା ଟୋଲ୍‌ଗେଟ ଉଚ୍ଛେଦ ଦାବିରେ ଶୁକ୍ରବାର ସର୍ବଦଳ ସମନ୍ୱୟରେ ବ୍ରଜରାଜନଗର ବନ୍ଦ ଡାକରା ଦିଆଯାଇଥିଲା। ଏହି ବନ୍ଦ ପାଳନ ଶାନ୍ତି ଶୃଙ୍ଖଳା ସହ ସମ୍ପନ୍ନ ହୋଇଥିବା ଜଣାଯାଇଛି।

ସୂଚନାନୁଯାୟୀ, ଗତ ଅକ୍ଟୋବର ୨୫ ତାରିଖରୁ ୪୯ନଂ. ଜାତୀୟ ରାଜପଥର ନୂଆଡ଼ିହିଠାରେ ଥିବା ଟୋଲ୍‌ଗେଟ୍ ବନ୍ଦ ରହିଥିଲା। ହେଲେ ଗତକାଲି ଟୋଲ୍‌ଗେଟ୍ ପୁଣିଥରେ କାର୍ଯ୍ୟକ୍ଷମ କରିବାକୁ ଝାରସୁଗୁଡ଼ା ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲାପାଳ ପ୍ରଦୀପ ସାହୁଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ବ୍ରଜରାଜନଗର ଜନସାଧାରଣ ଓ ଏସ୍‌ପି ଅଶ୍ୱିନୀ ମହାନ୍ତି, ଅତିରିକ୍ତ ଏସ୍‌ପି ନୃପଚରଣ ଦଣ୍ଡସେନା ଉପସ୍ଥିତ ଥିଲେ। ବୈଠକରେ ଜନସାଧାରଣ ନୂଆଡ଼ିହିରେ ଥିବା ଟୋଲ୍‌ଗେଟ୍‌କୁ ଉଚ୍ଛେଦ କରିବା ପାଇଁ ଦାବି କରିଥିଲେ। ଫଳରେ ବୈଠକରେ କୌଣସି ନିଷ୍କର୍ଷ ବାହାରିପାରି ନ ଥିଲା। କେନ୍ଦ୍ର ଓ ରାଜ୍ୟ ସରକାର ଟୋଲ୍ ଟ୍ୟାକ୍ସ ଆଦାୟ ପାଇଁ ଚାପ ପକାଉଥିବା ଅତିରିକ୍ତ ଜିଲାପାଳ ସାହୁ ବୈଠକରେ ପ୍ରକାଶ କରିଥିଲେ। ହେଲେ ଏହାକୁ ପ୍ରତିବାଦ କରି ବ୍ରଜରାଜନଗରବାସୀ ଶୁକ୍ରବାର ସର୍ବଦଳ ସମନ୍ୱୟରେ ବନ୍ଦ ଡାକରା ଦେଇଥିଲେ। ଏହି ବନ୍ଦ ଡାକରାରେ ଯାନବାହନ ସ୍ୱାଭାବିକ ଥିବାବେଳେ ଦୋକାନ ବଜାର ସଂପୂର୍ଣ୍ଣ ବନ୍ଦ ଥିବା ଦେଖିବାକୁ ମିଳିଥିଲା। ପୌର କାର୍ଯ୍ୟାଳୟ ସମେତ ସହରରେ ଥିବା ସମସ୍ତ ଶିକ୍ଷାନୁଷ୍ଠାନ ଗୁଡ଼ିକ ବନ୍ଦ ରହିଥିଲା। ଏହି ବନ୍ଦ ପାଳନରେ ବିଜେଡି ସଭାପତି ଜୟନ୍ତ ଦିକ୍ଷୀତ, ଭାଜପା ନେତା ତପନ ସ୍ୱାଇଁ, ଟାଉନ କଂଗ୍ରେସ ସଭାପତି ପ୍ରମୋଦ ପଣ୍ଡାଙ୍କ ସମେତ ସଚିନ ଦାଶ, ଅଶୋକ ପ୍ରଧାନ, ପ୍ରକାଶ ସାହୁ, ରାଧେଶ୍ୟାମ ପ୍ରଧାନ, ନିର୍ମଳ ସାହୁ, ପ୍ରମୋଦ ପଟେଲ, କ୍ଷୀରୋଦ ରାଉତ, ଅନିଲ ଦାଶ ପ୍ରମୁଖ ନେତୃତ୍ୱ ନେଇଥିଲେ। ପ୍ରକାଶ ଥାଉକି ୪୯ନଂ. ଜାତୀୟ ରାଜପଥର ନୂଆଡ଼ିହି ଛକରେ ନିର୍ମାଣ ହୋଇଥିବା ଟୋଲ୍‌ଗେଟ୍ ପୌରପରିଷଦ ଭିତରେ ନିର୍ମାଣ ହୋଇଥିବା ନିୟମ ବିରୋଧୀ। ଏହାକୁ ଅନ୍ୟତ୍ର ସ୍ଥାନାନ୍ତରିତ କରାଯାଉ ବୋଲି ସ୍ଥାନୀୟ ଜନସାଧାରଣ ଦାବି କରୁଛନ୍ତି।

SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭

ଦଖଲ ନୋଟିସ୍
(ସ୍ଥାବର ସମ୍ପତ୍ତିଗୁଡ଼ିକ ନିମନ୍ତେ) [ରୁଲ୍- ୮ (୧)]

ନିମ୍ନ ସ୍ୱାକ୍ଷରକାରୀ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ଭୁବନେଶ୍ୱର**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ସହିତ ଧାରା ୧୩(୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ନୋଟିସ୍ ଦର୍ଶିତ ରାଶି ଏବଂ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଆନୁସଙ୍ଗିକ ଦେୟ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ରେ ଦିଆଯାଇଥିବା ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିକୁ ଦଖଲ ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନୋଟିସ୍ ଦର୍ଶିତ ରାଶି ଏବଂ ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଆଇନଗତ ଖର୍ଚ୍ଚ ଓ ଆନୁସଙ୍ଗିକ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।
**ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ନୋଟିସ୍ ତାରିଖ |
|---|---|---|---|
| **ଋଣଗ୍ରହୀତା: ମେସର୍ସ ବିକାଶ,** ସା: ରାମଚନ୍ଦ୍ରପୁର ରୋଡ଼, ଗ୍ରାମ: ଧାନଘର, ଚିକିଟି, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, **ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଭି. ବିକାଶ ରାଜୁ,** ସା: ମାଝିଡ଼େରା ସାହି, ପୋ: ପାତ୍ରପୁର, ଭାୟା: ଜରଡ଼ା, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୦୦୪/ **ଗ୍ୟାରେଣ୍ଟିଦାତା: ଶ୍ରୀ ଭି. ସୋମେଶ୍ୱର ରାଜୁ,** ସା: ମାଝିଡ଼େରା ସାହି, ପୋ: ପାତ୍ରପୁର, ଥାନା: ଜରଡ଼ା, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୦୦୪ | **୧. ଶ୍ରୀ ଭି. ସୋମେଶ୍ୱର ରାଜୁଙ୍କ** ନାମରେ ଥିବା ଜମି ର ସମସ୍ତ ଅଂଶବିଶେଷ ଯାହାର ମୌଜା: ପାତ୍ରପୁର, ତହସିଲ: ପାତ୍ରପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ଖାତା ନଂ.: ୩୫୪/୮୫୬, ପ୍ଲଟ ନଂ.: ୧୬୯୬, କ୍ଷେତ୍ର: ଏକର ୦.୦୨୨ ଡ଼ିସିମିଲ, କିସମ: ଘରବାରୀ **୨. ଶ୍ରୀ ଭି. ସୋମେଶ୍ୱର ରାଜୁଙ୍କ** ନାମରେ ଥିବା ଜମି ର ସମସ୍ତ ଅଂଶବିଶେଷ ଯାହାର ମୌଜା: ପାତ୍ରପୁର, ତହସିଲ: ପାତ୍ରପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ଖାତା ନଂ.: ୩୫୪/୯୩୯, ପ୍ଲଟ ନଂ.: ୧୫୦୩, କ୍ଷେତ୍ର: ଏକର ୦.୦୧୮ ଡ଼ିସିମିଲ, କିସମ: ଘରବାରୀ **୩. ଶ୍ରୀ ଭି. ବିକାଶ ରାଜୁଙ୍କ** ନାମରେ ଥିବା ଜମି ର ସମସ୍ତ ଅଂଶବିଶେଷ ଯାହାର ମୌଜା: ରାମଚନ୍ଦ୍ରପୁର, ତହସିଲ: ଚିକିଟି, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ଖାତା ନଂ.: ୧୬୫/୪୪୧, ପ୍ଲଟ ନଂ.: ୪୮୬/୨୭୨୮, କ୍ଷେତ୍ର: ଏକର ୦.୧୦୫ ଡ଼ିସିମିଲ, କିସମ: ଘରବାରୀ | ତା.୩୧.୦୩.୨୦୧୯ ପର୍ଯ୍ୟନ୍ତ ସୁଧ ଏବଂ ଖର୍ଚ୍ଚ ସହିତ ଟ.୧,୫୦,୬୮,୬୦୯/- + ସେବାବଦ ସୁଧ ଏବଂ ଖର୍ଚ୍ଚ | ୦୩.୦୪.୨୦୧୯ / ୧୫.୧୧.୨୦୧୯ |

ସ୍ଥାନ: ଭୁବନେଶ୍ୱର
ତାରିଖ : ୧୫.୧୧.୨୦୧୯
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

IN THE DEBTS RECOVERY TRIBUNAL AT CUTTACK
C-71, Sector-7, CDA, Cuttack- 753014 (Odisha)
O.A.No. 143/2019

Utkal Grameen Bank
Stressed Asset Recovery Branch Sambalpur .... Applicant
-Versus-
Tapan Pradhan & Others .... Defendants
To,
Defendant No.1: Tapan Pradhan, S/o: Late Jaharu Pradhan, At- Bazarpada, Belpahar, Po- Belpahar, Ps- Brajarajnagar, Dist- Jharsuguda, PIN- 768218
Defendant No.2: Bharat Kumar Pradhan, S/o: Late Jaharu Pradhan, At- Bazarpada, Belpahar, Po- Belpahar, Ps- Brajarajnagar, Dist- Jharsuguda, PIN- 768218
Defendant No.3: Debaki Pradhan, W/o: Late Jaharu Pradhan, At- Bazarpada, Belpahar, Po- Belpahar, Ps- Brajarajnagar, Dist- Jharsuguda, PIN- 768218
Defendant No.4: Jamuna Pradhan, D/o: Late Jaharu Pradhan, At- Bazarpada, Belpahar, Po- Belpahar, Ps- Brajarajnagar, Dist- Jharsuguda, PIN- 768218
Defendant No.5: Ramesh Bhainsal, S/o: Srikara Bhainsal, At- Sarada, Po- Belpahar, Ps- Brajarajnagar, Dist- Jharsuguda, PIN- 768218

Summons by Paper Publication for Showing Cause as to Why the Relief Prayed for should not be granted

Take notice that the Applicant has instituted the aforesaid Original Application before this Tribunal for recovery of Rs. 31,18,103.00 only together with current and future interest, cost and other reliefs.
You are therefore hereby directed to appear before this Tribunal in person or through authorised agent, in support of your defence to show cause within 30 days from the date of publication or on 24th day of December, 2019 at 10.30 A.M. as to why the reliefs prayed for should not be granted.
Take notice that in case of default the Application will be heard and determined in your absence.
Given under my hand and seal of this Tribunal, on this 8th day of November, 2019

Manoj Kumar Patnaik
Registrar
Debts Recovery Tribunal, Cuttack



ହେ ପ୍ରାଣୀ ନିଜ ଆତ୍ମା ସହିତ ଯୁଦ୍ଧ କର। ବାହାର ଲୋକଙ୍କ ସହିତ ଯୁଦ୍ଧକରି କିଛି ଲାଭନାହିଁ। ଦୁଷ୍ଟ ଆତ୍ମା ସମାନ ଯୁଦ୍ଧଯୋଗ୍ୟ ଦ୍ୱିତୀୟ ବସ୍ତୁ ନାହିଁ।
- ମହାବୀର



## ସଂକ୍ଷେପରେ

### ଯୌତୁକ ପାଇଁ ବଧୂହତ୍ୟା ଅଭିଯୋଗ

**ବାସୁଦେବପୁର, ୧୫।୧୧ (ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ପଢୁଁଆ ଗ୍ରାମର ପଙ୍କଜିନୀ ସାହୁ ନାମ୍ନୀ ଜଣେ ବିବାହିତା ମହିଳାଙ୍କ ଶୁକ୍ରବାର ସନ୍ଦେହଜନକ ମୃତ୍ୟୁ ଘଟିଛି। ପଙ୍କଜିନୀଙ୍କୁ ଯୌତୁକ ପାଇଁ ହତ୍ୟା କରାଯାଇଥିବା ତାଙ୍କ ବାପା ନରସିଂହପୁର ଗ୍ରାମର ହରେକୃଷ୍ଣ ସାହୁ ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଏକ ମାମଲା(ନଂ.୩୫୨/୧୯) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଏଥିସହ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଛି। ହରେକୃଷ୍ଣ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ୪ ବର୍ଷ ତଳେ ପଙ୍କଜିନୀ ପଢୁଁଆ ଗ୍ରାମର ରବୀନ୍ଦ୍ର ସାନ୍ତରାଙ୍କୁ ପ୍ରେମବିବାହ କରିଥିଲେ। ପରେ ତାଙ୍କ ପକ୍ଷରୁ ଯୌତୁକ ସାମଗ୍ରୀ ସହିତ ନଗଦ ୫୦ ହଜାର ଟଙ୍କା ଦିଆଯାଇଥିଲା। ତେବେ ଅଧିକ ଯୌତୁକ ଦାବି କରି ଶାଶୁଘର ଲୋକେ ପଙ୍କଜିନୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଆସୁଥିଲେ। ଏ ବାବଦରେ ପଙ୍କଜିନୀ ତାଙ୍କୁ ପୂର୍ବରୁ ଜଣାଇଥିଲେ। ଶୁକ୍ରବାର ଶାଶୁଘରୁ ପଙ୍କଜିନୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ତାଙ୍କ ଝିଅକୁ ମାରି ଟାଙ୍ଗି ଦିଆଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି।

### ବ୍ୟାଙ୍କ ଆକାଉଣ୍ଟରୁ ୨୦ ହଜାର ଗାଏବ

**ଭୋଗରାଇ,୧୫।୧୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଧୀନ ଜୟରାମପୁର ଗ୍ରାମର ଜୟଦେବ ଭୂୟାଁଙ୍କ ଆକାଉଣ୍ଟରୁ ୨୦ ହଜାର ଟଙ୍କା ଗାଏବ ହୋଇଯିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। କେହି ଜଣେ ଅଚିହ୍ନା ଲୋକ ବ୍ୟାଙ୍କ କର୍ମଚାରୀ ପରିଚୟ ଦେଇ ତାଙ୍କ ଫୋନକୁ କଲ୍ କରି ତାଙ୍କ ଆକାଉଣ୍ଟ ଇମେଲ୍ ଆଇଡ଼ି ଅପଡ଼େଟ୍ କରିବା ପାଇଁ ତାଙ୍କ ଏଟିଏମ୍ ପିନକୋର୍ଡ଼ ନମ୍ବର ମାଗିଥିଲେ। ସିକ୍ରେଟ୍ ପିନ୍‌କୋର୍ଡ଼ ନମ୍ବର ନ ଦେଲେ ବ୍ୟାଙ୍କ ଆକାଉଣ୍ଟ ଅଚଳ ହୋଇଯିବ ବୋଲି ସେ କହିଥିଲେ। ଏହାକୁ ବିଶ୍ୱାସ କରି ବ୍ୟାଙ୍କ ଆକାଉଣ୍ଟଧାରୀ ତାଙ୍କ ସିକ୍ରେଟ୍ ପିନ୍‌କୋର୍ଡ଼ ନମ୍ବର ଦେବା ପରେ ଆକାଉଣ୍ଟରେ ଥିବା ୨୦ହଜାର ଟଙ୍କା ଗାଏବ ହୋଇଯାଇଥିଲା। ଏହି ଘଟଣାରେ ଜୟଦେବ ଭୂୟାଁ ବାଲେଶ୍ୱର ଏସ୍‌ପିଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଭୋଗରାଇ ଥାନା ପକ୍ଷରୁ ତଦନ୍ତ କରାଯାଇଛି।

## ଝୁରିମାଲଠାରେ କୃଷିଭିତ୍ତିକ ତାଲିମ ଶିବିର

# କୃଷିର ଉନ୍ନତି ହିଁ ସାମାଜିକ ବିକାଶର ମୂଳମନ୍ତ୍ର

**ଲେଫ୍ରିପଡ଼ା,୧୫।୧୧(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବ୍ଲକ୍ ଅନ୍ତର୍ଗତ ଝୁରିମାଲଠାରେ କୃଷିଭିତ୍ତିକ ତାଲିମ ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସୁନ୍ଦରଗଡ଼ ବନଖଣ୍ଡ ଅଧିକାରୀ ଡ. ଅରୁଣ କୁମାର ମିଶ୍ର ଯୋଗଦାନ କରି କୃଷିର ଉନ୍ନତି ହିଁ ସାମାଜିକ ବିକାଶର ମୂଳମନ୍ତ୍ର ବୋଲି ମତାମତ ଦେଇଥିଲେ। କାର୍ଯ୍ୟକ୍ରମରେ ବନଖଣ୍ଡ କାର୍ଯ୍ୟାଳୟର ଗୋପାଳ ଚନ୍ଦ୍ର ଶୁକ୍ଳ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ଉଜ୍ୱଳପୁର ରେଞ୍ଜର ସଂଗ୍ରାମ କେଶରୀ ମଣିହୀରା ଜଙ୍ଗଲ ସୁରକ୍ଷାର ବିଭିନ୍ନ ଦିଗରେ ଉଦ୍‌ବୋଧନ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକର ଟିମ୍ ଲିଡର ଦିଗାମ୍ବର ଉପାଧ୍ୟାୟ ସ୍ୱାଗତ ଭାଷଣ ପ୍ରଦାନ କରି ଓଡିଶା ବନାଞ୍ଚଳ ମାଧ୍ୟମରେ ପାରମ୍ପରିକ କୃଷିର ବିକାଶ ନିମନ୍ତେ ଉଜ୍ୱଳପୁର ବନାଞ୍ଚଳ ଏବଂ ସେବକର ମିଳିତ ଉଦ୍ୟମରେ ୩୦ଗୋଟି ବନସୁରକ୍ଷା ସମିତିକୁ ସହଭାଗିତା ଅଣୁଯୋଜନା ପ୍ରସ୍ତୁତି କରାଯାଇ ଜୈବିକ ପଦ୍ଧତିରେ ଜ୍ଞାନକୌଶଳ ବୃଦ୍ଧି ନିମନ୍ତେ ବିଭିନ୍ନ କରାଯାଉଥିବା କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଆଗାମୀ ଦିନରେ ଉଜ୍ୱଳପୁର ବନାଞ୍ଚଳରେ ୧୨୦୦ଚାଷୀଙ୍କୁ ତାଲିମ କରାଯାଇ ଭାରତ ସରକାରଙ୍କ ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନାରେ ଏକ ଲକ୍ଷ କୃଷି ଉଦ୍ୟୋଗୀ ସୃଷ୍ଟି କରାଯିବା ଲକ୍ଷ୍ୟ ରହିଛି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରାମ ତରଙ୍ଗ ତଥା ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ପାରଳାଖେମୁଣ୍ଡିର ସହଯୋଗ କ୍ରମେ ଝୁରିମାଲ, ଦିଆମୁଣ୍ଡା, ଅଉଁଲାବାହଲ ଗ୍ରାମର ଚାଷୀଙ୍କୁ ଜୈବିକ ପଦ୍ଧତିରେ ଉନ୍ନତ ବିହନ ପ୍ରସ୍ତୁତି ଓ ପନିପରିବା ଚାଷ ଉପରେ ତାଲିମ ପ୍ରଦାନ କରାଯାଇଥିଲା। ଏଥିରେ ଝୁରିମାଲ ଗ୍ରାମର ବନସୁରକ୍ଷା ସମିତିରୁ ୪୬ଜଣ, ଅଉଁଲାବାହାଲ ସମିତିର ୬୯ଜଣ ଏବଂ ଦିଆମୁଣ୍ଡା ସମିତିର ୩୧ଜଣ ଚାଷୀ ଭାଗ ନେଇଥିଲେ। ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟରୁ ମଧୁସ୍ମିତା ବେହେରା, ଭାଗ୍ୟଶ୍ରୀ ସାହୁ, ସୋନାଲି ନାଏକ ଏବଂ ସିପ୍ରା ନାଏକ ତାଲିମ ପ୍ରଦାନ କରିଥିଲେ। ଏଥିରେ ସେବକର ଗଙ୍ଗାଧର କିଷାନ, ହରିପ୍ରିୟା ନାଏକ, ରାଜେଶ ମହାପାତ୍ର, ସବ୍ୟସାଚୀ ରଥ, ସୁକାନ୍ତ ପାଣି, ମନୋରଞ୍ଜନ ମଲ୍ଲିକ, ବନପାଳ ତୃଷ୍ଣା ନାଏକ ପ୍ରମୁଖ ଉପସ୍ଥିତ ରହିଥିଲେ। ଶେଷରେ ଝୁରିମାଲ ବନସୁରକ୍ଷା ସମିତିର ନାରାୟଣ ଦଣ୍ଡସେନା ଧନ୍ୟବାଦ ପ୍ରଦାନ କରିଥିଲେ।



ଝୁରିମାଲଠାରେ କୃଷିଭିତ୍ତିକ ତାଲିମ ଶିବିରରେ ଉପସ୍ଥିତ ଚାଷୀ।



ଜିଲା କଂଗ୍ରେସ ପକ୍ଷରୁ ଧରିତୀ ଆବା ବିର୍ସାଙ୍କ ଜୟନ୍ତୀ ଉପଲକ୍ଷେ ଉପସ୍ଥିତ ଅତିଥି।

## ଜିଲା କଂଗ୍ରେସ ପକ୍ଷରୁ ଧରତୀ ଆବା ବିର୍ସାଙ୍କ ଜୟନ୍ତୀ

**ରାଉରକେଲା ଅଫିସ,୧୫।୧୧–** ସ୍ୱାଧୀନତା ସଂଗ୍ରାମୀ ତଥା ଧରତୀ ଆବା ଶହୀଦ ବୀର ବିର୍ସା ମୁଣ୍ଡାଙ୍କ ୧୪୪ତମ ଜୟନ୍ତୀ ଶୁକ୍ରବାର ଜିଲା କଂଗ୍ରେସ ପକ୍ଷରୁ ପାଳନ କରାଯାଇ ଥିଲା। ଦଳର ସେକ୍ଟର ୨୧ ନଂ. କାର୍ଯ୍ୟାଳୟ କଂଗ୍ରେସ ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ନେତା ରବି ରାୟ ମାଲ୍ୟାର୍ପଣ କରିଥିଲେ। ଏଥିରେ ଉପସ୍ଥିତ ଦଳୀୟ କର୍ମକର୍ତ୍ତା ବିର୍ଶା ମୁଣ୍ଡାଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଏହି ଅବସରରେ ରବି ରାୟଙ୍କ ନେତୃତ୍ୱରେ ବିର୍ଶା ଛକ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ଅବସରରେ ରାୟ କହିଥିଲେ ବିର୍ଶା ମୁଣ୍ଡାଙ୍କ ଭଳି ସ୍ୱାଧୀନତା ସଂଗ୍ରାମୀଙ୍କ ସମାଜ ପ୍ରତି ଅଙ୍ଗୀକାର ବଦ୍ଧତା ଓ ସମର୍ପଣ ଭାବକୁ ଯେତେ ପ୍ରଶଂସା କଲେ ବି କମ ପଡିବ। ସ୍ୱାଧୀନତା କାଳରେ ସଚେତନ ବିର୍ଶା ନିଜ ଦେଶ ମାତୃକା ପାଇଁ ହସି ହସି ପ୍ରାଣ ବଳି ଦେବା କମ୍ ଗୌରବର କଥା ନୁହେଁ। ଇଂରେଜ ସରକାରଙ୍କ ବିରୋଧରେ ସାଲିସବିହୀନ ସଂଗ୍ରାମ କରି ଦେଶ ପାଇଁ ଯଶକୀର୍ତ୍ତି ଅର୍ଜନ କରିଥିବା ବିଶ୍ରା ମୁଣ୍ଡାଙ୍କ ଜୀବନ ସଂଗ୍ରାମରେ ଉଦ୍‌ବୃଦ୍ଧ ହେବାକୁ ରାୟ ପରାମର୍ଶ ଦେଇଥିଲେ। ପ୍ରଜାମେଳି ମାଧମରେ ଇଂରେଜଙ୍କ ମନରେ ଭୟ ସଞ୍ଚାର କରିଥିବା ବିର୍ଶା ଶେଷରେ ଇଂରେଜଙ୍କ ହାତରେ ଧରାପଡି ବନ୍ଦୀ ଅବସ୍ଥାରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ତାଙ୍କ ବୀରତ୍ୱ, ତ୍ୟାଗ ଓ ଦେଶପ୍ରେମ ପାଇଁ ଏ ମାଟି ଆଜି ଗର୍ବିତ ବୋଲି ରାୟ କହିଥିଲେ। ଏହି କାର୍ଯ୍ୟକ୍ରମରେ ସବିର ହୁସେନ, ଅଜିତ ସାମଲ, ରଶ୍ମି ପାଢୀ, ଦୁଃସା ନାୟକ, ମାନୁ ସାମଲ, ଗୀତା ସିଂ, ବନମାଳୀ ବିଶୋୟୀ, ଧର୍ମେନ୍ଦ୍ର ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ୨୪ରୁ ଭିଲାଇରେ ଏସ୍‌ଡବ୍ଲ୍ୟୁଏଫ୍‌ଆଇର ସର୍ବଭାରତୀୟ ସମ୍ମିଳନୀ

**ରାଉରକେଲା ଅଫିସ, ୧୫।୧୧**

କୋଲକାତାରେ ଏସ୍‌ଡବ୍ଲ୍ୟୁଏଫ୍‌ଆଇର କର୍ମକର୍ତ୍ତା ବୈଠକ ସିଟୁ ସାଧାରଣ ସମ୍ପାଦକ ତପନ ସେନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୪, ୨୫ ଓ ୨୬ରେ ଭିଲାଇରେ ଷ୍ଟିଲ ୱାର୍କର୍ସ ଫେଡେରେଶନର ଅଫ୍ ଇଣ୍ଡିଆର ନବମ ସର୍ବଭାରତୀୟ ସମ୍ମିଳନୀ ଅନୁଷ୍ଠିତ ହେବ। ଏହି ସମ୍ମିଳନୀରେ ବିଦେଶୀ ପ୍ରତିନିଧି ଯୋଗଦେବେ। ୨୭ ତାରିଖ ଦିନ ଆନ୍ତର୍ଜାତିକ ପ୍ରତିନିଧିଙ୍କ ସହ ଏସ୍‌ଡବ୍ଲ୍ୟୁଏଫ୍‌ଆଇ ନେତୃବର୍ଗଙ୍କ ବୈଠକ ଅନୁଷ୍ଠିତ ହେବ। ଏହି ଅବସରରେ ଉପସଭାପତି ବିଷ୍ଣୁ ମହାନ୍ତି ସେଲ ତଥା ଶ୍ରମିକମାନଙ୍କ ସମସ୍ୟା ନେଇ ଆଲୋଚନା କରିଥିଲେ। ଇସ୍ପାତ୍ ଶ୍ରମିକମାନଙ୍କ ଦୁର୍ବଳ ଆନ୍ଦୋଳନ ଯୋଗୁ ଏନଜେସିଏସ ଚୁକ୍ତିନାମା ହୋଇପାରୁନାହିଁ। ଚୁକ୍ତିନାମା ସତ୍ତ୍ୱେ ପେନସନ କାର୍ଯ୍ୟକାରୀ ହେଉନାହିଁ। ଶିକ୍ଷା, ସ୍ୱାସ୍ଥ୍ୟ ଆଦି ବ୍ୟବସ୍ଥା କାଟ କରାଯାଉଛି। ନୂତନ ନିଯୁକ୍ତି ମିଳୁ ନ ଥିବା ବେଳେ ଶ୍ରମିକ ସଂଖ୍ୟା ହ୍ରାସ ସହ ବ୍ୟାପକ ଠିକାକରଣ ଚାଲିଛି। ଶେଷରେ ସେଲକୁ ଘରୋଇକରଣ କରିବା ପାଇଁ କେନ୍ଦ୍ର ସରକାର ଯୋଜନା କରୁଛନ୍ତି। ଏହା ବିରୋଧରେ ସଙ୍ଗଠିତ ଆନ୍ଦୋଳନ କରିବାକୁ ପଡ଼ିବ ବୋଲି ସେ କହିଥିଲେ। ସାଧାରଣ ସମ୍ପାଦକ ପି.କେ.ଦାସ ସାଙ୍ଗଠନିକ ବ୍ୟବସ୍ଥା ଓ ରିପୋର୍ଟ ସମ୍ପର୍କରେ ଆଲୋଚନା କରିଥିଲେ। ରାଉରକେଲାରେ ଅଷ୍ଟମ ସମ୍ମିଳନୀର ସଫଳତା ପରେ ଭିଲାଇରେ ନବମ ସମ୍ମିଳନୀ ହେବ। ଏହା ଇସ୍ପାତ ଶ୍ରମିକ ଆନ୍ଦୋଳନକୁ ନୂଆ ଦିଗଦର୍ଶନ ଦେବ। ଶିଳ୍ପ ଜଗତରେ ଆର୍ଥିକ ମାନ୍ଦାବସ୍ଥା ସତ୍ତ୍ୱେ ଇସ୍ପାତ ଶ୍ରମିକ ଓ ଠିକା ଶ୍ରମିକମାନଙ୍କ ମିଳିତ ପ୍ରୟାସରେ ସେଲକୁ ଲାଭ ମିଳିଛି। ଏଣୁ ଶ୍ରମିକମାନେ ସେମାନଙ୍କ ନ୍ୟାଯ୍ୟ ପାଇବା ପାଇଁ ହକଦାର। ସରକାରଙ୍କ ଶ୍ରମିକ ମାରଣ ନୀତି ଓ ଘରୋଇକରଣ ନୀତି ବିରୋଧରେ ବୃହତ୍ ଆନ୍ଦୋଳନ କରିବାକୁ ପଡ଼ିବ। ଏହାସହ ଶ୍ରମିକମାନଙ୍କ ସ୍ୱାର୍ଥ ପାଇଁ ସିଟୁର ନିଜସ୍ୱ ଆନ୍ଦୋଳନ ସହ ମିଳିତ ଆନ୍ଦୋଳନ ମଧ କରିବାକୁ ପଡ଼ିବ ବୋଲି ସେ କହିଥିଲେ। ଭିଲାଇ ସମ୍ମିଳନୀରେ ମୁଖ୍ୟତଃ ୫ଟି ଦାବି ଉପରେ ପ୍ରାଧାନ୍ୟ ଦିଆଯିବ। ସେଲକୁ ଘରୋଇକରଣରୁ ରକ୍ଷା। ତୁରନ୍ତ ଏନଜେସିଏସରେ ଇସ୍ପାତ ଶ୍ରମିକ ଓ ଠିକା ଶ୍ରମିକଙ୍କ ମଜୁରି ଚୁକ୍ତିନାମା, ବ୍ୟାପକ ନିଯୁକ୍ତି ବ୍ୟବସ୍ଥା, ସ୍ଥାନୀୟ ନିଯୁକ୍ତିକୁ ପ୍ରାଧାନ୍ୟ, ସେଲ ପେନସନକୁ କାର୍ଯ୍ୟକାରୀ କରିବା ସହ ଖାଲିଥିବା ଘରଗୁଡ଼ିକୁ ଶ୍ରମିକମାନଙ୍କୁ ପ୍ରଦାନ, ସହରାଞ୍ଚଳ ଓ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ସମସ୍ତ ପ୍ରକାର ସାମାଜିକ ସୁରକ୍ଷା ତଥା ମୌଳିକ ସୁବିଧା ଯୋଗାଇଦେବା ପାଇଁ ସମସ୍ତ ପ୍ରକାର ସାମାଜିକ ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ନେବ। ଏଥିସହିତ ଡିପ୍ଲୋମା, ଆଇଟି ତଥା ଅନ୍ୟାନ୍ୟ ଶିକ୍ଷାନବିଶଙ୍କୁ ପୂର୍ବ ଗ୍ରେଡରେ ନିଯୁକ୍ତି, ଠିକା ଶ୍ରମିକଙ୍କୁ କେନ୍ଦ୍ର ସରକାରଙ୍କ ସର୍ବନିମ୍ନ ମଜୁରି ତଥା ଅନୁକମ୍ପା ମୂଳକ ନିଯୁକ୍ତି ଉପରେ ଆଲୋଚନା ହେବ। ଉକ୍ତ ବୈଠକାରେ ରାଉରକେଲାରୁ ବସନ୍ତ ନାୟକ, ବିମାନ ମାଇତି ଓ ପ୍ରମୋଦ ସାମଲ ଯୋଗଦେଇଥିଲେ।

## ଟ୍ରେନ୍ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

**ଯୋଡ଼ା, ୧୫।୧୧(ଡି.ଏନ.ଏ.):** କେନ୍ଦୁଝର ଜିଲା ଯୋଡା ଥାନା ବିଲେଇପଦା ଫାଣ୍ଡି ଦେଓଝର ରେଳ ସାଇଡିଂରେ ଟ୍ରେନ ଧକ୍କାରେ ଜଣେ ବୃଦ୍ଧଙ୍କର ଶୁକ୍ରବାର ମୃତ୍ୟୁ ଘଟିଥିବା ଜଣାପଡିଛି। ମୃତକ ହେଲେ ଗୋବର୍ଦ୍ଧନପୁର ଗ୍ରାମ କଦଳିବାଡି ସାହିର ବୁଦ୍ଧୁରାମ ମୁଣ୍ଡା(୬୨)। ଅପରାହ୍ନ ପ୍ରାୟ ୩ଟା ସମୟରେ ସେ ଦେଓଝର ରେଳ ସାଇଡିଂର ୬ନଂ ଟ୍ରାକ୍ ଲାଇନ୍ ପାର ହେଉଥିବା ବେଳେ ଏକ ମାଲବାହି ଟ୍ରେନ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଦୁର୍ଘଟଣା ରେଳ ସାଇଡିଂରେ ଘଟିଥିବାରୁ ରେଳବାଇ ପୋଲିସ ଏହାର ତଦନ୍ତ କରୁଥିବା ବିଲେଇପଦା ଫାଣ୍ଡି ଅଧିକାରୀ ରଞ୍ଜନ କୁମାର ବିଶ୍ୱାଳ ସୂଚନା ଦେଇଛନ୍ତି।

OFFICE OF THE PRINCIPAL
S.V.M. AUTOTOMOUS COLLEGE
JAGATSINGHPUR – 754103 (ODISHA)
Tel : 06724-220027, Fax : 06724-220119,
E-mail : svmcorissa@gmail.com

ADVERTISEMENT

Sealed quotations are invited from the intending suppliers /authorized dealers/ manufacturers having GST/ VAT clearance for supply of Science Laboratory equipments viz. apparatus, chemicals,- glassware, museum specimen, plant materials, charts and development of laboratory infrastructure and EPM registered farms for furniture (Desk-cum-Bench only) of this college under project RUSA. The quotations should reach the office of the Principal, S.V.M. Autonomous College, Jagatsinghpur through Regd.Post/ Speed Post only by 23.11.2019 upto 5 p.m. The sealed quotations will be opened on 25.11.2019 at 11 a.m. The details of specifications may be downloaded from our Website www.svmcauto.org.in. Earlier advertisement in this regard published in Odia 'daily "The Pragatibadi" and English daily "The Indian Express" on 25.9.2019 is hereby cancelled. The undersigned reserves the right to reject any or all quotations without assigning any reason thereof.

Sd./- Principal
S.V.M. Autonomous College, Jagatsinghpur


ନ୍ୟାଶନାଲ ଇନ୍‌ସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍
(ଭାରତ ସରକାରଙ୍କ ଏକ ଉପକ୍ରମ)
ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ
ନେଶନଲ ଇନ୍‌ଶ୍ୟୋରେନ୍ସ National Insurance
୧୯୦୬ଠାରୁ ବିଶ୍ୱସନୀୟ
୬ଷ୍ଠ ମହଲା, ଇଡ୍‌କୋ ଟାୱାର୍ସ, ଜନପଥ, ଭୁବନେଶ୍ୱର - ୭୫୧୦୨୨

ଢେଙ୍କାନାଳଠାରେ କାର୍ଯ୍ୟାଳୟ ପରିସର ଆବଶ୍ୟକ

ଆମର ଢେଙ୍କାନାଳ ଶାଖା କାର୍ଯ୍ୟାଳୟ ପାଇଁ ମେନ୍ ରୋଡ୍, ଢେଙ୍କାନାଳଠାରେ ୧୦୦୦ ବର୍ଗ ଫୁଟ୍ କାର୍ପେଟ୍ ଏରିଆ ପରିମାପର ତଳ ମହଲା/ପ୍ରଥମ ମହଲା କିମ୍ବା ଲିଫ୍ଟ ସୁବିଧା ଥିବା ଉଚ୍ଚତର ମହଲାରେ, ଦୁଇଟି ଶୌଚାଳୟ (ଗୋଟିଏ ମହିଳାଙ୍କ ପାଇଁ), ୦୨ କାର୍ ଓ ୧୨ ଦୁଇଚକିଆ ପାର୍କିଂ ଜାଗା ରହିଥିବା କାର୍ଯ୍ୟାଳୟ ପରିସରକୁ ପ୍ରତ୍ୟେକ ୦୫ ବର୍ଷରେ ଉପଯୁକ୍ତ ଭଡ଼ା ବୃଦ୍ଧି ସହିତ ୧୫ ବର୍ଷ ପାଇଁ ଲିଜ୍ ସୂତ୍ରରେ ଦେବା ପାଇଁ ଦୁଇ ବିଡ୍ ଲଉମୁଦଦିଆ (ଟେକ୍ନିକାଲ୍ ଓ ଫାଇନାନ୍ସିଆଲ୍ ବିଡ୍) ଅଫର୍ ଆମନ୍ତ୍ରଣ କରାଯାଉଛି । ଟେଣ୍ଡର ଫର୍ମ ସମେତ ଦିଗ୍‌ନିର୍ଦ୍ଦେଶାବଳୀ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ, ଅନୁଗୋଳ ଡିଓ, ଏବଂ ଢେଙ୍କାନାଳ ବିଓରେ କାର୍ଯ୍ୟାଳୟ ନିର୍ଘଣ୍ଟ ମଧରେ ଉପଲବ୍ଧ ହେବ । ଟେଣ୍ଡର ଦାଖଲ/ପ୍ରାପ୍ତିର ଶେଷ ତାରିଖ ହେଉଛି ୦୨.୧୨.୨୦୧୯ ଅପରାହ୍ନ ୪ ଘଟିକା ସୁଦ୍ଧା, ଯାହାକୁ ପଞ୍ଜୀକୃତ ଡାକ/ସ୍ପିଡ୍ ପୋଷ୍ଟ/କୋରିୟର ସେବା ମାଧମରେ ଅଥବା ଇଡ୍‌କୋ ଟାୱାର୍ସ, ୬ଷ୍ଠ ମହଲା, ଭୁବନେଶ୍ୱରଙ୍କ ଆଞ୍ଚଳିକ କାର୍ଯ୍ୟାଳୟର ଟେଣ୍ଡର ବାକ୍ସରେ ସିଧାସଳଖ ପକାଯାଇପାରିବ। ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ ପ୍ରବନ୍ଧକ, ଇଷ୍ଟେଟ୍ ବିଭାଗ, ଆଞ୍ଚଳିକ କାର୍ଯ୍ୟାଳୟ/ଅନୁଗୋଳ ଡିଭିଜନାଲ କାର୍ଯ୍ୟାଳୟ, ହନୁମାନ ବଜାର, ଅନୁଗୋଳ – ୭୫୯୧୨୨ / ଢେଙ୍କାନାଳ ଶାଖା କାର୍ଯ୍ୟାଳୟ, ମଧୁକୁଞ୍ଜ, ସାଉଥ୍ ମଧୁବନ, ଢେଙ୍କାନାଳ – ୭୫୯୦୦୧ କିମ୍ବା ଫୋନ୍ ନଂ.: ୦୬୭୬୪-୨୩୦୬୦୨/୦୬୭୬୨-୨୨୪୫୨୨ କିମ୍ବା ଆମ ୱେବ୍‌ସାଇଟ୍: (www.nationalinsurance.nic.co.in) ପରିଦର୍ଶନ କରନ୍ତୁ ।
ଦଲାଲମାନେ ଆବେଦନ କରିବା ଆବଶ୍ୟକ ନୁହେଁ ।

(ସ୍ୱା./- ଅଭିରାମ ସେଠୀ)
ମୁଖ୍ୟ ଆଞ୍ଚଳିକ ପ୍ରବନ୍ଧକ

## ୨ ଲୁଟେରାଙ୍କ ସହ ସୁନା ଦୋକାନୀ ଗିରଫ



ଜବତ ସୁନା ଅଳଙ୍କାର ଓ ଗିରଫ ଅଭିଯୁକ୍ତମାନଙ୍କ ସମ୍ପର୍କରେ ଏସ୍‌ପି ସୂଚନା ଦେଉଛନ୍ତି।

**ବାରିପଦା ଅଫିସ, ୧୫।୧୧**

ଦୀର୍ଘ ଦିନ ପରେ ମୟୂରଭଞ୍ଜ ଜିଲା ପୋଲିସକୁ ଏକ ବଡ଼ ଧରଣର ସଫଳତା ମିଳିଛି। ଜିଲାରେ କିଛି ଦିନ ହେଲା ଛିନତାଇ କରି ଆତଙ୍କ ସୃଷ୍ଟି କରୁଥିବା ୨ ଯୁବକ ଓ ଜଣେ ସୁନା ଦୋକାନୀଙ୍କୁ ପୋଲିସ ଗିରଫ କରିଛି। ସେମାନଙ୍କ ନିକଟରୁ ୮୪୩ ଗ୍ରାମର ସୁନା ଅଳଙ୍କାର ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ପଡୋଶୀ ବାଲେଶ୍ୱର ଜିଲାର ବୋଲି ଶୁକ୍ରବାର ଜିଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ପରମାର ସ୍ମିଥ ପୁରୁଷୋତ୍ତମଦାସ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଗତ ୫ ତାରିଖରେ ଉଦଳା ଥାନା ଅଧୀନ ନାଗପାଳଠାରେ ଶକୁନ୍ତଳା ରାଉତ ନାମ୍ନୀ ଜଣେ ମହିଳାଙ୍କଠାରୁ ଦୁଇ ଯୁବକ ଏକ ମୋଟର ସାଇକଲରେ ଆସି ସୁନା ଚେନ ଛିନତାଇ କରି ଫେରାର ହୋଇଯାଇଥିଲେ। ଏନେଇ ସେ ଉଦଳା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୧୭୩/୧୯) ରୁଜୁ କରି ସିସି ଟିଭି ଫୁଟେଜ ଓ ବିଭିନ୍ନ କୌଶଳ ଅବଲମ୍ବନ କରି ଉଦଳା ବସଷ୍ଟାଣ୍ଡରୁ ବାଲେଶ୍ୱର ଜିଲା ବସ୍ତା ଥାନା ଅଧୀନ ଗୋବିନ୍ଦ ଗ୍ରାମର ରବିନ୍ଦ୍ର ନାୟକ ଓ କୁକୁଣ୍ଡେଇ ଗ୍ରାମର ଦୀପକ ଜେନାଙ୍କୁ ଅଟକ ରଖି ପଚରାଉଚୁରା କରିଥିଲା। ସେମାନେ ଛିନତାଇ କରିଥିବା ସ୍ୱୀକାର କରିଥିଲେ। ଛିନତାଇ ପରେ ସମସ୍ତ ସୁନା ଗହଣାକୁ ସେମାନେ ବାଲେଶ୍ୱର ଜିଲା ବସ୍ତା ଥାନା ଅଧୀନ ସିଙ୍ଗାରପୁର ଗ୍ରାମର ଦୀପକ ରଣାଙ୍କୁ ଦେଉଥିଲେ। ଦୀପକଙ୍କର ଏକ ସୁନା ଦେକାନ ଥିବା ବେଳେ ସେ ଛିନତାଇ ହୋଇଥିବା ସୁନାକୁ ତରଲାଇ ବିଭିନ୍ନ ଅଳଙ୍କାର କରି ନିଜ ଦୋକାନରେ ବିକ୍ରି କରୁଥିଲେ। ଏ ସମ୍ପର୍କରେ ସମସ୍ତ ସୂଚନା ପୋଲିସ ପାଇବା ପରେ ଦୀପକଙ୍କୁ ମଧ ଅଟକ ରଖି ପଚରାଉଚୁରା କରିଥିଲା।

ଜବତ ସୁନା ମଧରେ ବ୍ରେସଲେଟ, ଚେନ, ମଙ୍ଗଳସୂତ୍ର, ନେକଲେସ, ଲକେଟ, କାନ ଫୁଲ, ମୁଦି ଆଦି ରହିଛି। ଗିରଫ ଅଭିଯୁକ୍ତମାନେ ଛିନତାଇ ପାଇଁ ବ୍ୟବହାର କରୁଥିବା ଏକ ମୋଟର ସାଇକେଲ(ନଂ.ଓଡ଼ି୧୧ଏମ–୭୨୬୯)କୁ ପୋଲିସ ଜବତ କରିଛି। ଚଳିତ ବର୍ଷ ଏହି ଅଭିଯୁକ୍ତମାନଙ୍କ ନାମରେ ଉଦଳା ଥାନାରେ ୨ଟି , ବେତନଟୀ ଥାନାରେ ୪ଟି ଓ ବାଲେଶ୍ୱର ଜିଲା ସୋର ଥାନାରେ ୪ଟି ମାମଲାକୁ ମିଶାଇ ମୋଟ ୧୦ଟି ମାମଲା ରହିଛି। ସେହିପରି ଏହି ଅଭିଯୁକ୍ତମାନେ ୨୦୧୭ରେ ୫ଟି ମାମଲାରେ ସମ୍ପୃକ୍ତ ଥିବା ପୋଲିସ ସୂଚନା ଦେଇଛି।

## ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟରେ ଇଣ୍ଟିଗ୍ରିଟୀ କ୍ଲବ ଗଠିତ

**ସୁନ୍ଦରଗଡ଼,୧୫।୧୧ (ଡି.ଏନ୍.ଏ) –** ସ୍ଥାନୀୟ ସରକାରୀ ମହାବିଦ୍ୟାଳୟ ଠାରେ ଶୁକ୍ରବାର ଛାତ୍ରୀଛାତ୍ରମାନଙ୍କୁ ନେଇ ଇଣ୍ଟିଗ୍ରିଟୀ କ୍ଲବ ଗଠିତ ହୋଇଛି। ଦୁର୍ନୀତିକୁ ରୋକିବା, ଛାତ୍ରୀ ଛାତ୍ରଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା, ନାଗରିକମାନଙ୍କ ଅଧିକାର ଓ କର୍ତ୍ତବ୍ୟ ସମ୍ବନ୍ଧରେ ଅବଗତ ହେବା ଆଦି ଆଭିମୂଖ୍ୟକୁ ନେଇ ଏହି କ୍ଲବ ଗଠନ କରାଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. କିଶୋର କୁମାର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କ୍ଲବର ସଭାପତି ଭାବେ ଛାତ୍ରୀ ସୌମ୍ୟା ଆଚାର୍ଯ୍ୟ ଓ ଛାତ୍ର ଶକ୍ତି ତୁଳଶ୍ୟାନଙ୍କୁ ସମ୍ପାଦକ ଭାବେ ମନୋନୀତ କରାଯାଇଥିଲା। ଏହି କ୍ଲବ ଉପଦେଷ୍ଟା ମଣ୍ଡଳୀ ଅଧ୍ୟାପକ ଡ. ଲଳିତ ରଞ୍ଜନ ସାହୁ, ଡ.ବିନୋଦ ବିହାରୀ ମଲ୍ଲିକ, ସରୋଜ କୁମାର ପୂଜାରୀ, ପ୍ରଦୀପ ବହିଦାରଙ୍କ ପରାମର୍ଶରେ ପରିଚାଳିତ ହେବ । ମହାବିଦ୍ୟାଳୟର ପ୍ରତ୍ୟେକ ଶ୍ରେଣୀର ୫୫ଜଣ ଛାତ୍ରୀ ଛାତ୍ରଙ୍କ ମଧ୍ୟରେ ଜଣେ ଲେଖାଏଁ ପ୍ରତିନିଧିଙ୍କୁ ମନୋନୀତ କରାଯାଇଛି। କୌଣସି ଦୁର୍ନୀତିମୂଳକ କାର୍ଯ୍ୟ କଳାପ ସେମାନଙ୍କ ଦୃଷ୍ଟିକୁ ଆସିଲେ ୧୦୬୪ ନମ୍ବରକୁ ଫୋନ କରି ଜଣାଇବାକୁ କୁହାଯାଇଛି।

SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭

ଦଖଲ ନୋଟିସ୍
(ସ୍ଥାବର ସମ୍ପତ୍ତିଗୁଡିକ ନିମନ୍ତେ) [ରୁଲ୍-୮ (୧)]

ନିମ୍ନ ସ୍ୱାକ୍ଷରକାରୀ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ଭୁବନେଶ୍ୱର**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ୨୦୦୨ର ରୁଲ୍ ୩ ସହିତ ଧାରା ୧୩(୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତାମାନେ/ଗ୍ୟାରେଣ୍ଟିଦାତାଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ନୋଟିସ୍ ଦର୍ଶିତ ରାଶି ଏବଂ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଆନୁସଙ୍ଗିକ ଦେୟ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ରେ ଦିଆଯାଇଥିବା ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିକୁ ଦଖଲ ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନୋଟିସ୍ ଦର୍ଶିତ ରାଶି ଏବଂ ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଆଇନଗତ ଖର୍ଚ୍ଚ ଓ ଆନୁସଙ୍ଗିକ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।
**ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ନୋଟିସ୍ ତାରିଖ |
| --- | --- | --- | --- |
| **ଋଣଗ୍ରହୀତା: ମେସର୍ସ ବିକାଶ,** ସା: ରାମଚନ୍ଦ୍ରପୁର ରୋଡ଼, ଗ୍ରାମ: ଧାନଘର, ଚିକିଟି, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, **ସ୍ୱତ୍ୱାଧିକାରୀ: ଶ୍ରୀ ଭି. ବିକାଶ ରାଜୁ,** ସା: ମାଝିଡ଼େରା ସାହି, ପୋ: ପାତ୍ରପୁର, ଭାୟା: ଜରଡ଼ା, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୦୦୪/ **ଗ୍ୟାରେଣ୍ଟିଦାତା: ଶ୍ରୀ ଭି. ସୋମେଶ୍ୱର ରାଜୁ,** ସା: ମାଝିଡ଼େରା ସାହି, ପୋ: ପାତ୍ରପୁର, ଥାନା: ଜରଡ଼ା, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୦୦୪ | **୧. ଶ୍ରୀ ଭି. ସୋମେଶ୍ୱର ରାଜୁଙ୍କ** ନାମରେ ଥିବା ଜମି ର ସମସ୍ତ ଅଂଶବିଶେଷ ଯାହାର ମୌଜା: ପାତ୍ରପୁର, ତହସିଲ: ପାତ୍ରପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ଖାତା ନଂ.: ୩୫୪/୮୫୬, ପ୍ଲଟ ନଂ.: ୧୬୯୬, କ୍ଷେତ୍ର: ଏକର ୦.୦୨୨ ଡ଼ିସିମିଲ, କିସମ: ଘରବାରୀ **୨. ଶ୍ରୀ ଭି. ସୋମେଶ୍ୱର ରାଜୁଙ୍କ** ନାମରେ ଥିବା ଜମି ର ସମସ୍ତ ଅଂଶବିଶେଷ ଯାହାର ମୌଜା: ପାତ୍ରପୁର, ତହସିଲ: ପାତ୍ରପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ଖାତା ନଂ.: ୩୫୪/୯୩୯, ପ୍ଲଟ ନଂ.: ୧୫୦୩, କ୍ଷେତ୍ର: ଏକର ୦.୦୧୮ ଡ଼ିସିମିଲ, କିସମ: ଘରବାରୀ **୩. ଶ୍ରୀ ଭି. ବିକାଶ ରାଜୁଙ୍କ** ନାମରେ ଥିବା ଜମି ର ସମସ୍ତ ଅଂଶବିଶେଷ ଯାହାର ମୌଜା: ରାମଚନ୍ଦ୍ରପୁର, ତହସିଲ: ଚିକିଟି, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ଖାତା ନଂ.: ୧୬୫/୪୪୧, ପ୍ଲଟ ନଂ.: ୪୮୬/୨୭୨୮, କ୍ଷେତ୍ର: ଏକର ୦.୧୦୫ ଡ଼ିସିମିଲ, କିସମ: ଘରବାରୀ | **ତା.୩୧.୦୩.୨୦୧୯** ପର୍ଯ୍ୟନ୍ତ ସୁଧ ଏବଂ ଖର୍ଚ୍ଚ ସହିତ **ଟ.୧,୫୦,୬୮,୬୦୯/-** + ସେବାବଦ ସୁଧ ଏବଂ ଖର୍ଚ୍ଚ | **୦୩.୦୪.୨୦୧୯ / ୧୫.୧୧.୨୦୧୯** |

ସ୍ଥାନ: ଭୁବନେଶ୍ୱର
ତାରିଖ : ୧୫.୧୧.୨୦୧୯

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

IN THE DEBTS RECOVERY TRIBUNAL AT CUTTACK
C-71, Sector-7, CDA, Cuttack- 753014 (Odisha)
O.A.No. 143/2019

Utkal Grameen Bank
Stressed Asset Recovery Branch Sambalpur .... Applicant
-Versus-
Tapan Pradhan & Others .... Defendants

To,
Defendant No.1: **Tapan Pradhan**, S/o: Late Jaharu Pradhan, At- Bazarpada, Belpahar, Po- Belpahar, Ps- Brajarajnagar, Dist- Jharsuguda, PIN- 768218
Defendant No.2: **Bharat Kumar Pradhan**, S/o: Late Jaharu Pradhan, At- Bazarpada, Belpahar, Po- Belpahar, Ps- Brajarajnagar, Dist- Jharsuguda, PIN- 768218
Defendant No.3: **Debaki Pradhan,** W/o: Late Jaharu Pradhan, At- Bazarpada, Belpahar, Po- Belpahar, Ps- Brajarajnagar, Dist- Jharsuguda, PIN- 768218
Defendant No.4: **Jamuna Pradhan,** D/o: Late Jaharu Pradhan, At- Bazarpada, Belpahar, Po- Belpahar, Ps- Brajarajnagar, Dist- Jharsuguda, PIN- 768218
Defendant No.5: **Ramesh Bhainsal,** S/o: Srikara Bhainsal, At- Sarada, Po- Belpahar, Ps- Brajarajnagar, Dist- Jharsuguda, PIN- 768218

Summons by Paper Publication for Showing Cause as to Why the Relief Prayed for should not be granted

Take notice that the Applicant has instituted the aforesaid Original Application before this Tribunal for recovery of **Rs. 31,18,103.00** only together with current and future interest, cost and other reliefs.
You are therefore hereby directed to appear before this Tribunal in person or through authorised agent, in support of your defence to show cause within 30 days from the date of publication or on 24th day of December, 2019 at 10.30 A.M. as to why the reliefs prayed for should not be granted.
Take notice that in case of default the Application will be heard and determined in your absence.
Given under my hand and seal of this Tribunal, on this 8th day of November, 2019

Manoj Kumar Patnaik
Registrar
Debts Recovery Tribunal, Cuttack



ଭଲ ବହି ପଢ଼ି ଭଲ କାମ କଲେ ଖରାପ ଲୋକଟି ମଧ୍ୟ ଧୀରେ ଧୀରେ ଭଲ ହୋଇଯାଏ।
-ଆରିଷ୍ଟଟଲ୍



# ଜରାଜୀର୍ଣ୍ଣ ରାସ୍ତା, ଅଣଓସାରିଆ ବ୍ରିଜ୍‌କୁ ନେଇ ଚିନ୍ତା

**ରାଉରକେଲା ଅଫିସ,୧୫।୧୧**

ଷ୍ଟିଲସିଟିର ମୁଖ୍ୟ ସହର ସହ ଦକ୍ଷିଣ ରାଉରକେଲାକୁ ସଂଯୋଗ କରୁଥିବା ଦେଓଗାଁ କୁଷ୍ଠ ବସ୍ତି ସାରନା ଛକ ରାସ୍ତା ଜରାଜୀର୍ଣ୍ଣ ଅବସ୍ଥାରେ ଦୀର୍ଘଦିନ ହେବ ପଡିଛି । ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମନରେ ଅସନ୍ତୋଷର ନିଆଁ କୁହୁଳିବାରେ ଲାଗିଛି। ଏଥିପାଇଁ ବିଭାଗୀୟ ଅଧିକାରୀମାନେ ଯେଉଁ ବିକଳ୍ପ ରାସ୍ତା ତିଆରି କରିଛନ୍ତି ତାକୁ ଲୋକେ ଅସୁରକ୍ଷିତ ମନେ କରୁଛନ୍ତି। ଏହି ରାସ୍ତା ତର୍କରା କଲୋନୀ ନିକଟରୁ ବାହାରି ହନୁମାନ ବାଟିକା ଛକକୁ ସଂଯୋଗ କରୁଛି। ବିପଦସଙ୍କୁଳ ନାଳ କଡ ଓ ଅଣ ଓସାରିଆ ବ୍ରିଜ ଦେଇ ନିର୍ମାଣ କରାଯାଇଥିବା ରାସ୍ତାରେ ଏକକାଳୀନ ଦୁଇଟି ଗାଡି ପରସ୍ପରକୁ ଅତିକ୍ରମ କରିବା ସମ୍ଭବ ହେଉ ନାହିଁ। ଗୋଟିଏ ଗାଡି ଛିଡା ହେଲେ ଅନ୍ୟ ଗାଡି ଅତିକ୍ରମ କରୁଛି। ଅଣ ଓସାରିଆ ଦୁଇଟି ବ୍ରିଜ ଉପରେ ଏଭଳି ଅବସ୍ଥା ପଥଚାରୀଙ୍କୁ ଅତିଷ୍ଠ କରୁଛି। ତର୍କରା କଲୋନୀ ନିକଟ ୧୪୩ ନଂ. ଜାତୀୟ ରାଜପଥରୁ ତଳକୁ ଖସିବା ବେଳେ ସାମାନ୍ୟ ଅନ୍ୟମନସ୍କ ହେଲେ ଦୁର୍ଘଟଣା ଘଟିବାର ଆଶଙ୍କା ରହୁଛି । ଏଥିପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନି। ସମାନ ସ୍ଥିତି ହନୁମାନ ବାଟିକା ଛକରେ ଦେଖିବାକୁ ମିଳୁଛି। ଉଭୟ ପାର୍ଶ୍ୱ ସଂପୂର୍ଣ୍ଣ ଅସୁରକ୍ଷିତ ହୋଇଥିବାରୁ ପଥଚାରୀମାନେ ବିପଦସଙ୍କୁଳ ଅବସ୍ଥାରେ ସେହି ରାସ୍ତାରେ ଚଳପ୍ରଚଳ କରୁଛନ୍ତି । କେବଳ ଏତିକି ନୁହେଁ ନୂଆ ରାସ୍ତା ଦେଇ ପଥଚାରୀ ସନ୍ଧ୍ୟା ପରେ ଯାତାୟାତ କରିବାକୁ ନିରାପଦ ମଣୁ ନାହାଁନ୍ତି। କାରଣ ଏହି ରାସ୍ତା ରାତିରେ ସମ୍ପୂର୍ଣ୍ଣ ଅନ୍ଧକାରରେ ବୁଡି ରହୁଛି। ଫଳରେ ପୁରୁଣା ଜରାଜୀର୍ଣ୍ଣ ରାସ୍ତାରେ ପଥଚାରୀ ଯାତାୟାତ କରୁଛନ୍ତି। ଏହା ଇସ୍ପାତ୍ କାରଖାନା ପରିସର ଓ ବିପଦସଙ୍କୁଳ ଦର୍ଶାଯିବା ସତ୍ତ୍ୱେ ଲୋକେ ଉକ୍ତ ରାସ୍ତାକୁ ଛାଡି ପାରୁ ନାହାଁନ୍ତି। ତର୍କରା ହନୁମାନ ବାଟିକା ରାସ୍ତାରେ ଆନୁଷଙ୍ଗିକ ଲାଇଟ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହୋଇଛି। କାରଣ ଏହି ରାସ୍ତା ଉପରେ ଲାଠିକଟା ବ୍ଲକ ସମେତ ସମଗ୍ର ଦକ୍ଷିଣ ରାଉରକେଲାବାସୀ ନିର୍ଭର କରୁଛନ୍ତି। ଇସ୍ପାତ୍ କାରଖାନା ଆରମ୍ଭରୁ ଦକ୍ଷିଣ ରାଉରକେଲା ବାସୀଙ୍କ ପାଇଁ ଷ୍ଟିଲସିଟି ସହ ସିଧାସଳଖ ଯୋଗାଯୋଗ ଲାଗି ଏକ ଭଲ ରାସ୍ତା ନିର୍ମାଣ କରାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ବଢିବାରେ ଲାଗିଛି ।

## ଏମାନେ ଯାହା କୁହନ୍ତି..



"ଆମକୁ ରାଉରକେଲା ଯାତାୟାତ ନେଇ ଏକ ସୁବିଧାଜନକ ରାସ୍ତା ଦିଆଯାଉ। ମହାନଗର ଓ ସ୍ମାର୍ଟ ସିଟି ଘୋଷଣା ପରେ କର୍ତ୍ତୃପକ୍ଷଙ୍କ ଚିନ୍ତାଧାରାରେ ପରିବର୍ତ୍ତନ ଆସିନି। ଅନ୍ଧାର ରାସ୍ତାରେ ଲୋକେ କେମିତି ଯାତାୟାତ କରିବେ ସେ ନେଇ କର୍ତ୍ତୃପକ୍ଷ ଚିନ୍ତା କରିବା ଆବଶ୍ୟକ।

**ଧୀରଜ ଗୋପ,ଦେଓଗାଁ**



"ଆମେ ବ୍ୟବସାୟିକ କାରଣରୁ ଦିନକୁ ଦୁଇ ଥର ଏହି ରାସ୍ତା ଦେଇ ଯାତାୟାତ କରୁଛି। କିନ୍ତୁ ସନ୍ଧ୍ୟାରେ ଉକ୍ତ ରାସ୍ତା ଦେଇ ଯିବାକୁ ଭୟ ଲାଗୁଛି। ଅନ୍ଧାର ସାଙ୍ଗକୁ ରାସ୍ତାପାର୍ଶ୍ୱ ଗଭୀର ନାଳ ଭୟ ସୃଷ୍ଟି କରୁଛି। ଏଣୁ ତୁରନ୍ତ ଆଲୋକର ବ୍ୟବସ୍ଥା ସହ ପୋଲ ସଂପ୍ରସାରଣ ବ୍ୟବସ୍ଥା କରାଯିବା ଦରକାର।

**ଶିଶିର ମହାନ୍ତି,ଛେଣ୍ଡ କଲୋନୀ**



"କେବଳ ଲାଠିକଟା ନୁହେଁ ଏହି ରାସ୍ତା ଉପରେ ବଣାଇଁ ଓ ଦକ୍ଷିଣ ରାଉରକେଲା ସମେତ ଫର୍ଟିଲାଇଜର ଟାଉନଶିପର ଲକ୍ଷାଧିକ ବାସିନ୍ଦା ନିର୍ଭର କରନ୍ତି। ଆରଏସ୍‌ପି ଏକ ମହାରତ୍ନ କମ୍ପାନୀ ହୋଇଥିବା ବେଳେ ଲୋକଙ୍କ ପାଇଁ ଗୋଟିଏ ଭଲ ରାସ୍ତା ଯୋଗାଇ ନ ପାରିବା ଦୁଃଖଦାୟକ ଘଟଣା।

**ହୃଦାନନ୍ଦ ଯାଦବ,ବାମପନ୍ଥୀ ନେତା**



ତର୍କରା କଲୋନୀ ହନୁମାନ ବାଟିକା ରାସ୍ତା ବିପଦପୂର୍ଣ୍ଣ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆପଣା ଗାଁ ମଶାଣି;**
**ପର ଗାଁ ପାଣି ।**

ଜାତିଭାଇ ତଥା ଆତ୍ମୀୟ ପରିଜନଙ୍କ ଶବଦାହ କରାହୋଇଥିବା ହେତୁ ନିଜ ଗାଁ ମଶାଣି ପ୍ରତି ସଭିଙ୍କ ମନରେ ଏକ ଅଜଣା ଭୟ ସୃଷ୍ଟି ହୋଇଥାଏ । ସେହିପରି ପର ଗାଁ ନାଳ ପୋଖରୀ ସହ ବ୍ୟକ୍ତି ସେତେଟା ଅଭ୍ୟସ୍ତ ହୋଇ ନ ଥାଏ । ଫଳସ୍ୱରୂପ ମନରେ ନାନା ଆଶଙ୍କା ବା ଭୟ ସୃଷ୍ଟି ହେବା ଯଥାର୍ଥ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଆଇଲ ତ ବନ୍ଧୁ ଭଲ କଲ,**
**ବସିବାକୁ ନାହିଁ ଠାଆ,**
**ପାଣି ମୁନ୍ଦିଏ ଦିଅନ୍ତି ବନ୍ଧୁ !**
**ଦଦରା ମାଠିଆ ।**

ବନ୍ଧୁ ଚର୍ଚ୍ଚା କରିବା ପାଇଁ କୁଣ୍ଠିତ ମନୋବୃତ୍ତି ଥିବା ଲୋକ ଦୁନିଆରେ ଅନେକ ଅଛନ୍ତି। ବନ୍ଧୁ ଯଦି ଅପେକ୍ଷାକୃତ ଗରିବ ହୋଇଥାଏ ତା'ହେଲେ ତା'ପ୍ରତି ହେୟଜ୍ଞାନ କରିବାକୁ କେତେକେ ପଛାଇ ନ ଥାନ୍ତି। ଘରକୁ ସମାଗତ ବନ୍ଧୁଙ୍କୁ ସତ୍କାର କରିବାରେ ଅନିଚ୍ଛା ପ୍ରକାଶ କରିବାକୁ ଯାଇ ବିଭିନ୍ନ ପ୍ରକାର ବାହାନା ପ୍ରଦର୍ଶନ କରାଯିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ମ୍ୟୁନିସିପାଲ ମହାବିଦ୍ୟାଳୟରେ ଆତ୍ମରକ୍ଷା କୌଶଳରେ ଯୋଗଦେଇଥିବା ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ।

# ବାଳିକା ଆତ୍ମରକ୍ଷା କୌଶଳ ତାଲିମ

**ରାଉରକେଲା ଅଫିସ,୧୫।୧୧**-ବାଳିକା ଆତ୍ମରକ୍ଷା କୌଶଳ ନେଇ ଏକ ତାଲିମ ଶିବିର ଶନିବାରଠାରୁ ମ୍ୟୁନିସିପାଲ ମହାବିଦ୍ୟାଳୟ ପକ୍ଷରୁ ଆରମ୍ଭ କରାଯାଇଛି। ଏହାକୁ ଭାରପ୍ରାପ୍ତ କଲେଜ ଅଧ୍ୟକ୍ଷ ଏସ୍.ମଞ୍ଜରୀ ଦେହୁରୀ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ବାଳିକାମାନେ ପୂର୍ଣ୍ଣ ଇଚ୍ଛାଶକ୍ତି ସହ ଏହି ପ୍ରଶିକ୍ଷଣ ନେବାକୁ ସେ ଆହ୍ୱାନ କରିଥିଲେ। ପରିବର୍ତ୍ତିତ ପରିସ୍ଥିତିରେ ବାଳିକାମାନେ ନିଜ ଆତ୍ମରକ୍ଷା ନିଜେ କରିବା ଉଚିତ ବୋଲି କହିଥିଲେ। ଏହି ତାଲିମ ଛାତ୍ରୀଙ୍କ ମନରେ ଆତ୍ମବିଶ୍ୱାସ ସୃଷ୍ଟି କରିବା ସହ ଶାରୀରିକ ଓ ମାନସିକା ଦୃଢତା ଆଣିବାରେ ସକ୍ଷମ ହୋଇଛି। ଏଣୁ ଏଥିପ୍ରତି ସମସ୍ତେ ଆଗ୍ରହ ପ୍ରକାଶ କରିବାକୁ ସେ ପରାମର୍ଶ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଏନ୍‌ସିସି ଅଫିସର କ୍ୟାପଟେନ ସତ୍ୟନାରାୟଣ ରାଉତ ପରିଚାଳନା କରିଥିଲେ। ଏହି ଅବସରରେ ସେ ତାଲିମ ଗ୍ରହଣ କରୁଥିବା ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ । ଏଥିରେ ପ୍ରଫେସର ମମତା ଚାନ୍ଦ ଓ ପ୍ରଫେସର ଅସୀମା ଦାସ ଉପସ୍ଥିତ ରହି ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ମାଷ୍ଟର ଟ୍ରେନର ଭାବେ ଜୟା ସିଂ, ରାଜଲକ୍ଷ୍ମୀ ଦାସ ଓ ନିକୁ କୁମାରୀ ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ।

# ଖାଦ୍ୟନଳୀରେ ଅଟକି ରହିଥିବା କୃତ୍ରିମ ଦାନ୍ତ ବାହାର କରାଗଲା

**ରାଉରକେଲା ଅଫିସ, ୧୫।୧୧**

ଇସ୍ପାତ ଜେନେରାଲ ହସ୍ପିଟାଲ ଡାକ୍ତରଙ୍କ ଦ୍ୱାରା ଆଉ ଏକ ଜଟିଳ ଚିକିତ୍ସାରେ ସଫଳତା ମିଳିଛି। ସମ୍ବଲପୁର ଜିଲା ବୁର୍ଲା ବାସିନ୍ଦା ଆର.ସି.ବାଗ କୃତ୍ରିମ ଦାନ୍ତ ଗିଳି ଦେଇ ଯନ୍ତ୍ରଣା ପାଉଥିଲେ। ପରିବାର ଲୋକେ ତାଙ୍କୁ ଅକ୍ଟୋବର ୨୯ ତାରିଖରେ ଆଇଜିଏଚରେ ଭର୍ତ୍ତି କରିଥିଲେ। ସେ ମଧ୍ୟ ଗ୍ରହଣ କରିପାରୁ ନ ଥିଲେ। ପ୍ରଥମେ ଏଣ୍ଡୋସ୍କୋପି କରାଯିବା ପରେ ଖାଦ୍ୟନଳୀରେ କୃତ୍ରିମ ଦାନ୍ତ ଫସି ରହିଥିବା ଜଣାପଡ଼ିଥିଲା। ଫଳରେ ଡାକ୍ତରମାନେ ଅପର ଜିଆଇ ଏଣ୍ଡୋସ୍କୋପି ମାଧ୍ୟମରେ ଅତି ସତର୍କତା ସହକାରେ କୃତ୍ରିମ ଦାନ୍ତକୁ ବାହାର କରିଥିଲେ। ଫଳରେ ରୋଗୀଙ୍କ ଯନ୍ତ୍ରଣା ଉପଶମ ହେବା ସହ ଖାଦ୍ୟ ଗ୍ରହଣ କରିଥିଲେ। ଏହି ସଫଳ ଚିକିତ୍ସାକୁ ଗ୍ୟାଷ୍ଟ୍ରୋ ଏଣ୍ଟରୋଲୋଜିଷ୍ଟ ଡା. ପି.କେ. ମହାପାତ୍ର ସମ୍ପନ୍ନ କରିଥିଲେ। ଡା. ସଂଯୁକ୍ତା ପାଣିଗ୍ରାହୀ ନିଶ୍ଚେତକ ପ୍ରଦାନ କରିଥିଲେ।


# CLASSIFIED DISPLAY

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

Cashbeen ଆଣିଛି
ସହଜରେ ଋଣ ପାଇବାର ସୁବର୍ଣ୍ଣ ସୁଯୋଗ। କେବଳ ପ୍ୟାନ୍‌କାର୍ଡ ସାହାଯ୍ୟରେ ମାତ୍ର 1% ସର୍ବାଧିକ ସୁଧରେ 50000 - 2000000 ପର୍ଯ୍ୟନ୍ତ ମାତ୍ର 24 ଘଣ୍ଟାରେ।
ଯୋଗାଯୋଗ କରନ୍ତୁ
9470240552
7596892410
PATNA

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ଥରେ ସେବାର ସୁଯୋଗ ନିଶ୍ଚୟ ଦିଅନ୍ତୁ
LOAN
ଟଙ୍କା ନେଉନୁ, ଧୋକା ଦେଉନୁ
ସମଗ୍ର ଓଡ଼ିଶାରେ ପ୍ରଥମ ଥର ପାଇଁ
ମୁଦ୍ରା ଫାଇନାନ୍ସ
ମାର୍କଶିଟ୍ | ପ୍ରପର୍ଟି
ଆଧାରକାର୍ଡ | ପର୍ସନାଲ
ପଶୁପାଳନ | ଗୃହ ଋଣ
ବ୍ୟବସାୟ | ଗ୍ରୁପ୍ ଋଣ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ
2% ସୁଧ - 50% ଛାଡ଼ ସହିତ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
ଠକମାନଙ୍କ ପ୍ରତି ସାବଧାନ
7289948952
7289999543
SCF-14, Aggarwal Estate, South Delhi

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ
ସମସ୍ତ ପ୍ରକାର LOAN
BARSA FINANCE
ଯୋଗାଇ ଦେଉଛି । ସୁଧ=1%
M = 7656825259
7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

E-MUDRA FINANCE
All Odisha
★ Mudra Loan
★ Cash Credit Loan
★ Vehicle Loan
★ Agriculture Loan
★ Personal Loan
★ Business Loan
★ Mortgage Loan
★ Housing Loan
All types of Loan@ 1% Interest 50% Subsidy
Fund Received in 24 Hours
9614873562
B-34/A Block, Vijay Enclave, Burari, New Delhi

ଖର୍ଚ୍ଚ ଋଣରୁ କଟିବ
MAHALAXMI FINANCE
1 ଲକ୍ଷରୁ ୨୦ ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ T&C
1% ସୁଧ | 40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
9518852216, 9548270863
ADDRESS: T-51, GAUTAMPURI, DELHI

LOAN DHAMAKA
1) Mudra Loan
2) Term Loan
3) Cash Credit
4) Vehicle Loan
5) Housing Loan
6) Agriculture Loan
7) Used Car Loan
8) Mortgaged Loan
PD ASSOCIATE
91, Kharvela Nagar, BBSR
8895436156

EDUCATION

SPOT ADMISSION
B.Ed
Acharya Nagarjuna University
Equivalent to Govt. of Odisha
FREE Practical, Study Material, Form fill-up fees & Weekend Class
NIDT
NO-1 B.Ed Academy Since 2001
B.J.B. Nagar, Lewis Road, Bhubaneswar
7978204082, 9438286091

BUSINESS

ଭାରତର ନଂ. 1 କମ୍ପାନୀ
Hindusthan Tower Group
ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଓ ହାଇୱେ ପାର୍ଶ୍ୱ ଜମିରେ
DIGITAL
ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଆଡ୍‌ଭାନ୍ସ: 60 ଲକ୍ଷ
ଭଡ଼ା: 60 ହଜାର
94735-96956, 98070-64437
ADDRESS: T-51, GAUTAMPURI, DELHI

Galaxy Telecom Network Company
ଖାଲିଥିବା ଜମି, କ୍ଷେତ ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ମାତ୍ର ୪୮ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ + ବାଇକ୍+ 30,000ର ଅନ୍ୟାନ୍ୟ ସୁବିଧା
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
6204090239
8227843135

BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
07376033092

ଡାଇରେକ୍ଟ କମ୍ପାନୀର ଡିଜିଟାଲ ଟାୱାର୍
ଟାୱାର୍ କମ୍ପାନୀ ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ କମ୍ପାନୀ
ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ । ଅଗ୍ରିମ ୨୦ ଲକ୍ଷ, ଭଡ଼ା ୬୦ ହଜାର + ବାଇକ୍ । 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ ।
7838639856
8826558929

ASTROLOGY

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୂଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
9599320079


DHARITRI Career appointment Every Wednesday and Saturday

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୧୬ ନଭେମ୍ବର, ୨୦୧୯



ପ୍ରତ୍ୟେକ ମହତ କର୍ମ ପ୍ରଥମେ ଅସମ୍ଭବ ବୋଲି ଜଣାପଡେ, କିନ୍ତୁ ପରେ ସହଜ ହୋଇଯାଏ।
- କାର୍ଲାଇଲ



## ସଂକ୍ଷେପରେ



### ପବ୍ଲିକ ପ୍ରସିକ୍ୟୁଟର ଡାଇରେକ୍ଟରଙ୍କ ସୁନ୍ଦରଗଡ ଗସ୍ତ

ସୁନ୍ଦରଗଡ, ୧୫।୧୧ (ଡି.ଏନ୍.ଏ) –ପବ୍ଲିକ ପ୍ରସିକ୍ୟୁଟର ଡାଇରେକ୍ଟର ଡ. ମାନସ କୁମାର ମିଶ୍ର ଶୁକ୍ରବାର ସୁନ୍ଦରଗଡ ଗସ୍ତରେ ପହଞ୍ଚିଛନ୍ତି। ସ୍ଥାନୀୟ ସର୍କିଟ ହାଉସଠାରେ ପ୍ରସିକ୍ୟୁଟର ଅବଦୁଲ ସାମିମ ଅଖତାର, ପ୍ରଦୀପ ମହାପାତ୍ର, ଅଶୋକ କୁମାର ସ୍ୱାଇଁ, ଦୂବରାଜ ନାଏକ, ଦେବାଶୀଷ ସିଠ, କୀର୍ତ୍ତିକୃଷ୍ଣ ସାମନ୍ତରାୟ, ରାଜେଶ ଟପ୍ପୋ, ପ୍ରିୟମ୍ବଦା ନାଏକ, ତନୁଜା ମହାନ୍ତି, ଅନୁସୂୟା ନାଏକ, ପ୍ରତିମା ମିଶ୍ର, ଦୁଲାରି ନାଗ ପ୍ରମୁଖ ଉପସ୍ଥିତ ରହି ତାଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ।

# ସରକାରୀ ଘୋଷଣାର ସତ୍ୟତା ନାହିଁ

- ବଡ଼ଗାଁ ବାହ୍ୟ ମଳମୁକ୍ତ ଗାଁ ନୁହେଁ
- ପୋଖରୀ ହିଡରେ ଯଥେଷ୍ଟ ପ୍ରମାଣ

**ବଡ଼ଗାଁ, ୧୫।୧୧ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମରେ 'ବାହ୍ୟ ମଳମୁକ୍ତ ଗାଁ' ଲେଖାଥିବା ସୂଚନାଫଳକ ଲଗାଯାଇଛି। ସେଥିରେ ସେପ୍ଟେମ୍ବର ୫ ତାରିଖ 'ବାହ୍ୟ ମଳମୁକ୍ତ ଗାଁ' ଘୋଷଣା କରାଯାଇଥିବା ଉଲ୍ଲେଖ କରାଯାଇଛି। କିନ୍ତୁ ଏହି ଘୋଷଣାର ସାମାନ୍ୟ ସୁଦ୍ଧା ସତ୍ୟତା ନାହିଁ। ବାସ୍ତବତା ବହୁ ଦୂରରେ। ବଡ଼ଗାଁ ବ୍ଲକର ପ୍ରାୟ ସମସ୍ତ ଗ୍ରାମ ବାହ୍ୟ ମଳମୁକ୍ତ ଗାଁ ନୁହେଁ। ସରକାର ଗାଁର କେତେକ ପରିବାରଙ୍କୁ ପାଇଖାନା ଯୋଗାଇ ଦେଇଥିଲେ ମଧ୍ୟ ସେମାନେ ପାଇଖାନା ବ୍ୟବହାର କରୁନାହାନ୍ତି। ଏପରିକି ଲଗାଯାଇଥିବା ସାଇନବୋର୍ଡ ପାର୍ଶ୍ୱରେ ଦଳଦଳ ହୋଇ ଯାଉଥିବା ମହିଳା, ପୁରୁଷ ମଳତ୍ୟାଗ କରୁଥିବା ଦେଖାଯାଇଛି। ବଡଗାଁର ଭଦ୍ରି ବିଶାଳ ପୋଖରୀ, ରାଜାବନ୍ଧ, ବ୍ଲକ ଅଫିସ ନିକଟ ପୋଖରୀ ହିଡକୁ ଦେଖିଲେ ଜ୍ୱଳନ୍ତ ପ୍ରମାଣ ମିଳିଥାଏ। ଏହି ଘୋଷଣାନାମାର ସତ୍ୟତା ଜାଣିବା ପାଇଁ ବଡଗାଁ ପଞ୍ଚାୟତର ବନ୍ଧଡ଼ିପା, ବଡଗାଁ, ଲିଟିପଡା, ଗୌଡପଡା, ଇଲେକ୍ଟ୍ରିଡ଼ିପା, ଭଣ୍ଡାରପଡା, ଡୁଡୁଙ୍ଗପଡା, କିଞ୍ଜିରକେଲା, ନୂଆରମାଲ ଗ୍ରାମର ଲୋକଙ୍କୁ ସାକ୍ଷାତ କରି ସେମାନଙ୍କୁ ପଚାରିବାରେ ପ୍ରାୟ ୬୦ରୁ ୭୦ ପ୍ରତିଶତ ପରିବାରର ସଦସ୍ୟ ମଳତ୍ୟାଗ ପାଇଁ ପୋଖରୀ, ଜଙ୍ଗଲ, ବିଲବାଡିକୁ ଯାଉଥିବା କହିଛନ୍ତି। ଏ ସମ୍ପର୍କରେ ବଡ଼ଗାଁ ସରପଞ୍ଚ ଶୁଶିଳା ଡନସନା, ନାଏବ ସରପଞ୍ଚ କେଶବ କର୍ସେଲ, ବନ୍ଧଡ଼ିପାର ୱାର୍ଡ ମେମ୍ବର ସୀତାରାମ ଖିଚିଡି, ବଡଗାଁ ବସ୍ତିର ୱାର୍ଡ ମେମ୍ବର ଗଣେଷ ପୃଷେଟ, ଇଲେକ୍ଟ୍ରିଡ଼ିପାର ୱାର୍ଡ ସଭ୍ୟା ହେମଲତା କର୍ସେଲଙ୍କୁ ପଚାରିବାରେ ସେମାନେ କହିଥିଲେ, ଅନେକ ଲୋକ ପୋଖରୀ ନିକଟରେ ଓ ବିଲବାଡିରେ ମଳତ୍ୟାଗ କରୁଛନ୍ତି। ଯଦି ପ୍ରମାଣ ଆବଶ୍ୟକ ତାହେଲେ ସକାଳେ ଓ ସନ୍ଧ୍ୟାରେ ବିଲବାଡି, ଜଙ୍ଗଲ ପାର୍ଶ୍ୱ ଏବଂ ପୋଖରୀ ହିଡରେ ଯଥେଷ୍ଟ ପ୍ରମାଣ ମିଳିଯିବ ବୋଲି କହିବା ସହ ଲୋକଙ୍କୁ ପାଇଖାନା ବ୍ୟବହାର ପାଇଁ କହିଲେ ପାଣି ଅଭାବ ଯୋଗୁ ବାହାରକୁ ମଳତ୍ୟାଗ କରିବାକୁ ଯାଉଥିବା କହନ୍ତି ବୋଲି ଜନପ୍ରତିନିଧିଙ୍କଠାରୁ ପ୍ରକାଶ। ବଡ଼ଗାଁର ଲିଟିପଡା ଓ ଗୌଡପଡାର କେତେକ ପରିବାରଙ୍କୁ ମିଳିଥିବା ପାଇଖାନା ସେମାନେ ବ୍ୟବହାର ନ କରି ଅଭ୍ୟାସଗତ କାରଣରୁ ବାହ୍ୟରେ ମଳତ୍ୟାଗ କରୁଥିବା ସେମାନଙ୍କଠାରୁ ଜଣାପଡିଛି। ଦେହ ଅସୁସ୍ଥ ହେଲେ ପାଇଖାନା ବ୍ୟବହାର କରୁଥିବା କହିଛନ୍ତି। ବଡଗାଁ ପଞ୍ଚାୟତ ଭଳି ଫୁଲବାରୀ ପଞ୍ଚାୟତର ଗାଁଗୁଡିକରେ ବାହ୍ୟ ମଳମୁକ୍ତ ଗାଁ ଲେଖାଥିବା ସୂଚନାଫଳକ ଲଗାଯାଇଛି। ଏହି ପଞ୍ଚାୟତର ଛାମୁଣ୍ଡା, ସାଲେପାଲି, କୁରେଇବଗା, ବିର୍ସୁ, ଲାଖପଡା ଗ୍ରାମର କେତେକ ବ୍ୟକ୍ତିଙ୍କୁ ପଚାରିବାରେ ସେମାନେ ବାହ୍ୟ ମଳମୁକ୍ତ ଗାଁ ଘୋଷଣା କରିବା ପୂର୍ବରୁ ଗାଁର କେତେ ପରିବାରଙ୍କ ପାଖରେ ପାଇଖାନା ଅଛି ଓ ସେମାନେ ପାଇଖାନା ବ୍ୟବହାର କରୁଛନ୍ତି ନା ନାହିଁ, କେତେ ପରିବାରଙ୍କ ପାଖରେ ପାଇଖାନା ନାହିଁ ଓ ସେମାନେ କେଉଁଠାରେ ମଳତ୍ୟାଗ କରୁଛନ୍ତି ପଚାରିବୁଝିଥିଲେ ସୂଚନାଫଳକ ଲଗାଇ ନ ଥାନ୍ତେ କହିଥିଲେ। ସରପଞ୍ଚ ଅହଲ୍ୟା ଲାକ୍ରା, ନାଏବ ସରପଞ୍ଚ ନିଳକଣ୍ଠ ସାହୁଙ୍କୁ ପଚାରିବାରେ ଗାଁ ଗୁଡିକରେ ସର୍ବାଧିକ ପରିବାରର ସଦସ୍ୟ ବାହାରେ ମଳତ୍ୟାଗ କରୁଛନ୍ତି। ଲୋକଙ୍କୁ ସଚେତନ କରି ପାଇଖାନା ବ୍ୟବହାର ପାଇଁ କହିବା ଓ ଲୋକେ ଏହାକୁ ପାଳନ କଲେ ହିଁ ବାହ୍ୟ ମଳମୁକ୍ତ ଗାଁ ଘୋଷଣାନାମାର ଯଥାର୍ଥତା ରହିବ।




'ବାହ୍ୟ ମଳମୁକ୍ତ ଗାଁ' ଲେଖାଥିବା ସୂଚନାଫଳକ ଲଗାଯାଇଛି।

### ବିଜୁ ଯୁବ ବାହିନୀ କୋଷାଧ୍ୟକ୍ଷଙ୍କ ନାମରେ ଅଭିଯୋଗ

**ବଡଗାଁ, ୧୫।୧୧ (ଡି.ଏନ.ଏ)**

ବଡ଼ଗାଁ ବ୍ଲକ ଅନ୍ତର୍ଗତ ଫୁଲବାରୀ ପଞ୍ଚାୟତର ବିଜୁ ଯୁବ ବାହିନୀ ସଦସ୍ୟମାନେ କୋଷାଧ୍ୟକ୍ଷଙ୍କ ନାମରେ ବିଡିଓଙ୍କ ଠାରେ ଲିଖିତ ଅଭିଯୋଗ କରିଛନ୍ତି। ବଳରାମ ପୃଷେଟ, ଅମିତ ଟପ୍ପୋ, ନରହରି ପୃଷେଟ, ମହିମା ପୃଷେଟ, ମାମି କିଷାନ, ଭଗତରାମ ବାଗ, କୁମାରୀ କିଷାନ, ହେମନ୍ତ ସୁନ୍ୟାନୀଙ୍କ ଦସ୍ତଖତ ଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଅକ୍ଟୋବର ମାସରେ ବିଜୁ ଯୁବ ବାହିନୀ ପକ୍ଷରୁ ସଡକ ସୁରକ୍ଷା ଓ ନିୟମ ସମ୍ବନ୍ଧୀୟ ସଚେତନତା ଅଭିଯାନ ରାଜ୍ୟ ଯୁବ କଲ୍ୟାଣ ପରିଷଦ ଦ୍ୱାରା ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ବାବଦରେ ଆସିଥିବା ଅଢ଼େଇ ହଜାର ଟଙ୍କା କୋଷାଧ୍ୟକ୍ଷ ଦେଇ ନ ଥିବାରୁ ବିଜୁ ଯୁବ ବାହିନୀର ସଦସ୍ୟମାନେ ନିଜ ମଧ୍ୟରେ ଚାନ୍ଦା କରି ପ୍ରାଇଜ ସାମଗ୍ରୀ କିଣି ପ୍ରତିଯୋଗୀମାନଙ୍କୁ ଦେଇଥିଲେ। ଏ ସମ୍ପର୍କରେ ସେମାନେ ବିଜୁ ଯୁବ ବାହିନୀ ବ୍ଲକ ସଂଯୋଜକଙ୍କୁ ଜଣାଇଛନ୍ତି।

## ଗୁରୁନାନକଙ୍କ ଦେବଜୀ ପ୍ରକାଶ ଉତ୍ସବ

**ରାଜଗାଙ୍ଗପୁର, ୧୫।୧୧ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁରଠାରେ ଶିଖ ସମ୍ପ୍ରଦାୟ ପକ୍ଷରୁ ଗୁରୁବାର ଗୁରୁନାନକଙ୍କ ୫୫୦ତମ ଦେବଜୀ ପ୍ରକାଶ ଉତ୍ସବ ଅତି ଆଡମ୍ବର ସହିତ ପାଳନ କରାଯାଇଛି। ଏହି ଉତ୍ସବ ଗୁରୁନାନକଙ୍କ ଜୟନ୍ତୀ ଦିନ ପାଳନ ହେବାକୁଥିବା ବେଳେ ପ୍ରଶାସନିକ ଅନୁମତି ନ ମିଳିବାରୁ ଗୁରୁବାର ଏହି ଉତ୍ସବ ପାଳନ କରାଯାଇଛି। ଏହି ଉତ୍ସବ ଉପଲକ୍ଷେ ରାଜଗାଙ୍ଗପୁର ଶିଖ ସମ୍ପ୍ରଦାୟ ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ରାଜଗାଙ୍ଗପୁର ସହରରେ ନଗର କୀର୍ତ୍ତନ କରି ଏକ ରାଲିର ଆୟୋଜନ କରାଯାଇଥିଲା। ଏହି ରାଲି ରାଜଗାଙ୍ଗପୁର ଓସିଏଲ ମାର୍କେଟଠାରେ ଥିବା ଗୁରୁ ଦ୍ୱାରଠାରୁ ଆରମ୍ଭ କରାଯାଇଥିଲା। ପ୍ରଥମେ ଶିଖ ସମୁହଙ୍କ ଏକ ବେନର ରଖାଯାଇଥିବା ବେଳେ ରାଲିରେ ଏକ ପାଣି ଟ୍ୟାଙ୍କରରୁ ରାସ୍ତା ସାରା ପାଣି ପକାଇ ଚାଲିଥିଲା। ପାଣି ଟାଙ୍କିର ପଛରେ ବହୁ ସଂଖ୍ୟାରେ ଶିଖ ଝିଅ ଝାଡୁଧରି ରାସ୍ତାକୁ ଝାଡୁମାରି ସଫା କରିଥିଲେ। ତାଙ୍କ ପଛକୁ ଗୁରୁନାନକଙ୍କ ପଞ୍ଚପ୍ୟାରା ଅସ୍ତ୍ରଧରି ରାଲିରେ ସାମିଲ ହୋଇଥିଲେ। ପଞ୍ଚପ୍ୟାରାଙ୍କ ପଛରେ ପାଲକିସବଙ୍କ ଗାଡି ରହିଥିଲା। ଏହି ଗାଡିରେ ଗ୍ରନ୍ଥସାବଙ୍କୁ ରଖାଯାଇ ରସ ପକାଯାଇଥିଲା। ଏହି ରାଲିରେ ଦୁଇ ଶହରୁ ଉର୍ଦ୍ଧ୍ୱ ଶିଖ ଯୋଗଦେଇଥିବା ବେଳେ ରାଲିରେ ଲୋକଙ୍କ ମଧ୍ୟରେ ପ୍ରସାଦ ବଣ୍ଟନ କରାଯାଇଥିଲା। ରାଲି ଓସିଏଲ ମାର୍କେଟରୁ ବାହାରି ସହରର ନାୟାର ଛକ, ସୁବାଷ ଛକ, ବସଷ୍ଟାଣ୍ଡ, ପୌରପରିଷଦ ଦେଇ ପୁଣି ଗୁରୁଦ୍ୱାରାକୁ ଫେରିଥିଲେ। ରାଲି ସମାପ୍ତ ପରେ ଗୁରୁଦ୍ୱାରାଠାରେ ଲଙ୍ଗର ବ୍ୟବସ୍ଥା କରାଯାଇଥିଲା।

## ରାଜ୍ୟସ୍ତରୀୟ 'ସୁରଭି'ରେ ସିପିଜିପି ହାଇସ୍କୁଲର ଛାତ୍ରୀ ଟପ୍ପର



ରାଜ୍ୟସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଛାତ୍ରୀ ମାନିନୀ ମହାନନ୍ଦିଆ ପୁରସ୍କାର ଗ୍ରହଣ କରୁଛନ୍ତି।

**ଲେଫ୍ରିପଡ଼ା, ୧୫।୧୧ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଲେଫ୍ରିପଡା ବ୍ଲକ୍ ଅନ୍ତର୍ଗତ ସୁର୍ଗୁଡ଼ା ସିପିଜିପି ହାଇସ୍କୁଲର ଛାତ୍ରୀ ମାନିନୀ ମହାନନ୍ଦିଆ ରାଜ୍ୟସ୍ତରୀୟ ଶିଶୁମହୋତ୍ସବ 'ସୁରଭି' ରେ ପ୍ରବନ୍ଧ ଲିଖନ ବିଭାଗରେ ଟପ୍ପର ହୋଇଛନ୍ତି। ସେ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶଙ୍କଠାରୁ ପୁରସ୍କୃତ ହୋଇଛନ୍ତି। ସେ ପୂର୍ବରୁ ଜିଲାସ୍ତରୀୟ ସୁରଭିରେ ପ୍ରଥମ ହୋଇ ରାଜ୍ୟ ସ୍ତରକୁ ଯାଇଥିଲେ। ତାଙ୍କର ଏହି ଶ୍ରେଷ୍ଠତା ପାଇଁ ହାଇସ୍କୁଲ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଅନ୍ୟପକ୍ଷରେ ସିପିଜିପି ହାଇସ୍କୁଲର ପ୍ରଧାନ ଶିକ୍ଷକ ଉଦିତ କୁମାର ପଟେଲ ଏବଂ ସମସ୍ତ ବିଦ୍ୟାଳୟ କର୍ମଚାରୀ ଏବଂ ସଫଳତା ପାଇଥିବା ଛାତ୍ରୀ ମାନିନୀଙ୍କୁ ତାଙ୍କର ଉଜ୍ୱଳ ଭବିଷ୍ୟତ କାମନା କରି ଶୁଭେଚ୍ଛା ଜଣାଇଛନ୍ତି।

## ଡାଲମିଆ ସିମେଣ୍ଟ ଲାଞ୍ଜିବେର୍ଣ୍ଣା ମାଇନ୍ସ ତରଫରୁ ଶିଶୁ ଦିବସ

**ରାଜଗାଙ୍ଗପୁର, ୧୫।୧୧ (ଡି.ଏନ.ଏ)**

ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ ଅନ୍ତର୍ଗତ ଲାଞ୍ଜିବେର୍ଣ୍ଣା ଚୁନପଥର ଖଣିର ସାମାଜିକ ଦାୟୀତ୍ୱବୋଧ ବିଭାଗ (ସିଏସଆର) ତରଫରୁ ଶିଶୁ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏଥିରେ ନିକଟସ୍ଥ ୭ଟି ରେମେଡିଆଲ ଶିକ୍ଷାକେନ୍ଦ୍ର, ଲାଞ୍ଜିବେର୍ଣ୍ଣା ଉନ୍ନିତ ଉଚ୍ଚ ବିଦ୍ୟାଳୟ ଏବଂ ଲାଞ୍ଜିବେର୍ଣ୍ଣା ପ୍ରକଳ୍ପ ବିଦ୍ୟାଳୟର ଛାତ୍ରୀଛାତ୍ର ଆୟୋଜିତ ନୃତ୍ୟ, ସଙ୍ଗୀତ, ଚିତ୍ରାଙ୍କନ ଇତ୍ୟାଦି ପ୍ରତିଯୋଗିତାରେ ଭାଗ ନେଇଥିଲେ। କୁନି ପିଲାଙ୍କ ଦ୍ୱାରା ପରିବେଷଣ କରାଯାଇଥିବା ନୃତ୍ୟ ଓ ସଙ୍ଗୀତ ଉପସ୍ଥିତ ଅଭିଭାବକ ଏବଂ ଅତିଥିମାନଙ୍କୁ ଆକର୍ଷିତ କରିଥିଲା। ଲାଞ୍ଜିବେର୍ଣ୍ଣା ଖଣିର ସିଏସ୍ଆର୍ ବିଭାଗ ଏ ଅଞ୍ଚଳରେ ଶିକ୍ଷାର ଉନ୍ନତି ପାଇଁ ୨୦୧୩ରେ ଏକ ନୂତନ ପ୍ରଚେଷ୍ଟା ଭାବେ ଆରମ୍ଭ ହୋଇଥିବା ରେମେଡିଆଲ କୋଚିଂ କାର୍ଯ୍ୟକ୍ରମ ଏବେ ୮ଟି କେନ୍ଦ୍ରରେ ପହଞ୍ଚିଛି। ତୃତୀୟରୁ ଦଶମ ପର୍ଯ୍ୟନ୍ତ ଅର୍ଥାଭାବରୁ ଘରୋଇ ଟ୍ୟୁସନ ନେଇ ପାରୁ ନ ଥିବା ସ୍ଥାନୀୟ ଛାତ୍ରୀଛାତ୍ରଙ୍କୁ ଏହି ରେମେଡିଆଲ କେନ୍ଦ୍ରରେ ସ୍କୁଲ ସମୟ ବାହାରେ ମାଗଣାରେ ଶିକ୍ଷା ପ୍ରଦାନ କରାଯାଏ। ବର୍ତ୍ତମାନ ଲାଞ୍ଜିବେର୍ଣ୍ଣା କେନ୍ଦ୍ରରେ ହାଇସ୍କୁଲ ଛାତ୍ରୀଛାତ୍ରଙ୍କୁ କୋଚିଂ ଦିଆଯାଉଥିବା ବେଳେ ଖେରାମୁଣ୍ଡା, ରୁମାବାହାଲ, ବାବୁଡିହି, ତୁରୀପଡା, ବିହାବନ୍ଧ, ଅଲଣ୍ଡା ଏବଂ କଟଙ୍ଗଠାରେ ଥିବା ୭ଟି କେନ୍ଦ୍ରରେ ପ୍ରାଥମିକ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ କୋଚିଂ ଦିଆଯାଉଛି। ଏହା ଛଡା ଏଠାରେ ସେମାନଙ୍କର ବିଭିନ୍ନ ପ୍ରତିଭା ବିକାଶ ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଉଛି। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ରେମେଡିଆଲ ଶିକ୍ଷାକେନ୍ଦ୍ରର ଚମ୍ପା ତିର୍କୀ, ଆଲୋକ ତନ୍ତୀ, ହେମଲତା ତନ୍ତୀ, ସୁନୀଲ କୁମାର ମାଝୀ, ସୁଜାତା ଟପ୍ପୋ, ମୁକ୍ତା ସିଂ, ମଞ୍ଜୁଲତା ସିଂ, ତରସିଲା ମାଝୀ, ଭାଲେନଟିନା ବାରା, ଭାଗ୍ୟଶ୍ରୀ ବାଙ୍କରା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ପ୍ରତିଯୋଗିତାରେ ଉନ୍ନତ ପ୍ରଦର୍ଶନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।




ଲାଞ୍ଜିବେର୍ଣ୍ଣା ଚୁନପଥର ଖଣିର ସାମାଜିକ ଦାୟିତ୍ୱବୋଧ ବିଭାଗ ତରଫରୁ ଶିଶୁ ଦିବସ କାର୍ଯ୍ୟକ୍ରମ।

## ଜିଲାସ୍ତରୀୟ ଯୁବମହୋତ୍ସବ ଉଦ୍‌ଘାଟିତ

**ସୁନ୍ଦରଗଡ଼, ୧୫।୧୧ (ଡି.ଏନ୍.ଏ)**

ଜିଲାସ୍ତରୀୟ ଯୁବ ମହୋତ୍ସବ ସ୍ଥାନୀୟ ଭବାନୀପୁର ସ୍ପୋର୍ଟସ କମ୍ପ୍ଲେକ୍ସଠାରେ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଫେସର ଭିକ୍ଟର କୁଜୁର ମୁଖ୍ୟ ଅତିଥି, ଜିଲା ସଂସ୍କୃତି ଅଧିକାରୀ ଅନୀଲ କେରକେଟା ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ସମାରୋହକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ଓ ପୌରପାଳିକା ତରଫରୁ ୩୮୬ଜଣ ପ୍ରତିଯୋଗୀ ବିଭିନ୍ନ ବିଭାଗରେ ଅଂଶ ଗ୍ରହଣ କରିଥିଲେ। ପ୍ରତ୍ୟେକ ବିଭାଗର ପ୍ରଥମ ସ୍ଥାନ ଅଧିକାର କରିଥିବା କଳାକାରମାନେ ରାଜ୍ୟସ୍ତରୀୟ ଯୁବ ମହୋତ୍ସବରେ ଅଂଶଗ୍ରହଣ କରିବେ। ଜିଲା କ୍ରୀଡା ଅଧିକାରୀ ତେଜ କୁମାର ଖେସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।




ଜିଲାସ୍ତରୀୟ ଯୁବ ମହୋତ୍ସବରେ କଳାକାରମାନେ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

## ବ୍ୟାଙ୍କ ଛାତରୁ ଡେଇଁ ଯୁବକଙ୍କ ଆତ୍ମହତ୍ୟା

**ହେମଗିର, ୧୫।୧୧ (ଡି.ଏନ.ଏ)**

ହେମଗିର ଥାନା ଅନ୍ତର୍ଗତ ଡୁଡୁକା ଠାରେ ଜଣେ ବ୍ୟକ୍ତି ବ୍ୟାଙ୍କ ଛାତ ଉପରୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ବ୍ୟକ୍ତି ଜଣକ ନୂଆଁବଲିଙ୍ଗା କଲୋନୀରେ ରହୁଥିବା ଶିବ ଚନ୍ଦନ (୪୫) ବୋଲି ଜଣାପଡିଛି। ବାଙ୍କିବାହାଲ ଗ୍ରାମର ଶିବ ଚନ୍ଦନ ବର୍ତ୍ତମାନ ନୂଆବଲିଙ୍ଗା କଲୋନୀରେ ରହୁଛନ୍ତି। ବାଙ୍କିବାହାଲ ଗ୍ରାମ ଏମସିଏଲ ଦ୍ୱାରା ବିସ୍ଥାପିତ ହେବା ପରେ ଶିବଙ୍କୁ କମ୍ପାନୀ ଚାକିରୀ ଓ କ୍ଷତିପୂରଣ ଦେଇ ବିସ୍ଥାପିତ କରିଥିଲା। କିନ୍ତୁ ଗତ ଦୁଇ ବର୍ଷ ହେବ ଶିବର କର୍ତ୍ତବ୍ୟରେ ସନ୍ତୁଷ୍ଟ ନ ହୋଇ କମ୍ପାନୀ ଚାକିରୀରୁ ନିଲମ୍ବିତ କରିଥିଲା। ସେହି ଦୃଷ୍ଟିରୁ ଶିବ ମାନସିକ ଭାରସାମ୍ୟ ହରାଇ ଘରେ ରହୁଥିଲା। ଶୁକ୍ରବାର ମଧ୍ୟାହ୍ନ ୧୨ଟାରେ ସୁନ୍ଦରଗଡ ଯିବା ବାଟରେ ତାଙ୍କ ଘର ଲୋକଙ୍କ ସାଙ୍ଗରେ ଡୁଡୁକାଠାରେ ଥିବା ବ୍ୟାଙ୍କ ଅଫ୍ ଇଣ୍ଡିଆରେ ପଶିଥିଲେ। ବ୍ୟାଙ୍କ ଭିତରେ ଶିବ ପଶି ଛାତ ଉପରକୁ ଚାଲିଯାଇ ଭିତର ପଟୁ କବାଟ ବନ୍ଦ କରିଦେଇଥିଲେ। ଏହା ଦେଖି ବ୍ୟାଙ୍କ ବାହାର ପଟେ ଲୋକଙ୍କ ଭିଡ ଲାଗିଥିଲା। ଲୋକେ ତଥା ପୋଲିସ କବାଟ ଖୋଲି ଉଦ୍ଧାର କରିବାକୁ ଉଦ୍ୟମ କରୁଥିବା ବେଳେ ଶିବ ଚନ୍ଦନ ଛାତରୁ ଦିନ ପ୍ରାୟ ୩ଟାରେ ଡେଇଁ ପଡିଥିଲେ। ତାଙ୍କୁ ତୁରନ୍ତ ଟିଆରଏଲ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ସରସ୍ୱତୀ ଶିଶୁବିଦ୍ୟାମନ୍ଦିରରେ ଶିଶୁମେଳା

କୁଆଁରମୁଣ୍ଡା, ୧୫।୧୧ (ଡି.ଏନ୍.ଏ.)- କୁଆଁରମୁଣ୍ଡା ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର ଶିଶୁଙ୍କ ଦ୍ୱାରା ଶିଶୁ ଦିବସ, ଶିଶୁ ବାଟିକା ଏବଂ ସରସ୍ୱତୀ ସଂସ୍କାର କେନ୍ଦ୍ରର ଶିଶୁଙ୍କୁ ନେଇ ଏକ ଶିଶୁମେଳାର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମକୁ ରାଉରକେଲା ବିଭାଗର ବିଭାଗ ପ୍ରମୁଖ ଶିବପ୍ରସାଦ ମହାପାତ୍ର ଉଦ୍‌ଘାଟନ କରିଥିଲେ। କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ କୌସ୍ତୁଭ ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ଶୈଳେଶ ତିୱାରି ସଭାପତି, ଦିଲୀପ କୁମାର ପଟେଲ ଉପସଭାପତି, ଗୌରାଙ୍ଗ ଚରଣ ସାହୁ ସମ୍ପାଦକ, ଜୀବନ ଦାଶ ସଦସ୍ୟ ଓ ବାଳକୃଷ୍ଣ ଅଗ୍ରୱାଲ ଶୁଭେଚ୍ଛୁ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ଜନ୍ମେଜୟ ସୁଆର ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଆଚାର୍ଯ୍ୟ ପ୍ରଶାନ୍ତ କୁମାର ମହାନ୍ତି ଶିଶୁମାନଙ୍କୁ ଜବାହରଲାଲ ନେହେରୁଙ୍କ ଜୀବନୀ ତଥା ଆଜିର ଦିବସର ମହତ୍ତ୍ୱ ବିଷୟରେ ମାର୍ଗ ଦର୍ଶନ କରାଇଥିଲେ। ଶିଶୁମେଳାରେ କୁନିକୁନି ଶିଶୁ ବ୍ୟବସାୟୀଙ୍କୁ ନେଇ ୩୦ଟି ବିଭିନ୍ନ ପ୍ରକାର ଆବଶ୍ୟକ ଜିନିଷ ଯଥା ଜଳଖିଆ, ପରିବା, ଚଣା, ଦେଶୀ କ୍ଷୀର, ଚୁଡ଼ି, ଖେଳଣା ଆଦି ଦୋକାନ ଆୟୋଜନ କରାଯାଇଥିଲା।

# ଜିଲାସ୍ତରୀୟ ବୀର ବିର୍ସା ମୁଣ୍ଡା ଜୟନ୍ତୀ

## ଆଦିବାସୀ ପାରମ୍ପାରିକ ସାଂସ୍କୃତିକ ଓ କ୍ରୀଡା ସାମଗ୍ରୀ ବିତରଣ ସମାରୋହ

**ସୁନ୍ଦରଗଡ଼, ୧୫।୧୧ (ଡି.ଏନ୍.ଏ)**

ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଏବଂ ବୀର ବିର୍ସା ମୁଣ୍ଡା ଜୟନ୍ତୀ କମିଟି ଆନୁକୂଲ୍ୟରେ ସ୍ଥାନୀୟ ନାରୀ କଲ୍ୟାଣ କେନ୍ଦ୍ର ପଡିଆରେ ଶୁକ୍ରବାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବୀର ବିର୍ସା ମୁଣ୍ଡାଙ୍କ ୧୪୪ ତମ ଜୟନ୍ତୀ ଏବଂ ଆଦିବାସୀ ପାରମ୍ପରିକ ସାଂସ୍କୃତିକ ଓ କ୍ରୀଡା ସାମଗ୍ରୀ ବିତରଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଜିଲାର ୧୭ଟି ବ୍ଲକ ଓ ୩ ପୌରାଞ୍ଚଳରୁ ଆସିଥିବା ଶହ ଶହ ଆଦିବାସୀ ମହିଳା ପୁରୁଷଙ୍କ ପାରମ୍ପାରିକ ନୃତ୍ୟଗୀତରେ ସୁନ୍ଦରଗଡ ସହରର ମୁଖ୍ୟ ରାସ୍ତା ସମେତ ନାରୀ କଲ୍ୟାଣ କେନ୍ଦ୍ର ପଡିଆ ଉତ୍ସବ ମୁଖର ହୋଇପଡିଥିଲା। ମାଦଳ ଓ ଅନ୍ୟାନ୍ୟ ପାରମ୍ପାରିକ ବାଦ୍ୟର ତାଳେ ତାଳେ ଆଦିବାସୀ ମହିଳା ପୁରୁଷ ଏକ ବିରାଟ ଶୋଭାଯାତ୍ରାରେ ଆସି ନାରୀ କଲ୍ୟାଣ କେନ୍ଦ୍ର ପରିସରରେ ସଭାସ୍ଥଳରେ ପହଞ୍ଚିଥିଲେ। ପ୍ରାରମ୍ଭରେ ବିର୍ସା ମୁଣ୍ଡା ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କର ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ ପରେ ଆଦିବାସୀ ଯୁବତୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ବିନୟ ଟପ୍ପୋ ପ୍ରାରମ୍ଭରେ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ରାଜ୍ୟରେ ଆଦିବାସୀମାନଙ୍କର ଭାଷା, ପାରମ୍ପାରିକ କଳା ଓ ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ରାଜ୍ୟ ସରକାର ୯ଟି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରି ଏହା ଜରିଆରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଥିବା ସୂଚନା ଦେଇଥିଲେ। ମୁଖ୍ୟ ଅତିଥି ଭାବେ ସଦର ଉପଜିଲାପାଳ ଅଭିମନ୍ୟୁ ବେହେରା ଯୋଗଦେଇ ବିର୍ସା ମୁଣ୍ଡାଙ୍କ ସଂଗ୍ରାମୀ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ଫାଦର ଆନ୍ଦ୍ରେୟାସ କେରକେଟା ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ ଯେ, ଆଦିବାସୀମାନେ ବିକାଶ ବିରୋଧୀ ନୁହଁନ୍ତି। ମାତ୍ର ବିକାଶ ନାଆଁରେ ଜଳ, ଜମି, ଜଙ୍ଗଲ ଓ ଆଦିବାସୀମାନଙ୍କ ପାରମ୍ପାରିକ ସଂସ୍କୃତିକୁ ଯେଭଳି ବଳି ପକା ନ ଯାଏ ସେନେଇ ଆଦିବାସୀମାନେ ସବୁବେଳେ ସ୍ୱର ଉଠେଇ ଆସିଛନ୍ତି ବୋଲି କହିବା ସହ ବିର୍ସା ମୁଣ୍ଡା ଜଣେ କ୍ରାନ୍ତିକାରୀ ନେତା ଥିଲେ ବୋଲି କହିଥିଲେ। ବିର୍ଶା ମୁଣ୍ଡା ଜୟନ୍ତୀ କମିଟିର ସଭାପତି ପଞ୍ଚା ବାର୍ଲା ଶିକ୍ଷାର ବିକାଶ ଦ୍ୱାରା ଆଦିବାସୀ ଆଗକୁ ବଢିପାରିବେ ବୋଲି କହିଥିଲେ। କମିଟିର ସମ୍ପାଦକ ତଥା ଜିଲା ପରିଷଦ ସଭ୍ୟ ସୁଖଲାଲ ମୁଣ୍ଡା ବିର୍ସା ମୁଣ୍ଡାଙ୍କ ନୀତି, ଆଦର୍ଶ ଉଲ୍ଗୁଲାନ୍ ସମ୍ପର୍କରେ ଆଲୋକପାତ କରି ସୁନ୍ଦରଗଡ ସହର ଉପକଣ୍ଠରେ ତାଙ୍କର ଏକ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ପ୍ରସ୍ତାବ ଦେଇଥିଲେ। ଟାଙ୍ଗରପାଲି ବ୍ଲକ ଅଧ୍ୟକ୍ଷ ଜଟିଆ ମୁଣ୍ଡା ସୁନ୍ଦରଗଡରେ ଏନଟିପିସିର ନିର୍ମାଣଧୀନ ମେଡିକାଲ କଲେଜକୁ ବିର୍ସା ମୁଣ୍ଡାଙ୍କ ନାମରେ ନାମିତ କରିବାକୁ ଦାବି କରିଥିଲେ। ଆଠକୋଶିଆ ଆଦିବାସୀ ଏକତା ମଞ୍ଚର ସଭାନେତ୍ରୀ ନୀଳିମା ଟପ୍ପୋ ଜଳ, ଜମି, ଜଙ୍ଗଲ ଉପରେ ଆଦିବାସୀଙ୍କ ଅଧିକାର ଓ ହକ୍ ପାଇଁ ଦଳମତ ନିର୍ବିଶେଷରେ ଏକହୋଇ ଲଢେଇ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ। ସଦର ତହସିଲଦାର ଯୋଗେଶ୍ୱର ଭୋଇ ଓ ସୁନ୍ଦରଗଡ ମୁଣ୍ଡା ସମାଜର ସଭାପତି ସୋମନାଥ ମୁଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଜିଲାର ବିଭିନ୍ନ ଆଦିବାସୀ ସାଂସ୍କୃତିକ ଦଳକୁ ପାରମ୍ପାରିକ ପୋଷାକ ଓ ବାଦ୍ୟଯନ୍ତ୍ର ପ୍ରଦାନ, ୭୯ଟି ଫୁଟବଲ ଦଳ ଓ ୩୦ ହକି ଦଳକୁ କ୍ରୀଡା ସାମଗ୍ରୀ ବିତରଣ କରାଯାଇଥିଲା। ଟିଆ ଏକ୍କା ଓ କବିତା ସାହୁ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଗୀତାଞ୍ଜଳି ଟପ୍ପୋ ଧନ୍ୟବାଦ ଅର୍ପଣ କରିଥିଲେ।




ବୀର ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥି।